# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଅକ୍ଟୋବର ୨୩/୨୦୧୯ (୨୦ ପୃଷ୍ଠା) Sambalpur, Wednesday, October 23 / 2019 ★★

୧୫ଶ ଭାଗ ୩୦୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-




**ୟୁଥ୍ ଆଇକନ୍ ବିଦ୍ୟା ବାଲାନ୍**

ଲଣ୍ଡନର ଇମ୍ପେରିଆଲ୍ କଲେଜ ପକ୍ଷରୁ ବଲିଉଡ୍ ଅଭିନେତ୍ରୀ ବିଦ୍ୟା ବାଲାନ୍‌ଙ୍କୁ ମିଳିଛି 'ୟୁଥ୍ ଆଇକନ୍' ଆୱାର୍ଡ। ୧୦

୧୮ **ଝିଲ୍ଲୀଙ୍କୁ ବ୍ରୋଞ୍ଜ ପଦକ**

ଦକ୍ଷିଣ କୋରିଆରେ ଚାଲିଥିବା ଏସିଆନ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ର ଜୁନିୟର ବର୍ଗରେ ଓଡ଼ିଶାର ଝିଲ୍ଲୀ ଦଳବେହେରା ବ୍ରୋଞ୍ଜ ପଦକ ପାଇଛନ୍ତି।



**ଆଜିର ସମ୍ପାଦକୀୟ**

ବୃଦ୍ଧି ଲୋଡ଼ା

**ଆଜିର ମନ୍ତବ୍ୟ**

ଉତ୍ତରପ୍ରଦେଶରେ ରାମରାଜ୍ୟ ନାହିଁ। ଭାଜପା ସରକାର ରାବଣଠାରୁ ଶିକ୍ଷା ଗ୍ରହଣ କରିଛି।

**-ଅଖିଳେଶ ଯାଦବ, ସମାଜବାଦୀ ପାର୍ଟି ଅଧ୍ୟକ୍ଷ**

**କିଛି ତଥ୍ୟ**

୨୦୧୮ ଡିସେମ୍ବରରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଏନ୍‌ପିଏ ୮.୬୫ ଲକ୍ଷ କୋଟି ଟଙ୍କା ଥିବା ବେଳେ ଏହା ୨୦୧୯ ମାର୍ଚ୍ଚ ଶେଷ ସୁଦ୍ଧା ୭.୯ ଲକ୍ଷ କୋଟିକୁ ହ୍ରାସ ଘଟିଛି।

**– ଅର୍ଥ ମନ୍ତ୍ରଣାଳୟ**


Taste the difference! Vencobb FRESH CHICKEN

22.10.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 66 | 114 | 124 |
| CTC | 62 | 109 | 119 |
| DKL | 63 | 110 | 120 |
| BDK | 63 | 110 | 120 |
| BLS | 63 | 110 | 120 |
| ANG | 66 | 114 | 124 |
| BHM | 59 | 105 | 115 |

*Conditions Apply

Issued in the Interest of Consumers


# ଆଇନର ମନ୍ଦିରକୁ ଅଚଳ କରାଯାଇପାରିବନି: ସୁପ୍ରିମକୋର୍ଟ

- ହାଇକୋର୍ଟ ଆଇନଜୀବୀଙ୍କ ଆନ୍ଦୋଳନ ମାମଲା
- ଆବଶ୍ୟକ ପଡ଼ିଲେ ଅର୍ଦ୍ଧ ସାମରିକ ବଳ ମୁତୟନ କର

କଟକ ଅଫିସ, ୨୨।୧୦

ଆଇନର ମନ୍ଦିରକୁ ଅଚଳ କରାଯାଇ ପାରିବନି। ଅଦାଲତ ଚାଲିବା ପାଇଁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ପାଇଁ ପଦକ୍ଷେପ ନିଅ। ଅଦାଲତ କାର୍ଯ୍ୟ ସ୍ୱାଭାବିକ କରିବା ପାଇଁ ସ୍ଥାନୀୟ ପୋଲିସ ଅସମର୍ଥ ହେଉଥିଲେ ପାରା ମିଲିଟାରି ଫୋର୍ସ ବା ଅର୍ଦ୍ଧ ସାମରିକ ବଳ ମୁତୟନ ପାଇଁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦିଆଯିବ। ମଙ୍ଗଳବାର ଏଭଳି ନିଷ୍ପତ୍ତି ଶୁଣାଇଛନ୍ତି ସୁପ୍ରିମ୍‌କୋର୍ଟ। ଓଡ଼ିଶା ହାଇକୋର୍ଟରେ ଆଇନଜୀବୀଙ୍କ ଆନ୍ଦୋଳନକୁ ନେଇ ଅଦାଲତଗୁଡ଼ିକରେ ସୃଷ୍ଟି ହୋଇଥିବା ଅଚଳାବସ୍ଥାକୁ ଦୂର କରିବାକୁ ସୁପ୍ରିମକୋର୍ଟ ଗୁରୁତ୍ୱର ସହ ଏହି ନିଷ୍ପତ୍ତି ଶୁଣାଇଛନ୍ତି। ଏଥିସହ ହାଇକୋର୍ଟଙ୍କଠାରୁ ଏ ସମ୍ପର୍କରେ ଜବାବ ରଖିବାକୁ ସରକାରୀ ଓକିଲ ୨ଦିନ ସମୟ ନେଇଛନ୍ତି। ଆସନ୍ତା ୨୪ତାରିଖରେ ମାମଲାର ପରିବର୍ତ୍ତୀ ଶୁଣାଣି ହେବ।

ଓଡ଼ିଶା ହାଇକୋର୍ଟ ଆଇନଜୀବୀଙ୍କ ଦୀର୍ଘଦିନ ଆନ୍ଦୋଳନ ଉପରେ ସୁପ୍ରିମକୋର୍ଟ କ୍ଷୁବ୍ଧ ହେବା ସହ କିଛି ଲୋକଙ୍କ ସ୍ୱାର୍ଥ ପାଇଁ ଆଇନର ମନ୍ଦିରକୁ ଅଚଳ କରାଯାଇ ପାରିବ ନାହିଁ ବୋଲି ମତ ରଖିଛନ୍ତି। ବିଚାରପତି ସଞ୍ଜୟ କିଶାନ କୌଲ ଓ ବିଚାରପତି କେ.ଏମ୍. ଯୋସେଫଙ୍କୁ ନେଇ ଗଠିତ ଖଣ୍ଡପୀଠ ଉପରୋକ୍ତ ନିର୍ଦ୍ଦେଶ ଦେବା ସହ ଅଦାଲତକୁ ସଚଳ କରିବା ପାଇଁ ପୋଲିସର ସହାୟତା ନେବାକୁ ଓଡ଼ିଶା ହାଇକୋର୍ଟଙ୍କ ରେଜିଷ୍ଟ୍ରାର ଜେନେରାଲଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ଥାନୀୟ ପୋଲିସ ସହାୟତା ନ ଦେଇପାରିଲେ କେନ୍ଦ୍ରୀୟ ଅର୍ଦ୍ଧ ସାମରିକ ବଳକୁ ମୁତୟନ କରି କୋର୍ଟ କାର୍ଯ୍ୟ ଆରମ୍ଭ କରିବା ଉଚିତ ବୋଲି ଖଣ୍ଡପୀଠ ମତ ରଖିଛନ୍ତି। ପିଏଲ୍ଆର୍ ପ୍ରୋଜେକ୍ଟ ପ୍ରାଇଭେଟ୍ ଲିମିଟେଡ୍ ଓ ମହାନଦୀ କୋଲ୍ ଫିଲ୍ଡ ଲିମିଟେଡ୍ ମଧ୍ୟରେ ଚାଲିଥିବା ମାମଲାର ଶୁଣାଣି କରି ସୁପ୍ରିମକୋର୍ଟର ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶା ହାଇକୋର୍ଟରେ ଅଚଳାବସ୍ଥା ଯୋଗୁ ଉପରୋକ୍ତ ମାମଲା ପରିଚାଳନା ହୋଇ ପାରୁ ନଥିବା ପ୍ରସଙ୍ଗ ସୁପ୍ରିମକୋର୍ଟରେ ଉପସ୍ଥାପନ ହୋଇଥିଲା। ସୁପ୍ରିମକୋର୍ଟ ଏ ସମ୍ପର୍କରେ ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲଙ୍କୁ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

**ଶ୍ରୀମନ୍ଦିର ସଂସ୍କାର ମାମଲାର ରାୟ ଶୁକ୍ରବାର**
ପୃଷ୍ଠା-୪

# ନଭେମ୍ବର ୨୭ରେ ୪ ଜିଲା ପରିଷଦ ଉପନିର୍ବାଚନ

- ୧୭ ସରପଞ୍ଚ, ୨୧ ସମିତି ସଭ୍ୟ, ୩୦୩ ୱାର୍ଡ ସଭ୍ୟ ପାଇଁ ହେବ ଭୋଟ
- ୨୮ ନଭେମ୍ବର ଯାଏ ଆଚରଣ ବିଧି

ଭୁବନେଶ୍ୱର,୨୨।୧୦(ବ୍ୟୁରୋ)

ରାଜ୍ୟର ବିଭିନ୍ନ ଜିଲାରେ ଖାଲି ପଡ଼ିଥିବା ୪ଟି ଜିଲା ପରିଷଦ ଆସନର ଉପନିର୍ବାଚନ ପାଇଁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ୧୭ ସରପଞ୍ଚ, ୨୧ ସମିତି ସଭ୍ୟ ଏବଂ ୩୦୩ ୱାର୍ଡମେମ୍ବର ପଦବୀ ନେଇ ମଧ୍ୟ ଭୋଟ ଗ୍ରହଣ କରାଯିବ। ନିର୍ବାଚନ ହେବାକୁ ଥିବା ୱାର୍ଡ, ଗ୍ରାମପଞ୍ଚାୟତ ଏବଂ ଜିଲା ପରିଷଦ ଜୋନ୍ ଗୁଡ଼ିକରେ ନଭେମ୍ବର ୨୮ ଯାଏ ଆଦର୍ଶ ଆଚରଣ ବିଧି ବଳବତ୍ତର ରହିବ। ନଭେମ୍ବର ୨୭ ସକାଳ ୭ଟାରୁ ୧୨ଟା ପର୍ଯ୍ୟନ୍ତ ମତଦାନ ଅନୁଷ୍ଠିତ ହେବ। ଏହାର ଗୋଟିଏ ଦିନ ପରେ ଅର୍ଥାତ୍ ୨୮ରେ ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ। ନିର୍ବାଚନ ହେବାକୁ ଥିବା ଜିଲା ପରିଷଦ ଜୋନ୍‌ଗୁଡ଼ିକ ହେଉଛି ଗଞ୍ଜାମ ଜିଲା ୧୯ ନଂ. ଛତ୍ରପୁର ଜୋନ୍ , ଯାଜପୁର ଜିଲା ୮ ନଂ. ଦାନଗଦି, କୋରାପୁଟ ଜିଲାର ୧୫ ନଂ. ପଟ୍ଟାଙ୍ଗୀ ଜୋନ୍ ଏବଂ ୧୦ ନଂ. ଦଶମନ୍ତପୁର ଜୋନ୍। ଭୋଟ ନେଇ ଚଳିତ ମାସ ୨୯ରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ। ୩୧ତାରିଖରୁ ନଭେମ୍ବର ୨ ମଧ୍ୟରେ ମନୋନୟନ ପତ୍ର ଦାଖଲ କରାଯିବ। ନଭେମ୍ବର ୪ରେ ପ୍ରାର୍ଥୀପତ୍ର ଯାଞ୍ଚ ଓ ୫ରେ ପ୍ରାର୍ଥୀମାନଙ୍କ ତାଲିକା ପ୍ରକାଶ କରାଯିବ। ଇଚ୍ଛୁକ ପ୍ରାର୍ଥୀମାନେ ଚାହିଁଲେ ନଭେମ୍ବର ୭ ପୂର୍ବାହ୍ନ ୧୧ ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହର କରିପାରିବେ। ସେହିଦିନ ଅପରାହ୍ନ ୩ଟାରେ ହିଁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ।

**ସୋସିଆଲ ମିଡିଆ ସହ ଆଧାର ସଂଯୋଗ**

# ସୁପ୍ରିମକୋର୍ଟରେ ହେବ ସବୁ ପିଟିଶନର ଶୁଣାଣି

ନୂଆଦିଲ୍ଲୀ,୨୨।୧୦(ପି.ଟି./ଆଇଏଏନ୍ଏସ୍)

ସୋସିଆଲ ମିଡିଆ ସହ ଆଧାର ସଂଯୋଗୀକରଣ ନେଇ ବିଚାରାଧୀନ ଥିବା ସମସ୍ତ ମାମଲାର ଶୁଣାଣି ସୁପ୍ରିମକୋର୍ଟ କରିବେ। ଫେସ୍‌ବୁକ୍ ପକ୍ଷରୁ ହୋଇଥିବା ଏକ ପିଟିଶନକୁ ଗ୍ରହଣ କରି ସର୍ବୋଚ୍ଚ ଅଦାଲତ ମଙ୍ଗଳବାର ଏହି ନିଷ୍ପତ୍ତି ନେଇଛନ୍ତି। ଏହାସହ ଦେଶର ବିଭିନ୍ନ ହାଇକୋର୍ଟଗୁଡ଼ିକରେ ଥିବା ଏସମ୍ପର୍କିତ ଆବେଦନଗୁଡ଼ିକୁ ନିଜ ପାଖକୁ ସ୍ଥାନାନ୍ତର ପାଇଁ ସର୍ବୋଚ୍ଚ ଅଦାଲତ ଅନୁମତି ପ୍ରଦାନ କରିଛନ୍ତି। ଅନ୍ୟପକ୍ଷରେ ଇଣ୍ଟରନେଟ୍‌ର ଅପବ୍ୟବହାର ରୋକିବା ପାଇଁ କେନ୍ଦ୍ର ସରକାର ୨୦୨୦ ଜାନୁୟାରୀ ଶେଷ ସୁଦ୍ଧା ଆଇନ ଆଣିବେ ବୋଲି ସୁପ୍ରିମକୋର୍ଟରେ ଦାଏର ପିଟିଶନରେ ଉଲ୍ଲେଖ କରିଛନ୍ତି।

ଦେଶରେ ସାମାଜିକ ଗଣମାଧ୍ୟମ ନିୟନ୍ତ୍ରଣ ସକାଶେ ଗାଇଡ୍‌ଲାଇନ୍ ଜାରି ପାଇଁ ବିଭିନ୍ନ ହାଇକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ସେହି ସମସ୍ତ ଆବେଦନକୁ ସର୍ବୋଚ୍ଚ ଅଦାଲତକୁ ସ୍ଥାନାନ୍ତର କରି ବିଚାର କରିବା ପାଇଁ ଫେସ୍‌ବୁକ୍ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଜଷ୍ଟିସ୍ ଦୀପକ ଗୁପ୍ତା ଓ ଅନିରୁଦ୍ଧ ବୋଷଙ୍କୁ ନେଇ ଗଠିତ ଖଣ୍ଡପୀଠ ମଙ୍ଗଳବାର ଏହାକୁ ଅନୁମତି ପ୍ରଦାନ କରିଛନ୍ତି। ଏହାସହ ଏସମ୍ପର୍କିତ ସବୁ ପିଟିଶନକୁ



- ସାମାଜିକ ଗଣମାଧ୍ୟମରେ ଲାଗିବ ଅଙ୍କୁଶ
- ଇଣ୍ଟରନେଟର ଅପବ୍ୟବହାର ରୋକିବା ପାଇଁ ଆସିବ ଆଇନ
- ଜାନୁୟାରୀ ଶେଷ ସୁଦ୍ଧା ସମୟ ମାଗିଲା କେନ୍ଦ୍ର
- ହାଇକୋର୍ଟଗୁଡ଼ିକରେ ବିଚାରାଧୀନ ସମସ୍ତ ଆବେଦନ ସୁପ୍ରିମକୋର୍ଟକୁ ସ୍ଥାନାନ୍ତର

ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କ ନିକଟକୁ ପଠାଇବା ପାଇଁ ରେଜିଷ୍ଟ୍ରାର୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ☞ପୃଷ୍ଠା-୪





**Honda Motorcycle and Scooter India Pvt. Ltd., Registered Office:** Commercial Complex II, Sector - 49-50, Golf Course Extension Road, Gurugram - 122018 (Haryana), India; **Website:** www.honda2wheelersindia.com; **Customer Care:** customercare@honda2wheelersindia.com

^Conditions apply, Rs 8,900 Savings calculated against the general market finance scheme considering the certain loan amount & may vary on the actual condition. ##Honda Joy Club Program is a paid loyalty program and only members can avail mentioned benefits with respect to program terms and conditions. For further details visit www.hondajoyclub.com or call 1800-532-2555 (Monday to Friday 9.30 am to 6.30 pm). #Benefits up to Rs 11,000 is the sum total of the savings on the finance scheme in row one and the Joy Club Benefits. *Rs 1,100 Low Down Payment Scheme is subject to financier policy and is available through preferred Finance partners at their sole discretion. ++Only 1 Scratch Coupon will be applicable against each product purchase. The model, type & variant of the gift may vary subject to availability. ^^Paytm cashback offer is subject to Paytm and respective dealers terms and conditions at their sole discretion. +Contact your local HMSI dealership for details on EMI on leading credit & debit cards Powered by Pine Labs. The same is subject to availability at select dealerships. Multiple schemes & offers cannot be clubbed together, all the attached schemes and offers are applicable for a limited time period and can be withdrawn from the market without prior notice. All the schemes and offers are applicable on selected models or their variants. All the schemes and offers are available on selected dealerships. All disputes arising due to above shall be subject to exclusive jurisdiction of Gurugram, Haryana. Product shown in the picture may vary from the actual product available in the market. Accessories shown in the picture are not a part of the standard fitment. **Conditions Apply.

**Honda Exclusive Authorized Dealerships: ATTABIRA:** TS Motors - 06682-221001, 9178653139, T.S. Honda - 9178653139, 9438771477; **BARGARH:** Aashirbad Honda - 06646-246066, 9438024339; **BARPALI:** Abhishek Honda - 9437056675; **BELPAHAR:** Bharat Honda - 8018157547; **BHAWANIPATNA:** Mahesh Honda - 8456818116, 06670-235633; **BOLANGIR:** Amarnath Honda - 8895255855, 8895258555; **BRAJRAJNAGAR:** JaiswaL Honda - 977747788; **JHARSUGUDA:** Gajraj Honda - 9337645411; **JUNAGARH:** Jaga Janani Honda - 9583794900; **KHARIAR ROAD (NUAPADA):** Ambika Honda - 9938061333, 9737643030; **KUCHINDA:** Krishna Honda - 06642-220346, 7894277470; **PADAMPUR:** Bindhyabasini Honda - 9437051078, 9937788078; **RAJGANGPUR:** Naisha Honda - 7008614081, 06624220051; **RAJKHARIAR:** Shree Shyamji Honda- 9178999997; **RENGALI:** BP Honda - 7377777362; **ROURKELA:** Koshala Honda - 0661-3290770, 9337749281; Harsheel Honda - 9337408180, 0661-2665533; **SAMBALPUR:** Jas Honda - 0663-2115817, 9238364199; **SONEPUR:** Meher Honda - 09937771704, 06654220200; **SUNDARGARH:** MaaSamaleswari Honda - 9938198641, 8984873500; **TITLAGARH:** Tanishta Honda - 09437037314; **KANTABANJI:** Ajay Honda - 8260211111; **DHARAMGARH:** Bharat Honda - 7008606855; **KESINGA:** Jagadamba Honda - 7978581295.

**For Bulk/Institutional enquiries, please write us at: institutionalsales@honda2wheelersindia.com**



Great Eastern™
The Trusted One
ଖଜାନା ଖୁସିୟୋଁ କା
ଓ୍ୱାଦା ଗ୍ରେଟ ଇଷ୍ଟର୍ଣ୍ଣ କା
ଭାଲ୍ୟୁ ବ୍ୟାକ୍ ୩୫% ପର୍ଯ୍ୟନ୍ତ
ପ୍ରତ୍ୟେକ କ୍ରୟ ଉପରେ ମାଗଣା ଉପହାର*
VALUE BACK UPTO 35%*
BAJAJ FINSERV
FREE Gifts with every purchase*
TV
Refrigerator
Mixi
Head Phones
Iron
Mobile Phone
Electric Kettle
Flask
Tawa Set
BT Speaker
2.1 Speaker
Micro Oven
IDFC FIRST Bank
Up to 15% CashBack
Discount Vouchers up to ₹1 Lakh
43(109cm) 33% OFF Skyworth 43M20 Free 2.1 Speakers @ ₹5990/- CASH BACK ₹1580 FULL HD IPS ; SMART QUADCORE ; DTS Festive Price ₹20990 Net Savings ₹9000
32(80cm) 53% OFF TCL Free BT Head Set 3 YEARS WARRANTY SMART HD ; ANDROID TV ; HDMI 2 ; USB 1 Festive Price ₹12990 Net Savings ₹17000
49(124cm) 53% OFF Panasonic 49FX650D Free BT Speaker @ ₹6990/- CASH BACK ₹2100 4K ; HDR ; NETFLIX PRIME Festive Price ₹57990 Net Savings ₹51910
55(140cm) 39% OFF LG Free LED TV CASH BACK ₹4200 4K UHD IPS DISPLAY ; MAGIC REMOTE ; DTS Festive Price ₹55990 Net Savings ₹29000
40(102cm) 37% OFF Haier LE40K6500AG Free BT Speaker @ ₹6990/- CASH BACK ₹3200 FULL HD, SMART LED TV Festive Price ₹26000* Net Savings ₹14990
LG Direct Cool Refrigerator Save ₹7000*
Whirlpool Direct Cool Refrigerator Save ₹8800*
LG Frost Free Refrigerator Save ₹11800*
Whirlpool Frost Free Refrigerator Save ₹9800*
Panasonic Frost Free Refrigerator Save ₹10800*
Haier Bottom Mount Refrigerator Save ₹14500*
LG Side By Side Refrigerator Save ₹39000*
Haier Side By Side Refrigerator Save ₹51500*
VOLTAS beko Semi Auto Washing Machine Save ₹2700*
Whirlpool Top Load Washing Machine Save ₹4500*
BOSCH Front Load Washing Machine Save ₹9000*
LG Front Load Washing Machine Save ₹12000*
Panasonic
Dream More. Celebrate More.
Celebrate this festive season with Panasonic
DREAM HOME MAKEOVERS Get a complete home makeover from Appliances to Electronics
Lucky winners will go to the Olympic Games Tokyo 2020
Smart TV 4K ULTRA HD TV
Range starts from ₹ 16,090
Range starts from ₹ 40,490
3 YEAR* WARRANTY
Range starts from ₹ 9,999
2+10 YEAR* WARRANTY
WASHING TECHNOLOGY
BUILT-IN HEATER
StainMaster+
ActiveFoam
Range starts from ₹ 12,999
2+10 YEAR* WARRANTY
ECONAVI
INVERTER
Ag Clean
1+4 YEAR* WARRANTY
INSTALLATION @₹699*
1+4 YEAR* WARRANTY
FREE START UP KIT with Convection & Grill models
Best Prices*
Better deals than Online*
Extended warranty across products*
Free in-home installation & demo*
Best exchange value*
Great Eastern™ RETAIL
59 STORES ACROSS INDIA
GreatEasternRetail
crm@geapl.in
6290824380
www.greateastern.co.in
UPTO 7.5% EXTRA CASHBACK*
SBI card
*Min. Trxn.: ₹20,000; Max. Cashback: ₹4,500 per card account.
Also valid on EMI Trxns. Validity: 22 Sep – 31 Oct '19. T&C Apply.
ROURKELA Bisra Road Opposite Hotel Brindaban 629 190 5176
BHUBANESHWAR Bapuji Nagar Near Bazar Kolkata 629 190 5175 | Patia Near Big Bazar 629 190 5170 CUTTACK Badambadi In front of Palamandap 629 190 5172 CDA Sector VI 629 190 5173
BALASORE Vivekananda Marg, Beside City Life 629 190 5174 BERHAMPUR Bada Bazar In front of Ganesh Market 629 190 5171 JAJPUR Kamal Bhawan Chorda Bypass, Jajpur Road 629 190 5177
ODISHA | WEST BENGAL | ANDHRA PRADESH | RAJASTHAN | UTTAR PRADESH

ହଜାର ଥର ଅକୃତକାର୍ଯ୍ୟ ହେଲେ ମଧ ଚେଷ୍ଟା ଛାଡ଼ିବାର ନୁହେଁ, ଉଦ୍ୟମ ହରାଇବାର ନୁହେଁ, ତା'ହେଲେ ସଫଳତା ଆସିବ ହିଁ ଆସିବ।
- ସ୍ୱାମୀ ବିବେକାନନ୍ଦ




ଗାଈ ପେଟରୁ ବାହାରିଛି ୫୨କେଜି ପ୍ଲାଷ୍ଟିକ୍!




## ସକ୍ରିୟ ହେଉଛି ଘୂର୍ଣ୍ଣିବଳୟ, ଆଜି ୮ଜିଲାକୁ ୟେଲୋ ୱାର୍ନିଂ

ଭୁବନେଶ୍ୱର, ୨୨।୧୦(ବ୍ୟୁରୋ)

ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର, ତାମିଲନାଡୁ ଉପକୂଳରେ ସୃଷ୍ଟି ଘୂର୍ଣ୍ଣିବଳୟ ସକ୍ରିୟ ହେବାରେ ଲାଗିଛି। ଆସନ୍ତା ୨୪ଘଣ୍ଟା ମଧ୍ୟରେ ଏହା ଲଘୁଚାପର ରୂପ ନେବ। ଏହାର ପ୍ରଭାବରେ ଆସନ୍ତା ୩ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ବୁଧବାର ମାଲକାନଗିରି, କୋରାପୁଟ ଓ ଗଜପତି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାକୁଥିବାବେଳେ ଗଞ୍ଜାମ, ପୁରୀ, ରାୟଗଡ଼ା, କନ୍ଧମାଳ ଓ ନବରଙ୍ଗପୁର ଜିଲାରେ ପ୍ରବଳ ବର୍ଷା ହେବ। ଏ ସମସ୍ତ ଜିଲାକୁ ୟୋଲୋ ୱାର୍ନିଂ ଜାରି କରାଯାଇଛି। ଅନ୍ୟପଟେ ନୟାଗଡ଼, ଖୋର୍ଦ୍ଧା, ପୁରୀ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, କଳାହାଣ୍ଡି ଓ କନ୍ଧମାଳ ଜିଲାରେ ଝଡ଼ତୋଫାନ ସହ ବଜ୍ରପାତ ହେବାର ଆଶଙ୍କା ରହିଛି। ଗୁରୁବାର ନବରଙ୍ଗପୁର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏହି ୫ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। କଳାହାଣ୍ଡି, ବଲାଙ୍ଗୀର, ସୁବର୍ଣ୍ଣପୁର, ସମ୍ବଲପୁର, ଦେବଗଡ଼, ପୁରୀ, ଖୋର୍ଦ୍ଧା ଓ କଟକରେ ପ୍ରବଳ ବର୍ଷା ହେବ। ଏ ସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ଶୁକ୍ରବାର ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଆଦି ୫ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏ ସମସ୍ତ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଦେଇଛି।




## ଜିଲା ଗସ୍ତବେଳେ ସ୍କୁଲ, ଅନାଥାଶ୍ରମରେ ମଧ୍ୟାହ୍ନ ଭୋଜନ ଖାଅ

### ମନ୍ତ୍ରୀମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୨୨।୧୦(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମନ୍ତ୍ରୀମାନଙ୍କୁ ନୂଆ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ସମୟରେ ଅଲଗା ଅଲଗା କାର୍ଯ୍ୟରେ ମନ୍ତ୍ରୀମାନେ ଜିଲା ଗସ୍ତ କରିବା ସମୟରେ ବାହାରେ ମଧ୍ୟାହ୍ନ ଭୋଜନ କରିବେ ନାହିଁ। ସେହି ଜିଲାରେ ଥିବା ଅନାଥ ଆଶ୍ରମ, ଭିନ୍ନକ୍ଷମ ଏବଂ ଶିଶୁମାନଙ୍କ ଯତ୍ନ ନେବା ପାଇଁ ଥିବା ସରକାରୀ ଅନୁଷ୍ଠାନ ତଥା ସ୍କୁଲ ଓ ଆହାର କେନ୍ଦ୍ରରେ ଅଚାନକ ପହଞ୍ଚି ମଧ୍ୟାହ୍ନ ଭୋଜନ ଖାଇବା ଲାଗି ମୁଖ୍ୟମନ୍ତ୍ରୀ ମଙ୍ଗଳବାର ପରାମର୍ଶ ଦେଇଛନ୍ତି। ଏହାଦ୍ୱାରା ସେହିସବୁ ଅନୁଷ୍ଠାନ ଗୁଡ଼ିକରେ ଦିଆଯାଉଥିବା ଖାଦ୍ୟର ଗୁଣବତ୍ତା ସହିତ ସେହି ସ୍ଥାନର ସମସ୍ୟା ସମ୍ପର୍କରେ ମନ୍ତ୍ରୀମାନେ ଜାଣିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାଦ୍ୱାରା ସମସ୍ୟା ସୃଷ୍ଟି ହେଉଥିବା ଅନୁଷ୍ଠାନଗୁଡ଼ିକରେ ଉନ୍ନତି ଆଣିବା ଲାଗି ନୂଆ ସୁଯୋଗ ସୃଷ୍ଟି ହୋଇ ପାରିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ କାହାକୁ ନ ଜଣାଇବା ତଥା ୩ରୁ ୪ଜଣଙ୍କ ମଧ୍ୟରେ ତାହା ସୀମିତ ରଖିବା ଉପରେ ଧ୍ୟାନ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀମାନଙ୍କ ମାସିକ ଗସ୍ତ ରିପୋର୍ଟରେ ଏ ସଂକ୍ରାନ୍ତରେ ବିସ୍ତୃତ ତଥ୍ୟ ଓ ବ୍ୟବସ୍ଥାରେ ଉନ୍ନତି ପାଇଁ ଆବଶ୍ୟକ ପରାମର୍ଶ ଦେବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।





ଅର୍ଥ ବଳରେ ଯେଉଁଠାରେ ନ୍ୟାୟ କିଣାଯାଏ,
ସତ୍ୟ ସେଠାରେ ଆତ୍ମଗୋପନ କରେ।
- ମହର୍ଷି ମହେଶ ଯୋଗୀ



# ହାଇକୋର୍ଟ ବାର୍‌ର କୋର୍ଟ ବର୍ଜନ ନିଷ୍ପତ୍ତି ଘଟଣା ସମର୍ଥନ ଜଣାଇଲା ୨ କୋର୍ଟ ବାର୍ ଆସୋସିଏଶନ

**କଟକ ଅଫିସ, ୨୨।୧୦**

ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ନିଆଯାଇଥିବା କୋର୍ଟ ବର୍ଜନ ଆନ୍ଦୋଳନ ନିଷ୍ପତ୍ତିକୁ କଟକ ବାର୍ ଆସୋସିଏଶନ ଏବଂ କଟକ କ୍ରିମିନାଲ କୋର୍ଟ ବାର୍ ଆସୋସିଏଶନ ସମର୍ଥନ ଜଣାଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଉଭୟ ଆସୋସିଏଶନର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିବାବେଳେ ହାଇକୋର୍ଟ ବାର୍ ଆସୋସିଏଶନର ଆନ୍ଦୋଳନକୁ ମଜଭୁତ କରିବା ଉଦ୍ଦେଶ୍ୟରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଉଭୟ ଆସୋସିଏଶନର ଆଇନଜୀବୀମାନେ ଆସନ୍ତା ନଭେମ୍ବର ୧ ପର୍ଯ୍ୟନ୍ତ କାର୍ଯ୍ୟରେ ଯୋଗଦେବେ ନାହିଁ ବୋଲି ଅଦାଲତଙ୍କୁ ଅବଗତ କରାଯାଇଛି। ଆନ୍ଦୋଳନ ପାଇଁ ଆସୋସିଏଶନ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାକୁ ମଧ ଅଦାଲତଙ୍କୁ ଅନୁରୋଧ କରାଯାଇଛି। ସେହିପରି ନ୍ୟାୟିକ ଅଧିକାରୀମାନେ ଆଇନଜୀବୀଙ୍କ ଅନୁପସ୍ଥିତିରେ କୌଣସି ବିପରୀତ ରାୟ ନ ଶୁଣାଇବା ପାଇଁ ଅନୁରୋଧ କରାଯାଇଛି ବୋଲି କ୍ରିମିନାଲ ବାର୍ ଆସୋସିଏଶନ ସଭାପତି କାମଦେବ କାନୁନ୍‌ଗୋ, ସମ୍ପାଦକ ସୁବାସ ଚନ୍ଦ୍ର ମହାନ୍ତି ଏବଂ କଟକ ବାର୍ ଆସୋସିଏଶନ ସମ୍ପାଦକ ନରେଶ ଚନ୍ଦ୍ର ଜେନା ସୂଚନା ଦେଇଛନ୍ତି।

# ଯୁବତୀଙ୍କୁ କାରରେ ବଳାତ୍କାର, ଯୁବକ ଗିରଫ

**ଜୟପାଟଣା, ୨୨।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ୍ ଅଧୀନ ଏକ ଗ୍ରାମର ଜଣେ ଯୁବତୀଙ୍କୁ କାରରେ ବଳାତ୍କାର କରାଯାଇଛି। ଏହି ଘଟଣା ପୂର୍ବରୁ ହୋଇଥିଲେ ମଧ ପୀଡ଼ିତା ମଙ୍ଗଳବାର ଜୟପାଟଣା ଥାନାରେ ଅଭିଯୋଗ କରିଛନ୍ତି । ଯୁବତୀଙ୍କ ଏତଲାକୁ ଭିତ୍ତିକରି ଜୟପାଟଣା ଥାନାରେ ଦଫା ୩୭୬ରେ ଏକ ମାମଲା (ନଂ. ୨୬୯/୧୯) ରୁଜୁ ହୋଇଛି। ପୋଲିସ ସୁଶାନ୍ତ ନାଏକ (୨୫) ନାମକ ଯୁବକଙ୍କୁ ଗିରଫ କରି ତଦନ୍ତ ଚଳାଇଛି ।

ସୂଚନା ଅନୁସାରେ ଜୟପାଟଣା ବ୍ଲକ୍ ଅନ୍ତର୍ଗତ ଗ୍ରାମର ସମ୍ପୃକ୍ତା ଯୁବତୀ ଭୁବନେଶ୍ୱରସ୍ଥିତ ଏକ କଲେଜରେ ସି.ଟି. ପଢୁଥିଲେ। ସେ ଗତ ୪ ତାରିଖ ସନ୍ଧ୍ୟାରେ ଚକାଡ଼ୋଳା ନାମକ ବସ୍‌ରେ ଆସି ୫ ତାରିଖ ସକାଳ ୫ଟାରେ ଭବାନୀପାଟଣାରେ ପହଞ୍ଚିଥିଲେ। ସେ ଜୟପାଟଣା ବ୍ଲକ୍ ଅନ୍ତର୍ଗତ ମଙ୍ଗଳପୁର ପଞ୍ଚାୟତ ଛତାବାନ୍ଧୁଗୁଡ଼ା ଗ୍ରାମର ସୁଶାନ୍ତଙ୍କ ସହ ଏକ କାରରେ ଜୟପାଟଣା ଆସୁଥିଲେ। ଅଜଣା ରାସ୍ତାରେ କାରରେ ସୁଶାନ୍ତ ତାଙ୍କୁ ବଳାତ୍କାର କରିଥିବା ନେଇ ଜୟପାଟଣା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଯୁବତୀଙ୍କ ସହ ଦୀର୍ଘ ୭ ବର୍ଷ ଧରି ସୁଶାନ୍ତଙ୍କ ପ୍ରେମ ସମ୍ପର୍କ ତଥା ଉଭୟ ପରିବାର ମଧ୍ୟରେ ସୁସମ୍ପର୍କ ଥିବା ଭାଇରାଲ ଫଟୋରୁ ଜଣାପଡ଼ିଛି ।



ଗିରଫ ସୁଶାନ୍ତ ନାଏକ।

ଯୁବତୀଙ୍କ ସହ ମୋର ଦୀର୍ଘ ୭ ବର୍ଷର ପ୍ରେମ ସମ୍ପର୍କ ଥିଲା । ଗତ ୫ ତାରିଖରେ ସେ ମୋ ଘରେ ମଧ୍ୟାହ୍ନ ଭୋଜନ ପରେ ଅପରାହ୍ନ ୩ଟାରେ ଯାଇ ମୁଖିଗୁଡ଼ାରେ ରହି ୮ ତାରିଖରେ ନିଜ ଗାଁକୁ ଯାଇଥିଲେ। ମଙ୍ଗଳବାର ଜୟପାଟଣା ଥାନାରେ ଅଭିଯୋଗ କରିବା ଘଟଣାର କୌଣସି ସତ୍ୟତା ନ ଥିବା ସୁଶାନ୍ତ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି । ଏହି ଘଟଣାର ଉଚିତ ତଦନ୍ତ ହେଲେ ସତ୍ୟା ସତ୍ୟ ପଦାକୁ ଆସିବ ବୋଲି ସାଧାରଣରେ ଦାବି ହେଉଛି ।

# ବୁଧବାର ବନକଲାଗି, ୪ଘଣ୍ଟା ବନ୍ଦ ରହିବ ମହାପ୍ରଭୁଙ୍କ ଦର୍ଶନ

**ପୁରୀ ଅଫିସ,୨୨।୧୦**

ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ଏଥିପାଇଁ ଅପରାହ୍ନ ପ୍ରାୟ ୪ଟାରୁ ରାତି ୮ଟା ପର୍ଯ୍ୟନ୍ତ ୪ ଘଣ୍ଟା ଶ୍ରଦ୍ଧାଳୁ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ ନାହିଁ ବୋଲି ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି। ତାଙ୍କ ସୂଚନା ମୁତାବକ, ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଶ୍ରୀମନ୍ଦିର ଜୟ ବିଜୟ ଦ୍ୱାର ବନ୍ଦ ହେବ। ଦ୍ୱିପ୍ରହର ଧୂପ ସରିବା ପରେ ଦଇତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ।







## ମନେ ପଡ଼ନ୍ତି

### ଶୋକବାର୍ତ୍ତା



**ଂଶ୍ରୀଯୁକ୍ତ ଚନ୍ଦ୍ରଶେଖର ମହାନ୍ତି**

ତା. ୧୮.୧୦.୨୦୧୯ରିଖ ଶୁକ୍ରବାର ପ୍ରାତଃ ୪.୩୦ ଘଡିକା ସମୟରେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଂଶ୍ରୀଯୁକ୍ତ ଚନ୍ଦ୍ର ଶେଖର ମହାନ୍ତି ପୁରୀ ବାଙ୍କିମୁହାଣ ସ୍ଥିତ ବାସଭବନରେ ଇହଲୀଳା ସମ୍ବରଣ କରିଛନ୍ତି । ପୁତ୍ରୁରା ତପନ କୁମାର ମହାନ୍ତି ପୁରୀ ସ୍ୱର୍ଗଦ୍ୱାର ଠାରେ ତାଙ୍କର ଅନ୍ତେଷ୍ଟୀ କ୍ରିୟା ସମାପନ କରିଥିଲେ ।

ଧ-୧୪୮୮୩

### ଦଶାହ ଉପଲକ୍ଷେ



**ସ୍ୱର୍ଗତ ହରିଚରଣ ମହାପାତ୍ର**

ଦତତୋଟା, ପୁରୀ

ଆବିର୍ଭାବ: ୦୧।୦୧।୧୯୩୫

ତିରୋଧାନ: ୧୪।୧୦।୨୦୧୯

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛି। ଆପଣଙ୍କ ଆଶିର୍ବାଦ ସଦାସର୍ବଦା ଆମ ଉପରେ ରହିଥାଉ।

**ଶୋକସନ୍ତପ୍ତ:**

ମହାପାତ୍ର ପରିବାର ଓ ବନ୍ଧୁବର୍ଗ।

ଧ-୧୪୫୨୪


# ଏମ୍‌ପି ଅନୁଭବଙ୍କ ନାଁରେ ମାନହାନି ଅଭିଯୋଗ ନ୍ୟାୟ ଦାବିରେ ମନୋଜିତ

**କଟକ ଅଫିସ,୨୨।୧୦**

କେନ୍ଦ୍ରାପଡ଼ା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତିଙ୍କ ନାଁରେ ପୁରୀଘାଟ ଥାନାରେ ମାନହାନି ଅଭିଯୋଗ ହୋଇଛି। ମଙ୍ଗଳବାର ଅପରାହ୍ନରେ ଛାତ୍ର ବିଜେଡ଼ି ନେତା ମନୋଜିତ ଦାସ ପୁରୀଘାଟ ଥାନାଧିକାରୀ ରଶ୍ମିରଞ୍ଜନ ସାହୁଙ୍କୁ ଭେଟି ଏ ନେଇ ଏତଲା ଦେଇଥିଲେ। ସୋସିଆଲ ମିଡିଆରେ ଅନୁଭବଙ୍କ ଟୁଇଟ୍ ଯୋଗୁ ମୋତେ ସାଧାରଣରେ ଅନେକ ଅବାସ୍ତବ ପ୍ରଶ୍ନର ସମ୍ମୁଖୀନ ହେବାକୁ ପଡୁଛି। ଯାହା ମୋର ମାନହାନି କରୁଛି ବୋଲି ମନୋଜିତ ଏତଲାରେ ଦର୍ଶାଇଛନ୍ତି। ତୁରନ୍ତ ନ୍ୟାୟ ମିଳିବା ପାଇଁ ଦାବି କରିବା ସହ ଆଗାମୀ ଦିନରେ କୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ସେ କହିଛନ୍ତି। ଏହି ଏତଲା ପରେ ମନୋଜିତ-ଅନୁଭବଙ୍କ କଳି ଏକ ନୂତନ ଦିଗ ଆଡକୁ ଗତି କରିବା ଆରମ୍ଭ କରିଛି। ଗତ ସେପ୍ଟେମ୍ବର ୩୦ ବିଳମ୍ବିତ ରାତିରେ ପାର୍କିଂ ଘଟଣାକୁ କେନ୍ଦ୍ରକରି ମନୋଜିତ ଓ ଅନୁଭବ ସାମ୍ନାସାମ୍ନି ହୋଇଥିଲେ। କିଛିଦିନ ଭିତରେ ଘଟଣା ଥମି ଯାଇଥିଲେ ମଧ ପୁନର୍ବାର ମନୋଜିତ ଥାନାକୁ ଯାଇ ଉଚିତ ନ୍ୟାୟ ମିଳିବା ଆବଶ୍ୟକ ବୋଲି ଦାବି କରିଛନ୍ତି। ହେଲେ ଏ ସମ୍ପର୍କରେ ମତାମତ ନେବା ପାଇଁ ଅନୁଭବଙ୍କୁ ଫୋନ୍‌ରେ ଯୋଗାଯୋଗ କରାଯାଇଥିଲେ ମଧ ସେ ରିସିଭ କରି ନ ଥିଲେ।

# ସୁଦୀପ ନାଗ ଏନ୍‌ଟିପିସି ନୂଆ ସିଜିଏମ୍

**ତାଳଚେର,୨୨।୧୦(ନି.ପ୍ର.)**

ଅନୁଗୋଳ ଜିଲା କଣିହାଁସ୍ଥିତ ଏନ୍‌ଟିପିସି ପ୍ରକଳ୍ପର ନୂତନ ଚିଫ୍ ଜେନେରାଲ ମ୍ୟାନେଜର (ସିଜିଏମ୍) ଭାବେ ସୁଦୀପ ନାଗ ମଙ୍ଗଳବାରଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏକଜିକ୍ୟୁଟିଭ ଡାଇରେକ୍ଟର ରମେଶ ବାବୁ ଭି. ସିଏମ୍‌ଡି ଏବଂ ଡେଜିକନେଟେଡ ଡାଇରେକ୍ଟର(ଅପରେଶନ୍ସ) ପଦବୀକୁ ଉନ୍ନୀତ ହେବାପରେ ଏହି ପଦବୀ ଖାଲି ପଡିଥିଲା। ନୂଆ ସିଜିଏମ୍ ସୁଦୀପ ଏନ୍‌ଟିପିସିର ଅପରେଶନ, ମେକାନିକାଲ ମେଣ୍ଟେନାନ୍ସ, ଇଇଏମଜି, ଅପରେଶନ ସର୍ଭିସ ଏବଂ ବିଜିନେସ ଡେଭେଲପମେଣ୍ଟ ଆଦି ବିଭାଗରେ ଦୀର୍ଘ ୩୨ ବର୍ଷ ଧରି କାର୍ଯ୍ୟ ସମ୍ପାଦନା କରିଛନ୍ତି। ସେ ଏନ୍‌ଆଇଟି ଦୁର୍ଗାପୁରରୁ ମେକାନିକାଲ ଇଞ୍ଜିନିୟରିଂରେ ଗ୍ରାଜୁଏଟ୍ ଭାବେ ଉତ୍ତୀର୍ଣ୍ଣ ହେବାପରେ ୧୯୮୭ରେ ଏନ୍‌ଟିପିସିରେ ଯୋଗ ଦେଇଥିଲେ।









କର୍ମମାର୍ଗର ଭଲ ଦିଗଟି ହେଲା– ତା'ଭିତରେ ଭଗବାନଙ୍କ ସହିତ ଶତ୍ରୁତା ବି ଯଦି ହୁଏ– ତେବେ ସେହି ଶତ୍ରୁତା ମଧ୍ୟ ମୁକ୍ତିର ଉପାୟ ହୋଇଉଠେ। କେବେ କେବେ ଭଗବାନ ଆମକୁ ତାଙ୍କ ପାଖକୁ ଟାଣି ନିଅନ୍ତି ଓ ଧରିରଖନ୍ତି – ସବୁଠାରୁ କ୍ଷିପ୍ର ଉପାୟଟି ଦ୍ୱାରା। ତା'ହେଲା – ସେ ଯେତେବେଳେ ଆମର ଦୁର୍ଦ୍ଦମ ଦୁର୍ଦ୍ଧର୍ଷ ଐକାନ୍ତିକ ଶତ୍ରୁ ହୋଇଉଠନ୍ତି। –ଶ୍ରୀଅରବିନ୍ଦ

# ବୁଦ୍ଧି ଲୋଡ଼ା

ଚଳିତବର୍ଷ ଅର୍ଥନୀତି ପାଇଁ ନୋବେଲ ପୁରସ୍କାର ପାଇଥିବା ଭାରତୀୟ-ଆମେରିକୀୟ ଅଭିଜିତ୍ ବାନାର୍ଜୀ ୨୨ ଅକ୍ଟୋବରରେ ନୂଆଦିଲ୍ଲୀଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ସାକ୍ଷାତ୍ ଆଲୋଚନା କରିଛନ୍ତି। ଏହି ଅବସରରେ ଅଭିଜିତ୍‌ଙ୍କ ମାନବ ସମ୍ବନ୍ଧୀୟ ସଶକ୍ତୀକରଣ ଲାଗି ଥିବା ଆଭିମୁଖ୍ୟକୁ ପ୍ରଧାନମନ୍ତ୍ରୀ ଟୁଇଟ୍ ଜରିଆରେ ପ୍ରଶଂସା କରିଛନ୍ତି। ତେବେ ମୋଦିଙ୍କୁ ସାକ୍ଷାତ୍ କରି ଫେରିବା ପରେ ଗଣମାଧ୍ୟମକୁ ଅଭିଜିତ୍ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସତର୍କ କରାଇ ଦିଆଯାଇଥିବାରୁ ସେ କୌଣସି ବିବୃତି ଦେବାକୁ ଚାହୁଁନାହାନ୍ତି। ସେ ଗଣମାଧ୍ୟମକୁ ଅନ୍ୟ ଏକ କଥା ମଧ୍ୟ କହିଛନ୍ତି। ତାଙ୍କୁ କୁଆଡ଼େ ମୋଦି ବିରୋଧୀ ଭାବେ ଚିତ୍ରଣ କରିବାକୁ ଗଣମାଧ୍ୟମ ଆଗେଇ ଆସିଛି ବୋଲି ପ୍ରଧାନମନ୍ତ୍ରୀ କଥାବାର୍ତ୍ତା ବେଳେ କୌତୂହଳରେ କହିଥିଲେ। ଯେତେବେଳେ ଏଭଳି ଦୁଇ ଜଣ ବିଶିଷ୍ଟ ବ୍ୟକ୍ତି ଆଲୋଚନା କରନ୍ତି, ସେତେବେଳେ ସାଧାରଣରେ ବିଶ୍ୱାସ କରାଯାଏ ଯେ, ଜଣେ ଅନ୍ୟ ଜଣଙ୍କୁ ସଦ୍‌ବୁଦ୍ଧି ଦେଇଥିବେ। ଏଭଳି ବାର୍ତ୍ତାଳାପରେ ଯିଏ ଅପରପକ୍ଷକୁ ଅଧିକ ଜ୍ଞାନରେ ପ୍ରଭାବିତ କରିପାରିଲେ, ତାହା ଦ୍ୱାରା ସମାଜର ମଙ୍ଗଳ ଘଟିବାର ସମ୍ଭାବନା ରହିଛି। ଏହାକୁ ସହଜରେ କହିବାକୁ ଗଲେ ଯଦି ମୋଦି ତାଙ୍କର ଅର୍ଥନୈତିକ ନୀତିର 'ସଫଳତା'କୁ ବିଶ୍ଳେଷଣ କରି ବାନାର୍ଜୀଙ୍କୁ ବୁଝାଇ ଦେଇପାରିଲେ, ତେବେ ନୋବେଲ ବିଜେତାଙ୍କ ଦକ୍ଷତା ସମ୍ପର୍କରେ ପ୍ରଶ୍ନ ଉଠିପାରେ। ଅନୁରୂପ ଭାବେ ଯଦି ଅଭିଜିତ୍ ତାଙ୍କର ଅର୍ଥନୈତିକ ଗବେଷଣାରୁ ଆହରଣ କରିଥିବା ଜ୍ଞାନ ଦ୍ୱାରା ପ୍ରଧାନମନ୍ତ୍ରୀଙ୍କୁ ପ୍ରଜ୍ଞା ଦେଇ ପ୍ରଭାବିତ କରିଥିବେ, ତେବେ ଭାରତର ମଙ୍ଗଳ ହେବାର ସୂତ୍ର ମିଳିପାରେ। ଏହା ନିଃସନ୍ଦେହରେ କୁହାଯାଇପାରେ ଯେ, ନିର୍ବାଚନୀ ରାଜନୀତି, ତାହା ମାଧ୍ୟମରେ ଲୋକପ୍ରିୟତା ହାସଲ କରିବାର ପଦ୍ଧତି ଏବଂ ପ୍ରଶାସନିକ ଅଭିଜ୍ଞତାରେ ମୋଦିଙ୍କ ଦଖଲ ଅଛି। ଅପରପକ୍ଷରେ ଅନ୍ତର୍ଜାତୀୟ ଅର୍ଥନୈତିକ ଭିତ୍ତିଭୂମି ସମ୍ପର୍କିତ ଜ୍ଞାନ ନୋବେଲ ବିଜେତା ଅଭିଜିତ୍‌ଙ୍କ ଅଧିକ ରହିଛି।

ଭାରତର ଏକ ବିରାଟବଡ଼ ଦୁଃଖ ରହିଛି, ଯାହାକୁ ଆମେ ସ୍ୱୀକାର କରୁନାହୁଁ। ଭାରତର ଦୁଃଖ ହେଲା, ଏହି ଦେଶରେ କୌଣସି ଯୋଗ୍ୟ ବ୍ୟକ୍ତି ଅର୍ଥନୈତିକ ବ୍ୟବସ୍ଥାରେ ମିଶିକରି ରହିପାରୁନାହାନ୍ତି। ଏହାଫଳରେ ଯିବାଆସିବା ଲାଗି ରହିଛି। ଅନ୍ୟପଟେ ଭାରତରେ ଜନ୍ମ ନେଇ ଅନେକ ଅର୍ଥନୀତିଜ୍ଞ ଏବେ ସମଗ୍ର ପୃଥିବୀରେ ନିଜ ବୁଦ୍ଧିର ପ୍ରଭାବ ବିସ୍ତାର କରିଛନ୍ତି। ଅଭିଜିତ୍ ବାନାର୍ଜୀଙ୍କ ସମେତ ରଘୁରାମ ରାଜନ୍, ଗୀତା ଗୋପୀନାଥ୍‌ଙ୍କ ଭଳି ଅନେକ ଭାରତୀୟ ବିଦେଶରେ ରହିଥିବା ସତ୍ତ୍ୱେ ଏହି ଦେଶର ପାଣିପବନ ସହିତ ଅତି ଭଲ ଭାବେ ସଂଶ୍ଳିଷ୍ଟ। ଅବସୋସର ବିଷୟ ହେଉଛି ଯେ, ଆମର ରାଜନେତା ଓ ଅମଲାତନ୍ତ୍ରୀମାନେ ଏହି ଦେଶର ଅର୍ଥନୈତିକ ମଙ୍ଗ ଧରେଇବାକୁ ଚାହୁଁନାହାନ୍ତି, ଯାହାଫଳରେ କୌଣସି ଚିନ୍ତାଧାରାକୁ ପ୍ରୟୋଗ କରିବା କିମ୍ବା ଅଭିଜ୍ଞ ବ୍ୟକ୍ତିଙ୍କଠାରୁ ଉଚିତ ସମୟରେ ଉପଦେଶ ନେବା ଆମ ବ୍ୟବସ୍ଥା ଦ୍ୱାରା ଗ୍ରହଣୀୟ ହେଉନାହିଁ। ଏଥିଯୋଗୁ ଆମର ଲାଗୁ କରାଯାଉଥିବା ନୀତି ନିୟମ ବାସ୍ତବତାଠାରୁ ଯଥେଷ୍ଟ ଦୂରରେ ରହୁଛି। କଥାରେ କୁହାଯାଉଛି, ଉଡ଼ାଜାହାଜ ପଡ଼ିଆ, ବନ୍ଦର, ବୃହତ୍ ଶିଳ୍ପ ଇତ୍ୟାଦି ନିର୍ମାଣ କରାଗଲେ ଦେଶର ଉନ୍ନତି ଘଟିବ। କିନ୍ତୁ ଯଦି ଗୋଟିଏ ବର୍ଷାରତୁ ଦୁର୍ବଳ ପଡ଼ିଯାଉଛି, ତେବେ ଜାତୀୟ ସେନ୍‌ସେକ୍ସ ଆଣ୍ଠେଇ ପଡୁଛି। ଏଥିରୁ ଜଣାପଡୁଛି ଯେ, ଭାରତୀୟ ଭିତ୍ତିଭୂମି ଏବଂ ଶିଳ୍ପ ନିଜ ଭବିଷ୍ୟତ ନିର୍ଦ୍ଧାରଣ କରିବାରେ ଆଜିପର୍ଯ୍ୟନ୍ତ ବିଫଳ। କୃଷି ଏବଂ ଗ୍ରାମ୍ୟ ଅର୍ଥନୀତି ଯୋଗୁ ଏହି ଦେଶ ତିଷ୍ଠିଛି। କେନ୍ଦ୍ର ଓ ସବୁ ରାଜ୍ୟ ସରକାରଙ୍କ ବଜେଟ ଦେଖିଲେ ସେଗୁଡ଼ିକର ଦିଗ ସାଧାରଣତଃ ସହରାଭିମୁଖୀ। ବଡ଼ ଶିଳ୍ପ, ଖଣି ଏବଂ ଭିତ୍ତିଭୂମି ନିର୍ମାଣ ପ୍ରତି ଅଧିକ ବ୍ୟୟବରାଦ କରାଯାଉଥିବା ବେଳେ ଲୋକଙ୍କ ମେରୁଦଣ୍ଡ ସୁଦୃଢ଼ ଦିଗରେ ଧ୍ୟାନ ଦିଆଯାଉନାହିଁ। କେବଳ କଥାରେ କୁହାଯାଉଛି, ଭାରତୀୟ ଅର୍ଥନୀତି କୃଷିଭିତ୍ତିକ। କିନ୍ତୁ ଅର୍ଥନୀତିକୁ ଦେଖିଲେ ସ୍ପଷ୍ଟ ଜଣାପଡ଼େ, ସେଥିରେ ଘଟୁଥିବା ପରିବର୍ତ୍ତନ ଦେଶକୁ ତଳକୁ ଟାଣିନେଉଛି। ତେଣୁ କୁହାଯାଇପାରେ ଯେ, କୌଣସି ଅର୍ଥନୈତିକ ପରିକଳ୍ପନା କରା ନ ଯାଇ ଯେଉଁ ପ୍ରକାରର ଚିନ୍ତାହୀନ ପଦକ୍ଷେପଗୁଡ଼ିକ ନିଆଯାଉଛି, ତାହାଫଳରେ ଭାରତୀୟ ଅର୍ଥନୀତି ଅଧିକରୁ ଅଧିକ ଦୁର୍ବଳ ହେବାରେ ଲାଗିଛି। ଏହି ସମୟରେ ଅଭିଜିତ୍‌ଙ୍କ ଭଳି ବିଶେଷଜ୍ଞମାନଙ୍କ ସାହାଯ୍ୟ ଲୋଡ଼ାଯିବା ଅତ୍ୟନ୍ତ ଆବଶ୍ୟକ। କିନ୍ତୁ ଆମର କେନ୍ଦ୍ରମନ୍ତ୍ରୀମାନେ ଅଭିଜିତ୍‌ଙ୍କ ବ୍ୟକ୍ତିତ୍ୱକୁ ବାମପନ୍ଥୀ ଚିନ୍ତାଧାରାର କହି ତାଙ୍କ ବିଶ୍ୱସନୀୟତାକୁ କ୍ଷତି ପହଞ୍ଚାଇବାରେ ଅଧିକ ବ୍ୟସ୍ତ। ସକାରାତ୍ମକ ମନୋଭାବ ରଖିଥିବା ବ୍ୟକ୍ତି ନିଜର ଦୋଷତ୍ରୁଟିକୁ ସ୍ୱୀକାର କରିବାରେ ଭୟ କରେନାହିଁ। ସେଭଳି ବ୍ୟକ୍ତିଙ୍କୁ ଖୋଜି ପାଇବା ଆଜିର ଭାରତରେ କଷ୍ଟକର ହୋଇପଡୁଛି।

## ଚିରନ୍ତନୀ

ରୋଧିଦିଅ ରୋଧିଦିଅ ଏ କାରାଦୁଆର,
ଘୋଟିଆସୁ ଭଇରବ ଘନ ଅନ୍ଧକାର,
ଏ ଆଲୋକ ଏ ଆକାଶ
ପରାଣେ ଦିଏ ପରାସ,
ସୁଦୂର ସ୍ମୃତିର ଆଣେ ବିରହ ଝଙ୍କାର,
ଲଗାଏ ମରମେ ମମ ମହା ହାହାକାର।

(ବନ୍ଦୀର ବିଳାପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 8 | C | 3 | | | | | | B | | | E | | |
| 9 | | D | | | | E | | 7 | | | A | | | 3 |
| 2 | | 5 | 1 | C | | | | A | | 9 | | | | |
| | | E | | | 8 | | | | | | | | D | 7 |
| | | | B | | | | | 5 | 8 | 7 | 0 | | 4 | C |
| 6 | 7 | | | | | | | | | 4 | B | D | | 2 |
| | | 2 | 0 | | 5 | 8 | | | C | | | A | | |
| 8 | | 0 | | 6 | | | | | | | | | 9 | |
| | | | | | 2 | 4 | 3 | | A | | | | | 0 |
| | | 9 | | | | | 2 | | 0 | | 6 | | | 4 |
| B | | | E | | 0 | | 9 | D | | | | | | 5 |
| | | 6 | | | D | | | | | 8 | C | 2 | | A |
| 5 | C | | 2 | 7 | | | | | | | | 9 | | |
| | | | | | | 2 | A | B | | E | 4 | | | |
| | 9 | 8 | | | | 6 | 0 | | D | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | B | 4 | 0 | 3 | C | 8 | 9 | A | 5 | 2 | D | E | 6 | 1 |
| A | 1 | C | 4 | D | 8 | 3 | 0 | 2 | 9 | 6 | E | B | 5 | 7 |
| E | 8 | 9 | 5 | 1 | 7 | 6 | C | 4 | 3 | 0 | B | 2 | D | A |
| 2 | 5 | 3 | B | E | 6 | 1 | 7 | D | 8 | 4 | A | C | 9 | 0 |
| 6 | D | 0 | A | 2 | 9 | B | E | 5 | 1 | C | 7 | 3 | 8 | 4 |
| 3 | C | 1 | D | B | 4 | 5 | 6 | E | 0 | 7 | 9 | 8 | A | 2 |
| D | 7 | B | 2 | 9 | 1 | C | A | 0 | 4 | 8 | 6 | 5 | 3 | E |
| 5 | 0 | E | 3 | 8 | A | 9 | 2 | B | C | D | 1 | 4 | 7 | 6 |
| 4 | 9 | 2 | 6 | C | 5 | 7 | 8 | 1 | E | A | 3 | 0 | B | D |
| 8 | A | 6 | E | 7 | 0 | 4 | D | 3 | 2 | B | 5 | 1 | C | 9 |
| 9 | E | 7 | 1 | 0 | 3 | 2 | B | 6 | A | 5 | 8 | D | 4 | C |
| C | 3 | D | 7 | 6 | 2 | A | 1 | 8 | B | E | 4 | 9 | 0 | 5 |
| 1 | 6 | 8 | C | 5 | D | 0 | 4 | 9 | 7 | 3 | 2 | A | E | B |
| B | 4 | 5 | 9 | A | E | D | 3 | C | 6 | 1 | 0 | 7 | 2 | 8 |
| 0 | 2 | A | 8 | 4 | B | E | 5 | 7 | D | 9 | C | 6 | 1 | 3 |

ଗତକାଲିର ଉତ୍ତର

# ଦେଶର ସଙ୍କଟ ବେଳେ କମ୍ପାନୀଙ୍କ ପୁଷମାସ



ଡ. ସନ୍ତୋଷ କୁମାର ମହାପାତ୍ର

ସରକାର ସ୍ୱୀକାର କରନ୍ତୁ ବା ନ କରନ୍ତୁ, ବର୍ତ୍ତମାନ ଭାରତୀୟ ଅର୍ଥନୀତି ଭୟଙ୍କର ଆର୍ଥିକ ସଙ୍କଟ ଦେଇ ଗତି କରୁଛି। କେବଳ ଆର୍ଥିକ ଅଭିବୃଦ୍ଧି ମନ୍ଥର ହୋଇନି ଅନ୍ୟାନ୍ୟ ସୂଚକାଙ୍କରେ ମଧ୍ୟ ଦେଶର ସ୍ଥିତି ନିମ୍ନଗାମୀ ହୋଇଛି। ଏହାର ସମାଧାନ ପାଇଁ ଠିକ୍ ପଦକ୍ଷେପ ନେବା ପରିବର୍ତ୍ତେ ସରକାର କର୍ପୋରେଟ ଜଗତର ତୁଷ୍ଟୀକରଣରେ ଲାଗି ପଡ଼ିଛନ୍ତି। ଯେତେବେଳେ ଦେଶରେ କୌଣସି ଆର୍ଥିକ ସଙ୍କଟ ଦେଖାଯାଏ ସେତେବେଳେ ଧନିକ ଶ୍ରେଣୀ, ପୁଞ୍ଜିପତି ଓ ଲାଭ କରୁଥିବା କମ୍ପାନୀଗୁଡ଼ିକ ସରକାରଙ୍କୁ ସହାୟତାର ହାତ ବଢ଼ାଇବା କଥା। କିନ୍ତୁ ଦୁଃଖର ବିଷୟ ଏମାନେ ଆର୍ଥିକ ଦୁର୍ଗତି ବେଳେ ସରକାରଙ୍କ ଉପରେ ବିଭିନ୍ନ ଚାପ ସୃଷ୍ଟିକରି ଅଧିକ ଫାଇଦା ନେଇଥାନ୍ତି। ଆର୍ଥିକ ମାନ୍ଦାବସ୍ଥାର ସମାଧାନ ତଥା ଅଧିକ ଆର୍ଥିକ ଅଭିବୃଦ୍ଧିର ସ୍ୱପ୍ନ ଦେଖାଇ ସରକାର କର୍ପୋରେଟ ଟିକସ ୩୦%ରୁ ୨୨%କୁ ହ୍ରାସ କରିଛନ୍ତି। ଫଳରେ ପୂର୍ବରୁ ସରଚାର୍ଜ ଓ ସେସ୍ ମିଶାଇ ପ୍ରଭାବୀ ଟିକସ ହାର ୩୪.୯୪% ଥିଲାବେଳେ ତାହା ଏବେ ୨୫.୧୭%କୁ ହ୍ରାସ ପାଇଛି। ସେହିପରି ଅକ୍ଟୋବର ପହିଲା ପରେ ପ୍ରତିଷ୍ଠା ହେଉଥିବା ନୂଆ ଘରୋଇ ମାନ୍ୟୁଫାକ୍ଚରିଂ କମ୍ପାନୀଙ୍କ ଲାଗି ଟିକସ ହାର ୧୫%କୁ ହ୍ରାସ କରାଯାଇଛି। ସରଚାର୍ଜ ଓ ସେସ୍ ମିଶାଇଲେ ଏହା ୧୭.୦୧% ହେବ। ଯେଉଁ କମ୍ପାନୀ ପୂର୍ବରୁ ମିଳୁଥିବା ରିହାତି ଛାଡ଼ ନେବେ ନାହିଁ ତାଙ୍କ ପାଇଁ ନୂତନ ଟିକସ ଲାଗୁ ହେବ।

ଅନେକ ସମୟରେ ଯୁକ୍ତି କରାଯାଇଛି ଯେ, ଭାରତରେ କର୍ପୋରେଟ ଟିକସ ହାର ୪୮.୩% ଏବଂ ଏହା ଓଇସିଡି ଅନ୍ତର୍ଭୁକ୍ତ ୯୪ଟି ଦେଶ ମଧ୍ୟରେ ସର୍ବାଧିକ ହୋଇଥିବାରୁ ଏହାର ହ୍ରାସ ଆବଶ୍ୟକ। କିନ୍ତୁ ଏହି ହାର ନିର୍ଣ୍ଣୟ କଲାବେଳେ ସେଥିରେ ଲାଭାଂଶ ବଣ୍ଟନ ଟିକସ (ଡିଡିଟି), ସରଚାର୍ଜ, ସେସ୍ ଆଦି ଅନ୍ତର୍ଭୁକ୍ତ କରାଯାଇଛି। କମ୍ପାନୀ ଟିକସ ଓ ଲାଭାଂଶ ବଣ୍ଟନ ଟିକସ ସମାନ ନୁହେଁ। ଏହାକୁ ମିଶାଇ କର୍ପୋରେଟ୍ ଟିକସ ହାର ନିର୍ଣ୍ଣୟ କରାଯିବା ଅନୁଚିତ। ଏକ କମ୍ପାନୀର ନେଟ୍ ଆୟ ଉପରେ ପଡୁଥିବା ଟିକସକୁ କର୍ପୋରେଟ ବା କମ୍ପାନୀ ଟିକସ କୁହାଗଲା ବେଳେ କମ୍ପାନୀଗୁଡ଼ିକ ଯେଉଁ ଲାଭାଂଶ ନିବେଶକମାନଙ୍କୁ ଦେଇଥାନ୍ତି ତା' ଉପରେ ଯେଉଁ ଟିକସ ଦିଅନ୍ତି ତାହାକୁ ଲାଭାଂଶ ବଣ୍ଟନ ଟିକସ କୁହାଯାଏ। କିନ୍ତୁ ଲାଭାଂଶ ଟିକସ ନ ଦେବା ପାଇଁ କମ୍ପାନୀଗୁଡ଼ିକ ନିବେଶକଙ୍କୁ ଲାଭାଂଶ ନ ଦେଇ ବା କମ୍ ଦେଇ ନିଜେ ବିକ୍ରି ହୋଇଥିବା ଅଂଶଧନକୁ ପୁନଃକ୍ରୟ କରୁଛନ୍ତି। ଏଥିରୁ କମ୍ପାନୀଗୁଡ଼ିକୁ ନିବୃତ୍ତ ରଖିବା ପାଇଁ ଏହି ପୁନଃକ୍ରୟ ଉପରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ୨୦% ଟିକସ ଧାର୍ଯ୍ୟ କରିଥିଲେ। କିନ୍ତୁ ପୁନଶ୍ଚ ଚାପରେ ଏହାକୁ କୋହଳ କରି ଦେଇଛନ୍ତି। ଯେଉଁ କମ୍ପାନୀଗୁଡ଼ିକ ୨୦୧୯ ଜୁଲାଇ ୫ ସୁଦ୍ଧା ପୁନଃକ୍ରୟ କରିବାର ସିଦ୍ଧାନ୍ତ ଘୋଷଣା କରିଥିଲେ ସେମାନଙ୍କୁ ଏହି ଟିକସ ଦେବାକୁ ପଡ଼ିବ ନାହିଁ। ପରେ ଏହାକୁ ସମ୍ପୂର୍ଣ୍ଣ ଉଠାଇ ଦେଇପାରନ୍ତି। ପୁନଶ୍ଚ ସରକାର କେବଳ କର୍ପୋରେଟ ଟିକସ ହ୍ରାସ କରିନାହାନ୍ତି ବରଂ ଯେଉଁ କମ୍ପାନୀ ନୂତନ ଟିକସ ହାରର ସୁବିଧା ନେବା ପାଇଁ ଯେଉଁ ରିହାତି ଓ ଛାଡ଼ ନେବେ ନାହିଁ, ସେମାନଙ୍କୁ ଆଉ ସର୍ବନିମ୍ନ ବିକଳ୍ପ ଟିକସ ଦେବାକୁ ପଡିବ ନାହିଁ। ଅନ୍ୟମାନଙ୍କ କ୍ଷେତ୍ରରେ ମଧ୍ୟ ଏହାକୁ ୧୮.୫%ରୁ ୧୫%କୁ ହ୍ରାସ କରିଛନ୍ତି। ଆହୁରି ମଧ୍ୟ ଗତ ଜୁଲାଇ ବଜେଟରେ ଅଂଶଧନ ବିକ୍ରୟଜନିତ ପୁଞ୍ଜିଲାଭ ଉପରେ ଯେଉଁ ଅଧିକ ସରଚାର୍ଜ ଲାଗୁ କରାଯାଇଥିଲା ତାହା ଉଚ୍ଛେଦ କରାଯାଇଛି। ସେ ବିଦେଶୀ ପୋର୍ଟଫୋଲିଓ ନିବେଶକ ହୁଅନ୍ତୁ ବା ବ୍ୟକ୍ତିଗତ ବା ଯେକୌଣସି ପ୍ରକାର ନିବେଶକ ହୁଅନ୍ତୁ ତାଙ୍କୁ ଏହି ସୁବିଧା ଉପଲବ୍ଧ ହେବ।

ବାସ୍ତବରେ ଭାରତରେ କର୍ପୋରେଟ ଟିକସ ହ୍ରାସର ସେପରି ଆବଶ୍ୟକତା ନାହିଁ, କାରଣ ଏଠାରେ ପ୍ରଭାବୀ କର୍ପୋରେଟ ଟିକସ ହାର ମାତ୍ର ୨୩%। ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ୨୦୧୬-୧୭ ବଜେଟରେ ଏହି ତଥ୍ୟ ପ୍ରଦାନ କରିଥିଲେ। ପୁନଶ୍ଚ ବ୍ୟାଙ୍କରେ ଅଚଳ ପରିସମ୍ପତ୍ତି ଓ ବ୍ୟାଙ୍କ ଜାଲିଆତିଜନିତ ଅର୍ଥ ଆତ୍ମସାତ୍ ଯେଉଁଭଳି ବୃଦ୍ଧି ପାଉଛି ତାହାର ମୁଖ୍ୟ ହିତାଧିକାରୀ ଏବଂ ସୃଷ୍ଟିକାରୀ ହେଉଛନ୍ତି କର୍ପୋରେଟ୍ ଜଗତ। କମ୍ପାନୀଗୁଡ଼ିକୁ ବିଭିନ୍ନ ଟିକସ ରିହାତି, ଛାଡ଼ ଯୋଗୁ ସରକାର ଯେଉଁ ରାଜସ୍ୱ ପ୍ରତିବର୍ଷ ହରାଉଛନ୍ତି ତାହା ବୃଦ୍ଧିପାଉଛି। ୨୦୧୭-୧୮ରେ ଏହା ୯୩,୬୪୨.୫୦ କୋଟି ହୋଇଥିଲା ବେଳେ ୨୦୧୮-୧୯ରେ ଏହା ୧,୦୮,୭୮୫ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଏ ବର୍ଷ ଟିକସ ହ୍ରାସ ଯୋଗୁ ଆହୁରି ସର୍ବନିମ୍ନ ୧,୪୫,୦୦୦ କୋଟି ଟଙ୍କା ବୃଦ୍ଧି ପାଇବ। ପୁନଶ୍ଚ କମ୍ପାନୀଗୁଡ଼ିକ ଟିକସ ଫାଙ୍କିବା ପାଇଁ ଆଇନକାନୁନର ଆଶ୍ରୟ ନେବା ଯୋଗୁ ପ୍ରାୟ ୪ ଲକ୍ଷ କୋଟି ଟଙ୍କାର କର୍ପୋରେଟ ଟିକସ ଅନାଦେୟ ହୋଇପଡିଛି। କେନ୍ଦ୍ର ଅର୍ଥମନ୍ତ୍ରୀ ସୀତାରାମନ୍‌ଙ୍କ କହିବା ଅନୁଯାୟୀ ଯେଉଁମାନେ ଆଉ କୌଣସି ରିହାତି, ଛାଡ଼ ଆଦି ନେବେ ନାହିଁ ତାଙ୍କୁ କର୍ପୋରେଟ ଟିକସ ହ୍ରାସର ସୁବିଧା ମିଳିବ। କିନ୍ତୁ ଟିକସ ଆଇନ ମଧ୍ୟରେ ଥିବା ଛିଦ୍ରର ଫାଇଦା ନେଇ କମ୍ପାନୀଗୁଡ଼ିକ ଉଭୟ ସୁବିଧାପ୍ରାପ୍ତ ହେବେ। ସବୁଠାରୁ ଆଶ୍ଚର୍ଯ୍ୟ ବିଷୟ କର୍ପୋରେଟ ଟିକସ ହାର ଯାହା ୧୯୯୩-୯୪ରେ ୪୦% ଥିଲା ତାହା ଏତେ ମାତ୍ରାରେ ହ୍ରାସ ପାଇଲା ବେଳେ ସର୍ବାଧିକ ଆୟକର କ୍ଷେତ୍ରରେ ତାହା ଲାଗୁ ହୋଇନାହିଁ। ୧୯୯୭-୯୮ରୁ ଏହା ୩୦% ଅଛି। ଅବଶ୍ୟ ଉଭୟ କର୍ପୋରେଟ ବା ବ୍ୟକ୍ତିଗତ ଧନିକ ଶ୍ରେଣୀ ଅଧିକ ହାରରେ ଟିକସ ଦେବା ଉଚିତ।

ଏହି ଟିକସ ହ୍ରାସ ଯୋଗୁ ବୃହତ୍ କମ୍ପାନୀଗୁଡ଼ିକ ବେଶି ଲାଭବାନ ହେବେ। ୨୦୧୫-୧୬ ବଜେଟରେ ତତ୍କାଳୀନ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ କର୍ପୋରେଟ ଟିକସ ଆଗାମୀ ୪ ବର୍ଷରେ ୩୦%ରୁ ୨୫%କୁ ହ୍ରାସ କରିବେ ବୋଲି ଘୋଷଣା କରିଥିଲେ। ୨୦୧୬-୧୭ ବଜେଟରେ ବାର୍ଷିକ ୫୦ କୋଟି ଟଙ୍କାର ଟର୍ନଓଭର ଥିବା କର୍ପୋରେଟ କ୍ଷେତ୍ରରେ ଏହାକୁ ସେ ହ୍ରାସ କଲେ। ତା'ର ପରବର୍ତ୍ତୀ ବର୍ଷରେ ଏହି ସୀମା ୫୦ କୋଟି ଟଙ୍କାରୁ ୨୫୦ କୋଟି ଏବଂ ୨୦୧୯-୨୦ ବଜେଟରେ ୨୫୦ କୋଟି ଟଙ୍କାରୁ ୪୦୦ କୋଟି ଟଙ୍କାକୁ ବୃଦ୍ଧି କଲେ। ଅର୍ଥାତ୍ ବର୍ତ୍ତମାନର ହ୍ରାସ ପୂର୍ବରୁ ୪୦୦ କୋଟି ଟଙ୍କାର ବାର୍ଷିକ ଟର୍ନଓଭର ଥିବା କମ୍ପାନୀଗୁଡ଼ିକ ୨୫% ହାରରେ ଟିକସ ଦେଉଥିଲେ। ଏମାନଙ୍କ ସଂଖ୍ୟା ମୋଟ କମ୍ପାନୀଗୁଡ଼ିକ ମଧ୍ୟରୁ ୯୯.୩%। ଏଣୁ ଏହି ହ୍ରାସ ଯୋଗୁ ମାତ୍ର ୦.୭% କମ୍ପାନୀ ବା ବଡ଼ ବଡ଼ କମ୍ପାନୀ ଲାଭବାନ ହେବେ। କର୍ପୋରେଟ ଟିକସ ହ୍ରାସ ଯୋଗୁ ଜାତୀୟ ଷ୍ଟକ୍ ଏକ୍ସଚେଞ୍ଜରେ ତାଲିକାଭୁକ୍ତ ୧୦୦୦ଟି କମ୍ପାନୀ ଚଳିତ ଆର୍ଥିକ ବର୍ଷରେ ମୋଟ ୬୫,୦୦୦ କୋଟି ଟଙ୍କା ଲାଭବାନ ହେବେ। ଯେଉଁଦିନ କର୍ପୋରେଟ ଟିକସ ହ୍ରାସ ପାଇଲା ସେହିଦିନ ଷ୍ଟକ୍‌ମାର୍କେଟର ସୂଚକାଙ୍କରେ ବୃଦ୍ଧି ଯୋଗୁ କେବଳ ଅମ୍ବାନୀଙ୍କ ସମ୍ପଦ ୨୨,୦୦୦ କୋଟି ଟଙ୍କା ବୃଦ୍ଧି ପାଇଛି।

ଅନେକେ ଯୁକ୍ତି କରନ୍ତି ଯେ, ଏହି ଟିକସ ହ୍ରାସ ଯୋଗୁ ଆମ ଦେଶର କର୍ପୋରେଟ ଟିକସ ବିଶ୍ୱସ୍ତରରେ ପହଞ୍ଚିବ ଏବଂ ଆମ କମ୍ପାନୀଗୁଡ଼ିକ ପ୍ରତିଯୋଗିତାକ୍ଷମ ହେବେ। ବାସ୍ତବରେ ଟିକସ ହ୍ରାସ ପରେ ଏହା ବିଶ୍ୱରେ ଏକ ସର୍ବନିମ୍ନ ଟିକସ ହାର ଭାବେ ପରିଗଣିତ ହୋଇଛି। ଭାରତରେ ପ୍ରଭାବୀ ଟିକସ ହାର ୨୫.୧୭% ହେଲେ ତାହା ଉନ୍ନତ ଦେଶଗୁଡ଼ିକଠାରୁ କମ୍। ଆମେରିକାରେ ତାହା ୨୭%, ଜାପାନରେ ୩୦.୬୨%, ବ୍ରାଜିଲରେ ୩୪%, ଜର୍ମାନୀରେ ୩୦% ଓ ଚାଇନାରେ ୨୫%। ଏକଥା ସତ ଯେ, ବିଶ୍ୱବ୍ୟାପୀ କର୍ପୋରେଟ ଟିକସ ହ୍ରାସ ପାଇଛି। ୮୦ ଦଶକରେ ବିଶ୍ୱରେ ଏହା ହାରାହାରି ୩୮.୮୪% ଥିଲାବେଳେ ବର୍ତ୍ତମାନ ହାରାହାରି ୨୩.୦୩%କୁ ହ୍ରାସ ପାଇଛି। ଏହି ହ୍ରାସର ଉଦ୍ଦେଶ୍ୟ କେବଳ କମ୍ପାନୀଙ୍କ ବିକାଶ। ବର୍ତ୍ତମାନ ବିଶ୍ୱରେ ବଜାର ଅର୍ଥନୀତି ନାହିଁ। ଏହା କ୍ରୋନି କ୍ୟାପିଟାଲିଜମ୍ ଦ୍ୱାରା କବଳିତ। ରାଷ୍ଟ୍ର ବର୍ତ୍ତମାନ କର୍ପୋରେଟ କ୍ଷମତା ଆଗରେ ମୁଣ୍ଡ ନୁଆଁଉଛି। ଏହାଦ୍ୱାରା ଆର୍ଥିକ ଅଭିବୃଦ୍ଧିର ସୁଫଳ ସାଧାରଣ ଜନତାଙ୍କ ନିକଟରେ ପହଞ୍ଚୁନାହିଁ, ବରଂ ବୈଷମ୍ୟ ଦ୍ରୁତଗତିରେ ବୃଦ୍ଧି ପାଇ ଅନେକ ଆର୍ଥିକ ସମସ୍ୟା ସୃଷ୍ଟି କରୁଛି।

କର୍ପୋରେଟ ଟିକସ ହ୍ରାସ ଯୋଗୁ ଭାରତରେ ଘରୋଇ ନିବେଶ, ବିଦେଶୀ ପୁଞ୍ଜି ନିବେଶ ବୃଦ୍ଧି ପାଇବା ସହିତ ଅର୍ଥନୀତି ଚଳଚଞ୍ଚଳ ହେବ ବୋଲି ଯାହା କୁହାଯାଉଛି ତାହା ଭୁଲ୍। ଭାରତରେ ବର୍ତ୍ତମାନ ଯେଉଁ ଆର୍ଥିକ ମାନ୍ଦାବସ୍ଥା ଦେଖାଦେଇଛି ତାହାର ପ୍ରମୁଖ କାରଣ ହେଲା ଜନସାଧାରଣଙ୍କ କ୍ରୟଶକ୍ତି ଅଭାବ ଯୋଗୁ ଚାହିଦା ହ୍ରାସ। ଯଦି ଚାହିଦା ବୃଦ୍ଧି ନ ପାଏ କେହି ନିବେଶ କରିବାକୁ ଆଗ୍ରହୀ ହେବେ ନାହିଁ। ବରଂ କର୍ପୋରେଟ ଟିକସ ହ୍ରାସ ଯୋଗୁ ଯେଉଁ ଲାଭ ବୃଦ୍ଧିପାଇବ ସେମାନେ ତାକୁ ବିଦେଶରେ ଟ୍ୟାକ୍ସ ହାଭେନ୍‌ରେ ରଖିବେ କିମ୍ବା ନିଜ ଅଂଶଧନ ପୁନଃକ୍ରୟ କରିବେ। ଏଣୁ ସରକାର ଲୋକଙ୍କ କ୍ରୟଶକ୍ତି ବୃଦ୍ଧି ପାଇଁ ନିଯୁକ୍ତି ସୃଷ୍ଟି କରିବା ସହିତ ବିଭିନ୍ନ ଜନହିତକର, ସାମାଜିକ ଓ ଭିତ୍ତିଭୂମି କ୍ଷେତ୍ରରେ ଅଧିକ ବିନିଯୋଗ କରିବା ଉଚିତ। ପୁନଶ୍ଚ ବିଦେଶୀ ପୁଞ୍ଜି ପଛରେ ଅଧିକ ନ ଧାଇଁ ଆଭ୍ୟନ୍ତରୀଣ ସଞ୍ଚୟ ବୃଦ୍ଧି ଉପରେ ଧ୍ୟାନ ଦେବା ଉଚିତ। ସଞ୍ଚୟ ବୃଦ୍ଧି ହେଲେ ନିବେଶ ବୃଦ୍ଧି ହେବ ଏବଂ ଆର୍ଥିକ ଅଭିବୃଦ୍ଧି ହେବ।

ମୋ-୯୪୩୭୨୦୮୭୬୨

# ଆମେ କେତେ ସୁଖୀ



ଡା. ସୁରେନ୍ଦ୍ରନାଥ ପତି

ସୁଖ ବିଷୟରେ ଜାଣିବା ପୂର୍ବରୁ ତାହା କ'ଣ ଓ କିପରି ଲାଭ ହୋଇଥାଏ ପ୍ରଥମେ ଜାଣିବା। ହାପିନେସ୍ ବା ଖୁସି କହିଲେ ଏପରି ଏକ ମାନସିକ ଅବସ୍ଥାକୁ ବୁଝାଏ, ଯେଉଁଥିରେ ବ୍ୟକ୍ତି ସନ୍ତୁଷ୍ଟ ଥିବାଠାରୁ ଆରମ୍ଭକରି ଅତି ଆନନ୍ଦିତ ସ୍ତରକୁ ଯାଇଥାଏ। ଜୀବନରେ ସନ୍ତୁଷ୍ଟି ବ୍ୟକ୍ତିଗତ ଭାବରେ ସବୁଦିଗରୁ, ସବୁ କ୍ଷେତ୍ରରୁ ଲାଭ ହୋଇ 'ପୂର୍ଣ୍ଣକାମ' ଅବସ୍ଥା ପ୍ରାପ୍ତ ହୋଇଥାଏ ମାନବକୁ। ଖୁସି, ଆନନ୍ଦ, ଏନ୍‌ଜୟ କରିବା, ଅତି ଆନନ୍ଦିତ ଅବସ୍ଥା (ଇଉଫୋରିଆ) ପ୍ରାପ୍ତ ହେବା– ଏସବୁ କ୍ରମାନ୍ୱୟରେ ଗୋଟିଏ ସ୍ତରରୁ ଉଚ୍ଚତର ସ୍ତରକୁ ବୁଝାଏ। ବ୍ୟକ୍ତି ଖୁସି ରହିବା ପାଇଁ ଅନ୍ୟମାନଙ୍କ ଉପରେ ଅତ୍ୟଧିକ ନିର୍ଭର କରିବା ଅନାବଶ୍ୟକ। ଏହା ଆଲବର୍ଟ କାମ୍ୟୁଙ୍କ ଉକ୍ତି। ଆସନ୍ତୁ ଜାଣିବା ଅନ୍ୟ ଦାର୍ଶନିକମାନେ କ'ଣ ମତ ଦେଇଛନ୍ତି– ଫିଓଡର କହିଥିଲେ, ଖୁସିଟା ଖୁସିକୁ ହାସଲ କରିବାରେ ଥାଏ। ଲଙ୍ଗଫେଲୋ କହନ୍ତି, ହାପିନେସ୍ ଏକ ଆଲୋକବର୍ତ୍ତିକା ସଦୃଶ, ଯାହାର ମଧ୍ୟଭାଗ ଖଣ୍ଡିତ ନ ହୋଇଥିଲେ ରଙ୍ଗହୀନ ହୋଇଯାଏ।

୧୯୬୦ ମସିହାରୁ ବୈଜ୍ଞାନିକ କ୍ଷେତ୍ରରେ ହାପିନେସ୍ ବା ଖୁସି ବିଷୟରେ ରିସର୍ଚ୍ଚ ଚାଲିଛି– ଜେରୋଣ୍ଟୋଲୋଜି (ବୟସ୍କମାନଙ୍କ ବିଷୟ), ସୋସିଆଲ ସାଇକୋଲୋଜି, ଇକୋନୋମିକ୍ସ, କ୍ଲିନିକାଲ ମେଡିକାଲ ରିସର୍ଚ୍ଚ ଆଦି ଦିଗରେ। ଜାତିସଂଘର ୱାର୍ଲଡ ହାପିନେସ୍ ରିପୋର୍ଟ ୨୦୧୯ ପ୍ରକାଶ ପାଇଛି। ୬ଟି ମାନଦଣ୍ଡକୁ ଅବଲମ୍ବନ କରି ଏହା ପ୍ରସ୍ତୁତ କରାଯାଇଛି– ଆୟ, ସ୍ୱାଧୀନ ମନୋଭାବ, ବିଶ୍ୱାସ, ଉତ୍ତମ ଆୟୁ, ସାମାଜିକ ସମର୍ଥନ ଓ ବଦାନ୍ୟତା। ଏହି ପ୍ରୋଜେକ୍ଟରେ ପୃଥିବୀର ୧୫୬ଟି ଦେଶ ଅଂଶଗ୍ରହଣ କରିଥିଲେ। 'ହାଓ ହାପି ଦେୟାର ସିଟିଜେନ୍ସ ପରସିଭ ଦେମ୍‌ସେଲ୍‌ଭସ ଟୁ ବି'ର ରେଜଲ୍ଟ ପ୍ରକାଶ ପାଇଲା। ଏଥିରେ ୟୁରୋପର ଫିନ୍‌ଲାଣ୍ଡ ସର୍ବପ୍ରଥମ ସ୍ଥାନ ଅଧିକାର କରିଛି। ତା' ତଳକୁ ଡେନମାର୍କ, ନରୱେ, ଆଇସଲାଣ୍ଡ, ନେଦରଲାଣ୍ଡ, ସୁଇଜରଲାଣ୍ଡ, ସ୍ୱିଡେନ, ନ୍ୟୁଜିଲାଣ୍ଡ, କାନାଡା, ଅଷ୍ଟ୍ରିଆ ଯଥାକ୍ରମେ ସ୍ଥାନ ଅଧିକାର କରିଛନ୍ତି। ଏମାନେ ସବୁ କ୍ଷୁଦ୍ର ଦେଶ, ଜନସଂଖ୍ୟା କମ୍, ସମସ୍ୟା, ବେକାରି କମ୍। ଭାରତର ସ୍ଥାନ ୧୪୦ତମ, ଗତବର୍ଷ ୧୩୩ତମ ଥିଲା। ତେଣୁ ଭାରତରେ ସୁଖର ଅବସ୍ଥା ଖରାପ ଆଡ଼କୁ ଯାଉଛି। ଏଥିରେ ଆମେରିକାର ସ୍ଥାନ ୧୯, ବ୍ରିଟେନ ୧୫, ଜର୍ମାନୀ ୧୭ ଓ ଜାପାନ ୫୮ତମ ସ୍ଥାନରେ ରହିଛି। ଜଣାପଡେ ବୃହତ୍, ପ୍ରତିପତ୍ତିଶାଳୀ ଦେଶଗୁଡ଼ିକରେ ବହୁମୁଖୀ ସମସ୍ୟା ଦେଖାଯାଉଥିବାରୁ ଜନସାଧାରଣ ଦୁଃଖରେ ଅଛନ୍ତି। ସେହି ଦେଶଗୁଡ଼ିକରେ ନକାରାତ୍ମକ ଚିନ୍ତାଧାରା, ବ୍ୟସ୍ତତା, ଦୁଃଖ, କ୍ରୋଧ ଆଦି ବୃଦ୍ଧି ପାଇବାରୁ ସ୍ଥାନ ତଳକୁ ତଳ ଖସିଛି। ମୋଟାମୋଟି ଭାବରେ ଏକବିଂଶ ଶତାବ୍ଦୀରେ ଦେଶର ଜନସାଧାରଣ ପ୍ରଗତି ହାସଲ କରିବା ପାଇଁ ପରସ୍ପର ମଧ୍ୟରେ ଅର୍ଥନୈତିକ, ରାଜନୈତିକ, ସାମାଜିକ ଆଦି କ୍ଷେତ୍ରରେ ପ୍ରତିଯୋଗିତା ଆରମ୍ଭ କରିବାରୁ ଈର୍ଷା, ଦ୍ୱେଷ, ପରଶ୍ରୀକାତରତା ବୃଦ୍ଧି ପାଇଛି, ଯାହାକି ମାନସିକ କ୍ଷେତ୍ରରେ ନକାରାତ୍ମକ ପ୍ରଭାବ ପକାଉଛି।

ଅନ୍ୟ ଏକ ମତରେ ସମଗ୍ର ଜୀବନରେ ବ୍ୟକ୍ତି ଯାହା ଲାଭ କରେ ସେଥିରେ ଯଦି ସନ୍ତୁଷ୍ଟ ହୋଇପାରିଲା ତାହା ହିଁ ପ୍ରକୃତ ହାପିନେସ୍। ଆରିଷ୍ଟଟଲଙ୍କ ମତରେ ହାପିନେସ ନିଜ ଉପରେ ନିର୍ଭର କରେ। ମନୁଷ୍ୟ ଖୁସିକୁ କେବଳ ନିଜ ପାଇଁ ଆଶା କରେ, ଧନସମ୍ପଦ, ସମ୍ମାନ ଆଦିକୁ ନୁହେଁ। ଉତ୍ତମ ସ୍ୱାସ୍ଥ୍ୟ, ଧନ, ସମ୍ମାନ ସୁଖ ପ୍ରାପ୍ତି ପାଇଁ ପ୍ରଧାନ ସହାୟକ। ବିବେକ ଅନୁସାରେ କର୍ମ କରିବାରେ ଯେଉଁ ସୁଖ ମିଳେ, ନୈତିକତା ସହ କାର୍ଯ୍ୟନିର୍ବାହ କଲେ ତାହା ମଧ୍ୟ ହାସଲ ହୁଏ। ବୌଦ୍ଧଧର୍ମରେ ନିର୍ବାଣ ଲାଭ ହିଁ ଅନ୍ତିମ ସୁଖ। ଦୟା, କରୁଣା, ଅନ୍ୟର ସୁଖକାମନା ଦ୍ୱାରା ବ୍ୟକ୍ତି ନିଜେ ସୁଖୀ ହୋଇଥାଏ। ହିନ୍ଦୁଧର୍ମରେ ଆତ୍ମା ଓ ବ୍ରହ୍ମ ଏକ ବୋଲି ଅଦ୍ୱୈତ ବେଦାନ୍ତ କହନ୍ତି। ଖ୍ରୀଷ୍ଟଧର୍ମ, ଇସଲାମ ଧର୍ମ, ଜୈନ ଓ ଇହୁଦୀଙ୍କ ଧର୍ମରେ ମଧ୍ୟ ଏକାପରି ବର୍ଣ୍ଣନା ଅଛି। ଜୀବନର ଅନ୍ତିମ ଲକ୍ଷ୍ୟ ହିଁ ସୁଖପ୍ରାପ୍ତି। ମନୋବିଜ୍ଞାନୀ ସିଗ୍‌ମଣ୍ଡ ଫ୍ରଏଡ କହିଥିଲେ, ପ୍ରତ୍ୟେକ ବ୍ୟକ୍ତି ଖୁସି ପାଇବାକୁ ଚାହେଁ, କିନ୍ତୁ ପ୍ରତ୍ୟେକେ ଏହା ପାଇ ପାରନ୍ତି ନାହିଁ। କାରଣ ସେମାନେ ତୁଳନା କରି ସୁଖ ଲାଭ କରନ୍ତି, ପ୍ରକୃତ ଅବସ୍ଥାରୁ ଯେତେ ନୁହେଁ। ଦେଶରେ ଜିଡିପି (ଗ୍ରସ୍ ଡୋମେଷ୍ଟିକ ପ୍ରଡକ୍ଟ) ଓ ଜିଏନ୍‌ପି (ଗ୍ରସ୍ ନ୍ୟାଶନାଲ ପ୍ରଡକ୍ଟ)କୁ ମାନଦଣ୍ଡ ଭାବରେ ଧରାଯାଏ। ସାଧାରଣତଃ ଧନୀ ରାଷ୍ଟ୍ରମାନେ ଗରିବ ରାଷ୍ଟ୍ରଠାରୁ ଅଧିକ ଆନନ୍ଦମୟ ଅବସ୍ଥା ହାସଲ କରିଥାନ୍ତି। ପରନ୍ତୁ ଦେଖାଯାଇଛି, ଧନସମ୍ପଦ ଅଧିକ ହେଲେ ଏହା କମି କମି ଯାଏ। କାଟେ ଥିଙ୍କ୍ ଟ୍ୟାଙ୍କ ମତରେ, ଅର୍ଥନୈତିକ ସ୍ୱାଧୀନତା ସହିତ ହାପିନେସ୍‌ର ଦୃଢ଼ ସମ୍ବନ୍ଧ ଅଛି। ଏଥିରେ ଫ୍ରିପ୍ରେସ୍ ଓ ଗଣତନ୍ତ୍ର ଜଡିତ ହୋଇଛନ୍ତି। ପୂର୍ବ ୟୁରୋପର କମ୍ୟୁନିଷ୍ଟ ଦେଶଗୁଡ଼ିକ ବିଶ୍ୱର ଅତି ଗରିବ ଦେଶଙ୍କଠାରୁ କମ୍ ଖୁସିରେ ଥିଲେ। ନୋଟ୍ରଡାମ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ବେଞ୍ଜାମିନ ରାଡକ୍ଲିଫ ମତ ଦିଅନ୍ତି–ଗଣତାନ୍ତ୍ରିକ ଦେଶଗୁଡ଼ିକରେ ଜୀବନରେ ସନ୍ତୁଷ୍ଟିର ସାମାଜିକ ଓ ଗଣତାନ୍ତ୍ରିକ ବ୍ୟବସ୍ଥା ଶ୍ରମିକମାନଙ୍କର ସୁଖ ସୁବିଧା, ମଧ୍ୟବିତ୍ତ ଶ୍ରେଣୀ ପାଇଁ ଉତ୍ତମ ମଜୁରି ବ୍ୟବସ୍ଥା ଉପରେ ନିର୍ଭରଶୀଳ। ଏହି ମଧ୍ୟବିତ୍ତ ଗୋଷ୍ଠୀ ହିଁ ଦେଶର ପ୍ରତିନିଧିତ୍ୱ କରନ୍ତି। ପାରମ୍ପରିକ ବ୍ୟବସ୍ଥାକୁ ଧୂଳିସାତ୍ କରି ସୁଖର ମାର୍ଗ ଆପଣାଇବା ଅନୁଚିତ। ଦେଶର ସରକାର ନାଗରିକଙ୍କୁ ନିଜ ଇଚ୍ଛାରେ ଆଗେଇଯିବାକୁ ସ୍ୱାଧୀନତା ଦେବା ଦରକାର। ଉତ୍ତମ ମାନସିକ ସ୍ୱାସ୍ଥ୍ୟ ଏବଂ ଭଲ ସମ୍ପର୍କ ବହୁଗୁଣରେ ଉତ୍ତମ ସୁଖର କାରଣ ହୋଇଥାନ୍ତି। ତାହା ଅର୍ଥ ବା ଟଙ୍କା ଦ୍ୱାରା ପ୍ରାପ୍ତ ହୋଇ ନ ଥାଏ।

ରେଣୁକା ଏନ୍‌କ୍ଲେଭ, ବଡ଼ଶଙ୍ଖ, ପୁରୀ,
ମୋ-୯୪୩୭୪୯୪୭୭୬

## ଏଇ ଭାରତରେ

ଯେତେ ବାଧା ଥାଉ ପଛେ ମତଦାନ ଏକ ଅଧିକାର ଓ ରାଷ୍ଟ୍ର ନିର୍ମାଣରେ ପ୍ରତିଟି ମତର ମୂଲ୍ୟ ରହିଛି, ଯାହା ପ୍ରତିପାଦିତ ହୋଇଛି ଛତିଶଗଡ଼ର ଚିତ୍ରକୋଟ ବିଧାନସଭା ଉପନିର୍ବାଚନରେ। ସଡ଼କ ନାହିଁ, ପାହାଡ଼ିଆ ରାସ୍ତାରେ ଏହି ନିର୍ବାଚନମଣ୍ଡଳୀର ମତଦାତାମାନେ ୧୦ରୁ ୨୦ କିଲୋମିଟର ଚାଲି ଚାଲି ଯାଇ ମତଦାନ କରିଛନ୍ତି। କେଉଁ ପାର୍ଟିରୁ କିଏ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ତାହା ନ ଜାଣି ବି ମତଦାନ କରିଛନ୍ତି ଏଠାକାର ମତଦାତାମାନେ। ପହଞ୍ଚିବାରେ ଥିବା ବାଧାକୁ ଦୃଷ୍ଟିରେ ରଖି ଉକ୍ତ ନିର୍ବାଚନମଣ୍ଡଳୀର ସୁଲେଙ୍ଗା ମତଦାନ କେନ୍ଦ୍ରକୁ ସତସପୁର ପ୍ରାଥମିକ ସ୍କୁଲକୁ ସ୍ଥାନାନ୍ତର କରାଯାଇଥିଲା। ମତଦାତାମାନଙ୍କୁ ପାହାଡ଼ ପାର ହୋଇ ସତସପୁରରେ ପହଞ୍ଚିବା ପାଇଁ ୧୦ କିଲୋମିଟରରୁ ଊର୍ଦ୍ଧ୍ୱ ଚାଲିବାକୁ ପଡିଛି। କେବଳ ଏତିକି ନୁହେଁ କୁଡୁମଖୋଦରା ମତଦାନ କେନ୍ଦ୍ରକୁ ବସିପୁରସ୍ଥିତ ବାଳକ ଆଶ୍ରମକୁ ସ୍ଥାନାନ୍ତର କରାଯାଇଥିଲା। ମତଦାନ କରିବା ପାଇଁ ମତଦାତାମାନେ ୨୦ କିଲୋମିଟର ଚାଲି ଚାଲି ବୁଥ୍‌ରେ ପହଞ୍ଚିଥିଲେ। ସକାଳୁ ଉଠି ସେମାନେ ମତଦାନ କେନ୍ଦ୍ର ଅଭିମୁଖେ ଚାଲିବା ଆରମ୍ଭ କରିଦେଇଥିଲେ। ଯିଏ ଜିତିବେ ସେ ଗାଁ ଯାଏ ସଡ଼କ ନିର୍ମାଣ କରିଦେବେ ବୋଲି ଭାବି ସେମାନେ ଏପରି ସବୁଥର ଭୋଟ ଦେଉଛନ୍ତି। ମତଦାତାମାନଙ୍କ ମଧ୍ୟରୁ ଅଧିକାଂଶ କେଉଁ ଦଳରୁ କିଏ ନିର୍ବାଚନ ଲଢୁଛନ୍ତି ତାହା ଜାଣି ନ ଥିଲେ ବି ପାର୍ଟିକୁ ଲକ୍ଷ୍ୟ କରି ଭୋଟ ଦେଇଛନ୍ତି। ଏମିତିକି ପ୍ରାର୍ଥୀମାନଙ୍କ ନାମ ଜାଣିବାର ଆବଶ୍ୟକତା ନାହିଁ ବୋଲି ଅନେକ ମତ ଦେଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୩ ଅକ୍ଟୋବର ୧୯୯୪**

- ବ୍ୟାଙ୍କ ସେବା କ୍ଷେତ୍ରରେ ସହଯୋଗ ଏବଂ ଭିଜା ପ୍ରଦାନ କ୍ଷେତ୍ରରେ ଭାରତ ଓ ଚାଇନା ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ।
- ଜାତିସଂଘର ପ୍ରସ୍ତାବ ଅନୁଯାୟୀ ଇରାକର ବାଗଦାଦରେ ଅବସ୍ଥିତ କ୍ଷେପଣାସ୍ତ୍ର ଉତ୍ପାଦନ କାରଖାନା ତା'ର ଉତ୍ପାଦନ ବନ୍ଦ କରିଛି।
- ସାରାୟେଭୋ ଚତୁଃପାର୍ଶ୍ୱରେ ଥିବା ବେସାମରିକ ଅଞ୍ଚଳରୁ ସୈନ୍ୟ ପ୍ରତ୍ୟାହାର କରି ଆଣିବା ପାଇଁ ଜାତିସଂଘ ପକ୍ଷରୁ ବୋସନିଆ ସରକାରଙ୍କୁ ଆହ୍ୱାନ।

## ପାଠକ ଶ୍ରେଷ୍ଠ ବିଚାରକ

### ସିଟିଇଟି ପରୀକ୍ଷାଫଳ

ମହାଶୟ,

ଗତ ଜୁଲାଇ ଶେଷରେ ସିଟିଇଟି (ସେଣ୍ଟ୍ରାଲ ଟିଚର୍ସ ଏଲିଜିବିଲିଟି ଟେଷ୍ଟ) ପରୀକ୍ଷା ଫଳ ପ୍ରକାଶ ପାଇଥିଲା। ଏହି ପରୀକ୍ଷା ଦେଶର ୧୦୪ଟି ସହରରେ ୨୯୪୨ଟି କେନ୍ଦ୍ରରେ ସିବିଏସ୍‌ଇ ଦ୍ୱାରା କରାଯାଇଥିଲା। ଏଥିରେ ୨୩.୭୭ ଲକ୍ଷ ପରୀକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ପାସ୍ କଲେ ମାତ୍ର ୩.୫୨ ଲକ୍ଷ। ପାସ୍ ହାର ଥିଲା ମାତ୍ର ୧୪.୮ ପ୍ରତିଶତ। ଏହି ପରୀକ୍ଷାର୍ଥୀମାନେ ଦଶମ ବା ଦ୍ୱାଦଶ ଶ୍ରେଣୀ ପାସ୍ କରିଥିବେ। ତଦୂର୍ଦ୍ଧ୍ୱ ଯୋଗ୍ୟତାଧାରୀ ଶିକ୍ଷକ ତାଲିମ ମଧ୍ୟ ପାଇଥିବେ। ତେଣୁ ଏମାନଙ୍କ ମଧ୍ୟରୁ ମାତ୍ର ୧୫ ପ୍ରତିଶତ ଯୋଗ୍ୟ ବିବେଚିତ ହୋଇ ଅବଶିଷ୍ଟ ୮୫ ପ୍ରତିଶତ ଅଯୋଗ୍ୟ ଘୋଷିତ ହେବା ଦୁର୍ଭାଗ୍ୟଜନକ। ଆମ ଦେଶରେ ଶିକ୍ଷାର ଗୁଣାତ୍ମକ ମାନର ଦ୍ରୁତ ଅବକ୍ଷୟକୁ ଏହା ପ୍ରମାଣିତ କରୁଛି। ଏହା ଘୋର ଚିନ୍ତାର ବିଷୟ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ବାଂଲାଦେଶୀଙ୍କ ରାସ୍ତା ଜବରଦଖଲ

ସେପ୍ଟେମ୍ବର ୩୦ ତାରିଖରେ ଆର୍‌ଟିଓ-୧ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ କରାଯାଇଛି। କିନ୍ତୁ ଖାରବେଳନଗର ନୀଳାଚଳ ହସ୍ପିଟାଲ ସମ୍ମୁଖ ଦେଇ ଯାଇଥିବା ରାସ୍ତା ଉପରେ କାହାରି ଦୃଷ୍ଟି ନାହିଁ। ଏହି ରାସ୍ତାର ଦୁଇପାର୍ଶ୍ୱରେ କବାଡିବାଲାଙ୍କ ଜିନିଷପତ୍ର ବସ୍ତାରେ ବନ୍ଧାହୋଇ ରାସ୍ତା ଉପରେ ଗଦା ହୋଇଥିବାରୁ ରାସ୍ତା ସଙ୍କୁଚିତ ହୋଇ ଗାଡିମୋଟର ଯିବାଆସିବାରେ ବାଧା ଉପୁଜୁଛି। ରାସ୍ତାକଡରେ ଥିବା ଡ୍ରେନ ଓ ଜାଗାରେ କବାଡିଆମାନେ ଘର କରି ସେଠାରେ ଅଦରକାରୀ ସାମଗ୍ରୀ ଗଦେଇ ରାସ୍ତା ଅବରୋଧ କରିଛନ୍ତି। ବିଏମ୍‌ସି ଆଶ୍ରୟସ୍ଥଳୀ ନିକଟରେ ଶହ ଶହ ଟ୍ରଲି ରିକ୍ସା ରଖାଯାଇଛି। ସେମାନେ ବିଏମ୍‌ସିଠାରୁ ଉକ୍ତ ଜାଗାକୁ ଲିଜ୍‌ରେ ନେଇଥିବା ପରି ଲାଗୁଛି। ସେଠାରେ ରହୁଥିବା ଅଧିକାଂଶ ବ୍ୟକ୍ତି ବାଂଲାଦେଶୀ କିନ୍ତୁ ସେମାନେ ନିଜକୁ ପଶ୍ଚିମବଙ୍ଗର ବୋଲି କହୁଛନ୍ତି। ତେଣୁ ବିଏମ୍‌ସି କମିଶନର ନିଜେ ଉକ୍ତ ରାସ୍ତା ପରିଦର୍ଶନ କରି ବିହିତ ପଦକ୍ଷେପ ନିଅନ୍ତୁ। ତୁରନ୍ତ ଉକ୍ତ ରାସ୍ତାରୁ ଅବରୋଧ ହଟାଯାଉ। ଏଠାରେ ବସବାସ କରୁଥିବା ଲୋକମାନେ କେଉଁ ଦେଶର ତାହା ଚିହ୍ନଟ କରାଯାଉ।

ସତ୍ୟପ୍ରକାଶ ମହାନ୍ତି, ଖାରବେଳନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ନୀରିହ ଲୋକ କେବେବି କ୍ଷମା ଦେଇ ପାରନ୍ତିନି, କ୍ଷମା ଦେବା ଶକ୍ତିଶାଳୀ ଲୋକଙ୍କ ବିଶେଷତା ଅଟେ।

- ମହାତ୍ମା ଗାନ୍ଧୀ



# ମତଦାନ ହାର ୭୯.୧୭ %

## ବିଜେପୁର ଉପନିର୍ବାଚନ




- ଭୋଟ ଗଣନା ପାଇଁ ପ୍ରସ୍ତୁତି ଶେଷ
- ୧୪ ଟେବୁଲରେ ହେବ ଗଣତି
- ପ୍ରତ୍ୟେକ ଟେବୁଲ ପାଇଁ ଜଣେ ମାଇକ୍ରୋ ଅବ୍‌ଜରଭର
- ଗଣନା କାର୍ଯ୍ୟରେ ନିୟୋଜିତ ହେବେ ୧୦୩ କର୍ମଚାରୀ

ଭୁବନେଶ୍ୱର,୨୨।୧୦(ବ୍ୟୁରୋ)

ବିଜେପୁର ବିଧାନସଭା ଉପନିର୍ବାଚନ ପାଇଁ ଭୋଟ ଗଣତି ଆସନ୍ତା ୨୪ ତାରିଖରେ ଅନୁଷ୍ଠିତ ହେବ। ଏ ନେଇ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ମଙ୍ଗଳବାର ଭୋଟ ଗଣନା ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ କହିଛନ୍ତି ଯେ ସକାଳ ୮ଟାର ଭୋଟ ଗଣନା ଆରମ୍ଭ ହେବ। ଇଲେକ୍ଟ୍ରୋନିକ ବ୍ୟବସ୍ଥା ମାଧ୍ୟମରେ ସର୍ଭିସ ଭୋଟରମାନଙ୍କର ମତ ସଂଗ୍ରହ କରାଯାଇଛି। ପ୍ରଥମେ ସେହି ଭୋଟଗୁଡିକୁ ଅନ୍‌ଲାଇନ ମାଧ୍ୟମରେ ଗଣନା କରାଯିବ। ଏଥିସହିତ ପୋଷ୍ଟାଲ ବାଲଟ ମଧ୍ୟ ଗଣନା ହେବ। ଇଲେକ୍ଟ୍ରୋନିକ ଭୋଟିଂ ମେଶିନ ଗଣନା ମଧ୍ୟ ଏକା ସାଙ୍ଗରେ ଚାଲିବ। ଭୋଟ ଗଣନା ପାଇଁ ୧୪ଟି ଟେବୁଲ କରାଯାଇଛି। ପ୍ରତ୍ୟେକ ଟେବୁଲ ପାଇଁ ଜଣେ କେନ୍ଦ୍ର ସରକାରଙ୍କ କର୍ମଚାରୀ ମାଇକ୍ରୋ ଅବ୍‌ଜରଭର ରହିବେ। ଏଥିସହିତ କାଉଣ୍ଟିଂ ସୁପରଭାଇଜର ଏବଂ କାଉଣ୍ଟିଂ ସହାୟକ ମଧ୍ୟ ପ୍ରତ୍ୟେକ ଟେବୁଲ ପାଇଁ ନିୟୋଜିତ ରହିବେ। ପ୍ରତ୍ୟେକ ଟେବୁଲ ପାଇଁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କର ଜଣେ ଲେଖାଏ ପ୍ରତିନିଧି ଉପସ୍ଥିତ ରହିବେ। ୧୦୩ ଜଣ କର୍ମଚାରୀଙ୍କୁ ଗଣନା କାର୍ଯ୍ୟରେ ନିୟୋଜିତ କରାଯିବ। ସେମାନଙ୍କୁ ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ ଦିଆଯାଇଥିବା ବେଳେ ବୁଧବାର ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଦିଆଯିବ। ଭାରତର ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ ମୁତାବକ ବିଭିନ୍ନ ବୁଥ୍‌ର ୫ଟି ଭିଭିପିଏଟିକୁ ସ୍ଲିପ୍‌କୁ ଗଣତି ଶେଷରେ ଟ୍ୟାଲି କରାଯିବ। ଭୋଟଗଣନା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ମିଡିଆ ସେଣ୍ଟର ଖୋଲାଯିବ। ଜିଲା ସୂଚନା ଅଧିକାରୀ ଏହାର ଦାୟିତ୍ୱରେ ରହିବେ ବୋଲି ଲୋହାନୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ବିଜେପୁର ଉପନିର୍ବାଚନରେ ୭୯.୧୭ ପ୍ରତିଶତ ମତଦାନ ହୋଇଛି। ୨୦୧୯ ସାଧାରଣ ନିର୍ବାଚନ ୭୯ ପ୍ରତିଶତ ହୋଇଥିବା ବେଳେ ୨୦୧୮ ଉପନିର୍ବାଚନରେ ମତଦାନ ହାର ୮୨% ହୋଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଥିଲେ। ଗତ ସାଧାରଣ ନିର୍ବାଚନଠାରୁ ମାତ୍ର .୧୭ ପ୍ରତିଶତ ଅଧିକ ମତଦାନ ହୋଇଛି।

SBC ସମ୍ବଲପୁରୀ ବସ୍ତ୍ରାଳୟ

କାଳୀପୂଜା ଓ ଦୀପାବଳି ଉପଲକ୍ଷେ ବିଶେଷ ସରକାରୀ ରିହାତି

୧୦% + ୨୦%

ତା୨୧।୧୦।୨୦୧୯ରୁ ତା୨୭।୧୦।୨୦୧୯ ପର୍ଯ୍ୟନ୍ତ

ନୂତନ ବସ୍ତ୍ରର ସମ୍ଭାର

ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ି, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ଶିଟ୍, ସୁଟ୍ ସେଟ୍ ଇତ୍ୟାଦି

ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ।

# ଭୁବନେଶ୍ୱରରେ ଇଏସ୍‌ଆଇସି ମେଡିକାଲ କଲେଜ ସ୍ୱପ୍ନ ମଉଳିଲା

ଭୁବନେଶ୍ୱର,୨୨।୧୦(ବ୍ୟୁରୋ)



ଆଞ୍ଚଳିକ ଶ୍ରମ ସମ୍ମିଳନୀକୁ କେନ୍ଦ୍ର ଶ୍ରମ ଓ କର୍ମଚାରୀ ରାଷ୍ଟ୍ରମନ୍ତ୍ରୀ ସନ୍ତୋଷ ଗଙ୍ଗଓ୍ୱାର ଉଦ୍‌ଘାଟନ କରୁଛନ୍ତି।

ଶ୍ରମିକମାନଙ୍କ ପାଇଁ ଭୁବନେଶ୍ୱରରେ ହେବାକୁ ଥିବା ପ୍ରସ୍ତାବିତ କର୍ମଚାରୀ ରାଜ୍ୟ ବୀମା ନିଗମ(ଇଏସ୍‌ଆଇସି) ମେଡିକାଲ କଲେଜ ହେବ ନାହିଁ। ଓଡ଼ିଶା ଗସ୍ତରେ ଆସିଥିବା କେନ୍ଦ୍ର ଶ୍ରମ ଓ କର୍ମଚାରୀ ରାଷ୍ଟ୍ରମନ୍ତ୍ରୀ ସନ୍ତୋଷ ଗଙ୍ଗଓ୍ୱାର ଏହି ସୂଚନା ଦେଇଛନ୍ତି। ମଙ୍ଗଳବାର ଏଠାରେ ଆୟୋଜିତ ଆଞ୍ଚଳିକ ଶ୍ରମ ସମ୍ମିଳନୀରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ହସ୍ପିଟାଲ ସ୍ଥାପନ କରିବାକୁ ଶ୍ରମ ବିଭାଗ ଉପରେ କଟକଣା ଲଗାଯାଇଛି। ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ ହସ୍ପିଟାଲ ସ୍ଥାପନ କରିବା ନୁହେଁ, ଶ୍ରମିକମାନଙ୍କ କଲ୍ୟାଣ ଉପରେ ଦୃଷ୍ଟିଦେବା ଶ୍ରମ ବିଭାଗର କାମ। ପାରାଦୀପ, ଜୟପୁର, ବାଲେଶ୍ୱର ଏବଂ ବ୍ରହ୍ମପୁରରେ ଇଏସ୍‌ଆଇ ହସ୍ପିଟାଲ ସ୍ଥାପନ କରିବା ନେଇ କେନ୍ଦ୍ର ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର ସମସ୍ତ ସର୍ତ୍ତ ପୂରଣ କରିପାରିଲେ ହସ୍ପିଟାଲ କରିବା ନେଇ ବିଚାର କରାଯିବ। ଭୁବନେଶ୍ୱରରେ ଏକ ଇଏସ୍‌ଆଇ ହସ୍ପିଟାଲ ସ୍ଥାପନ କରିବା ନେଇ ରାଜ୍ୟ ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ ଗତ ବର୍ଷ ବିଧାନସଭାରେ ସୂଚନା ଦେଇଥିଲେ। ୨୦୦୮ ଅକ୍ଟୋବର ୭ ତାରିଖରେ ଇଏସ୍‌ଆଇସି ରାଜଧାନୀ ଉପକଣ୍ଠରେ ଏକ ମେଡିକାଲ କଲେଜ ସ୍ଥାପନ କରିବାକୁ ନିଷ୍ପତ୍ତି ନେଇଥିଲା। କେନ୍ଦ୍ରର ଉପା ସରକାର ସମୟରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏଥିପାଇଁ ରାଜ୍ୟ ସରକାର ୨୫ ଏକର ଜମି ଯୋଗାଇ ଦେଇଥିଲେ। ଦୀର୍ଘ ୧୦ ବର୍ଷ ବିତିଯାଇଥିଲେ ସୁଦ୍ଧା ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। କେନ୍ଦ୍ର ଶ୍ରମ ରାଷ୍ଟ୍ରମନ୍ତ୍ରୀଙ୍କ ମେଡିକାଲ କଲେଜ ସ୍ଥାପନକୁ ପ୍ରତ୍ୟାଖ୍ୟାନ ପରେ ଭୁବନେଶ୍ୱରେ ଇଏସ୍‌ଆଇସି ହସ୍ପିଟାଲର ଭବିଷ୍ୟତ ଶୀତଳଭଣ୍ଡାରକୁ ଚାଲିଯାଇଛି। ଏହି ସମ୍ମିଳନୀରେ ଯୋଗ ଦେଇ ମନ୍ତ୍ରୀ କହିଛନ୍ତି ଯେ କେନ୍ଦ୍ର ସରକାର ଶ୍ରମ ଆଇନରେ ସଂଶୋଧନ କାର୍ଯ୍ୟ ଜାରି ରଖିଛନ୍ତି। କେବଳ ସର୍ବନିମ୍ନ ମଜୁରି ଆଇନରେ ସଂଶୋଧନ କରାଯାଇଛି। ପ୍ରତ୍ୟେକ ଜିଲାରେ ଇଏସ୍‌ଆଇ ହସ୍ପିଟାଲ କରିବାକୁ ପ୍ରଧାନମନ୍ତ୍ରୀ ଲକ୍ଷ୍ୟ ରଖିଛନ୍ତି। ଯେଉଁଠି ଆବଶ୍ୟକ ସେଠାରେ ଇଏସ୍‌ଆଇ ହସ୍ପିଟାଲ ହେବ। ଯେଉଁଠି ୨୦ ହଜାର ଶ୍ରମିକ କାର୍ଯ୍ୟ କରୁଥିବେ ସେଠାରେ ହସ୍ପିଟାଲ ଖୋଲିବ। ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ ଅଞ୍ଚଳରେ ୧୦୦ ବେଡ୍‌ର ହସ୍ପିଟାଲ ଖୋଲାଯିବ। ସର୍ବନିମ୍ନ ମଜୁରି ରାଜ୍ୟ ସରକାରଙ୍କ ସହମତିରେ ସ୍ଥିର କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

### ଆଞ୍ଚଳିକ ଶ୍ରମ ସମ୍ମିଳନୀ

- ସବୁ ଜିଲାରେ ହସ୍ପିଟାଲ ହେବ
- ଶ୍ରମିକ ସମସ୍ୟା ବୁଝିବା ଆମ କାମ, ମେଡିକାଲ କଲେଜ ସ୍ଥାପନ ନୁହେଁ: କେନ୍ଦ୍ର ଶ୍ରମମନ୍ତ୍ରୀ
- ପେନ୍‌ସନ ଯୋଜନାରେ ୩୩ ଲକ୍ଷ ଅଣସଂଗଠିତ ଶ୍ରମିକ ସାମିଲ
- ପାରାଦୀପ, ଜୟପୁର, ବାଲେଶ୍ୱର, ବ୍ରହ୍ମପୁରରେ ଇଏସ୍‌ଆଇ ହସ୍ପିଟାଲ ସ୍ଥାପନ କରିବାକୁ ରାଜ୍ୟ ସରକାରଙ୍କ ପ୍ରସ୍ତାବ
- ଇପିଏଫ୍‌ଓ, ଇଏସ୍‌ଆଇସି ସେବାରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ

ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ କହିଛନ୍ତି ଯେ ପାରାଦୀପ, ଜୟପୁର, ବାଲେଶ୍ୱର ଏବଂ ବ୍ରହ୍ମପୁରରେ ଇଏସ୍‌ଆଇ ହସ୍ପିଟାଲ ସ୍ଥାପନ କରିବା ନେଇ କେନ୍ଦ୍ରକୁ ବାରମ୍ବାର ଜଣାଇଛୁ। ଭୁବନେଶ୍ୱରରେ ମେଡିକାଲ କଲେଜ ଖୋଲିବାକୁ ମଧ୍ୟ ଦାବି କରାଯାଇଛି। କେନ୍ଦ୍ର ସରକାର ବିଭିନ୍ନ ସ୍ଥାନରେ ଇଏସ୍‌ଆଇସି ମେଡିକାଲ କଲେଜ ହସ୍ପିଟାଲ କରୁଛନ୍ତି। ଆମ ଦାବି ଉପରେ କେନ୍ଦ୍ର ବିଚାର କରିବାକୁ ଅନୁରୋଧ କରାଯାଇଛି ବୋଲି ସେ କହିଛନ୍ତି। ଗଙ୍ଗଓ୍ୱାର କହିଛନ୍ତି ଯେ 'ଶ୍ରମିକ'ମାନେ ଯୁଗ୍ମ ତାଲିକାରେ ଆସୁଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଶ୍ରମିକଙ୍କ କଲ୍ୟାଣ ପାଇଁ ସମନ୍ୱିତ ପ୍ରୟାସ କରିବା ଦରକାର। କେନ୍ଦ୍ର ସରକାରଙ୍କ ଦ୍ୱାରା କେନ୍ଦ୍ରୀୟ ଶ୍ରମ ଆଇନ ପ୍ରଣୟନ କରାଯାଇଥାଏ। ରାଜ୍ୟ ସରକାର ଏହାକୁ ଲାଗୁ କରିଥାନ୍ତି। ରାଜ୍ୟର ଭୌଗୋଳିକ ଓ ଜନସଂଖ୍ୟା ସ୍ଥିତିକୁ ଦେଖି କେନ୍ଦ୍ର ସରକାର ସେଥିରେ ପରିବର୍ତ୍ତନ ଆଣିଥାନ୍ତି ବୋଲି କେନ୍ଦ୍ର ମନ୍ତ୍ରୀ କହିଥିଲେ। କେନ୍ଦ୍ର ସରକାର ଦେଶରେ ଶ୍ରମଶକ୍ତିର କଲ୍ୟାଣ ପାଇଁ ଅନେକ ପଦକ୍ଷେପ ନେଇଛନ୍ତି। ଚଳିତ ବର୍ଷ ଅଗଷ୍ଟ ମାସରେ ପାର୍ଲାମେଣ୍ଟରେ ମଜୁରି ସଂହିତା ଅନୁମୋଦନ ଲାଭ କରିଥିଲା। ରାଜ୍ୟ ସରକାର ଏହାକୁ ଲାଗୁ କରିବା ପାଇଁ ନିୟମ ପ୍ରଣୟନ କରିବା ସହ ସର୍ବନିମ୍ନ ମଜୁରି ନିର୍ଦ୍ଧାରଣ କରିବା ଉଚିତ। ଏଥିସହିତ ଅଧିକ ସଂଖ୍ୟକ ଅସଂଗଠିତ କ୍ଷେତ୍ରର ଶ୍ରମଜୀବୀଙ୍କୁ ଏହାଦ୍ୱାରା ଲାଭାନ୍ୱିତ କରିବା ଲାଗି ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା ଆବଶ୍ୟକ।

ବୃତ୍ତିଗତ ନିରାପତ୍ତା, ସ୍ୱାସ୍ଥ୍ୟ ଓ କାର୍ଯ୍ୟ କରିବାର ସ୍ଥିତି ଆଇନ ଲୋକସଭାରେ ଉପସ୍ଥାପନ କରାଯିବା ପରେ ସଂସଦୀୟ ଷ୍ଟାଣ୍ଡିଂ କମିଟିକୁ ପଠାଇଦିଆଯାଇଛି। ଏହା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଆଇନ ଯେଉଁଥିରେ ୧୩ଟି କେନ୍ଦ୍ର ଆଇନ ଅନ୍ତର୍ଭୁକ୍ତ ରହିଛି। ଶ୍ରମ ଆଇନକୁ ସରଳୀକରଣ କରିବା ସହ କେନ୍ଦ୍ର ସରକାର ଅଣସଂଗଠିତ କ୍ଷେତ୍ରର ଶ୍ରମିକ, କ୍ଷୁଦ୍ର ବ୍ୟବସାୟୀ ଓ ସ୍ୱାବଲମ୍ବୀ ଲୋକଙ୍କ ପାଇଁ ପେନ୍‌ସନ ଯୋଜନାର ଶୁଭାରମ୍ଭ କରିଛନ୍ତି। ପାଖାପାଖି ୩୩ ଲକ୍ଷ ଅଣସଂଗଠିତ କ୍ଷେତ୍ରର ଶ୍ରମିକ ପେନ୍‌ସନ ଯୋଜନାରେ ପଞ୍ଜୀକୃତ ହୋଇଛନ୍ତି। ଏହି ଯୋଜନାରେ ପ୍ରାୟ ୪୦କୋଟି ଶ୍ରମିକଙ୍କୁ ଯୋଡ଼ିବା ଲାଗି ରାଜ୍ୟ ସରକାରଙ୍କ ସହଯୋଗ ଜରୁରୀ ବୋଲି ଗଙ୍ଗଓ୍ୱାର କହିଛନ୍ତି। ଇପିଏଫ୍‌ଓ ଏବଂ ଇଏସ୍‌ଆଇସି ସେବାରେ ଉନ୍ନତି ଆଣିବା ଲାଗି ସୂଚନା ପ୍ରଯୁକ୍ତିର ପ୍ରୟୋଗ କରାଯାଉଛି। ଏଥିରେ ଅଧିକ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ଆସିପାରିବ। ଏହି ସମ୍ମିଳନୀରେ ଓଡ଼ିଶା,ଛତିଶଗଡ଼, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ଆଣ୍ଡାମାନ ନିକୋବର ଆଦି ୬ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ଶ୍ରମ ମନ୍ତ୍ରୀ ଏବଂ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

## କୃତିତ୍ୱ



ସ୍ମୃତିରଞ୍ଜନ



ଆଶିଷ



ଅଂଶୁମାନ



ସ୍ମୃତି ସୁହାଶ୍ରୀ

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମଧୁବନ, ପୁରୀର ଷଷ୍ଠ ଶ୍ରେଣୀର ୪ଜଣ ଶିଶୁ ସ୍ମୃତିରଞ୍ଜନ ସାହୁ, ଆଶିଷ କୁମାର ତ୍ରିପାଠୀ, ଅଂଶୁମାନ ଭଟ୍ଟାଚାର୍ଯ୍ୟ, ସ୍ମୃତି ସୁହାଶ୍ରୀ ନାୟକ ଓଡ଼ିଶା ସରକାରଙ୍କ ପଞ୍ଚମ ଶ୍ରେଣୀ ପ୍ରାଥମିକ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇ ବିଦ୍ୟାଳୟର ଗୌରବ ବଢାଇବାରେ ସହାୟକ ହୋଇଛନ୍ତି। ବିଦ୍ୟାଳୟ ତରଫରୁ ସମସ୍ତ ଶିଶୁଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରାଯାଇଛି। ପ୍ରକାଶଥାଉକି ଏବର୍ଷ ମଧ୍ୟ ତୃତୀୟ ଶ୍ରେଣୀର ୪ଜଣ ଯାକ ଶିଶୁ ନିମ୍ନ ପ୍ରାଥମିକ ବୃତ୍ତି ପାଇ ବିଦ୍ୟାଳୟର ସଫଳତାକୁ ସରକାରୀ ସ୍ତରରେ ଶିଶୁମାନେ ୧୦୦% ଆଣିବାରେ ସୌଭାଗ୍ୟ ଅର୍ଜନ କରିଛନ୍ତି।

ଧ- ୬୪୦୯୪

ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (EPABX)- ୦୬୬୩-୨୫୪୨୪୬୧ ରୁ ୪୬୯, ୱେବସାଇଟ୍ : www.mahanadicoal.in

ଇ-ଟେଣ୍ଡର ବିଜ୍ଞପ୍ତି

ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍ ର ନିମ୍ନଲିଖିତ ଇ-ଟେଣ୍ଡରଗୁଡ଼ିକ, କୋଲ୍ ଇଣ୍ଡିଆ ଲିମିଟେଡ୍ ଅଧୀନସ୍ଥ ଇ-ଟେଣ୍ଡର ପୋର୍ଟାଲ (http://coalindiatenders.nic.in) ରେ ପ୍ରକାଶିତ ଅଛି ଏବଂ ଏହା କେନ୍ଦ୍ରୀୟ ସାର୍ବଜନୀକ ପ୍ରୋକ୍ୟୁରମେଣ୍ଟ ପୋର୍ଟାଲ (http://eprocure.gov.in) ରେ ମଧ୍ୟ ଦୃଶ୍ୟମାନ ହେଉଛି। ପରବର୍ତ୍ତୀ ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ ଦୟାକରି ଉପରୋକ୍ତ ୱେବ୍‌ସାଇଟ୍‌ଗୁଡ଼ିକୁ ଦେଖନ୍ତୁ।

| କ୍ର. ସଂ. | ଟେଣ୍ଡର ଆଇଡ଼ି | କାର୍ଯ୍ୟ/ସେବାର ନାମ | ଟେଣ୍ଡର ମୂଲ୍ୟ (₹) |
|---|---|---|---|
| 1 | 2019_MCL_152370_1 | PROCUREMENT OF SPARES FOR TIL MAKE 70T CRANE OF CWS(X), TALCHER. | 330646.00 |
| 2 | 2019_MCL_152403_1 | Supply of Spares for BE 300 Hyd. Excavator | 190439.00 |
| 3 | 2019_MCL_152383_1 | PROCUREMENT OF HPSV FLOOD LIGHT FITTINGS | 2430750.00 |
| 4 | 2019_MCL_152387_1 | Hiring of One (01) No. of Indigo or equivalent having minimum seating capacity of 5(4 PLUS 1) for engagement at 24Hrs/day, 100Km/day run for a period of Two years (i.e. 682 days) for deployment at Project Officer, Talcher Colliery. | 1728188.00 |
| 5 | 2019_MCL_152549_1 | PROCUREMENT OF FLAT TINNED PLAIN COPPER BRAID FOR TRANSFORMER SECTION OF CWS_X TALCHER. | 60000.00 |
| 6 | 2019_MCL_152311_1 | Annual cleaning and up keeping of 496 A type and 322 B type quarters at BIT of Lakhanpur Area for 02 years. | 5354205.00 |
| 7 | 2019_MCL_152553_1 | Cleaning of choked W.C. pan and inspection chamber of colony quarters of Nandira Colliery for a period of two years | 524614.00 |
| 8 | 2019_MCL_152252_1 | Supply of Drugs Acting Alimentary system for NSCH and RH, Talcher | 1217775.00 |
| 9 | 2019_MCL_152349_1 | Supply of Drugs for Ent and Eye Diseases for NSCH and RH, Talcher. | 654319.00 |
| 10 | 2019_MCL_152516_1 | SUPPLY OF SPARES FOR Wirtgen Surface Miner | 1375446.00 |
| 11 | 2019_MCL_152520_1 | Supply of Portable Air refilling machine for refilling of Air cylinder of Water Mist and CAF Fire extinguisher at Lingaraj OCP | 454300.00 |
| 12 | 2019_MCL_152510_1 | Hiring of One (01) No. of EECO Ambulance (Petrol) or equivalent with minimum basic life support equipment, A/C fitted, etc for a period of Two years (i.e. 682 Days) with deployment of 24Hrs/Day, 150Km/Day engagement at Talcher Area. | 1589060.00 |
| 13 | 2019_MCL_152505_1 | Operation and guarding of 02 (two) no(s) 5 KVA Portable DG sets coupled with Lighting Tower at LOCP, Lingaraj Area for a period of 01 (one) year. | 334849.00 |
| 14 | 2019_MCL_152579_1 | Hiring of HEMM (Shov/Dump/Dril/Doz etc) for remo of all mat from surf to Rampur II top seam in all kind of strat incl dril, excv, dump, spread, doz and oth alli work at spec area for dump as per intruc of Proj Mngmt of Garjanbahal OCP Basundhara Area | 1388806676.00 |
| 15 | 2019_MCL_152691_1 | Renovation Deepening of Badabandha of Kansamunda village at Kaniha OCP of Kaniha Area under CSR work Re Tender | 2090394.00 |
| 16 | 2019_MCL_152714_1 | Hiring of One (1) Ambulance (Winger or equivalent Ambulance Diesel) fitted with AC for 24 hrs per day duty for two years at Basundhara Area (730 days).(4000km run per month).(A) | 2330160.00 |
| 17 | 2019_MCL_152731_1 | Hiring of One (1) Jeep(6 plus 1 seater or more) (Bolero/ Sumo or its equivalent) fitted with AC for 12 hrs per day duty for two years for GOCP at Basundhara Area (682 days).(2800km run per month).(E) | 906378.00 |
| 18 | 2019_MCL_152600_1 | Comprehensive Annual Maintenance Contract for Air Conditioners and water coolers of Central Workshop (Excv), Talcher for a period of two years. | 509864.00 |
| 19 | 2019_MCL_152626_1 | Renovation of Dispensary building at Nandira Colliery. | 2285979.00 |
| 20 | 2019_MCL_152718_1 | Dismantling and erection of 11 KV feeder for feeding power supply from 33 KV substation to Sr. Guest house, corporate office and up to back side of Directors residence, MCL HQ. | 789507.00 |
| 21 | 2019_MCL_152740_1 | Hiring of one no. Mini Truck having carrying capacity 3 Ton to 6 Ton on 12 hrs duty basis with deployment of 01 no. driver (including staggered rest) max run 3000 km/month for 02 years (682 working days) for Belpahar OCM, Lakhanpur Area, MCL | 1160764.00 |
| 22 | 2019_MCL_152656_1 | Cleaning of Drain and grass cutting at Boulpur R and R Colony under Bharatpur Area. | 353313.00 |
| 23 | 2019_MCL_152751_1 | Supply of spares for CAF Fire extinguisher at Lingaraj OCP (Exclusively for OEM) | 708981.00 |
| 24 | 2019_MCL_152771_1 | PROCUREMENT OF SWING MOTOR FOR TATA-1200 HYDRAULIC EXCAVATOR | 843029.00 |
| 25 | 2019_MCL_152784_1 | Repair of Road median and kerbwall of CWS Colony at CWS(X) Talcher | 2584676.00 |
| 26 | 2019_MCL_152824_1 | Deepening of pond of Gundurinali village at Kaniha OCP of Kaniha Area under CSR work 2nd Re Tender | 1251977.00 |
| 27 | 2019_MCL_152805_1 | Hiring of one no. Pick-up Van having seating capacity 4 plus 1 on 24 hrs duty basis with deployment of three nos. of drivers, max run 4000 km/month for 02 years (682 working days) for Lakhanpur OCP, Lakhanpur Area, MCL | 1750694.00 |
| 28 | 2019_MCL_152809_1 | Supply of Hoses for Tata Hitach EX 1200 | 421444.00 |
| 29 | 2019_MCL_152861_1 | Supply of Coal transportation cards at Lingaraj OCP (Reserved for MSEs only) | 205202.00 |
| 30 | 2019_MCL_152503_1 | Hiring of 01 no. Dallah Truck having carrying Capacity of 10 Te or above for 12 hrs duty, maximum 3000 km run per month for 610 days in 02 years for Regional Store, Bharatpur Area, MCL. | 1406050.00 |
| 31 | 2019_MCL_152574_1 | Hiring of 02 Nos. Bolero or equivalent vehicle having seating capacity 6 plus 1 or more with AC fitted (Diesel) with 24 hrs duty with deployment of 3 nos. of drivers maximum 4500 km run per month for 682 days in 2 years for Shift Duty at BOCP, BA. | 3628240.00 |
| 32 | 2019_MCL_152748_1 | Hiring of 01 no. Pick up van having seating Capacity 4 plus 1 or more and carrying capacity of 1 Te or above for 24 hrs duty with deployment of 2 drivers having staggered rest, maximum 4500 km run per month for 682 days in 02 years for Excavation Dep | 1301256.00 |
| 33 | 2019_MCL_152705_1 | Hiring of 01 no. Dallah Truck having carrying Capacity of 10 Te or above for 24 hrs duty with deployment of 2 nos. of drivers including staggered rest, maximum 2500 km run per month for 682 days in 02 years for Excavation Department, BOCP, MCL. | 2004398.00 |
| 34 | 2019_MCL_152762_1 | Hiring of 3 Nos Bolero or equivalent vehicle with seating capacity 6 plus 1 or more with AC fitted (Diesel) with 24 hrs duty with deployment of 2 no. of drivers incl. stag. rest max. 4000 km run per month for 682 days for Bharatpur Area. | 4145196.00 |
| 35 | 2019_MCL_152573_1 | Hiring of 01 no. Dallah Truck having carrying Capacity of 10 Te or above for 12 hrs duty, maximum 2500 km run per month for 682 days in 02 years for Excavation Dozer Section, Bharatpur OCP, MCL. | 1471074.00 |
| 36 | 2019_MCL_152827_1 | Hiring of 2 Nos. Bolero or equivalent vehicle having seating capacity 6 plus 1 or more with AC fitted (Diesel) with 24 hrs duty with 2 nos. of drivers incl. stag. rest max. 4500 km run per month for 682 days in 2years for GM pool BA and PO BOCP, MCL | 2763464.00 |
| 37 | 2019_MCL_152843_1 | Repairing/Overhauling of 120HP, 440V, 2900RPM, 500GPM, Submersible Motor and Pump set having Sl.No.-PP37386 of Deulbera Colliery. | 246598.00 |
| 38 | 2019_MCL_152844_1 | Hiring of 2 Nos. Bolero or equivalent vehicle having seating 6 plus 1 or more with AC fitted (Diesel) with 24 hrs duty with 2 nos. of drivers incl stag rest maximum 4500 km run per month for 682 days in 02 years for OB I/C and Coal I/C, BOCP, MCL. | 2763464.00 |
| 39 | 2019_MCL_152845_1 | Hiring of 2 Nos. Bolero or equivalent vehicle having seating 6 plus 1 or more with AC fitted (Diesel) with 24 hrs duty with 2 nos. of drivers incl stag rest maximum 5000 km run per month for 682 days in 02 years for PE ENM and PE EXCV, BOCP, MCL. | 2763464.00 |
| 40 | 2019_MCL_152764_1 | Annual Maintenance Contract for day to day electrical work of residential quarters, non-residential buildings and other electrical installations (Including 3.3 / 11 kV OHL) in Deulbera n Sharma Chhak Colony under Lingaraj Area for a period of one yr | 3032292.00 |
| 41 | 2019_MCL_152765_1 | Hiring of One (01) No. Diesel Covered jeep Bolero / Sumo or equivalent, minimum 7 seater with AC fitted, Daily 24 hours operation for a period of Two Years for PO Office Pool, LOCP, Lingaraj Area with monthly limit within 3694.17 km. | 1804572.00 |
| 42 | 2019_MCL_152910_1 | PROCUREMENT OF SPARES FOR COOLING SYSTEM FOR ZW220 | 345940.00 |
| 43 | 2019_MCL_152923_1 | PROCUREMENT OF MAIN RELIEF VALVE FOR TATA 1200 | 165594.00 |
| 44 | 2019_MCL_152870_1 | Hiring of One (1) Jeep(6 plus 1 seater or more) (Bolero/ Sumo or its equivalent) fitted with AC for 12 hrs per day duty for two years for Mahalaxmi Area (682 days).(2800km run per month).(A) | 920700.00 |
| 45 | 2019_MCL_152911_1 | Repairing and covering of open drains of CWS Colony at CWS(X) Talcher | 9783055.00 |
| 46 | 2019_MCL_152978_1 | Deepening of existing pond of Sanatribida village at Kaniha OCP of Kaniha Area under CSR work 2nd Re Tender | 998334.00 |
| 47 | 2019_MCL_152984_1 | Hiring of One (1) Jeep (Scorpio/ Xylo or its equivalent) fitted with AC for 12 hrs per day duty for two years for Mahalaxmi Area (682 days).(2800km run per month).(A) | 1077560.00 |
| 48 | 2019_MCL_152983_1 | Day to day cleaning and up keeping of Black Diamond Stadium, Balanda for a period of two years under Jagannath Area. | 756256.00 |
| 49 | 2019_MCL_152989_1 | Day to day up keeping of old VT centre premises and up keeping of Time office and its premises under BBSRI OCP under Jagannath Area.(For a period of 730 days) | 667477.00 |
| 50 | 2019_MCL_152993_1 | Hiring of one no. AC running covered jeep (Scorpio or equivalent) having seating capacity 6 plus 1 on 24 hours duty basis with deployment of two nos. drivers(having staggered rest) max run 3500 km/month for 02 years (682 days) for Lakhanpur OCP LKPA | 1760924.00 |
| 51 | 2019_MCL_153013_1 | Extension of WBM Diversion Road Gundrunali Chowk-Jamania near Jamania OB Dump of Kaniha OCP Kaniha Area MCL | 1593065.00 |
| 52 | 2019_MCL_153049_1 | Supply of Spares for TATA EX1200 Hyd Excavator at Lingaraj OCP (Exclusively for OEM/OPM/OES) | 419323.00 |
| 53 | 2019_MCL_153123_1 | Hiring of 01 No. Bolero Camper or Pick-Up Van or equivalent having seating capacity of 5 (4 plus 1) and loading capacity of minimum 01 ton on rear body for 24 hrs duty, max 3360 km run per month for a period of two years (341 days per year) for SOCP, | 1699619.00 |
| 54 | 2019_MCL_153134_1 | Hiring of 01 No. Truck of capacity 10 te for 24 hrs duty, max 3000 km run per month for a period of two years (341 days per year) for Regional Store, IB Valley Area. | 2557472.00 |
| 55 | 2019_MCL_153062_1 | SUPPLY OF SPARES FOR WRITGEN MAKE SURFACE MINERS | 332692.00 |
| 56 | 2019_MCL_153088_1 | Procurement of Spares for Anchorage Testing Machine for Nandira Colliery MCL TA. | 34763.00 |
| 57 | 2019_MCL_153105_1 | Hiring of one no. AC running covered jeep (Bolero or equivalent) having seating capacity 6 plus 1 on 12 hrs duty basis with deployment of 01 no. of driver(including staggered rest) max run 2500 km/month for 02 yrs (682 days) for Excavation Dept, LKPA | 921382.00 |
| 58 | 2019_MCL_153111_1 | Loading, Unloading, Handling and Laying of Power Cables from Unit Store, Workshop and field to work place for day to day switch shifting work in mines for one year at BOCM, Lakhanpur Area, MCL | 500320.00 |
| 59 | 2019_MCL_153116_1 | Loading, Unloading, Handling, Laying and Jumpering on overhead lines of PVC power cables, flexible cables from Unit Store, Workshop and field to work place for day to day switch shifting work in mines at Lakhanpur OCP, Lakhanpur Area, MCL | 1213708.00 |
| 60 | 2019_MCL_153125_1 | Hiring of one no. Pick-up Van having seating capacity 4 plus 1 on 24 hrs duty basis with deployment of three nos. of drivers, max run 4000 km/month for 02 years (682 working days) for Lakhanpur OCP, Lakhanpur Area, MCL | 1750694.00 |
| 61 | 2019_MCL_153196_1 | Supply of 12V SMF batteries for UPS of OITDS Lingaraj Area | 186315.00 |

ଏମ୍‌ସିଏଲ୍ ଇ-ପ୍ରୋକ୍ୟୁରମେଣ୍ଟ ସହାୟକ କେନ୍ଦ୍ର (ଫୋନ୍ ନଂ.0663-2542695/2542264, ଇ-ମେଲ : hlp-eproc.mcl@coalindia.in) R-4947

ଆମର ଆପ ପ୍ରାପ୍ତ କରିବା ପାଇଁ ଟୋଲ ଫ୍ରି ନମ୍ବର ୧୮୦୦ ୨୦୦ ୩୦୦୪ ରେ ମିସ୍‌ଡ କଲ୍ କରନ୍ତୁ ।

OFFICE OF THE PRINCIPAL
LINGARAJ LAW COLLEGE, BERHAMPUR, GANJAM

L. No. 725/LLC/BU/2019 Date: 22.10.2019

NOTIFICATION FOR ENGAGEMENT OF CHARTERED ACCOUNTANT FIRMS FOR AUDIT

Sealed Expression of Interest (EOI) are invited from Registered Chartered Accountants Firms having a minimum of 5 years experience to conduct statutory Audit of accounts under various schemes of UGC Grants received by Lingaraj Law College, Berhampur (A Constituent College of Berhampur University). The interested firms are required to offer their interest specifing the rates/ professional fees for audit of accounts of Grants received under plans of UGC (University Grants Commission, New Delhi) to Lingaraj Law College with immediate effect. The firms have to commence the audit work immediately in time bound manner.

The last date of submission of EOI is 3.30 PM of 06.11.2019 by Speed/ Registered Post only. Interested and eligible firms may apply accordingly. The authority reserves the right to accept or reject any or all proposals without assigning any reason thereof.

Sd./- PRINCIPAL

ପୁରୀ କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ, ପୁରୀ
ଭି.ଆଇ.ପି. ରୋଡ୍, ପୁରୀ

ସୂଚନା

ଏତଦ୍ୱାରା ପୁରୀ କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ ଅନ୍ତର୍ଗତ ଅଞ୍ଚଳର ଯେଉଁ ବ୍ୟକ୍ତିବିଶେଷ କିମ୍ବା ଅନୁଷ୍ଠାନ ବେଆଇନ ନିର୍ମାଣ କରିଥିବେ କିମ୍ବା ମଞ୍ଜୁର ପ୍ରାପ୍ତ ନକ୍ସାକୁ ଉଲ୍ଲଂଘନ କରି ଗୃହ ନିର୍ମାଣ କରିଥିବେ, ସେମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ସରକାରଙ୍କ ଗୃହ ଓ ନଗର ନିର୍ମାଣ ବିଭାଗ ଚିଠି ସଂଖ୍ୟା SRO No. 223/2019 ତା୦୬।୦୮।୨୦୧୯ ରିଖରେ ଏବଂ ଓଡ଼ିଶା ଗେଜେଟ୍ ସଂଖ୍ୟା No. 1475 Dated- 06.08.2019 ରେ ପ୍ରକାଶିତ ବେଆଇନ ନିର୍ମାଣର ନିୟମିତୀକରଣ କରିବା ନିମନ୍ତେ ସଂଶୋଧିତ ଅଧିସୂଚନା ଜାରି କରିଛନ୍ତି। ଉକ୍ତ ଅଧିସୂଚନାରେ ଜୋରିମାନା (Compounding fee) ବାବଦ ଦେୟ ଅର୍ଥ ପରିମାଣକୁ ପୂର୍ବ ଅଧିସୂଚନାରେ ପ୍ରକାଶିତ ଜୋରିମାନା ଦେୟ ଠାରୁ କମ୍ ରଖିଛନ୍ତି। ଏଣୁ ବେଆଇନ ନିର୍ମାଣକାରୀ କିମ୍ବା ମଞ୍ଜୁରପ୍ରାପ୍ତ ନକ୍ସାକୁ ଉଲ୍ଲଂଘନ କରି ବେଆଇନ ନିର୍ମାଣ କରିଥିବା ବ୍ୟକ୍ତି କିମ୍ବା ଅନୁଷ୍ଠାନମାନେ ରାଜ୍ୟ ସରକାରଙ୍କ ଏହି ଜନକଲ୍ୟାଣକାରୀ ଯୋଜନାର ସୁଯୋଗ, ଧାର୍ଯ୍ୟ ସମୟ ମଧ୍ୟରେ ନେଇପାରିବେ। ଇଚ୍ଛୁକ ବେଆଇନ ନିର୍ମାଣକାରୀ କିମ୍ବା ଅନୁଷ୍ଠାନ ନିର୍ଦ୍ଧାରିତ ଫର୍ମ ସହ ନିର୍ମାଣ କରାଯାଇଥିବା ଗୃହର ଅବିକଳ ନକ୍ସା ସହିତ ଆବଶ୍ୟକୀୟ କାଗଜାତ ଓ ଦେୟ ''ପୁରୀ କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ''ଙ୍କ କାର୍ଯ୍ୟାଳୟରେ ଯେ କୌଣସି କାର୍ଯ୍ୟଦିବସରେ ଦାଖଲ କରିପାରିବେ। ଅସମ୍ପୂର୍ଣ୍ଣ ଦରଖାସ୍ତ ଓ ତତ୍‌ସଂଲଗ୍ନ କାଗଜାତ ଇତ୍ୟାଦି ଦାଖଲ କରିନଥିଲେ ଦରଖାସ୍ତଗୁଡ଼ିକୁ ଗ୍ରହଣ କରାଯିବ ନାହିଁ।

ଏ ସମ୍ବନ୍ଧରେ ଅଧିକ ଜାଣିବା ପାଇଁ ପି.କେ.ଡି.ଏ. କାର୍ଯ୍ୟାଳୟ ସହ ଯୋଗାଯୋଗ କରିପାରିବେ କିମ୍ବା ପୁରୀ ଜିଲ୍ଲା ୱେବ୍ ପୋର୍ଟାଲ ଓ ପି.କେ.ଡି.ଏ. ୱେବ୍‌ସାଇଟ୍ www.pkdapuri.in ମାଧ୍ୟମରେ ଜାଣିପାରିବେ।

ସ୍ୱା./- ଯୋଜନା ସଦସ୍ୟ, ପୁରୀ କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ, ପୁରୀ

ସ୍ୱା./- ଉପାଧ୍ୟକ୍ଷ, ପୁରୀ କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ, ପୁରୀ

## ଆଜି କ'ଣ କେଉଁଠି

**ସମ୍ବଲପୁର**
- ନୂତନ ଶିକ୍ଷାର୍ଥୀ ସପ୍ତାହ କାର୍ଯ୍ୟକ୍ରମ, ତପସ୍ୱିନୀ ପ୍ରେକ୍ଷାଳୟ, ପୂର୍ବାହ୍ନ ୧୧ଟା ।
- ଓଡିଶା ରାଜ୍ୟ ସ୍କୁଲ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍, ଭିଏସଏସ ଇନଡୋର ହଲ, ପୂର୍ବାହ୍ନ ୧୦ଟା ।
- ଜିଲା ଚାଷୀ ସଂଗଠନର ୨୪ ଘଣ୍ଟିଆ ଅନଶନ ଦ୍ୱିତୀୟ ଦିବସ, ଜିଲାପାଳ ଅଫିସ ନିକଟସ୍ଥ ରାସ୍ତା, ପୂର୍ବାହ୍ନ ୧୦ଟା ।

**ମୁରିବାହାଲ**
- ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନର ଜନଶୁଣାଣି ମଞ୍ଚ, ବ୍ଲକ ପରିସର, ପୂର୍ବାହ୍ନ ୧୧ଟା ।

**ବଲାଙ୍ଗୀର**
- ଲୋଇସିଂହା ନିର୍ବାଚନମଣ୍ଡଳୀ ସ୍ତରୀୟ ଉନ୍ନୟନମୂଳକ କାମର ସମୀକ୍ଷା, ଡିଆରଡିଏ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା ।
- ଜୟକୋଶଲ କୃଷକ ସଙ୍ଗଠନ ପକ୍ଷରୁ ରାଲି ଓ ଦାବିପତ୍ର ପ୍ରଦାନ, ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୦ଟା ।

**ରେଢାଖୋଲ**
- ଗଜଲକ୍ଷ୍ମୀ ଭସାଣି, ରେଢାଖୋଲ ବଜାର, ସନ୍ଧ୍ୟା ୭ଟା ।

**ନୂଆପଡ଼ା**
- ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ନ୍ୟାଶନାଲ ହାଇସ୍କୁଲ, ପୂର୍ବାହ୍ନ ୧୦ଟା ।
- ଶିଶୁ ମହୋତ୍ସବ ସୁରଭି, ଜିତାମିତ୍ର ଉଚ୍ଚବିଦ୍ୟାଳୟ, କୋମନା, ପୂର୍ବାହ୍ନ ୧୦ଟା ।

**ବୌଦ୍ଧ**
- କୃଷକ କର୍ମଶାଳା, ପାଲଝାର ଗବେଷଣା କେନ୍ଦ୍ର, ପୂର୍ବାହ୍ନ ୧୧ଟା ।

**ଦେବଗଡ଼**
- ଜଙ୍ଗଲ ଅଧିକାର ଆଇନ ସମ୍ପର୍କୀତ ପ୍ରଶିକ୍ଷଣ ଶିବିର, ରୁଗୁଡ଼ାକୁବର, ବାରକୋଟ, ପୂର୍ବାହ୍ନ ୧୦ଟା ।
- ଜିଲା ବ୍ୟାପୀ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ରିଆମାଳ, ବାରକୋଟ, ତିଲେଇବଣି, ପୂର୍ବାହ୍ନ ୧୦ଟା ।
- ଲକ୍ଷ୍ମୀପୂଜା ବିସର୍ଜନ, କଣ୍ଡଳ ଗ୍ରାମ, ପୂର୍ବାହ୍ନ ୧୧ଟା ।
- ଶିଶୁ ଶ୍ରମିକ ନିଷେଧ ଆଇନ ଉପରେ ଜିଲା ସ୍ତରୀୟ କର୍ମଶାଳା, ଜଳଛାୟା ପିଡ଼ି କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୦ଟା ୩୦ ।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ସ୍ୱୟଂସୁଧା ସାହୁ


ସୌମ୍ୟରଞ୍ଜନ ନନ୍ଦ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ୫୭ ନ୍ୟାୟିକ ଅଧିକାରୀଙ୍କ ବଦଳି

କଟକ ଅଫିସ, ୨୨।୧୦- ଓଡ଼ିଶା ହାଇକୋର୍ଟ ପକ୍ଷରୁ ମଙ୍ଗଳବାର ୫୭ଜଣ ନ୍ୟାୟିକ ଅଧିକାରୀଙ୍କ ବଦଳି କରାଯାଇଛି। ସେମାନଙ୍କ ମଧ୍ୟରେ ଲେବର କୋର୍ଟର ଜଣେ ପିଓ, ୫ ଜଣ ସିଜେଏମ୍, ୭ ଜଣ ସିନିୟର ସିଭିଲ ଜଜ୍, ଜଣେ ସିଭିଲକୋର୍ଟ ରେଜିଷ୍ଟ୍ରାର, ୧୫ ଏସ୍‌ଡିଜେଏମ, ୨ ଜଣ ଆଡିଶନାଲ ଆସିଷ୍ଟାଣ୍ଟ କମିଶନର ଏଣ୍ଡାଓମେଣ୍ଟ, ଜଣେ ଆସିଷ୍ଟାଣ୍ଟ ସେକ୍ରେଟାରୀ ଓଏସଏଲଏସଏ, ୧୦ ଜଣ ସିଭିଲ ଜଜ୍, ୨ ଜଣ ଗ୍ରାମ୍ୟ ନ୍ୟାୟାଧିକାରୀ, ୧୨ ଜଣ ଜେଏମ୍‌ଏଫସି, ଜଣେ ସିଭିଲ ଜଜ୍ ଜେଏମ୍‌ଏଫସି ଅଛନ୍ତି। ଏ ନେଇ ହାଇକୋର୍ଟ ରେଜିଷ୍ଟ୍ରାର ପକ୍ଷରୁ ଏକ ପ୍ରେସ ବିବୃତି ପ୍ରକାଶ ପାଇଛି।

## ଗୁଗଲ୍ ମ୍ୟାପରେ ଟ୍ୟାଗ୍ ହେବ ଆର୍‌ଟିଓ

କଟକ ଅଫିସ, ୨୨।୧୦- ଗୁଗଲ୍ ମ୍ୟାପ୍‌ରେ ଟ୍ୟାଗ୍ ହେବ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ(ଆର୍‌ଟିଓ) ସହିତ ଡ୍ରାଇଭିଂ ଟେଷ୍ଟିଂ ଟ୍ରାକ୍ ଓ ପଲ୍ୟୁଶନ ଅଣ୍ଡର କଣ୍ଟ୍ରୋଲ (ପିୟୁସି) କେନ୍ଦ୍ର । ରାଜ୍ୟ ପରିବହନ ଆୟୁକ୍ତଙ୍କ ପକ୍ଷରୁ ମଙ୍ଗଳବାର ଏ ନେଇ ସମସ୍ତ ଆର୍‌ଟିଓଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏଥିରେ କୁହାଯାଇଛି, ଆର୍‌ଟିଓ ଅଫିସଗୁଡ଼ିକ ବର୍ତ୍ତମାନ ଅବସ୍ଥାରେ ଅନେକ ନାଗରିକ କୈନ୍ଦ୍ରିକ ସେବା ଯୋଗାଉଛି । ମାତ୍ର ଲୋକେ ଆର୍‌ଟିଓ ଅଫିସ ସହିତ ଡ୍ରାଇଭିଂ ଟେଷ୍ଟିଂ ଟ୍ରାକ୍‌କୁ ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏହି ସ୍ଥାନଗୁଡ଼ିକୁ ଆର୍‌ଟିଓ ଅଫିସର ଗୁଗଲ୍ ମ୍ୟାପ୍‌ରେ ଟ୍ୟାଗ୍ କରିବାକୁ କୁହାଯାଇଛି। ସେହିପରି ପ୍ରଦୂଷଣ ପ୍ରମାଣପତ୍ର ପାଇଁ ମଧ୍ୟ ଲୋକେ ଅସୁବିଧା ଭୋଗୁଥିବାରୁ ଏହି କେନ୍ଦ୍ରଗୁଡ଼ିକର ଅବସ୍ଥିତି ସମ୍ପର୍କରେ ଗୁଗଲ୍ ମ୍ୟାପ୍‌ରେ ସ୍ଥାନ ଦେବାକୁ ଆୟୁକ୍ତଙ୍କ ପକ୍ଷରୁ କୁହାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମତେ ଯେତେ ବୋଲୁଥିବୁ ବୋଲ୍**
**ମୋ ଦିହଟା ଯାକଇ ପୋଲ୍ ।**

ଅଯୋଗ୍ୟ ଓ ଅପଦାର୍ଥ ବ୍ୟକ୍ତିଙ୍କୁ ବାଟକୁ ଆଣିବା କାଠିକର ପାଠ ହୋଇଥାଏ। କାହାରି କଥା ବା ବୋଲକୁ ସେମାନଙ୍କର ଡର କି ଭୟ ରହି ନ ଥାଏ। କୌଣସି ଆକଟ ଅଥବା ଶାସ୍ତି କାଟୁ କରି ନ ଥାଏ। ଏପରିକି ଯେତେ ବୁଝାଇଲେ ମଧ୍ୟ ତାଙ୍କ ସ୍ୱଭାବରେ କିଛି ବି ପରିବର୍ତ୍ତନ ଘଟି ନ ଥାଏ। ଯିଏ ବଦଳିବାର ନ ଥାଏ ତାକୁ ଯେତେ ଚେଷ୍ଟା କଲେ ମଧ୍ୟ ବଦଳାଇବା ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମନରେ ନାହିଁ ତ ମାଳାରେ ନାହିଁ**
**ଭାଳି ଭାଳି କରି ପାଇବୁ ନାହିଁ।**

ଭକ୍ତି ରୂପକ ଧନ ହିଁ ପ୍ରକୃତ ଧନ। ମନରେ ଭକ୍ତି ଭାବନା ନ ଥିଲେ ପୂଜା ଆରାଧନାର ମାନେ କିଛି ରହି ନ ଥାଏ। ପ୍ରଭୁଙ୍କ ପାଦପଦ୍ମରେ ଲୟ ନ ରଖିଲେ ତାଙ୍କ ସାନ୍ନିଧ୍ୟ ଲାଭ କରିବା କଷ୍ଟକର ହୋଇଯାଇଥାଏ। ନିରନ୍ତର ଏକାଗ୍ର ଚିତ୍ତରେ ଧ୍ୟାନ ନ ରଖିଲେ ପ୍ରଭୁ କୃପା ମିଳିପାରି ନ ଥାଏ। ଏପରିସ୍ଥଳେ ମନୋବାଞ୍ଛିତ ଫଳପ୍ରାପ୍ତି ହେବା ନିହାତି ଅସମ୍ଭବ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଉପହାରରେ ମିଳିଲା ୮ ହଳଦିଆ ଆନାକୋଣ୍ଡା, ନାଇଲ କୁମ୍ଭୀର

ବାରଙ୍ଗ,୨୨।୧୦(ଡି.ଏନ.ଏ.)

### ନନ୍ଦନକାନନକୁ ଦୀପାବଳି ଭେଟି

ନନ୍ଦନକାନନକୁ ମିଳିଛି ଦୀପାବଳି ଭେଟି। ଏହି ଅବସରରେ ନୂଆ ଅତିଥି ଭାବେ ୮ ହଳଦିଆ ଆନାକୋଣ୍ଡା ଓ ୩ ନାଇଲ କୁମ୍ଭୀର ମଙ୍ଗଳବାର ସନ୍ଧ୍ୟାରେ ନନ୍ଦନକାନନରେ ପହଞ୍ଚିଛି। ଏହି ୧୧ଟି ଅତିଥିଙ୍କୁ ମାଡ୍ରାସ କ୍ରୋକୋଡାଇଲ ବ୍ୟାଙ୍କ ଟ୍ରଷ୍ଟ ଉପହାରରେ ନନ୍ଦନକାନନକୁ ଦେଇଛି। ନନ୍ଦନକାନନ କେବଳ ଆଣିବା ଖର୍ଚ୍ଚକୁ ବହନ କରିଥିବା ଜଣାପଡ଼ିଛି। ପର୍ଯ୍ୟଟକ ପରିଚାଳନା ଦାୟିତ୍ୱରେ ଥିବା ଏସିଏଫ ଅମୂଲ୍ୟ କୁମାର ପରିଡାଙ୍କ ନେତୃତ୍ୱରେ ଏକ ଚାରିଜଣିଆ ଦଳ ଗତ ବୁଧବାର ସକାଳେ ମାଡ୍ରାସ କ୍ରୋକୋଡାଇଲ ବ୍ୟାଙ୍କ ଟ୍ରଷ୍ଟ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ଏହି ଦଳ ସେଠାରୁ ୩ଟି ମାଈ ନାଇଲ କୁମ୍ଭୀର, ୧.୨ମିଟର ଲମ୍ବର ୪ଅଣ୍ଡିରା ଓ ୪ଟି ମାଈ ହଳଦିଆ ଆନାକୋଣ୍ଡାକୁ ସାଙ୍ଗରେ ନେଇ ନନ୍ଦନକାନନ ଫେରିଛନ୍ତି। ଏହି ୧୧ଜଣ ଅତିଥିଙ୍କୁ ସରୀସୃପ ଉଦ୍ୟାନରେ ରଖାଯିବା ପାଇଁ ନନ୍ଦନକାନନ ପକ୍ଷରୁ ପୂର୍ବପ୍ରସ୍ତୁତି ହୋଇଥିଲା। ଏମାନେ ଆସିବା ପରେ ସରୀସୃପ ଉଦ୍ୟାନର ଏନକ୍ଲୋଜର ନଂ. ୪୫କେ'ର କ୍ୱାରେଣ୍ଟାଇନରେ ହଳଦିଆ ଆନାକୋଣ୍ଡା ଓ ଏନକ୍ଲୋଜର ନଂ ୪୬ଏ'ର କ୍ୱାରେଣ୍ଟାଇନରେ ନାଇଲ କୁମ୍ଭୀରକୁ ରଖାଯାଇଛି। ଏମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିବା ପାଇଁ କିଛିଦିନ ପାଇଁ କ୍ୱାରେଣ୍ଟାଇନରେ ରହିବା ପରେ ଏନ୍‌କ୍ଲୋଜରରେ ପର୍ଯ୍ୟଟକଙ୍କ ଦେଖିବା ପାଇଁ ଛଡାଯିବ। ଏହି ୧୧ ଅତିଥି ଆସିବାପରେ ନନ୍ଦନକାନନରେ ପ୍ରଜାତି ସଂଖ୍ୟା ବୃଦ୍ଧିପାଇ ୧୫୮ରେ ପହଞ୍ଚିଛି ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସ କହିଛନ୍ତି। ମିଶରରେ ଦେଖାଯାଉଥିବା କୁମ୍ଭୀର ପ୍ରଜାତିର ବଡ ନାଇଲ କୁମ୍ଭୀର ଓ ହଳଦିଆ ଆନାକୋଣ୍ଡା ଆସିବାପରେ ପର୍ଯ୍ୟଟକମାନଙ୍କ ସଂଖ୍ୟା ବୃଦ୍ଧି ହେବାର କର୍ତ୍ତୃପକ୍ଷ ଆଶା ରଖିଥିବା ଜଣାପଡିଛି।



ନନ୍ଦନକାନନକୁ ଆସିଥିବା ନାଇଲ କୁମ୍ଭୀର ଓ ହଳଦିଆ ଆନାକୋଣ୍ଡା ।


## ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଢେଙ୍କାନାଳ

ବିଜ୍ଞାପନ ସଂଖ୍ୟା : ୪୨୨୮ ତାରିଖ: ୨୧।୧୦।୨୦୧୯

ଏତଦ୍ଦ୍ୱାରା ଢେଙ୍କାନାଳ ଜିଲ୍ଲାର ସମସ୍ତ ଜନସାଧାରଣ ତଥା ପଞ୍ଚାୟତସ୍ତରୀୟ ଲୋକପ୍ରତିନିଧି, ମହାତ୍ମାଗାନ୍ଧୀ ନରେଗା ଜବ୍‌କାର୍ଡଧାରୀ ଓ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମର ଭତ୍ତା ହିତାଧିକାରୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଆନୁକୂଲ୍ୟରେ ୨୦୧୮-୧୯ ଆର୍ଥିକ ବର୍ଷର (ଏପ୍ରିଲରୁ ମାର୍ଚ୍ଚ ମାସରେ) ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଉଥିବା ସମସ୍ତ ପ୍ରକଳ୍ପର ପଞ୍ଚାୟତ ସମିତିସ୍ତରୀୟ ଜନଶୁଣାଣି ନିମ୍ନଲିଖିତ ତାରିଖରେ ଧାର୍ଯ୍ୟ କରାଯାଇଅଛି ଏବଂ ଏଥିନିମନ୍ତେ କୌଣସି ଆପତ୍ତି ଅଭିଯୋଗ ଥିଲେ ତାହା ଉକ୍ତ ଜନଶୁଣାଣିରେ ଉପସ୍ଥାପନ କରାଗଲେ ସେଗୁଡ଼ିକ ଉପରେ ବିଚାରବିମର୍ଶ କରାଯିବ। ଏଣୁ ଉକ୍ତ ବ୍ଲକସ୍ତରୀୟ ଜନଶୁଣାଣିରେ ଆପଣମାନେ ବହୁ ସଂଖ୍ୟାରେ ଯୋଗଦେଇ ଯୋଜନାର ସଫଳ କାର୍ଯ୍ୟକାରିତା ନିମନ୍ତେ ସୁଚିନ୍ତିତ ମତାମତ ଦେବାକୁ ବିନମ୍ର ଅନୁରୋଧ।

| କ୍ର.ନଂ. | ବ୍ଲକ ନାମ | ତାରିଖ | ସମୟ (ପୂର୍ବାହ୍ନ) | ସ୍ଥାନ | ଜନଶୁଣାଣି କରିବା ନିମନ୍ତେ କ୍ଷମତାପ୍ରାପ୍ତ ଅଧିକାରୀ |
|---|---|---|---|---|---|
| ୧ | ଗନ୍ଦିଆ | ୨୯।୧୦।୨୦୧୯ | ୧୧.୦୦ | ପଞ୍ଚାୟତ ସମିତି ସଭା ଗୃହ | ଅତିରିକ୍ତ ଜିଲ୍ଲାପାଳ, ଢେଙ୍କାନାଳ |
| ୨ | ଭୁବନ | ୩୦।୧୦।୨୦୧୯ | ୧୧.୦୦ | ପଞ୍ଚାୟତ ସମିତି ସଭା ଗୃହ | ଉପ-ଜିଲ୍ଲାପାଳ, କାମାକ୍ଷାନଗର |
| ୩ | ହିନ୍ଦୋଳ | ୩୧।୧୦।୨୦୧୯ | ୧୧.୦୦ | ପଞ୍ଚାୟତ ସମିତି ସଭା ଗୃହ | ଅତିରିକ୍ତ ଜିଲ୍ଲାପାଳ, ଢେଙ୍କାନାଳ |
| ୪ | କାମାକ୍ଷାନଗର | ୦୧।୧୧।୨୦୧୯ | ୧୧.୦୦ | ପଞ୍ଚାୟତ ସମିତି ସଭା ଗୃହ | ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଢେଙ୍କାନାଳ |
| ୫ | କଙ୍କଡ଼ାହାଡ଼ | ୦୫।୧୧।୨୦୧୯ | ୧୧.୦୦ | ପଞ୍ଚାୟତ ସମିତି ସଭା ଗୃହ | ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଢେଙ୍କାନାଳ |
| ୬ | ଓଡ଼ାପଡ଼ା | ୦୭।୧୧।୨୦୧୯ | ୧୧.୦୦ | ପଞ୍ଚାୟତ ସମିତି ସଭା ଗୃହ | ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ରଶାସକ), ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଢେଙ୍କାନାଳ |
| ୭ | ପରଜଙ୍ଗ | ୦୮।୧୧।୨୦୧୯ | ୧୧.୦୦ | ପଞ୍ଚାୟତ ସମିତି ସଭା ଗୃହ | ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ରଶାସକ), ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଢେଙ୍କାନାଳ |
| ୮ | ଢେଙ୍କାନାଳ ସଦର | ୧୩।୧୧।୨୦୧୯ | ୦୮.୩୦ | ପଞ୍ଚାୟତ ସମିତି ସଭା ଗୃହ | ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଢେଙ୍କାନାଳ |

ସ୍ୱା./- ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଢେଙ୍କାନାଳ
ସ୍ୱା./- ଜିଲ୍ଲାପାଳ ତଥା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ, ଢେଙ୍କାନାଳ


## ବ୍ୟାପୁଛି ଡେଙ୍ଗୁ

ବାଲିଆପାଳ/ଜଳେଶ୍ୱର, ୨୨।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲାର ବାଲିଆପାଳ ଓ ଜଳେଶ୍ୱର ବ୍ଲକରେ ଡେଙ୍ଗୁ ବ୍ୟାପିବାରେ ଲାଗିଛି। ବାଲିଆପାଳ ବ୍ଲକରେ ଡେଙ୍ଗୁରେ ଏଯାଏ ୩ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଳେଶ୍ୱର ବ୍ଲକରେ ୭ଜଣ ଡେଙ୍ଗୁରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅଛନ୍ତି। ବାଲିଆପାଳ ବ୍ଲକ ଚାନ୍ଦମଣି ଗ୍ରାମରେ ପ୍ରଥମେ ଡେଙ୍ଗୁରେ ଜଣକର ମୃତ୍ୟୁ ହୋଇଥିଲା। ଜାମକୁଣ୍ଡା ଗ୍ରାମରେ ୧୯ ତାରିଖରେ ମନ୍ମଥ ପାତ୍ର (୩୨)ଙ୍କ ମୃତ୍ୟୁ ହୋଇଛି। ସେ କଟକରେ ଚିକିତ୍ସାଧୀନ ଥିଲେ। ସେହିପରି ଘଣ୍ଟିଆଡି ଗ୍ରାମର କନକ ସେଠୀ (୪୨) ଡେଙ୍ଗୁରେ ଆକ୍ରାନ୍ତ ହୋଇ ୨୧ ତାରିଖରେ ପ୍ରାଣ ହରାଇଛନ୍ତି। ଚଳିତ ବର୍ଷ ଜାମକୁଣ୍ଡା, ବିଷ୍ଣୁପୁର ଓ ଘଣ୍ଟିଆଡି ଗ୍ରାମରେ ଡେଙ୍ଗୁ ଜ୍ୱରର ପ୍ରାଦୁର୍ଭାବ ବୃଦ୍ଧି ପାଇଛି । ଏବେ ବିଷ୍ଣୁପୁର ଓ ଜାମକୁଣ୍ଡା ପଞ୍ଚାୟତର ଅଧିକାଂଶ ଲୋକଙ୍କୁ ଜ୍ୱର ହୋଇଥିବା ବେଳେ ସେମାନଙ୍କର ରକ୍ତରେ ଡେଙ୍ଗୁ ଭୂତାଣୁ ରହିଥିବା ଆଶଙ୍କା କରାଯାଉଛି। ଏହି ଦୁଇ ପଞ୍ଚାୟତର ଡେଙ୍ଗୁ ଆକ୍ରାନ୍ତ ରୋଗୀମାନେ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ସ୍ୱାସ୍ଥ୍ୟ ବିଭାଗର ସିଡିଏମ୍‌ଓ ଡେଙ୍ଗୁ ପ୍ରବଣ ଚାନ୍ଦମଣି ଗ୍ରାମକୁ ପରିଦର୍ଶନ କରିଥିବା ବେଳେ ଡାକ୍ତରୀ ଦଳ ଓ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀମାନେ ୫୦ରୁ ଉର୍ଦ୍ଧ୍ୱ ଜ୍ୱର ଆକ୍ରାନ୍ତଠୁ ରକ୍ତ ନମୁନା ସଂଗ୍ରହ କରିଥିଲେ । ତେବେ ବିଷ୍ଣୁପୁର ଓ ଜାମକୁଣ୍ଡା ପଞ୍ଚାୟତରେ ଏବେ ଡେଙ୍ଗୁ ଆତଙ୍କ ଦେଖା ଦେଇଥିବାରୁ ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ଦୁଇ ପଞ୍ଚାୟତକୁ ଡାକ୍ତରୀ ଦଳକୁ ପଠାଇବାକୁ ଗ୍ରାମବାସୀ ଦୃଢ ଦାବି କରିଛନ୍ତି । ଏ ସମ୍ପର୍କରେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡାକ୍ତର ଭଗିରଥ ମୁର୍ମୁଙ୍କ ସହିତ ଯୋଗାଯୋଗ କରାଯିବାରୁ ଡେଙ୍ଗୁ ନିୟନ୍ତ୍ରଣରେ ରହିଛି ବୋଲି କହିଛନ୍ତି । ଜଳେଶ୍ୱରରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସେହିପରି ଜଳେଶ୍ୱର ବ୍ଲକର ବିଭିନ୍ନ ଗ୍ରାମରେ ଡେଙ୍ଗୁ ରୋଗ ବ୍ୟାପିବାରେ ଲାଗିଛି। ମହମ୍ମଦନଗର ପାଟଣା ଗ୍ରାମରେ ସବୁଠାରୁ ଅଧିକ ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଏବେ ପୁଣି ଶିଖରପୁର ପଞ୍ଚାୟତର ବେଲବାରିଆ ଓ ଶୁଖଦୁଃଖିଆ ଗ୍ରାମରେ ଡେଙ୍ଗୁ ରୋଗ ଦେଖାଦେଇଛି। ଗ୍ରାମବାସୀ ରୋଗ ଭୟରେ କାଳତିପାତ କରୁଛନ୍ତି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

FINANCE

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
9911473748
Add :- 41/14, Sec-1 Pushp Vihar, Delhi

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Bhagyalaxmi Finance
Reg No. U6519TN198PLC00855
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ ଓ ସମସ୍ତ ଋଣ 2-3 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ 40% ରିହାତି
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି, ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
ମୋ.7689936101
7310644390
Vishal Mansion, Mahatma Gandhi Road, UP

ଦୀପାବଳିର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1988ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲି଼ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

ଦୀପାବଳି ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ମୁଦ୍ରା ଫାଇନାନ୍ସ
ଆପଣଙ୍କ ସ୍ୱପ୍ନଗୁଡ଼ିକୁ ସାକାର କରନ୍ତୁ
ମାର୍କଶିଟ୍ | ପ୍ରପର୍ଟି
ଆଧାରକାର୍ଡ | ପର୍ସନାଲ
ପଶୁପାଳନ | ଗୃହ ଋଣ
ବ୍ୟବସାୟ | ଗ୍ରୁପ୍ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
2% ସୁଧ - 50% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
ଠକମାନଙ୍କ ପ୍ରତି ସାବଧାନ
72899-99543
72899-48952
SCO-106, Second Floor, Vishal Tower, Cannaught Place, Delhi.

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS

Registration Free..Govt. Approved
ସିୟା ରାମ ରିଲାଏନ୍ସ JEO
କଂପାନୀ ଦ୍ୱାରା ନିଜର ଖାଲି ଜମି ଓ ଛାତ ଉପରେ 3G/4G ରେଡିଏସନ ଫ୍ରୀ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 90,000/- ଟଙ୍କା ପାଆନ୍ତୁ । ଚାକିରି + ୨୦ ବର୍ଷର କୋଟ ଅଗ୍ରୀମେଣ୍ଟ
Plot No - 15/012, Devaraja Mohalla, Bangalore, Karnataka 570001
9529777097
9560376626

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ
ସମସ୍ତ ପ୍ରକାର LOAN
BARSA FINANCE
ଯୋଗାଇ ଦେଉଛି । ସୁଧ=1%
M = 7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ଦୀପାବଳି ଧମାକା
କୁପନ୍ ବାହାରିଲେ 5 ଲକ୍ଷ ପର୍ଯ୍ୟନ୍ତ ପାଆନ୍ତୁ କିମ୍ବା ଋଣ ପାଇଁ 1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ ଋଣର ସୁବିଧା ।
ସୁଧ 1% ବାର୍ଷିକ
ସବୁ ପ୍ରକାର ଋଣ ସୁବିଧା ପାଇଁ ଯୋଗାଯୋଗ କରନ୍ତୁ
ToofanFinance.in
7491845997
7079574972
New Ashok Nagar, East Delhi, Delhi

ଦୀପାବଳିର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
CAPITAL ONE FINANCE LTD. ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9354297908
H.No. 12, Sohana Distt. Mohali

ଋଣ ଧମାକା!!! ଆଗେ ଆସନ୍ତୁ ଆଗେ ପାଆନ୍ତୁ
MAHINDRA FINANCE
ଭାରତର ନଂ.1 କମ୍ପାନୀ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ T&C
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
95181-86720, 93069-59483
ADDRESS: T-51, GAUTAMPURI, DELHI




DIWALI DHAMAKA
NATIONAL FINANCE
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ହୋମ, ଇଟାଭାଟୀ ଋଣ ଘରେବସି ପାଆନ୍ତୁ
କମ୍ ସୁଧ ଅଧିକ ରିହାତୀ।
ଅଳ୍ପ ସମୟ ଓ ପୁରା ବିଶ୍ୱାସର ସହିତ
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
9896736154
7988366521

FINANCE
ସରକାରୀ ଜନକଲ୍ୟାଣ ଯୋଜନା ଅନ୍ତର୍ଗତ ଦ୍ୱାରା ମାର୍କସିଟ, ସମ୍ପତି, ଆଧାରକାର୍ଡ, ବ୍ୟବସାୟ ଓ BPL, ବ୍ୟକ୍ତିଗତ ଋଣ (1ରୁ 90 Lakh) ପର୍ଯ୍ୟନ୍ତ ମାତ୍ର ୧୩୫୦/- ଟଙ୍କାରେ ୪୮ ଘଣ୍ଟାରେ ପାଆନ୍ତୁ।
ବାର୍ଷିକ 1% ସୁଧ 40% ଛାଡ
Ashoka Finance
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
7900883466
8743042068

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9453480851

**ସଂକ୍ଷେପରେ**

## ସମିତି ସଭ୍ୟାଙ୍କ ସ୍ୱାମୀ ଥାନାରେ ଅଟକ

ସମ୍ବଲପୁର,୨୨।୧୦(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ୍‌ର ଏକ ପଞ୍ଚାୟତର ଜରେ ସମିତି ସଭ୍ୟାଙ୍କ ସ୍ୱାମୀଙ୍କୁ ଯୁଯୁମୁରା ଥାନା ପୋଲିସ ମଙ୍ଗଳବାର ୩ ଘଣ୍ଟା ଧରି ଥାନାରେ ଅଟକ ରଖି ପରେ ଛାଡି ଦେଇଛି। ସେ ଶାସକ ଦଳର ଜଣେ ଯୁବ କର୍ମକର୍ତ୍ତା ହୋଇଥିବାରୁ ରାଜନୈତିକ ଚାପରେ ପୋଲିସ ଛାଡି ଦେଇଥିବା ଅଭିଯୋଗ ହୋଇଛି । ହେଲେ ଏହି ଘଟଣାରେ ଅଭିଯୋଗ ହୋଇ ନ ଥିବାରୁ କିଛି ଘଣ୍ଟା ଥାନାରେ ରଖି ଉକ୍ତ ଯୁବକଙ୍କୁ ଛାଡି ଦିଆଯାଇଛି ବୋଲି ଥାନା ଅଧିକାରୀ ଲୋକନାଥ ସାହୁ କହିଛନ୍ତି। ସୂଚନାଯୋଗ୍ୟ, ଯୁଯୁମୁରା ଛକ ନିକଟରେ ଏକ ବାଇକ୍‌ରେ ଦୁଇ ଜଣ ଯୁବକ କଟକ ପଟକୁ ଯାଉଥିବା ଏକ ଟ୍ରକ୍‌ର ପିଛା କରି ଅଟକାଇଥିଲେ । ଡ୍ରାଇଭରଙ୍କୁ ଗାଳିଗୁଲଜ କରିବା ସହ ଧମକ ଚମକ ଦେଉଥିଲେ। ଏହି ସମୟରେ ଯୁଯୁମୁରା ପୋଲିସ ଗାଡି ପହଞ୍ଚି ଟ୍ରକ୍ ଡ୍ରାଇଭର ଓ ଉକ୍ତ ଯୁବକ ଦ୍ୱୟଙ୍କୁ ଥାନାକୁ ନେଇଥିଲା। ପ୍ରାୟ ୩ ଘଣ୍ଟା ପରେ ମଧ ଡ୍ରାଇଭର ଉକ୍ତ ଯୁବକ ଦ୍ୱୟଙ୍କ ବିରୋଧରେ ଅଭିଯୋଗ କରି ନ ଥିଲେ । ଏଣୁ ପୋଲିସ ଉକ୍ତ ଯୁବକ ଦ୍ୱୟଙ୍କୁ ତାଗିଦ କରି ଛାଡି ଦେଇଥିଲା।

## ପାରବାରିକ ଗଣ୍ଡଗୋଳରୁ ଦୁଇ ଭାଇ ଗିରଫ

ସମ୍ବଲପୁର,୨୨।୧୦(ବ୍ୟୁରୋ)

ସମ୍ବଲପୁର ଜିଲା ଧନୁପାଲି ଥାନା ମୋତିଝରନ ଅଞ୍ଚଳରେ ଏକ ପରିବାର ମଧରେ ଗଣ୍ଡଗୋଳ ହୋଇ ଘଟି ଦୁଇ ଭାଇ ଗିରଫ ହୋଇଛନ୍ତି । ସେମାନେ ହେଲେ ଉଦ୍ଧବ ବାଗ ଓ ରାଘନ ବାଗ । ଏ ନେଇ ଥାନାରେ ପୃଥକ ପୃଥକ ଭାବେ ଦୁଇଟି ମମଲା ରୁଜୁ କରାଯାଇଛି । ଅକ୍ଟୋବର ୧୨ ତାରିଖ ରାଘବ ଓ ଉଦ୍ଧବଙ୍କ ମଧରେ ମାଡପିଟ ହୋଇଥିଲା । ଏଥିରେ ଉଦ୍ଧବ ଆହତ ହୋଇ ଡାକ୍ତରଖାନରେ ଚିକିତ୍ସିତ ହେଉଥିଲେ।

# ଭିମ୍‌ସାରରେ ମୁହଁ ଖୋଲିଲେ ମାଡ଼

ସମ୍ବଲପୁର,୨୨।୧୦(ବ୍ୟୁରୋ)

- ରୋଗୀ ସମ୍ପର୍କୀୟଙ୍କୁ ବାରମ୍ବାର ଆକ୍ରମଣ
- ଅନେକ ଘଟଣା ଲୁଚି ଯାଉଛି
- ଅଭିଯୋଗ କରିବାକୁ ଅନେକ ଡରୁଛନ୍ତି
- ଅଭିଯୋଗ କଲେ ପାଲଟା ଅଭିଯୋଗ
- ଡାକ୍ତରମାନଙ୍କୁ ପୋଲିସର ଅନୁକମ୍ପା

ବୁର୍ଲା ଭିମ୍‌ସାରରେ ଡାକ୍ତର ସୂର୍ଯ୍ୟକାନ୍ତ ପାଇଯୋଶୀଙ୍କୁ ମାରପିଟ ଓ ରୋଗୀ ଠଣସୁନ୍ଦର ବେହେରାଙ୍କ ପୁଅ ମୁକେଶ ଏବଂ ପୁତୁରା ଝସକେତନ ରାଉତଙ୍କୁ ମାରପିଟ ଘଟଣା ବିବାଦୀୟ ହୋଇ ପଡିଛି। ଡାକ୍ତରଙ୍କ ପାଇଯୋଶୀଙ୍କ ଅଭିଯୋଗ କ୍ରମେ ୨ ଅଭିଯୁକ୍ତ ମୁକେଶ ଓ ଝସକେତନଙ୍କୁ ଗିରଫ କରାଯାଇଛି। ହେଲେ ଠଣସୁନ୍ଦରଙ୍କ ଅଭିଯୋଗକ୍ରମେ ମୁକେଶ ଓ ଝସକେତନଙ୍କୁ ଯେଉଁ ଡାକ୍ତରମାନେ ମରଣାନ୍ତକ ଆକ୍ରମଣ କରିବାର ଭିଡିଓ ଭାଇରାଲରୁ ପ୍ରମାଣ ମିଳିଛି ସେମାନଙ୍କୁ ଗିରଫ କରାଯାଉନି। ଏଣୁ ଭିମସାରରେ ଡାକ୍ତରଙ୍କୁ ପୋଲିସର ଅନୁକମ୍ପା ଏଥିରୁ ସ୍ପଷ୍ଟ ପ୍ରମାଣ ମିଳୁଛି। ତେବେ ଭିମ୍‌ସାରରେ ରୋଗୀ ସମ୍ପର୍କୀୟ ଆଦୌ ସୁରକ୍ଷିତ ନୁହନ୍ତି। ବାରମ୍ବାର ସେମାନଙ୍କୁ ଡାକ୍ତରମାନେ ଆକ୍ରମଣ କରୁଛନ୍ତି। ମୁହଁ ଖୋଲିଲା ମାତ୍ରେ ମାଡ ହେଉଛି। ରୋଗୀ ସମ୍ପର୍କୀୟ ଚିକିତ୍ସାରେ ଅବହେଳା ନୁହେଁ ବରଂ ଉତ୍ତମ ଚିକିତ୍ସା ପାଇଁ ହାତଯୋଡି ବିନମ୍ରତାର ସହ ଅନୁରୋଧ କଲେ ବି ଆକ୍ରମଣ କରାଯାଉଛି। ମଙ୍ଗଳବାର ଏସ୍‌ପି ଅଫିସରେ ଶାସନ ଗ୍ରାମର ସୂର୍ଯ୍ୟକାନ୍ତ ପ୍ରଧାନ ଭିମସାରର ଡାକ୍ତରମାନଙ୍କ ବିରୋଧରେ ଏଭଳି ସଙ୍ଗିନ ଅଭିଯୋଗ କରିଛନ୍ତି।

ଏପ୍ରିଲ ୨୮ ତାରିଖ ସୂର୍ଯ୍ୟକାନ୍ତ ପ୍ରଧାନଙ୍କ କାକା ଶୋଭାରାମ ଦୁର୍ଘଟଣାରେ ଗୁରୁତର ହେବାରୁ ତାଙ୍କୁ ବୁର୍ଲା ମେଡିକାଲ ଅଣା ଯାଇଥିଲା। ହେଲେ ଡାକ୍ତରମାନେ ଚିକିତ୍ସାରେ ଅବହେଳା କରିଥିଲେ। ଚିକିତ୍ସା କରିବା ପାଇଁ ଅନୁରୋଧ କରିବାରୁ ଡାକ୍ତରମାନେ ସଂଘବଦ୍ଧ ଭାବେ ସୂର୍ଯ୍ୟକାନ୍ତ ଓ ତାଙ୍କ ୬୦ ବର୍ଷର ବୃଦ୍ଧା ମା’ ସୁମିତ୍ରାଙ୍କୁ ମାରପିଟ କରି ଗାଳିଗୁଲଜ କରିଥିଲେ। ଏଭଳିକି ବୃଦ୍ଧା ମା’ଙ୍କୁ ଘୋଷଡି ଘୋଷଡି ମାରିଥିଲେ। ଏଣୁ ତାଙ୍କ ଲୁଗା ଚିରି ଯାଇଥିଲା। ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ହେଲେ ଡାକ୍ତରମାନେ ଏହି ଖବର ପାଇ ତାଙ୍କ ମା’ ଓ ତାଙ୍କ ବିରୋଧରେ ପାଲଟା ଅଭିଯୋଗ କରିଥିଲେ । ପୋଲିସ ଏକ ମାମଲା ରୁଜୁ କରି ଗିରଫ କରିଥିଲା। ୧୪ ଦିନ ଜେଲରେ ରହିବା ପରେ ଜାମିନରେ ଆସିଥିଲେ। ନିୟମିତ ଭାବେ ବୁର୍ଲାରେ ଏଭଳି ଘଟଣା ଘଟୁଛି। ହେଲେ ଅନେକ ରୋଗୀ ଭୟରେ ମୁହଁ ଖୋଲୁ ନାହାନ୍ତି ବୋଲି ସୂର୍ଯ୍ୟକାନ୍ତ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଏସ୍‌ପି କନୱର ବିଶାଲ ସିଂ ସୂଚନା ଦେଇ କହିଛନ୍ତି ଯେ, ଏହି ଘଟଣାକୁ ପୋଲିସ ଗମ୍ଭୀରତା ସହ ନେଇଛି । ଭିମ୍‌ସାରର ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ ଗୁଡିକ ଯାଞ୍ଚ କରାଯାଉଛି । ହେଲେ ପୂର୍ବ ଘଟଣା ସମ୍ପର୍କରେ ଅବଗତ ନୁହେଁ । ଏଣୁ ସେହି ଘଟଣାରେ ମଧ ତଦନ୍ତ କରାଯିବ । ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଭାଇରାଲ ଭିଡିଓ ଉପରେ ତଦନ୍ତ କରାଯାଉଛି। ଯେଉଁମାନେ ଏଥିରେ ସାମିଲ ଅଛନ୍ତି ନିଶ୍ଚିତ ଭାବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ତାଳଚେର ବଳରାମ ଖୋଲା ମୁହଁ କୋଇଲା ଖଣିରୁ ଉତ୍ତୋଳନ ବନ୍ଦ

ସମ୍ବଲପୁର, ୨୨।୧୦ (ବ୍ୟୁରୋ)

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ତାଳଚେର ବଳରାମ ଖୋଲା ମୁହଁ ଖଣିରେ ଗତ ୧୨ ଦିନ ହେବ ଉତ୍ତୋଳନ ବନ୍ଦ ରହିଛି । ଖଣି ବନ୍ଦ ହେବା ଯୋଗୁ ଦୈନିକ ୨୦ ହଜାର ଟନ ରପ୍ତାନିରେ କ୍ଷତି ହୋଇଛି। ସେହିପରି ଦୈନିକ ହାରାହାରି ୧୫ ହଜାର ଟନ କୋଇଲା ଉତ୍ପାଦନ ଓ ୩୫ ହଜାର କ୍ୟୁବିକ୍ ମିଟର ଓଭର ବୋଡନ୍ ରିମ୍ୟୁଭାଲରେ କ୍ଷତି ଘଟୁଛି । ଆଜି ପର୍ଯ୍ୟନ୍ତ କୋଇଲା ଯୋଗାଣରେ ୧.୯୦ ଲକ୍ଷ ଟନ କ୍ଷତି ହୋଇଛି। ଉତ୍ପାଦନରେ ହାରାହାରି ୧.୫ ଲକ୍ଷ ଟନ୍ ଓ ଓଭର ବୋଡନ ରିମ୍ୟୁଭାଲରେ ୩.୫୫ ଲକ୍ଷ କ୍ୟୁବିକ ମିଟରରୁ ଅଧିକ କ୍ଷତି ଘଟିଛି । ବର୍ତ୍ତମାନ କୋଇଲା ଉତ୍ପାଦନର ପ୍ରକୃଷ୍ଟ ସମୟ। ଅତୀତରେ ଖଣି ବନ୍ଦ ଯୋଗୁ ହୋଇଥିବା କ୍ଷତି ଏହି ସମୟରେ କମ୍ପାନୀ ଓ ରାଜ୍ୟ ସରକାରଙ୍କ ରାଜ୍ୟକୋଷକୁ ସହାୟକ ହୋଇଥାଏ। ହେଲେ ଗ୍ରାମବାସୀଙ୍କ ମଧରେ ଅନ୍ତଃଦ୍ୱନ୍ଦ୍ୱ କାରଣ ଯୋଗୁ ଖଣିରୁ କୋଇଲା ଉତ୍ତୋଳନ ଓ ଯୋଗାଣରେ ଠପ୍ ହୋଇ ପଡିଛି ବୋଲି ଏମ୍‌ସିଏଲ୍ ପକ୍ଷରୁ ଏକ ପ୍ରେସ୍ ବିବୃତ୍ତିରେ ସୂଚନା ଦିଆଯାଇଛି।

# ‘ଜଳ ପାଇଁ ଯୁବପିଢ଼ି’ ଅଭିଯାନର ଶୁଭାରମ୍ଭ



ସମ୍ବଲପୁରରେ ଆୟୋଜିତ ଜଳ ପାଇଁ ଯୁବପିଢ଼ି ଅଭିଯାନ ଶୁଭାରମ୍ଭ ବୈଠକରେ ଯୋଗଦେଇଥିବା ପ୍ରତିନିଧିମାନେ ।

ସମ୍ବଲପୁର, ୨୨।୧୦ (ବ୍ୟୁରୋ)

ସମ୍ବଲପୁର ଅଇଁଠାପାଲି ନିକଟସ୍ଥ କାବେରୀ ସଭା କକ୍ଷରେ ୱାଟର ଇନିସିଏଟିଭ୍‌ସ୍ ଓଡିଶା ପକ୍ଷରୁ ‘ଜଳ ପାଇଁ ଯୁବପିଢ଼ି’ ଅଭିଯାନର ଶୁଭାରମ୍ଭ କରାଯାଇଛି । ଜଳ, ପରିମଳ ଓ ସ୍ୱଚ୍ଛତା ନେଇ ସଚେତନ ସୃଷ୍ଟି ନିମନ୍ତେ ୫ଟି ଜିଲାର ୧୦ ଅନୁଷ୍ଠାନର ଯୁବପିଢ଼ି ଓ ସେମାନଙ୍କ ମାର୍ଗଦର୍ଶକ ଶପଥ ଗ୍ରହଣ କରିଛନ୍ତି। ଜଳ, ପରିମଳ, ସ୍ୱଚ୍ଛତା, ନଦୀ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ସମସ୍ୟା ବିଷୟରେ ବିଭିନ୍ନ କଲେଜ, ବିଶ୍ୱବିଦ୍ୟାଳୟ ଏବଂ ଗ୍ରାମ ସମେତ ସହର ଗୁଡିକରେ ୧ ହଜାର ଯୁବପିଢ଼ି ସଚେତନତା କରିବେ । ସେହିପରି ସକରାତ୍ମକ ପରିବର୍ତ୍ତନ ଆଣିବା ସହିତ ଜଳ ସଂରକ୍ଷଣ ଓ ପରିବେଶ ସୁରକ୍ଷା ସକାଶେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ବୈଠକରେ ସ୍ଥିର କରାଯାଇଛି । ଡବ୍ଲୁଆଇଓ ଆବାହକ ରଞ୍ଜନ ପଣ୍ଡା ଯୋଗଦେଇ କହିଥିଲେ ଯେ, ଆଗାମୀ ୧୦ ମାସ ପର୍ଯ୍ୟନ୍ତ ଜଳ, ପରିମଳ ଓ ସ୍ୱଚ୍ଛତା ସଂକ୍ରାନ୍ତରେ ଅଧିକରୁ ଅଧିକ ଗୁରୁତ୍ୱ ଦିଆଯିବ । ପତଙ୍ଗର ଭୂମିସୂତା ସାହୁଙ୍କ ପରିଚାଳନାରେ ବୈଠକ ହୋଇଥିଲା । ବୁଧୁରାମ ମେହେର ଓ ସୁବୋଧ ପ୍ରଧାନ ସହଯୋଗ କରିଥିଲେ। ଖରିଆଡ କଲେଜ ଅଧକ୍ଷ ଡ. ହରେନ୍ଦ୍ର ପଣ୍ଡା, ପତଙ୍ଗ ସଭ୍ୟ ସଚ୍ଚିଦାନନ୍ଦ ମିଶ୍ର, ରେଡିଓ ଜକି ରୋଜାଲିନ ପ୍ରଧାନ ଏବଂ ଉନ୍ନୟନ କର୍ମୀ ଅଜିତ ପଣ୍ଡା, ରୁଦ୍ରପ୍ରସନ୍ନ ରଥ, ସୁକାନ୍ତି ପାତ୍ର, ବିବେକ ପାଣ୍ଡେ ଓ ସତ୍ୟାନନ୍ଦ ପାଣ୍ଡେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।

## ଜଳଶକ୍ତି ଅଭିଯାନ ମାରାଥନ



ମଙ୍ଗଳବାର ଆଇଆଇଏମ ସମ୍ବଲପୁର ଆୟୋଜିତ ଜଳଶକ୍ତି ଅଭିଯାନ ମାରାଥନରେ ବିଜେତାଙ୍କୁ ପୁରସ୍କୃତ କରାଯାଉଛି ।

ସମ୍ବଲପୁର, ୨୨।୧୦ (ବ୍ୟୁରୋ)

ଆଇଆଇଏମ୍ ପକ୍ଷରୁ ଜଳଶକ୍ତି ଅଭିଯାନ ମାରାଥନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଛାତ୍ରୀଛାତ୍ର, କର୍ମଚାରୀ, ଅଧାପିକା, ଅଧାପକମାନେ ୫ କି.ମି. ମାରାଥନରେ ସାମିଲ ହୋଇଥିଲେ । ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଛାତ୍ର ଲିଙ୍ଗରାଜ ବେହେରା ପ୍ରଥମ ଓ ଆଇଆଇଏମ୍ ସମ୍ବଲପୁର ଛାତ୍ର ସିଦ୍ଧେଶ ପାଟିଲ ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସମ୍ବଲପୁର ଡିଏଫଓ ଡ. ସଞ୍ଜିତ କୁମାର, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏମବିଏ ବିଭାଗ ମୁଖ୍ୟ ଡ. ଡି.କେ. ମହାଳିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସୱାଲ ସ୍ୱଚ୍ଛତା ସପ୍ତାହରେ ଜଳଶକ୍ତି ଅଭିଯାନ ବିଷୟରେ ସୂଚନା ଦେଇଥିଲେ ।

# ଧାନ ସଂଗ୍ରହ ପ୍ରଶିକ୍ଷଣ

ସମ୍ବଲପୁର,୨୨।୧୦(ବ୍ୟୁରୋ)



ସମ୍ବଲପୁର ପାନ୍ଥ ନିବାସରେ ଯୋଗାଣ ବିଭାଗ ପକ୍ଷରୁ ହୋଇଥିବା ଶିବିରରେ ଉପସ୍ଥିତ ଅଧିକାରୀମାନେ ।

ସମ୍ବଲପୁର ପାନ୍ଥନିବାସ ସମ୍ମିଳନୀ କକ୍ଷରେ ଖରିଫ ଧାନ ସଂଗ୍ରହ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଜିଲା ଯୋଗାଣ ଅଧିକାରୀ ରଞ୍ଜନ କୁମାର ସେଠ ଏଥିରେ ଅଧକ୍ଷତା କରିଥିଲେ। ଏଥିରେ ଖରିଫ ଋତୁ ଧାନ ସଂଗ୍ରହ ଉପରେ ଆଲୋଚନା ହୋଇଥିଲା । ରାଜ୍ୟ ଯୋଗାଣ ନିଗମ ଜେନେରାଲ ମ୍ୟାନିଜରର ଅଶୋକ କୁମାର ପଣ୍ଡା ଯୋଗ ଦେଇଥିଲେ। ଧାନ ସଂଗ୍ରହ ସମୟରେ ସମସ୍ତ ପ୍ରକିୟା ଅନ୍‌ଲାଇନ୍ ମାଧମରେ କିଭଳି ଭାବେ ହେବ, ସମସ୍ତ ଚାଷୀ ସହଜ ଓ ସରଳ ଭାବେ କିପରି ଧାନ ବିକ୍ରି କରିପାରିବେ, ଧାନର ମାନ ପରୀକ୍ଷା କରିବା, ମାର୍କେଟ ଗୁଡିକରେ ଚାଷୀଙ୍କ ପାଇଁ ବଜାର ସୁବିଧା କରିବା ଓ ଅନ୍ୟାନ୍ୟ ସମସ୍ୟା ଉପରେ ଅଲୋଚନା ହୋଇଥିଲା। ଏହି ଶିବିରରେ ସମ୍ବଲପୁର ସମେତ ସୁନ୍ଦରଗଡ, ଝାରସୁଗୁଡା, ଦେବଗଡ, ବରଗଡ, ବଲାଙ୍ଗୀର, ସୋନପୁର, ନୂଆପଡା, କଳାହାଣ୍ଡି, ଅନୁଗୋଳ ଜିଲା ଖାଉଟି କଲ୍ୟାଣ ବିଭାଗ ଅଧିକାରୀଙ୍କ ସହ ଜିଲା ଯୋଗାଣ ବିଭାଗ ଓ ଆରଏମ୍‌ସି ଅଧିକାରୀମାନେ ଉପସ୍ଥିତ ଥିଲେ ।

## ୬୫ତମ ରାଜ୍ୟ ସ୍କୁଲ ସମୂହ ବ୍ୟାଡମିଣ୍ଟନ, ସନ୍ତରଣ ପ୍ରତିଯୋଗିତା ଉଦ୍‌ଘାଟିତ

ସମ୍ବଲପୁର, ୨୨।୧୦ (ବ୍ୟୁରୋ)




ମଙ୍ଗଳବାର ସମ୍ବଲପୁର ଭିଏସ୍‌ଏସ୍ ଇନ୍‌ଡୋର ହଲ୍‌ଠାରେ ଆୟୋଜିତ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଓ ସନ୍ତରଣ ଚାମ୍ପିୟନଶିପ୍ ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

୬୫ତମ ରାଜ୍ୟ ସ୍କୁଲ ସମୂହ ବ୍ୟାଡମିଣ୍ଟନ ଓ ସନ୍ତରଣ ଚାମ୍ପିୟନଶିପ୍- ୨୦୧୯ ମଙ୍ଗଳବାର ଭିଏସ୍‌ଏସ୍ ଇନ୍‌ଡୋର ହଲ୍‌ଠାରେ ଉଦ୍‌ଘାଟିତ ହୋଇଛି । ରାଜ୍ୟ ସ୍କୁଲ ସମୂହ କ୍ରୀଡା ସଂଗଠନ ଓ ଜିଲା ଶିକ୍ଷା ଅଫିସ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ୧୪ ଏବଂ ୧୭ ବର୍ଷରୁ କମ୍ ଛାତ୍ରୀଛାତ୍ର ଭାଗ ନେଇଥିଲେ । ଜିଲା ଶିକ୍ଷା ଅଧିକାରୀ ସୁବୋଧ କୁମାର ଦାଶଙ୍କ ଅଧକ୍ଷତାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା ମୁଖ୍ୟଅତିଥି, ସର୍ବଶିକ୍ଷା ଅଭିଯାନ ଜିଲା ପ୍ରକଳ୍ପ ସଂଯୋଜିକା କଳ୍ପନା ପଣ୍ଡା, ଧନକଉଡା ବ୍ଲକ ଶିକ୍ଷା ଅଧିକାରୀ ମୁରଲୀଧର ବେହେରା, ଶାରୀରିକ ଶିକ୍ଷା ନିରୀକ୍ଷକ ସତ୍ୟନାରାୟଣ ରାୟଗୁରୁ, ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ ପ୍ରଧାନଶିକ୍ଷକ ପ୍ରଦୀପ୍ତ କୁମାର ସା, ପୂର୍ବତନ ଶିକ୍ଷା ମଣ୍ଡଳାଧୀଷ ଗିରିଧାରୀ ହୋତା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ୧୪ ବର୍ଷରୁ କମ୍ ବାଳିକା ବର୍ଗରେ ୭୨ ଓ ବାଳକରେ ୮୩ ଏବଂ ୧୭ ବର୍ଷରୁ କମ୍ ବାଳିକାରେ ୬୫ ଓ ବାଳକ ବର୍ଗରେ ୧୦୭ଜଣ ପ୍ରତିଯୋଗିତା ଅଂଶ ଗ୍ରହଣ କରିଛନ୍ତି। ଇଭେଣ୍ଟ ପରିଚାଳନା କରିବାକୁ ୨୩ ଜଣ ଶିକ୍ଷୟିତ୍ରୀ ଓ ୩୦ଜଣ ଶିକ୍ଷକ, ୫ଜଣ ଶାରୀରିକ ଶିକ୍ଷା ନିରୀକ୍ଷକ, ୧୩ଜଣ ଅଫିସିଆଲ, ୪ଜଣ କେନ୍ଦ୍ରୀୟ ପରିଚାଳକଙ୍କୁ ନିଯୁକ୍ତ କରାଯାଇଛି । ଚଳିତ ମାସ ୨୬ ତାରିଖ ପ୍ରତିଯୋଗିତା ଉଦ୍‌ଯାପିତ ହେବ ।

## ସିଆର୍‌ପିଏଫ୍ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି



ସିଆରପିଏଫ କ୍ୟାମ୍ପରେ ଶହୀଦ ଯବାନମାନଙ୍କୁ ସମ୍ମାନ ପ୍ରଦର୍ଶନ କରାଯାଉଛି।

ସମ୍ବଲପୁର,୨୨।୧୦(ବ୍ୟୁରୋ)

ସମ୍ବଲପୁର ସିଆପିଏଫ ୧୨ ବ୍ୟାଟିଲିୟନ ପକ୍ଷରୁ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି । ସ୍ଥାନୀୟ କ୍ୟାମ୍ପରେ ଅଧିକାରୀ ଓ ଯବାନମାବେ ପରେଡ କରି ଶହୀଦଙ୍କ ପ୍ରତିର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସିଆରପିଏଫ ଯବାନମାନେ ଦେଶ ସେବାରେ କିଭଳି ନିୟୋଜିତ ହେଉଛନ୍ତି ସେ ଦିଗରେ ଆଲୋଚନା ହୋଇଥିଲା। ଦେଶରେ କୌଣସି ପରିସ୍ଥିତିରେ ଯବାନମାନେ ବିରୁଦ୍ଧର ସହ କାମ କରୁଆସୁଛନ୍ତି । ଅନେକ ଯବାନ ଦେଶ ପାଇଁ ଶହୀଦ ହୋଇଯାଇଛନ୍ତି । ତେଣୁ ଆଜି ସମସ୍ତଙ୍କୁ ମନେ ପାକାଇବାର ଦିନ ବୋଲି ଅଧିକାରୀମାନେ କହିଥିଲେ ।

## ଓଲଟିଲା ପିକ୍‌ଅପ୍ ଭ୍ୟାନ

ଭେଡ଼େନ,୨୨।୧୦(ଡି.ଏନ୍.ଏ.):

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଧୀନ ଲୁହାଖଣ୍ଡି ପଞ୍ଚାୟତ ବରପଦର ଗାଁ ମୁଣ୍ଡରେ ମଙ୍ଗଳବାର ଅପରାହ୍ଣରେ ଏକ ପିକ୍‌ଅପ ଭ୍ୟାନ ଦୁର୍ଘଟଣାଗ୍ରସ୍ତ ହୋଇ ଏକ ଚାଷଜମିରେ ଓଲଟି ପଡିଥିଲା। ସୂଚନା ଯୋଗ୍ୟ, ଏକ ପିକ୍‌ଅପ୍ ଭ୍ୟାନ(ନଂ.ଓଡ଼ି ୦୩ସି ୪୩୧୫) ବରପାଲିରୁ କୁକୁଡ଼ା ଦାନା ବୋଝେଇ ହୋଇ ଅଛାଣ୍ଡପାଳି ଆସୁଥିଲା। ହେଲେ ଲୁହାଖଣ୍ଡି ପଞ୍ଚାୟତ ବରପଦର ଗାଁ ମୁଣ୍ଡରେ ପିକ୍‌ଅପ୍ ଭ୍ୟାନ ଭାରସାମ୍ୟ ହରାଇ ଚାଷ ଜମିରେ ଓଲଟି ପଡିଥିଲା। ହେଲେ ଦୁର୍ଘଟଣାରେ କେହି ମୃତାହତ ହୋଇ ନ ଥିବା ଜଣାପଡିଛି।



■ବେଦାନ୍ତ ପକ୍ଷରୁ ଜୀବିକା ସମୃଦ୍ଧି କାର୍ଯ୍ୟକ୍ରମ

# ୩ ଗାଁର ୨୫୦ ଚାଷୀ ଅନ୍ତର୍ଭୁକ୍ତ



ଝାରସୁଗୁଡ଼ା ବେଦାନ୍ତ କମ୍ପାନୀ ଦ୍ୱାରା ମଙ୍ଗଳବାର ଆୟୋଜିତ ଜୀବିକା ସମୃଦ୍ଧି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ।

ସମ୍ବଲପୁର, ୨୨।୧୦ (ବ୍ୟୁରୋ)

ଝାରସୁଗୁଡାସ୍ଥିତ ବେଦାନ୍ତ କମ୍ପାନୀ ପକ୍ଷରୁ ଗୁଡିଗାଁ, ସିରିଆପାଲି ଓ କେଲେଣ୍ଡାମାଲ ଗ୍ରାମରେ ଦ୍ୱିତୀୟ ପର୍ଯ୍ୟାୟ ଜୀବିକା ସମୃଦ୍ଧି କାର୍ଯ୍ୟକ୍ରମ ମଙ୍ଗଳବାର ଆରମ୍ଭ ହୋଇଛି। ଏଥିରେ ୩ଟି ଗ୍ରାମର ୨୫୦ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି । ଝାରସୁଗୁଡା ଜିଲାପାଳ ସରୋଜ କୁମାର ସାମଲ ମୁଖ୍ୟଅତିଥି, ବେଦାନ୍ତ କମ୍ପାନୀ ସିଇଓ ସି.ଏନ. ସିଂ, କେରେଣ୍ଡାମାଲ ପଞ୍ଚାୟତ ସରପଞ୍ଚ ସୌଦାମନୀ ନାୟକ, ସେବା ସମ୍ପାଦକ ସୁଶୀଲ କୁମାର ଦାଶ, ଅମରଜ୍ୟୋତି କୃଷକ ସଂଘ ସଭାପତି ଜୟକୃଷ୍ଣ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ୧୫୦ରୁ ଉର୍ଦ୍ଧ୍ୱ ଚାଷୀ ଯୋଗ ଦେଇଥିଲେ । ବେଦାନ୍ତ ବରିଷ୍ଠ ଅଧିକାରୀ ଚନ୍ଦ୍ରଶେଖର ସାହୁ, ସଞ୍ଜୀବ ପଟ୍ଟନାୟକ, ସୁନ୍ଦର ରାଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଜୀବିକା ସମୃଦ୍ଧି ପ୍ରଥମ ପର୍ଯ୍ୟାୟରେ ସିରିଆପାଲି ଗ୍ରାମର ୧୧୧ ଜଣ ଚାଷୀ ଉପକୃତ ହୋଇଛନ୍ତି। ଏହି ଗ୍ରାମରେ ୫ରୁ ୨୬ ପ୍ରତିଶତ ଜଳସେଚନ ଦକ୍ଷତା ବୃଦ୍ଧି କରାଯାଇଛି ।



ଛୋଟ ପରଦାରେ ଅଭିନୟ କରୁଥିବା ସମସ୍ତ କଳାକାର ସେତେ ସିରିୟସ୍ ନୁହନ୍ତି।
-ସୌମ୍ୟା ଟଣ୍ଡନ,
ବଲିଉଡ୍ ଅଭିନେତ୍ରୀ



# ଚିତ୍ରକଳାରେ ଜୀବନକୁ ଯୋଡ଼ିଛନ୍ତି 'ଭିଞ୍ଚି'

## ଲୋଭ୍ରେ ମ୍ୟୁଜିୟମ୍‌ରେ ପ୍ରଦର୍ଶିତ ହେବ ଶ୍ରେଷ୍ଠ କଳାକୃତି



**ପ୍ୟାରିସ୍:** 'ମୋନାଲିସା' କଥା ଉଠିଲେ ସେଥିରେ ମନକୁ ମନ ଯୋଡ଼ି ହୋଇଯାଆନ୍ତି ବିଖ୍ୟାତ ଚିତ୍ରକର ଲିଓନାର୍ଡୋ-ଦି-ଭିଞ୍ଚି। ଚିତ୍ରକଳାରେ ଜୀବନ, ସ୍ପନ୍ଦନ, ଗତି, ଭାବନାକୁ ଅତି ନିଖୁଣ ଭାବେ ଫୁଟାଇପାରୁଥିବା ଏହି ମହାନ୍ ଶିଳ୍ପୀ ନିଜ ଭିତରେ ଜଣେ ଆଶ୍ଚର୍ଯ୍ୟ। ଇତି ମଧ୍ୟରେ ତାଙ୍କ ମୃତ୍ୟୁକୁ ପୂରିଛି ୫୦୦ବର୍ଷ। ଏହି ଅବସରରେ ତାଙ୍କ ସ୍ମୃତିରକ୍ଷା ପାଇଁ ଫ୍ରାନ୍ସର ଲୋଭ୍ରେ ମ୍ୟୁଜିୟମରେ ଆୟୋଜିତ ହେଉଛି ପ୍ରଦର୍ଶନୀ। ପ୍ରଦର୍ଶନୀରେ ଭିଞ୍ଚିଙ୍କ ହାତତିଆରି ପେଣ୍ଟିଂ, ସ୍କେଚ୍, ଡ୍ରଇଂ ପ୍ରଦର୍ଶିତ ହେବ। ଦେଶବିଦେଶରୁ ଦୈନିକ ୩୦ ହଜାର ଦର୍ଶକ ଏହାକୁ ପରିଦର୍ଶନ କରିବା ସମ୍ଭାବନା ରହିଛି। ଏହା ଅକ୍ଟୋବର ୨୪ରୁ ଆରମ୍ଭ ହୋଇ ଫେବୃୟାରୀ ଯାଏ ଚାଲିବ। ସର୍ବାଧିକ ପର୍ଯ୍ୟଟକ ଆସୁଥିବା ପୃଥିବୀର ଅନ୍ୟତମ ପ୍ରସିଦ୍ଧ ମ୍ୟୁଜିୟମ୍ ମଧ୍ୟରେ ରହିଛି ଲୋଭ୍ରେ। ଲିଓନାର୍ଡୋଙ୍କ କଳାକୃତିକୁ ନେଇ ଏପରି ପ୍ରଦର୍ଶନୀ ପ୍ରଥମ ଥର ଲାଗି କରାଯାଉଛି। ଏଠାରେ ମୋନାଲିସା, ଦି ଲାଷ୍ଟ ସପର, ସେଣ୍ଟ ଜନ୍ସ ଦି ବାପ୍ଟିଷ୍ଟ ଭଳି ଦୁର୍ମୂଲ୍ୟ ଚିତ୍ରକଳା ପ୍ରଦର୍ଶିତ ହେବ। ତେବେ ତାଙ୍କଦ୍ୱାରା ପ୍ରସ୍ତୁତ ତଥା ପୃଥିବୀର ସବୁଠାରୁ ଦୁର୍ମୂଲ୍ୟ ପେଣ୍ଟିଂ କୁହାଯାଉଥିବା 'ସାଲଭେଟର ମୁଣ୍ଡି'ର ପ୍ରଦର୍ଶନକୁ ନେଇ ଏଯାଏ କିଛି ସ୍ପଷ୍ଟ ହୋଇନାହିଁ। ଅନ୍ୟପଟେ ଏହି ପ୍ରଦର୍ଶନୀ ଏବେ ମ୍ୟୁଜିୟମ୍ କର୍ମଚାରୀଙ୍କ ଚିନ୍ତା ବଢ଼ାଇଦେଇଛି। ଏଠାରେ ଏକସଙ୍ଗରେ ୭୦୦୦ ଲୋକ ଦେଖିବା ଭଳି ବ୍ୟବସ୍ଥା ଅଛି। ଦୈନିକ ୩୦ ହଜାର ଲୋକେ ପ୍ରଦର୍ଶନୀକୁ ଶୃଙ୍ଖଳିତ ଭାବେ ବୁଲିଦେଖିବା ଏବେ ଏକ ପ୍ରକାର ଚ୍ୟାଲେଞ୍ଜ ପାଲଟିଛି। ଏ ନେଇ ପ୍ରଦର୍ଶନୀର କ୍ୟୁରେଟର ଲୁଟି ଫ୍ରେଙ୍ଗ୍ କୁହନ୍ତି, ପ୍ରଦର୍ଶନୀ ମାଧ୍ୟମରେ ଲୋକମାନେ ଲିଓନାର୍ଡୋଙ୍କ କଳାକୃତିକୁ ନିକଟରୁ ଦେଖିବାର ସୁଯୋଗ ପାଇବେ। ତାଙ୍କ ମନସ୍ତାତ୍ତ୍ୱିକ ଚିନ୍ତାଧାରା ବିଷୟରେ ସାରା ବିଶ୍ୱ ଜାଣିପାରିବେ। ୧୪୫୨ରେ ଇଟାଲୀର ଟସ୍କନ ପ୍ରଦେଶସ୍ଥିତ ଭିଞ୍ଚି ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ଲିଓନାର୍ଡୋ। ଚିତ୍ରକଳା, ବିଜ୍ଞାନ, ଦର୍ଶନଶାସ୍ତ୍ର, ଇଞ୍ଜିନିୟରିଂ ଭଳି ଏକାଧିକ ବିଭାଗରେ ତାଙ୍କର ପାରଦର୍ଶିତା ରହିଥିଲା। ଫ୍ରାନ୍ସରେ ତାଙ୍କର ମୃତ୍ୟୁ ହୋଇଥିଲା। ୧୫୧୯ ମେ ୨ରେ ରାଜା ଫ୍ରାନ୍ସିସ୍ ଦ୍ୱିତୀୟଙ୍କ ଦରବାରରେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ।

# ୟୁଥ୍ ଆଇକନ୍ ବିଦ୍ୟା




**ଲଣ୍ଡନ:** ନିକଟରେ ଇମ୍ପେରିଆଲ୍ କଲେଜ ଲଣ୍ଡନ ପକ୍ଷରୁ ବଲିଉଡ୍‌ର ପ୍ରତିଭାବାନ୍ ଅଭିନେତ୍ରୀ ବିଦ୍ୟା ବାଲାନ୍‌ଙ୍କୁ ମିଳିଛି 'ୟୁଥ୍ ଆଇକନ୍' ଆୱାର୍ଡ। ଇମ୍ପେରିଆଲ୍ କଲେଜ ଲଣ୍ଡନର ପିଲାମାନଙ୍କ ସହ ଭାବବିନିମୟ କରିବା ପାଇଁ ବିଦ୍ୟା ଅତିଥି ଭାବେ ଲଣ୍ଡନ ଯାଇଥିଲେ। ଏହି ଅବସରରେ ତାଙ୍କୁ କଲେଜ ପକ୍ଷରୁ 'ୟୁଥ୍ ଆଇକନ୍' ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଥମ ଥର ପାଇଁ ଏହି ପୁରସ୍କାର ପାଇବା ପରେ ବିଦ୍ୟା ବେଶ୍ ଖୁସି ବ୍ୟକ୍ତ କରିବା ସହ କଲେଜ ପିଲାମାନଙ୍କ ସହ ବିତାଇଥିବା ସମୟ ତାଙ୍କ ପାଇଁ ଅବିସ୍ମରଣୀୟ ହୋଇରହିବ ବୋଲି କହିଛନ୍ତି। ଏଥିସହ କଲେଜ ପିଲାମାନଙ୍କଠାରୁ ମିଳିଥିବା ଭଲପାଇବା ଓ ସକାରାତ୍ମକ ଶକ୍ତି ତାଙ୍କୁ ଉତ୍ସାହିତ କରିଥିଲା। 'ୟୁଥ୍ ଆଇକନ୍' ପ୍ରମାଣପତ୍ର ଇନ୍‌ଷ୍ଟାଗ୍ରାମରେ ଶେୟାର କରି ଯୁବମାନଙ୍କଠାରୁ ମିଳିଥିବା ଏହି ଆୱାର୍ଡ ତାଙ୍କ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିଦ୍ୟା ଲେଖିଛନ୍ତି। ସେ ଲେଖିଛନ୍ତି, ଇମ୍ପେରିଆଲ କଲେଜ ପ୍ରଖ୍ୟାତ ଗଣିତଜ୍ଞ ଶକୁନ୍ତଳା ଦେବୀଙ୍କର ଏକ ଅଭିନ୍ନ ଅଙ୍ଗ। ସେହି କଲେଜକୁ ଅତିଥି ଭାବେ ଯିବା ମୋ ପାଇଁ ସୌଭାଗ୍ୟ। ଉଲ୍ଲେଖଯୋଗ୍ୟ, ଭାରତର ବିଶିଷ୍ଟ ଗଣିତଜ୍ଞ ତଥା ହ୍ୟୁମାନ୍ କମ୍ପ୍ୟୁଟର ଭାବେ ପରିଚିତ ଶକୁନ୍ତଳା ଦେବୀଙ୍କ ଉପରେ ବଲିଉଡ ଫିଲ୍ମ ନିର୍ମାଣ ହେବାକୁ ଯାଉଛି। ଏଥିରେ ବିଦ୍ୟା ଶକୁନ୍ତଳା ଦେବୀ ଚରିତ୍ରରେ ନଜରକୁ ଆସିବେ। ସୋନି ପିକ୍‌ଚର୍ସ ନେଟୱର୍କ ଓ ବିକ୍ରମ ମଲହୋତ୍ରା ଏହି ଫିଲ୍ମ ନିର୍ମାଣ କରୁଥିବା ବେଳେ ଅନୁ ମେନନ୍ ନିର୍ଦ୍ଦେଶନା ଦେଇଛନ୍ତି। ୨୦୨୦ରେ ଫିଲ୍ମଟି ମୁକ୍ତିଲାଭ କରିବ।

# 'ପାଗଲ୍‌ପନ୍ତୀ'ର ଟ୍ରେଲର ରିଲିଜ୍




ମୁମ୍ବାଇ: ବଲିଉଡ୍ ମଲ୍ଟି ଷ୍ଟାରର କମେଡି ଫିଲ୍ମ 'ପାଗଲ୍‌ପନ୍ତୀ'ର ଟ୍ରେଲର ରିଲିଜ୍ ହୋଇଯାଇଛି। ଫିଲ୍ମର ଟ୍ୟାଗ୍ ଲାଇନ୍ 'ଦିମାଗ୍ ମତ୍ ଲଗାନା, କ୍ୟୁ କି ଇନ୍‌ମେଁ ହେ ହି ନେହିଁ' କାହିଁକି ରଖାଯାଇଛି, ତାହା ଟ୍ରେଲର ଦେଖିବା ପରେ ବୁଝିହୋଇଯାଉଛି। ଅନିସ୍ ବଜ୍‌ମୀଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମରେ ଜନ୍ ଆବ୍ରାହମ୍, ଅନିଲ କପୁର, ଇଲିୟାନା ଡିକ୍ରୁଜ୍, ଅରଶଦ୍ ୱାର୍‌ସୀ, ପୁଲକିତ ସମ୍ରାଟ୍, କ୍ରିତି ଖରବନ୍ଦା, ଉର୍ବଶୀ ରୌଟେଲା ଏବଂ ସୌରଭ ଶୁକ୍ଲାଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବ। ଟ୍ରେଲରରେ ସମସ୍ତ କଳାକାର ଅଜବ ଗଜବ, କିନ୍ତୁ ମଜାଦାର ଲାଗୁଛନ୍ତି। ସାଧାରଣ କଥାକୁ କମେଡି ଆକାରରେ ଏକ ଭିନ୍ନ ରୂପରେ ଉପସ୍ଥାପନ କରିଛନ୍ତି ସମସ୍ତ କଳାକାର। ଫିଲ୍ମରେ ଜନ୍‌ଙ୍କ ନାମ ରାଜ କିଶୋର ରହିଥିବାବେଳେ ଅନିଲଙ୍କ ନାମ ୱାଇଫାଇ ଭାଇ ରହିଛି। ସେହିପରି ଟ୍ରେଲରରେ ବ୍ୟାକ୍‌ଗ୍ରାଉଣ୍ଡ ମ୍ୟୁଜିକ୍ ଶୁଣିଲେ ଆପଣଙ୍କୁ କମେଡି ଫିଲ୍ମ 'ୱେଲ୍‌କମ୍' ମନେପଡ଼ିଯିବ, ଯାହାର ନିର୍ଦ୍ଦେଶନା ମଧ୍ୟ ଅନିସ୍ ବଜ୍‌ମୀ ହିଁ ଦେଇଥିଲେ। ତେବେ ଲୋକଙ୍କୁ 'ପାଗଲ୍‌ପନ୍ତୀ'ର ଟ୍ରେଲର ଖୁବ୍ ପସନ୍ଦ ଆସୁଛି। ଏପରିକି, ସୋସିଆଲ୍ ମିଡିଆରେ 'ହାଉସ୍‌ଫୁଲ୍-୪' ଟ୍ରେଲର ସହ ତୁଳନା ମଧ୍ୟ କରାଯାଉଛି। ନଭେମ୍ବର ୨୨ରେ ଫିଲ୍ମ 'ପାଗଲ୍‌ପନ୍ତୀ' ରିଲିଜ୍ ହେବ।

# ହସ୍ପିଟାଲରେ କୁକୁର ଚିକିତ୍ସା




**ଲଣ୍ଡନ:** ବ୍ରିଟେନ୍‌ରେ ରହିଛି ଏକ ହସ୍ପିଟାଲ। ଏଠାରେ କୁକୁରମାନେ ଡାକ୍ତରଙ୍କୁ ରୋଗୀଙ୍କ ଚିକିତ୍ସାରେ ସହାୟତା କରନ୍ତି। ହସ୍ପିଟାଲକୁ ଆସୁଥିବା ରୋଗୀଙ୍କୁ ପ୍ରଥମେ ସ୍ୱତନ୍ତ୍ର ତାଲିମପ୍ରାପ୍ତ କୁକୁର ଶୁଙ୍ଘିଥାନ୍ତି। କୁକୁର ଶୁଙ୍ଘିବା ପରେ ରୋଗୀଙ୍କ ଚିକିତ୍ସା ଆରମ୍ଭ କରାଯାଇଥାଏ। ଏହାଦ୍ୱାରା ରୋଗୀଙ୍କ ରୋଗମୁକ୍ତ ସଫଳତା ହାର ଅଧିକ ରହିଥାଏ ବୋଲି ଡାକ୍ତରମାନେ ପ୍ରକାଶ କରିଛନ୍ତି। ପଶ୍ଚିମ ଆଫ୍ରିକାରେ ଏଭଳି ତାଲିମପ୍ରାପ୍ତ କୁକୁର ଦ୍ୱାର ମ୍ୟାଲେରିଆ ରୋଗ ଚିହ୍ନଟ କରାଯାଇପାରୁଛି। କୁକୁର ରୋଗୀର ମୋଜା ତଥା ଅନ୍ୟ ପୋଷାକକୁ ଶୁଙ୍ଘି ରୋଗ ସମ୍ପର୍କରେ ସୂଚନା ଦେଇଥାନ୍ତି।

# ଦିବ୍ୟାଙ୍ଗଙ୍କ ଆଶାବାଡ଼ି ଅଞ୍ଜଳି



**ରାୟପୁର:** ଦୁନିଆ ଭିଡ଼ ଭିତରୁ ନିଜକୁ ଅଲଗା ରଖି କିଛି ଭିନ୍ନ କରିବାର ପ୍ରୟାସ କରୁଥିବା ଜଣେ ଶିକ୍ଷୟିତ୍ରୀ ସମସ୍ତଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ପେସାରୁ ସମୟ ବାହାର କରି ଦିବ୍ୟାଙ୍ଗଙ୍କ ସେବାରେ ଲାଗିଥିବା ଶିକ୍ଷୟିତ୍ରୀ ହେଉଛନ୍ତି ରାୟପୁରର ଅଞ୍ଜଳି ଦେଶପାଣ୍ଡେ। ପେସାରେ ଶିକ୍ଷକ ହେଲେ ବି ସେ ସେବାମନସ୍କ। ଗତ ୫ ବର୍ଷ ହେବ ଅଞ୍ଜଳି ଦିବ୍ୟାଙ୍ଗ ପିଲାଙ୍କ ପାଇଁ କାମ କରୁଛନ୍ତି। ତାଙ୍କ ସହ ସମୟ ବି କାଟୁଛନ୍ତି। ସେ କୋପଲବାଣୀ ନାମକ ସଂସ୍ଥା ମାଧ୍ୟମରେ ଏହି ସେବା ଜାରି ରଖିଛନ୍ତି। ଦିବ୍ୟାଙ୍ଗ ପିଲାମାନେ ସେଠାକୁ ଆସୁଛନ୍ତି ଓ ପଢୁଛନ୍ତି। ଆସୁଥିବା ପିଲାମାନେ ନା କହିପାରୁଛନ୍ତି ନା ଶୁଣିପାରୁଛନ୍ତି। ଅଞ୍ଜଳି ସେମାନଙ୍କୁ ସାଂକେତିକ ଭାଷାରେ ପଢ଼ାଉଛନ୍ତି। ପିଲାମାନଙ୍କ ସହ ମିଶି ରହିବାରେ ଶାନ୍ତି ପାଆନ୍ତି ଓ ଯେଉଁଦିନ ସେମାନଙ୍କୁ ଭେଟନ୍ତିନି ସେହି ଦିନ ବୃଥାଯାଏ ବୋଲି କୁହନ୍ତି ଅଞ୍ଜଳି।

# ବହୁ ଉପକାରୀ ମହୁ



**ନୂଆଦିଲ୍ଲୀ:** ମହୁରେ ଅନେକ ପୋଷକ ତତ୍ତ୍ୱ ରହିଥାଏ। ପ୍ରତିଦିନ ସକାଳେ ଚାମୁଚେ ମହୁ ଖାଇଲେ କୋଲେଷ୍ଟରଲ ସ୍ତର ନିୟନ୍ତ୍ରିତ ହୋଇଥାଏ। ଫଳରେ ହାର୍ଟଆଟାକ୍ ସମସ୍ୟା ଦୂର ହୋଇଥାଏ ବୋଲି ଆୟୁର୍ବେଦରେ ଉଲ୍ଲେଖ ରହିଛି। ଉଷୁମ ପାଣିରେ ମହୁ ଏକ ଚାମୁଚେ ମିଶାଇ ପିଇଲେ ମେଦବହୁଳତା ଦୂର ହୁଏ। ଏହା ଶରୀରର ରୋଗପ୍ରତିଷେଧକ ଶକ୍ତି ମଧ୍ୟ ବଢ଼ାଇଥାଏ। ଏହି ପାଣି ରକ୍ତ ଶର୍କରାସ୍ତରକୁ ନିୟନ୍ତ୍ରିତ କରିଥାଏ। ଫଳରେ ଡାଇବେଟିସ୍ ଆଶଙ୍କା ଦୂର ହୋଇଥାଏ ବୋଲି ଆୟୁର୍ବେଦରେ ପରାମର୍ଶ ଦିଆଯାଇଛି।

# ଗଛ ପାଇଁ କଡ଼ା ସୁରକ୍ଷା



**ୱାଶିଂଟନ:** ଆମେରିକାରେ ଗ୍ରେଟ୍ ୱେସିନ୍‌ରେ ରହିଛି ଏକ ଗଛ। ଏହାର ସୁରକ୍ଷା ପାଇଁ ନିୟୋଜିତ ଅଛନ୍ତି ୫୦ କର୍ମଚାରୀ। ଏହି ଗଛଟି ହେଉଛି ୫ ହଜାର ବର୍ଷ ତଳର ଗଛ। ଏହାର ପ୍ରଜାତିର ନାମ ହେଉଛି ବ୍ରିଷ୍ଟିଲକୋନ୍ ପାଇନ୍। ଗଛଟି ଥିବା ଏକଶହ ଏକର ପରିମିତ ଅଞ୍ଚଳରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ବିନା ଅନୁମତି ପତ୍ରରେ ଗଛ ନିକଟକୁ କାହାକୁ ଛଡ଼ାଯାଇ ନ ଥାଏ। ଏଠାରେ ଆମେରିକା ଆର୍ମି ଏବଂ ପରିବେଶ ବିଭାଗ ପକ୍ଷରୁ ବିଭିନ୍ନ ଗବେଷଣା କରାଯାଇଥାଏ। ଗଛ ସୁରକ୍ଷା ପାଇଁ ବର୍ଷକୁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥାଏ। ଦୂରରୁ ଗଛକୁ ଦେଖିବା ଲାଗି ପ୍ରତିଦିନ ବହୁ ପର୍ଯ୍ୟଟକ ଆସିଥାନ୍ତି।

# ଛୋଟ ପରଦାରେ ନଜର ଆସିବେ ଗ୍ରେସୀ ସିଂ



**ମୁମ୍ବାଇ:** 'ଲଗାନ୍' ଏବଂ 'ମୁନ୍ନା ଭାଇ ଏମ୍‌ବିବିଏସ୍' ପରି ଫିଲ୍ମରେ ଦମ୍‌ଦାର ଅଭିନୟର ଯାଦୁ ଦେଖାଇଥିବା ଅଭିନେତ୍ରୀ ଗ୍ରେସୀ ସିଂଙ୍କୁ ଏବେ ପୁଣିଥରେ ଛୋଟ ପରଦାରେ ଦେଖିବାକୁ ମିଳିବ। ଗ୍ରେସୀ ୨୦୧୫ରେ ଛୋଟ ପରଦାରୁ ଅଭିନୟରେ କ୍ୟାରିୟର ଆରମ୍ଭ କରିଥିଲେ। ଏଥିରେ ସେ ସନ୍ତୋଷୀ ମା' ଚରିତ୍ରରେ ଦର୍ଶକଙ୍କ ସମ୍ମୁଖକୁ ଆସିଥିଲେ। ଏହି ଶୋ' ୨୦୧୭ରେ ବନ୍ଦ ହୋଇଯାଇଥିଲା। ୨ ବର୍ଷ ପରେ ଏବେ ଗ୍ରେସୀ ପୁଣି ଥରେ ସନ୍ତୋଷୀ ମା' ଚରିତ୍ରରେ ଅଭିନୟ କରିବେ। 'ସନ୍ତୋଷୀ ମା: ସୁନିୟେ ବ୍ରତ କଥାୟେଁ' ନାମକ ଏହି ଶୋ'ରେ ସେ ମା'ଙ୍କ ବ୍ରତ କଥା ବିଷୟରେ କହିବେ। ଏ ନେଇ ଗ୍ରେସୀ ଏକ ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ଶେୟାର କରିଛନ୍ତି।

# ମନ୍ଦିରରେ ସାହାନାଇ ବଜାନ୍ତି ମୁସଲମାନ୍

ଭାଗଲପୁର: ବିହାରର ଭାଗଲପୁର ସହରର ଉତ୍ତର-ପୂର୍ବରେ ପ୍ରବାହିତ ଗଙ୍ଗା ନଦୀ କୂଳରେ ଅବସ୍ଥିତ ବାବା ବୁଢେଶ୍ୱରନାଥଙ୍କ ମନ୍ଦିରକୁ ବାବା ବୁଢ଼ାନାଥଙ୍କ ମନ୍ଦିର ବୋଲି ଲୋକେ କୁହନ୍ତି । ଏହି ମନ୍ଦିରଟି ଚାରିଶହ ବର୍ଷର ପୁରୁଣା। ଏଠାରେ ସାହାନାଇ ବଜାଇଥାନ୍ତି ସ୍ୱର୍ଗୀୟ ଝୋଲେଲାହ ଖାଁଙ୍କ ପରିବାର । ବଂଶାନୁକ୍ରମରେ ଏହି ପରମ୍ପରା ମନ୍ଦିରରେ ଚାଲିଆସିଛି। ମନ୍ଦିରରେ ମହାଦେବଙ୍କ ସହିତ ମା' ଭଗବତୀଙ୍କୁ ପୂଜା କରାଯାଇଥାଏ। ସୂର୍ଯ୍ୟୋଦୟ ଏବଂ ସୂର୍ଯ୍ୟାସ୍ତ ସମୟରେ ମା' ଭଗବତୀଙ୍କୁ ଜାଗ୍ରତ କରିବା ପାଇଁ ଏହି ସାହାନାଇ ବାଦନ ପରମ୍ପରା ରହିଆସିଛି। ଏଠାରେ ମାନସିକ କଲେ ତାହା ପୂରଣ ହୋଇଥାଏ ବୋଲି ସ୍ଥାନୀୟ ଲୋକଙ୍କର ବିଶ୍ୱାସ ରହିଛି।

# 'ଷାଣ୍ଡ୍ କି ଆଁଖ୍'



# ରିଲିଜ୍ ପୂର୍ବରୁ ୟୁପିରେ ହେଲା ଟାକ୍ସ-ଫ୍ରି

**ନୂଆଦିଲ୍ଲୀ:** ବଲିଉଡ୍ ଅଭିନେତ୍ରୀ ତାପସୀ ପନ୍ନୁ ଏବଂ ଭୂମି ପେଡନେକର୍ ନିଜ ଦମ୍‌ଦାର ଅଭିନୟ ଯାଦୁରେ ଖୁବ୍ କମ୍ ସମୟ ଭିତରେ ଦର୍ଶକଙ୍କ ମନ ଜିଣିସାରିଲେଣି। ଏବେ ଦୁହେଁ ଏକାଠି 'ଷାଣ୍ଡ୍ କି ଆଁଖ୍' ଫିଲ୍ମ ଜରିଆରେ ଦର୍ଶକଙ୍କ ମନୋରଞ୍ଜନ କରିବେ। ତେବେ ଏହି ଫିଲ୍ମ ରିଲିଜ୍ ପୂର୍ବରୁ ହିଁ ସଫଳତାର ଶିଡ଼ି ଚଢ଼ିବା ଆରମ୍ଭ କରିଦେଇଛି। ଫିଲ୍ମକୁ ବିଭିନ୍ନ ରାଜ୍ୟରେ ଟାକ୍ସ-ଫ୍ରି ଘୋଷଣା କରାଯାଇଛି। ନିକଟରେ ରାଜସ୍ଥାନ ସରକାର ଫିଲ୍ମକୁ ଟାକ୍ସ-ଫ୍ରି କରିଥିବାବେଳେ ଏବେ ଉତ୍ତର ପ୍ରଦେଶରେ ଯୋଗୀ ସରକାର ମଧ୍ୟ ଟାକ୍ସ-ଫ୍ରି ଘୋଷଣା କରିଛନ୍ତି। ଫିଲ୍ମ 'ଷାଣ୍ଡ୍ କି ଆଁଖ୍'ର କାହାଣୀ ନାରୀ ସଶକ୍ତୀକରଣ ଓ କ୍ରୀଡ଼ାକୁ ପ୍ରୋତ୍ସାହନ ଦିଗକୁ ନେଇ ପ୍ରସ୍ତୁତ ହୋଇଛି। ବାଘପତ୍ ବାସିନ୍ଦା ଦୁଇ ବୟସ୍କା ମହିଳା ଚନ୍ଦ୍ରା ତୋମର ଏବଂ ପ୍ରକାଶୀ ତୋମରଙ୍କ ଜୀବନୀ ଉପରେ ଫିଲ୍ମର କାହାଣୀ ଆଧାରିତ। ଉଭୟେ 'ଶୁଟର୍ ଦାଦି' ନାମରେ ପରିଚିତ। ଚନ୍ଦ୍ରା ତୋମର ୬୦ ବର୍ଷ ବୟସରେ ଶୁଟ୍ କରିବା ଶିଖନ୍ତି ଏବଂ ଦେଶର ଜଣେ ସବୁଠାରୁ ଯୋଗ୍ୟ ଶୁଟର୍ ଭାବେ ପରିଚୟ ସୃଷ୍ଟି କରନ୍ତି। ଆସନ୍ତା ୨୫ ତାରିଖରେ ଫିଲ୍ମଟି ରିଲିଜ୍ ହେବାକୁ ଥିବାବେଳେ ଭିନୀତ୍ ସିଂହ ଓ ପ୍ରକାଶ ଝା'ଙ୍କୁ ମଧ୍ୟ ଫିଲ୍ମରେ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବ। ଅନ୍ୟପଟେ ଅନୁଭବ ସିହ୍ନାଙ୍କ ଫିଲ୍ମ 'ଥପ୍ପଡ୍'ରେ ମଧ୍ୟ ତାପସୀ ପନ୍ନୁ ନଜରକୁ ଆସିବେ। ସେହିପରି ଭୂମି ପେଡନେକର 'ବାଲା', 'ପତି, ପତ୍ନୀ ଔର ୱୋ'ରେ ନଜରକୁ ଆସିବେ। ଏହାଛଡ଼ା ଭିକି କୌଶଲଙ୍କ ହର୍‌ର୍ ଫିଲ୍ମ 'ଭୂତ'ରେ ମଧ୍ୟ ଭୂମିଙ୍କୁ ଦେଖିବାକୁ ମିଳିବ। ଚର୍ଚ୍ଚା ଅନୁଯାୟୀ 'ଷାଣ୍ଡ୍ କି ଆଁଖ୍' ଫିଲ୍ମରେ ଉଭୟ ଦମ୍‌ଦାର ଅଭିନୟ କରିଛନ୍ତି।



ଆଜିର କାମ ଆସନ୍ତା କାଲିକୁ ବାକି ରଖି ନ ଥିବା ଲୋକ ଜୀବନରେ ସବୁବେଳେ ଆଗରେ ଥାଏ ଏବଂ ଏକ ଉଜ୍ଜ୍ୱଳମୟ ଭବିଷ୍ୟତ ସେହି କର୍ମବୀର ପାଇଁ ଅପେକ୍ଷା କରିଥାଏ।
- ଟମାସ କାର୍ଲାଇଲ୍



# ବୀମା କମ୍ପାନୀକୁ ସରକାରଙ୍କ ଡର

ସମ୍ବଲପୁର,୨୨।୧୦(ବ୍ୟୁରୋ)



ସମ୍ବଲପୁର ଜିଲାପାଳଙ୍କ ଅଫିସ ନିକଟରେ ମଙ୍ଗଳବାର ଚାଷୀମାନେ ଅନଶନରେ ବସିଛନ୍ତି ।

- ଚାଷୀଙ୍କୁ ଫସଲ ବୀମା, ଇନ୍‌ପୁଟ ସବ୍‌ସିଡି ମିଳୁନି
- ପ୍ରତିବାଦରେ ଅନଶନରେ ବସିଲେ ଚାଷୀ
- ୪୦ ସଙ୍ଗଠନ କର୍ମକର୍ତ୍ତା ସାମିଲ ହେଲେ

ସମ୍ବଲପୁର ଜିଲାପାଳଙ୍କ ଅଫିସ ନିକଟରେ ମଙ୍ଗଳବାର ପଶ୍ଚିମଓଡିଶା ମିଳିତ ସମନ୍ୱୟ ସମିତି ଓ ଜିଲା କୃଷକ ସଙ୍ଗଠନ ଆହ୍ୱାନ କ୍ରମେ ଚାଷୀମାନେ ୨୪ ଘଣ୍ଟିଆ ରିଲେ ଅନଶନରେ ବସିଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହ ଫସଲ ବୀମା କରିଥିବା କମ୍ପାନୀ ବିରୋଧରେ ଆନ୍ଦୋଳନକାରୀ ବର୍ଷିଛନ୍ତି। ଜିଲାର ୪୦ଟି ସଂଗଠନର କର୍ମକର୍ତ୍ତା ଏଥିରେ ଉପସ୍ଥିତ ରହି ସେମାନଙ୍କ ଅସନ୍ତୋଷ ପ୍ରକାଶ କରିଥିଲେ।

୨୦୧୮ ଖରିଫ ଋତୁରେ ଅନିୟମିତ ବର୍ଷା ଓ ରୋଗପୋକ ଯୋଗୁ ଫସଲ ନଷ୍ଟ ହୋଇଛି। ବୀମା କମ୍ପାନୀ ଓ ସରକାରଙ୍କ ପକ୍ଷରୁ କ୍ଷୟକ୍ଷତି ଆକଳନ କରି ରିପୋର୍ଟ ପ୍ରସ୍ତୁତ ହୋଇଛି। ହେଲେ ଦେଢବର୍ଷ ବିତିଯାଇଥିଲେ ମଧ୍ୟ ଚାଷୀମାନଙ୍କୁ ଫସଲ ବୀମା କି ଇନ୍‌ପୁଟ ସବ୍‌ସିଡି ଟଙ୍କା ମିଳି ପାରିନାହିଁ। ସେହିପରି ଧାନର ସର୍ବନିମ୍ନ ମୂଲ୍ୟ ବୃଦ୍ଧି, ଚାଷୀଙ୍କୁ ବୋନସ୍ ଓ ସମ୍ପୂର୍ଣ୍ଣ ଋଣ ଛାଡ, କୀଟନାଶକ ରିହାତି ମୂଲ୍ୟରେ ଯୋଗାଇ ଦେବାରେ ସରକାର ବିଫଳ ହୋଇଛନ୍ତି। ଏଥିପାଇଁ ଚାଷୀ ଆନ୍ଦୋଳନ କରିଛନ୍ତି। ହେଲେ ସରକାରଙ୍କ ନିଦ ଭାଙ୍ଗୁ ନାହିଁ।

ଜିଲା ପ୍ରଶାସନ ଏହି ସମସ୍ୟାର ସମାଧାନ କରିବା ପାଇଁ ରାଜ୍ୟ ସରକାରଙ୍କ ପାଖକୁ ଚିଠି ଲେଖିଛି। ହେଲେ ରାଜ୍ୟ ସରକାର ନିଜ ମୁଣ୍ଡରୁ ଦୋଷ ଛଡାଇ ଦେବାକୁ କେନ୍ଦ୍ର ସରକାରଙ୍କ ପାଖକୁ ପତ୍ର ଲେଖି ଚୁପ୍ ବସିଛନ୍ତି। କେନ୍ଦ୍ର ସରକାର ମଧ୍ୟ ଏ ଦିଗରେ ପଦକ୍ଷେପ ଗ୍ରହଣ କରୁନାହିଁ। ବୀମା କମ୍ପାନୀ ଫସଲର ବୀମା କରି ଚାଷୀଙ୍କଠାରୁ ପ୍ରିମିୟମ ଟଙ୍କା ନେଇଛି। ହେଲେ ଘୋଷଣା କରିଥିବା ଟଙ୍କା ଦେବା ସମୟରେ କୁଣ୍ଠାବୋଧ କରୁଛି। ବୀମା କମ୍ପାନୀକୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଭୟ କରୁଛନ୍ତି । ଏଭଳି ଗୋଟିଏ ଘରୋଇ ବୀମା କମ୍ପାନୀ ରାଜ୍ୟରେ ଚୁକ୍ତି ଖିଲାପ କରୁଛି। ହେଲେ ରାଜ୍ୟ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପାରୁନାହାନ୍ତି। ଚାଷୀଙ୍କ ସମସ୍ୟାର ସମାଧାନ କରିବାକୁ ସରକାରଙ୍କ ଅପାରଗତା ରହୁଛି। ରାଜ୍ୟ ସରକାର ବୀମା ଟଙ୍କା ପାଇଁ କେନ୍ଦ୍ର ଉପରେ ଦୋଷ ଲଦି ଦେଉଛନ୍ତି। ହେଲେ ଚାଷୀମାନେ ରାଜ୍ୟ ସରକାରଙ୍କ ସମବାୟ ସମିତି ଓ ଲ୍ୟାମ୍ପସଗୁଡିକରେ ବୀମା ପଲିସି ବାବଦକୁ ଟଙ୍କା ଜମା କରୁଛନ୍ତି। ତେବେ ହକ୍ ପାଇବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚାଷୀ ନେତାମାନେ କହିଛନ୍ତି । ପଶ୍ଚିମ ଓଡିଶା କୃଷକ ସଂଗଠନ ଆବାହକ ଅଶୋକ ପ୍ରଧାନ, ବ୍ୟୋମକେଶ ଠାକୁର, ଉପସଭାପତି ହରିଶଙ୍କର ପୁରୋହିତ, ଦେବେନ୍ଦ୍ର ପ୍ରଧାନ, ସରୋଜ, କୁଶଧ୍ୱଜ ଚୌଧୁରୀ, ଚନ୍ଦ୍ରଶେଖର ପଣ୍ଡା, ଉମେଶ ମିଶ୍ର, ବିଭୁ ପଟ୍ଟନାୟକଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ ।

## ଚିପିଲିମା ଡିଷ୍ଟ୍ରିବ୍ୟୁଟାରି କେନାଲରେ ଭାସିଯାଇ ମହିଳାଙ୍କ ମୃତ୍ୟୁ

ଚିପିଲିମା, ୨୨।୧୦ (ଡି.ଏନ.ଏ)

ସମ୍ବଲପୁର ଜିଲା ଧନକଉଡା ବ୍ଲକ ବସନ୍ତପୁର ପଞ୍ଚାୟତ ସାହାଜବାହାଲ ଗ୍ରାମରେ ଜଣେ ବିବାହିତା ମହିଳା ଗାଁ ନିକଟସ୍ଥ ଚିପିଲିମା ଡିଷ୍ଟ୍ରିବ୍ୟୁଟାରୀ କେନାଲରେ ଭାସିଯାଇ ମୃତ୍ୟୁ ଘଟିଛି। ସେ ହେଲେ ସାହାଜବାହାଲ ଗ୍ରାମର କୁଞ୍ଜବିହାରୀ ମିର୍ଦ୍ଧାଙ୍କ ସ୍ତ୍ରୀ ପାନ ମିର୍ଦ୍ଧା (୫୦) । ଚିପିଲିମା ଫାଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇ ଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ବୁର୍ଲା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୯୫୫/୧୯) ରୁଜୁ ହୋଇଛି। ପୋଲିସର ତଥ୍ୟ ମୁତାବକ ମଙ୍ଗଳବାର ସକାଳ ୭ଟାରେ ନିକଟସ୍ଥ କେନାଲକୁ ଗାଧୋଇବାକୁ ଯାଇ ୯ଟା ପର୍ଯ୍ୟନ୍ତ ସେ ଘରକୁ ଫେରି ନ ଥିଲେ। ବିଳମ୍ବ ହେବାରୁ ଘର ଲୋକେ ତାଙ୍କୁ ଅନେକ ଖୋଜାଖୋଜି ପରେ ତଳମୁଣ୍ଡସ୍ଥିତ ଭାଲୁ ଗୁଡିଆ ନିକଟରେ ମୃତଦେହ ଉଦ୍ଧାର କରିଥିଲେ।

## ସଂକ୍ଷେପରେ

### ଅଟଳ କୃଷକ ସଙ୍ଗଠନର ବୈଠକ

ନାକଟିଦେଉଳ,୨୨।୧୦(ଡି.ଏନ.ଏ.): ନାକଟିଦେଉଳ ବ୍ଲକ ଅନ୍ତର୍ଗତ ସାଲେଭଟା ପଞ୍ଚାୟତର ଅଟଳ କୃଷକ ସଂଗଠନର ଏକ ବୈଠକ ସ୍ଥାନୀୟ ବଅଁରପାଳ ମଠରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଭାପତି ଦିବାକର ପ୍ରଧାନ ସଭାପତିତ୍ୱ କରିଥିଲେ। ଚାଷୀ ସମସ୍ୟା, କୃଷି ଋଣ, ସାଲେଭଟା ସେବା ସମବାୟ ସମିତିରେ ଦୁର୍ନୀତି, ୨୦୧୭-୧୮ ଖରିଫ ଚାଷର କୃଷିବୀମା ସହାୟତା ରାଶି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ଅର୍ଜୁନ ସାହୁ, କୁବେର ସାହୁ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସୁରେଶ କିସାନ, କ୍ଷୀରୋଦ କୁମାର ଗଡ଼ତ୍ୟା, ଅବନୀ ରାଉତ ପ୍ରମୁଖ ଯୋଗ ଦେଇଥିଲେ।

### ଝୁଝୁମୁରାରେ ୫୩ ଅଭିଯୋଗ ଶୁଣାଣି

ସମ୍ବଲପୁର,୨୨।୧୦(ବ୍ୟୁରୋ): ଝୁଝୁମୁରା ବ୍ଲକରେ ଜିଲାପ୍ରଶାସନ ପକ୍ଷରୁ ଜନଶୁଣାଣି କରାଯାଇଛି। ଅତିରିକ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡା, ଏସ୍‌ପି କନୱର ବିଶାଲ ସିଂ, ଡିଏଫ୍‌ଓ ସଞ୍ଜୀତ କୁମାର, ଡିଆରଡିଏ ପିଡି ସୁକାନ୍ତ ତ୍ରିପାଠୀ, ଉପଜିଲାପାଳ ଅନିରୁଦ୍ଧ ପ୍ରଧାନ, ବିଡିଓ ସରୋଜ ବିଶ୍ୱାଳଙ୍କ ସମେତ ସମସ୍ତ ବିଭାଗ ଅଧିକାରୀ ଉପସ୍ଥିତ ରହିଥିଲେ। ବ୍ୟକ୍ତିଗତ ଭାବେ ୩୩ ଓ ସାମୂହିକ ଭାବେ ୨୦ଟି ଅଭିଯୋଗକୁ ମିଶାଇ ମୋଟ ୫୩ଟି ଅଭିଯୋଗ ହୋଇଥିଲା । ଏହି ଅବସରରେ ୭ ଜଣଙ୍କୁ ଟ୍ରାଇ ସାଇକେଲ, ୫ ଜଣଙ୍କୁ ହଉଇଲ ଚେୟାର, ଜଣଙ୍କୁ ଆଶାବାଡି ପ୍ରଦାନ କରାଯାଇଥିଲା । ଏହି ଅବସରରେ ଓଡିଶା ଜୀବିକା ମିଶନ, ଆଇସିଡିଏସ୍, ସାମାଜିକ ସୁରକ୍ଷା, ମତ୍ସ୍ୟ ଓ କୃଷି ବିଭାଗ ପକ୍ଷରୁ ଷ୍ଟଲ ଲାଗିଥିଲେ। ସେହିଭଳି ଏଥିରେ ବିଭିନ୍ନ ଖାଦ୍ୟ ସାମଗ୍ରୀ ମଧ ବିକ୍ରି ହୋଇଥିଲା ।

### ଆଜି ହିଣ୍ଡାଲ୍‌କୋ ଶ୍ରମିକ ସଙ୍ଗଠନର ନିର୍ବାଚନ

ହୀରାକୁଦ, ୨୨।୧୦ (ଡି.ଏନ.ଏ.): ହିଣ୍ଡାଲ୍‌କୋ ଶ୍ରମିକ ସଙ୍ଗଠନର ନିର୍ବାଚନ ବୁଧବାର ଅନୁଷ୍ଠିତ ହେବ। ଏଥିପାଇଁ ୩ଟି ଶ୍ରମିକ ସଂଗଠନ ମଧ୍ୟରେ ବଳ କଷାକଷି ଚାଲିଛି। ଯେଉଁ ଶ୍ରମିକ ସଂଗଠନ ଅଧିକ ଭୋଟ ପାଇବ ହିଣ୍ଡାଲ୍‌କୋ ପରିଚାଳନା କର୍ତ୍ତୃପକ୍ଷ ସେହି ସଙ୍ଗଠନକୁ ସ୍ୱୀକୃତି ପ୍ରଦାନ କରି ବିଭିନ୍ନ ଦୀର୍ଘ ମିଆଦି ଚୁକ୍ତିନାମା ପାଇଁ ନିମନ୍ତ୍ରଣ କରିବ। ତେବେ ଏହି ବଳ କଷାକଷି ଏପରି ସ୍ତରକୁ ପହଞ୍ଚିଛି ଯେ ସାଧାରଣ ନିର୍ବାଚନ କିମ୍ବା ପୌରନିର୍ବାଚନଠାରୁ କିଛି କମ୍ ନୁହେଁ। ୩ଟି ଶ୍ରମିକ ସଂଗଠନ ପକ୍ଷରୁ ସହରରେ ପ୍ରଚାର କରାଯାଇ ନିଜ ନିଜର ପଡିଆରା ଦେଖାଇବାକୁ ଚେଷ୍ଟା କରାଯାଇଛି। ଏ ପର୍ଯ୍ୟନ୍ତ ୩ଟି ଶ୍ରମିକ ସଂଗଠନ ମଧ୍ୟରୁ ହିଣ୍ଡାଲ୍‌କୋ ଏମ୍ପ୍ଲୋଇଜ୍ ୟୁନିୟନ (ଏଆଇଟିୟୁସି ସମର୍ଥିତ) ଦୀର୍ଘ ଦିନରୁ ପରିଚାଳନା କର୍ତ୍ତୃପକ୍ଷଙ୍କ ସ୍ୱୀକୃତି ପାଇ ଦୀର୍ଘ ମିଆଦି ଚୁକ୍ତିନାମା କରି ଆସୁଛି । ମାତ୍ର ୨ଥର ୱାର୍କ୍ସ ୟୁନିୟନ ଦୀର୍ଘ ମିଆଦି ଚୁକ୍ତିନାମା କରିଥିଲା। ହେଲେ ହିଣ୍ଡାଲ୍‌କୋ ମଜଦୁର ସଂଘ (ବିଏମ୍‌ଏସ୍) ଏ ପର୍ଯ୍ୟନ୍ତ ଥରେ ହେଲେ ବି ବିଜୟୀ ହୋଇ ପାରିନାହିଁ । ମଜଦୁର ସଂଘ ତରଫରୁ ବିଭିନ୍ନ ସମୟରେ ଅନ୍ୟ ଦୁଇ ଶ୍ରମିକ ସଂଗଠନ ପରିଚାଳନା କର୍ତ୍ତୃପକ୍ଷଙ୍କ ହାତବାରିସି ସାଜି ଶ୍ରମିକ ବିରୋଧୀ କାର୍ଯ୍ୟକ୍ରମ କରି ଆସିଛନ୍ତି ବୋଲି ଅଭିଯୋଗ କରିଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ରେଙ୍ଗାଲିରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'କାର୍ଯ୍ୟକ୍ରମ

# ୧୨ କ୍ଲଷ୍ଟରରୁ ୨୪୫ ଛାତ୍ରୀଛାତ୍ର ଭାଗ ନେଲେ

ରେଙ୍ଗାଲି,୨୨।୧୦(ଡି.ଏନ.ଏ.)




ରେଙ୍ଗାଲି ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ମଙ୍ଗଳବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

ରେଙ୍ଗାଲି ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ମଙ୍ଗଳବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୧୨ଟି କ୍ଲଷ୍ଟରରୁ ମୋଟ ୨୪୫ ଜଣ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଯୋଗ ଦେବେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟଶ୍ରୀ ଦୋରା ସଭାପତିତ୍ୱ କରିଥିଲେ। ନୂଆରମ୍ଭେଲା ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମାମିନି ସାହୁ ଏବଂ ଏବିଇଓ ରୁକ୍ମିଣୀ ପଧାନ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ସିଆରସିସି ଜିତେନ୍ଦ୍ର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲା ବେଳେ ସିଆରସିସି ବିନୋଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ସିଆରସିସି ହିମାଂଶୁ ସାହୁଙ୍କ ସହ ବସନ୍ତ ରାଉତ, ଅଶୋକ ମାହାଣା, ମହାବୀର ପଟୁଆ, ପିତାମ୍ବର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ରେଡ୍‌କ୍ରସ୍‌ରୁ ସହାୟତା ଆଶାରେ ଗର୍ଭବତୀ ମହିଳା

ସମ୍ବଲପୁର,୨୨।୧୦(ବ୍ୟୁରୋ)



ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ସହାୟତା ପାଇଁ ଆସିଥିବା ଗର୍ଭବତୀ ମହିଳା ଓ ତାଙ୍କ ପରିବାର ସଦସ୍ୟ।

ସମ୍ବଲପୁର ମହାନଗର ନିଗମ ଗୁଲୁଣ୍ଡିପାଲି ଗ୍ରାମର ଗର୍ଭବତୀ ମହିଳା ସୁଷମା ଗର୍ଡିଆ ସୋମବାର ଜିଲା ରେଡ଼କ୍ରସର ଦ୍ୱାରସ୍ଥ ହୋଇଛନ୍ତି। ସେ ୮ ମାସର ଗର୍ଭବତୀ ଅଛନ୍ତି। ସ୍ୱାମୀ ଏକ ମାମଲାରେ ଗିରଫ ହୋଇ ବିଚାରଧୀନ କଏଦୀ ଭାବେ ୫ ମାସ ହେଲା ଜେଲରେ ଅଛନ୍ତି। ଏପଟେ ତାଙ୍କର ୬, ୩ ଓ ୮ ବର୍ଷ ବୟସର ୩ ଝିଅ ଅଛନ୍ତି। ବୃଦ୍ଧ ଶାଶୁ ସହ ସମସ୍ତ ପରିବାର ଦାୟିତ୍ୱ ତାଙ୍କ ମୁଣ୍ଡରେ ଅଛି। ଏବେ ନିଜେ ସେ ଆଉ ରୋଜଗାର କରିବାକୁ ଯାଇପାରୁନାହାନ୍ତି। ପରିବାର ଲୋକଙ୍କ ପାଇଁ ଖାଦ୍ୟ ଯୋଗାଡ଼ କାଠିକର ପାଠ ହୋଇଛି। ନିଜ ପାଇଁ ଔଷଧ ଓ ଅନ୍ୟାନ ଖର୍ଚ୍ଚ ପାଇଁ ଟଙ୍କା ଅଭାବ ରହୁଛି । ତେଣୁ ରେଡକ୍ରସ ପକ୍ଷରୁ ସାହାଯ୍ୟ କରାଯାଉ ବୋଲି ସେ ଗୁହାରୀ କରିଛନ୍ତି ।

# ମୋଟରଯାନ ଆଇନ ମାନିବାକୁ ଗାଡ଼ି ଚାଳକଙ୍କୁ ଆହ୍ୱାନ

ନାକଟିଦେଉଳ,୨୨।୧୦(ଡି.ଏନ.ଏ.)



ନୂଆ ମୋଟର ଯାନ ଆଇନ ନିୟମ ମାନିବାକୁ ଗାଡିଚାଳକଙ୍କ ସଚେତନ କରିବା ଲାଗି ସଚେତନତା ଶୋଭାଯାତ୍ରା ବାହାରିଛି।

ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଡଇଁଚାରେ ମଙ୍ଗଳବାର ବିଜୁ ଯୁବ ବାହିନୀ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ 'ରକ୍ଷକ' ଅନୁଷ୍ଠିତ ହୋଇଯାଇଛି । ବିଜୁ ଯୁବ ବାହିନୀର ବ୍ଲକ ସଂଯୋଜକ ଜିତେନ୍ଦ୍ର କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକ ଅଧକ୍ଷା ମନ୍ଦାକିନୀ ରାଉଳ, ବ୍ଲକ ବିଜେଡି ସଭାପତି ମୁଲିଆ ରାଉଳ, ବିଜେଡି ଯୁବନେତା ରାମପ୍ରସାଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଡଇଁଚା ବାପୁଜୀ ଉଚ୍ଚବିଦ୍ୟାଳୟରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ରାସ୍ତାରେ ଯାତାୟତ କରୁଥିବା ବାଇକ୍‌ଚାଳକମାନଙ୍କୁ ହେଲମେଟ୍ ପିନ୍ଧିବା, ଗାଡ଼ି ଚାଳନା ବେଳେ ମୋବାଇଲରେ କଥା ନ ହେବାକୁ ସଚେତନ କରାଇଥିଲେ। ବିଜୁ ଯୁବ ବାହିନୀର ଡଇଁଚା ପଞ୍ଚାୟତ ସଭାପତି ରିଙ୍କୁ ସାହୁ, ଗୋଗୁଆର ପପୁନ କୁମାର ସାହୁ, ଶିମିଳିପାଳର ବାପୁନ ସ୍ୱାଇଁ ଏବଂ ଘୋଷରାମାଳର ଲିପୁନ ସ୍ୱାଇଁଙ୍କ ସମେତ ବହୁ ସଦସ୍ୟ ଏଥିରେ ଯୋଗ ଦେଇଥିଲେ।

## ସମ୍ଭାଗସ୍ତରୀୟ ବିଦ୍ୱତ ପରିଷଦ କର୍ମଶାଳା

ଚିପିଲିମା, ୨୨।୧୦ (ଡି.ଏନ.ଏ)

ଧନକଉଡା ବ୍ଲକ କଳାମାଟି ପଞ୍ଚାୟତ ଘୁଡୁକାଟିକ୍ରା ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ସମ୍ଭାଗ ସ୍ତରୀୟ ବିଦ୍ୱତ ପରିଷଦର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଶିଶୁ ମନ୍ଦିରର ସଭାପତି ବାଳକୃଷ୍ଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବରେ ପ୍ରାନ୍ତୀୟ ପ୍ରାଥମିକ ସମ୍ଭାଗ ଶୈକ୍ଷିକ ପ୍ରମୁଖ ଖଗେଶ୍ୱର ଦାସ, ଭୋଜରାଜ ଗଡୁଆ, ବରଗଡ ବିଭାଗ ନିରୀକ୍ଷକ ଜୟକିଶୋର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଧର୍ମାନନ୍ଦ ମହଲାଙ୍କ ତତ୍ତ୍ୱାବଧାନରେ ଦୀପାଞ୍ଜଳି ପଶାୟତ, ସସ୍ମିତା ଗେଜୋ, ମନୁ ପରିଡା ପ୍ରମୁଖ ସହଯୋଗ କରିଥିଲେ। କର୍ମଶାଳାରେ ବରଗଡ, ସମ୍ବଲପୁର, ଝାରସୁଗୁଡା, ଦେବଗଡ ପ୍ରମୁଖ ଅଞ୍ଚଳରୁ ସଦସ୍ୟମାନେ ଯୋଗ ଦେଇଥିଲେ।




ସମ୍ବଲପୁର ସେନ ପାର୍କସ୍ଥିତ ଯୋଗେନ୍ଦ୍ର ନାଥ ସେନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି ।

# ବଙ୍ଗୀୟ ପରିଷଦର ବିଜୟ ସମ୍ମିଳନୀ

ସମ୍ବଲପୁର, ୨୨।୧୦ (ବ୍ୟୁରୋ)

ସମ୍ବଲପୁର ବଙ୍ଗୀୟ ପରିଷଦର ବିଜୟ ସମ୍ମିଳନୀ ରୋଟାରୀ କ୍ଲବ ପରିସରରେ ପାଳିତ ହୋଇଯାଇଛି । ଡା. କାଞ୍ଚନ ରାୟ, ଡା. ଦୀପକ ନାଥ, ଡା. କଲ୍ୟାଣ କୁମାର ଗୁପ୍ତା, ଡା. ଦୁର୍ଗା ଦତ୍ତ, ଡା. ଜୟଦୀପ କର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପରିଷଦର ସଭ୍ୟ ଶ୍ୟାମଳ ବାନାର୍ଜୀ, ଅଭିଜିତ ଗୁହ, ତପନ ମିତ୍ର, ବରୁଣ ମଜୁମଦାର, ଅନନ୍ତ ମଜୁମଦାର, ରାଜକୁମାର ସାହା, ଅଶୋକ ବକ୍ସି, ଦିଗନ୍ତ ବୋଷଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସେନ ପାର୍କସ୍ଥିତ ଯୋଗେନ୍ଦ୍ର ନାଥ ସେନଙ୍କ ପ୍ରତିମୂର୍ତ୍ତିରେ ବଙ୍ଗୀୟ ପରିଷଦ ସଭ୍ୟମାନେ ମାଲ୍ୟାର୍ପଣ କରିଥିଲେ ।

ଦୋକାନୀଙ୍କୁ ଆକ୍ରମଣ ଘଟଣା

# ଅଭିଯୁକ୍ତଙ୍କ ପ୍ରତି ପୋଲିସ କୋହଳ ଦଫା ଲଗାଇଛି

ସମ୍ବଲପୁର,୨୨।୧୦(ବ୍ୟୁରୋ)



ସମ୍ବଲପୁର ଏସ୍‌ପିଙ୍କ କାର୍ଯ୍ୟାଳୟରେ ଦୋକାନୀ ଆଶିଷ ଗୁପ୍ତାଙ୍କ ସମ୍ପର୍କୀୟ।

ସମ୍ବଲପୁର ଅଇଁଠାପାଲି ଥାନା ରେମେଡ ଛକରେ ଦୋକାନୀ ଆଶିଷ କୁମାର ଗୁପ୍ତା (୨୦)ଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଅଭିଯୁକ୍ତମାନଙ୍କ ବିରୋଧରେ ଉଚିତ ଦଫା ଲଗା ଯାଇନାହିଁ। ଦଫା ଲଗାଇବାରେ ପୋଲିସ କୋହଳ କରିଛି। ଆଶିଷଙ୍କ ମୁଣ୍ଡକୁ ମାରଣାସ୍ତ୍ରରେ ଆକ୍ରମଣ କରାଯାଇଛି। ହେଲେ ଅଭିଯୁକ୍ତଙ୍କ ବିରୋଧରେ ହତ୍ୟା ଉଦ୍ୟମ ଦଫା-୩୦୭ ଲଗା ଯାଇନାହିଁ। ଏଣୁ ପୋଲିସ ଉପରେ ସନ୍ଦେହ ହେଉଛି ବୋଲି ଏସ୍‌ପିଙ୍କ କାର୍ଯ୍ୟାଳୟରେ ଆଶିଷଙ୍କ ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଏହି ଘଟଣାରେ ସମପରିମାଣରେ ବିଦ୍ୟୁତ୍ ବିଭାଗର ଉଚ୍ଚ ପଦାଧିକାରୀ ମଧ୍ୟ ସାମିଲ। ସେମାନେ ବିଲ୍ କଲେକ୍ସନ କରିବାକୁ ଏଜେନ୍ସିକୁ ଦାୟିତ୍ୱ ଦେଇଛନ୍ତି। ହେଲେ ବିଲ୍ ଆଣିବାକୁ ଯାଇଥିବା ଏଜେନ୍ସିର ଯୁବକମାନେ ନିଜ ସୀମା ଡେଇଁଯାଇ ଦୋକାନୀ ଆଶିଷଙ୍କୁ ଦୁର୍ବ୍ୟବହାର କରିବା ସହ ମାଡପିଟ କରିବାକୁ ପଛାଇ ନ ଥିଲେ। ଏପରିକି ସେମାନେ ଆଶିଷଙ୍କୁ ଲାଞ୍ଚ ମାଗିଛନ୍ତି। ତେଣୁ ଏ ଦିଗରେ ଉଚିତ୍ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଆଶିଷଙ୍କ ସମ୍ପର୍କୀୟ ଦେବାଶିଷ ପୁରୋହିତ, ଶିବ ପ୍ରଧାନ, ଗଣେଶ ପାଲିୱାଲ ପ୍ରମୁଖ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ଏହି ଘଟଣାରେ ପୋଲିସ ମୁଦିପଡା ଫାର୍ମରୋଡର ପ୍ରଦୀପ ଦାସ ଓରଫ ରାଜେଶ, ମୁଦିପଡାର ଅମିତ କୁମାର ପଟ୍ଟନାୟକ ଓରଫ ସାନୁ (୩୯), ଚର୍ଚ୍ଚଛକର ରାଜେନ୍ଦ୍ର କୁସୁମ ଓରଫ ଜିନ୍ଦା (୪୨) ଓ ମୁଦିପଡାର ଜିତେନ୍ଦ୍ର କୁସୁମ (୨୫)ଙ୍କୁ ଗିରଫ କରିଛି। ଏମାନଙ୍କ ନାମରେ ଅଇଁଠାପାଲି ଥାନାରେ ଆଇପିସିର ଧାରା ୧୪୭/୧୪୮/୩୪୧, ୩୨୩, ୫୦୬, ୩୮୫/୪୨୭/୧୪୯ ଅନୁସାରେ ମାମଲା (ନଂ.୪୫୧/୧୯) ରୁଜୁ କରିଛି।

ବଳମ, ସରାପାଲିରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

# ପ୍ରତିଭା ପ୍ରଦର୍ଶନ କଲେ ଛାତ୍ରୀଛାତ୍ର

ନାକଟିଦେଉଳ,୨୨।୧୦(ଡି.ଏନ.ଏ.)



ବଳମ ନୋଡ଼ାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ବଳମ ଏବଂ ସରାପାଲିରେ କ୍ଲଷ୍ଟରସ୍ତରୀୟ ସୁରଭି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବଳମ ନୋଡ଼ାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବଳମ କ୍ଲଷ୍ଟରର ୯ଟି ସ୍କୁଲର ଛାତ୍ରଛାତ୍ରୀ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ନିଜର ପ୍ରତିଭା ଓ ଦକ୍ଷତା ପ୍ରଦର୍ଶନ କରିଥିଲେ । ସିଆରସିସି ବ୍ରଜଚନ୍ଦ୍ର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ବଳମ ସରପଞ୍ଚ ବୀରେନ କୁମାର ପ୍ରଧାନ, ବଳମ ହାଇସ୍କୁଲର ସହକାରୀ ଶିକ୍ଷକ ବିପିନ ବିହାରୀ ପ୍ରଧାନ, ବଳମ ନୋଡ଼ାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବାର୍ଚ୍ଚନ ସାହୁ, ଶିକ୍ଷୟିତ୍ରୀ ରଶ୍ମିତା ମହାନ୍ତି, ଶିକ୍ଷକ ଅଞ୍ଜନ ଖଣ୍ଡଗିରି, ଚନ୍ଦ୍ରମଣି ବେହେରା, ସମୀର କୁମାର ସେଠୀ ପ୍ରମୁଖ ଯୋଗ ଦେଇଥିଲେ । ସେହିପରି ସରାପାଲି ନୋଡ଼ାଲ ଉଚ୍ଚବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୯ଟି ସ୍କୁଲର ଛାତ୍ରଛାତ୍ରୀ ଭାଗ ନେଇଥିଲେ । ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଚାରକ ଭାବେ ଅଧ୍ୟାପକ ଦୀପେନ ପଟ୍ଟନାୟକ, ଶିକ୍ଷକ ଅଚ୍ୟୁତାନନ୍ଦ ପ୍ରଧାନ,ଛବିଳ ଧଳ, ରତ୍ନାକର ଧଳ ପ୍ରମୁଖ ଯୋଗ ଦେଇଥିଲେ। ସରାପାଲି ନୋଡ଼ାଲ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲୋକନାଥ ପ୍ରଧାନ, କେଜିବିଭିର ଶିକ୍ଷୟିତ୍ରୀ ରମ୍ଭା ସ୍ୱାଇଁ, ସିଆରସିସି ରଞ୍ଜିତ କୁମାର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଦୁଇ କ୍ଲଷ୍ଟରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, ସଙ୍ଗୀତ, ନୃତ୍ୟ, କୁଇଜ, ତର୍କ, ବକ୍ତୃତା, ସୃଜନାତ୍ମକ ଲିଖନ, ଏକାଙ୍କିକା ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତି ବିଭାଗର ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ବ୍ଲକସ୍ତରରେ ହେବାକୁ ଥିବା ସୁରଭି କାର୍ଯ୍ୟକ୍ରମକୁ ମନୋନୀତ ହୋଇଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୨୩ ଅକ୍ଟୋବର,୨୦୧୯



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ସଂକ୍ଷେପରେ

### କେନ୍ଦ୍ର, ରାଜ୍ୟ ସରକାର ବିରୋଧରେ ଗର୍ଜିଲା କଂଗ୍ରେସ

ବଲାଙ୍ଗୀର ଅଫିସ, ୨୨।୧୦: ବଲାଙ୍ଗୀର ଜିଲାରେ ଅଗଷ୍ଟ ମାସର ପ୍ରଳୟଙ୍କରୀ ବନ୍ୟାକୁ ନେଇ ଜିଲା କଂଗ୍ରେସ ପକ୍ଷରୁ ମଙ୍ଗଳବାର ତୀବ୍ର ପ୍ରତିକ୍ରିୟା ପ୍ରକାଶ କରାଯାଇଛି। ସହସ୍ରାଧିକ ବନ୍ୟା କ୍ଷତିଗ୍ରସ୍ତ ଓ କଂଗ୍ରେସ କର୍ମୀଙ୍କ ଗହଣରେ ଜିଲାପାଳ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏହି ବିକ୍ଷୋଭ ସମାବେଶରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ଗର୍ଜିଥିଲେ। ସେ କହିଥିଲେ ଯେ, ଗତ ଅଗଷ୍ଟ ମାସରେ ବଲାଙ୍ଗୀରରେ ଅଭୂତପୂର୍ବ ବନ୍ୟା ହେଲା। ଜିଲାବାସୀଙ୍କ କୋଟି କୋଟି ଟଙ୍କାର ସମ୍ପତ୍ତି, ଘରଦ୍ୱାର, ଚାଷବାଡି ଉଜୁଡି ଗଲା। ବନ୍ଧକଟା, ରାସ୍ତାଘାଟ ଧୋଇ ହୋଇଗଲା। ହଜାର ହଜାର ଏକର ଉର୍ବର ଚାଷ ଜମିରେ ବାଲିଚର ହେଲା। ପ୍ରଳୟଙ୍କରୀ ବନ୍ୟା ପରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମନ୍ତ୍ରୀ, ସଚିବ, ଯନ୍ତ୍ରୀ ପରିଦର୍ଶନରେ ଆସି ବନ୍ୟା କ୍ଷୟକ୍ଷତିକୁ ନେଇ ମାରାଥନ୍ ସମୀକ୍ଷା କଲେ। ସେମାନେ ସମସ୍ତେ ମାନିଲେ ଯେ ବଲାଙ୍ଗୀରର ବନ୍ୟା ଅଭୂତପୂର୍ବ। ସେମାନେ ସ୍ୱୀକାର କଲେ ଯେ, ଜିଲାବାସୀଙ୍କ କ୍ଷୟକ୍ଷତି ମଧ୍ୟ ଅକଳନୀୟ। ସମୀକ୍ଷା ବୈଠକରେ ଜିଲାର ଜନପ୍ରତିନିଧିଙ୍କ ସମ୍ମୁଖରେ ମନ୍ତ୍ରୀ, ସଚିବ, ଯନ୍ତ୍ରୀ ପ୍ରତିଶ୍ରୁତି ଦେଲେ ଯେ ବନ୍ୟା କ୍ଷତିଗ୍ରସ୍ତଙ୍କୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ଉଚିତ୍ ସହାୟତା ମିଳିବ। ଉକ୍ତ ସମୀକ୍ଷା ବୈଠକରେ ଜିଲାର ବନ୍ୟା କ୍ଷତିଗ୍ରସ୍ତଙ୍କୁ ୧ ହଜାର କୋଟି ଟଙ୍କାର ସହାୟତା ଦିଆଯିବ ଓ ବଲାଙ୍ଗୀରବାସୀଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଏବେ ବନ୍ୟାକୁ ଦୁଇ ମାସ ସମୟ ଅତିବାହିତ ହୋଇଗଲାଣି। ୧ ହଜାର କୋଟି ବଦଳରେ ମାତ୍ର ୩୬ କୋଟିର ସହାୟତା ଆସିଛି। ଯଥାଶୀଘ୍ର ଜିଲାର ବନ୍ୟା କ୍ଷତିଗ୍ରସ୍ତଙ୍କୁ ୧ ହଜାର କୋଟିର ବନ୍ୟା ସହାୟତା ନ ଦେଲେ ଓ ଜିଲାବାସୀଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା ନ କଲେ ଆଗକୁ ଦୁର୍ବାର ଆନ୍ଦୋଳନ କରାଯିବ ବୋଲି କଂଗ୍ରେସର ବିକ୍ଷୋଭ ସମାବେଶରେ ବିଧାୟକ ମିଶ୍ର ଚେତାବନୀ ଦେଇଛନ୍ତି। ଜିଲା କଂଗ୍ରେସ ଉପସଭାପତି ମନୀଷ ମିଶ୍ରଙ୍କ ଆବାହକତ୍ୱ ତଥା ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରାଙ୍କ ସଭାପତିତ୍ୱରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସଭାରେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ବଲାଙ୍ଗୀର ଜିଲାର ବନ୍ୟା କ୍ଷତିଗ୍ରସ୍ତଙ୍କୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ପ୍ରତାରଣା କରିଛନ୍ତି ବୋଲି ଅଭିଯୋଗ କରିଥିଲେ। ତୁରନ୍ତ ୧ ହଜାର କୋଟିର ସ୍ୱତନ୍ତ୍ର ପ୍ୟାକେଜ ଦିଆ ନଗଲେ ଆଗାମୀ ବିଧାନସଭା ଅଧିବେଶନର ପ୍ରଥମ ଦିବସରୁ ହିଁ କଂଗ୍ରେସ ବିଧାୟକମାନେ ବିଧାନସଭାକୁ ଚଳେଇ ଦେବେ ନାହିଁ ବୋଲି କହିଥିଲେ। ଏଆଇସିସି ସଦସ୍ୟ ତଥା ପିସିସି ବରିଷ୍ଠ ମୁଖପାତ୍ର ସମରେନ୍ଦ୍ର ମିଶ୍ର ତାଙ୍କ ବକ୍ତବ୍ୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମନ୍ତ୍ରୀ ଓ ନେତା କେବଳ ନାଁକୁ ମାତ୍ର ବଲାଙ୍ଗୀରର ବନ୍ୟା ପରିଦର୍ଶନରେ ଆସିଥିଲେ ବୋଲି ଆକ୍ଷେପ କରିଥିଲେ। ବିକ୍ଷୋଭ ସମାବେଶରେ ପ୍ରଧାନମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ୨୧ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା।

### ଭଡ଼ାଘରୁ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଲଖନପୁର,୨୨।୧୦(ଡି.ଏନ୍.ଏ.): ଝାରସୁଗୁଡ଼ା ଜିଲା ବନହରପାଲି ଥାନା ଅଧୀନ ବନ୍ଧବାହାଲସ୍ଥିତ ଶାନ୍ତିନଗରର ଏକ ଭଡ଼ାଘର ବନ୍ଦ କୋଠରିରୁ ମଙ୍ଗଳବାର ପୋଲିସ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରିଛି। ସେ ହେଲେ ବେଲପାହାଡ଼ର ସରସ୍ୱତୀ ସୁନା(୪୮)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଏନେଇ ବନହରପାଲି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ କରୁଛି।

# ଗାଁ ପାଣି ଗାଁରେ ଅଭିଯାନର ଶୁଭାରମ୍ଭ

ଦେବଗଡ଼,୨୨।୧୦(ଡି.ଏନ୍.ଏ.)

ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ପରିକଳ୍ପିତ ସ୍ୱଚ୍ଛ, ସୁସ୍ଥ ଓ ସୁନ୍ଦର ଦେବଗଡ଼ ଅଭିଯାନରେ ମଙ୍ଗଳବାର ଜିଲା ପ୍ରଶାସନ ପକ୍ଷରୁ 'ଗାଁ ପାଣି ଗାଁରେ' କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଗାଁ ପାଣି ଗାଁରେ ରହୁ ଆମ ଗାଁ ପାଣି ବୋହି ନ ଯାଉ ସ୍ଲୋଗାନ ସହିତ ସ୍ଥାନୀୟ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଜିଲାପାଳ ସାମଲ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜିଲାର ସମସ୍ତ ବ୍ଲକର ପଞ୍ଚାୟତସ୍ତରୀୟ ଜନପ୍ରତିନିଧି, ବିଡିଓ ଏବଂ ବ୍ଲକସ୍ତରୀୟ କ୍ଷେତ୍ର ଅଧିକାରୀଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଜିଲାପାଳ ସାମଲ ଭବିଷ୍ୟତ ପିଢି ପାଇଁ ଜଳ ସଂରକ୍ଷଣର ଆବଶ୍ୟକତା ନିମନ୍ତେ ଏହି ଅଭିଯାନ ଆରମ୍ଭ କରାଯାଇଥିବା ପ୍ରକାଶ କରିଥିଲେ। ସେ କହିଲେ, ବର୍ତ୍ତମାନ ବର୍ଷା ଜଳ ସଂରକ୍ଷଣ ଉପରେ ଗୁରୁତ୍ୱ ନ ଦେବା, ତାହାହେଲେ ଭବିଷ୍ୟତ ପୀଢି ଜଳ ସଂକଟର ସମ୍ମୁଖୀନ ହେବେ। ଅଭିଯାନର ସଫଳତା ନିମନ୍ତେ ଜିଲା ଜଳଛାୟା ପ୍ରକଳ୍ପରୁ ଗାଁ ଗାଁରେ ସର୍ବେକ୍ଷଣ କରାଯାଇ ବୈଜ୍ଞାନିକ ଓ ବୈଷୟିକ ପଦ୍ଧତିରେ ଜଳସଂରକ୍ଷଣ ନିମନ୍ତେ ଯୋଜନା ପ୍ରସ୍ତୁତ କରାଯାଇଛି। ଏହା ଦ୍ୱାରା ବର୍ଷାଜଳ ସଂରକ୍ଷିତ ହୋଇ ମୃତ୍ତିକାକ୍ଷୟ ରୋକାଯାଇ ପାରିବ। ଏପରି କି ମାଟିର ଉର୍ବରତା ମଧ୍ୟ ବଜାୟ ରହିପାରିବ। ପ୍ରଥମ ପର୍ଯ୍ୟାୟରେ ଜିଲାର ପ୍ରତ୍ୟେକ ପଞ୍ଚାୟତର ୨ଟି ଗାଁକୁ ଅଭିଯାନରେ ସାମିଲ କରାଯିବ ବୋଲି ଜିଲାପାଳ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଜନସାଧାରଣ ସହଯୋଗ କରିବାକୁ ଜିଲାପାଳ ଆହ୍ୱାନ ଦେଇଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ଡିଆର୍‌ଡିଏ ଭିନସେଣ୍ଟ ପୁନମକାନ୍ତ ଏକ୍କା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଜିଲା ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ପ୍ରଧାନ ଅଭିଯାନ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ଜିଲା ସଂଯୋଜକ ସୁଧାଂଶୁ ଶେଖର ସାହୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ମାଧ୍ୟମରେ ଅଭିଯାନର କାର୍ଯ୍ୟକାରିତା ଉପରେ ବୁଝାଇଥିଲେ। କର୍ମଶାଳାରେ ବାରକୋଟ ବ୍ଲକ ଅଧକ୍ଷା ଶୁଭାସିନୀ ସାହୁ, ତିଲେଇବଣି ଅଧକ୍ଷା ଶୁଭାସିନୀ ଦେହୁରୀ, ବାରକୋଟ ବିଡିଓ ଟୁନୁ ମେହେର, ରିଆମାଳ ବିଡିଓ ବିମଳା ବିରୁଳି ଏବଂ ତିଲେଇବଣି ବିଡିଓ କୃଷ୍ଣଚନ୍ଦ୍ର ଦଳପତି, ଉପନିର୍ଦ୍ଦେଶକ କୃଷି ଏବଂ ଉଦ୍ୟାନ ବିଭାଗର ସହକାରୀ ନିର୍ଦ୍ଦେଶକଙ୍କ ସମେତ ସମସ୍ତ ବ୍ଲକର ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ଏବଂ ପଞ୍ଚାୟତ ବୈଷୟିକ ସହାୟକ ଯୋଗଦେଇଥିଲେ।



ଗାଁ ପାଣି ଗାଁରେ କାର୍ଯ୍ୟକ୍ରମ ଶୁଭାରମ୍ଭ ଅବସରରେ ମଞ୍ଚାସୀନ ପ୍ରଶାସନିକ ଅଧିକାରୀ।

# ରାହାସ ଯାତ୍ରା ଅସ୍ଥାୟୀ କାର୍ଯ୍ୟାଳୟ ଉଦ୍‌ଘାଟିତ

ଦେବଗଡ,୨୨।୧୦(ଡି.ଏନ.ଏ.)

ଦେବଗଡ ପୌରାଞ୍ଚଳ ୧ ନଂ ୱାର୍ଡ ଭିତିରିଆସାହିର ଗୋପୀକିଶୋର ଆସୋସିଏଶନର ରାହାସ ଯାତ୍ରା ପାଇଁ ଏକ ଅସ୍ଥାୟୀ କାର୍ଯ୍ୟାଳୟକୁ ବାମଣ୍ଡା ରାଣୀ ତଥା ଏମ୍‌ପି ନିତେଶ ଗଙ୍ଗଦେବଙ୍କ ସହଧର୍ମିଣୀ ଅରୁନ୍ଧତୀ ଦେବୀ ଉଦଘାଟନ କରିଛନ୍ତି। ଏହି ଅବସରରେ ଚଳିତବର୍ଷ କାର୍ତ୍ତିକେଶ୍ୱର ପୂଜା ତଥା ରାହାସ ଯାତ୍ରା କମିଟି ସଭାପତି ବିବେକାନନ୍ଦ ଦାସ, ଉପସଭାପତି ସୁଶାନ୍ତ ନାୟକ, ସମ୍ପାଦକ ବିକାଶ ନାୟକ, ସହ ସମ୍ପାଦକ ବାଦଲ ଦାସ, ମୁନା ସାହୁଙ୍କ ସମେତ ସାହିର ବରିଷ୍ଠ ସଦସ୍ୟ ବିରେନ ନାୟକ, ଲକ୍ଷ୍ମୀ ନାୟକ, ସମିତ୍ରା ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଣୀ ଅରୁନ୍ଧତୀ ଦେବୀଙ୍କ ସହ ଆସୋସିଏଶନର ସଦସ୍ୟା,ସଦସ୍ୟ।

# ସାର ପରିଚାଳନା ସଚେତନତା କାର୍ଯ୍ୟକ୍ରମ

ଦେବଗଡ଼,୨୨।୧୦(ଡ଼ି.ଏନ୍.ଏ.)

ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ର ଏବଂ ଆତ୍ମାର ମିଳିତ ସହଯୋଗରେ କୃଷି ବିଜ୍ଞାନ କେନ୍ଦ୍ରଠାରେ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ଼:ସୁଜିତ୍ କୁମାର ନାଥଙ୍କ ସଭାପତିତ୍ୱରେ ଫସଲରେ ସାର ପରିଚାଳନା ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା କୃଷି ଅଧିକାରୀ ବାବାଜୀ ଚରଣ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ଼ର ଉପଯୋଗ ମାଧ୍ୟମରେ ଚାଷୀମାନେ ଲାଭାନ୍ୱିତ ହେବାସହ ଦେଶର ସମୃଦ୍ଧି ହେବ ବୋଲି ଆଲୋକପାତ କରିଥିଲେ। ସେହିପରି ଜିଲା କୃଷି ବିଭାଗର ମୃତ୍ତିକା ବିଜ୍ଞାନୀ ଲିଙ୍ଗରାଜ ପ୍ରଧାନ, ଆଗ୍ରୋ ପଲିଟେକ୍‌ନିକ୍‌ର ଅଧକ୍ଷ ନୀଳମାଧବ ସାମଲ ଓ କେନ୍ଦ୍ରର ମୃତ୍ତିକା ବିଜ୍ଞାନୀ ଚିନ୍ମୟ ମିଶ୍ର ପ୍ରମୁଖ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ଼ର ବ୍ୟବହାର, ମୃତ୍ତିକା ସଂଗ୍ରହର ପଦ୍ଧତି ଓ ସମନ୍ୱିତ ଖାଦ୍ୟ ସାର ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ କେନ୍ଦ୍ର କୃଷି ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାରଙ୍କ କୃଷକମାନଙ୍କ ଉପରେ ସାର ପରିଚାଳନା ଓ ମୃତ୍ତିକା ସ୍ୱାସ୍ଥ୍ୟରକ୍ଷା ଉପରେ ଆଧାରିତ ବାର୍ତ୍ତାର ସିଧାପ୍ରସାରଣ କରାଯାଇଥିଲା। ଜିଲାର ୩ବ୍ଲକରୁ ୨୯ଜଣ ଚାଷୀ ଓ ବ୍ଲକ କୃଷି ଅଧିକାରୀମାନେ ଉପସ୍ଥିତ ଥିଲେ।

# ପ୍ରାଣୀ ଚିକିତ୍ସା ଶିବିର

ଦେବଗଡ଼,୨୨।୧୦(ଡ଼ି.ଏନ୍.ଏ.)

ଦେବଗଡ଼ ଜିଲା ରିଆମାଳ ବ୍ଲକର ରଂଜଣା ଗ୍ରାମଠାରେ ରିଲାଏନ୍ସ ଫାଉଣ୍ଡେଶନ୍ ଓ ଗୋଷ୍ଠୀ ପ୍ରାଣୀଧନ ଚିକିତ୍ସା ଅଧିକାରୀଙ୍କ ମିଳିତ ସହଯୋଗରେ ପ୍ରାଣୀଧନ ଚିକିତ୍ସା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ରିଆମାଳ ଗୋଷ୍ଠୀ ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡ଼. ସ୍ୱପ୍ନେଶ୍ୱର ନାଏକଙ୍କ ଉପସ୍ଥିତିରେ ୨୨୦ ଗାଈଗୋରୁ ଓ ୨୪୨ ଛେଳିର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ପ୍ରତିଷେଧକ ଟିକା, ଭିଟାମିନ୍ ଓ ଔଷଧ ଦିଆଯାଇଥିଲା। ରିଲାଏନ୍ସ ଫାଉଣ୍ଡେଶନ୍‌ର ଜିଲା ସଂଯୋଜକ ଅଶୋକ କୁମାର ମଲ୍ଲିକ ଏବଂ ଜିଲା ପ୍ରଯୋଜକ ରାଜେନ୍ଦ୍ର କୁମାର ଦେହୁରୀ ଶିବିର ପରିଚାଳନା କରିଥିଲେ।

### କଣ୍ଢେଲ ଲକ୍ଷ୍ମୀ ପୂଜା କପ୍ ଫୁଟବଲ ଟୁର୍ନାମେଣ୍ଟ

# ସୁଗୁଡାକୁ ହରାଇ ବାରକୋଟ ଚାମ୍ପିୟନ

ବାରକୋଟ, ୨୨।୧୦ (ଡି.ଏନ.ଏ.)

ଦେବଗଡ ଜିଲାରେ ପ୍ରସିଦ୍ଧ ଲାଭ କରିଥିବା କଣ୍ଢେଲ ସାର୍ବଜନୀନ ଗଜଲକ୍ଷ୍ମୀ ପୂଜା ଅବସରରେ ଅଗ୍ରଗତି ସଂଘ କଣ୍ଢେଲ ପକ୍ଷରୁ ଖେଳପ୍ରେମୀଙ୍କୁ ଆକୃଷ୍ଟ କରିବା ପାଇଁ ଚାଲିଥିବା ଲକ୍ଷ୍ମୀପୂଜା କପ୍ ଫୁଟବଲ ଟୁର୍ନାମେଣ୍ଟରେ ବାରକୋଟ ଚାମ୍ପିୟନ ହୋଇଛି। ୯ ଦିନ ଧରି ଚାଲିଥିବା ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ ବିଧାୟକ ସୁବାଷ ଚନ୍ଦ୍ର ପାଣି ଯୋଗଦେଇ ଉଭୟ ଦଳକୁ ଟ୍ରଫି ସହିତ ନଗଦ ରାଶି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଦେବଗଡ ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁ, କଣ୍ଢେଲ ପୂଜା କମିଟିର ସଭାପତି ବିରଞ୍ଚି ବେହେରା, ସମ୍ପାଦକ ପ୍ରଶ୍ନ ନାଏକ, ବରିଷ୍ଠ କ୍ରୀଡାବିତ ହର୍ଷବର୍ଦ୍ଧନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଫାଇନାଲ ଖେଳ ବାରକୋଟ ଏବଂ ସୁଗୁଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବାରକୋଟ ଟାଇବ୍ରେକର ଜରିଆରେ ସୁଗୁଡାକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ପ୍ରଦୀପ ସାହୁ, ଡି. ବେହେରା, ଲିଙ୍କନ କୁମାର ସାହୁ, ସରୋଜ ସାହୁ ଖେଳ ପରିଚାଳନା ପରିଚାଳନା କରିଥିଲାବେଳେ ଖେଳ ଆୟୋଜନରେ ହୀରାଲାଲ ସାହୁ ସହଯୋଗ କରିଥିଲେ। ଦୟାନିଧି ବେହେରା ମଞ୍ଚ ପରିଚାଳନା କରିଥିଲେ।



ଅତିଥିଙ୍କ ସହ ଉଭୟ ଦଳର ଖେଳାଳୀ।


## OFFICE OF THE ANGUL MUNICIPALITY, ANGUL

No.8706 Dt.22.10.2019

**QUOTATION CALL NOTICE**

**No.C-263 :-** Tender in sealed cover from the intending Authorized Advertisement Agencies are invited for the work "errection of hoarding/middle pole advertisement within Angul Municipality area", The offset price is fixed @ 40/- per sqft. Per year for hoarding and Rs.2000/-per pole per year. They should quote the price both in figure and words, the term of license shall be for one year. The sale of tender paper will be commencing from dt. 23.10.2019 to dt.31.10.2019 up to 5.00 PM. Which will be obtained from cash section on payment of Rs.5000.00( Rupees Five thousand)only (non refundable). They are required to deposit Rs.3,00,000.00 (Three lakhs) only in shape of bank draft drawn in favour of Executive Officer, Angul Municipality towards security deposit which will be refunded after completion of operation period one year. The security deposit of unsuccessful bidder will be refunded after issue of order to the successful bidder. The tender paper shall be received on dt 01.11.2019 up to 3.00 p.m which will be dropped in the Tender Box kept in the office chamber of undersigned, The tender will be opened on the same day at 4.00 p.m in presence of bidders or their authorized agent, The original money receipt for purchase of tender paper and the demand draft should be enclosed in the tender documents. The successful bidders shall have to execute agreement within seven days from the date of receipt of letter along with full payment towards errection of hoarding and middle pole advertisement for one year in shape of D.D. to be drawn in favour of Executive Officer, Angul Municipality. All the terms conditions guideline mentioned in tender schedule shall have to be obeyed. The under signed reserves the right to reject any or all the tenders without assigning any reason thereof.

**Sd./- Executive Officer**
**Angul Municipality**

13085/11/0008/1920

## GOVERNMENT OF ODISHA, OFFICE OF THE SUPERINTENDING ENGINEER, RURAL WORKS CIRCLE, SAMBALPUR

Tel-0663-2548268,E-mail id-serwcirclesbp@yahoo.com
Office order No.1872 /Dated.18.10.2019

1st corrigendum to Bid Identification No. Road Tender online RWCSBP-09

**No. O-461:-** The summary of key dates which was invited vide bid Identification No.Road Tender online RWCSBP-09 is modified as below due to un-avoidable circumstances. All other terms and conditions of DTCN remain unchanged.

| Procurement Officer | Bid Identification No. | Availability of tender online for bidding From | Availability of tender online for bidding To | Last date & time for clarification | Date & time of opening of tender Technical | Date & time of opening of tender Financial |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Sambalpur | Road Tender Online RWCS BP-09 | Present 30.09.2019 at 11.00 AM previous 30.09.2019 at 11.00 AM | Present 26.10.2019 up to 4.00PM previous 21.10.2019 up to 4.00 PM | Present 25.10.2019 up to 4.00PM previous 19.10.2019 up to 4.00 PM | Present 28.10.2019 at 11.00 AM previous 22.10.2019 at 11.00 AM | Present Will be intimated later previous Will be intimated later |

25091/11/0007/1920 Superintending Engineer, Rural Works Circle, Sambalpur

## ଓଡ଼ିଶା ସରକାର
## ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଘୋଷଣା

**File No. 267** **dated: 06.03.19**

**No. II-19:-** ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା –**ଇନ୍ଦିପୁର**, ଥାନା– କାମାକ୍ଷାନଗର, ତହସିଲ–କାମାକ୍ଷାନଗର, ଜିଲ୍ଲା– ଢେଙ୍କାନାଳରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଅନୁଗୁଳ ଢୁବୁରି ସୁକିନ୍ଦା ରୋଡ ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୫୪୫ ତା. ୦୪।୦୪।୨୦୧୮ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା –ଇନ୍ଦିପୁର, ଥାନା –କାମାକ୍ଷାନଗର, ଜିଲ୍ଲା –ଢେଙ୍କାନାଳରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ **dkl.nic.in** ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ **odisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଅନୁଗୁଳ ଢୁବୁରି ସୁକିନ୍ଦା ରୋଡ ନୂତନ ଓସାରିଆ ରେଳପଥ ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା: ଢେଙ୍କାନାଳ** **ତହସିଲ: କାମାକ୍ଷାନଗର**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ରକବା | ରୟତ୍‌ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଇନ୍ଦିପୁର | ଗ୍ରାମାଞ୍ଚଳ | ୨ | ୧୦୭ | ଶାରଦ-୧ | ୦.୨୯୦ | ୦.୦୨୦ | ଅଚ୍ୟୁତାନନ୍ଦ ବେହେର, ପି: ଶ୍ରୀକର ବେହେରା, ଜା: ହଂସି, ବା: ନିଜଗାଁ |
| ଇନ୍ଦିପୁର | ଗ୍ରାମାଞ୍ଚଳ | ୩୫ | ୭୨ | ଶାରଦ-୨ | ୦.୭୭୫ | ୦.୦୦୬ | କେତୁକା ଦାସ, ସ୍ୱା: ନେକୁଳ ଦାସ, ଜା: ଗୋପାଳ, ବା: ନିଜଗାଁ |
| ଇନ୍ଦିପୁର | ଗ୍ରାମାଞ୍ଚଳ | ୫୪ | ୮୭ | ଶାରଦ-୩ | ୦.୧୦୦ | ୦.୦୧୭ | ଘନ ବେହେରା, ପି: ଅଧିକାରୀ ବେହେରା, ଜା: ହଂସି, ବା: ନିଜଗାଁ |
| ଇନ୍ଦିପୁର | ଗ୍ରାମାଞ୍ଚଳ | ୫୭ | ୧୧୩ | ଶାରଦ-୨ | ୦.୨୦୦ | ୦.୦୧୦ | ଚକ୍ରଧର ଦାସ, ପି: ପଛିମିରା ଦାସ, ଜା: ଗୋପାଳ, ବା: ଜିରିଡ଼ାମାଳି |
| ଇନ୍ଦିପୁର | ଗ୍ରାମାଞ୍ଚଳ | ୫୭ | ୧୧୨ | ଶାରଦ-୨ | ୦.୦୮୦ | ୦.୦୧୫ | |
| ଇନ୍ଦିପୁର | ଗ୍ରାମାଞ୍ଚଳ | ୫୯ | ୭୦/ ୩୫୫୪ | ଶାରଦ-୧ | ୦.୦୧୦ | ୦.୦୧୫ | ଚନ୍ଦ୍ରମଣି ନାଏକ, ପି: ଟାଙ୍ଗୁରୁ ନାଏକ, ଜା: ପାଣ, ବା: ନିଜଗାଁ |
| ଇନ୍ଦିପୁର | ଗ୍ରାମାଞ୍ଚଳ | ୫୯ | ୧୦୪ | ଶାରଦ-୧ | ୦.୧୦୦ | ୦.୦୦୫ | |
| ଇନ୍ଦିପୁର | ଗ୍ରାମାଞ୍ଚଳ | ୧୦୪ | ୮୩ | ଶାରଦ-୩ | ୦.୧୬୦ | ୦.୦୧୪ | ନାକପୋଡ଼ି ଦାସ, ପେଜ ଦାସ, ଚକ୍ର ଦାସ, ଡମ ଦାସ, ଚଣିଆ ଦାସ, ତରା ଦାସ, ଜହ୍ନ ଦାସ, ପି: ପଣ୍ଛିମିରା ଦାସ, ବଚନ ଦାସ, ସ୍ୱା: ପଣ୍ଛିମିରା ଦାସ, ଜା: ଗୋପାଳ, ବା: ନିଜଗାଁ |
| ଇନ୍ଦିପୁର | ଗ୍ରାମାଞ୍ଚଳ | ୧୧୫ | ୮୬ | ଶାରଦ-୧ | ୦.୩୧୦ | ୦.୦୩୦ | ପତିତପାବନ ନାଏକ, ପି: ଟାଙ୍ଗୁରୁ ନାଏକ, ଜା: ପାଣ, ବା: ନିଜଗାଁ |
| ଇନ୍ଦିପୁର | ଗ୍ରାମାଞ୍ଚଳ | ୧୧୯ | ୧୦୪/ ୩୬୦୦ | ଶାରଦ-୧ | ୦.୦୪୦ | ୦.୦୧୦ | ପଦ୍ମଲାଭ ରାଉଳ, ପରମାନନ୍ଦ ରାଉଳ, ପି: ଚିନ୍ତାମଣି ରାଉଳ, ଜା: ଖଣ୍ଡାୟତ, ବା: ନିଜଗାଁ |
| ଇନ୍ଦିପୁର | ଗ୍ରାମାଞ୍ଚଳ | ୧୧୯ | ୧୧୬ | ଶାରଦ-୨ | ୦.୦୮୦ | ୦.୦୧୭ | |
| ଇନ୍ଦିପୁର | ଗ୍ରାମାଞ୍ଚଳ | ୧୧୯ | ୧୧୮ | ଶାରଦ-୩ | ୦.୨୩୦ | ୦.୦୩୫ | |
| ଇନ୍ଦିପୁର | ଗ୍ରାମାଞ୍ଚଳ | ୧୧୯ | ୧୨୦ | ଶାରଦ-୩ | ୦.୧୦୦ | ୦.୦୧୦ | |
| ଇନ୍ଦିପୁର | ଗ୍ରାମାଞ୍ଚଳ | ୧୧୯ | ୧୨୨ | ଶାରଦ-୩ | ୦.୧୮୦ | ୦.୦୨୩ | |
| ଇନ୍ଦିପୁର | ଗ୍ରାମାଞ୍ଚଳ | ୧୧୯ | ୧୨୪ | ଶାରଦ-୩ | ୦.୨୩୦ | ୦.୦୧୪ | |
| ଇନ୍ଦିପୁର | ଗ୍ରାମାଞ୍ଚଳ | ୧୧୯ | ୧୨୫ | ଜଳାଶୟ୨ | ୦.୨୭୦ | ୦.୦୦୫ | |
| ଇନ୍ଦିପୁର | ଗ୍ରାମାଞ୍ଚଳ | ୧୨୩ | ୧୦୮ | ଶାରଦ-୩ | ୦.୧୩୦ | ୦.୦୧୦ | ପରମାନନ୍ଦ ଦାସ, ପି: ଗୁଣିଆ ଦାସ, ଜା: ଗୋପାଳ, ବା: ନିଜଗାଁ |
| ଇନ୍ଦିପୁର | ଗ୍ରାମାଞ୍ଚଳ | ୧୩୫ | ୭୧ | ଶାରଦ-୨ | ୦.୩୬୦ | ୦.୦୨୨ | ପୀତବାସ ଦାସ, ପି: ଅର୍ଜୁନ ଦାସ, ଜା: ଗୋପାଳ, ବା: ନିଜଗାଁ |
| ଇନ୍ଦିପୁର | ଗ୍ରାମାଞ୍ଚଳ | ୨୩୧ | ୮୨ | ଶାରଦ-୩ | ୦.୨୨୦ | ୦.୦୧୩ | ମିଲୁ ରାଉତ, ପି: ସପନି ରାଉତ, ଜା: ଖଣ୍ଡାୟତ, ବା: ନିଜଗାଁ |
| ଇନ୍ଦିପୁର | ଗ୍ରାମାଞ୍ଚଳ | ୨୪୪ | ୧୧୧ | ଶାରଦ-୨ | ୦.୧୪୦ | ୦.୦୨୦ | ରଜନୀ ନାଏକ, ପି: କାଳିଆ ନାଏକ, ବାଇନ ନାଏକ, ପି: ମାଟିଆ ନାଏକ, ଜା: ଚଷା, ବା: ନିଜଗାଁ |
| ଇନ୍ଦିପୁର | ଗ୍ରାମାଞ୍ଚଳ | ୨୪୪ | ୧୩୧ | ଶାରଦ-୨ | ୦.୦୨୦ | ୦.୦୨୨ | |
| ଇନ୍ଦିପୁର | ଗ୍ରାମାଞ୍ଚଳ | ୨୬୧ | ୧୦୯ | ଶାରଦ-୧ | ୦.୧୫୦ | ୦.୦୦୫ | ଶଙ୍କର ନାଏକ, ପି: ଅଧିକାରୀ ନାଏକ, ଜା: ପାଣ, ବା: ନିଜଗାଁ |
| ଇନ୍ଦିପୁର | ଗ୍ରାମାଞ୍ଚଳ | ୨୬୧ | ୮୫ | ଶାରଦ-୧ | ୦.୧୦୦ | ୦.୦୧୦ | |
| | | | | | ମୋଟ | ୦.୩୪୭ | |

- ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ......... ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

**ଜିଲ୍ଲା: ଢେଙ୍କାନାଳ** **ତହସିଲ: କାମାକ୍ଷାନଗର**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ମୋଟ ରକବା | ପୁନର୍ବାସ ନିମନ୍ତେ ଚିହ୍ନଟ ଜମିର ରକବା | ରୟତ୍‌ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ..................।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଜିଲ୍ଲାପାଳ, ଢେଙ୍କାନାଳ**

24034/14/0024/1920

## COUNCIL OF HIGHER SECONDARY EDUCATION, ODISHA

**PRAJNAPITHA, SAMANTAPUR, BHUBANESWAR-751013**

**No. N-54:-** **TENDER CALL NOTICE**

**Bhubaneswar, dated 21st Oct 2019**

No.ADM-I-05/19/ 6246/ CHSE/Tender Call Notice for award of contract for providing of services of Data Entry Operator (DEOs) for a period of one year w.e.f. 01.12.2019 to 30.11.2020 on out-sourcing basis for day to day official work, in CHSE.

Sealed tenders are invited from reputed Service Providers with GST Registration and updated Income Tax Clearance to provide the Data Entry Operators(DEOs) for one year wef 01.12.2019 to 30.11.2020. The rule of quotation will not violate the Govt. circular in regards to minimum wages. The detailed terms and conditions as well as tender documents can be downloaded from the Council website i.e. http//www.chseodisha.nic.in. The tender along with documents and Bank Draft of Rs. 1,000/- (Rupees One Thousand only) drawn in favour of "Finance Officer, CHSE, Odisha, Bhubaneswar" payable at Bhubaneswar towards tender fees is to be submitted to the Secretary, Council of Higher Secondary Education, Odisha, BBSR by 04.11.2019 at 04.30 PM.

By order of the Chairman,
**Sd./- Finance Officer**

## COUNCIL OF HIGHER SECONDARY EDUCATION, ODISHA

**PRAJNAPITHA, SAMANTAPUR, BHUBANESWAR-751013**

**TENDER CALL NOTICE**

**Bhubaneswar, dated 21st Oct 2019.**

No.ADM-I-05/19/6245/CHSE/Tender Call Notice for award of contract for providing of services of Security Personnel for a period of one year w.e.f. 01.12.2019 to 30.11.2020 on outsourcing basis for day to day official work.

Sealed tenders are invited from reputed Service Providers with GST Registration and updated Income Tax Clearance to provide the Security Personnel for one year wef 01.12.2019 to 30.11.2020. The rule of quotation will not violate the Govt. circular in regards to minimum wages.

The detailed terms and conditions as well as tender documents can be downloaded from the Council website i.e. http//www.chseodisha.nic.in. The tender along with documents and Bank Draft of Rs. 1,000/- (Rupees One Thousand only) drawn in favour of "Finance Officer, CHSE, Odisha, Bhubaneswar" payable at Bhubaneswar towards Tender Fee is to be submitted to the Secretary, Council of Higher Secondary Education, Odisha, Bhubaneswar. Tender received beyond scheduled date and time as well as without requiring aforesaid tender fees will be summarily rejected. The last date and time for submission of tender documents is 04.11.2019 at 04.30 PM.

By order of the Chairman,
**Sd./- Finance Officer**

11003/11/0007/1920

## ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ମୟୂରଭଞ୍ଜ
### ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ନିମ୍ନଲିଖିତ ଶିଶୁଟିକୁ ଉଦ୍ଧାର କରାଯାଇ ଜିଲ୍ଲା ଶିଶୁ କଲ୍ୟାଣ ସମିତି, ମୟୂରଭଞ୍ଜ ନିର୍ଦ୍ଦେଶନାମା ବଳରେ ବାରିପଦାସ୍ଥିତ ଶିଶୁ ଯତ୍ନ ଅନୁଷ୍ଠାନରେ ରଖାଯାଇଅଛି। ଉକ୍ତ ଶିଶୁର ଯଦି କେହି ପିତାମାତା, ଅଭିଭାବକ ବା ଆଇନସିଦ୍ଧ ଦାବିଦାର ଥାନ୍ତି, ଏହି ବିଜ୍ଞାପନ ପ୍ରକାଶ ପାଇବାର ତିରିଶ (୩୦) ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ମୟୂରଭଞ୍ଜ, ଫୋନ୍ ନଂ.06792-255562 କିମ୍ବା ଶିଶୁ ମଙ୍ଗଳ ସମିତି, ମୟୂରଭଞ୍ଜ ଫୋନ ନଂ.06792-262246 କୁ ଯୋଗାଯୋଗ କରିପାରିବେ। ଉପରୋକ୍ତ ସମୟ ସୀମା ପରେ କୌଣସି ଦାବିପତ୍ର ଗ୍ରହଣ କରାଯିବ ନାହିଁ ଏବଂ ଶିଶୁଟିକୁ କିଶୋର ନ୍ୟାୟ ଆଇନ ୨୦୧୫ ଅନ୍ତର୍ଗତ ଧାରା ୩୮(୧) ଓ ପୋଷ୍ୟ ସନ୍ତାନ ନିୟମାବଳୀ ୨୦୧୭ ଅନୁଯାୟୀ ପୋଷ୍ୟସନ୍ତାନ ନିମନ୍ତେ ଆଇନତଃ ଯୋଗ୍ୟ ଘୋଷଣା କରାଯିବ।

**ଶିଶୁର ନାମ** - **ସୁମିତ୍ରା**
**ଲିଙ୍ଗ** - **ଝିଅ**
**ବୟସ** - **୧୮ଦିନ**
**ଉଦ୍ଧାର ହୋଇଥିବା ତାରିଖ** - **୦୫।୧୦।୨୦୧୯**
**ଉଦ୍ଧାର ହୋଇଥିବା ସ୍ଥାନ** - **ସିଙ୍ଗଡ଼ା ନିକଟସ୍ଥ ଜଙ୍ଗଲ, କରଞ୍ଜିଆ, ମୟୂରଭଞ୍ଜ**



**ସ୍ୱା./- ଜିଲ୍ଲାପାଳ, ମୟୂରଭଞ୍ଜ**

ସୋରିଷ ଫସଲ

# ଜୈବିକ ଉପାୟରେ ଜଉପୋକ ଦମନ



ଡ. ବିଷ୍ଣୁଚରଣ ଜେନା



ସମସ୍ତ ପ୍ରକାର ତୈଳବୀଜ ମଧ୍ୟରେ ସୋରିଷ ଫସଲ ଚାଷୀମାନଙ୍କ ପାଇଁ ଏକ ଅର୍ଥକରୀ ଫସଲ। ସୋରିଷ ତେଲ ମନୁଷ୍ୟ ପାଇଁ ସ୍ୱାସ୍ଥ୍ୟ ଉପଯୋଗୀ। କିନ୍ତୁ ଏହି ଫସଲର ମୁଖ୍ୟ ଶତ୍ରୁ ଜଉପୋକ (Lipa- this erysi..)। ଏହା ଏକ ଶୋଷକ ଜାତୀୟ ପୋକ। ପୋକଟିର ପୂର୍ଣ୍ଣାଙ୍ଗପ୍ରାପ୍ତ ଓ ଅର୍ଭକ ସୋରିଷ ଗଛର ଶାଖା ଏବଂ ପ୍ରଶାଖା, ପତ୍ର ଓ ଛୁଇଁରୁ ରସ ଶୋଷି ଦିଅନ୍ତି। ଏଥିଯୋଗୁ ସୋରିଷ ଗଛଗୁଡ଼ିକ ରସଶୂନ୍ୟ ହୋଇ ଶୁଖି ମରିଯାଏ। ଏହି ପୋକଙ୍କ ଶରୀରରୁ ମଧୁକଣିକା ନିର୍ଗତ ହେବା ଯୋଗୁ ଏହାକୁ ଖାଇବା ଲାଗି ଜନ୍ଦା ଓ ପିମ୍ପୁଡ଼ି ଗଛରେ ଦେଖାଯାଆନ୍ତି। ବାୟୁ ମଣ୍ଡଳର ଉତ୍ତାପ ୧-୧୮ ଡିଗ୍ରୀ ସେଲ୍‌ସିୟସ ଓ ଆପେକ୍ଷିକ ଆର୍ଦ୍ରତା ଶତକଡ଼ା ୬୦ ରହିଲେ ଓ ମଝିରେ ମଝିରେ ଝିପି ଝିପି ବର୍ଷା ହେଲେ ପୋକଙ୍କ ବଂଶବୃଦ୍ଧି କ୍ଷିପ୍ର ବେଗରେ ହୁଏ। ତେଣୁ ବର୍ଷର ମାର୍ଗଶିର ଓ ମାଘ ମାସ ମଧ୍ୟରେ ଏମାନଙ୍କର ସଂଖ୍ୟା ଅଧିକ ହୁଏ।

ଏହି ପୋକକୁ ଦମନ କରିବା ପାଇଁ ବିଷାକ୍ତ କୀଟନାଶକ ପ୍ରୟୋଗ ପରିବର୍ତ୍ତେ ଜୈବିକ ଉପାୟ ଅବଲମ୍ବନ କରାଯାଏ। ସେହିପରି ଜମିରେ ସୋରିଷ ମଞ୍ଜି ବୁଣିବାର ସମୟ ଉପଯୁକ୍ତ ରହିଲେ ପୋକ ସଂଖ୍ୟା ସହଜରେ ହ୍ରାସ ପାଏ। ଉକ୍ତ ନିବନ୍ଧରେ ତାହା ବର୍ଣ୍ଣନା କରାଯାଉଛି।

**ମଞ୍ଜି ଚୟନ ଓ ବୁଣିବା ସମୟ:** ସଅଳ କିସମ ମଞ୍ଜି ଯଥା- ଏମ୍-୨୭ ଓ ଅନ୍ୟାନ୍ୟ ଦେଶୀ ମଞ୍ଜି କାର୍ତ୍ତିକ ମାସ ମଧ୍ୟରେ ବୁଣିବା ଆବଶ୍ୟକ। ଏହା ଦ୍ୱାରା ଫସଲରେ ପୋକସଂଖ୍ୟା ବୃଦ୍ଧି ପୂର୍ବରୁ ଛୁଇଁ ହୋଇ ସେଗୁଡ଼ିକ ପାକଳ ହୋଇଯାଏ। ଜଉପୋକ ସୋରିଷ ଛୁଇଁରେ ଥିବା ମଞ୍ଜିଗୁଡ଼ିକୁ ଖାଇପାରନ୍ତି ନାହିଁ।

**ଫସଲ ସର୍ବେକ୍ଷଣ:** ସପ୍ତାହରେ ୨ରୁ ୩ ଥର ସୋରିଷ ଫସଲକୁ ଦେଖିବା ଦରକାର। କାରଣ ଏହାଯୋଗୁ ଫସଲରେ ପୋକଙ୍କର ଆବିର୍ଭାବ ଏବଂ ସେମାନଙ୍କର ସଂଖ୍ୟା ଜାଣିହୁଏ।

**ପରାଙ୍ଗଭୋଜୀ ପୋକର ଫସଲରେ ରକ୍ଷଣାବେକ୍ଷଣ:** ଜଉପୋକକୁ ଖାଇବା ପାଇଁ ଫସଲ କିଆରିରେ ଭିନ୍ନ ଭିନ୍ନ ପ୍ରଜାତିର ସିରଫିଡ଼୍ ମାଛି, କ୍ରାଇସୋପା ପୋକ ଓ ନାଲି ଇନ୍ଦ୍ରଗୋପୀଭୃଙ୍ଗ ଦେଖାଦିଅନ୍ତି। ଏମାନଙ୍କୁ ମାରିବା ଉଚିତ ନୁହେଁ। ତେଣୁ ବିଷାକ୍ତ କୀଟନାଶକର ପ୍ରୟୋଗକୁ ବାରଣ କରାଯାଇଛି।

**ଉଦ୍ଭିଦଜାତ ଦ୍ରବ୍ୟର ପ୍ରୟୋଗ:** ବିଭିନ୍ନ ଉଦ୍ଭିଦଜାତ କୀଟନାଶକର ପ୍ରୟୋଗ କରାଯାଏ। ଯଥା: ନାଗ ଅଇର, ନିମ୍ବ, ବେଗୁନିଆ, ଅମରି ଓ କନିଅର ପତ୍ରର ଶୁଖିଲାଗୁଣ୍ଡ ଏକ ଲିଟର ପାଣିରେ ୫୦ ଗ୍ରାମ୍ ମିଶାଇ ଫସଲରେ ସିଞ୍ଚନ କଲେ ଜଉପୋକର ସଂଖ୍ୟା ହ୍ରାସ ପାଏ। ଏହାର କୌଣସି କୁପ୍ରଭାବ ଫସଲ ଓ ପରାଙ୍ଗଭୋଜୀ ପୋକଙ୍କଠାରେ ପରିଲକ୍ଷିତ ହୁଏନାହିଁ।

-ପୂର୍ବତନ ପ୍ରଫେସର ଓ ବିଭାଗୀୟ ମୁଖ୍ୟ, କୀଟତତ୍ତ୍ୱ ବିଭାଗ, ଓୟୁଏଟି, ଭୁବନେଶ୍ୱର, ମୋ:୯୭୭୬୪୦୪୪୦୬

## ଚାଷୀଙ୍କ ପାଇଁ...

**ଆଖୁ:** -ବର୍ଷା ଯୋଗୁଁ ଆଖୁ କିଆରିରେ ପାଣି ଜମିଥିଲେ ନିଷ୍କାସନ କରନ୍ତୁ।

-ବିହନ ଲାଗି କିଆରିରୁ ନୀରୋଗ ଆଖୁ ବାଛି ଚିହ୍ନ ଦିଅନ୍ତୁ।

-ନାଲି ଶଢ଼ା ଆକ୍ରାନ୍ତ ବୁଦା ଓପାଡ଼ି ନଷ୍ଟ କରନ୍ତୁ। ସେଠାରେ କାର୍ବେଣ୍ଡାଜିମ୍ ଦ୍ରବଣ (୨ ଗ୍ରାମ୍ ପ୍ରତି ଲିଟର ପାଣି) ମାଟି ଭିଜା କରନ୍ତୁ। ପାଖ ବୁଦାଗୁଡ଼ିକୁ ମଧ୍ୟ ସମ ପରିମାଣରେ ମାଟିଭିଜା କରନ୍ତୁ।

**କପା :** ଜଉ ପୋକ, ପତ୍ରଡିଆଁ ପୋକ ଓ ଉଙ୍କୁଣିଆ ପୋକ ଦେଖାଦେଲେ ୧୫ ଲିଟର ପାଣିରେ ୩୦ ମି.ଲି. ଡାଇମିଥୋଏଟ୍ କିମ୍ବା ୫ ଗ୍ରାମ୍ ଥାୟୋମେଥୋକ୍ସାମ୍ ମିଶାଇ ସିଞ୍ଚନ କରନ୍ତୁ। ଏହାଛଡ଼ା ୧୦ ଲିଟର ପାଣିରେ ୩ ଗ୍ରାମ୍ ଆସିଟାମିପ୍ରିଡ୍ ମିଶାଇ ପତ୍ର ସିଞ୍ଚନ କରାଯାଇପାରେ।

**ଫଳଚାଷ:** ଫଳବଗିଚାରେ ପାଣି ଜମିଥିଲେ ଜଳ ନିଷ୍କାସନ କରନ୍ତୁ ଓ ଶେଷ ଦଫା ସାର ପ୍ରୟୋଗ କରନ୍ତୁ।

-ମାଟିର ବତର ଦେଖି ୧୦-୧୫ ଦିନରେ ଜଳ ସେଚନ କରନ୍ତୁ। ଅଦରକାରୀ ଡାଳଗୁଡ଼ିକୁ କାଟଛାଣ୍ଟ କରି ବୋର୍ଡୋପେଷ୍ଟର ପ୍ରଲେପ ଦିଅନ୍ତୁ। ଉଇ ନ ହେବା ପାଇଁ କ୍ଲୋରୋପାଇରିଫସ୍ ଦ୍ରବଣ (୨ ମି.ଲି. / ଲିଟର ପାଣିରେ) ସିଞ୍ଚନ କରନ୍ତୁ କିମ୍ବା ଗଛ ପ୍ରତି ୫୦ ଗ୍ରାମ୍ ହିସାବରେ କ୍ଲୋରୋପାଇରିଫସ୍ ଗୁଣ୍ଡକୁ ଗଛ ମୂଳରେ ପ୍ରୟୋଗ ପରେ ମାଟି ଟେକି ଦିଅନ୍ତୁ।



## ବର୍ସିମ୍

ଅଧିକ ଥଣ୍ଡା ପଡୁଥିବା ଅଞ୍ଚଳରେ ଜଳସେଚିତ ମଧ୍ୟମ କିସମ ଜମିରେ ଜମି ପ୍ରସ୍ତୁତ କରି ନଭେମ୍ବର ମାସ ସୁଦ୍ଧା ବର୍ସିମ ଜାତୀୟ ଗୋଖାଦ୍ୟ ଘାଷଚାଷ କରନ୍ତୁ। ଜମିକୁ ୩ ଓଡ ଗୁଣ୍ଡ ଚାଷ କରି ମଇ ଦିଅନ୍ତୁ। ଶେଷ ଓଡଚାଷ ସମୟରେ ଏକର ପ୍ରତି ୪ ଟନ୍ ସଢ଼ା ଗୋବରଖତ, ୮ କିଗ୍ରା ଯବକ୍ଷାରଜାନ ଓ ୩୨ କିଗ୍ରା ଫସ୍‌ଫରସ୍ ସାର ପ୍ରୟୋଗ କରନ୍ତୁ। ଉନ୍ନତ ବିହନ କିସମ ଯଥା ୱର୍ଦ୍ଧନ ଓ ମେସ୍କାଭି ଏକର ପ୍ରତି ୮ କିଗ୍ରା ବିହନ ବ୍ୟବହାର କରନ୍ତୁ। ବୁଣିବା ପୂର୍ବରୁ ପ୍ରତି କିଗ୍ରା ବିହନ ସହିତ ୩ ଗ୍ରାମ୍ କାପ୍ଟାନ୍ କିମ୍ବା ଥିରାମ୍ ମିଶାଇ ବିଶୋଧନ କରନ୍ତୁ। ତା'ପରେ ଅଧିକ ଅମଳ ପାଇଁ ପ୍ରତି କିଗ୍ରା ବିହନକୁ ୨୦ ଗ୍ରାମ୍ ରାଇଜୋବିୟମ୍, ଟ୍ରାଇଫୋଲି ବୀଜାଣୁ ସାରରେ ମିଶାଇ ଅଧଘଣ୍ଟା ଛାଇରେ ଶୁଖାଇ ବୁଣନ୍ତୁ। ବୁଣିବା ପୂର୍ବରୁ ଜମିରେ ବତର ନ ଥିଲେ ପାଣି ମଡ଼ାଇ ମଞ୍ଜିକୁ ଛଟାବୁଣା କରନ୍ତୁ।




## କିପରି କରିବେ ଡାଲିଆ ଫୁଲ ଚାଷ



ଡାଲିଆ ଲଗାଇବାର ୩ ମାସ ପରେ ଫୁଲ ଫୁଟେ। ତେଣୁ ଫୁଲର ଚାହିଦା ଅନୁସାରେ ଏହାକୁ ନଭେମ୍ବର ମାସ ପର୍ଯ୍ୟନ୍ତ ଲଗାଯାଇପାରିବ। ବର୍ତ୍ତମାନ ଡାଲିଆ ଲଗାଇବା ପାଇଁ ଉପଯୁକ୍ତ ସମୟ। ଡାଲିଆ ୧୨ ପ୍ରକାରର ରହିଛି। ସେଗୁଡିକ ହେଲା ସିଙ୍ଗିଲ୍ ଷ୍ଟାର୍, ଆନିମୋନ୍, କୋଲାରିଟି, ପିୟୋନି, ଫମ୍ପାଲ୍, ଡେକୋରେଟିଭ୍, ଇନ୍‌ଫର୍ମାଲ, କାକ୍ଟସ୍, ସେମି କାକ୍ଟସ୍, ଡବଲ୍ ଶୋ, ଫ୍ୟାନ୍ସି ଓ ପମ୍ପାନ୍। ମଞ୍ଜି, ଡାଳ କଲମି କିମ୍ବା କନ୍ଦାରୁ ଗଛ ଲଗାଯାଏ। ଏକ ବର୍ଗମିଟର ପାଇଁ ୧୦୦ ଗ୍ରାମ୍ ହାଡଗୁଣ୍ଡି ପିଡିଆ, ଖୁଡିଏ ପାଉଁଶ ଓ ୫୦:୫୦:୫୦ ଗ୍ରାମ୍ ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ସାର ପ୍ରୟୋଗ କରନ୍ତୁ। ବିଭିନ୍ନ କିସମ ଅନୁସାରେ ଧାଡିକୁ ଧାଡି ୪୫ ରୁ ୧୫୦ ସେମି ଦୂରତାରେ ଲଗାନ୍ତୁ।

## ଏବେ ଲଗାନ୍ତୁ ବିନ୍

ବର୍ତ୍ତମାନ ବିନ୍ ଲଗାଇବାର ଉପଯୁକ୍ତ ସମୟ। ବିନ୍ ୨ ପ୍ରକାରର ଯଥା ବୁଦା ବିନ୍ ଓ ଲଟା ବିନ୍। ଲଟା ବିନ୍‌ର ଉନ୍ନତ କିସମ ଯଥା କେଣ୍ଟୁକି ୱଣ୍ଡର ଏବଂ ବୁଦା ବିନ୍ କଣ୍ଟେଣ୍ଡର ଓ ଅର୍କ କମଳ। କିସମ ଅନୁଯାୟୀ ଏକର ପ୍ରତି ୩୦ ରୁ ୩୫ କିଗ୍ରା ବିହନ ବ୍ୟବହାର କରନ୍ତୁ। ଶେଷ ଓଡ ଚାଷବେଳେ ଏକର ପ୍ରତି ୧୦ ଟନ୍ ଗୋବର ଖତ ଓ ୧୦:୩୦:୨୦ କିଗ୍ରା ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ସାର ପ୍ରୟୋଗ କରନ୍ତୁ। ବୁଦା ବିନ୍ ଧାଡିକୁ ଧାଡି ଓ ଗଛକୁ ଗଛ ୨୦ ସେମି, ଲଟା ବିନ୍ ଧାଡିକୁ ଧାଡି ୫୦ ଓ ଗଛକୁ ଗଛ ୩୦ ସେମି ବ୍ୟବଧାନରେ ଦେଇ ଗଛ ଲଗାନ୍ତୁ।



## ଛେଳି, ମେଣ୍ଢା ପାଳନ ସମ୍ପର୍କରେ...



ଛେଳିମେଣ୍ଢା ରହୁଥିବା ଗୃହକୁ ପରିଷ୍କାର ପରିଚ୍ଛନ୍ନ କରି ଟିଙ୍କ ନିବାରଣ ଔଷଧ ଯଥା ପେଷ୍ଟୋବାନ୍ କିମ୍ବା ପେକ୍ଲୋସାଇଡ୍ କିମ୍ବା ଟିକ୍‌ଆଉଟ୍ ସିଞ୍ଚନ କରନ୍ତୁ। କୃମି ରୋଗର ପ୍ରତିକାର ପାଇଁ କୃମି ଔଷଧ ଦିଅନ୍ତୁ। ଏଣ୍ଟାରୋଟକ୍ସେମିଆ, ପି.ପି.ଆର୍. ରୋଗର ଟିକା ଦିଅନ୍ତୁ। ଶୀତଦିନ ଆସୁଥିବାରୁ ଗୁହାଳର ଝରକା ବା ଜାଲିରେ ବସ୍ତା ବା ପଲିଥିନ୍ ଲଗାଇ ଛେଳିମେଣ୍ଢାଙ୍କୁ ଥଣ୍ଡାରୁ ରକ୍ଷା କରିବାର ବନ୍ଦୋବସ୍ତ କରନ୍ତୁ।

## ବୁନ୍ଦା ଜଳସେଚନ



ଚୌଧୁରୀ ବିଚିତ୍ରାନନ୍ଦ ପ୍ରହରାଜ

ଫସଲ ପାଇଁ ବିଭିନ୍ନ ପ୍ରକାର ଜଳସେଚନ ପ୍ରଣାଳୀ ଅଛି। ବୁନ୍ଦା ଜଳସେଚନ ପ୍ରଣାଳୀ ସେଥିମଧ୍ୟରୁ ଅନ୍ୟତମ। ଏହି ଜଳସେଚନ ପ୍ରଣାଳୀ ଏକ ସୂକ୍ଷ୍ମ ବ୍ୟବସ୍ଥା, ଯାହାଦ୍ୱାରା ଜଳ ସଞ୍ଚୟ ଓ ମାଟିର ପୋଷକତତ୍ତ୍ୱ ସଂରକ୍ଷଣ କରିହେବ। ଏହି ଦୁଇ ପ୍ରଣାଳୀରେ ବୁନ୍ଦା ବୁନ୍ଦା ଜଳ ଗଛମୂଳକୁ ଉପଲବ୍ଧ କରାଯାଏ। ମାଟି ଉପରେ କିମ୍ବା ମାଟି ତଳେ ସେଚ ଜଳକୁ ଗଛ ମୂଳକୁ ପ୍ରେରଣ କରିବା ଏହି ଜଳସେଚନ ପ୍ରଣାଳୀର ଲକ୍ଷ୍ୟ।

ଜଳୀୟବାଷ୍ପ ଆକାରରେ ନଷ୍ଟ ହୋଇଯାଉଥିବା ସେଚଜଳକୁ ଏହି ବ୍ୟବସ୍ଥାରେ ସଂରକ୍ଷଣ କରି ହେବ।

ବୁନ୍ଦା ଜଳସେଚନ ବ୍ୟବସ୍ଥାରେ ପାଇପ୍ ବା ନଳୀ ଏମିଟର, ଭଲ୍‌ଭ ଇତ୍ୟାଦି ଉପକରଣ ଆବଶ୍ୟକ। ଏହି ଜଳସେଚନ ବ୍ୟବସ୍ଥାରେ ତରଳ ସାର ଗଛରେ ପ୍ରୟୋଗ କରିହେବ। ବୁନ୍ଦା ଜଳସେଚନ ଜଳ ସଞ୍ଚୟ ଏବଂ ସଂରକ୍ଷଣ କରିବା ସଙ୍ଗେସଙ୍ଗେ ଜଳୀୟବାଷ୍ପ ନିର୍ଗମନକୁ ରୋକିଥାଏ ଏବଂ ଗଭୀର ମାଟିକୁ ବୋହିଯାଉଥିବା ଜଳକୁ ସଞ୍ଚୟ କରିଥାଏ। ବୁନ୍ଦା ଜଳସେଚନ ପ୍ରକ୍ରିୟା ଦ୍ୱାରା ଅନେକ ଉପକାର ମିଳିଥାଏ। ଫସଲରେ ପ୍ରୟୋଗ କରାଯାଉଥିବା ଉର୍ବରକ ଓ ପୋଷକତତ୍ତ୍ୱର କ୍ଷୟ ପରିମାଣ ମଧ୍ୟ କମିଥାଏ। ସ୍ଥାନୀୟ ଜଳ ପ୍ରୟୋଗ ଦ୍ୱାରା ଗଭୀର ମୃତ୍ତିକାକୁ ଜଳ ବୋହିଯାଏନାହିଁ।

ଏହି ଜଳସେଚନ ପ୍ରକ୍ରିୟାରେ ଗଛ ଆବଶ୍ୟକ କରୁଥିବା ଜଳ ପାଇଥାଏ। ଫସଲ କିଆରିକୁ ସମତଳ କରିବାର ଆବଶ୍ୟକତା ନ ଥାଏ। ଅସମତଳ ସମେତ ଆବଡ଼ାଖାବଡ଼ା କ୍ଷେତ୍ରରେ ମଧ୍ୟ ଜଳସେଚନ କରିହୁଏ। ପୁନଃ ପ୍ରୟୋଗ ହେଉଥିବା ଜଳକୁ ଜଳସେଚନ କରିବାରେ ଅସୁବିଧା ନ ଥାଏ। ଏହି ବ୍ୟବସ୍ଥା ମୃତ୍ତିକା କ୍ଷୟକୁ ରୋକିଥାଏ। ଗଛମୂଳରେ ଆର୍ଦ୍ରତା ରହିଥିବାରୁ ଗଛ ଆବଶ୍ୟକ କରୁଥିବା ଜଳ ସହଜରେ ଉପଲବ୍ଧ ହୋଇଥାଏ। ଯେକୌଣସି ମାଟିରେ ସହଜରେ ଜଳସେଚନ କରିହୁଏ। ଅନାବନା ଘାସ ଜଳ ଅଭାବରୁ ଉଠିପାରେନି। ପ୍ରତ୍ୟେକ ଗଛ ମୂଳକୁ ଜଳର ଆବଣ୍ଟନ ଏକପ୍ରକାର ହୋଇଥାଏ। ଅନ୍ୟ ଜଳସେଚନ ଅପେକ୍ଷା ବୁନ୍ଦା ଜଳସେଚନରେ କମ୍ ଶ୍ରମର ଆବଶ୍ୟକ ପଡ଼ିଥାଏ। ଏହି ବ୍ୟବସ୍ଥା ଆରମ୍ଭ କରିବା ପାଇଁ ପ୍ରାରମ୍ଭିକ ଖର୍ଚ୍ଚ ଟିକେ ଅଧିକ ହୋଇଥାଏ।

ଏହି ବ୍ୟବସ୍ଥା କୃଷିକ୍ଷେତ୍ର, ଫଳବଗିଚା,ବ୍ୟବସାୟିକ ସବୁଜ ଘର ପାଇଁ ଫଳପ୍ରଦ। ଜଳକ୍ଲିଷ୍ଟ ଅଞ୍ଚଳର ଫସଲ ପାଇଁ ଏହା ଉପଯୋଗୀ। ନଡ଼ିଆ ବଗିଚା, କଦଳୀ ବଗିଚା, ଲେମ୍ବୁ(କମଳା), କପା, ଆଖୁ, ମକା ଓ ଟମାଟୋ ଫସଲ ପାଇଁ ଏହି ବ୍ୟବସ୍ଥାରେ ଜଳସେଚନ କରିହେବ। ବୁନ୍ଦା ଜଳସେଚନ ଦ୍ୱାରା ଗଛ ଆବଶ୍ୟକ ପରିମାଣର ଜଳ ପାଇବାରୁ ଅଧିକ ଫସଲ ହୋଇଥାଏ। ମଣିଷ ଭଳି ଗଛ ମଧ୍ୟ ତା'ର ଖାଦ୍ୟ ପାନୀୟର ସୁଷମ ଆବଣ୍ଟନ ଚାହେଁ।

ମାସକର ଖାଦ୍ୟ ଏକା ଦିନରେ ଖାଇବାକୁ ଗଛ ମଧ୍ୟ ଚାହିଁ ନ ଥାଏ। ବୁନ୍ଦା ଜଳସେଚନ ପ୍ରକ୍ରିୟାରେ ଗଛ ଆବଶ୍ୟକ କରୁଥିବା ଜଳ ଓ ଉର୍ବରକ କ୍ରମାଗତ ଭାବରେ ଚେରମୂଳରେ ପହଞ୍ଚିଥାଏ, ଯାହା ଅଧିକ ଅମଳ ପାଇଁ ସହାୟକ ହୋଇଥାଏ। ଗଛ ଆବଶ୍ୟକ କରୁଥିବା ଜଳ ଓ ପୋଷକତତ୍ତ୍ୱ ନିୟନ୍ତ୍ରିତ ହୋଇ ଗଛକୁ ଉପଲବ୍ଧ ହୁଏ। ଅଧିକ ସାର ପ୍ରୟୋଗ ଦ୍ୱାରା ଜମି ଲୁଣି ହୋଇଯାଉଥିବାରୁ ଏହି ଜଳସେଚନ ପ୍ରକ୍ରିୟାରେ ସେଥିରେ ରୋକ୍ ଲଗାଯାଇ ପାରିବ। ଏହି ପ୍ରଣାଳୀରେ ଗଛର ପତ୍ର ଓଦା ହୁଏନାହିଁ। ଫଳରେ ଗଛ ଫିମ୍ପି ଆକ୍ରମଣରୁ ରକ୍ଷାପାଏ। ଜଳବାୟୁ ପରିବର୍ତ୍ତନ ଦ୍ୱାରା ସ୍ୱଳ୍ପ ବୃଷ୍ଟି ପରିପ୍ରେକ୍ଷୀରେ ସହାୟକ ହୋଇଥାଏ। ବୁନ୍ଦା ଜଳସେଚନ ବ୍ୟବସ୍ଥାରେ ଘଣ୍ଟାକୁ ୨ରୁ ୨୦ ଲିଟର ପାଣି ମାଟିରେ ମିଶିଥାଏ। ୧ରୁ ୩ ଦିନ ଅନ୍ତରରେ ଏହି ବ୍ୟବସ୍ଥାରେ ଜଳସେଚନ କରାଯାଇଥାଏ।

ବୁନ୍ଦା ଜଳସେଚନ ପ୍ରଣାଳୀ ଅନ୍ୟ ପ୍ରମାଣିତ ଜଳସେଚନ ବ୍ୟବସ୍ଥାର ଏକ ବିକଳ୍ପ ନୁହେଁ, ଏହା ଅନ୍ୟ ପ୍ରଣାଳୀରେ ଜଳସେଚନ କରିବାର ଏକ ଉପାୟ। ପାହାଡ଼ିଆ, ଗଡ଼ାଣିଆ ଅଞ୍ଚଳ ପାଇଁ ବିଶେଷ ଉପଯୋଗୀ। ଧାଡ଼ିରେ ଲଗାଯାଉଥିବା ଫସଲକୁ ଏହି ପ୍ରଣାଳୀରେ ସୁବିଧାରେ ଜଳସେଚନ କରିହେବ। ଏହି ପ୍ରଣାଳୀରେ ଫଳ, ପନିପରିବା, ବିଭିନ୍ନ ଅର୍ଥକରୀ ଫସଲ, ଫୁଲ, ଚା', ରବର, କଫି, ହଳଦୀ, ଲବଙ୍ଗ, ପୋଦିନା ଇତ୍ୟାଦି ଫସଲକୁ ଜଳସେଚନ କରାଯାଇ ଅଧିକ ଅମଳ ମିଳିପାରିବ। ଆଜିର ଯୁଗରେ ଜଳସେଚନର ଉନ୍ନତ ପ୍ରଣାଳୀ ସମ୍ପର୍କରେ ଅନେକ ବୈଷୟିକ କୌଶଳ ବିକାଶ ହୋଇଛି। ତେବେ ସବୁଠାରୁ ପ୍ରଭାବଶାଳୀ ବ୍ୟବସ୍ଥା ହେଉଛି ବୁନ୍ଦା ଜଳସେଚନ ପ୍ରଣାଳୀ।

-ମୋ: ୭୮୯୪୩୩୫୩୭୧





“ ସନ୍ତୁଳିତ ଭିତ୍ତିରେ ସାରର ବ୍ୟବହାର ହେବାର ଆବଶ୍ୟକତା ରହିଛି। ଦେଶର ମୋଟ ଜିଡ଼ିପିକୁ କୃଷି କ୍ଷେତ୍ର ଅବଦାନ ବଢାଇବା ଦିଗରେ ସରକାର କାର୍ଯ୍ୟରତ।
– ନରେନ୍ଦ୍ର ସିଂ ତୋମାର, କେନ୍ଦ୍ର କୃଷି ମନ୍ତ୍ରୀ



“ ସରକାର ଏମ୍‌ଏସ୍‌ଏମ୍‌ଇର ସଂଜ୍ଞାକୁ ଶୀଘ୍ର ପରିବର୍ତ୍ତନ କରିବାକୁ ଯୋଜନା ରଖିଛନ୍ତି। ଏହି କ୍ଷେତ୍ର ୫ ବର୍ଷରେ ୫ କୋଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ନେଇ ଆଶାବାଦୀ।
– ନୀତିନ ଗଡକରୀ, କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ

## ସଂକ୍ଷେପରେ

### ବ୍ୟାଙ୍କିଙ୍ଗ୍ ଶିଳ୍ପ ସମସ୍ୟାକୁ ନେଇ ଅଭିଜିତ ବାନାର୍ଜୀଙ୍କ ଉଦ୍‌ବେଗ

**ନୂଆଦିଲ୍ଲୀ,୨୨-୧୦:** ଭାରତର ବ୍ୟାଙ୍କିଙ୍ଗ୍ ଶିଳ୍ପରେ ଲାଗିରହିଥିବା ବିଭିନ୍ନ ସମସ୍ୟା ନେଇ ନୋବେଲ ବିଜେତା ଅଭିଜିତ ବାନାର୍ଜୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଉକ୍ତ କ୍ଷେତ୍ର ସମସ୍ୟା ସମାଧାନ ଲାଗି ଗଠନମୂଳକ ପରିବର୍ତ୍ତନ ଆଣିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ବ୍ୟାଙ୍କଗୁଡିକରେ ସରକାରଙ୍କ ଅଂଶଧନ ୫୦%ରୁ ତଳକୁ ଖସିବାର ଆବଶ୍ୟକତା ରହିଛି ବୋଲି ଗଣମାଧମକୁ ସେ କହିଛନ୍ତି। ଏହା ହେବା ଦ୍ୱାରା ସେଣ୍ଟ୍ରାଲ ଭିଜିଲାନ୍ସ କମିଶନ(ସିଭିସି)ଙ୍କ ବିନା ଭୟରେ କୌଣସି ନିଷ୍ପତ୍ତି ନିଆଯାଇ ପାରିବ ବୋଲି ସେ ମତ ରଖିଛନ୍ତି। ଏହାବାଦ ଗତ ପାଞ୍ଚ ବର୍ଷ ଧରି ବ୍ୟାଙ୍କଗୁଡିକରେ ବଢି ଚାଲିଥିବା ଏନ୍‌ପିଏ, ବଡ ବଡ ବ୍ୟାଙ୍କ ଠକେଇ ଭଳି ସମସ୍ୟା ଉପରେ ସେ ନିଜର ମତ ରଖିଛନ୍ତି।

### କର୍ମଚାରୀଙ୍କ ଉପହାର ଗ୍ରହଣ ନିୟମ କୋହଳ

**ନୂଆଦିଲ୍ଲୀ,୨୨-୧୦:** କେନ୍ଦ୍ର କର୍ମଚାରୀଙ୍କ ଲାଗି ରହିଥିବା ଉପହାର ଗ୍ରହଣ ନୀତିକୁ ସରକାର ମଙ୍ଗଳବାର କୋହଳ କରିଥିବା ଜଣାପଡ଼ିଛି। ଏହା ଅନ୍ତର୍ଗତ ଉପହାର କ୍ଷେତ୍ରରେ ଅର୍ଥ ଗ୍ରହଣ ସୀମାକୁ ୩ ଗୁଣରୁ ଅଧିକ ବୃଦ୍ଧି କରାଯାଇଥିବା ଜଣେ ସରକାରୀ ଅଧିକାରୀ ସୂଚନା ଦେଇଛନ୍ତି। ଗ୍ରୁପ-ଏ ଏବଂ ବି ଅଧୀନରେ ଆସୁଥିବା କର୍ମଚାରୀ କେନ୍ଦ୍ର ସରକାରଙ୍କ ବିନା କୌଣସି ଅନୁମତିରେ ୫,୦୦୦ ଟଙ୍କାରୁ ଅଧିକ ମୂଲ୍ୟର କୌଣସି ଉପହାର ଗ୍ରହଣ କରିପାରିବେ ନାହିଁ। ନିକଟରେ ସଂଶୋଧନ କରାଯାଇଥିବା ଏ ସଂକ୍ରାନ୍ତ ନିୟମରେ ଏଭଳି ପ୍ରସଙ୍ଗ ଉଲ୍ଲେଖ ରହିଛି। ପୂର୍ବରୁ ଏହି ସୀମା ୧୫୦୦ ଟଙ୍କା ରହିଥିଲା। ସେହିଭଳି ଗ୍ରୁପ ସି କର୍ମଚାରୀଙ୍କ କ୍ଷେତ୍ରରେ ପୂର୍ବରୁ ଏହା ୫୦୦ ଟଙ୍କା ଥିବା ବେଳେ ବର୍ତ୍ତମାନ ୨୦୦୦ ଟଙ୍କା କରାଯାଇଛି।

# ବନ୍ଦ ରହିଲା ରାଜ୍ୟର ୪୨୦୦ ଶାଖା

**ମୁମ୍ବାଇ/ଭୁବନେଶ୍ୱର(ବ୍ୟୁରୋ)୨୨-୧୦**



ସରକାରଙ୍କ ମେଗା ବ୍ୟାଙ୍କ ମିଶ୍ରଣ ପଦକ୍ଷେପକୁ ବିରୋଧ କରି ସାରା ଦେଶରେ ବ୍ୟାଙ୍କ କର୍ମଚାରୀଙ୍କ ଧର୍ମଘଟ ଯୋଗୁ ମଙ୍ଗଳବାର ବ୍ୟାଙ୍କିଙ୍ଗ୍ ସେବା ପ୍ରଭାବିତ ହୋଇଛି। ଧର୍ମଘଟର ପ୍ରଭାବ ରାଜଧାନୀ ଭୁବନେଶ୍ୱର ସମେତ ରାଉରକେଲା, କଟକ, ସମ୍ବଲପୁର, ବାଲେଶ୍ୱର ଏବଂ ବାରିପଦା ଭଳି ରାଜ୍ୟର ପ୍ରମୁଖ ସହର ଗୁଡିକରେ ଦେଖାଯାଇଛି। ଏସ୍‌ବିଆଇ କର୍ମଚାରୀ ସଂଘ ଧାରଣାକୁ ନୈତିକ ସମର୍ଥନ ଜଣାଇଥିଲେ ମଧ୍ୟ ଧର୍ମଘଟରେ ସାମିଲ ହୋଇ ନ ଥିଲା। ମଙ୍ଗଳବାର ଖୋଲାଥିବା ବିଭିନ୍ନ ବ୍ୟାଙ୍କ ସାମ୍ନାରେ କର୍ମଚାରୀମାନେ ପିକେଟିଂ କରିବା ସହ ଶାଖାଗୁଡିକୁ ବନ୍ଦ କରିଥିଲେ। ଏହି ସମୟରେ ଏଟିଏମ୍ ବନ୍ଦ କରାଯାଇଥିଲା। ସମବାୟ ଏବଂ ଗ୍ରାମ୍ୟ ବ୍ୟାଙ୍କକୁ ଛାଡିଦେଲେ ରାଜ୍ୟର ପ୍ରାୟ ୪,୨୦୦ ଶାଖା ଧର୍ମଘଟ ଯୋଗୁ ବନ୍ଦ ହୋଇଥିବା ନିଖିଳ ଓଡ଼ିଶା ବ୍ୟାଙ୍କ କର୍ମଚାରୀ ଆସୋସିଏଶନ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ତ୍ରିପାଠୀ ସୂଚନା ଦେଇଛନ୍ତି।

ତ୍ରିପାଠୀ କହିଛନ୍ତି ଯେ, ଧର୍ମଘଟରେ ରାଜ୍ୟର ୧୦ ହଜାର କର୍ମଚାରୀ ସାମିଲ ହୋଇଥିଲେ। ସରକାରଙ୍କୁ ଲିଖିତ ଭାବେ ବ୍ୟାଙ୍କିଙ୍ଗ୍ ସମସ୍ୟା ସମ୍ପର୍କରେ ଦାବି ରଖାଯିବ। କର୍ମଚାରୀଙ୍କ ନିଜସ୍ୱ ଦାବିକୁ ଏଥିରେ ସାମିଲ କରାଯାଇନାହିଁ। ବ୍ୟାଙ୍କ ମିଶ୍ରଣ ଦ୍ୱାରା ଲୋକଙ୍କ ସ୍ୱାର୍ଥ ବ୍ୟାହତ ହେଉଛି। ଏସ୍‌ବିଆଇ ସହ ଏହାର ସହାୟକ ବ୍ୟାଙ୍କ ମିଶ୍ରଣ ଦ୍ୱାରା ପ୍ରାୟ ୯,୫୦୦ ଶାଖା ଏବଂ ୩୦୦୦ ଏଟିଏମ୍ ବନ୍ଦ କରିଦିଆଗଲା। ୫ ହଜାର କର୍ମଚାରୀ ସ୍ୱେଚ୍ଛାକୃତ ଭାବେ ଅବସର ନେଲେ। ସରକାର ବ୍ୟାଙ୍କ ମିଶ୍ରଣ ଦ୍ୱାରା ବଡ ଲୋନ ସହ ସଂସ୍କାର କଥା କହୁଛନ୍ତି। ବ୍ୟାଙ୍କଗୁଡ଼ିକର ବଡ ଲୋନ କେବଳ କର୍ପୋରେଟ ନେଉଛନ୍ତି ଯାହାର ୭୦% ଏବେ ଏନ୍‌ପିଏ ହୋଇଛି। ବ୍ୟାଙ୍କ ବଡ ହେଲେ ସାଧାରଣ ଲୋକଙ୍କୁ ଉପେକ୍ଷିତ ଓ ଅଣଦେଖା କରାଯିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ।

ଚଳିତବର୍ଷ ଅଗଷ୍ଟରେ ୧୦ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମିଶ୍ରଣ ଦ୍ୱାରା ୪ ବଡ ବ୍ୟାଙ୍କ ଗଠନ ନେଇ ସରକାର ଘୋଷଣା କରିଥିଲେ। ଏହି ନିଷ୍ପତ୍ତି ମୁତାବକ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ସହ ଓରିଏଣ୍ଟାଲ ବ୍ୟାଙ୍କ ଅଫ କମର୍ସ, ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସିଣ୍ଡିକେଟ ବ୍ୟାଙ୍କ ସହ କାନାରା ବ୍ୟାଙ୍କ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ସହ ଆନ୍ଧ୍ର ବ୍ୟାଙ୍କ, କର୍ପୋରେଶନ ବ୍ୟାଙ୍କ ଏବଂ ଆଲ୍ଲାହାବାଦ ବ୍ୟାଙ୍କ ସହ ଇଣ୍ଡିଆନ ବ୍ୟାଙ୍କ ମିଶ୍ରଣ ନେଇ ଯୋଜନା ରହିଛି। ଏସ୍‌ବିଆଇ ସହ ଏହାର ସହାୟକ ବ୍ୟାଙ୍କଗୁଡିକର ମିଶ୍ରଣ ଏବଂ ବ୍ୟାଙ୍କ ଅଫ୍ ବରୋଦା ସହ ଦେନା ଏବଂ ବିଜୟା ବ୍ୟାଙ୍କ ମିଶ୍ରଣ ହେବା ଫଳରେ ଏହାର ପ୍ରଭାବ ଦେଖାଯାଇଛି। ଏଭଳି ପ୍ରକ୍ରିୟାରେ ବର୍ତ୍ତମାନ ସୁଦ୍ଧା ୩ ହଜାର ବ୍ୟାଙ୍କ ଶାଖା ବନ୍ଦ ହୋଇଛି ଅଲ୍ ଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲଇଜ୍ ଆସୋସିଏଶନ(ଏଆଇବିଇଏ) ପକ୍ଷରୁ ସୂଚନା ରହିଛି।

ବଡ ବଡ ବାଣିଜ୍ୟ ଗୋଷ୍ଠୀର ସ୍ୱାର୍ଥକୁ ଗୁରୁତ୍ୱ ଦେଇ ସରକାର ବ୍ୟାଙ୍କ ମିଶ୍ରଣ ନେଇ ଯୋଜନା କରିଛନ୍ତି। ଏହି ଗୋଷ୍ଠୀ ବ୍ୟାଙ୍କଗୁଡ଼ିକରୁ ଅର୍ଥ ଲୁଟ କରୁଛନ୍ତି। ବୃହତ୍ ପରିମାଣର ଋଣ ନେଇ ଏହାକୁ ପୈଠ କରୁ ନ ଥିବାରୁ ବ୍ୟାଙ୍କରେ ଅନାଦାୟ ଋଣ (ଏନ୍‌ପିଏ) ପରିମାଣ ବଢୁଥିବା ସଂଘ ପକ୍ଷରୁ ଦାବି କରାଯାଇଛି। ଏଭଳି ବିଭିନ୍ନ ଦାବିକୁ ନେଇ ଏଆଇବିଇଏ ଏବଂ ବ୍ୟାଙ୍କ ଏମ୍ପ୍ଲଇଜ୍ ଫେଡେରେଶନ ଅଫ୍ ଇଣ୍ଡିଆ(ବିଇଏଫ୍ଆଇ) ଦିନିକିଆ ଧର୍ମଘଟକୁ ଓହ୍ଲାଇଥିଲେ।

ଏହାବାଦ୍ ସଂଘ ପକ୍ଷରୁ କୁହାଯାଇଛି ଯେ, ସରକାର ଛୋଟଛୋଟ ବ୍ୟାଙ୍କଗୁଡିକୁ ବନ୍ଦ କରିଦେଉଛନ୍ତି। ଏଭଳିସ୍ଥିତିରେ ଘରୋଇକ୍ଷେତ୍ର ବ୍ୟାଙ୍କ ସ୍ମଲ ଫାଇନାନ୍ସ ବ୍ୟାଙ୍କଗୁଡ଼ିକୁ ଲାଇସେନ୍ସ ପ୍ରଦାନ କରାଯାଉଛି। ଏହାଦ୍ୱାରା ବ୍ୟାଙ୍କିଙ୍ଗ୍‌କୁ ଘରୋଇକରଣ କରାଯାଉଛି। ଗତ ମାସରେ ବ୍ୟାଙ୍କ ଅଫିସର ସଂଘଗୁଡିକ ପକ୍ଷରୁ ୨ ଦିନିଆ ଧର୍ମଘଟ ଡାକରା ଦିଆଯାଇଥିଲା। ସରକାରଙ୍କ ସହ ଆଲୋଚନା ପରେ ଏହି ଧର୍ମଘଟ ପ୍ରତ୍ୟାହାର କରାଯାଇଥିବା ଜଣାପଡିଛି।

**ବ୍ୟାଙ୍କ ଧର୍ମଘଟ**

**୧୦,୦୦୦** କର୍ମଚାରୀ ସାମିଲ

- ସେବା ପ୍ରଭାବିତ
- ବ୍ୟାଙ୍କ ମିଶ୍ରଣକୁ ବିରୋଧ କଲେ
- ସମବାୟ, ଗ୍ରାମ୍ୟ ବ୍ୟାଙ୍କ ବାଦ ବନ୍ଦ ରହିଲା ପ୍ରାୟ ଶାଖା



ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଭୁବନେଶ୍ୱର ଆସିଛି। ମହର୍ଷି ଓମେନ୍ସ କଲେଜଠାରେ କମ୍ପାନୀ ପକ୍ଷରୁ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ୨୧ ଶହରୁ ଉର୍ଦ୍ଧ୍ୱ ଛାତ୍ରୀଙ୍କୁ ସଚେତନ କରାଯାଇଛି। ସଡ଼କ ସୁରକ୍ଷା ସଂକ୍ରାନ୍ତ ଗୁରୁତ୍ୱକୁ ବୁଝାଇବାରେ ଏହି କାର୍ଯ୍ୟକ୍ରମ ସହାୟକ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ଦେଶର ୧୧୦ଟି ସହରରେ ୨.୪୦ ଲକ୍ଷରୁ ଉର୍ଦ୍ଧ୍ୱ ସ୍କୁଲ ଏବଂ କଲେଜ ଛାତ୍ରୀଛାତ୍ରଙ୍କୁ ଉକ୍ତ କାର୍ଯ୍ୟକ୍ରମ ଦ୍ୱାରା ସଚେତନ କରାଯାଇଛି ବୋଲି କମ୍ପାନୀର ବ୍ରାଣ୍ଡ ଏବଂ କମ୍ୟୁନିକେଶନ ଉପସଭାପତି ପ୍ରଭୁ ନାଗରାଜ କହିଛନ୍ତି।

## ଏଲ୍‌ଜି ଷ୍ଟଲ୍‌କୁ ବେଷ୍ଟ ଡିସ୍‌ପ୍ଲେ ଆୱାର୍ଡ



**ଭୁବନେଶ୍ୱର,୨୨-୧୦**

ଜନତା ମୈଦାନଠାରେ ନିକଟରେ ଶେଷ ହୋଇଥିବା ଚତୁର୍ଥ ଅନ୍ତର୍ଜାତୀୟ ଭୁବନେଶ୍ୱର ଟ୍ରେଡ ଫେୟାରରେ ଏଲ୍‌ଜି ଇଲେକଟ୍ରୋନିକ୍ସ ଲିମିଟେଡ ଯୋଗ ଦେଇଥିଲା। କମ୍ପାନୀ ପକ୍ଷରୁ ସ୍ଥାପନ ହୋଇଥିଲା ଷ୍ଟଲ୍‌କୁ ବେଷ୍ଟ ଡିସ୍‌ପ୍ଲେ ଆୱାର୍ଡ ଏଠାରେ ପ୍ରଦାନ କରାଯାଇଛି। ଡିଜାଇନ, ସାଜସଜ୍ଜା ଏବଂ ପ୍ରିମିୟମ ଭଳି ପ୍ରସଙ୍ଗ ଆଧାରେ କମ୍ପାନୀକୁ ଉକ୍ତ ବର୍ଗରେ ସମ୍ମାନିତ କରାଯାଇଛି। ସ୍ମାର୍ଟ ରେଞ୍ଜରେ ଗ୍ରାହକଙ୍କୁ ପ୍ରଡକ୍ଟ ଯୋଗାଣ ଦିଗରେ କାର୍ଯ୍ୟକ୍ରମ ଜାରି ରହିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଏଲ୍‌ଇଡି ଟିଭି, ୱାଶିଂମେଶିନ, ଫ୍ୟାନ ଏବଂ ରେଫ୍ରିଜିରେଟର ଭଳି ଅନ୍ୟ ପ୍ରଡକ୍ଟ ଉପଲବ୍ଧ କରାଯାଉଛି। ପ୍ରଡକ୍ଟଗୁଡ଼ିକ ଗ୍ରାହକଙ୍କ ଦ୍ୱାରା ବେଶ୍ ରେସପନ୍ସ ଲାଭ କରୁଥିବା କମ୍ପାନୀ ସୂଚନା ଦେଇଛି।


No.: II-33

## ଓଡ଼ିଶା ସରକାର

# ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଘୋଷଣା

L.A. No.: ୫୧/୧୬- ଢେଙ୍କାନାଳ - ୧୪୮୩/RRCS ତା୧୨।୦୪।୨୦୧୯ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍ - ୨୦୧୩ (R.F.C.T.L.A.R.&R Act - 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ଟୋଲରପୋସି, ଥାନା- ଗନ୍ଦିଆ ନଂ.-୧୫୦, ତହସିଲ- ଗନ୍ଦିଆ ନଂ.-୪୭୨, ଜିଲ୍ଲା- ଢେଙ୍କାନାଳରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୪୮.୭୧୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣର ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍ - ୨୦୧୩ (R.F.C.T.L.A.R.&R Act - 2013)ର ୧୧(୧) ଧାରା ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୬୧୦ ତା ୧୨।୦୭।୨୦୧୮ ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- ଟୋଲରପୋସି, ଥାନା- ଗନ୍ଦିଆ ନଂ.-୧୫୦, ତହସିଲ- ଗନ୍ଦିଆ ନଂ.-୪୭୨, ଜିଲ୍ଲା- ଢେଙ୍କାନାଳ ନିମନ୍ତେ ବିସ୍ଥାପିତ ପରିବାର ଥିବାରୁ କମିଶନର-ପୁନର୍ବାସ ଓ ଥଇଥାନ ଦ୍ୱାରା ଧାରା ୧୭(୧) ଅନୁସାରେ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନାର ସାରମର୍ମ ଏଥି ସହିତ ସଂଲଗ୍ନ କରାଗଲା।

**କିମ୍ବା**

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା- ଟୋଲରପୋସି, ଥାନା- ଗନ୍ଦିଆ ନଂ.-୧୫୦, ତହସିଲ- ଗନ୍ଦିଆ ନଂ.-୪୭୨, ଜିଲ୍ଲା- ଢେଙ୍କାନାଳରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ୍‌ରେ ଓ ରାଜ୍ୟ ସରକାରଙ୍କ ୱେବସାଇଟ୍‌ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍ଲୋଡ଼ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ମଣ୍ଡଳ ଅଧିକାରୀ ନଂ. III, ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ - କ**

**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା- ଢେଙ୍କାନାଳ** **ତହସିଲ- ଗନ୍ଦିଆ ନଂ.-୪୭୨**

| ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|
| ଟୋଲରପୋସି | ଗ୍ରାମାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ସଂଲଗ୍ନ | ୪୬.୭୧୦ | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

| ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|
| ପ୍ରଯୁଜ୍ୟ ନୁହେଁ | | | | | | |

ଅଧିସୂଚନା ବୈଧ ତାରିଖ ୩୦।୦୭।୨୦୧୮।

ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ

## ରେଙ୍ଗାଳି ଦକ୍ଷିଣ ପାର୍ଶ୍ୱ କେନାଲ

ଧାରା ୧୧(୧)ର ଲ୍ୟାଣ୍ଡ ସିଡ୍ୟୁଲ ଭୂ-ଅର୍ଜନ ମାମଲା ନଂ.-

ମୌଜା- ଟୋଲରପସି, ତହସିଲ- ଗଁଦିଆ, ନମ୍ବର - ୪୭୨, ଥାନା- ଗଁଦିଆ, ନମ୍ବର - ୧୫୦, ଜିଲ୍ଲା- ଢେଙ୍କାନାଳ, କେନାଲର ନାମ- ଦର୍ପଣୀ ଶାଖା କେନାଲ ଦୂରତା ୯୨୪୯୦ ମି. ଠାରୁ ୯୫୪୬୦ମି. ପର୍ଯ୍ୟନ୍ତ ଭୂମି ସୂଚନା

| ଖତିୟାନର କ୍ରମିକ ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅର୍ଜିତ ରକବା | ରୟତଙ୍କ ନାମ ଏବଂ ପିତା/ସ୍ୱାମୀଙ୍କ ନାମ |
|---|---|---|---|---|
| ୧ | ୨ | ୩ | ୪ | ୫ |
| ରୟତି ଜମି | | | | |
| ୧୧ | ୨୩୨୯ | ୧.୧୦୦ | ୦.୪୫୦ | ଅଲି ସାହୁ, ସ୍ୱା.- ଗୋପିନାଥ ସାହୁ ଓଗେର |
| ୧୫ | ୮୬୮ | ୦.୧୮୦ | ୦.୪୮୦ | ଆକୁଳ ବେହେରା, ପି.- ଅନନ୍ତ ବେହେରା |
| ୧୭ | ୧୩୭୧ | ୦.୫୩୦ | ୦.୪୮୦ | ଆକୁଳାନନ୍ଦ ସାହୁ, ପି.- ଇନ୍ଦ୍ରମଣି ସାହୁ |
| | ୧୩୭୨ | ୦.୧୧୦ | ୦.୧୧୦ | |
| ୧୮ | ୧୩୧୯ | ୦.୬୮୦ | ୦.୦୫୦ | ଆକୁଳାନନ୍ଦ ସାହୁ, ପି.- ଇନ୍ଦ୍ରମଣି ସାହୁ ଓଗେର |
| | ୧୩୨୨ | ୦.୩୭୦ | ୦.୦୬୦ | |
| | ୧୩୨୩ | ୦.୧୧୦ | ୦.୦୬୦ | |
| | ୧୩୨୪ | ୦.୧୫୦ | ୦.୧୪୦ | |
| | ୧୩୨୫ | ୦.୧୬୦ | ୦.୧୬୦ | |
| | ୧୩୨୬ | ୦.୦୮୦ | ୦.୦୮୦ | |
| | ୧୩୨୭ | ୦.୧୬୦ | ୦.୧୬୦ | |
| | ୧୩୨୬/୩୧୫୯ | ୦.୦୬୦ | ୦.୦୬୦ | |
| | ୧୩୨୬/୩୩୧୩ | ୦.୦୨୦ | ୦.୦୨୦ | |
| ୩୬ | ୨୭୨୨ | ୧.୦୩୦ | ୦.୪୫୦ | ଏକାଦଶୀ ବାରିକ, ପି.- ବାଞ୍ଛା ବାରିକ |
| ୩୭ | ୨୭୦୮ | ୦.୯୧୦ | ୦.୮୧୦ | ଏକାଦଶୀ ବାରିକ, ପି.- ବାଞ୍ଛା ବାରିକ ଓଗେର |
| ୭୧ | ୨୭୧୨ | ୦.୩୨୦ | ୦.୦୮୦ | କେଶବ ଚରଣ ନନ୍ଦି, ପି.- ଜଗବନ୍ଧୁ ନନ୍ଦି ଓଗେର |
| ୭୨ | ୨୭୧୨/୩୧୧୫ | ୦.୧୯୦ | ୦.୦୮୦ | କେଶବ ଚରଣ ନନ୍ଦି, ପି.- ଜଗବନ୍ଧୁ ନନ୍ଦି ଓଗେର |
| ୮୩ | ୧୩୩୦ | ୨.୧୫୦ | ୧.୬୮୦ | ଗଦାଧର ସାହୁ, ପି.- ନିଧିସାହୁ |
| ୧୦୦ | ୧୩୪୧ | ୨.୦୬୦ | ୧.୫୬୦ | ଗୋପୀନାଥ ସାହୁ, ପି.- ବାଞ୍ଛାନିଧି ସାହୁ ଓଗେର |
| | ୧୩୪୨ | ୫.୨୫୦ | ୦.୩୫୦ | |
| ୧୦୧ | ୨୨୫୮ | ୦.୧୫୦ | ୦.୦୧୦ | ଗୋପୀନାଥ ମହାପାତ୍ର, ପି.- ହରେକୃଷ୍ଣ ମହାପାତ୍ର ଓଗେର |
| ୧୦୪ | ୨୭୨୬ | ୦.୯୫୦ | ୦.୧୦୦ | ଗୋବିନ୍ଦ ଚନ୍ଦ୍ର ସେନାପତି, ପି.- ସହଦେବ ସେନାପତି ଓଗେର |
| | ୨୭୩୩ | ୧.୯୧୦ | ୧.୩୬୦ | |
| | ୨୭୩୫ | ୦.୩୪୦ | ୦.୩୪୦ | |
| ୧୧୮ | ୮୬୮/୩୩୦୪ | ୦.୨୫୦ | ୦.୨୫୦ | ଚୈତନ୍ୟ ଚରଣ ମହାପାତ୍ର, ପି.- ଗୋପୀନାଥ ମହାପାତ୍ର |
| ୧୨୩ | ୨୩୭୫ | ୦.୧୭୦ | ୦.୦୯୦ | ଯୁଗଳ କିଶୋର ମହାନ୍ତି, ପି.- ବିଷ୍ଣୁଚରଣ ମହାନ୍ତି |
| ୧୪୧ | ୨୪୧୪ | ୨.୦୦୦ | ୦.୧୦୦ | ଦୀନବନ୍ଧୁ ସାହୁ, ପି.- ମଧୁ ସାହୁ ଓଗେର |
| | ୨୪୨୨ | ୦.୩୮୦ | ୦.୩୮୦ | |
| | ୨୪୨୩ | ୨.୭୦୦ | ୨.୧୫୦ | |
| ୧୫୨ | ୧୩୭୩ | ୧.୩୪୦ | ୦.୦୪୦ | ଧନେଶ୍ୱର ସାହୁ, ପି.- ଚନ୍ଦ୍ରମଣି ସାହୁ ଓଗେର |
| | ୧୬୭୬ | ୦.୨୪୦ | ୦.୨୦୦ | |
| | ୧୬୭୭ | ୧.୪୪୦ | ୧.୨୦୦ | |
| | ୧୬୭୮ | ୦.୩୨୦ | ୦.୦୨୦ | |
| | ୧୬୮୧ | ୧.୦୪୦ | ୦.୧୨୦ | |
| ୧୫୪ | ୧୬୭୫/୩୧୯୮ | ୦.୬୭୦ | ୦.୦୩୦ | ଧନେଶ୍ୱର ସାହୁ, ପି.- ଚନ୍ଦ୍ରମଣି ସାହୁ ଓଗେର |
| | ୧୬୭୭/୩୧୯୯ | ୦.୨୬୦ | ୦.୧୮୦ | |
| ୧୬୦ | ୧୨୫୪ | ୨.୭୧୦ | ୧.୯୦୦ | ଧୋବଣି ବାରିକ, ପି.- କାର୍ତ୍ତିକ ସାହୁ ଓଗେର |
| ୧୬୧ | ୧୨୫୯ | ୧.୮୬୦ | ୧.୮୬୦ | ଧୋବଣି ବାରିକ, ପି.- କାର୍ତ୍ତିକ ସାହୁ ଓଗେର |
| | ୧୨୯୪ | ୦.୯୨୦ | ୦.୨୩୦ | |
| ୧୭୧ | ୧୩୭୦ | ୦.୧୪୦ | ୦.୧୪୦ | ନଟବର ରାଉତ, ପି.- ଶଙ୍କର ରାଉତ, ଜା: ଖଣ୍ଡାୟତ, ବା: ପିଙ୍ଗୁଆ |
| ୧୭୨ | ୧୩୫୬ | ୦.୨୦୦ | ୦.୨୦୦ | ନଟବର ରାଉତ, ପି.- ଶଙ୍କର ରାଉତ ଓଗେର |
| ୧୭୩ | ୧୩୫୫ | ୦.୧୬୦ | ୦.୧୨୦ | ନଟବର ରାଉତ, ପି.- ଶଙ୍କର ରାଉତ ଓଗେର |
| | ୧୩୫୪/୩୧୨୫ | ୦.୬୦୦ | ୦.୨୮୦ | |
| ୧୭୯ | ୨୨୫୯ | ୦.୪୮୦ | ୦.୦୭୦ | ନବୀନ ପରିଡ଼ା, ପି.- ଅଇଠୁ ପରିଡ଼ା |
| ୧୮୮ | ୧୩୪୩ | ୧.୧୯୦ | ୦.୧୦୦ | ନାଥ ସେଠୀ, ପି.- ଚଣ୍ଡାଳ ସେଠୀ ଓଗେର |
| ୧୯୨ | ୨୪୧୨ | ୦.୦୯୦ | ୦.୦୯୦ | ନିତ୍ୟାନନ୍ଦ ମାହାନ୍ତି, ପି.- ସତ୍ୟାନନ୍ଦ ମାହାନ୍ତି ଓଗେର |
| | ୨୪୧୩ | ୦.୧୦୦ | ୦.୦୮୦ | |
| | ୨୭୧୧ | ୦.୧୨୦ | ୦.୧୨୦ | |
| | ୨୭୧୩ | ୦.୭୭୦ | ୦.୦୨୦ | |
| | ୨୭୨୦ | ୦.୩୧୦ | ୦.୧୪୦ | |
| | ୨୭୨୩ | ୧.୮୫୦ | ୦.୬୫୦ | |
| | ୨୭୩୦ | ୦.୫୪୦ | ୦.୪୩୦ | |
| | ୨୭୩୧ | ୦.୩୭୦ | ୦.୦୪୦ | |
| | ୨୭୦୯/୩୨୬୩ | ୦.୮୪୦ | ୦.୫୯୦ | |
| | ୨୭୦୯/୩୨୬୪ | ୦.୩୦୦ | ୦.୦୫୦ | |
| ୧୯୪ | ୨୩୦୪ | ୦.୬୪୦ | ୦.୦୬୦ | ନିରଞ୍ଜନ ଦେହୁରୀ, ପି.- ରାଧୁ ଦେହୁରୀ |
| ୨୧୬ | ୨୨୫୫ | ୦.୧୨୦ | ୦.୧୨୦ | ପାଲୁଣି ବେହେରା, ସ୍ୱା.- କାଙ୍ଗାଳି ବେହେରା |
| | ୨୨୫୬ | ୦.୩୬୦ | ୦.୩୬୦ | |
| ୨୧୭ | ୮୬୫ | ୦.୮୪୦ | ୦.୦୧୦ | ପ୍ରାଣବନ୍ଧୁ ସାହୁ, ପି.- କୃଷ୍ଣଚନ୍ଦ୍ର ସାହୁ ଓଗେର |
| ୨୨୬ | ୨୨୫୭ | ୦.୨୯୦ | ୦.୧୫୦ | ପିତାମ୍ବର ସାହୁ, ପି.- ଅପର୍ତ୍ତି ସାହୁ ଓଗେର |
| ୨୪୫ | ୧୩୬୬ | ୦.୦୮୦ | ୦.୦୮୦ | ବଚନି ରାଉତ, ସ୍ୱା.- ଉଛବ ରାଉତ |
| ୨୪୯ | ୧୩୩୧ | ୧.୦୩୦ | ୦.୫୦୦ | ବଂଶୀଧର ସାହୁ, ପି.- ଫକୀର ସାହୁ |
| ୨୫୩ | ୨୪୦୬ | ୦.୫୨୦ | ୦.୦୨୦ | ବାଇଧର ଦେହୁରୀ, ପି.- ଗୌର ଦେହୁରୀ ଓଗେର |
| ୨୬୫ | ୨୨୫୩ | ୧.୬୮୦ | ୦.୯୦୦ | ବାବାଜୀ ବାରିକ, ପି.- ଶଙ୍କର ବାରିକ ଓଗେର |
| | ୨୨୫୪ | ୦.୧୬୦ | ୦.୧୬୦ | |
| | ୨୨୯୦ | ୦.୬୩୦ | ୦.୦୩୦ | |
| | ୨୨୯୧ | ୧.୨୭୦ | ୦.୨୧୦ | |
| | ୨୨୯୩ | ୦.୨୫୦ | ୦.୦୧୦ | |
| | ୨୨୯୪ | ୦.୩୫୦ | ୦.୧୩୦ | |
| | ୨୨୯୫ | ୦.୦୩୦ | ୦.୦୨୦ | |
| | ୨୨୯୬ | ୦.୧୨୦ | ୦.୧୦୦ | |
| | ୨୨୯୭ | ୦.୨୬୦ | ୦.୦୩୦ | |
| | ୨୨୯୮ | ୦.୧୬୦ | ୦.୧୬୦ | |
| | ୨୨୯୯ | ୦.୧୭୦ | ୦.୧୭୦ | |
| | ୨୩୦୦ | ୦.୧୪୦ | ୦.୧୪୦ | |
| | ୨୩୦୧ | ୦.୧୮୦ | ୦.୧୮୦ | |
| | ୨୩୦୨ | ୦.୧୧୦ | ୦.୧୧୦ | |
| | ୨୩୦୩ | ୦.୦୪୦ | ୦.୦୪୦ | |
| | ୨୩୦୫ | ୦.୮୩୦ | ୦.୭୩୦ | |
| | ୨୩୦୭ | ୦.୭୩୦ | ୦.୨୦୦ | |
| | ୨୩୦୮ | ୦.୩୪୦ | ୦.୦୧୦ | |
| | ୨୩୭୭ | ୨.୭୩୦ | ୨.୦୩୦ | |
| | ୨୩୭୮ | ୦.୯୧୦ | ୦.୬୫୦ | |
| | ୨୩୮୦ | ୦.୪୨୦ | ୦.୩୬୦ | |
| | ୨୩୮୧ | ୦.୪୦୦ | ୦.୩୨୦ | |
| | ୨୪୦୭ | ୦.୫୫୦ | ୦.୪୭୦ | |
| | ୨୪୦୮ | ୦.୨୬୦ | ୦.୨୬୦ | |
| | ୨୪୧୦ | ୦.୨୪୦ | ୦.୨୦୦ | |
| | ୨୪୧୧ | ୦.୧୦୦ | ୦.୧୦୦ | |
| | ୧୬୭୩/୩୦୮୫ | ୦.୨୪୦ | ୦.୧୩୦ | |
| | ୨୨୫୯/୩୧୦୧ | ୦.୩୩୦ | ୦.୩୩୦ | |
| | ୨୪୦୯/୩୧୬୦ | ୦.୯୨୦ | ୦.୯୨୦ | |
| | ୧୬୮୧/୩୨୦୧ | ୦.୩୦୦ | ୦.୩୦୦ | |
| | ୨୩୫୬/୩୦୮୭ | ୦.୧୪୦ | ୦.୦୨୦ | |
| ୨୭୦ | ୧୨୪୯ | ୨.୪୭୦ | ୦.୫୪୦ | ବାବାଜୀ ସାହୁ, ପି.- କ୍ଷେତ୍ର ଚୌଧୁରୀ ଓଗେର |
| ୨୮୨ | ୧୩୦୩ | ୦.୪୦୦ | ୦.୧୦୦ | ବାସୁଦେବ ଜେନା, ପି.- ବଂଶୀଧର ଜେନା ଓଗେର |
| | ୧୩୨୮ | ୦.୧୧୦ | ୦.୦୯୦ | |
| | ୧୩୬୯ | ୦.୧୮୦ | ୦.୧୮୦ | |
| | ୧୩୭୫ | ୧.୧୫୦ | ୦.୦୬୦ | |
| | ୧୩୭୫/୩୧୨୦ | ୦.୫୦୦ | ୦.୦୮୦ | |
| ୨୯୧ | ୨୭୨୯ | ୦.୨୬୦ | ୦.୦୭୦ | ବୀରବର ସାହୁ, ପି.- ରାମଚନ୍ଦ୍ର ସାହୁ |
| | ୨୭୩୨ | ୦.୨୪୦ | ୦.୦୪୦ | |
| | ୨୬୯୦/୩୧୩୯ | ୦.୩୮୦ | ୦.୧୯୦ | |
| | ୨୭୩୫/୩୩୪୮ | ୦.୦୭୦ | ୦.୦୫୦ | |
| ୨୯୬ | ୧୩୫୭ | ୦.୧୬୦ | ୦.୧୨୦ | ବୁଦ୍ଧିମନ୍ତ ମହାଳିକ, ପି.- ଚାଇଁ ମହାଳିକ ଓଗେର |
| ୩୧୩ | ୧୩୩୨ | ୦.୩୬୦ | ୦.୦୮୦ | ଭାଇଗ ସାହୁ, ପି.- କାଶୀ ସାହୁ ଓଗେର |
| | ୧୩୩୩/୩୧୨୧ | ୦.୩୨୦ | ୦.୦୩୦ | |
| ୩୧୫ | ୧୨୯୯/୩୧୭୮ | ୧.୧୦୦ | ୦.୩୨୦ | ଭାଇଗ ରାଉତ, ପି.- ଭଜନ ରାଉତ ଓଗେର |
| ୩୨୩ | ୧୩୬୫ | ୧.୧୨୦ | ୦.୮୪୦ | ଶ୍ରୀ ଭାଗବତ ବିଜେ ନିଜଗାଁ, ମାର୍ଫତ ବା: ମଣିକାନ୍ତ ପରିଡ଼ା, ପି.- ବିମ୍ବାଧର ପରିଡ଼ା ଓଗେର |
| | ୧୩୬୭ | ୦.୬୨୦ | ୦.୫୪୦ | |
| | ୧୩୬୮ | ୦.୨୩୦ | ୦.୧୪୦ | |
| ୩୩୭ | ୨୭୨୪ | ୦.୯୯୦ | ୦.୭୩୦ | ମାଧବ ସେନାପତି, ପି.- ବନ୍ଧୁ ସେନାପତି |
| ୩୩୮ | ୨୭୨୫ | ୦.୬୬୦ | ୦.୬୬୦ | ମାଧବ ସେନାପତି, ପି.- ବନ୍ଧୁ ସେନାପତି ଓଗେର |
| | ୨୭୩୬ | ୧.୪୧୦ | ୦.୪୬୦ | |
| ୩୩୯ | ୨୬୮୮ | ୦.୪୩୦ | ୦.୦୬୦ | ମାଧବ ସେନାପତି, ପି.- ବନ୍ଧୁ ସେନାପତି ଓଗେର |
| ୩୪୭ | ୧୩୩୩ | ୦.୩୨୦ | ୦.୦୧୦ | ମୁରଲିଧର ସାହୁ, ପି.- ଭାଇଗ ସାହୁ ଓଗେର |
| ୩୭୧ | ୨୬୮୯ | ୦.୧୬୦ | ୦.୧୪୦ | ରଘୁନାଥ ସେନାପତି, ପି.- ଗାଣ୍ଡୁ ସେନାପତି ଓଗେର |
| ୪୦୧ | ୮୬୮/୩୩୦୫ | ୦.୯୯୦ | ୦.୪୮୦ | ସନାତନ ସାହୁ, ପି.- ଗୋପାଳ ସାହୁ |
| ୪୫୦ | ୧୨୫୩ | ୧.୨୬୦ | ୦.୧୨୦ | ହାଡ଼ିବନ୍ଧୁ ସାହୁ, ପି.- ଭୋଳି ସାହୁ |
| | ୧୨୫୮ | ୩.୨୬୦ | ୦.୫୬୦ | |
| ୪୫୫ | ୧୩୬୩ | ୦.୧୬୦ | ୦.୦୨୦ | ହୃଷିକେଶ ସାହୁ, ପି.- ମନ୍ଦରଧର ସାହୁ ଓଗେର |
| | ୧୩୬୪ | ୦.୩୯୦ | ୦.୦୮୦ | |
| ୪୫୬/୬୬ | ୨୬୮୭ | ୦.୫୭୦ | ୦.୦୧୦ | ଗୋବିନ୍ଦ ଚନ୍ଦ୍ର ସେନାପତି, ପି.- ସହଦେବ ସେନାପତି |
| ୪୫୬/୧୨୨ | ୨୭୦୯/୩୧୧୭ | ୦.୨୮୦ | ୦.୧୮୦ | ଜଳଧର ନାୟକ, ପି.- ରଘୁନାଥ ନାୟକ |
| ୪୫୬/୧୩୨ | ୨୩୦୫/୩୧୦୪ | ୦.୨୦୦ | ୦.୦୨୦ | ଶାରଥି ବାଇ, ସ୍ୱା.- କେଶବ ଚନ୍ଦ୍ର ବାଇ |
| ୪୫୬/୧୭୦ | ୨୭୦୯/୩୧୧୬ | ୦.୩୬୦ | ୦.୨୮୦ | ଗୌରାଙ୍ଗ ଚରଣ ମହାନ୍ତି, ପି.- ଆନନ୍ଦ ମହାନ୍ତି ଓଗେର |
| ୪୫୬/୨୨୫ | ୨୩୫୬/୨୯୩୯ | ୦.୧୦୦ | ୦.୦୧୦ | ଦୀନବନ୍ଧୁ ବେହେରା, ପି.- ମଙ୍ଗୁଳି ବେହେରା |
| ୪୫୬/୩୬୯ | ୧୩୨୩/୩୬୫୮ | ୦.୦୭୦ | ୦.୦୭୦ | ଆକୁଳ ଚରଣ ନାଟିଆ, ପି.- ଭାବ ନାଟିଆ |
| ୪୫୬/୩୭୪ | ୨୨୯୫/୩୬୬୪ | ୦.୨୦୦ | ୦.୨୦୦ | ନିଶାକର ବାରିକ, ପି.- କୃତ୍ତିବାସ ବାରିକ |
| ୪୫୬/୩୯୪ | ୧୩୪୧/୩୬୮୬ | ୦.୭୭୦ | ୦.୦୫୦ | ନୃସିଂହ ଚରଣ ସାହୁ, ପି.- ବାଞ୍ଛାନିଧି ସାହୁ |
| ୪୫୬/୪୦୪ | ୧୬୭୫/୩୭୦୩ | ୨.୧୦୦ | ୧.୩୦୦ | ଶ୍ୟାମସୁନ୍ଦର ସ୍ୱାଇଁ, ପି.- ଭିକାରୀ ସ୍ୱାଇଁ ଓଗେର |
| | ୧୬୭୬/୩୭୦୪ | ୦.୦୬୦ | ୦.୦୬୦ | |
| ୪୫୬/୪୧୦ | ୨୩୭୬/୩୭୧୪ | ୦.୪୦୦ | ୦.୨୮୦ | ଝରି ସାହୁ, ପି.- ମାଗୁଣି ସାହୁ |
| ୪୫୬/୪୧୪ | ୨୭୦୯/୩୭୧୬ | ୦.୮୪୦ | ୦.୬୪୦ | ଗୟାଧର ସାହୁ, ପି.- ଦାଶରଥି ସାହୁ |
| ୪୫୬/୪୧୫ | ୨୪୦୯ | ୦.୬୨୦ | ୦.୧୬୦ | ଗୋଲଖ ବାରିକ, ପି.- ପଞ୍ଚୁ ବାରିକ |
| ୪୫୬/୪୫୮ | ୨୪୨୧ | ୩.୫୧୦ | ୦.୦୪୦ | ଜ୍ଞାନ ଦେଓ ଗାମ୍, ପି.- ପାଣ୍ଡୁ ଦେଓ ଗାମ୍ ଓଗେର |
| ୪୫୬/୪୫୯ | ୯୦୪ | ୨.୭୮୦ | ୦.୩୩୦ | ଅନୁପମା ନାୟକ, ସ୍ୱା.- ସନ୍ତୋଷ କୁମାର ନାୟକ |
| | ୧୨୯୯ | ୮.୦୧୦ | ୨.୨୫୦ | |
| ୪୫୬/୫୦୨ | ୨୭୦୪ | ୦.୯୬୦ | ୦.୪୦୦ | ଗଣେଶ୍ୱର ମହାରଣା, ପି.- ମହନି ମହାରଣା ଓଗେର |
| | ୨୭୧୦ | ୦.୩୫୦ | ୦.୧୫୦ | |
| ୪୫୬/୫୦୯ | ୧୩୦୦/୩୧୭୬ | ୦.୭୬୦ | ୦.୨୨୦ | କୈଳାସ ଚନ୍ଦ୍ର ଦାସ, ପି.- ନିଶାକର ଦାସ |
| ୪୫୬/୫୧୭ | ୧୩୫୮/୩୮୨୨ | ୦.୧୦୦ | ୦.୧୦୦ | ଶରତ କୁମାର ସାହୁ, ପି.- ଧରଣୀଧର ସାହୁ ଓଗେର |
| | ୧୩୫୯/୩୮୨୩ | ୦.୩୫୦ | ୦.୧୦୦ | |
| ୪୫୬/୫୩୮ | ୧୨୯୮/୩୧୭୫ | ୨.୬୭୦ | ୧.୦୦୦ | ଦିପ୍ତିରଞ୍ଜନ ମହାଳିକ, ପି.- ଦୁର୍ଯ୍ୟୋଧନ ମହାଳିକ |
| ୪୫୬/୫୭୦ | ୧୨୫୯/୩୮୬୩ | ୦.୫୪୦ | ୦.୫୪୦ | ଧ୍ରୁବଚରଣ ରାଉତ, ପି.- କହ୍ନେଇ ରାଉତ |
| ୪୫୬/୫୯୦ | ୨୭୦୯ | ୦.୮୯୦ | ୦.୦୧୦ | ବିକାଶ କୁମାର ନନ୍ଦୀ, ପି.- ଦିଗାମ୍ବର ନନ୍ଦୀ ଓଗେର |
| | ମୋଟ | | ୪୬.୭୧୦ | |

24034/14/0038/1920

ଧରିତ୍ରୀ DHARITRI
Wednesday, 23 October 2019



## ସଂକ୍ଷେପରେ

### ବ୍ୟାଙ୍କିଙ୍ଗ୍ ଶିଳ୍ପ ସମସ୍ୟାକୁ ନେଇ ଅଭିଜିତ ବାନାର୍ଜୀଙ୍କ ଉଦ୍‌ବେଗ

**ନୂଆଦିଲ୍ଲୀ,୨୨-୧୦:** ଭାରତର ବ୍ୟାଙ୍କିଙ୍ଗ୍ ଶିଳ୍ପରେ ଲାଗିରହିଥିବା ବିଭିନ୍ନ ସମସ୍ୟା ନେଇ ନୋବେଲ ବିଜେତା ଅଭିଜିତ ବାନାର୍ଜୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଉକ୍ତ କ୍ଷେତ୍ର ସମସ୍ୟା ସମାଧାନ ଲାଗି ଗଠନମୂଳକ ପରିବର୍ତ୍ତନ ଆଣିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ବ୍ୟାଙ୍କଗୁଡିକରେ ସରକାରଙ୍କ ଅଂଶଧନ ୫୦%ରୁ ତଳକୁ ଖସିବାର ଆବଶ୍ୟକତା ରହିଛି ବୋଲି ଗଣମାଧ୍ୟମକୁ ସେ କହିଛନ୍ତି। ଏହା ହେବା ଦ୍ୱାରା ସେଣ୍ଟ୍ରାଲ ଭିଜିଲାନ୍ସ କମିଶନ(ସିଭିସି)ଙ୍କ ବିନା ଭୟରେ କୌଣସି ନିଷ୍ପତ୍ତି ନିଆଯାଇ ପାରିବ ବୋଲି ସେ ମତ ରଖିଛନ୍ତି। ଏହାବାଦ ଗତ ପାଞ୍ଚ ବର୍ଷ ଧରି ବ୍ୟାଙ୍କଗୁଡିକରେ ବଢି ଚାଲିଥିବା ଏନ୍‌ପିଏ, ବଡ ବଡ ବ୍ୟାଙ୍କ ଠକେଇ ଭଳି ସମସ୍ୟା ଉପରେ ସେ ନିଜର ମତ ରଖିଛନ୍ତି।

### କର୍ମଚାରୀଙ୍କ ଉପହାର ଗ୍ରହଣ ନିୟମ କୋହଳ

**ନୂଆଦିଲ୍ଲୀ,୨୨-୧୦:** କେନ୍ଦ୍ର କର୍ମଚାରୀଙ୍କ ଲାଗି ରହିଥିବା ଉପହାର ଗ୍ରହଣ ନୀତିକୁ ସରକାର ମଙ୍ଗଳବାର କୋହଳ କରିଥିବା ଜଣାପଡ଼ିଛି। ଏହା ଅନ୍ତର୍ଗତ ଉପହାର କ୍ଷେତ୍ରରେ ଅର୍ଥ ଗ୍ରହଣ ସୀମାକୁ ୩ ଗୁଣରୁ ଅଧିକ ବୃଦ୍ଧି କରାଯାଇଥିବା ଜଣେ ସରକାରୀ ଅଧିକାରୀ ସୂଚନା ଦେଇଛନ୍ତି। ଗ୍ରୁପ-ଏ ଏବଂ ବି ଅଧୀନରେ ଆସୁଥିବା କର୍ମଚାରୀ କେନ୍ଦ୍ର ସରକାରଙ୍କ ବିନା କୌଣସି ଅନୁମତିରେ ୫,୦୦୦ ଟଙ୍କାରୁ ଅଧିକ ମୂଲ୍ୟର କୌଣସି ଉପହାର ଗ୍ରହଣ କରିପାରିବେ ନାହିଁ। ନିକଟରେ ସଂଶୋଧନ କରାଯାଇଥିବା ଏ ସଂକ୍ରାନ୍ତ ନିୟମରେ ଏଭଳି ପ୍ରସଙ୍ଗ ଉଲ୍ଲେଖ ରହିଛି। ପୂର୍ବରୁ ଏହି ସୀମା ୧୫୦୦ ଟଙ୍କା ରହିଥିଲା। ସେହିଭଳି ଗ୍ରୁପ ସି କର୍ମଚାରୀଙ୍କ କ୍ଷେତ୍ରରେ ପୂର୍ବରୁ ଏହା ୫୦୦ ଟଙ୍କା ଥିବା ବେଳେ ବର୍ତ୍ତମାନ ୨୦୦୦ ଟଙ୍କା କରାଯାଇଛି।

> ସନ୍ତୁଳିତ ଭିତ୍ତିରେ ସାରର ବ୍ୟବହାର ହେବାର ଆବଶ୍ୟକତା ରହିଛି। ଦେଶର ମୋଟ ଜିଡ଼ିପିକୁ କୃଷି କ୍ଷେତ୍ର ଅବଦାନ ବଢାଇବା ଦିଗରେ ସରକାର କାର୍ଯ୍ୟରତ।
> – ନରେନ୍ଦ୍ର ସିଂ ତୋମାର, କେନ୍ଦ୍ର କୃଷି ମନ୍ତ୍ରୀ



> ସରକାର ଏମ୍‌ଏସ୍‌ଏମ୍‌ଇର ସଂଜ୍ଞାକୁ ଶୀଘ୍ର ପରିବର୍ତ୍ତନ କରିବାକୁ ଯୋଜନା ରଖିଛନ୍ତି। ଏହି କ୍ଷେତ୍ର ୫ ବର୍ଷରେ ୫ କୋଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ନେଇ ଆଶାବାଦୀ।
> – ନୀତିନ ଗଡକରୀ, କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ



# ବନ୍ଦ ରହିଲା ରାଜ୍ୟର ୪୨୦୦ ଶାଖା

**ମୁମ୍ବାଇ/ଭୁବନେଶ୍ୱର(ବ୍ୟୁରୋ)୨୨-୧୦**



ସରକାରଙ୍କ ମେଗା ବ୍ୟାଙ୍କ ମିଶ୍ରଣ ପଦକ୍ଷେପକୁ ବିରୋଧ କରି ସାରା ଦେଶରେ ବ୍ୟାଙ୍କ କର୍ମଚାରୀଙ୍କ ଧର୍ମଘଟ ଯୋଗୁ ମଙ୍ଗଳବାର ବ୍ୟାଙ୍କିଙ୍ଗ୍ ସେବା ପ୍ରଭାବିତ ହୋଇଛି। ଧର୍ମଘଟର ପ୍ରଭାବ ରାଜଧାନୀ ଭୁବନେଶ୍ୱର ସମେତ ରାଉରକେଲା, କଟକ, ସମ୍ବଲପୁର, ବାଲେଶ୍ୱର ଏବଂ ବାରିପଦା ଭଳି ରାଜ୍ୟର ପ୍ରମୁଖ ସହର ଗୁଡିକରେ ଦେଖାଯାଇଛି। ଏସ୍‌ବିଆଇ କର୍ମଚାରୀ ସଂଘ ଧାରଣାକୁ ନୈତିକ ସମର୍ଥନ ଜଣାଇଥିଲେ ମଧ୍ୟ ଧର୍ମଘଟରେ ସାମିଲ ହୋଇ ନ ଥିଲା। ମଙ୍ଗଳବାର ଖୋଲାଥିବା ବିଭିନ୍ନ ବ୍ୟାଙ୍କ ସାମ୍ନାରେ କର୍ମଚାରୀମାନେ ପିକେଟିଂ କରିବା ସହ ଶାଖାଗୁଡିକୁ ବନ୍ଦ କରିଥିଲେ। ଏହି ସମୟରେ ଏଟିଏମ୍ ବନ୍ଦ କରାଯାଇଥିଲା। ସମବାୟ ଏବଂ ଗ୍ରାମ୍ୟ ବ୍ୟାଙ୍କକୁ ଛାଡିଦେଲେ ରାଜ୍ୟର ପ୍ରାୟ ୪,୨୦୦ ଶାଖା ଧର୍ମଘଟ ଯୋଗୁ ବନ୍ଦ ହୋଇଥିବା ନିଖିଳ ଓଡ଼ିଶା ବ୍ୟାଙ୍କ କର୍ମଚାରୀ ଆସୋସିଏଶନ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ତ୍ରିପାଠୀ ସୂଚନା ଦେଇଛନ୍ତି।

ତ୍ରିପାଠୀ କହିଛନ୍ତି ଯେ, ଧର୍ମଘଟରେ ରାଜ୍ୟର ୧୦ ହଜାର କର୍ମଚାରୀ ସାମିଲ ହୋଇଥିଲେ। ସରକାରଙ୍କୁ ଲିଖିତ ଭାବେ ବ୍ୟାଙ୍କିଙ୍ଗ୍ ସମସ୍ୟା ସମ୍ପର୍କରେ ଦାବି ରଖାଯିବ। କର୍ମଚାରୀଙ୍କ ନିଜସ୍ୱ ଦାବିକୁ ଏଥିରେ ସାମିଲ କରାଯାଇନାହିଁ। ବ୍ୟାଙ୍କ ମିଶ୍ରଣ ଦ୍ୱାରା ଲୋକଙ୍କ ସ୍ୱାର୍ଥ ବ୍ୟାହତ ହେଉଛି। ଏସ୍‌ବିଆଇ ସହ ଏହାର ସହାୟକ ବ୍ୟାଙ୍କ ମିଶ୍ରଣ ଦ୍ୱାରା ପ୍ରାୟ ୯,୫୦୦ ଶାଖା ଏବଂ ୩୦୦୦ ଏଟିଏମ୍ ବନ୍ଦ କରିଦିଆଗଲା। ୫ ହଜାର କର୍ମଚାରୀ ସ୍ୱେଚ୍ଛାକୃତ ଭାବେ ଅବସର ନେଲେ। ସରକାର ବ୍ୟାଙ୍କ ମିଶ୍ରଣ ଦ୍ୱାରା ବଡ ଲୋନ ସହ ସଂସ୍କାର କଥା କହୁଛନ୍ତି। ବ୍ୟାଙ୍କଗୁଡିକର ବଡ ଲୋନ କେବଳ କର୍ପୋରେଟ ନେଉଛନ୍ତି ଯାହାର ୭୦% ଏବେ ଏନ୍‌ପିଏ ହୋଇଛି। ବ୍ୟାଙ୍କ ବଡ ହେଲେ ସାଧାରଣ ଲୋକଙ୍କୁ ଉପେକ୍ଷିତ ଓ ଅଣଦେଖା କରାଯିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ।

ଚଳିତବର୍ଷ ଅଗଷ୍ଟରେ ୧୦ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମିଶ୍ରଣ ଦ୍ୱାରା ୪ ବଡ ବ୍ୟାଙ୍କ ଗଠନ ନେଇ ସରକାର ଘୋଷଣା କରିଥିଲେ। ଏହି ନିଷ୍ପତ୍ତି ମୁତାବକ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ସହ ଓରିଏଣ୍ଟାଲ ବ୍ୟାଙ୍କ ଅଫ କମର୍ସ, ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସିଣ୍ଡିକେଟ ବ୍ୟାଙ୍କ ସହ କାନାରା ବ୍ୟାଙ୍କ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ସହ ଆନ୍ଧ୍ର ବ୍ୟାଙ୍କ, କର୍ପୋରେଶନ ବ୍ୟାଙ୍କ ଏବଂ ଆଲ୍ଲାହାବାଦ ବ୍ୟାଙ୍କ ସହ ଇଣ୍ଡିଆନ ବ୍ୟାଙ୍କ ମିଶ୍ରଣ ନେଇ ଯୋଜନା ରହିଛି। ଏସ୍‌ବିଆଇ ସହ ଏହାର ସହାୟକ ବ୍ୟାଙ୍କଗୁଡିକର ମିଶ୍ରଣ ଏବଂ ବ୍ୟାଙ୍କ ଅଫ୍ ବରୋଦା ସହ ଦେନା ଏବଂ ବିଜୟା ବ୍ୟାଙ୍କ ମିଶ୍ରଣ ହେବା ଫଳରେ ଏହାର ପ୍ରଭାବ ଦେଖାଯାଇଛି। ଏଭଳି ପ୍ରକ୍ରିୟାରେ ବର୍ତ୍ତମାନ ସୁଦ୍ଧା ୩ ହଜାର ବ୍ୟାଙ୍କ ଶାଖା ବନ୍ଦ ହୋଇଛି ଅଲ୍ ଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲଇଜ୍ ଆସୋସିଏଶନ(ଏଆଇବିଇଏ) ପକ୍ଷରୁ ସୂଚନା ରହିଛି।

ବଡ ବଡ ବାଣିଜ୍ୟ ଗୋଷ୍ଠୀର ସ୍ୱାର୍ଥକୁ ଗୁରୁତ୍ୱ ଦେଇ ସରକାର ବ୍ୟାଙ୍କ ମିଶ୍ରଣ ନେଇ ଯୋଜନା କରିଛନ୍ତି। ଏହି ଗୋଷ୍ଠୀ ବ୍ୟାଙ୍କଗୁଡ଼ିକରୁ ଅର୍ଥ ଲୁଟ କରୁଛନ୍ତି। ବୃହତ୍ ପରିମାଣର ଋଣ ନେଇ ଏହାକୁ ପୈଠ କରୁ ନ ଥିବାରୁ ବ୍ୟାଙ୍କରେ ଅନାଦାୟ ଋଣ (ଏନ୍‌ପିଏ) ପରିମାଣ ବଢୁଥିବା ସଂଘ ପକ୍ଷରୁ ଦାବି କରାଯାଇଛି। ଏଭଳି ବିଭିନ୍ନ ଦାବିକୁ ନେଇ ଏଆଇବିଇଏ ଏବଂ ବ୍ୟାଙ୍କ ଏମ୍ପ୍ଲଇଜ୍ ଫେଡେରେଶନ ଅଫ୍ ଇଣ୍ଡିଆ(ବିଇଏଫ୍ଆଇ) ଦିନିକିଆ ଧର୍ମଘଟକୁ ଓହ୍ଲାଇଥିଲେ।

ଏହାବାଦ୍ ସଂଘ ପକ୍ଷରୁ କୁହାଯାଇଛି ଯେ, ସରକାର ଛୋଟଛୋଟ ବ୍ୟାଙ୍କଗୁଡିକୁ ବନ୍ଦ କରିଦେଉଛନ୍ତି। ଏଭଳିସ୍ଥିତିରେ ଘରୋଇକ୍ଷେତ୍ର ବ୍ୟାଙ୍କ ସ୍ମଲ ଫାଇନାନ୍ସ ବ୍ୟାଙ୍କଗୁଡ଼ିକୁ ଲାଇସେନ୍ସ ପ୍ରଦାନ କରାଯାଉଛି। ଏହାଦ୍ୱାରା ବ୍ୟାଙ୍କିଙ୍ଗ୍‌କୁ ଘରୋଇକରଣ କରାଯାଉଛି। ଗତ ମାସରେ ବ୍ୟାଙ୍କ ଅଫିସର ସଂଘଗୁଡିକ ପକ୍ଷରୁ ୨ ଦିନିଆ ଧର୍ମଘଟ ଡାକରା ଦିଆଯାଇଥିଲା। ସରକାରଙ୍କ ସହ ଆଲୋଚନା ପରେ ଏହି ଧର୍ମଘଟ ପ୍ରତ୍ୟାହାର କରାଯାଇଥିବା ଜଣାପଡିଛି।

**ବ୍ୟାଙ୍କ ଧର୍ମଘଟ**

**୧୦,୦୦୦**
କର୍ମଚାରୀ ସାମିଲ

- ସେବା ପ୍ରଭାବିତ
- ବ୍ୟାଙ୍କ ମିଶ୍ରଣକୁ ବିରୋଧ କଲେ
- ସମବାୟ, ଗ୍ରାମ୍ୟ ବ୍ୟାଙ୍କ ବାଦ ବନ୍ଦ ରହିଲା ପ୍ରାୟ ଶାଖା



ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଭୁବନେଶ୍ୱର ଆସିଛି। ମହର୍ଷି ଓମେନ୍ସ କଲେଜଠାରେ କମ୍ପାନୀ ପକ୍ଷରୁ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ୨୧ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଙ୍କୁ ସଚେତନ କରାଯାଇଛି। ସଡ଼କ ସୁରକ୍ଷା ସଂକ୍ରାନ୍ତ ଗୁରୁତ୍ୱକୁ ବୁଝାଇବାରେ ଏହି କାର୍ଯ୍ୟକ୍ରମ ସହାୟକ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ଦେଶର ୧୧୦ଟି ସହରରେ ୨.୪୦ ଲକ୍ଷରୁ ଊର୍ଦ୍ଧ୍ୱ ସ୍କୁଲ ଏବଂ କଲେଜ ଛାତ୍ରୀଛାତ୍ରଙ୍କୁ ଉକ୍ତ କାର୍ଯ୍ୟକ୍ରମ ଦ୍ୱାରା ସଚେତନ କରାଯାଇଛି ବୋଲି କମ୍ପାନୀର ବ୍ରାଣ୍ଡ ଏବଂ କମ୍ୟୁନିକେଶନ ଉପସଭାପତି ପ୍ରଭୁ ନାଗରାଜ କହିଛନ୍ତି।

## ଏଲ୍‌ଜି ଷ୍ଟଲ୍‌କୁ ବେଷ୍ଟ ଡିସ୍‌ପ୍ଲେ ଆୱାର୍ଡ



**ଭୁବନେଶ୍ୱର,୨୨-୧୦**

ଜନତା ମୈଦାନଠାରେ ନିକଟରେ ଶେଷ ହୋଇଥିବା ଚତୁର୍ଥ ଅନ୍ତର୍ଜାତୀୟ ଭୁବନେଶ୍ୱର ଟ୍ରେଡ ଫେୟାରରେ ଏଲ୍‌ଜି ଇଲେକଟ୍ରୋନିକ୍ସ ଲିମିଟେଡ ଯୋଗ ଦେଇଥିଲା। କମ୍ପାନୀ ପକ୍ଷରୁ ସ୍ଥାପନ ହୋଇଥିଲା ଷ୍ଟଲ୍‌କୁ ବେଷ୍ଟ ଡିସ୍‌ପ୍ଲେ ଆୱାର୍ଡ ଏଠାରେ ପ୍ରଦାନ କରାଯାଇଛି। ଡିଜାଇନ, ସାଜସଜ୍ଜା ଏବଂ ପ୍ରିମିୟମ ଭଳି ପ୍ରସଙ୍ଗ ଆଧାରରେ କମ୍ପାନୀକୁ ଉକ୍ତ ବର୍ଗରେ ସମ୍ମାନିତ କରାଯାଇଛି। ସ୍ମାର୍ଟ ରେଞ୍ଜରେ ଗ୍ରାହକଙ୍କୁ ପ୍ରଡକ୍ଟ ଯୋଗାଣ ଦିଗରେ କାର୍ଯ୍ୟକ୍ରମ ଜାରି ରହିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଏଲ୍‌ଇଡି ଟିଭି, ୱାଶିଂମେଶିନ, ଫ୍ୟାନ ଏବଂ ରେଫ୍ରିଜିରେଟର ଭଳି ଅନ୍ୟ ପ୍ରଡକ୍ଟ ଉପଲବ୍ଧ କରାଯାଉଛି। ପ୍ରଡକ୍ଟଗୁଡ଼ିକ ଗ୍ରାହକଙ୍କ ଦ୍ୱାରା ବେଶ୍ ରେସପନ୍ସ ଲାଭ କରୁଥିବା କମ୍ପାନୀ ସୂଚନା ଦେଇଛି।

---

No.: II-33

## ଓଡ଼ିଶା ସରକାର

# ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

### ଘୋଷଣା

L.A. No.: ୫୧/୧୬- ଢେଙ୍କାନାଳ - ୧୪୮୩/RRCS ତା୧୨।୦୪।୨୦୧୯ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍ - ୨୦୧୩ (R.F.C.T.L.A.R.&R Act - 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ଟୋଲରପୋସି, ଥାନା- ଗନ୍ଦିଆ ନଂ.-୧୫୦, ତହସିଲ- ଗନ୍ଦିଆ ନଂ.-୪୭୨, ଜିଲ୍ଲା- ଢେଙ୍କାନାଳରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୪୮.୭୧୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣର ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍ - ୨୦୧୩ (R.F.C.T.L.A.R.&R Act - 2013)ର ୧୧(୧) ଧାରା ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୬୧୦ ତା ୧୨।୦୭।୨୦୧୮ ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- ଟୋଲରପୋସି, ଥାନା- ଗନ୍ଦିଆ ନଂ.-୧୫୦, ତହସିଲ- ଗନ୍ଦିଆ ନଂ.-୪୭୨, ଜିଲ୍ଲା- ଢେଙ୍କାନାଳ ନିମନ୍ତେ ବିସ୍ଥାପିତ ପରିବାର ଥିବାରୁ କମିଶନର-ପୁନର୍ବାସ ଓ ଥଇଥାନ ଦ୍ୱାରା ଧାରା ୧୭(୧) ଅନୁସାରେ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନାର ସାରମର୍ମ ଏଥି ସହିତ ସଂଲଗ୍ନ କରାଗଲା।

**କିମ୍ବା**

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା- ଟୋଲରପୋସି, ଥାନା- ଗନ୍ଦିଆ ନଂ.-୧୫୦, ତହସିଲ- ଗନ୍ଦିଆ ନଂ.-୪୭୨, ଜିଲ୍ଲା- ଢେଙ୍କାନାଳରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ୍‌ରେ ଓ ରାଜ୍ୟ ସରକାରଙ୍କ ୱେବସାଇଟ୍‌ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍ଲୋଡ଼ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ମଣ୍ଡଳ ଅଧିକାରୀ ନଂ. III, ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ - କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା- ଢେଙ୍କାନାଳ** | **ତହସିଲ- ଗନ୍ଦିଆ ନଂ.-୪୭୨**

| ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|
| ଟୋଲରପୋସି | ଗ୍ରାମାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ସଂଲଗ୍ନ | ୪୬.୭୧୦ | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

| ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|
| ପ୍ରଯୁଜ୍ୟ ନୁହେଁ | | | | | | |

ଅଧିସୂଚନା ବୈଧ ତାରିଖ ୩୦।୦୭।୨୦୧୮।

ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ

### ରେଙ୍ଗାଲି ଦକ୍ଷିଣ ପାର୍ଶ୍ୱ କେନାଲ

ଧାରା ୧୧(୧)ର ଲ୍ୟାଣ୍ଡ ସିଡ୍ୟୁଲ | ଭୂ-ଅର୍ଜନ ମାମଲା ନଂ.-

ମୌଜା- ଟୋଲରପସି, ତହସିଲ- ଗଁଦିଆ, ନମ୍ବର - ୪୭୨, ଥାନା- ଗଁଦିଆ, ନମ୍ବର - ୧୫୦, ଜିଲ୍ଲା- ଢେଙ୍କାନାଳ, କେନାଲର ନାମ- ଦର୍ପଣୀ ଶାଖା କେନାଲ ଦୂରତା ୯୨୪୯୦ ମି. ଠାରୁ ୯୫୪୬୦ମି. ପର୍ଯ୍ୟନ୍ତ ଭୂମି ସୂଚନା

| ଖତିୟାନର କ୍ରମିକ ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅର୍ଜିତ ରକବା | ରୟତଙ୍କ ନାମ ଏବଂ ପିତା/ସ୍ୱାମୀଙ୍କ ନାମ |
|---|---|---|---|---|
| ୧ | ୨ | ୩ | ୪ | ୫ |
| ରୟତି ଜମି | | | | |
| ୧୧ | ୨୩୨୯ | ୧.୧୦୦ | ୦.୪୫୦ | ଅଲି ସାହୁ, ସ୍ୱା.- ଗୋପିନାଥ ସାହୁ ଓଗେର |
| ୧୫ | ୮୬୮ | ୦.୧୮୦ | ୦.୪୮୦ | ଆକୁଳ ବେହେରା, ପି.- ଅନନ୍ତ ବେହେରା |
| ୧୭ | ୧୩୭୧ | ୦.୫୩୦ | ୦.୪୮୦ | ଆକୁଳାନନ୍ଦ ସାହୁ, ପି.- ଇନ୍ଦ୍ରମଣି ସାହୁ |
| | ୧୩୭୨ | ୦.୧୧୦ | ୦.୧୧୦ | |
| ୧୮ | ୧୩୧୯ | ୦.୬୮୦ | ୦.୦୫୦ | ଆକୁଳାନନ୍ଦ ସାହୁ, ପି.- ଇନ୍ଦ୍ରମଣି ସାହୁ ଓଗେର |
| | ୧୩୨୨ | ୦.୩୭୦ | ୦.୦୬୦ | |
| | ୧୩୨୩ | ୦.୧୧୦ | ୦.୦୬୦ | |
| | ୧୩୨୪ | ୦.୧୫୦ | ୦.୧୪୦ | |
| | ୧୩୨୫ | ୦.୧୬୦ | ୦.୧୬୦ | |
| | ୧୩୨୬ | ୦.୦୮୦ | ୦.୦୮୦ | |
| | ୧୩୨୭ | ୦.୧୬୦ | ୦.୧୬୦ | |
| | ୧୩୨୬/୩୧୫୯ | ୦.୦୬୦ | ୦.୦୬୦ | |
| | ୧୩୨୬/୩୩୧୩ | ୦.୦୨୦ | ୦.୦୨୦ | |
| ୩୬ | ୨୭୨୨ | ୧.୦୩୦ | ୦.୪୫୦ | ଏକାଦଶୀ ବାରିକ, ପି.- ବାଞ୍ଛା ବାରିକ |
| ୩୭ | ୨୭୦୮ | ୦.୯୧୦ | ୦.୮୧୦ | ଏକାଦଶୀ ବାରିକ, ପି.- ବାଞ୍ଛା ବାରିକ ଓଗେର |
| ୭୧ | ୨୭୧୨ | ୦.୩୨୦ | ୦.୦୮୦ | କେଶବ ଚରଣ ନନ୍ଦି, ପି.- ଜଗବନ୍ଧୁ ନନ୍ଦି ଓଗେର |
| ୭୨ | ୨୭୧୨/୩୧୧୫ | ୦.୧୯୦ | ୦.୦୮୦ | କେଶବ ଚରଣ ନନ୍ଦି, ପି.- ଜଗବନ୍ଧୁ ନନ୍ଦି ଓଗେର |
| ୮୩ | ୧୩୩୦ | ୨.୧୫୦ | ୧.୬୮୦ | ଗଦାଧର ସାହୁ, ପି.- ନିଧିସାହୁ |
| ୧୦୦ | ୧୩୪୧ | ୨.୦୬୦ | ୧.୫୬୦ | ଗୋପୀନାଥ ସାହୁ, ପି.- ବାଞ୍ଛାନିଧି ସାହୁ ଓଗେର |
| | ୧୩୪୨ | ୫.୨୫୦ | ୦.୩୫୦ | |
| ୧୦୧ | ୨୨୫୮ | ୦.୧୫୦ | ୦.୦୧୦ | ଗୋପୀନାଥ ମହାପାତ୍ର, ପି.- ହରେକୃଷ୍ଣ ମହାପାତ୍ର ଓଗେର |
| ୧୦୪ | ୨୭୨୬ | ୦.୯୫୦ | ୦.୧୦୦ | ଗୋବିନ୍ଦ ଚନ୍ଦ୍ର ସେନାପତି, ପି.- ସହଦେବ ସେନାପତି ଓଗେର |
| | ୨୭୩୩ | ୧.୯୧୦ | ୧.୩୬୦ | |
| | ୨୭୩୫ | ୦.୩୪୦ | ୦.୩୪୦ | |
| ୧୧୮ | ୮୬୮/୩୩୦୪ | ୦.୨୫୦ | ୦.୨୫୦ | ଚୈତନ୍ୟ ଚରଣ ମହାପାତ୍ର, ପି.- ଗୋପୀନାଥ ମହାପାତ୍ର |
| ୧୨୩ | ୨୩୭୫ | ୦.୧୭୦ | ୦.୦୯୦ | ଯୁଗଳ କିଶୋର ମହାନ୍ତି, ପି.- ବିଷ୍ଣୁଚରଣ ମହାନ୍ତି |
| ୧୪୧ | ୨୪୧୪ | ୨.୦୦୦ | ୦.୧୦୦ | ଦୀନବନ୍ଧୁ ସାହୁ, ପି.- ମଧୁ ସାହୁ ଓଗେର |
| | ୨୪୨୨ | ୦.୩୮୦ | ୦.୩୮୦ | |
| | ୨୪୨୩ | ୨.୭୦୦ | ୨.୧୫୦ | |
| ୧୫୨ | ୧୩୭୩ | ୧.୩୪୦ | ୦.୦୪୦ | ଧନେଶ୍ୱର ସାହୁ, ପି.- ଚନ୍ଦ୍ରମଣି ସାହୁ ଓଗେର |
| | ୧୬୭୬ | ୦.୨୪୦ | ୦.୨୦୦ | |
| | ୧୬୭୭ | ୧.୪୪୦ | ୧.୨୦୦ | |
| | ୧୬୭୮ | ୦.୩୨୦ | ୦.୦୨୦ | |
| | ୧୬୮୧ | ୧.୦୪୦ | ୦.୧୨୦ | |
| ୧୫୪ | ୧୬୭୫/୩୧୯୮ | ୦.୬୭୦ | ୦.୦୩୦ | ଧନେଶ୍ୱର ସାହୁ, ପି.- ଚନ୍ଦ୍ରମଣି ସାହୁ ଓଗେର |
| | ୧୬୭୭/୩୧୯୯ | ୦.୨୬୦ | ୦.୧୮୦ | |
| ୧୬୦ | ୧୨୫୪ | ୨.୭୧୦ | ୧.୯୦୦ | ଧୋବଣି ବାରିକ, ପି.- କାର୍ତ୍ତିକ ସାହୁ ଓଗେର |
| ୧୬୧ | ୧୨୫୯ | ୧.୮୬୦ | ୧.୮୬୦ | ଧୋବଣି ବାରିକ, ପି.- କାର୍ତ୍ତିକ ସାହୁ ଓଗେର |
| | ୧୨୯୪ | ୦.୯୨୦ | ୦.୨୩୦ | |
| ୧୭୧ | ୧୩୭୦ | ୦.୧୪୦ | ୦.୧୪୦ | ନଟବର ରାଉତ, ପି.- ଶଙ୍କର ରାଉତ, ଜା: ଖଣ୍ଡାୟତ, ବା: ପିଙ୍ଗୁଆ |
| ୧୭୨ | ୧୩୫୬ | ୦.୨୦୦ | ୦.୨୦୦ | ନଟବର ରାଉତ, ପି.- ଶଙ୍କର ରାଉତ ଓଗେର |
| ୧୭୩ | ୧୩୫୫ | ୦.୧୬୦ | ୦.୧୨୦ | ନଟବର ରାଉତ, ପି.- ଶଙ୍କର ରାଉତ ଓଗେର |
| | ୧୩୫୪/୩୧୨୫ | ୦.୬୦୦ | ୦.୨୮୦ | |
| ୧୭୯ | ୨୨୫୯ | ୦.୪୮୦ | ୦.୦୭୦ | ନବୀନ ପରିଡ଼ା, ପି.- ଅଇଠୁ ପରିଡ଼ା |
| ୧୮୮ | ୧୩୪୩ | ୧.୧୯୦ | ୦.୧୦୦ | ନାଥ ସେଠୀ, ପି.- ଚଣ୍ଡାଳ ସେଠୀ ଓଗେର |
| ୧୯୨ | ୨୪୧୨ | ୦.୦୯୦ | ୦.୦୯୦ | ନିତ୍ୟାନନ୍ଦ ମାହାନ୍ତି, ପି.- ସତ୍ୟାନନ୍ଦ ମାହାନ୍ତି ଓଗେର |
| | ୨୪୧୩ | ୦.୧୦୦ | ୦.୦୮୦ | |
| | ୨୭୧୧ | ୦.୧୨୦ | ୦.୧୨୦ | |
| | ୨୭୧୩ | ୦.୭୭୦ | ୦.୦୨୦ | |
| | ୨୭୨୦ | ୦.୩୧୦ | ୦.୧୪୦ | |
| | ୨୭୨୩ | ୧.୮୫୦ | ୦.୬୫୦ | |
| | ୨୭୩୦ | ୦.୫୪୦ | ୦.୪୩୦ | |
| | ୨୭୩୧ | ୦.୩୭୦ | ୦.୦୪୦ | |
| | ୨୭୦୯/୩୨୬୩ | ୦.୮୪୦ | ୦.୫୯୦ | |
| | ୨୭୦୯/୩୨୬୪ | ୦.୩୦୦ | ୦.୦୫୦ | |
| ୧୯୪ | ୨୩୦୪ | ୦.୬୪୦ | ୦.୦୬୦ | ନିରଞ୍ଜନ ଦେହୁରୀ, ପି.- ରାଧୁ ଦେହୁରୀ |
| ୨୧୬ | ୨୨୫୫ | ୦.୧୨୦ | ୦.୧୨୦ | ପାଲୁଣି ବେହେରା, ସ୍ୱା.- କାଙ୍ଗାଳି ବେହେରା |
| | ୨୨୫୬ | ୦.୩୬୦ | ୦.୩୬୦ | |
| ୨୧୭ | ୮୬୫ | ୦.୮୪୦ | ୦.୦୧୦ | ପ୍ରାଣବନ୍ଧୁ ସାହୁ, ପି.- କୃଷ୍ଣଚନ୍ଦ୍ର ସାହୁ ଓଗେର |
| ୨୨୬ | ୨୨୫୭ | ୦.୨୯୦ | ୦.୧୫୦ | ପିତାମ୍ବର ସାହୁ, ପି.- ଅପର୍ତ୍ତି ସାହୁ ଓଗେର |
| ୨୪୫ | ୧୩୬୬ | ୦.୦୮୦ | ୦.୦୮୦ | ବଚନି ରାଉତ, ସ୍ୱା.- ଉଛବ ରାଉତ |
| ୨୪୯ | ୧୩୩୧ | ୧.୦୩୦ | ୦.୫୦୦ | ବଂଶୀଧର ସାହୁ, ପି.- ଫକୀର ସାହୁ |
| ୨୫୩ | ୨୪୦୬ | ୦.୫୨୦ | ୦.୦୨୦ | ବାଇଧର ଦେହୁରୀ, ପି.- ଗୌର ଦେହୁରୀ ଓଗେର |
| ୨୬୫ | ୨୨୫୩ | ୧.୭୮୦ | ୦.୯୦୦ | ବାବାଜୀ ବାରିକ, ପି.- ଶଙ୍କର ବାରିକ ଓଗେର |
| | ୨୨୫୪ | ୦.୧୬୦ | ୦.୧୬୦ | |
| | ୨୨୯୦ | ୦.୬୩୦ | ୦.୦୩୦ | |
| | ୨୨୯୧ | ୧.୨୭୦ | ୦.୨୧୦ | |
| | ୨୨୯୩ | ୦.୨୫୦ | ୦.୦୧୦ | |
| | ୨୨୯୪ | ୦.୩୫୦ | ୦.୧୩୦ | |
| | ୨୨୯୫ | ୦.୦୩୦ | ୦.୦୨୦ | |
| | ୨୨୯୬ | ୦.୧୨୦ | ୦.୧୦୦ | |
| | ୨୨୯୭ | ୦.୨୬୦ | ୦.୦୩୦ | |
| | ୨୨୯୮ | ୦.୧୬୦ | ୦.୧୬୦ | |
| | ୨୨୯୯ | ୦.୧୭୦ | ୦.୧୭୦ | |
| | ୨୩୦୦ | ୦.୧୪୦ | ୦.୧୪୦ | |
| | ୨୩୦୧ | ୦.୧୮୦ | ୦.୧୮୦ | |
| | ୨୩୦୨ | ୦.୧୧୦ | ୦.୧୧୦ | |
| | ୨୩୦୩ | ୦.୦୪୦ | ୦.୦୪୦ | |
| | ୨୩୦୫ | ୦.୮୩୦ | ୦.୭୩୦ | |
| | ୨୩୦୭ | ୦.୭୩୦ | ୦.୨୦୦ | |
| | ୨୩୦୮ | ୦.୩୪୦ | ୦.୦୧୦ | |
| | ୨୩୭୭ | ୨.୭୩୦ | ୨.୦୩୦ | |
| | ୨୩୭୮ | ୦.୯୧୦ | ୦.୬୫୦ | |
| | ୨୩୮୦ | ୦.୪୨୦ | ୦.୩୬୦ | |
| | ୨୩୮୧ | ୦.୪୦୦ | ୦.୩୨୦ | |
| | ୨୪୦୭ | ୦.୫୫୦ | ୦.୪୭୦ | |
| | ୨୪୦୮ | ୦.୨୬୦ | ୦.୨୬୦ | |
| | ୨୪୧୦ | ୦.୨୪୦ | ୦.୨୦୦ | |
| | ୨୪୧୧ | ୦.୧୦୦ | ୦.୧୦୦ | |
| | ୧୬୭୩/୩୦୮୫ | ୦.୨୪୦ | ୦.୧୩୦ | |
| | ୨୨୫୯/୩୧୦୧ | ୦.୩୩୦ | ୦.୩୩୦ | |
| | ୨୪୦୯/୩୧୬୦ | ୦.୯୨୦ | ୦.୯୨୦ | |
| | ୧୬୮୧/୩୨୦୧ | ୦.୩୦୦ | ୦.୩୦୦ | |
| | ୨୩୫୬/୩୦୮୭ | ୦.୧୪୦ | ୦.୦୨୦ | |
| ୨୭୦ | ୧୨୪୯ | ୨.୪୭୦ | ୦.୫୪୦ | ବାବାଜୀ ସାହୁ, ପି.- କ୍ଷେତ୍ର ଚୌଧୁରୀ ଓଗେର |
| ୨୮୨ | ୧୩୦୩ | ୦.୪୦୦ | ୦.୧୦୦ | ବାସୁଦେବ ଜେନା, ପି.- ବଂଶୀଧର ଜେନା ଓଗେର |
| | ୧୩୨୮ | ୦.୧୧୦ | ୦.୦୯୦ | |
| | ୧୩୬୯ | ୦.୧୮୦ | ୦.୧୮୦ | |
| | ୧୩୭୫ | ୧.୧୫୦ | ୦.୦୬୦ | |
| | ୧୩୭୫/୩୧୨୦ | ୦.୫୦୦ | ୦.୦୮୦ | |
| ୨୯୧ | ୨୭୨୯ | ୦.୨୬୦ | ୦.୦୭୦ | ବୀରବର ସାହୁ, ପି.- ରାମଚନ୍ଦ୍ର ସାହୁ |
| | ୨୭୩୨ | ୦.୨୪୦ | ୦.୦୪୦ | |
| | ୨୬୯୦/୩୧୩୯ | ୦.୩୮୦ | ୦.୧୯୦ | |
| | ୨୭୩୫/୩୩୪୮ | ୦.୦୭୦ | ୦.୦୫୦ | |
| ୨୯୬ | ୧୩୫୭ | ୦.୧୬୦ | ୦.୧୨୦ | ବୁଦ୍ଧିମନ୍ତ ମହାଳିକ, ପି.- ଚାଇଁ ମହାଳିକ ଓଗେର |
| ୩୧୩ | ୧୩୩୨ | ୦.୩୬୦ | ୦.୦୮୦ | ଭାଇଗ ସାହୁ, ପି.- କାଶୀ ସାହୁ ଓଗେର |
| | ୧୩୩୩/୩୧୨୧ | ୦.୩୨୦ | ୦.୦୩୦ | |
| ୩୧୫ | ୧୨୯୯/୩୧୭୮ | ୧.୧୦୦ | ୦.୩୨୦ | ଭାଇଗ ରାଉତ, ପି.- ଭଜନ ରାଉତ ଓଗେର |
| ୩୨୩ | ୧୩୬୫ | ୧.୧୨୦ | ୦.୮୪୦ | ଶ୍ରୀ ଭାଗବତ ବିଜେ ନିଜଗାଁ, ମାର୍ଫତ ବା: ମଣିକାନ୍ତ ପରିଡ଼ା, ପି.- ବିଦ୍ୟାଧର ପରିଡ଼ା ଓଗେର |
| | ୧୩୬୭ | ୦.୬୨୦ | ୦.୫୪୦ | |
| | ୧୩୬୮ | ୦.୨୩୦ | ୦.୧୪୦ | |
| ୩୩୭ | ୨୭୨୪ | ୦.୯୯୦ | ୦.୭୩୦ | ମାଧବ ସେନାପତି, ପି.- ବନ୍ଧୁ ସେନାପତି |
| ୩୩୮ | ୨୭୨୫ | ୦.୬୬୦ | ୦.୬୬୦ | ମାଧବ ସେନାପତି, ପି.- ବନ୍ଧୁ ସେନାପତି ଓଗେର |
| | ୨୭୩୬ | ୧.୪୧୦ | ୦.୪୬୦ | |
| ୩୩୯ | ୨୬୮୮ | ୦.୪୩୦ | ୦.୦୬୦ | ମାଧବ ସେନାପତି, ପି.- ବନ୍ଧୁ ସେନାପତି ଓଗେର |
| ୩୪୭ | ୧୩୩୩ | ୦.୩୨୦ | ୦.୦୧୦ | ମୁରଲିଧର ସାହୁ, ପି.- ଭାଇଗ ସାହୁ ଓଗେର |
| ୩୭୧ | ୨୬୮୯ | ୦.୧୬୦ | ୦.୧୪୦ | ରଘୁନାଥ ସେନାପତି, ପି.- ଗାଣ୍ଡୁ ସେନାପତି ଓଗେର |
| ୪୦୧ | ୮୬୮/୩୩୦୫ | ୦.୯୯୦ | ୦.୪୮୦ | ସନାତନ ସାହୁ, ପି.- ଗୋପାଳ ସାହୁ |
| ୪୫୦ | ୧୨୫୩ | ୧.୨୬୦ | ୦.୧୨୦ | ହାଡ଼ିବନ୍ଧୁ ସାହୁ, ପି.- ଭୋଳି ସାହୁ |
| | ୧୨୫୮ | ୩.୨୬୦ | ୦.୫୬୦ | |
| ୪୫୫ | ୧୩୬୩ | ୦.୧୬୦ | ୦.୦୨୦ | ହୃଷିକେଶ ସାହୁ, ପି.- ମନ୍ଦରଧର ସାହୁ ଓଗେର |
| | ୧୩୬୪ | ୦.୩୯୦ | ୦.୦୮୦ | |
| ୪୫୬/୬୬ | ୨୬୮୭ | ୦.୫୭୦ | ୦.୦୧୦ | ଗୋବିନ୍ଦ ଚନ୍ଦ୍ର ସେନାପତି, ପି.- ସହଦେବ ସେନାପତି |
| ୪୫୬/୧୨୨ | ୨୭୦୯/୩୧୧୭ | ୦.୨୮୦ | ୦.୧୮୦ | ଜଳଧର ନାୟକ, ପି.- ରଘୁନାଥ ନାୟକ |
| ୪୫୬/୧୩୨ | ୨୩୦୫/୩୧୦୪ | ୦.୨୦୦ | ୦.୦୨୦ | ଶାରଥି ବାଇ, ସ୍ୱା.- କେଶବ ଚନ୍ଦ୍ର ବାଇ |
| ୪୫୬/୧୭୦ | ୨୭୦୯/୩୧୧୬ | ୦.୩୬୦ | ୦.୨୮୦ | ଗୌରାଙ୍ଗ ଚରଣ ମହାନ୍ତି, ପି.- ଆନନ୍ଦ ମହାନ୍ତି ଓଗେର |
| ୪୫୬/୨୨୫ | ୨୩୫୬/୨୯୩୯ | ୦.୧୦୦ | ୦.୦୧୦ | ଦୀନବନ୍ଧୁ ବେହେରା, ପି.- ମଙ୍ଗୁଳି ବେହେରା |
| ୪୫୬/୩୬୯ | ୧୩୨୩/୩୬୫୮ | ୦.୦୭୦ | ୦.୦୭୦ | ଆକୁଳ ଚରଣ ନାଟିଆ, ପି.- ଭାବ ନାଟିଆ |
| ୪୫୬/୩୭୪ | ୨୨୯୫/୩୬୬୪ | ୦.୨୦୦ | ୦.୨୦୦ | ନିଶାକର ବାରିକ, ପି.- କୃତ୍ତିବାସ ବାରିକ |
| ୪୫୬/୩୯୪ | ୧୩୪୧/୩୬୮୬ | ୦.୭୭୦ | ୦.୦୫୦ | ନୃସିଂହ ଚରଣ ସାହୁ, ପି.- ବାଞ୍ଛାନିଧି ସାହୁ |
| ୪୫୬/୪୦୪ | ୧୬୭୫/୩୭୦୩ | ୨.୧୦୦ | ୧.୩୦୦ | ଶ୍ୟାମସୁନ୍ଦର ସ୍ୱାଇଁ, ପି.- ଭିକାରୀ ସ୍ୱାଇଁ ଓଗେର |
| | ୧୬୭୬/୩୭୦୪ | ୦.୦୬୦ | ୦.୦୬୦ | |
| ୪୫୬/୪୧୦ | ୨୩୭୬/୩୭୧୪ | ୦.୪୦୦ | ୦.୨୮୦ | ଝରି ସାହୁ, ପି.- ମାଗୁଣି ସାହୁ |
| ୪୫୬/୪୧୪ | ୨୭୦୯/୩୭୧୬ | ୦.୮୪୦ | ୦.୬୪୦ | ଗୟାଧର ସାହୁ, ପି.- ଦାଶରଥି ସାହୁ |
| ୪୫୬/୪୧୫ | ୨୪୦୯ | ୦.୬୨୦ | ୦.୧୬୦ | ଗୋଲଖ ବାରିକ, ପି.- ପଞ୍ଚୁ ବାରିକ |
| ୪୫୬/୪୫୮ | ୨୪୨୧ | ୩.୫୧୦ | ୦.୦୪୦ | ଜ୍ଞାନ ଦେଓ ଗାମ୍, ପି.- ପାଣ୍ଡୁ ଦେଓ ଗାମ୍ ଓଗେର |
| ୪୫୬/୪୫୯ | ୯୦୪ | ୨.୭୮୦ | ୦.୩୩୦ | ଅନୁପମା ନାୟକ, ସ୍ୱା.- ସନ୍ତୋଷ କୁମାର ନାୟକ |
| | ୧୨୯୯ | ୮.୦୧୦ | ୨.୨୫୦ | |
| ୪୫୬/୫୦୨ | ୨୭୦୪ | ୦.୯୬୦ | ୦.୪୦୦ | ଗଣେଶ୍ୱର ମହାରଣା, ପି.- ମହନି ମହାରଣା ଓଗେର |
| | ୨୭୧୦ | ୦.୩୫୦ | ୦.୧୫୦ | |
| ୪୫୬/୫୦୯ | ୧୩୦୦/୩୧୭୬ | ୦.୭୬୦ | ୦.୨୨୦ | କୈଳାସ ଚନ୍ଦ୍ର ଦାସ, ପି.- ନିଶାକର ଦାସ |
| ୪୫୬/୫୧୭ | ୧୩୫୮/୩୮୨୨ | ୦.୧୦୦ | ୦.୧୦୦ | ଶରତ କୁମାର ସାହୁ, ପି.- ଧରଣୀଧର ସାହୁ ଓଗେର |
| | ୧୩୫୯/୩୮୨୩ | ୦.୩୫୦ | ୦.୧୦୦ | |
| ୪୫୬/୫୩୮ | ୧୨୯୮/୩୧୭୫ | ୨.୬୭୦ | ୧.୦୦୦ | ଦିପ୍ତିରଞ୍ଜନ ମହାଳିକ, ପି.- ଦୁର୍ଯ୍ୟୋଧନ ମହାଳିକ |
| ୪୫୬/୫୭୦ | ୧୨୫୯/୩୮୬୩ | ୦.୫୪୦ | ୦.୫୪୦ | ଧ୍ରୁବଚରଣ ରାଉତ, ପି.- କହ୍ନେଇ ରାଉତ |
| ୪୫୬/୫୯୦ | ୨୭୦୯ | ୦.୮୯୦ | ୦.୦୧୦ | ବିକାଶ କୁମାର ନନ୍ଦୀ, ପି.- ଦିଗାମ୍ବର ନନ୍ଦୀ ଓଗେର |
| | ମୋଟ | | ୪୬.୭୧୦ | |

24034/14/0038/1920



“ ଏକ ବଡ଼ ଅସ୍ତ୍ରୋପଚାର ପରେ ଆଣ୍ଡି ମୁରେଙ୍କ ଆଣ୍ଟୱେର୍ପ ଟାଇଟଲ ସଫଳତା ସହ ଟେନିସକୁ ପ୍ରତ୍ୟାବର୍ତ୍ତନ ପ୍ରଶଂସାଯୋଗ୍ୟ ।

–ରୋଜର ଫେଡରର, ବିଶିଷ୍ଟ ଟେନିସ ଖେଳାଳି

“ ମୋତେ ଯଦିଓ ୩୪ବର୍ଷ ହେଲାଣି ଅବସର କଥା ଚିନ୍ତା କରି ନାହିଁ, ଫିଟ୍ ଥିବା ପର୍ଯ୍ୟନ୍ତ ଖେଳୁଥିବି ।

– କ୍ରିଷ୍ଟିଆନୋ ରୋନାଲ୍ଡୋ
ପର୍ତ୍ତୁଗୀଜ ଫୁଟ୍‌ବଲ ଖେଳାଳି



## ସଂକ୍ଷେପରେ

ଏସିଆନ ଭାରୋତ୍ତୋଳନ ଚାମ୍ପିୟନଶିପ୍

### ଜୁନିୟର ବର୍ଗରେ ଝିଲ୍ଲୀଙ୍କୁ ବ୍ରୋଞ୍ଜ



**ଭୁବନେଶ୍ୱର, ୨୨।୧୦(କ୍ରୀଡ଼ା ପ୍ରତିନିଧି):** ରାଜ୍ୟର ଭାରୋତ୍ତୋଳନ ପ୍ରତିଭା ଝିଲ୍ଲୀ ଦଳବେହେରା କ୍ୟାରିୟରରେ ଆଉ ଏକ ଅନ୍ତର୍ଜାତୀୟ ପଦକ ହାସଲ କରିଛନ୍ତି। ଦକ୍ଷିଣ କୋରିଆରେ ଚାଲିଥିବା ଏସିଆନ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ର ଜୁନିୟର ବାଳିକା ୪୫ କେଜି ବର୍ଗରେ ସେ ବ୍ରୋଞ୍ଜ ପଦକ ପାଇଛନ୍ତି। ଭୁବନେଶ୍ୱର କ୍ରୀଡ଼ାଛାତ୍ରାବାସର ଅନ୍ତେବାସୀ ଝିଲ୍ଲୀ ସ୍ନାଚ୍‌ରେ ୬୭, କ୍ଲିନ୍ ଆଣ୍ଡ ଜର୍କରେ ୮୯(ମୋଟ ୧୫୬ କେଜି) କେଜି ଭାରୋତ୍ତୋଳନ କରି ଏହି ସଫଳତା ପାଇଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଗତ ଏପ୍ରିଲରେ ଚାଇନାର ନିଙ୍ଗବୋଠାରେ ଅନୁଷ୍ଠିତ ଏସିଆନ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ର ୪୫ କେଜି ବର୍ଗରେ ସେ ରୌପ୍ୟ ପଦକଲାଭ କରିଥିଲେ। ୨୦୧୮ ଜୁଲାଇରେ ଉଜବେକିସ୍ତାନର ତାସକେଣ୍ଟଠାରେ ଅନୁଷ୍ଠିତ ବିଶ୍ୱ ଜୁନିୟର ଭାରୋତ୍ତୋଳନର ୪୮ କେଜି ବର୍ଗରେ ବ୍ରୋଞ୍ଜ ଏବଂ ଏପ୍ରିଲରେ ଉର୍ଗାଙ୍କଠାରେ ଅନୁଷ୍ଠିତ ଏସିଆନ ଜୁନିୟର ଭାରୋତ୍ତୋଳନ ଚାମ୍ପିୟନଶିପ୍‌ର ୪୮ କେଜି ବର୍ଗରେ ସେ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ୨୦୧୭ ସେପ୍ଟେମ୍ବରରେ ଅଷ୍ଟ୍ରେଲିଆର ଗୋଲ୍ଡକୋଷ୍ଟରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ର ୪୮ କେଜି ବର୍ଗରେ ସେ ୨ଟି ସ୍ୱର୍ଣ୍ଣପଦକ ଲାଭ କରିଥିଲେ।

### ରୋମାଞ୍ଚକ ମ୍ୟାଚ୍‌ରେ ୬ଷ୍ଠ ବାଟାଲିୟନ ବିଜୟୀ

**କଟକ ଅଫିସ,୨୨।୧୦:** ଓଏମ୍‌ପି ସ୍ଥିତ ୬ଷ୍ଠ ବାଟାଲିୟନ ଗ୍ରାଉଣ୍ଡରେ ଚାଲିଥିବା ୭୬ତମ ରାଜ୍ୟ ପୋଲିସ କବାଡି ଓ ଅଷ୍ଟମ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ମଙ୍ଗଳବାର ଖେଳ ଶେଷ ହୋଇଛି । ହ୍ୟାଣ୍ଡବଲ ପ୍ରତିଯୋଗିତାର ଏକ ରୋମାଞ୍ଚକ ମ୍ୟାଚ୍‌ରେ କଟକ ୬ଷ୍ଠ ବାଟାଲିୟନ ୧୪-୧୩ ପଏଣ୍ଟରେ ଓଡ଼ିଶା ଫାୟାର ସର୍ଭିସକୁ ପରାସ୍ତ କରିଛି । ରାଉରକେଲା ଓ କୋରାପୁଟ ଓଏସ୍‌ଏପି ୩ୟ ବାଟାଲିୟମ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ୧୪-୧୪ ପଏଣ୍ଟରେ ଅମୀମାଂସିତ ରହିଛି। ଅନ୍ୟ ମ୍ୟାଚ୍‌ରେ କେନ୍ଦୁଝର ଦ୍ୱିତୀୟ ବାଟାଲିୟନ ୨୪-୧୫ ପଏଣ୍ଟରେ କେନ୍ଦୁଝର ଜିଲାକୁ, ଢେଙ୍କାନାଳ ପ୍ରଥମ ବାଟାଲିୟନ ୨୭-୧୮ ପଏଣ୍ଟରେ ରାଉରକେଲା ଓଏସ୍‌ଏପି ୪ର୍ଥ ବାଟାଲିୟନକୁ ପରାସ୍ତ କରିଥିଲା । କବାଡ଼ି ମ୍ୟାଚ୍‌ରେ କଟକ ଓଏସ୍‌ଏପି ୬ଷ୍ଠ ବାଟାଲିୟନ ୫୮-୧୩ ପଏଣ୍ଟରେ କୋରାପୁଟ ଓଏସ୍‌ଏପି ୩ୟ ବାଟାଲିୟନକୁ, କଳିଙ୍ଗନଗର ୩ୟ ଆଇଆର ବାଟାଲିୟନ ୩୯-୧୪ ପଏଣ୍ଟରେ ରାୟଗଡ଼ା ୨ୟ ଆଇଆର ବାଟାଲିୟନକୁ, କୋରାପୁଟ ୧ମ ଆଇଆର ବାଟାଲିୟନ ୩୬-୧୬ ପଏଣ୍ଟରେ ବାରିପଦା ଓଏସ୍‌ଏପି ୫ମ ବାଟାଲିୟନକୁ, କମିଶନରେଟ ପୋଲିସ-ବି ୪୧-୧୫ ପଏଣ୍ଟରେ କଳାହାଣ୍ଡି ୯ମ ଏସ୍‌ଆଇଆର ବାଟାଲିୟନକୁ ହରାଇଛି ।

### ୧୫୦୦ତମ ମ୍ୟାଚ୍‌ରେ ଫେଡରରଙ୍କ ବିଜୟ

**ବାସେଲ, ୨୨।୧୦ (ଏଏଫ୍‌ପି):** ସୁଇଜରଲାଣ୍ଡର କିମ୍ବଦନ୍ତୀ ଟେନିସ ଖେଳାଳି ରୋଜର ଫେଡରର ନିଜ କ୍ୟାରିୟରର ୧୫୦୦ତମ ମ୍ୟାଚ୍ ଖେଳିଛନ୍ତି। ସୁଇସ୍ ଇନ୍‌ଡୋର୍ସ ପ୍ରତିଯୋଗିତା ଅବସରରେ ଫେଡରର ଏହି ମାଇଲଖୁଣ୍ଟ ସ୍ପର୍ଶ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ଏହି ମ୍ୟାଚ୍‌ରେ ବିଜୟ ଲାଭ କରି ସେ ଏହାକୁ ଆହୁରି ସ୍ମରଣୀୟ କରିଛନ୍ତି। ପ୍ରଥମ ରାଉଣ୍ଡର ଏକ ମୁକାବିଲାରେ ୩୮ ବର୍ଷୀୟ ଫେଡରର ୬-୨, ୬-୧ ସିଧାସଳଖ ସେଟ୍‌ରେ ଜର୍ମାନୀର ଯୋଗ୍ୟତା ଅର୍ଜନକାରୀ ଖେଳାଳି ପିଟର୍ ଗୋଜୋଓ୍ୱିକଙ୍କୁ ହରାଇଛନ୍ତି। ବାସେଲରେ ଏହା ତାଙ୍କର କ୍ରମାଗତ ୨୧ତମ ବିଜୟ ଥିଲା। ସେହିଭଳି ମୋଟ୍ ଉପରେ ଏହି ଟୁର୍ନାମେଣ୍ଟରେ ତାଙ୍କ ବିଜୟ-ପରାଜୟ ୭୨-୯ରେ ପହଞ୍ଚିଛି।

# ଆଜି ଦାୟିତ୍ୱ ନେବେ ଗାଙ୍ଗୁଲି

**ମୁମ୍ବାଇ, ୨୨।୧୦(ପି.ଟି.)**



ସୌରଭ ଗାଙ୍ଗୁଲି

ଭାରତର ଅନ୍ୟତମ ସଫଳତମ ଅଧିନାୟକ ବିବେଚିତ ହେଉଥିବା ସୌରଭ ଗାଙ୍ଗୁଲି ବୁଧବାର ବିଶ୍ୱର ସବୁଠାରୁ ଧନୀ କ୍ରିକେଟ ବୋର୍ଡ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଅଧ୍ୟକ୍ଷ ପଦର ଦାୟିତ୍ୱ ହାତକୁ ନେବେ। ସେ ୩୯ତମ ଅଧ୍ୟକ୍ଷ ଭାବେ ଏହି ହାଇପ୍ରୋଫାଇଲ ପଦରେ ଆନୁଷ୍ଠାନିକ ଭାବେ ନିଯୁକ୍ତ ହେବେ। ଏଥିସହିତ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା କ୍ରିକେଟ ପ୍ରଶାସକ କମିଟି (ସିଓଏ)ର ରାଜୁତି ତଥା କାର୍ଯ୍ୟକାଳ ଶେଷ ହେବ। ଭାରତୀୟ କ୍ରିକେଟରେ ସ୍ୱଚ୍ଛତା ଓ ସଂସ୍କାର ଆଣିବା ପାଇଁ ସିଓଏ ଗତ ୩୩ମାସ ଧରି କାର୍ଯ୍ୟ କରିଆସୁଥିଲା।

ଗାଙ୍ଗୁଲି ସର୍ବସମ୍ମତି କ୍ରମେ ଅଧ୍ୟକ୍ଷ ପଦ ପାଇଁ ମନୋନୀତ ହୋଇଥିଲେ। ସେହିପରି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ପୁଅ ଜୟ ଶାହା ବୋର୍ଡ ସମ୍ପାଦକ ହିସାବରେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି। ଉତ୍ତରାଖଣ୍ଡର ମହିମ ବର୍ମା ନୂଆ ବୋର୍ଡ ଉପ- ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ପୂର୍ବତନ ବିସିସିଆଇ ଅଧ୍ୟକ୍ଷ ତଥା ବର୍ତ୍ତମାନର ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁରଙ୍କ ସାନ ଭାଇ ଅରୁଣ ଧୁମାଲ କୋଷାଧ୍ୟକ୍ଷ ଓ କେରଳର ଜୟେଶ ଜର୍ଜ ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି।

ତେବେ ବିସିସିଆଇର ନୂଆ ସମ୍ବିଧାନ ଅନୁସାରେ ଗାଙ୍ଗୁଲି ମାତ୍ର ୯ ମାସ ପାଇଁ ଦାୟିତ୍ୱରେ ରହିବେ। ତାଙ୍କୁ ଆସନ୍ତାବର୍ଷ ଜୁଲାଇରେ ପଦ ଛାଡିବାକୁ ପଡିବ। ବୋର୍ଡ କିମ୍ବା ଅନୁବନ୍ଧିତ ଆସୋସିଏଶନରେ କୌଣସି ପଦରେ ୬ ବର୍ଷ କାର୍ଯ୍ୟ କରିବା ପରେ ଜଣେ ଅଧିକାରୀଙ୍କୁ ‘କୁଲିଂ ଅଫ୍’ ପିରିୟଡ ଦେଇ ଗତିକରିବାକୁ ହୋଇଥାଏ। ଗାଙ୍ଗୁଲି କ୍ରିକେଟ ଆସୋସିଏଶନ ବେଙ୍ଗଲ(ସିଏବି)ର ସମ୍ପାଦକ ଓ ପରେ ଅଧ୍ୟକ୍ଷ ହିସାବରେ ୫ ବର୍ଷ କାର୍ଯ୍ୟ କରିସାରିଛନ୍ତି। ତେଣୁ ୯ ମାସ କାର୍ଯ୍ୟକାଳ ପରେ ସେ ‘କୁଲିଂ ଅଫ୍’ ପିରିୟଡ ପାଇଁ ପଦ ଛାଡିବାକୁ ହେବ। ଗାଙ୍ଗୁଲି ଏହି ଅଭିଜ୍ଞତାର ଫାଇଦା ଉଠାଇବେ ଓ ଭାରତୀୟ କ୍ରିକେଟକୁ ଆଗୁ ନେବାରେ ଦ୍ୱରିତ ଭୂମିକା ନିର୍ବାହ କରିବେ ବୋଲି ଆଶା କରାଯାଉଛି।

ଗାଙ୍ଗୁଲି ମଧ୍ୟ କେତୋଟି ଲକ୍ଷ୍ୟ ନେଇ କାର୍ଯ୍ୟ କରିବେ ବୋଲି ସୂଚନା ଦେଇସାରିଛନ୍ତି। ଦେଶରେ ପ୍ରଥମ ଶ୍ରେଣୀ କ୍ରିକେଟର ପୁନର୍ଗଠନକୁ ସେ ପ୍ରାଧାନ୍ୟ ଦେବେ। ଭାରତୀୟ କ୍ରିକେଟ ପ୍ରଶାସନକୁ ପୁଣି ଟ୍ରାକକୁ ଆଣିବାକୁ ସେ ଚେଷ୍ଟା କରିବେ। ସେହିପରି ଅନ୍ତର୍ଜାତୀୟ କ୍ରିକେଟ ଆସୋସିଏଶନ (ଆଇସିସି) ସହ ସନ୍ତୁଳନ ରକ୍ଷା କାର୍ଯ୍ୟ କରିବା ସହ ଭାରତକୁ କ୍ରିକେଟ ମହାଶକ୍ତିର ପରିଚୟ ଦେବାକୁ ସେ ପ୍ରୟାସ କରିବେ ବୋଲି ଆଶା କରାଯାଉଛି।

ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ନିୟମ ପାଇଁ କ୍ରିକେଟ ଉପଦେଷ୍ଟା କମିଟି (ସିଏସି) ଓ ଜାତୀୟ ଚୟନ କମିଟିରେ ପୂର୍ବତନ କ୍ରିକେଟର ତଥା ଯୋଗ୍ୟ ବ୍ୟକ୍ତିଙ୍କୁ ନିଯୁକ୍ତି ନେଇ ସେ ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ। କିଛି କରିବା ପାଇଁ ମୋତେ ସୌଭାଗ୍ୟ ମିଳିଛି ବୋଲି ଗାଙ୍ଗୁଲି କହିଛନ୍ତି। ୯ ମାସ ବହୁତ କମ୍ ସମୟ। ତେବେ ଏହି ସ୍ୱଳ୍ପ ସମୟରେ ଗାଙ୍ଗୁଲି କିଭଳି ବୋର୍ଡର ବିଭିନ୍ନ ସମସ୍ୟାର ସମାଧାନ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା। ଅଯୋଗ୍ୟ ଘୋଷିତ ହୋଇଥିବା ପୂର୍ବତନ ତଥା ବରିଷ୍ଠ ପ୍ରଶାସକ ଏନ. ଶ୍ରୀନିବାସନ ଓ ନିରଞ୍ଜନ ଶାହଙ୍କ ସନ୍ତାନମାନେ ଏବେ ବିସିସିଆଇର ବିଭିନ୍ନ ପଦକୁ ନିର୍ବାଚିତ ହୋଇଥିବାରୁ ଏହି ପରିସ୍ଥିତି ସମ୍ଭାଳିବା ନେଇ ଗାଙ୍ଗୁଲି ପରୀକ୍ଷାର ସମ୍ମୁଖୀନ ହେବେ।

ପୁଣି ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ଭବିଷ୍ୟତ ନେଇ ତାଙ୍କର ଭୂମିକା କ’ଣ ହେବ ତାହା ପରେ ଜଣାପଡିବ। ଦିବାରାତ୍ର ଟେଷ୍ଟ କ୍ରିକେଟ ଓ ସ୍ଥାୟୀ ଟେଷ୍ଟ ସେଣ୍ଟର ସେ କି ନିଷ୍ପତ୍ତି ନେବେ ତାହା ଉପରେ ସମସ୍ତଙ୍କ ନଜର ରହିବ। ସିଓଏର କାର୍ଯ୍ୟକାଳ ଶେଷ ହେଉଥିବାରୁ ଏହାର ଅଧ୍ୟକ୍ଷ ବିନୋଦ ରାଏ ମଧ୍ୟ ମତ ରଖିଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶରେ ଆମେ କାର୍ଯ୍ୟ କରିଆସିଛୁ ଓ ଏନେଇ ଆମେ ସନ୍ତୁଷ୍ଟ। ଏବେ କୋର୍ଟ ଆମକୁ ଦାୟିତ୍ୱରୁ ବାଦ୍ ଦେବେ ବୋଲି ସେ କହିଛନ୍ତି।



ଜେଆର୍‌ଡି ଟାଟା ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ମଙ୍ଗଳବାର ଜାମସେଦପୁର ଏଫ୍‌ସି ଓ ଓଡ଼ିଶା ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ମ୍ୟାଚ। ଏହି ମ୍ୟାଚରେ ଓଡ଼ିଶା ଏଫ୍‌ସି ୧-୨ ଗୋଲରେ ଜାମସେଦପୁର ଏଫ୍‌ସି ନିକଟରୁ ପରାଜିତ ହୋଇଛି।

## ବାଲନ ଡି’ଅର୍ ଦୌଡ଼ରୁ ନେମାର ବାଦ୍

**ପ୍ୟାରିସ, ୨୨।୧୦ (ଏ.ପି.)**

ଫୁଟ୍‌ବଲର ଅନ୍ୟତମ ଶ୍ରେଷ୍ଠ ଓ ସମ୍ମାନଜନକ ପୁରସ୍କାର ‘ବାଲନ୍ ଡି ଅର୍’ ଦୌଡ଼ରେ ରହିଥିବା ସମ୍ଭାବ୍ୟ ଖେଳାଳି ତାଲିକା ମଙ୍ଗଳବାର ପ୍ରକାଶ ପାଇଛି। ଫ୍ରାନ୍ସ ଫୁଟ୍‌ବଲ ମାଗାଜିନ ପକ୍ଷରୁ ୨୦୧୯ ବର୍ଷ ଲାଗି ପ୍ରକାଶିତ ୩୦ ଜଣିଆ ସମ୍ଭାବ୍ୟ ଖେଳାଳି ତାଲିକାରେ ଦୁଇ କିମ୍ବଦନ୍ତୀ ଫୁଟବଲର୍ ଆର୍ଜେଣ୍ଟିନାର ଲିଓନେଲ ମେସି ଓ ପର୍ତ୍ତୁଗାଲର କ୍ରିଷ୍ଟିଆନୋ ରୋନାଲ୍ଡୋ ସ୍ଥାନ ପାଇଛନ୍ତି। ତେବେ ବ୍ରାଜିଲ ଷ୍ଟାର୍ ନେମାର ଏହି ତାଲିକାରୁ ବାଦ୍ ପଡ଼ିଛନ୍ତି। ପୂର୍ବରୁ ନେମାର ୨ଥର ଏହି ପୁରସ୍କାର ଦୌଡ଼ରେ ରହିଥିଲେ ମଧ୍ୟ ମେସି ଓ ରୋନାଲ୍ଡୋଙ୍କ ପଛକୁ ୩ୟ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ।

## ମହମ୍ମଦ ଆଜାମ ଭାରତୀୟ ସଫ୍ଟ ଟେନିସ ଦଳର କୋଚ୍



ଗସ୍ତ ପୂର୍ବରୁ ମହମ୍ମଦ ଆଜାମ ଓ ବିକାଶ ଚନ୍ଦ୍ର ପଟ୍ଟନାୟକ।

**ଭୁବନେଶ୍ୱର, ୨୨।୧୦ (ସ୍ପୋର୍ଟ୍ସ ବ୍ୟୁରୋ):** ଅକ୍ଟୋବର ୨୫ରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ଚାଇନାରେ ବିଶ୍ୱ ସଫ୍ଟ ଟେନିସ ଚାମ୍ପିୟନଶିପ୍‌ର ଷୋଡ଼ଶ ସଂସ୍କରଣ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ଲାଗି ଓଡ଼ିଶାର ମହମ୍ମଦ ଆଜାମଙ୍କୁ ଭାରତୀୟ ଦଳର କୋଚ୍ ଭାବେ ନିଯୁକ୍ତ କରାଯାଇଛି। ସେହିଭଳି ବିକାଶ ଚନ୍ଦ୍ର ପଟ୍ଟନାୟକ ଅଫିସିଆଲ ଭାବେ ଦଳ ସହ ଗସ୍ତ କରିବେ। ମଙ୍ଗଳବାର ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଉଭୟ ଆଜାମ ଓ ବିକାଶ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଯାତ୍ରା ଆରମ୍ଭ କରିଛନ୍ତି। ଏହି ଅବସରରେ ଓଡ଼ିଶା ସଫ୍ଟ ଟେନିସ ଆସୋସିଏଶନର ମୁଖ୍ୟ ପୃଷ୍ଠପୋଷକ ମନୋରଞ୍ଜନ ମହାନ୍ତି, ଚେୟାରମ୍ୟାନ ରଞ୍ଜନ କୁମାର ନନ୍ଦ, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, ଓଡ଼ିଶା ଷ୍ଟେଟ୍ ହାଉସିଂ ବୋର୍ଡର ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, ଉପ ସଭାପତି ଦିଲ୍ଲିପ କୁମାର ମହାନ୍ତି, କ୍ରୀଡ଼ା ସଙ୍ଗଠକ ନବ ରଞ୍ଜନ ପଟ୍ଟନାୟକ, ରିଣ୍ଟୁ ମିତ୍ର, ନୀଳ ମାଧବ ଦେଓ, କୃଷ୍ଣ ଚରଣ ପଣ୍ଡା, ସୋଭନ ମହାରଣା, ଚିନ୍ମୟ କୁମାର ଦାସ, ସତୀଶ କୁମାର ବିଶ୍ୱକର୍ମା, ବାସୁଦେବ ଓଝା, ବଦ୍ରି ନାରାୟଣ ପାତ୍ର ଏବଂ ବହୁ କ୍ରୀଡ଼ାପ୍ରେମୀ ଏହି ଅବସରରେ ଉଭୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ରାଜ୍ୟସ୍ତରୀୟ ଦୃଷ୍ଟିହୀନ କ୍ରିକେଟ୍ ଆଜିଠାରୁ

**ଭୁବନେଶ୍ୱର, ୨୨।୧୦ (ସ୍ପୋର୍ଟ୍ସ ବ୍ୟୁରୋ):** ଯାଜପୁର ଜାରକାସ୍ଥିତ କଳ୍ପତରୁ ଦାସ ମିନି ଷ୍ଟାଡିୟମଠାରେ ବୁଧବାରଠାରୁ ରାଜ୍ୟସ୍ତରୀୟ ଦୃଷ୍ଟିହୀନ କ୍ରିକେଟ୍ ଟୁର୍ନାମେଣ୍ଟ ଆରମ୍ଭ ହେବାକୁ ଯାଉଛି। ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ୍ ଆସୋସିଏଶନ ଆନୁକୂଲ୍ୟରେ ଓ ଧର୍ମଶାଳା ସ୍ପୋର୍ଟ୍ସ କାଉନସିଲର ମିଳିତ ସହଯୋଗରେ ତିନି ଧରି ଏହି ଟୁର୍ନାମେଣ୍ଟ ଆୟୋଜିତ ହେବ। ଏଥିରେ ଓଡ଼ିଶାର ଶ୍ରେଷ୍ଠ ୮ଟି ଦଳ ଅଂଶଗ୍ରହଣ କରିବେ। ସେଗୁଡ଼ିକ ହେଲା ରେଭେନ୍‌ସା କ୍ରିକେଟ୍ ଟିମ୍, ୟଙ୍ଗ୍ ଷ୍ଟାର୍ କ୍ରିକେଟ୍ ଟିମ୍ (ଅନୁଗୋଳ), କୋରାପୁଟ କ୍ରିକେଟ୍ ଟିମ୍ ଫର୍ ଦି ବ୍ଲାଇଣ୍ଡ କୋରାପୁଟ, ରାଇଜିଂ ଷ୍ଟାର୍ କ୍ରିକେଟ୍ କ୍ଲବ (ବରଗଡ଼), ମାରାମ୍ବୁରା କ୍ରିକେଟ୍ କ୍ଲବ (ମୟୂରଭଞ୍ଜ), ଘଟଗାଁ ତାରିଣୀ କ୍ରିକେଟ୍ କ୍ଲବ ଫର୍ ଦି ବ୍ଲାଇଣ୍ଡ କେଉଁଝର, ବାଲେଶ୍ୱର କ୍ରିକେଟ୍ ଟିମ୍ ଫର୍ ଦି ବ୍ଲାଇଣ୍ଡ ବାଲେଶ୍ୱର ଏବଂ ଯାଜପୁର ବ୍ଲାଇଣ୍ଡ କ୍ରିକେଟ୍ ଟିମ୍। ଆଠଟି ଦଳକୁ ୨ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦୁଇ ଦଳକୁ ନେଇ ଫାଇନାଲ ମ୍ୟାଚ୍ ଖେଳାଯିବ। ବୁଧବାର ସନ୍ଧ୍ୟାରେ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହେବାକୁ ଥିବାବେଳେ ୨୬ ଅକ୍ଟୋବରରେ ଏହା ଉଦ୍‌ଯାପିତ ହେବ। ଏହି ଟୁର୍ନାମେଣ୍ଟରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ନେଇ ଓଡ଼ିଶା ଦଳ ଚୟନ କରାଯିବ।

## ଅନୁରାଧାଙ୍କୁ ଗୁରୁଦାୟିତ୍ୱ

**ଭୁବନେଶ୍ୱର, ୨୨।୧୦(କ୍ରୀଡ଼ା ପ୍ରତିନିଧି)**



ଅଲିମ୍ପିଆନ ଅନୁରାଧା ବିଶ୍ୱାଳଙ୍କୁ ମିଳିଛି ଆଉ ଏକ ଗୁରୁଦାୟିତ୍ୱ। ଓଏନଜିସି ପକ୍ଷରୁ ଏହି ଜାତୀୟ ରେକର୍ଡଧାରୀ ହର୍ଡଲ୍ସ ତାରକାଙ୍କୁ ସର୍ବଭାରତୀୟ ପବ୍ଲିକ୍ ସେକ୍ଟର ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ (ଏଆଇପିଏସଏସପିବି)ର ଜାତୀୟ କ୍ରୀଡ଼ା ସଂଯୋଜକ ନିଯୁକ୍ତ କରାଯାଇଛି। ଜାତୀୟ ସ୍ତରରେ ପ୍ରତିଭା ଅନ୍ୱେଷଣ ଏବଂ ସେମାନଙ୍କୁ ଏଆଇପିଏସଏସପିବି କ୍ରୀଡ଼ା ବୃତ୍ତିଲାଗି ମନୋନୀତ କରିବାର ଗୁରୁ ଦାୟିତ୍ୱ ଏବେ ଅନୁରାଧାଙ୍କ ଉପରେ। କେବଳ ଆଥଲେଟିକ୍ସ ନୁହେଁ ତୀରନ୍ଦାଜୀ, ବ୍ୟାଡ୍‌ମିଣ୍ଟନ, ଟେବୁଲ ଟେନିସ, କୁସ୍ତି ଓ ବକ୍ସିଂ ଆଦି ଲାଗି ମଧ୍ୟ ସେ ପ୍ରତିଭା ଅନ୍ୱେଷଣ ଦାୟିତ୍ୱ ତୁଲାଇବେ। ୧୪ରୁ ୧୯ ବର୍ଷର ପ୍ରତିଭା ସମ୍ପନ୍ନ ଖେଳାଳିଙ୍କୁ ବର୍ଷକ ପାଇଁ ମାସିକ ୧୦,୦୦୦ ଟଙ୍କା ଲେଖାଏ ବୃତ୍ତି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ସର୍ବଭାରତୀୟ ସ୍ତରରେ ଏପରି ଏକ ଦାୟିତ୍ୱ ପାଇଥିବାରୁ ମୁଁ ବହୁତ ଖୁସି। ମୁଁ ଜଣେ ଅଲିମ୍ପିଆନ, ଏହା ବ୍ୟତୀତ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଅଭିଜ୍ଞତାକୁ ଦେଖି ମୋତେ ଏହି ଗୁରୁଦାୟିତ୍ୱ ଦିଆ ଯାଇଛି। ମୁଁ ନିଷ୍ଠାର ସହିତ ଦାୟିତ୍ୱ ତୁଲାଇବାକୁ ନିଶ୍ଚିତ ଚେଷ୍ଟା କରିବି ବୋଲି ଅନୁରାଧା ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

ପ୍ରକାଶ ଯୋଗ୍ୟ ଯେ, ସମ୍ପ୍ରତି ନାଲ୍‌କୋରେ କାର୍ଯ୍ୟରତ ଅନୁରାଧା ୨୦୦୨ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ରାଜା ଭାଲେନ୍ଦ୍ର ସିଂ ନ୍ୟାଶନାଲ ସର୍କିଟ ମିଟ୍‌ରେ ୧୦୦ ମିଟର ହର୍ଡଲ୍ସକୁ ୧୩.୩୮ ସେକେଣ୍ଡରେ ଅତିକ୍ରମ କରି ନିଜ ନାମରେ ଥିବା ଜାତୀୟ ରେକର୍ଡକୁ ଭାଙ୍ଗିଥିଲେ। ପୂର୍ବରୁ ୨୦୦୦ରେ ଜାକର୍ତ୍ତାରେ ଅନୁଷ୍ଠିତ ଏସିଆନ ଚାମ୍ପିୟନଶିପ୍‌ରେ ସେ ୧୩.୪୦ ସେକେଣ୍ଡ ସମୟ ନେଇ ଜାତୀୟ ରେକର୍ଡର ଅଧିକାରିଣୀ ହୋଇଥିଲେ। ଏହି ପ୍ରତିଯୋଗିତାରେ ସେ ବ୍ରୋଞ୍ଜ ପଦକ ମଧ୍ୟ ହାସଲ କରିଥିଲେ। ୨୦୦୬ରେ ଶ୍ରୀଲଙ୍କାର କଲମ୍ବୋଠାରେ ଅନୁଷ୍ଠିତ ସାଉଥ୍ ଏସିଆନ ଗେମ୍ସରେ ସେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହା ବ୍ୟତୀତ ସେ ୨୦୦୦ ସିଡ୍‌ନୀ ଅଲିମ୍ପିକ୍ସରେ ଭାରତୀୟ ପ୍ରତିନିଧି ଦଳରେ ସାମିଲ ହୋଇ ରାଜ୍ୟକୁ ଗର୍ବିତ କରିଥିଲେ।

## ଜୁନିୟର ବାସ୍କେଟବଲ: ଓଡ଼ିଶାର ଅଭିଯାନ ଶେଷ

**କଟକ ଅଫିସ,୨୨।୧୦:** ବିହାରର ପାଟନା ଠାରେ ଚାଲିଥିବା ୭୦ତମ ଜୁନିୟର ଜାତୀୟ ବାସ୍କେଟବଲ ଚାମ୍ପିୟନଶିପରୁ ଓଡ଼ିଶା ଦଳର ଅଭିଯାନ ଶେଷ ହୋଇଛି । ରାଜ୍ୟ ବାଳିକା ଦଳ ମଙ୍ଗଳବାର ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ପଶ୍ଚିମବଙ୍ଗଠାରୁ ପରାସ୍ତ ହୋଇଛି। ମ୍ୟାଚ୍‌ଟି ୫୬-୫୩ ପଏଣ୍ଟରେ ଶେଷ ହୋଇଥିଲା। ଓଡ଼ିଶା ପକ୍ଷରୁ ଅନୁରାଧା ସେଠ ୧୯, ଲିପ୍ରାମୟୀ ୧୪, ଆୟୁଷୀ ମଲ୍ଲିକ ୯ ପଏଣ୍ଟ ସ୍କୋର କରିଥିଲେ। ପୂର୍ବରୁ ଓଡ଼ିଶା ବାଳକ ଦଳ ନକଆଉଟ ମ୍ୟାଚ୍‌ରେ ଛତିଶଗଡ଼ ଠାରୁ ୯୧-୭୨ ପଏଣ୍ଟରେ ହାରି ପ୍ରତିଯୋଗିତାରୁ ବାଦ ପଡ଼ିଥିଲା ।

■ ରାଜ୍ୟ ଉଷୁ ଚାମ୍ପିୟନଶିପ୍ ଉଦ୍‌ଯାପିତ

## କେନ୍ଦୁଝର ଚାମ୍ପିୟନ, ସୁନ୍ଦରଗଡ଼ ରନର୍ସଅପ୍

**ତାଳଚେର(ନି.ପ୍ର.), ଭୁବନେଶ୍ୱର (କ୍ରୀଡ଼ା ପ୍ରତିନିଧି) ୨୨।୧୦**




ଅତିଥିଙ୍କ ଗହଣରେ ଚାମ୍ପିୟନ କେନ୍ଦୁଝର ଦଳର ଖେଳାଳି।

ତାଳଚେରର ବ୍ଲାକ୍ ଡାଇମଣ୍ଡ ଷ୍ଟାଡିୟମରେ ରାଜ୍ୟ ଉଷୁ ଚାମ୍ପିୟନଶିପ୍‌ର ୨୭ତମ ସଂସ୍କରଣ ଉଦ୍‌ଯାପିତ ହୋଇ ଯାଇଛି। ଗତ ୧୮ରୁ ୨୦ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଦଳଗତଭାବେ କେନ୍ଦୁଝର ଚାମ୍ପିୟନ ଓ ସୁନ୍ଦରଗଡ଼ ରନର୍ସଅପ୍ ହୋଇଛି। ଅନୁଗୋଳ ତୃତୀୟ ସ୍ଥାନ ଅଧିକାର କରିଛି। ରାଜ୍ୟର ୧୬ ଜିଲାରୁ ୨୫୦ ପ୍ରତିଯୋଗୀ ଓ ୫୦ ଅଫିସିଆଲ ଏଥିରେ ଭାଗ ନେଇଥିଲେ। ଅନୁଗୋଳର ଆଦ୍ୟାଶା ଦଳେଇ, ରାଜୀବ ଲୋଚନ ବେହେରା, ଶୁଭମ କୁମାର ସାହୁ, ଆଶିଷ ବିଶ୍ୱାଳ, ଶିବମ ସାହୁ, ରିଙ୍କୁ ସିଂ, କେନ୍ଦୁଝରର ଅର୍ଚ୍ଚନା ପାତ୍ର, ସୁନ୍ଦରଗଡ଼ର ଆଦିତ୍ୟ ସିଂ, କେନ୍ଦ୍ରାପଡ଼ାର ହିମାଂଶୁ ପାତ୍ର, ଅଭିଜିତ୍ ଓରାମ ଓ ଗୁରୁ ଚରଣ ସିଂ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଢେଙ୍କାନାଳ ଏମ୍‌ପି ମହେଶ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟତମ ଅତିଥିଭାବେ ଆଇଜିଆଇଟି ସରାଙ୍ଗର ନିର୍ଦ୍ଦେଶକ ଡାକ୍ତର ସତ୍ୟବ୍ରତ ମହାନ୍ତ, ଜିଲା ଉଷୁ ସଙ୍ଗଠନର ପ୍ରତିଷ୍ଠାତା ତଥା ସିଇଓ ତାଳଚେରର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡର ସୁବ୍ରତ କୁମାର ନାଥ, ସ୍ୱାସ୍ଥ୍ୟ ପ୍ରଶିକ୍ଷକ ରଜନୀକାନ୍ତ ମିଶ୍ର ଏବଂ ତାଳଚେର କିଶୋର କ୍ଲବର ସାଧାରଣ ସମ୍ପାଦକ ତଥା ଜିଲା ଆଥଲେଟିକ୍ ଆସୋସିଏଶନ୍‌ର ସମ୍ପାଦକ ଦୀପକ କୁମାର ଧଳ ଯୋଗଦେଇଥିଲେ।

ପ୍ରତିଯୋଗିତା ଅବସରରେ ଉଷୁ ଜଜ୍ ସେମିନାର(ଥିଓରି ଓ ପ୍ରାକ୍ଟିକାଲ ପରୀକ୍ଷା) ଅନୁଷ୍ଠିତ ହୋଇଥିଲା। ଏଥିରେ ତାଓଲୁ ଓ ସାନ୍‌ଶୋଉ ବିଭାଗରେ ଉତ୍ତୀର୍ଣ୍ଣ ୨୩ ଜଣ ଜଜ୍‌ଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତାକୁ ଉଷୁ ଆସୋସିଏଶନ ଅଫ୍ ଓଡ଼ିଶା(ଡବ୍ଲ୍ୟୁଏଓ)ର ସଭାପତି ଇଂ. ସୁଧାଂଶୁ ଶେଖର ହରିଚନ୍ଦନ ଉଦ୍‌ଘାଟନ କରିଥିଲେ। ତାଳଚେର ଜିଲା ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ପେସକାର ଗଡ଼ନାୟକ, ବିଭୂତି ଭୂଷଣ ବେହେରା, ସରୋଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅନୁଗୋଳ ଜିଲା ଉଷୁ ଆସୋସିଏଶନ ସାଧାରଣ ସମ୍ପାଦକ ସୁଧାଂଶୁ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଆୟୋଜନ ହୋଇଥିଲା।

## ଖେଳାଳିଙ୍କ ଧର୍ମଘଟ ପଛରେ ଷଡ଼ଯନ୍ତ୍ର ରହିଛି: ବିସିବି

**ଢାକା, ୨୨।୧୦ (ପି.ଟି.)**

ଜାତୀୟ ଖେଳାଳିଙ୍କ ଅଭୁତପୂର୍ବ ଧର୍ମଘଟ ପଛରେ ଷଡ଼ଯନ୍ତ୍ର ରହିଥିବା ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ସଭାପତି ନାଜିବୁଲ ହସନ ମଙ୍ଗଳବାର ପ୍ରକାଶ କରିଛନ୍ତି। ଏହି କାରଣରୁ ଆଗାମୀ ଭାରତ ଟୁର୍ ନେଇ ଅନିଶ୍ଚିତତା ଦେଖା ଦେଇଛି। ଦେଶରେ କ୍ରିକେଟ ଖେଳରେ ଅସ୍ଥିରତା ସୃଷ୍ଟି କରିବା ଲାଗି ଷଡ଼ଯନ୍ତ୍ର ଚାଲିଥିବା ସେ କହିଛନ୍ତି। ସୋମବାର ଟେଷ୍ଟ ଓ ଟି୨୦ ଅଧିନାୟକ ଶକିବ ଅଲ୍ ହସନ, ମହମୁଦୁଲ୍ଲା ଏବଂ ମୁସ୍‌ଫିକର ରହିମଙ୍କ ଭଳି ଦେଶର କେତେଜଣ ଟପ୍ ଖେଳାଳି ସେମାନଙ୍କ ଦାବି ପୂରଣ ନ ହେଲା ପର୍ଯ୍ୟନ୍ତ କ୍ରିକେଟ କାର୍ଯ୍ୟକଳାପକୁ ବର୍ଜନ କରିବେ ବୋଲି ଏକ ଖବରଦାତା ସମ୍ମିଳନୀରେ ଧମକ ଦେଇଛନ୍ତି। ଦାବିଗୁଡ଼ିକ ମଧ୍ୟରେ ପ୍ରଥଥ ଶ୍ରେଣୀ ଖେଳାଳିଙ୍କ ବେତନ ବୃଦ୍ଧି ଅନ୍ୟତମ। ଧର୍ମଘଟ ଯୋଗୁ ବାଂଲାଦେଶ କ୍ରିକେଟ ଦଳର ନଭେମ୍ବର ୩ରୁ ହେବାକୁଥିବା ଭାରତ ଟୁର୍ ଅନିଶ୍ଚିତ ମଧ୍ୟକୁ ଠେଲି ହୋଇଯାଇଛି। ଏହି ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ବିସିବି ପକ୍ଷରୁ ଡାଇରେକ୍ଟରମାନଙ୍କର ଏକ ଜରୁରୀ ବୈଠକ ଡକାଯାଇଥିଲା। ଏହି ଷଡ଼ଯନ୍ତ୍ର ପଛରେ କାହାର ହାତ ରହିଛି ତାଙ୍କୁ ଆମେ ଖୋଜି ବାହାର କରିବୁ ବୋଲି ହସନ କହିଛନ୍ତି। ଖେଳାଳିମାନେ ସେମାନଙ୍କର ଦାବି ସମ୍ପର୍କରେ ବୋର୍ଡ ସହିତ ଆଲୋଚନା ନ କରି ସର୍ବସାଧାରଣରେ ବିକ୍ଷୋଭ ପ୍ରଦର୍ଶନ କରିବା ଦ୍ୱାରା ଦେଶରେ ଖେଳର ଭାବମୂର୍ତ୍ତି ନଷ୍ଟ ହୋଇଥିବା ସେ କହିଛନ୍ତି। ଖେଳାଳିମାନେ ଏତେ ପରିମାଣରେ ଉତ୍ତ୍ୟକ୍ତ ହୋଇପଡ଼ିବେ ଏହା ଆମ କଳ୍ପନା ବାହାରେ ଥିଲା। ଏହା ଆମକୁ ଖୁବ୍ ବାଧୁଛି ବୋଲି ବିସିବି ନିର୍ଦ୍ଦେଶକ ଜାଲା ୟୁନୁସ କହିଛନ୍ତି। ଖେଳାଳିମାନେ ସମସ୍ତ ପ୍ରକାର କ୍ରିକେଟ କାର୍ଯ୍ୟକଳାପକୁ ବର୍ଜନ କରିବା ଲାଗି ଯେଉଁ ଧମକ ଦେଇଛନ୍ତି,ତାହା ବ୍ଲାକମେଲ ଛଡ଼ା ଆଉ କିଛି ନୁହେଁ।

❝ ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳର ପ୍ରଦର୍ଶନରେ ସୁଧାର ଆଣିବାକୁ ହେଲେ ପୂର୍ବତନ ଖେଳାଳି ମାର୍କ ବାଉଚରଙ୍କୁ କୋଚ୍ ଦାୟିତ୍ୱ ପ୍ରଦାନ କରାଯିବା ଉଚିତ ।

–ମାଇକେଲ ଭନ୍, ପୂର୍ବତନ ଇଂଲଣ୍ଡ ଅଧିନାୟକ



❝ ମହେନ୍ଦ୍ର ସିଂ ଧୋନୀଙ୍କ ଅନ୍ତର୍ଜାତୀୟ ଭବିଷ୍ୟତ ନେଇ ବିସିସିଆଇ ଭାବୀ ସଭାପତି ସୌରଭ ଗାଙ୍ଗୁଲିଙ୍କ ସହ ମୋର କୌଣସି କଥାବାର୍ତ୍ତା ହୋଇନାହିଁ ।

–ବିରାଟ କୋହଲି, ଭାରତୀୟ କ୍ରିକେଟ ଅଧିନାୟକ



**ସଂକ୍ଷେପରେ**

## ଶୀର୍ଷ ସ୍ଥାନ ଦୃଢ଼ କଲା ଭାରତ

**ଦୁବାଇ, ୨୨।୧୦ (ପି.ଟି.):** ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ କ୍ରିକେଟ୍ ଦଳ ମଙ୍ଗଳବାର ଦକ୍ଷିଣ ଆଫ୍ରିକା ବିପକ୍ଷ ଅନୁଷ୍ଠିତ ୩ୟ ଟେଷ୍ଟ ମ୍ୟାଚ୍‌କୁ ଏକ ଇନିଂସ ଓ ୨୦୨ ରନର ବୃହତ୍ ବ୍ୟବଧାନରେ ଜିତିନେଇଛି। ଏଥିସହ ଭାରତ ସିରିଜକୁ ୩-୦ରେ କ୍ଲିନ୍ ସୁଇପ୍ କରିଛି। ଫଳରେ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପକ୍ଷରୁ ନୂଆ କରି ଆରମ୍ଭ ହୋଇଥିବା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ପଏଣ୍ଟ ଟେବୁଲରେ ଭାରତୀୟ ଦଳ ଏହାର ଶୀର୍ଷ ସ୍ଥାନକୁ ଆହୁରି ଦୃଢ଼ କରିଛି। ପ୍ରତ୍ୟେକ ମ୍ୟାଚ୍ ଜିତି ୪୦ ପଏଣ୍ଟ ହିସାବରେ ଭାରତ ଏହି ସିରିଜରୁ ମୋଟ୍ ୧୨୦ ପଏଣ୍ଟ ଅର୍ଜନ କରିଛି। ବିରାଟ ବାହିନୀ ପୂର୍ବରୁ ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟକୁ ୨-୦ରେ ମଧ କ୍ଲିନ ସୁଇପ୍ କରି ୧୨୦ ପଏଣ୍ଟ ଅର୍ଜନ କରିଥିଲା। ଫଳରେ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରେ ଭାରତ ମୋଟ୍ ୫ ମ୍ୟାଚ୍‌ରୁ ୫ ବିଜୟ ସହ ୨୪୦ ପଏଣ୍ଟ ପାଇ ଟେବୁଲର ଶୀର୍ଷ ସ୍ଥାନକୁ ଦୃଢ଼ୀଭୂତ କରିଛି। ନ୍ୟୁଜିଲାଣ୍ଡ (୬୦), ଶ୍ରୀଲଙ୍କା (୬୦), ଅଷ୍ଟ୍ରେଲିଆ (୫୬) ଓ ଇଂଲଣ୍ଡ (୫୬) ଯଥାକ୍ରମେ ୨ୟରୁ ୫ମ ସ୍ଥାନରେ ରହିଛନ୍ତି। 'ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରେ ୨ ମ୍ୟାଚ୍‌ବିଶିଷ୍ଟ ସିରିଜର ପ୍ରତ୍ୟେକ ମ୍ୟାଚ୍ ଲାଗି ୬୦ ପଏଣ୍ଟ, ୩ ମ୍ୟାଚ୍ ବିଶିଷ୍ଟ ସିରିଜରେ ମ୍ୟାଚ୍ ପିଛା ୪୦ ପଏଣ୍ଟ ଏବଂ ୫ ମ୍ୟାଚ୍ ସିରିଜରେ ୨୪ ପଏଣ୍ଟ ବ୍ୟବସ୍ଥା ରହିଛି' ବୋଲି ଆଇସିସି ପକ୍ଷରୁ ଏକ ବିଜ୍ଞପ୍ତିରେ କୁହାଯାଇଛି। ଏହି ପଏଣ୍ଟ ବ୍ୟବସ୍ଥା ଅନୁଯାୟୀ ଭାରତ ୨୪୦ ପଏଣ୍ଟ ହାସଲ କରିଛି। ଆଗାମୀ ଦିନରେ ବାଂଲାଦେଶ ବିପକ୍ଷରେ ଭାରତ ୨ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବାର କାର୍ଯ୍ୟସୂଚୀ ରହିଛି। ନଭେମ୍ବର ୧୪ରୁ ଏହା ଆରମ୍ଭ ହେବ। ଉଲ୍ଲେଖଯୋଗ୍ୟ, ୨୦୨୧ ଜୁନ ସୁଦ୍ଧା ୯ ଦଳୀୟ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ପଏଣ୍ଟ ଟେବୁଲର ଶୀର୍ଷ ଦୁଇ ସ୍ଥାନରେ ରହିଥିବା ଦଳ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ।

# ଭାରତର କ୍ଲିନ୍ ସୁଇପ୍

**ରାଞ୍ଚି,୨୨।୧୦(ପି.ଟି.)**

ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ କ୍ରିକେଟ ଦଳ ଆଉ ୨ ଉଇକେଟ ହାସଲ କରି ଶେଷରେ ବିଜୟର ଔପଚାରିକତା ପୂରଣ କରିଛି। ଦକ୍ଷିଣ ଆଫ୍ରିକା ବିପକ୍ଷ ତୃତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ଭାରତ ମଙ୍ଗଳବାର ଚତୁର୍ଥ ଦିବସରେ ଏକ ଇନିଂସ ୨୦୨ ରନରେ ବିଜୟ ହାସଲ କରି ୩–୦ରେ କ୍ଲିନ୍ ସୁଇପ୍ କରିଛି। ଏଥିସହିତ ବିରାଟ କୋହଲି ଅଧିନାୟକ ହିସାବରେ ୧୧ତମ ସିରିଜ ବିଜୟ ହାସଲ କରିଛନ୍ତି ଓ ତାଙ୍କ ନେତୃତ୍ୱରେ ଭାରତ ପ୍ରଥମଥର ପାଇଁ ଦକ୍ଷିଣ ଆଫ୍ରିକା ବିପକ୍ଷରେ କ୍ଲିନ୍ ସୁଇପ୍ କରିଛି। ଘରୋଇ ମାଟିରେ ଭାରତ ଏହା କ୍ରମାଗତ ୧୧ତମ ସିରିଜ ବିଜୟ ସାବ୍ୟସ୍ତ ହୋଇଛି। ସାରା ସିରିଜରେ ଭାରତ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଦଳ ଉପରେ ସବୁ ବିଭାଗରେ ଆଧିପତ୍ୟ ବିସ୍ତାର କରିବାରେ ସଫଳ ହୋଇଛି। ୨୧୨ ରନର ଦ୍ୱିଶତକୀୟ ପାଳି ଖେଳିଥିବା ଭାରତୀୟ ଓପନର ରୋହିତ ଶର୍ମା ପ୍ଲେୟାର ଅଫ୍ ଦି ମ୍ୟାଚ୍ ଓ ପ୍ଲେୟାର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି। ରୋହିତ ଓପନର ଭାବେ ନୂଆ ଭୂମିକାରେ ଅବତୀର୍ଣ୍ଣ ହୋଇ ବେଶ୍ ସଫଳ ହୋଇଛନ୍ତି। ସିରିଜ୍‌ରେ ସେ ମୋଟ ଉପରେ ୫୨୯ ରନ ସଂଗ୍ରହ କରିଛନ୍ତି। ରୋହିତଙ୍କୁ ଓପନର ହିସାବରେ ଖେଳାଇବାର ଏକ୍ସପେରିମେଣ୍ଟ ଶେଷରେ କାମ ଦେଇଛି। ଅନ୍ୟତମ ଓପନର ମୟଙ୍କ ଅଗ୍ରୱାଲ ମଧ୍ୟ ଗୋଟିଏ ଦ୍ୱିଶତକ ଓ ଗୋଟିଏ ଶତକ ସହ ସଫଳ ପ୍ରଦର୍ଶନ କରିଛନ୍ତି। ଦ୍ରୁତ ବୋଲର ମହମ୍ମଦ ସାମି ୧୩ ଉଇକେଟ ନେଇ ସିରିଜ ବିଜୟରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛନ୍ତି। ସେହିପରି ସିରିଜରେ ରବୀନ୍ଦ୍ର ଜାଡେଜା ୧୩, ରବିଚନ୍ଦ୍ରନ ଅଶ୍ୱିନ ୧୫, ଉମେଶ ଯାଦବ ୧୧ ଓ ଇଶାନ୍ତ ଶର୍ମା ୨ଟି ଉଇକେଟ ଅକ୍ତିଆର କରିଛନ୍ତି।

ଘରୋଇ ପରିବେଶ୍‌ରେ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଭାରତର ଏହା ଷଷ୍ଠ କ୍ଲିନ୍ ସୁଇପ୍ ସାବ୍ୟସ୍ତ ହୋଇଛି। ପୂର୍ବରୁ ଭାରତ ପ୍ରଥମ ଟେଷ୍ଟରେ ୨୦୩ ରନରେ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ଟେଷ୍ଟକୁ ଭାରତ ଏକ ଇନିଂସ ଓ ୧୩୭ ରନରେ ହାତେଇ ନେଇଥିଲା। ଯଶପ୍ରୀତ ବୁମ୍‌ରାଙ୍କ ଅନୁପସ୍ଥିତି ସତ୍ତ୍ୱେ ଭାରତୀୟ ବୋଲିଂ ବିଭାଗ ଜବରଦସ୍ତ ପ୍ରଦର୍ଶନ କରିଛି।

ମ୍ୟାଚ୍‌ରେ ବିଜୟ ହାସଲ କରିବା ଓ ସିରିଜ ସୁଇପ୍ ପାଇଁ ଚତୁର୍ଥ ଦିନରେ ଭାରତ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସରେ ଆଉ ମାତ୍ର ୨ ଉଇକେଟ ଆବଶ୍ୟକ କରୁଥିଲା। ଦିବସର ଦ୍ୱିତୀୟ ଓଭରରେ ଝାଡଖଣ୍ଡ ସ୍ପିନର ଶାହବାଜ ନଦିମ ପଞ୍ଚମ ଓ ଷଷ୍ଠ ବଲ୍‌ରେ କ୍ରମାଗତ ଦୁଇ ଉଇକେଟ ନେଇ ବିଜୟରେ ମୁଣ୍ଡି ମାରିଥିଲେ। ଫଲୋଅନ ହେବା ପରେ ଦକ୍ଷିଣ ଆଫ୍ରିକା ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୩୨/୮ରୁ ଖେଳ ଆରମ୍ଭ କରି ଆଉ ଅଧିକ ୧ ରନ ସଂଗ୍ରହ କରି ୧୩୩ ରନରେ ଅଲଆଉଟ ହୋଇଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ଥେଉନିସ ଡି ବ୍ରୁଇନ୍ (୩୦ ରନ)ପୂର୍ବ ଦିନର ସ୍କୋର୍‌ରେ ଆଉ କୌଣସି ରନ୍ ନ ଯୋଡ଼ି ନଦିମଙ୍କ ବଲ୍‌ରେ ଉଇକେଟକିପର ରିଦ୍ଧିମାନ ଶାହାଙ୍କୁ କ୍ୟାଚ୍ ଦେଇଥିଲେ। ଏହାପର ବଲ୍‌ରେ ଲୁନ୍‌ଗି ଏନଗିଡି ନଦିମଙ୍କ ଦ୍ୱାରା କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ। ଭାରତ ପକ୍ଷରୁ ସାମି ୩, ଉମେଶ ଯାଦବ ଓ ସାହବାଜ ନଦିମ ୨ଟି ଲେଖାଏ, ରବୀନ୍ଦ୍ର ଜାଡେଜା ଓ ରବିଚନ୍ଦ୍ରନ ଅଶ୍ୱିନ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପ୍ରଥମ ଇନିଂସରେ ରୋହିତଙ୍କ ଦ୍ୱିଶତକୀୟ ପାଳି ଓ ଅଜିଙ୍କ୍ୟ ରାହାନେ ୧୧୫ ରନର ଶତକୀୟ ପାଳି ସହାୟତାରେ ୯ ଉଇକେଟ ହରାଇ ୪୯୭ ରନ କରି ଇନିଂସ ଘୋଷଣା କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୧୬୨ ରନ କରି ଅଲଆଉଟ ହେବା ସହ ୩୩୫ ରନ ପଛରେ ପଡି ଫଲୋଅନ୍ ହୋଇଥିଲା। ଫଲୋଅନ ହେବା ପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଦକ୍ଷିଣ ଆଫ୍ରିକା ୪୮ ଓଭରରେ ୧୩୩ ରନ କରି ଅଲଆଉଟ ହୋଇଥିଲା।



ଟ୍ରଫି ସହ ଭାରତୀୟ ଦଳର ଖେଳାଳି ଓ ସପୋର୍ଟ ଷ୍ଟାଫ୍।

### ରୋହିତ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଓ ସିରିଜ

### ସଂକ୍ଷିପ୍ତ ସ୍କୋର

- ଭାରତ ପ୍ରଥମ ଇନିଂସ- ୧୧୬.୩ ଓଭରରେ ୪୯୭/୯ (ଇନିଂସ ଘୋଷଣା)
- ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ- ୫୬.୨ ଓଭରରେ ୧୬୨ ଅଲଆଉଟ
- ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ (ଫଲୋଅନ୍)- ୪୮ ଓଭରରେ ୧୩୩ ଅଲଆଉଟ୍, (ବ୍ରୁଇନ୍- ୩୦, ଲିଣ୍ଡ- ୨୭, ପିଟି- ୨୩, ଏଲଗାର- ୧୬, ରାବାଡ଼ା- ୧୨, ସାମି- ୩/୧୦, ଉମେଶ- ୨/୩୫, ଜାଡେଜା- ୧/୩୬, ଅଶ୍ୱିନ- ୧/୨୮, ନଦିମ- ୨/୮)।

### ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ପଏଣ୍ଟ ଟେବୁଲ

| ପୋଜିଶନ | ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଡ୍ର | ଟାଇ | ପଏଣ୍ଟ |
|---|---|---|---|---|---|---|---|
| ୧ | ଭାରତ | ୫ | ୫ | ୦ | ୦ | ୦ | ୨୪୦ |
| ୨ | ନ୍ୟୁଜିଲାଣ୍ଡ | ୨ | ୧ | ୧ | ୦ | ୦ | ୬୦ |
| ୩ | ଶ୍ରୀଲଙ୍କା | ୨ | ୧ | ୧ | ୦ | ୦ | ୬୦ |
| ୪ | ଅଷ୍ଟ୍ରେଲିଆ | ୫ | ୨ | ୨ | ୧ | ୦ | ୫୬ |
| ୫ | ଇଂଲଣ୍ଡ | ୫ | ୨ | ୨ | ୧ | ୦ | ୫୬ |
| ୬ | ୱେଷ୍ଟଇଣ୍ଡିଜ | ୨ | ୦ | ୨ | ୦ | ୦ | ୦ |
| ୭ | ଦକ୍ଷିଣ ଆଫ୍ରିକା | ୩ | ୦ | ୩ | ୦ | ୦ | ୦ |
| ୮ | ବାଂଲାଦେଶ | ୦ | ୦ | ୦ | ୦ | ୦ | ୦ |
| ୯ | ପାକିସ୍ତାନ | ୦ | ୦ | ୦ | ୦ | ୦ | ୦ |

### ଭାରତ ବନାମ ଦକ୍ଷିଣ ଆଫ୍ରିକା

- କୋହଲିଙ୍କ ନେତୃତ୍ୱରେ ୧୦ ଟେଷ୍ଟରୁ ୭ ବିଜୟ (ବିଜୟ ପ୍ରତିଶତ ୭୦.୦୦)
- ସମସ୍ତ ଅଧିନାୟକଙ୍କ ନେତୃତ୍ୱରେ ୨୯ ଟେଷ୍ଟରୁ ୭ ବିଜୟ (ବିଜୟ ପ୍ରତିଶତ ୨୪.୧୪)

### ବିପକ୍ଷ ଦଳର ପ୍ରତ୍ୟେକ ଇନିଂସ ସ୍କୋରଠାରୁ ଅଧିକ ରନ କରିଥିବା ଭାରତୀୟ ବ୍ୟାଟ୍ସମ୍ୟାନ

| | | |
|---|---|---|
| ବିନୁ ମଙ୍କଡ (୨୩୧) ବନାମ ନ୍ୟୁଜିଲାଣ୍ଡ (୨୦୯, ୨୧୯) | ଚେନ୍ନାଇ | ୧୯୫୫/୫୬ |
| ରାହୁଲ ଦ୍ରାବିଡ୍ (୨୭୦) ବନାମ ପାକିସ୍ତାନ (୨୨୪, ୨୪୫) | ରାୱଲପିଣ୍ଡି | ୨୦୦୩/୦୪ |
| ସଚିନ ତେନ୍ଦୁଲକର(୨୪୮) ବନାମ ବାଂଲାଦେଶ (୧୮୪, ୨୦୨) | ଢାକା | ୨୦୦୪/୦୫ |
| ବିରାଟ କୋହଲି (୨୪୩) ବନାମ ଶ୍ରୀଲଙ୍କା (୨୦୫,୧୬୬) | ନାଗପୁର | ୨୦୧୭/୧୮ |
| ରୋହିତ ଶର୍ମା (୨୧୨) ବନାମ ଦକ୍ଷିଣ ଆଫ୍ରିକା (୧୬୨, ୧୩୩) | ରାଞ୍ଚି | ୨୦୧୯/୨୦ |




TVS CREDIT | IDFC FIRST Bank | HDFC BANK We understand your world

FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: SAMBALPUR: Kishore TVS, Ph.: 9778371171. BOLANGIR: Rajlaxmi TVS, Ph.: 918260437538. BARGARH: Subhamm TVS, Ph.: 8860625628. BHAWANIPATNA: Barun TVS, Ph: 8260430746; ROURKELA: Unique TVS, Ph : 8114372182, 8114372181, Gurugobind TVS, Ph: 9776280601, 9437203299 ; JHARSUGUDA: Gunnu TVS, Ph: 8586977624; SONEPUR: Minerva TVS, Ph : 6370700730, 6370700732 Authorised Dealers: Rengali, Ph.: 9437052831; Deogarh, Ph : 9437392892; Charbahal, Ph.: 9853406294; Junagarh, Ph.: 9437092284, 9437939586; Nuapara, Ph.: 9937653638; Raj Khariar, Ph : 9439144433; Muniguda, Ph : 9583860028; Dharmagarh, Ph : 9938883405; Kutra, Ph : 6370312667, 7796501441; Belpahar, Ph.: 9238581791; Binka, Ph : 7894255589; Attabira, Ph : 9853157276; Barpali, Ph.: 9777703149; Patnagarh, Ph.: 9938621078; Dungripally, Ph.: 9937926986; Sundergarh, Ph.: 06622-274361, 9437139011; Rajgangpur, Ph : 9861265188 ; San Balichuan, Ph : 8658502167; Khariar Road, Ph.: 9938098888; Sohela, Ph.: 9938739550; Thuvapali, Ph : 9937452169 ; Bhatli, Ph : 9090140103; Titlagarh, Ph : 9438096285; Boudh, Ph.: 9439238768; Kantabanji, Ph : 9437210599; Gaisilat, Ph : 9937408645; Jaipatna, Ph : 9178280401;Padampur, Ph : 9938110070; Sambalpur, Ph : 9337016000; Bamra, Ph : 9437535172; Kuchinda, Ph : 9437058129; Tarbha : Ph : 9439135679 ; Redhakhol : Ph : 7978349822; Saintala : Ph : 9853781372; Gaisilat, Ph: 7683848645, Kantapali, Ph: 8342939695; Paikmal, Ph : 9938119999, 9777822622; Laikera, Ph : 9938465363 Bheden, Ph : 7008024042, 7008822177; Godbhaga, Ph : 6372444931, 6372445813; Bangamunda, Ph : 9937526500; Tusura, Ph : 9437890955, 9439581200; Bandhabahal, Ph : 6371909005 ; Bagdehi, Ph : 7008977491; Udanbandh, Ph : 7326042333, 7326042335; Lathor, Ph : 7008086417; Kantamal, Ph : 7008225996.

McCann/Blr/Tvs/1042/10/19

40
Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616
ସମ୍ବଲପୁର, ବୁଧବାର, ଅକ୍ଟୋବର ୨୩/୨୦୧୯ Sambalpur, Wednesday, October 23 / 2019

■ ଭିଜିଲାନ୍ସ ଚଢ଼ାଉ

# ଇଏସ୍‌ଆଇ ଡାକ୍ତରଖାନା ମୁଖ୍ୟ କିରାଣି ଗିରଫ

**ସୁନ୍ଦରଗଡ଼, ୨୨।୧୦ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କାଂଶବାହାଲସ୍ଥିତ ଇଏସ୍‌ଆଇ ହସ୍ପିଟାଲର ମୁଖ୍ୟ କିରାଣି ବିଷ୍ଣୁଚରଣ ମଲ୍ଲିକ ମଙ୍ଗଳବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଉକ୍ତ ଡାକ୍ତରଖାନାର ଜଣେ ଆମ୍ବୁଲାନ୍ସ ଡ୍ରାଇଭରଙ୍କ ଠାରୁ ଜିପିଏଫ୍ ମଞ୍ଜୁର ପାଇଁ ୧ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିଲେ। ଭିଜିଲାନ୍ସ ବିଭାଗ ଅଧିକାରୀମାନେ ଚଢ଼ାଉ କରି ଏହି ଲାଞ୍ଚ ଟଙ୍କାକୁ ତାଙ୍କ ଠାରୁ ଜବତକରି ତାଙ୍କୁ ଗିରଫ କରିଛନ୍ତି। ଡାକ୍ତରଖାନାର ଡ୍ରାଇଭର ବୈରାଗୀ ବେହେରା ତାଙ୍କ ଜିପିଏଫ୍‌ର ପାର୍ଟ ଫାଇନାଲ ୨ଲକ୍ଷ ଟଙ୍କା ଉଠାଣ ପାଇଁ ଗତ ୨୬ ।୯।୨୦୧୯ରେ ଆବେଦନ କରିଥିଲେ। ମାତ୍ର ମୁଖ୍ୟ କିରାଣି ମଲ୍ଲିକ ଏହି ଜିପିଏଫ୍ ଅର୍ଥ ମଞ୍ଜୁର ପାଇଁ ତାଙ୍କୁ ଅର୍ଥଦାବି କରି ହଇରାଣ କରି ଆସୁଥିଲେ। ଏନେଇ ଡ୍ରାଇଭର ବେହେରା ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ହେବା ପରେ ସମ୍ବଲପୁର ଦୁର୍ନୀତି ନିବାରଣ ଥାନାରେ ଏକ ମାମଲା (ନଂ.୪୩/୨୦୧୯) ରୁଜୁ ହୋଇଥିଲା। ସମ୍ବଲପୁର ଭିଜିଲାନ୍ସ ବିଭାଗ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସୁନ୍ଦରଗଡ଼ ଓ ରାଉରକେଲା ଭିଜିଲାନ୍ସ ଡିଏସ୍‌ପି ଦାଶରଥୀ ସେଠୀଙ୍କ ନେତୃତ୍ୱରେ ଇନ୍ସପେକ୍ଟର ସୁଧାଂଶୁ ଶେଖର ପୂଜାରୀ, ତୁଷାର ମହାପାତ୍ର, ରିତାଞ୍ଜଳି ପ୍ରଧାନ ପ୍ରମୁଖ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଚଢ଼ାଉ କରିଥିଲେ।



ମୁଖ୍ୟ କିରାଣି ବିଷ୍ଣୁ ଚରଣ ମଲ୍ଲିକ।

# ଲାଞ୍ଚ ନେଇ ଧରାପଡ଼ିଲେ ଜିଆର୍‌ଏସ୍

**ବୌଦ୍ଧ/ଘଣ୍ଟାପଡ଼ା,୨୨।୧୦ (ସ୍ୱ.ପ୍ର./ଡି.ଏନ୍.ଏ.)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ବିଲ୍ କରାଇଦେବାକୁ କହି ୧୫ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ମଙ୍ଗଳାବର ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଜିଆର୍‌ଏସ୍ ପାଣ୍ଡବ ମହଲା ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ମିଳିଥିବା ସୂଚନା ମୁତାବକ, ଘଣ୍ଟାପଡ଼ା ପଞ୍ଚାୟତ କୁନାସିଲା ଗ୍ରାମର ରିସପାଲ ରଣା ଆବାସ ଯୋଜନାର ବିଲ୍ ପାସ୍ ପାଇଁ ଘଣ୍ଟାପଡା ପଞ୍ଚାୟତ ଅଫିସ ଦୌଡୁଥିଲେ। ହେଲେ ବିଲ୍ ହୋଇ ନ ଥିଲା। ଘରର ବିଲ୍ ପାସ୍ କରାଇଦେବାକୁ ଜିଆର୍‌ଏସ୍ ପାଣ୍ଡବ ରିସପାଲଙ୍କୁ ୧୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ରିସପାଲ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ ମଙ୍ଗଳବାର ଘଣ୍ଟାପଡ଼ା ପଞ୍ଚାୟତ ଅଫିସ ପରିସରରେ ରିସପାଲ ଦାବି ମୁତାବକ ଟଙ୍କା ଦେଉଥିବା ବେଳେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ୍ ପାଣ୍ଡବଙ୍କୁ କାବୁ କରିନେଇଥିଲେ। ଭିଜିଲାନ୍ସ ଟିମ୍ ପାଣ୍ଡବଙ୍କ ନିକଟରୁ ରାସାୟନିକ ପ୍ରଲେପ ଦିଆ ୧୫ ହଜାର ଟଙ୍କା ଜବତ କରିଥିଲେ। ଚଢ଼ାଉରେ ବୌଦ୍ଧ ଭିଜିଲାନ୍ସ ଡିଏସ୍‌ପି ରବିକାନ୍ତ ସୁନା, ଇନ୍ସପେକ୍ଟର ପୋଲସ୍ତି ଛତ୍ରିଆ, କନଷ୍ଟେବଲ ରାମଚନ୍ଦ୍ର ସାହୁ, ମନୋଜ ନାଏକ, ଦିଲୀପ ପ୍ରଧାନ ପ୍ରମୁଖ ସାମିଲ ଥିଲେ।



ଗିରଫ ଜିଆର୍‌ଏସ୍ ପାଣ୍ଡବ ମହଲା ।












“ ମହାରାଷ୍ଟ୍ରରେ ଭାଜପା-ଶିବସେନା ସରକାରଠାରୁ ମୁକ୍ତି ଲାଗି ଲୋକେ ଚାହୁଁଛନ୍ତି। ଏଥର ନିର୍ବାଚନରେ ପରିବର୍ତ୍ତନ ଦେଖାଦେବ।

- ଶରଦ ପାୱାର,
ଏନ୍‌ସିପି ମୁଖ୍ୟ



## ସଂକ୍ଷେପରେ



### ଛିନ୍ଦ୍ରାପାଲିରେ ବାଲିଯାତ୍ରା: କଳାକାର ବରଣ

ଗାଇସିଲେଟ ୨୨।୧୦(ଡି.ଏନ୍.ଏ.) ଗାଇସିଲେଟ ଥାନା ଫିରିଙ୍ଗିମାଲ ପଞ୍ଚାୟତ ଅଧୀନ ବଣ ପାହାଡ ଘେରା ଛିନ୍ଦ୍ରାପାଲିରେ ଅନୁଷ୍ଠିତ ହେବାକୁ ଥିବା ୬ଷ୍ଠ ବାଲିଯାତ୍ରା ନେଇ କମିଟି ଏବଂ ଗ୍ରାମବାସୀଙ୍କ ପକ୍ଷରୁ ମଙ୍ଗଳବାର କଳାକାର ବରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲିଯାତ୍ରା ଆସନ୍ତା ୧୨ତାରିଖରୁ ୧୪ତାରିଖ ପର୍ଯ୍ୟନ୍ତ ଚାଲିବ। ଏନେଇ ବାଲିଯାତ୍ରା କମିଟି ଏବଂ ଗ୍ରାମବାସୀଙ୍କ ପକ୍ଷରୁ ଟିକେଶ୍ୱର ସା, ଭିଭିଷଣ ବରିହା, ବିରଞ୍ଚି ବରିହା, ମହେନ୍ଦ୍ର ସା, ହୃଷୀକେଶ ଚଅଁରିଆ, ଘନ ବରିହା ଓ ଘାସିରାମ ବରିହା ପ୍ରମୁଖ ଗାଇସିଲେଟ ବସ୍‌ଷ୍ଟାଣ୍ଡସ୍ଥିତ ଦୁର୍ଗାପୂଜା ମଣ୍ଡପଠାରେ ଖୋଲାମଞ୍ଚ କଳାକାର ସହଦେବ ନନ୍ଦଙ୍କୁ କଂସ ଭୂମିକାରେ ଅଭିନୟ କରିବାକୁ ବରଣ କରିଥିଲେ। ସେହିପରି ସୁଚନ୍ଦନ ପଧାନଙ୍କୁ ମହାମନ୍ତ୍ରୀ, ବିରଥ କୁମାର ଭୋଇଙ୍କୁ ଅକ୍ରୁର ଭୂମିକାରେ ଅଭିନୟ କରିବାକୁ ନିମନ୍ତ୍ରଣ କରିଥିଲେ।

### ଚକ୍ଷୁ ପରୀକ୍ଷା ଶିବିର

ଭେଡ଼େନ,୨୨।୧୦(ଡି.ଏନ୍.ଏ.)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଧୀନ ବରପଦର ବଜାର ପ୍ରାଙ୍ଗଣରେ ମଙ୍ଗଳବାର ଲୁହାଖଣ୍ଡି ଗ୍ରାମପଞ୍ଚାୟତ ୟୁଥଷ୍ଟାର ସଂଘ ପକ୍ଷରୁ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୨୦୦ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୩୪ଜଣଙ୍କୁ ଅଧିକ ଚିକିତ୍ସା ଏବଂ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ପାଇଁ ସମ୍ବଲପୁର ନିଆଯାଇଥିଲା। ୟୁଥଷ୍ଟାର ପକ୍ଷରୁ ସରୋଜ, ଆକାଶ, ବାଦି, ବିକି, ଭୀଷ୍ମ ସିଂ, ସୁରଜ, ଅଶୋକଙ୍କ ସମେତ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।

■ ବିଜେପୁର ଉପନିର୍ବାଚନ

# ମତଦାନ ପରେ ଅଙ୍କ କଷୁଛନ୍ତି ନେତା, ଜନତା

ବରଗଡ଼ ଅଫିସ୍,୨୨।୧୦

- ■ ନିର୍ବାଚନ ମଣ୍ଡଳୀରେ ମତଦାନ ହାର ୭୯.୧୭ ପ୍ରତିଶତ
- ■ ୧୭ବୁଥ୍‌ରେ ମତଦାନ ହାର ୯୦ପ୍ରତିଶତରୁ ଅଧିକ
- ■ ବୁଥ୍ ନଂ.୨୩୪ରେ ସର୍ବନିମ୍ନ ୧୯.୫୨ ପ୍ରତିଶତ ମତଦାନ
- ■ ବୁଥ୍ ନଂ.୧୯୪ରେ ମତଦାନ ୯୫.୫୭ ପ୍ରତିଶତ

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନ ପାଇଁ ସୋମବାର ମତଦାନ ଶେଷ ହୋଇଛି। ଦିନକ ପରେ ଭୋଟ୍ ଗଣତି। ଗୁରୁବାର ପଦ୍ମପୁର ଆର୍‌ଏମ୍‌ସି ଗୋଦାମ ପରିସରରେ ଭୋଟ୍ ଗଣନା ହେବ। ଦିନ ୮ଟାରୁ ଭୋଟ ଗଣନା ଆରମ୍ଭ ହେବ। ୧୪ଟି ଟେବୁଲରେ ଭୋଟ ଗଣତି କରାଯିବ ଏବଂ ୨୨ରାଉଣ୍ଡରେ ସରିବ। ଗଣତି ପରେ ସେହିଦିନ ହିଁ ଫଳାଫଳ ଘୋଷଣା ହେବ। ତେବେ ଗଣନା କିମ୍ବା ଫଳାଫଳ ଘୋଷଣା ପୂର୍ବରୁ ମତଦାନ ଶେଷ ପରେ ସବୁଦଳର ନେତାମାନେ ଅଙ୍କ କଷିବା ଆରମ୍ଭ କରି ଦେଇଛନ୍ତି। ଏପରି କି ସାଧାରଣ ଜନତା ମଧ୍ୟ ଫଳାଫଳକୁ ପ୍ରତୀକ୍ଷା କରିଥିବା ବେଳେ ଉପନିର୍ବାଚନରେ କିଏ ବାଜିମାତ୍ କରିବ, ସେ ନେଇ ଆଲୋଚନା, ପର୍ଯ୍ୟାଲୋଚନା ଆରମ୍ଭ ହୋଇଯାଇଛି।

ନିର୍ବାଚନ ଫଳାଫଳରେ ମତଦାନ ହାର ଯଥେଷ୍ଟ ଗୁରୁତ୍ୱ ଦେଇଛି। ନିର୍ବାଚନରେ ମତଦାନ ହାର ବୃଦ୍ଧି/ହ୍ରାସ କେଉଁ ପ୍ରାର୍ଥୀଙ୍କ ପାଇଁ ବିପଦକୁ ଡାକି ଆଣେ ତ ଆଉ କାହା ପାଇଁ ଏହା ବିଜୟ ମୁକୁଟ ପିନ୍ଧାଇବାରେ ସହାୟକ ହୋଇଥାଏ। ଫଳରେ ମତଦାନ ହାରକୁ ନେଇ ନେତା, ଜନତା ଅଙ୍କ କଷିବାରେ ଲାଗିଛନ୍ତି। ଏଥର ମତଦାନ ହାର ୭୯.୧୭ ପ୍ରତିଶତ ରହିଛି। ଉଭୟ ମହିଳା, ପୁରୁଷ ମତଦାନ ହାର ପ୍ରାୟ ସମାନ ରହିଛି। ୭୯.୮୫ ପ୍ରତିଶତ ପୁରୁଷ ମତଦାନ କରିଥିବାବେଳେ ତାଠାରୁ ମାତ୍ର ୧.୩୮ ପ୍ରତିଶତ କମ୍ ଅର୍ଥାତ୍ ୭୮.୪୭ ପ୍ରତିଶତ ମହିଳା ଭୋଟର ମତାଧିକାର ସାବ୍ୟସ୍ତ କରିଛନ୍ତି। ତେବେ ସବୁ ଭୋଟ ଗ୍ରହଣ କେନ୍ଦ୍ର(ବୁଥ୍)ରେ ମତଦାନ ହାର ସମାନ ନାହିଁ। ନିର୍ବାଚନ ମଣ୍ଡଳୀର ୨୮୫ ବୁଥ୍ ମଧ୍ୟରୁ କେବଳ ସାନସାହାଜବାହାଲ ନୋଡ଼ାଲ ୟୁପି ସ୍କୁଲ(ବୁଥ୍ ନଂ.୨୩୪)ରେ ମତଦାନ ହାର ସର୍ବନିମ୍ନ ୧୯.୫୨ ପ୍ରତିଶତ ରହିଛି। ଏଠାରେ ୧୦୩୫ (ପୁରୁଷ-୫୩୨, ମହିଳା-୫୦୩) ଭୋଟର ଥିବାବେଳେ ମାତ୍ର ୨୦୨(ପୁରୁଷ-୧୦୦, ମହିଳା-୧୦୨)ଜଣ ମତଦାନ କରିଛନ୍ତି।




ଅପରପକ୍ଷେ ୧୭ଟି ବୁଥ୍‌ରେ ମତଦାନ ହାର ୯୦ ପ୍ରତିଶତରୁ ଅଧିକ ରହିଛି। ସେଥିମଧ୍ୟରୁ ଝୁଲୋପାଲି ପ୍ରାଥମିକ ସ୍କୁଲର ବୁଥ୍ ନଂ. ୫ରେ ୯୪.୮୬, ବରିକେଲ ସେବାଶ୍ରମର ବୁଥ୍ ନଂ. ୩୫ରେ ୯୦.୬୮, ତିଲେଇମାଲ ୟୁଜିୟୁପି ସ୍କୁଲର ବୁଥ୍ ନଂ. ୭୬ରେ ୯୦.୭୧, ସମଲେଇପଦର ୟୁଜିୟୁପି ସ୍କୁଲର ବୁଥ୍ ନଂ.୧୦୧ରେ ୯୧.୦୨, ପିପିଲିପାଲିର ବୁଥ୍ ନଂ.୧୧୨ରେ ୯୦.୪୦, ଟି.ଗଣ୍ଡପାଲି ପ୍ରୋଜେକ୍ଟ ୟୁପି ସ୍କୁଲର ବୁଥ୍ ନଂ.୧୧୪ରେ ୯୦.୨୬, ମାଣିକଚଉରା ବୁଥ୍ ନଂ.୧୧୫ରେ ୯୦.୨୯, କୁର୍ଲାମୁଣ୍ଡା ବୁଥ୍ ନଂ.୧୩୪ରେ ୯୦.୪୬, ମହୁଲପାଲି ବୁଥ୍ ନଂ.୧୩୫ରେ ୯୧.୩୪, କଲଙ୍ଗାପାଲି ବୁଥ୍ ନଂ.୧୪୩ରେ ୯୧.୭୫, ଗୁଡ଼ିମୁଣ୍ଡା ବୁଥ୍ ନଂ.୧୪୫ରେ ୯୧.୦୬, ମାଝିପାଲି ବୁଥ୍ ନଂ.୧୪୬ରେ ୯୨.୬୨, ରେଙ୍ଗାଲପାଲି ବୁଥ୍ ନଂ.୧୫୨ରେ ୯୦.୭୪, କେ ଗଣ୍ଡପାଲି ବୁଥ୍ ନଂ.୧୫୮ରେ ୯୦.୬୬, ଜାମୁଟ୍‌ପାଲି ବୁଥ୍ ନଂ.୨୦୦ରେ ୯୧.୮୮ ଏବଂ ଭୁତିବାହାଲ ବୁଥ୍ ନଂ.୨୨୬ରେ ୯୩.୨୫ ପ୍ରତିଶତ ମତଦାନ ହୋଇଥିବା ବେଳେ ନୂଆପାଲି ବୁଥ୍ ନଂ.୧୯୪ରେ ମତଦାନ ହାର ୯୫ପ୍ରତିଶତ ଟପି ୯୫.୫୭ ପ୍ରତିଶତରେ ପହଞ୍ଚିଛି।

ସେହିପରି ମତଦାନ ହାର ୪ଟି ବୁଥ୍ ଅର୍ଥାତ୍ ବରପାଲିର ଗଙ୍ଗାଧର ୟୁଜିୟୁପି ସ୍କୁଲ(ବୁଥ୍ ନଂ.୧୨, ବରପାଲି ବାଳକ ହାଇସ୍କୁଲ(ବୁଥ୍ ନଂ.୧୪), ବିଜେପୁର ସଂକର୍ଷଣ ୟୁପି ସ୍କୁଲ (ବୁଥ୍ ନଂ.୧୦୮) ଏବଂ ନୂଆପାଲି ପ୍ରାଥମିକ ସ୍କୁଲ (ବୁଥ୍ ନଂ.୨୬୦)ରେ ୫୦ରୁ ୫୯ ଏବଂ ୧୨ଟି ବୁଥ୍‌ରେ ୬୦ରୁ ୬୯ ପ୍ରତିଶତ ମଧ୍ୟରେ ମତଦାନ ହୋଇଛି। ବାକି ୨୫୧ ବୁଥ୍‌ରେ ମତଦାନ ହାର ୭୦ରୁ ୮୯ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚିଛି। ନିର୍ବାଚନ ମଣ୍ଡଳୀରେ ୧୫ଜଣ ଅନ୍ୟାନ୍ୟ ଭୋଟର ରହିଥିବା ବେଳେ ବନ୍ଧପାଲି ନୋଡ଼ାଲ ୟୁପି ସ୍କୁଲ(ବୁଥ୍ ନଂ.୩)ରେ କେବଳ ଜଣେ ସେହି ଶ୍ରେଣୀର ଭୋଟର ମତଦାନ କରିଛନ୍ତି। ମତଦାନକୁ ନେଇ ତିନି ପ୍ରମୁଖ ଦଳ ମଧ୍ୟରେ ଅଙ୍କକଷା ଚାଲିଛି। ଦୀର୍ଘ ଦେଢ଼ ଦଶନ୍ଧି ଧରି ଏଠାରେ କ୍ଷମତାରେ ରହିଥିବା ସତ୍ତ୍ୱେ ଗତ ୨୦୧୮ ଉପନିର୍ବାଚନରୁ ସତ୍ତା ହରାଇଥିବା କଂଗ୍ରେସ ଏଥର ନିଜ ଗଡ଼ ଦଖଲ କରିବ ବୋଲି ଆଶା ରଖିଛି। ହେଲେ ବିଗତ ନିର୍ବାଚନଗୁଡ଼ିକରେ କଂଗ୍ରେସର ଭୋଟ ହାର ଯେଉଁଳି ହ୍ରାସ ପାଇବାରେ ଲାଗିଛି, ତାକୁ ନେଇ ସନ୍ଦିହାନ ଦେଖାଯାଇଛି। ୨୦୦୪ରୁ ୨୦୧୪ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ କଂଗ୍ରେସକୁ ଏଠାରେ ଯଥାକ୍ରମେ ୫୩.୯୭, ୪୦.୯୧ ଏବଂ ୩୨.୧୫ ପ୍ରତିଶତ ଭୋଟ୍ ମିଳିଥିଲା। ୨୦୧୮ ଉପନିର୍ବାଚନରେ ମାତ୍ର ୫.୬୫ ପ୍ରତିଶତ ଭୋଟ୍ ପାଇ କଂଗ୍ରେସକୁ ଅସ୍ତିତ୍ୱ ହରାଇବାକୁ ପଡ଼ିଥିଲା। କିନ୍ତୁ ୨୦୧୯ ସାଧାରଣ ନିର୍ବାଚନରେ ଦଳ ସାମାନ୍ୟ ଅଗ୍ରଗତି କରି ଦଳ ସପକ୍ଷରେ ଭୋଟହାର ୭.୭୫ ପ୍ରତିଶତରେ ରହିଥିଲା। ଦଳର ଭୋଟ ହାର କେତେ ବଢ଼ିବ ନା କମିବ, ତାହା ଭୋଟ ଗଣତି ପରେ ଜଣାପଡ଼ିବ।

ସେହିପରି କ୍ରମାଗତ ପରାଜୟର ସମ୍ମୁଖୀନ ହୋଇ ଆସୁଥିବା ଭାଜପା ଏଥର ଏଠାରୁ ବିଜୟର ସ୍ୱାଦ ଚାଖିବ ବୋଲି ଆଶା ବାନ୍ଧିଛି। ୨୦୧୪ ସାଧାରଣ ନିର୍ବାଚନ ବେଳେ ୨୦୦୯ ସାଧାରଣ ନିର୍ବାଚନ ଅପେକ୍ଷା ଭାଜପା ଅଧିକ ୪.୦୮ ପ୍ରତିଶତ ପାଇଥିଲା। ସେହିପରି ୨୦୧୮ ଉପନିର୍ବାଚନବେଳକୁ ତାହା ୩୩.୫୩ ପ୍ରତିଶତରେ ପହଞ୍ଚିଥିଲା। ହେଲେ ଗତ ସାଧାରଣ ନିର୍ବାଚନରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଲଢ଼େଇ କରି ଦଳର ଭୋଟହାର ପୁଣି ୨୮.୯୧ ପ୍ରତିଶତକୁ ଖସିଯାଇଥିଲା। ମାତ୍ର ଏଥର ଦଳର ଭୋଟହାର କିଭଳି ରହିବ, ତାହା ଆସନ୍ତା ୨୪ରେ ସ୍ପଷ୍ଟ ହୋଇଯିବ। ଅନ୍ୟପକ୍ଷେ ବିଜେଡି ଏଥର ହ୍ୟାଟ୍ରିକ ବିଜୟ ହାସଲ କରିବ ବୋଲି ଦୃଢ଼ୋକ୍ତି କରିଛି। ୨୦୧୪ ସାଧାରଣ ନିର୍ବାଚନ ତୁଳନାରେ ୨୦୧୮ ଉପନିର୍ବାଚନରେ ବିଜେଡିକୁ ଅଧିକ ୨୫.୪୩ ପ୍ରତିଶତ ଭୋଟ୍ ମିଳିଥିଲା। ସେହିପରି ଗତ ସାଧାରଣ ନିର୍ବାଚନରେ ବିଜେଡ଼ିକୁ ୫୯.୭୮ ପ୍ରତିଶତ ଭୋଟ୍ ମିଳିଥିଲା। ଏଥର ଏହା ଆହୁରି ଟପିବ ଏବଂ ଦଳର ବିଜୟ ହେବା ଆଶା ରଖି ବିଜେଡି ନେତୃବୃନ୍ଦ ଉତ୍ସାହିତ ରହିଥିବା ଦେଖିବାକୁ ମିଳୁଛି। ହେଲେ ୨୪ତାରିଖ ହିଁ ଭୋଟ ଗଣତି ପରେ ହାର୍‌ଜିତ୍ ଫଳାଫଳ ସ୍ପଷ୍ଟ ହୋଇଯିବ।

ରିପୋର୍ଟ-ପ୍ରେମାନନ୍ଦ ଖମାରୀ

## ବାଇକ୍ ଡିକି ଭାଙ୍ଗି ୨ଲକ୍ଷ ୪୦ ହଜାର ଟଙ୍କା ଲୁଟ୍

ବୌଦ୍ଧ/ବାଉଁଶୁଣୀ, ୨୨।୧୦( ସ୍ୱ.ପ୍ର./ଡି.ଏନ୍.ଏ.)

ବୌଦ୍ଧ ଜିଲା ବାଉଁଶୁଣୀ ଠାରେ ଏକ ବାଇକ୍ ଡିକି ଭାଙ୍ଗୀ ଦୁର୍ବୃତ୍ତମାନେ ୨ଲକ୍ଷ ୪୦ ହଜାର ଟଙ୍କା ଲୁଟି ନେଇଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ ବାଉଁଶୁଣୀ ସୋନପୁରିଆପଡାର ଚିତ୍ତରଞ୍ଜନ ମେହେର ସୋନପୁର ଜିଲା ସୋନପୁର ବ୍ଲକରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ କାର୍ଯ୍ୟରତ। ମଙ୍ଗଳବାର ପୁଅ ବାହାଘର ପାଇଁ ମେହେର ବୌଦ୍ଧ ଭାରତୀୟ ଷ୍ଟେଟ ବ୍ୟାଙ୍କରୁ ୨ଲକ୍ଷ ୮୦ ହଜାର ଉଠାଇ ଥିଲେ। ପରେ ସେ ଏକ ବ୍ୟାଗରେ ୨ଲକ୍ଷ ୪୦ ହଜାର ଟଙ୍କା ରଖିବା ସହ ଏକ ରୁମାଲରେ ୪୦ ହଜାର ଟଙ୍କା ବାନ୍ଧି ନିଜ ବାଇକ୍ ଡିକିରେ ରଖି ଘରକୁ ଆସୁଥିଲେ। ଘର ଆଗରେ ସେ ନିଜ ବାଇକ୍ ରଖି ଘରର କଲିଂ ବେଲ ମାରି କବାଟ ଖୋଲିବା ସମୟରେ ଏକ ପଲସର ବାଇକ୍‌ରେ ୨ଜଣ ଯୁବକ ଆସି ଆଖିପିଛୁଳାକେ ଡିକି ଭାଙ୍ଗି ବ୍ୟାଗରେ ଥିବା ୨ ଲକ୍ଷ ୪୦ ହଜାର ଟଙ୍କା ଧରି ଫେରାର ହୋଇଯାଇଥିଲେ। ହେଲେ ରୁମାଲରେ ବନ୍ଧା ହୋଇଥିବା ୪୦ ହଜାର ଟଙ୍କା ଡିକିରେ ରହିଯାଇଥିଲା। ଏନେଇ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମେହେର ବାଉଁଶୁଣୀ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା(ନଂ.୧୩୧/୧୯) ରୁଜୁକରି ଅଧିକ ତଦନ୍ତ ଚଳାଇଛି। ପ୍ରକାଶ ଥାଉକି ବାଉଁଶୁଣୀ ଥାନା ଅଞ୍ଚଳରେ ବାରମ୍ବାର ଲୁଟ ଘଟଣା ଘଟୁଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବାକୁ ସାଧାରଣରେ ଦାବି ହୋଇଛି।

## ଗାଁ ସଫା କଲେ ଯୁବକ

ଭେଡ଼େନ,୨୨।୧୦(ଡି.ଏନ୍.ଏ.)

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଏଁଲାପାଲି ପଞ୍ଚାୟତ ଅଧୀନ ରୁଗୁଡ଼ି ବରଗାଁ ଗ୍ରାମର ଯୁବକମାନେ ମଙ୍ଗଳବାର ଗାଁ ସଫେଇ କରିଥିଲେ। ଆଗାମୀ କଳାସୀ ଯାତ୍ରା ପାଇଁ ଦୁର୍ଗାମନ୍ଦିର ନିକଟ ଅଞ୍ଚଳ ସହ ନଳକୂଅ ଚାରିପାଖ ସଫା କରିଥିଲେ। ଗ୍ରାମର ମୋହନ ସାହୁ, ବୀରେନ ପାତ୍ର, ଯୁଧିଷ୍ଠିର ନାୟକ, ପବିତ୍ର ନାୟକ, ଦାଶରଥି ବାଗ, ଅଗସ୍ତି ଭୁଏ, ଉତ୍ତମ ଭୁଏଙ୍କ ସହ ଅନ୍ୟ ଯୁବକମାନେ ଗାଁ ସଫେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଯୁବକମାନେ।

## ଓଲଟିଲା ପିକ୍‌ଅପ୍ ଭ୍ୟାନ

ଭେଡ଼େନ,୨୨।୧୦(ଡି.ଏନ୍.ଏ.):

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଧୀନ ଲୁହାଖଣ୍ଡି ପଞ୍ଚାୟତ ବରପଦର ଗାଁ ମୁଣ୍ଡରେ ମଙ୍ଗଳବାର ଅପରାହ୍ନରେ ଏକ ପିକ୍‌ଅପ ଭ୍ୟାନ ଦୁର୍ଘଟଣାଗ୍ରସ୍ତ ହୋଇ ଏକ ଚାଷଜମିରେ ଓଲଟି ପଡିଥିଲା। ସୂଚନା ଯୋଗ୍ୟ, ଏକ ପିକ୍‌ଅପ୍ ଭ୍ୟାନ(ନଂ.ଓଡ଼ି ୦୩ସି ୪୩୧୫) ବରପାଲିରୁ କୁକୁଡ଼ା ଦାନା ବୋଝେଇ ହୋଇ ଅଛାଣ୍ଡପାଲି ଆସୁଥିଲା। ହେଲେ ଲୁହାଖଣ୍ଡି ପଞ୍ଚାୟତ ବରପଦର ଗାଁ ମୁଣ୍ଡରେ ପିକ୍‌ଅପ୍ ଭ୍ୟାନ ଭାରସାମ୍ୟ ହରାଇ ଚାଷ ଜମିରେ ଓଲଟି ପଡିଥିଲା। ହେଲେ ଦୁର୍ଘଟଣାରେ କେହି ମୃତାହତ ହୋଇ ନ ଥିବା ଜଣାପଡିଛି।



ଚାଷ ଜମିରେ ଓଲଟି ପଡିଥିବା ପିକ୍‌ଅପ୍ ଭ୍ୟାନ

## ଝାଙ୍କରଟିକ୍ରା-କନ୍ତଲ ରାସ୍ତା ଶୋଚନୀୟ

ଜାମଟିକ୍ରା,୨୨।୧୦(ଡି.ଏନ୍.ଏ.)

ଗ୍ରାମାଞ୍ଚଳର ବିକାଶ ଲାଗି ରାଜ୍ୟ ସରକାର ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମ ଜରିଆରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ସମୟରେ ନିର୍ବାଚିତ ପଞ୍ଚାୟତ ପ୍ରତିନିଧିଙ୍କ ସହ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଆଲୋଚନା କରି ବିକାଶମୂଳକ ପ୍ରକଳ୍ପମାନ ମଞ୍ଜୁର କରୁଛନ୍ତି। ହେଲେ ବରଗଡ଼ ଜିଲା ଅତାବିରା ବ୍ଲକ ଟାଙ୍ଗରପାଲି ପଞ୍ଚାୟତକୁ ଦେଖିଲେ ଏହି ସବୁ ଯୋଜନାର କିଛିମାନେ ନାହିଁ ବୋଲି ସ୍ପଷ୍ଟ ବୁଝା ପଡୁଛି। ଅତାବିରା ବ୍ଲକରୁ ୧୫ କି.ମି ଦୂରରେ ରହିଛି ଟାଙ୍ଗରପାଲି ପଞ୍ଚାୟତ। ଦେଶ ସ୍ୱାଧୀନ ହେବାର ୭୨ ବର୍ଷ ବିତିଯାଇଥିଲେ ମଧ ପଞ୍ଚାୟତ ବିକାଶର ବହୁ ପଛରେ ପଡିଯାଇଛି। ପଞ୍ଚାୟତର ଝାଙ୍କରଟିକ୍ରାରୁ କନ୍ତଲକୁ ସଂଯୋଗ କରୁଥିବା ପ୍ରାୟ ୧କି.ମି ରାସ୍ତା ଦୀର୍ଘ ଦିନ ହେଲା ଶୋଚନୀୟ ଅବସ୍ଥାରେ ପଡିରହିଛି। ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ଶହ ଶହ ଲୋକ ଯିବା ଆସିବା କରୁଛନ୍ତି। ଏପରି କି ସାମାନ୍ୟ ବର୍ଷା ହେଲେ ରାସ୍ତା କାଦୁଅପୂର୍ଣ୍ଣ ହୋଇଯାଉଛି। ଅନ୍ୟପକ୍ଷେ ଆଣ୍ଠୁଏ କାଦୁଅରେ ଛାତ୍ରୀଛାତ୍ରମାନେ ସ୍କୁଲକୁ ଯିବାକୁ ବାଧ ହେଉଛନ୍ତି। ରାସ୍ତା ମରାମତି ପାଇଁ ବିଭାଗୀୟ ଅଧିକାରୀଙ୍କୁ ଅଞ୍ଚଳବାସୀ ଗୁହାରୀ ଜଣାଇଥିଲେ। ହେଲେ କୌଣସି ସୁଫଳ ମିଳିପାରୁ ନାହିଁ। ଏଥିପ୍ରତି ଜିଲା ପ୍ରଶାସନ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ତୁରନ୍ତ ରାସ୍ତା ମରାମତି କରିବାକୁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି।



ଝାଙ୍କରଟିକ୍ରା-କନ୍ତଲ ରାସ୍ତା

## ବଡସୁଦ ସମାଜର ଭ୍ରାତୃମିଳନ

ମନମୁଣ୍ଡା, ୨୨।୧୦ (ଡି.ଏନ.ଏ)

ବୌଦ୍ଧ ବ୍ଲକ ଜମଟାଙ୍ଗି ଗ୍ରାମର ମାଁ ବରାଳ ଦେବୀଙ୍କ ପୀଠରେ ମଙ୍ଗଳବାର ନିଖିଳ ଉତ୍କଳ କ୍ଷତ୍ରିୟ ବଡସୁଦ ସମାଜ ପଶ୍ଚିମାଞ୍ଚଳର ସମୀକ୍ଷା ବୈଠକ ସହ ଭ୍ରାତୃ ମିଳନ ପର୍ବ ଅନୁଷ୍ଠିତ ହୋଇଯାଇଛି। ପୂଜକ ସୁରେଶ ଦେହୁରୀଙ୍କ ଦ୍ୱାରା ପୀଠରେ ଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ସଭା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପଶ୍ଚିମାଞ୍ଚଳ ସଭାପତି ସମ୍ପଦ ଭୁକ୍ତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ପ୍ରାଦେଶିକ ବୋର୍ଡ ସମୀକ୍ଷକ ସୁବାସ ଚନ୍ଦ୍ର ଦେହୁରୀ, ସଞ୍ଜୟ ଦେହୁରୀ, ସଂସାର ଅମାତ, ସରୋଜ କୁମାର ଭୁକ୍ତା ପ୍ରମୁଖ ଉପସ୍ଥିତ ଥିଲେ। ସମାଜର ବିକାଶ ପାଇଁ ସମସ୍ତେ ଏକାଠି ହୋଇ କାର୍ଯ୍ୟ କରିବାକୁ ଅତିଥିମାନେ ମତ ବ୍ୟକ୍ତ କରିଥିଲେ। ଏଥିରେ ପଶ୍ଚିମାଞ୍ଚଳର ୧୨ଟି କେନ୍ଦ୍ରର କର୍ମକର୍ତ୍ତା ସାମିଲ ହୋଇଥିଲେ। ଜମଟାଙ୍ଗୀ କେନ୍ଦ୍ର ସଭାପତି ଲାଲବିହାରୀ ଅମାତ, ସମ୍ପାଦକ ପ୍ରହ୍ଲାଦ ଭୁକ୍ତା, ସୌରାଷ୍ଟ ଭୁକ୍ତା, ବୈଷ୍ଣବ, ନିରଞ୍ଜନ ଓ ବାବୁଲା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ପଶ୍ଚିମାଞ୍ଚଳ ସମ୍ପାଦକ ଦିନବନ୍ଧୁ ଦେହୁରୀ ଧନ୍ୟବାଦ ଜ୍ଞାପନ କରିଥିଲେ।



ବଡସୁଦ ସମାଜର ଭ୍ରାତୃମିଳନ ପର୍ବରେ ଉପସ୍ଥିତ ଅତିଥିବୃନ୍ଦ।

## କଣ୍ଟାମାଳ ପଞ୍ଚାୟତ ଡିଗ୍ରୀ କଲେଜରେ ସ୍ୱାଗତ ସମ୍ବର୍ଦ୍ଧନା

ଘଣ୍ଟାପଡା,୨୨।୧୦(ଡି.ଏନ.ଏ.)

କଣ୍ଟାମାଳ ବ୍ଲକସ୍ଥିତ କଣ୍ଟାମାଳ ପଞ୍ଚାୟତ ଡିଗ୍ରୀ କଲେଜ ସଭାଗୃହରେ ମଙ୍ଗଳବାର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜନୀତି ବିଜ୍ଞାନ ବିଭାଗର ଦ୍ୱିତୀୟ ବର୍ଷ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ରମାନେ ପ୍ରଥମ ବର୍ଷର ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ଶଙ୍କର୍ଷଣ ପ୍ରଧାନଙ୍କ ସଭାପତିତ୍ୱରେ ଏକ ସଭା କାର୍ଯ୍ୟ ହୋଇଥିଲା। ଏଥିରେ ମହାବିଦ୍ୟାଳୟ ଅଧକ୍ଷ ସାଗର ବଗର୍ତ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ସାନ ଭଉଣୀ, ଭାଇମାନଙ୍କୁ ସ୍ନେହ ମମତା ସମ୍ମାନ ଦେଲେ ସେମାନେ ମଧ୍ୟ ବଡ ଭଉଣୀ ଭାଇଙ୍କୁ ନିଶ୍ଚୟ ସମ୍ମାନ ଜଣାଇବେ ବୋଲି କହିଥିଲେ। ଏପରି କି କଲେଜ ନୀତି ନୀୟମ ରକ୍ଷା କରି ଶୃଙ୍ଖଳିତ ଭାବେ ପାଠ ପଢିବାକୁ ଉପଦେଶ ଦେଇଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ବସନ୍ତ ଖଟୁଆ, ଅଧ୍ୟାପକ ସୁନୀଲ ହରିପାଲ ଯୋଗଦେଇ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବର ଉଦ୍ଦେଶ୍ୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଦ୍ୱିତୀୟ ବର୍ଷର ଛାତ୍ର ଦିବ୍ୟରଞ୍ଜନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ତୃତୀୟ ବର୍ଷର ଛାତ୍ର ସଞ୍ଜୟ କ୍ଷେତି ଧନ୍ୟବାଦ ଦେଇଥିଲେ। ସଭାପରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ନାଚ ଗୀତର ଆସର ଜମିଥିଲା। କାର୍ଯ୍ୟକ୍ରମରେ ଆଶିଷ ନାଏକ, ଟିଲୁ ପ୍ରଧାନ, ଟୁଟନ ଖଟୁଆ, ଟୁକନ ପାଢ଼ୀ, ନିବାସ ସାହୁ, ମାନସ ସାହୁଙ୍କ ସହ ଅନ୍ୟ ଛାତ୍ରୀଛାତ୍ରମାନେ ସହଯୋଗ କରିଥିଲେ।




ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ଅତିଥିଙ୍କ ସହ ଛାତ୍ରମାନେ।

■ ଭତାର ଲାଗି ୭ଥର ଆବେଦନ କରି ବୁଢ଼ା ନିରାଶ

# ସାତ୍‌ସପନ ହେଇଛେ ଉଚ ଚିକିଚ୍ଛା

ଗଣ୍ଡତୁରୁମ, ୨୨।୧୦(ଡି.ଏନ୍.ଏ.)

ଉଭଏ କେନ୍ଦ୍ର ଆର ରାଏଜ୍ ସରକାର ଗରିବ୍ ଦୁଖିକର ଲାଗି ଚାଉଲଠାନୁ ମୂଲ କରି ଅବାସ ଯୋଜନାରେ ଘର, ବୁଢ଼ାବୁଢ଼ି, ଭିନ୍ନକ୍ଷମମାନକୁ ଭତା ଯୁଗେଇ ଦେଉଛନ୍। ହେଲେ ସରକାରୀ ସର୍ଭେରେ ଭୁଲଭଟକା ଲାଗି ଅନେକ ହକ୍‌ଦାର ହିତାଧିକାରୀ ଯୋଜନାର ଲାଭ ପାଏବାରୁ ବଁଚିତ୍ ହେଉଛନ୍। ଏନ୍‌ତା କି ଅନେକ ହକ୍‌ଦାର ହିତାଧିକାରୀ ବଛର ବଛର ଧରି ଭତାର ଲାଗି ଆବେଦନ କଲେ ବି ମଲା ତକ୍ ଭତା ନାଇଁ ପାଇପାରବାର। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଲିଛେ ବରଗଡ଼ ଜିଲା ଭେଡ଼େନ ବ୍ଲକ ମହୁଲପାଲି ପଁଚେତ୍‌ରେ।

ସୂଚନା ଅନ୍‌ସାରେ ମହୁଲପାଲି ପଁଚେତ୍ ଅଧୀନ ଗଣ୍ଡତୁରୁମ ଗାଁର ଟିକିନୁ ଦୀପ(୬୪)। ଆଏଜ୍‌କେ ୧୨ ବଛର ହେଲା ସେ ରୋଗ୍‌ରେ ପଡ଼ି ଉଠିବସି ନାଇଁପାରବାର। ସେ ଆସର ପାସର ଅନେକ ଡାକ୍‌ତରକୁଁ ଦେଖେଇ ନିରାଶ ହେଇଛନ୍। ସଭେ ଗୁଟେ କଥା କହୁଛନ୍ ଇଥିରଲାଗି ଉଚ ଚିକିଛା ଦରକାର। ହେଲେ ଭୂମିହୀନ ଦିନମଜୁରିଆ ଟିକିନୁର ପକ୍ଷେ ଉଚ ଚିକିଛା କରାବାର ସମ୍ଭବ ନୁହେ। ଦୁଖ୍‌ସୁଖ କରି ଟିକିନୁ ୫ ଝିଁ’କେ ବିହାତୁରା କରିଥିଲାବେଲେ ଏହେଦେ ସାନ ଟୁକେଲ ପ୍ରମିଳାର ବିହାର ବୋଝ୍ ତାକର ଉପରେ ରହିଛେ। ଇଆଡ଼େ ଟିକିନୁ ଖଟୁ ଉଠିବସି ନାଇଁ ପାରବାର ଲାଗି ମାଏକିନା ସାନ୍ତରା ଗାଁରେ ଲୁକ୍‌କର ପଲ୍‌ହାଜୁଡ଼ କରି ପରିବାର ଚଲଉଛନ୍। ଆଏଜ୍‌କେ ୪ ବଛର ଭିତରେ ଟିକିନୁ ଭତାର ଲାଗି ୭ଥର ଆବେଦନ କରି ନିରାଶ ହେଇଥିବାର କହିଛନ୍। ଥାନୀଅ ଜନପରତିନିଧି ଆର ପଁଚେତ୍ ନିର୍ବାହୀ ଅଧିକାରୀ ଉନିଆ ଲୁକ୍‌କର ଆବେଦନ ପତରକେ ଉପୁରକେ ପଠେଇ ଭତା କରଉଥିଲାବେଲେ ଆମରଟାକେ ପକେଇ ରଖିଛନ୍ ବଲି ଟିକିନୁକଁର ମାଏକିନା ସାନ୍ତରା ଅଭିଯୋଗ କରିଛନ୍। ଉପେ ଶୂଇନ୍ ସାନ୍ତରା ଗଣମାଧମ ଜରିଆରେ ଜିଲାପାଳକଁର ଦୁରୁଷ୍‌ଟି ଆକରଷନ୍ କରବାର ସଂଗେ ଆପ୍‌ନେ ଟିକିନୁକୁଁ ଭତା ଆର ଚିକିଛା ସାହାଯ୍ ଯୁଗେଇ ଦେବାକେ ନିବେଦନ କରିଛନ୍। ଇ ବାବ୍‌ଦେ ଭେଡ଼େନ ବିଡିଓ ମୁରଲୀଧର ନାଏକକୁଁ ପଚରାଲାରୁ ମହୁଲପାଲି ପଁଚେତ୍‌ରୁ ଏହେଦ୍‌କା ଗୁଟେ ବି ଆବେଦନ ପତର ନାଇଁଆସି। ହକ୍‌ଦାର ହିତାଧିକାରୀ ସିଧାସଲଖ ମୋର ପାସେ ଆବେଦନ କରୁନ ବଲି ସେ ଅନୁରୋଧ କରିଥିଲେ।



ଅପାରୁ ଟିକିନୁ ଦୀପ ଖଟେ ବସିଛନ୍।



ଆଜିର କାମ ଆସନ୍ତା କାଲିକୁ ବାକି ରଖି ନ ଥିବା ଲୋକ ଜୀବନରେ ସବୁବେଳେ ଆଗରେ ଥାଏ ଏବଂ ଏକ ଉଜ୍ଜ୍ୱଳମୟ ଭବିଷ୍ୟତ ସେହି କର୍ମବୀର ପାଇଁ ଅପେକ୍ଷା କରିଥାଏ।
- ଟମାସ କାର୍ଲାଇଲ୍



## ସଂକ୍ଷେପରେ

### ବିଜୁ ଯୁବବାହିନୀ ପକ୍ଷରୁ ରକ୍ଷକ କାର୍ଯ୍ୟକ୍ରମ

**ଉଲୁଣ୍ଡା, ୨୨।୧୦(ଡି.ଏନ.ଏ):** ଉଲୁଣ୍ଡା ବ୍ଲକ ଜଉଁରାଭଉଁରା ବିଜୁ ଯୁବବାହିନୀ ତରଫରୁ ରକ୍ଷକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ସୁଧାଂଶୁ ଶେଖର ପର୍ଡିଆଙ୍କ ନେତୃତ୍ୱରେ ଯାନବାହାନ ଚାଳକମାନଙ୍କୁ ସଡକ ସୁରକ୍ଷାର ନିୟମ ଉପରେ ବୁଝାଯାଇଥିଲା। ଏଥିସହିତ ଗାଡି ଚଳାଇବା ବେଳେ ହେଲମେଟ ବ୍ୟବହାର କରିବା, ମଦ୍ୟପାନ ନକରିବା, ଦୃତଗତିରେ ଗାଡି ନ ଚଳାଇବା, ମୋବାଇଲ ବ୍ୟବହାର ନକରିବା ଆଦି ଉପରେ ସେମାନେ ସଚେତନ କରାଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ମହାଦେବ କତୁଆ, ବିଶ୍ୱଜିତ ଛନ୍ଦ, ଅନନ୍ତ କଲେତ, ବୀରବର ଷାଣ୍ଢ, କୁନୁ ମିର୍ଦ୍ଧା, ମିଲି ମିର୍ଦ୍ଧା, ଗୌତମ ବଗର୍ତ୍ତି, ସାନ୍ତନୁ କୁମାର ପର୍ଡିଆ ପ୍ରମୁଖ ସାମିଲ ହୋଇଥିଲେ।



### ତମାଖୁ ବର୍ଜନ ସଚେତନତା ଶୋଭାଯାତ୍ରା

**ବିନିକା,୨୨।୧୦(ଡି.ଏନ୍.ଏ.):** ବିନିକା ବ୍ଲକ ସିଂଘିଯୁବା ଉପ୍ରା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦୟାସାଗର ପଧାନଙ୍କ ତତ୍ତ୍ୱାବଧାନକ୍ରମେ ତମାଖୁ ବର୍ଜନ ସଚେତନତା ଶୋଭାଯାତ୍ରା ମଙ୍ଗଳବାର କରାଯାଇଥିଲା। ଏଥିରେ ଶିକ୍ଷୟିତ୍ରୀ ଏବଂ ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ। ରାଲି ସ୍କୁଲରୁ ବାହାରି କିଷାନ୍ ଛକ୍, ହାଇସ୍କୁଲ ଛକ୍, ତଳିପଡା, ଉପରପଡା, ହରିଜନ ପଡା, ଆନ୍ଧ୍ରା କଲୋନୀ ଆଦି ଦେଇ ପୁଣି ସ୍କୁଲକୁ ଫେରିଥିଲା। ରାଲି ସମୟରେ ପିଲାଏଁ ତମାଖୁ ଖାଇବା ବନ୍ଦ କର, କ୍ୟାନ୍ସରକୁ କରିବା ଦୂର ଆଦି ସ୍ଲୋଗାନ୍ ଦେଇ ସଚେତନତା ସୃଷ୍ଟି କରିଥିଲେ। ଶୋଭାଯାତ୍ରା ପରିଚାଳନା କରିଥିଲେ ଶିକ୍ଷୟିତ୍ରୀ କ୍ରିଷ୍ଣାମୟୀ ମହତମ ଏବଂ କମଳିନୀ ସାହୁ।

### ସୁନେତ୍ର ଚକ୍ଷୁ ପରୀକ୍ଷା ଶିବିର

**ଅମରପାଲି, ୨୨।୧୦ (ଡି.ଏନ.ଏ):** ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଳପଦର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ସୁନେତ୍ର ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଉପଖଣ୍ଡ ଚିକିତ୍ସା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ହରିବୋଲ ଭୋଇ, ବ୍ଲକ ସଂଗଠନ ମହେନ୍ଦ୍ର ମିଶ୍ର, ସୁପରଭାଇଜର ଗିରିଧାରୀ ସାହୁ ଓ ବହଳପଦର ୟୁପି ସ୍କୁଲର ସମସ୍ତ ଶିକ୍ଷକ ଉପସ୍ଥିତ ଥିଲେ। ଏହି ଶିବିରରେ ମୋଟ ୫୫ଜଣ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨୫ ଜଣଙ୍କର ଚକ୍ଷୁ ଦୋଷ ରହିଥିଲା। ପରବର୍ତ୍ତୀ ସମୟରେ ସେମାନଙ୍କୁ ମାଗଣା ଚଷମା ଯୋଗାଇ ଦିଆଯିବ ବୋଲି କୁହାଯାଇଛି।

### ଗୋରୁଙ୍କୁ ବ୍ୟାପୁଛି ଚର୍ମବିଣ୍ଡା ରୋଗ
### ଗାଁରେ ପହଞ୍ଚିଲା ପ୍ରାଣୀଧନ ଭ୍ରାମ୍ୟମାଣ ଦଳ

**ବିନିକା, ୨୨।୧୦(ଡି.ଏନ୍.ଏ.):** ବିନିକା ବ୍ଲକ୍ ଅଞ୍ଚଳର ଗୋରୁ ସମ୍ପଦ ଚର୍ମବିଣ୍ଡା ରୋଗରେ ଆକ୍ରାନ୍ତ ହେବାରେ ଲାଗିଛନ୍ତି। ଏହି ରୋଗ ବ୍ଲକ୍ ଅନ୍ତର୍ଗତ ସିଂଘିଯୁବା, ଖଇରମାଳ, ସର୍ଗୁନା, ଅସୁରଗଡ, ପାପୀ ପ୍ରଭୃତି ଅଞ୍ଚଳର ଗୋରୁଙ୍କୁ ସଂକ୍ରମିତ ହୋଇଛଇ। ପାପୀ ଗାଁର ପଞ୍ଚାନନ ପାତ୍ରଙ୍କ ୧୧ଟି ଗାଇ, ଜ୍ଞାନ ପାତ୍ରଙ୍କ ୧୫, ପ୍ରଫୁଲ୍ଲ ପାତ୍ରଙ୍କ ୬, ଅମିତ ପାତ୍ରଙ୍କ ୪, ସୁଶାନ୍ତ ବରିହାଙ୍କ ୪, ସଞ୍ଜୟ ପାତ୍ରଙ୍କ ୬, ସର୍ଗୁନା, ସିଂଘିଯୁବା ଓ ଅସୁରଗଡ ଗ୍ରାମର ଏକାଧିକ ବ୍ୟକ୍ତିଙ୍କ ଗୋରୁ ଏହି ରୋଗରେ ଆକ୍ରାନ୍ତ ହୋଇଛନ୍ତି। ବିନିକା ପ୍ରାଣୀଧନ ବିଭାଗ ପକ୍ଷରୁ ଏ ନେଇ କୌଣସି ପଦକ୍ଷେପ ନିଆ ଯାଉ ନ ଥିବା ସ୍ଥାନୀୟ ଅଞ୍ଚଳର ଗୋଚାଷୀମାନେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ବିନିକା ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ସନ୍ତୋଷ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏକ ଭ୍ରାମ୍ୟମାଣ ଚିକିତ୍ସା ଦଳ ଉପରୋକ୍ତ ଗାଁମାନଙ୍କୁ ପରିଦର୍ଶନରେ ଯାଇଥିଲେ। ଡାକ୍ତର ସ୍ୱାଇଁଙ୍କ କହିବା ଅନୁସାରେ ଚର୍ମବିଣ୍ଡା ଏକ ଭୂତାଣୁ ଜନିତ ରୋଗ। ଏହି ରୋଗରେ ଗୋରୁ ଶରୀରରେ ଗୋଲାକାର (ଆବୁ) ଜନ୍ମାଇ ଜ୍ୱର ସୃଷ୍ଟି କରେ। ଚରିବା ବୁଲିବା କଷ୍ଟକର ହୋଇପଡେ। ଏହା ଏକ ସଂକ୍ରାମକ ରୋଗ ହୋଇଥିବାରୁ ସବୁଆଡେ ବ୍ୟାପିଥାଏ। ଏହାର କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ଉପଲବ୍ଧ ନାହିଁ। ତେବେ ଏହି ରୋଗରେ ଗୋରୁର ମୃତ୍ୟୁ ଘଟେନାହିଁ। ତେବେ ସଂକ୍ରମିତ ଗୋରୁର ଉପଯୁକ୍ତ ଯତ୍ନନେବା ନିତ୍ୟାନ୍ତ ଆବଶ୍ୟକ। ଭ୍ରାମ୍ୟମାଣ ଚିକିତ୍ସା ଦଳ ସିଂଘିଯୁବା, ଭଣ୍ଡାର, ବାବୁପାଲି ପ୍ରଭୃତି ପଞ୍ଚାୟତର ୧୦୦ରୁ ଅଧିକ ଗୋରୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ଆବଶ୍ୟକ ଔଷଧ ପ୍ରଦାନ କରିଥିଲେ।

---

ବ୍ଲକସ୍ତରୀୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଏନ୍‌ଏସ୍‌ଏପି ଜନଶୁଣାଣି

# ୨୧ ପରିବାରକୁ ମିଳିଛି ୧୦୦ଦିନର କାମ

**ସୋନପୁର,୨୨।୧୦(ନି.ପ୍ର.)**




ଜନଶୁଣାଣିରେ ମଞ୍ଚାସୀନ ଅଧିକାରୀ ବୃନ୍ଦ।

ସୋନପୁର ବ୍ଲକସ୍ତରୀୟ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମଜିଏନଆରଇଜିଏସ) ଓ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ(ଏନଏସଏପି)ର ଜନଶୁଣାଣି ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଗତ ସାଧାରଣ ନିର୍ବାଚନ ପାଇଁ ୨୦୧୮-୧୯ ଆର୍ଥିକ ବର୍ଷର ଜନଶୁଣାଣି ନିର୍ଦ୍ଧାରିତ ସମୟରେ ଅନୁଷ୍ଠିତ ହୋଇ ପାରି ନ ଥିଲା। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ଓସାଟ୍ ପକ୍ଷରୁ ବ୍ଲକ ପରିସରରେ ଆୟୋଜିତ ଏହି ଆପତ୍ତି ଅଭିଯୋଗ ଜନଶୁଣାଣି ଶିବିରରେ ଭାରପ୍ରାପ୍ତ ପିଡି ଡିଆରଡିଏ ଶରତ ଚନ୍ଦ୍ର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ବ୍ଲକରେ ୧୫୬୪ଟି ପ୍ରକଳ୍ପ ନିଆଯାଇଥିବା ବେଳେ ୧୦୧୩ଟି ସମ୍ପୂର୍ଣ୍ଣ ହୋଇଛି। ଏ ବାବଦରେ ୪୮୭.୬୭ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ସୂଚନା ଦିଆଯାଇଥିଲା। ସେହିପରି ଏମଜିଏନଆରଇଜିଏସରେ ୧୧୨୨୫ ପରିବାରକୁ କାମ ଦିଆଯାଇଥିବା ବେଳେ ୨୧ ପରିବାରକୁ ୧୦୦ଦିନର କାମ ମିଳିଛି। ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମନ୍ଦାକିନି ନାଗ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ଏମ୍‌ଜିଏନଆରଇଜିଏସର କାର୍ଯ୍ୟକ୍ରମ ଅଧିକାରୀ ରବିନ୍ଦ୍ର କୁମାର ପଟେଲ, ସହକାରୀ ଯନ୍ତ୍ରୀ ଇଂ ଦୁଶାସନ ସାହୁ, ଜନଶୁଣାଣି କମିଟିର ସଭ୍ୟ ଗୋବିନ୍ଦ ମହାରଣା, ଗତିକୃଷ୍ଣ ମିଶ୍ର ଯୋଗ ଦେଇଥିଲେ। ୨୦୧୯-୨୦ ଆର୍ଥିକ ବର୍ଷରେ ୨୦୦୦ରୁ ଉର୍ଦ୍ଧ୍ୱ ପରିବାରକୁ କିଭଳି ୧୦୦ ଦିନର କାମ ମିଳିବ ସେଥିପ୍ରତି ଦୃଷ୍ଟି ଦେବାକୁ ପିଡି ପଣ୍ଡା ଗୁରୁତ୍ୱାରୋପ କରିଥିଲେ। ଏନଏସଏପି ଯୋଜନାରେ ମଧ୍ୟ ହିତାଧିକାରୀଙ୍କ ଆପତ୍ତି ଅଭିଯୋଗ ଶୁଣାଯାଇଥିଲା। ପଞ୍ଚାୟତ ଇଓ, ଜିଆରଏସ ଓ ଏପିଓ ବାର୍ଷିକ ରିପୋର୍ଟ ପ୍ରଦାନ କରିଥିଲେ। ଏପିଓ ପ୍ରଦ୍ୟୁମ୍ନ ସାହୁ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି

**ବିନିକା,୨୨।୧୦(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ପଞ୍ଚାୟତ ସମିତି ରାଜୀବ ଗାନ୍ଧୀଭବନ କେନ୍ଦ୍ରଠାରେ ସୋମବାର ଜିଲାପାଳ ମୋନିଷା ବାନାର୍ଜୀ ଜନ ସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ମୋଟ ୩୫୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ୧୮୬ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଏହି ଅବସରରେ ଥାଲାସେମିଆ ରୋଗରେ ପୀଡିତ ଜଣେ ୧୦ ବର୍ଷୀୟା ଝିଅକୁ ୫ହଜାର ଟଙ୍କା ଚିକିତ୍ସା ସହାୟତା ରେଡକ୍ରସ ପାଣ୍ଠିରୁ ପ୍ରଦାନ କରାଯାଇଥିଲା। ଶିବିରରେ ଏନ୍‌ଏସି ନିର୍ବାହୀ ଅଧିକାରୀ ଦୁଃଖିରାମ ନାଏକ, ବିଡିଓ ବିଶ୍ୱରଞ୍ଜନ ମଲ୍ଲିକ, ବିନିକା ତହସିଲଦାର ଅଲେଖ ଘୁଟା, ଡୁଙ୍ଗୁରୀପାଲି ଡିଇଓ ଶ୍ରୀନିବାସ ମଲ୍ଲିକ,ଏଡିଏମ୍‌ଓ ଦୈତ୍ୟ ନାରାୟଣ ପାଢୀ, କେନାଲ ଏସ୍‌ଡିଓ ବି.କେ .ତ୍ରିପାଠୀ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।



ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଜନ ଅଭିଯୋଗର ଶୁଣାଣି କରୁଛନ୍ତି।

# ୱେସ୍କୋ ଅଧିକାରୀଙ୍କୁ ଘେରିଲେ ଉପଭୋକ୍ତା

## ୬୩ କେଭି ଟ୍ରାନ୍ସଫରମରରୁ ମିଳିଲା ବିଦ୍ୟୁତ୍ ସଂଯୋଗ




ଉପଭୋକ୍ତା ମାନେ ଏକ ଶୋଭାଯାତ୍ରାରେ ଖାରୀ ବିଦ୍ୟୁତ୍ ସେକ୍ସନ ଅଫିସକୁ ଯାଉଛନ୍ତି।

**ସୋନପୁର,୨୨।୧୦(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକ ବଲାଡି ଗ୍ରାମର ୬୭ଜଣ ବିଦ୍ୟୁତ୍ ଉପଭୋକ୍ତା ଲୋଭୋଲଟେଜ୍ ସମସ୍ୟା ଯୋଗୁଁ ବର୍ଷ ବର୍ଷ ଧରି ହୀନସ୍ତା ହେଉଥିଲେ। ଗୋଟିଏ ୨୫କେଭି ବିଦ୍ୟୁତ୍ ଟ୍ରାନ୍ସଫରମରରୁ ଶତାଧିକ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଥିଲା। ଗ୍ରାମରେ ଆଉ ଏକ ୬୩ କେଭି ବିଦ୍ୟୁତ୍ ଟ୍ରାନ୍ସଫରମର ଥିଲା। ସେଥିରେ କମ୍ ଉପଭୋକ୍ତା ଥଲେ। ମାତ୍ର ଗରିବ ଉପଭୋକ୍ତାଙ୍କୁ ବଡ ଟ୍ରାନ୍ସଫରମରରୁ ସଂଯୋଗ ମିଳୁ ନ ଥିଲା। ଲୋଭୋଲଟଜ୍ ସମସ୍ୟା ଯୋଗୁଁ ଛାତ୍ରୀଛାତ୍ରମାନେ ପାଠପଢାରେ ଅସୁବିଧା ଭୋଗୁଥିଲେ। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସମୟରେ କଷ୍ଟ ଭୋଗୁଥିଲେ। ନିର୍ବାହୀ ଯନ୍ତ୍ରୀଙ୍କୁ ଅନୁରୋଧ ସତ୍ତ୍ୱେ ସେମାନଙ୍କ କଥା କେହି ଶୁଣୁ ନ ଥିଲେ। ଗ୍ରାମବାସୀ ବିଦ୍ୟୁତ୍ ବିଭାଗର ଅଧିକାରୀଙ୍କ କାର୍ଯ୍ୟାଳୟକୁ ଦୌଡି ନୟାନ୍ତ ହୋଇଥିଲେ। ମଙ୍ଗଳବାର ଖାରୀ ବଜାରରୁ ଏକ ଶୋଭାଯାତ୍ରାରେ ବଲାଡି ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଆଇନଜୀବୀ ବଳଦେବ ପ୍ରସାଦ ବେଦବାକ୍ଙ୍କ ନେତୃତ୍ୱରେ ଆସି ଖାରୀ ସେକ୍ସନ ଅଫିସରେ ଉପସ୍ଥିତ ଥିବା ନିର୍ବାହୀ ଯନ୍ତ୍ରୀ ଯଜ୍ଞେଶ ଚନ୍ଦ୍ର ପାତ୍ର, ସହକାରୀ ଯନ୍ତ୍ରୀ ଅନୁକୂଳ ଚନ୍ଦ୍ର ମହାନ୍ତି ଓ କନିଷ୍ଠ ଯନ୍ତ୍ରୀ ବିଜୟ କୁମାର ମୁଣ୍ଡାରିଙ୍କୁ ଘେରାଉ କରି ରଖିଥିଲେ। ପ୍ରତିଶୃତି ମିଳିବାରୁ ୨ ଘଣ୍ଟା ପରେ ଏହି ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା। ୱେସ୍କୋ ନିର୍ବାହୀ ଯନ୍ତ୍ରୀ ଇଂ ପାତ୍ର ଓ ଏସଡିଓ ମହାନ୍ତି ତରଭା ଆଇଆଇସି ଡୋଳାମଣି ଭୋଇଙ୍କ ଉପସ୍ଥିତିରେ ବଲାଡି ଗ୍ରାମକୁ ଯାଇ ଆନ୍ଦୋଳନକାରୀ ଗ୍ରାମବାସୀଙ୍କୁ ୬୩ କେଭି ଟ୍ରାନ୍ସଫରମରରୁ ବିଦ୍ୟୁତ୍ ସଂଯୋଗ ଦେଇଥିଲେ। ଶ୍ରଦ୍ଧାଞ୍ଜଳି ମିଶ୍ର, କେଦାର ମିଶ୍ର, ବ୍ୟାସଦେବ ମିଶ୍ର ଓ ବଲାଡି ଗ୍ରାମର ୱାର୍ଡ ମେମ୍ବର ଶଙ୍ଖ ସେଠୀ, କିରଟୀ କଲତା, ସଞ୍ଜୁ ସେଠୀ ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ।

ସୁବର୍ଣ୍ଣପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

# ଗଠନ ହେଲା କ୍ରିୟାନୁଷ୍ଠାନ କମିଟି



ବୈଠକରେ ମଞ୍ଚାସୀନ ନେତୃବୃନ୍ଦ।

**ସୋନପୁର,୨୨।୧୦(ନି.ପ୍ର.)**

ସୁବର୍ଣ୍ଣପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ଦାବି ତେଜିବାରେ ଲାଗିଛି। ଜିଲାରେ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କର କୌଣସି ବଡ ପ୍ରତିଷ୍ଠାନ ନାହିଁ। ତେଣୁ ଭୌଗୋଳିକ ଦୃଷ୍ଟି କୋଣରୁ ପଶ୍ଚିମ ଓଡିଶାର କେନ୍ଦ୍ରସ୍ଥଳୀ ସୁବର୍ଣ୍ଣପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ବୁଦ୍ଧିଜୀବୀଙ୍କ ପକ୍ଷରୁ ଦାବି ହେଉଛି। ମଙ୍ଗଳବାର ସନ୍ଧ୍ୟାରେ ପ୍ରଭାସ ଲଜ ସମ୍ମିଳନୀ କକ୍ଷରେ ଶ୍ରମିକ ନେତା ଗୋବିନ୍ଦ ମହାରଣାଙ୍କ ଆବାହକତ୍ୱରେ ଜିଲାର ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ବସିଥିଲା। ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବିକୁ ବ୍ୟାପକ କରିବାକୁ ଏଥିରେ ମତପ୍ରକାଶ ପାଇଥିଲା। ଜିଲା ଓକିଲ ସଂଘର ଆନ୍ଦୋଳନକୁ ସମର୍ଥନ କରାଯିବା ସହ ଓକିଲମାନେ ଜିଲାର ସ୍ୱାର୍ଥ ଦୃଷ୍ଟିରୁ କୋର୍ଟ ବର୍ଜନ ଆନ୍ଦୋଳନ ଜାରି ରଖିବାକୁ ଅନୁରୋଧ କରାଯାଇଥିଲା। ଆନ୍ଦୋଳନକୁ ବ୍ୟାପକ କରିବାକୁ ସମାଜର ସବୁ ବର୍ଗର ଲୋକଙ୍କୁ ନେଇ ଏକ କ୍ରିୟାନୁଷ୍ଠାନ କମିଟି ଗଠନ ହୋଇଥିଲା। ଏଥିରେ ପ୍ରାକ୍ତନ ବିଧାୟକ ବିନୋଦ ପାତ୍ର, ଅଭିମନ୍ୟୁ କୁଶଳ, ନୀଳାମ୍ବର ଶତପଥୀ, ପୁରୁଷୋତ୍ତମ ପାଣିଗ୍ରାହୀ, ଲକ୍ଷ୍ମୀନାରାୟଣ ମେହେର, ଶ୍ରୀବତ୍ସ ମଲ୍ଲିକ, ରାମ ଶଙ୍କର ଭୋଇ, ବିଭୂତି ଭୂଷଣ ଦାଶ, ତାପସ କୁମାର ବେହୁରା, ପ୍ରକାଶ ସାହୁ, ଜନ୍ମେଜୟ ପାତ୍ର, ଶେଷଦେବ ମେହେର ଓ ଜିଲାର ସମସ୍ତ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭାପତି ଏବଂ ସମ୍ପାଦକଙ୍କୁ ରଖାଯାଇଛି। ବୁଧବାର ପୁଣି ବୈଠକ ବସି ଆନ୍ଦୋଳନର ରୂପରେଖ ସ୍ଥିର କରାଯିବ ବୋଲି ନିଷ୍ପତ୍ତି ହୋଇଛି।

କ୍ଲଷ୍ଟରସ୍ତରୀୟ ସୁରଭି

# ୨ କ୍ଲଷ୍ଟରର ୪୮୦ ଛାତ୍ରୀଛାତ୍ରଙ୍କ ଅଂଶଗ୍ରହଣ

**ଅମରପାଲି, ୨୨।୧୦ (ଡି.ଏନ.ଏ)**



ସଂଗ୍ରାମପୁର କ୍ଲଷ୍ଟର ସୁରଭି କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀ ଓ ଅତିଥି।

ବୀରମହାରାଜପୁର ବ୍ଲକ ଦୁର୍ଜନତୈଳା ଓ ସଂଗ୍ରାମପୁର କ୍ଲଷ୍ଟରରେ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଦୁର୍ଜନତୈଳା କ୍ଲଷ୍ଟରର କୁଞ୍ଜାପାଲି ଆଶ୍ରମ ସ୍କୁଲରେ ସିଆରସିସି ଅରୁଣ ରାଏଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କ୍ଲଷ୍ଟରର ୯ଟି ସ୍କୁଲର ୩୦୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୁଇଜ, ଚିତ୍ରାଙ୍କନ, ସୃଜନଶୀଳ ଲିଖନ, ସଂଗୀତ, ବକ୍ତୃତା, ନୃତ୍ୟ ଆଦି ପ୍ରତିଯୋଗିତା କରାଯାଇଥିଲା। ପ୍ରଧାନଶିକ୍ଷକ ଶୁଭ୍ରାଂଶୁ ଶେଖର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବୀରମହାରାଜପୁର ବିଇଓ ଶାନନ୍ତ କୁମ୍ଭକାର ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ସଂଗ୍ରାମପୁର କ୍ଲଷ୍ଟରର ଟାମକିଆଦାଦର ସ୍କୁଲରେ ମଧ୍ୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଛି। ସିଆରସିସି ସୁନୀଲ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୧୮୦ ଜଣ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ପ୍ରଧାନଶିକ୍ଷକ ସଞ୍ଜିବ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଅରୁଣ ରାଏ, ଶଶାଙ୍କଭୂଷଣ ମହାକୁର, ସ୍କୁଲ ପରିଚାଳନା ସଭାପତି କୁନା ମହାକୁର ଅତିଥିଭାବେ ଯୋଗ ଦେଇଥିଲେ। ବିଚାରକଭାବେ ସୁଶିଲ ପଧାନ, ନାରାୟଣ ସାହୁ, ପ୍ରମୋଦ ପଧାନ, ସୁଶାନ୍ତ ମଲ୍ଲିକ, ପ୍ରଦୀପ ନାଏକ, ପ୍ରଶାନ୍ତ ପ୍ରଧାନ ମୂଲ୍ୟାଙ୍କନ କରିଥିଲେ। ପ୍ରତ୍ୟେକ ପ୍ରତିଯୋଗୀତାରେ ପ୍ରଥମ ହୋଇଥିବା ପ୍ରତିଯୋଗୀ ବ୍ଲକସ୍ତରୀୟ ସୁରଭିରେ ଅଂଶଗ୍ରହଣ ପାଇଁ ମନୋନୀତ ହୋଇଥିଲେ।

### ସେଲେଡିରେ ସୁରଭୀ କାର୍ଯ୍ୟକ୍ରମ

**ବିନିକା,୨୨।୧୦(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସେଲେଡି ନୋଡାଲ ଉପ୍ରା ବିଦ୍ୟାଳୟ ପରିସରରେ ମଙ୍ଗଳବାର ୧୦ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଶିଶୁ ମହୋତ୍ସବ ସୁରଭୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେଲେଡି ନୋଡାଲ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଗିକେନନୀ କୁମ୍ଭାର ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସେଲେଡି ସରପଞ୍ଚ ଭରତ ଗାଇଗରିଆ, ସମ୍ମାନୀତ ଅତିଥି ସେଲେଡି ହାଇସ୍କୁଲ ପ୍ରଧାନଶିକ୍ଷକ ଜଗନ୍ନାଥ ପଧାନ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଚିତ୍ରାଙ୍କନ, କବିତା ଆବୃତି, ପ୍ରବନ୍ଧ ଲିଖନ, ଚିତ୍ରକଳା, ସାଧାରଣ ଜ୍ଞାନ, ନୃତ୍ୟ ଓ ଗୀତ ପ୍ରତିଯୋଗିତା ଆଦି ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରି ଲିଜା ସାହୁ, ପ୍ରେମ ସାଗର ପେରା, ମାନସୀ ମହାନନ୍ଦ, ରାହୁଲ ଜଗଦଲା, ଶ୍ରୀୟାଶ୍ରୀ ଡାଙ୍ଗ, ନିହାରିକା ବେହେରା, ବିଗ୍ରହ କେଶରୀ ପେରା ପ୍ରମୁଖ ଛାତ୍ରୀଛାତ୍ର କୃତିତ୍ୱ ଅର୍ଜନ କରି ପୁରସ୍କୃତ ହୋଇଥିଲେ।

ସଡ଼କ ସୁରକ୍ଷା ପାଇଁ ସଚେତନତା କାର୍ଯ୍ୟକ୍ରମ ରକ୍ଷକ

# ସଚେତନତା ଶୋଭାଯାତ୍ରା, ପଥପ୍ରାନ୍ତ ନାଟକ

**ଅମରପାଲି, ୨୨।୧୦ (ଡି.ଏନ.ଏ)**



ଅମରପାଲିରେ ରକ୍ଷକ କାର୍ଯ୍ୟକ୍ରମ ପାଇଁ ସଚେତନତା ଶୋଭାଯାତ୍ରା।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଳପଦର ଓ କମିରା ପଞ୍ଚାୟତରେ ବିଜୁ ଯୁବ ବାହିନୀ ଦ୍ୱାରା ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ରକ୍ଷକ ଅନୁଷ୍ଠିତ ହୋଇଯାଇଛି। ବହଳପଦର ପଞ୍ଚାୟତର ଅମରପାଲିଠାରେ ଉକ୍ତ କାର୍ଯ୍ୟକ୍ରମ ହୋଇଥିଲା। ନୂଆ ଆଇନ ଅନୁଯାୟୀ ଗାଡି ମୋଟର ଚଳାଚଳ ନିୟମକୁ ରାସ୍ତାରେ ଯାତାୟାତ ଗାଡି ଚାଳକମାନଙ୍କୁ କୁହାଯାଇ ସଚେତନ କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା କରି ବସ୍ତି ପରିକ୍ରମା କରାଯାଇଥିଲା। ଚାଳକ ସର୍ବଦା ହେଲମେଟ ପିନ୍ଧି ବାଇକ ଚଳାଇବା, ସିଟବେଲ୍ଟ ବ୍ୟବହାର କରିବା, ମଦ୍ୟପାନ କରି ଗାଡି ନ ଚଳାଇବା, ଟ୍ରାଫିକ ନିୟମ ମାନି ଚଳିବା ନେଇ ଲୋକଙ୍କୁ ସଚେତନ କରାଯାଇଥିଲା। ବିଯୁ ଯୁବ ବାହିନୀ ସମ୍ପାଦକ ସୁଶିଲ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଭାପତି ବାସୁଦେବ ପର୍ଡିଆ, କୋଷାଧ୍ୟକ୍ଷ ତଥାଗତ ସାହୁ, ଅମରେଶ ସାହୁ, ସନ୍ତୋଷ ସାହୁ, ରଞ୍ଜନ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି କମିରା ପଞ୍ଚାୟତର ସଦର ଗ୍ରାମରେ ସ୍ଥାନୀୟ ବିଜୁ ଯୁବ ବାହିନୀ ଦ୍ୱାରାମଧ୍ୟ ଉକ୍ତ କାର୍ଯ୍ୟକ୍ରମ କରାଯାଇଥିଲା। ଏଠାରେ ପଥପ୍ରାନ୍ତ ନାଟକ, ସଚେତନତା ଶୋଭାଯାତ୍ରା କରାଯାଇ ଗାଡି ଚାଳକଙ୍କୁ ସଚେତନ କରାଯାଇଥିଲା। ବୀରମହାରାଜପୁର ବ୍ଲକ ବିଜୁ ଯୁବ ବାହିନୀ କୋଅର୍ଡିନେଟର ଦେବରାଜ ମିଶ୍ର, ଉଲୁଣ୍ଡା ବ୍ଲକ କୋଅର୍ଡିନେଟର ରବି ଜଗଦଲା, ସ୍ଥାନୀୟ ବିଜୁ ଯୁବ ବାହିନୀ ସଭାପତି ସପନ ପଧାନ, ସୋନପୁର ପ୍ରେଜେଟ ଅଫିସର ମିତ୍ରଭାନୁ ମିଶ୍ର ପ୍ରମୁଖ ଯୋଗଦେଇ ଥିଲେ।

# କୃଷକ ସଙ୍ଗଠନର ଗଣଧାରଣା

**ସୋନପୁର,୨୨।୧୦(ନି.ପ୍ର.)**

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ



କୃଷକ ବିକାଶ ସମନ୍ୱୟ ସମିତି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

ସରକାରୀ କଳ ଓ ରାଜନୈତିକ ଦଳ ଗୁଡିକର ଉଦାସୀନତା ହେତୁ ଚାଷୀକୂଳ ନିମ୍ନଗାମୀ ଆଡକୁ ଗତି କରୁଛି। ତେଣୁ ଚାଷୀଙ୍କ ସ୍ୱାର୍ଥ ଓ ଆର୍ଥିକ ଅବସ୍ଥାରେ ଉନ୍ନତି ଆଣିବା ପାଇଁ ପଶ୍ଚିମ ଓଡିଶା କୃଷକ ସଂଗଠନ ସମନ୍ୱୟ ସମିତି ଆହ୍ୱାନ କ୍ରମେ ସୁବର୍ଣ୍ଣପୁର ଜିଲା ଶାଖା ପକ୍ଷରୁ ୭ ଦଫା ଦାବି ନେଇ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆ ଯାଇଥିଲା। ଏ ସମ୍ପର୍କିତ ଏକ ସ୍ମାରକପତ୍ର ଜିଲାପାଳ ମୋନିଷା ବାନାର୍ଜୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ଦାବିଗୁଡିକ ମଧ୍ୟରେ କ୍ରପ୍ କଟିଂ ରିପୋର୍ଟ ଆଧାରରେ ଗତ ଖରିଫର ଫସଲବୀମା ଅର୍ଥରାଶି ଚାଷୀଙ୍କୁ ଶୀଘ୍ର ପ୍ରଦାନ, ପ୍ରଧାନମନ୍ତ୍ରୀ ଫସଲ ବୀମାର ଘରୋଇକରଣ ବନ୍ଦ କରିବା, ସ୍ୱାମୀନାଥନ କମିଶନର ସୁପାରିଶ ଅନୁଯାୟୀ ଧାନର ଦର ବୃଦ୍ଧି କରିବା, ମଣ୍ଡି ବ୍ୟବସ୍ଥାକୁ ଠିକ୍ କରି ଧାନର ଅଭାବି ବିକ୍ରି ସମସ୍ୟାକୁ ଦୂର କରିବା। ଗହମ ଭଳି ଧାନର ଦର ବୃଦ୍ଧି କରିବା, ଓଡିଶାର ଚାଷୀଙ୍କୁ ରାଜ୍ୟ ସରକାର ବୋନସ ପ୍ରଦାନ କରିବା, ଧାନ କୁଇଣ୍ଟାଲ ପ୍ରତି ୨୯ହଜାର ୩୦ଟଙ୍କାର ପ୍ରତିଶୃତି କେନ୍ଦ୍ର ସରକାର ପୂରଣ କରିବା। ଚାଷୀ, ଖାଉଟି ଓ ଦେଶ ବିରୋଧୀ ରିଜିଓନାଲ କମ୍ପ୍ରିହେନସିଭ୍ ଇକୋନମିକ୍ ପାର୍ଟନରସିପ(ଆରସିଇପି) ଫ୍ରି ଟ୍ରେଡ ଏଗ୍ରିମେଣ୍ଟରୁ କେନ୍ଦ୍ର ସରକାର ବିରତ ରହିବା ଅନ୍ତର୍ଭୁକ୍ତ ଥିଲା। ସୁବର୍ଣ୍ଣପୁର ଜିଲା କୃଷକ ବିକାଶ ସମନ୍ୱୟ ସମିତିର ସଭାପତି ରାଜେନ୍ଦ୍ର କୁମାର ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଗଣଧାରଣାରେ ଉପସଭାପତି ବୈକୁଣ୍ଠନାଥ ଶତପଥୀ, ଧର୍ମେନ୍ଦ୍ର ମେହେର, ବୀରମହାରାଜପୁର କୃଷକ ବିକାଶ ପରିଷଦର ସଭାପତି ପ୍ରଦୀପ ସ୍ୱାଇଁ, କୋଷାଧ୍ୟକ୍ଷ ନରୋତ୍ତମ ପଧାନ, ମୁକୁନ୍ଦ ବିଶ୍ୱାଳ, ଧରଣୀ ପାଢୀ, ଉଲୁଣ୍ଡା କୃଷକ ସମନ୍ୱୟ ସଂଗଠନର ନରେନ୍ଦ୍ର ଆଚାର୍ଯ୍ୟ, ସତ୍ୟନାରାୟଣ ପଧାନ, ବୃନ୍ଦାବନ ପଧାନ, ପଦ୍ମଲୋଚନ ମିଶ୍ର, ଯାଦବେନ୍ଦ୍ର ନାୟକ, ଆଞ୍ଚଳିକ କୃଷକ ସଂଗଠନ ତରଭାର ନୀଳାଦ୍ରି ମେହେର, ସଞ୍ଜିବ କୁମାର ନାଏକ, ମନୋଜ କୁମାର ମନହିରା ଓ ବିନିକାର ଆଶିଷ କୁମାର ମଲ୍ଲିକ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।



ସତ୍ୟ, ଶାନ୍ତି, ଦୟା, କ୍ଷମା, ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।

- ଶ୍ରୀ ଅଭିରାମ ପରମହଂସ



# କେନ୍ଦ୍ର, ରାଜ୍ୟ ସରକାର ବିରୋଧରେ ଗର୍ଜିଲା କଂଗ୍ରେସ

- ବନ୍ୟା କ୍ଷତିଗ୍ରସ୍ତଙ୍କୁ ପ୍ରତାରଣା ମହଙ୍ଗା ପଡିବ: ନରସିଂହ
- ବିରାଟ ପଟୁଆରରେ ଜିଲାପାଳ ଅଫିସ ଘେରାଉ କଲେ
- ୧ ହଜାର କୋଟିର ସହାୟତା ନଦେଲେ ଦୁର୍ବାର ଆନ୍ଦୋଳନ ଚେତାବନୀ
- ବାସହୀନଙ୍କୁ ଜମି, ଘର ଯୋଗାଅ

**ବଲାଙ୍ଗୀର ଅଫିସ, ୨୨।୧୦**

ବଲାଙ୍ଗୀର ଜିଲାରେ ଅଗଷ୍ଟ ମାସର ପ୍ରଳୟଙ୍କରୀ ବନ୍ୟାକୁ ନେଇ ଜିଲା କଂଗ୍ରେସ ପକ୍ଷରୁ ମଙ୍ଗଳବାର ତୀବ୍ର ପ୍ରତିକ୍ରିୟା ପ୍ରକାଶ କରାଯାଇଛି। ସହସ୍ରାଧିକ ବନ୍ୟା କ୍ଷତିଗ୍ରସ୍ତ ଓ କଂଗ୍ରେସ କର୍ମୀଙ୍କ ଗହଣରେ ଜିଲାପାଳ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏହି ବିକ୍ଷୋଭ ସମାବେଶରେ ବରିଷ୍ଠ କଂଗ୍ରେସ ନେତା ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ଗର୍ଜିଥିଲେ। ସେ କହିଥିଲେ ଯେ, ଗତ ଅଗଷ୍ଟ ମାସରେ ବଲାଙ୍ଗୀର ଜିଲାରେ ଅଭୂତପୂର୍ବ ବନ୍ୟା ହେଲା। ଜିଲାବାସୀଙ୍କ କୋଟି କୋଟି ଟଙ୍କାର ସମ୍ପତ୍ତି, ଘରଦ୍ୱାର, ଚାଷବାଡି ଉଜୁଡି ଗଲା। ବନ୍ଧକଟା, ରାସ୍ତାଘାଟ ଧୋଇ ହୋଇଗଲା। ହଜାର ହଜାର ଏକର ଉର୍ବର ଚାଷ ଜମିରେ ବାଲିଚର ହେଲା। ପ୍ରଳୟଙ୍କରୀ ବନ୍ୟା ପରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମନ୍ତ୍ରୀ, ସଚିବ, ଯନ୍ତ୍ରୀ ପରିଦର୍ଶନରେ ଆସି ବନ୍ୟା କ୍ଷୟକ୍ଷତିକୁ ନେଇ ମାରାଥନ୍ ସମୀକ୍ଷା କଲେ। ସେମାନେ ସମସ୍ତେ ମାନିଲେ ଯେ ବଲାଙ୍ଗୀରର ବନ୍ୟା ଅଭୂତପୂର୍ବ। ସେମାନେ ସ୍ୱୀକାର କଲେ ଯେ, ଜିଲାବାସୀଙ୍କ କ୍ଷୟକ୍ଷତି ମଧ୍ୟ ଅକଳନୀୟ। ସମୀକ୍ଷା ବୈଠକରେ ଜିଲାର ଜନପ୍ରତିନିଧିଙ୍କ ସମ୍ମୁଖରେ ମନ୍ତ୍ରୀ, ସଚିବ, ଯନ୍ତ୍ରୀ ପ୍ରତିଶ୍ରୁତି ଦେଲେ ଯେ ବନ୍ୟା କ୍ଷତିଗ୍ରସ୍ତଙ୍କୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ଉଚିତ୍ ସହାୟତା ମିଳିବ। ଉକ୍ତ ସମୀକ୍ଷା ବୈଠକରେ ଜିଲାର ବନ୍ୟା କ୍ଷତିଗ୍ରସ୍ତଙ୍କୁ ୧ ହଜାର କୋଟି ଟଙ୍କାର ସହାୟତା ଦିଆଯିବ ଓ ବଲାଙ୍ଗୀରବାସୀଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଏବେ ବନ୍ୟାକୁ ଦୁଇ ମାସ ସମୟ ଅତିବାହିତ ହୋଇଗଲାଣି। ୧ ହଜାର କୋଟି ବଦଳରେ ମାତ୍ର ୩୬ କୋଟିର ସହାୟତା ଆସିଛି। ଏଥିରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବନ୍ୟା କ୍ଷତିଗ୍ରସ୍ତଙ୍କ ପ୍ରତି ସମ୍ବେଦନଶୀଳତା କେତେ ଜଣାପଡି ଯାଇଛି। ଯଥାଶୀଘ୍ର ଜିଲାର ବନ୍ୟା କ୍ଷତିଗ୍ରସ୍ତଙ୍କୁ ୧ ହଜାର କୋଟିର ବନ୍ୟା ସହାୟତା ନ ଦେଲେ ଓ ଜିଲାବାସୀଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା ନ କଲେ ପରିଣାମ ଭୟାବହ ହେବ ଓ ଆଗକୁ ଦୁର୍ବାର ଆନ୍ଦୋଳନ କରାଯିବ ବୋଲି କଂଗ୍ରେସର ବିକ୍ଷୋଭ ସମାବେଶରେ ବିଧାୟକ ମିଶ୍ର ଚେତାବନୀ ଦେଇଛନ୍ତି।

ଜିଲା କଂଗ୍ରେସ ଉପସଭାପତି ମନୀଷ ମିଶ୍ରଙ୍କ ଆବାହକତ୍ୱ ତଥା ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରାଙ୍କ ସଭାପତିତ୍ୱରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କଂଗ୍ରେସ ମୁଖପାତ୍ର ସାନନ୍ଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଭାରେ ବିଧାୟକ ମିଶ୍ର ଆହୁରି କହିଥିଲେ ଯେ, ଜିଲାର ଶିକ୍ଷାକ୍ଷେତ୍ର ବିପର୍ଯ୍ୟସ୍ତ ହୋଇପଡିଛି। ଶିକ୍ଷକ, ଅଧ୍ୟାପକଙ୍କ ମରୁଡି ପଡିଛି। ଆଇନ ଶୃଙ୍ଖଳା ପରିସ୍ଥିତି ଘୋର ବିପନ୍ନ ଓ ନାରୀ, ଶିଶୁ ନିର୍ଯ୍ୟାତନା, ଆଦିବାସୀ ଦଳିତଙ୍କ ପ୍ରତି ଅତ୍ୟାଚାର ସୀମା ଅତିକ୍ରମ କରିଛି। ବେଆଇନ ମଦ, ଜୁଆ ଓ ନିଶା କାରବାର ବଢ଼ିଚାଲିଛି। ବେକାରୀ ସମସ୍ୟା ଉତ୍କଟ ଆକାର ଧାରଣ କଲାଣି ବୋଲି କହିଥିଲେ। ସଭାରେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ବଲାଙ୍ଗୀର ଜିଲାର ବନ୍ୟା କ୍ଷତିଗ୍ରସ୍ତଙ୍କୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ପ୍ରତାରଣା କରିଛନ୍ତି ବୋଲି ଅଭିଯୋଗ କରି ତୁରନ୍ତ ୧ ହଜାର କୋଟିର ସ୍ୱତନ୍ତ୍ର ପ୍ୟାକେଜ ଦିଆ ନଗଲେ ଆଗାମୀ ବିଧାନସଭା ଅଧିବେଶନର ପ୍ରଥମ ଦିବସରୁ ହିଁ କଂଗ୍ରେସ ବିଧାୟକମାନେ ବିଧାନସଭାକୁ ଚଳେଇ ଦେବେ ନାହିଁ ବୋଲି କହିଥିଲେ। ଏଆଇସିସି ସଦସ୍ୟ ତଥା ପିସିସି ବରିଷ୍ଠ ମୁଖପାତ୍ର ସମରେନ୍ଦ୍ର ମିଶ୍ର ତାଙ୍କ ବକ୍ତବ୍ୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମନ୍ତ୍ରୀ ଓ ନେତା କେବଳ ନାଁକୁ ମାତ୍ର ବଲାଙ୍ଗୀରର ବନ୍ୟା ପରିଦର୍ଶନରେ ଆସିଥିଲେ ବୋଲି ଆକ୍ଷେପ କରିଥିଲେ। ବିକ୍ଷୋଭ ସମାବେଶରେ ପ୍ରଧାନମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ୨୧ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ରରେ ବନ୍ୟା କ୍ଷତିଗ୍ରସ୍ତଙ୍କୁ ୧୦୦୦ କୋଟି ଟଙ୍କାର ସହାୟତା, ଜିଲାର ସମସ୍ତ କଲେଜ, ସ୍କୁଲରେ ଶିକ୍ଷକ ଅବସ୍ଥାପିତ କରିବା, ଜିଲାର ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ତଥା ଆଇନ ଭଙ୍ଗକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ, ବେଆଇନ ମଦ ଏବଂ ନିଶାଦ୍ରବ୍ୟ କାରବାର ବନ୍ଦ କରିବା, ବିଜୟାନନ୍ଦ ଚିନି କଳ ପୁନଃ କାର୍ଯ୍ୟକ୍ଷମ କରିବା, ଜମିହୀନଙ୍କୁ ଜମି ଓ ବାସହୀନଙ୍କୁ ମାଗଣାରେ ବାସଗୃହ ପ୍ରଦାନ କରିବା ସହ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଦାବି ଉପସ୍ଥାପନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଚାଷୀନେତା ଡା. ସୁଧୀର କୁମାର ପରିଚ୍ଛା, ଅନୀଲ ମେହେର, କାର୍ଯ୍ୟକାରୀ ସଭାନେତ୍ରୀ ମିଲନି ସାହୁ, ପ୍ରେମ ପ୍ରକାଶ ମିଶ୍ର, ନିରୁପମା ଶତପଥୀ, ସତ୍ୟାନନ୍ଦ ସୁନା, ଶ୍ରୀଧର ବାରିକ, ସୁଧା ଦାଶ, ଜିଲା ଛାତ୍ର ସଭାପତି ଅଙ୍କିତ ସାହୁ, ଅଜୟ ବାଲି, ବେଲାରସେନ ବେହେରା, ମହିଳା ସଭାନେତ୍ରୀ ରେଣୁକାତ୍ର, ରାମଜୀ ଚୌଧୁରୀ, କାନ୍ତି ପ୍ରଧାନ, ଉପେନ୍ଦ୍ର ମେହେର, ଘାସିରାମ ବେହେରା ଉଭୟ ସରକାରକୁ ସମାଲୋଚନା କରିଥିଲେ।



ବନ୍ୟା ସହାୟତା ଦାବିରେ କଂଗ୍ରେସ ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ଘେରାଉ ଓ ବିକ୍ଷୋଭ ସମାବେଶ।

## ସଂକ୍ଷେପରେ

### ଲୋଇସିଂହାରେ ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟଙ୍କ କୋର୍ଟ ସ୍ଥାପିତ

**ଲୋଇସିଂହା, ୨୨।୧୦(ଡି.ଏନ.ଏ):** ଲୋଇସିଂହାରେ ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟଙ୍କ କୋର୍ଟ ସ୍ଥାପିତ ହୋଇଛି। ଲୋଇସିଂହା ତହସିଲଦାରଙ୍କୁ ଏହି କ୍ଷମତା ପ୍ରଦାନ କରାଯାଇଛି। ସ୍ଥାନୀୟ ଓକିଲ ସଂଘ ସୂଚନା କ୍ରମେ, ବଲାଙ୍ଗୀର ଜିଲାପାଳ ଚିଠିସଂଖ୍ୟା ୨୭୯୯ (୧୮।୧୦।୧୯)ରେ ଭାରତୀୟ କାର୍ଯ୍ୟବିଧି ଆଇନ ଧାରା ୟୁ/ଏସ ୧୦୭, ୧୦୯ ଏବଂ ୧୪୪ ଇତ୍ୟାଦି ସଂକ୍ରାନ୍ତୀୟ ମକଦ୍ଦମା ଓ ଧାରା ୧୩ (୩) ଜନ୍ମ ଓ ମୃତ୍ୟୁ ପ୍ରମାଣ ପତ୍ର ପଞ୍ଜୀକରଣ ସକାଶେ ଜନ୍ମ ଓ ମୃତ୍ୟୁ ଆଇନ ୧୯୬୯ର ବିଚାର ପାଇଁ ଲୋଇସିଂହା ତହସିଲଦାରଙ୍କୁ ନିର୍ଦ୍ଦେଶ କରିଛନ୍ତି।

### ଅଙ୍ଗନୱାଡ଼ି କେନ୍ଦ୍ରରେ ଶିଶୁ ପାଉ ନାହାନ୍ତି ରନ୍ଧାଖାଦ୍ୟ

**ଗୁଡଭେଲା, ୨୨।୧୦(ଡି.ଏନ.ଏ.):** ଗୁଡଭେଲା ବ୍ଲକ ଦେଓଲଗୁଡି ପଞ୍ଚାୟତ ଅଧୀନ କୁଟେନପାଲି ଗ୍ରାମର ୧୪ ଜଣ ଶିଶୁ ପ୍ରାୟ ଏକ ବର୍ଷ ହେଲା ଅଙ୍ଗନୱାଡି କେନ୍ଦ୍ରରୁ ରନ୍ଧାଖାଦ୍ୟ ପାଉ ନାହାନ୍ତି। ଏ ନେଇ ଗୁଡଭେଲା ସମନ୍ୱିତ ଶିଶୁ ବିକାଶ ଅଧିକାରୀ ସୌଦାମିନୀ ପ୍ରଧାନଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି। ଏହାର ଏକ ନକଲ ରାଜ୍ୟ ଶିଶୁ ଓ ମହିଳା ଶିଶୁ ବିକାଶ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ସେମାନେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ, କୁଟେନପାଲି ଓ ମୁଣ୍ଡାପଲା ଗ୍ରାମକୁ ନେଇ ମୁଣ୍ଡାପଲାରେ ଏକ ଅଙ୍ଗନୱାଡି କେନ୍ଦ୍ର ରହିଛି। ଏହି କେନ୍ଦ୍ରରେ ଥିବା ଶିଶୁଙ୍କୁ ରନ୍ଧାଖାଦ୍ୟ ମଧ ଦେଉ ନାହାନ୍ତି। ଏ ନେଇ ବାରମ୍ବାର ଅଭିଯୋଗ କଲେ ମଧ କିଛି ସୁଫଳ ମିଳୁ ନାହିଁ। ଶିଶୁମାନଙ୍କ ପାଇଁ ଥିବା ଯୋଜନା ନାମରେ ହରିଲୁଟ୍ ଚାଲିଥିବା ଗାଁର ମୀନଚନ ରଣା, କବିତା ସୁନା, ସୁମତି ରଣା, ବରୁଣ ସୁନା, ଗଙ୍ଗା ଭୋଇ, କିଶୋର ରଣା, ପୂର୍ଣ୍ଣଚନ୍ଦ୍ର ଭୋଇ ପ୍ରମୁଖ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ମୋ ବିରୋଧରେ ଏକ ମିଥ୍ୟା ଅଭିଯୋଗ କରାଯାଉଛି ବୋଲି କହିଛନ୍ତି ପାଚିକା ପୂର୍ଣ୍ଣବାସୀ ଭୋଇ। ଏନେଇ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ପ୍ରଧାନଙ୍କୁ ପଚାରିବାରୁ କହିଛନ୍ତି ଯେ, ଅଭିଯୋଗ ପାଇ ମୁଁ ଗାଁକୁ ଯାଇ ବୈଠକ କରିଥିଲି। ଗ୍ରାମବାସୀ ପାଚିକାଙ୍କୁ କାର୍ଯ୍ୟରେ ନିୟୋଜିତ କଲେ ଆମେ ଶିଶୁଙ୍କୁ କେନ୍ଦ୍ରକୁ ଛାଡିବୁ ନାହିଁ ବୋଲି ଜିଦ୍ ଧରିବାରୁ ଏପରି ସମସ୍ୟା ଦେଖାଦେଇଛି ବୋଲି କହିଛନ୍ତି। ଏଥିପ୍ରତି ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

### କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ: ୧୫ ସ୍କୁଲରୁ ଶହେ ଛାତ୍ରୀଛାତ୍ର ଅଂଶ ଗ୍ରହଣ କଲେ

**ଲୋଇସିଂହା, ୨୨।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଭାଲିଆମୁଣ୍ଡା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କ୍ଲଷ୍ଟର ଅଧୀନ ୧୫ଟି ବିଦ୍ୟାଳୟର ଶହେ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରି କୁଇଜ, ଚିତ୍ରାଙ୍କନ, ସୃଜନାତ୍ମକ ଲିଖନ, ବକ୍ତୃତା, ସଙ୍ଗୀତ, ପ୍ରବନ୍ଧ ଲିଖନ, ଶ୍ରୁତଲିଖନ ପ୍ରଭୃତି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଉଦ୍ୟାପନୀ ତଥା ପୁରସ୍କାର ବିତରଣ ଉତ୍ସବରେ ସ୍ଥାନୀୟ ପ୍ରଧାନ ଶିକ୍ଷକ ଅଚ୍ୟୁତାନନ୍ଦ ଭୋଇ ଅଧକ୍ଷତା କରିଥିଲେ। ଏଥିରେ ଏବିଇଓ ବ୍ୟାସଦେବ ରାୟ ମୁଖ୍ୟ ଅତିଥି, ଯୋଗୀସର୍ଡ ହାଇସ୍କୁଲ ପ୍ରଧାନ ଶିକ୍ଷକ ମୁଖ୍ୟବକ୍ତା, କେଉଁଟପାଲି ସ୍କୁଲ ପ୍ରଧାନ ଶିକ୍ଷକ ବ୍ରଜମୋହନ ପଧାନ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିଗଣ ଛାତ୍ରୀଛାତ୍ରଙ୍କୁ ବିଭିନ ଉପଦେଶ ଦେବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ଶିକ୍ଷକ ଦୁର୍ଗାଚରଣ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସହକାରୀ ଶିକ୍ଷକ ରାଜେଶ ସାହୁଙ୍କ ସମେତ ୧୨ ଜଣ ଗାଇଡ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସ୍ଥାନୀୟ ଏସଏମସି କମିଟି ଓ ଗ୍ରାମବାସୀ ସହଯୋଗ କରିଥିଲେ। ସେହିପରି ଆଗଲପୁର ବ୍ଲକ ନଅଗାଁ(କ) ପ୍ରାଥମିକବିଦ୍ୟାଳୟଠାରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଆରସିସି କ୍ଷୀରେଶ୍ୱରଦୀପ ଅଧକ୍ଷତା କରିଥିଲେ। ଏଥିରେ ସ୍ଥାନୀୟ ସରପଞ୍ଚ ଆନନ୍ଦ କୁମାର ବିଶି ମୁଖ୍ୟ ଅତିଥି, ଶିକ୍ଷକ ଜୟଦେବ ମହାକୁର ମୁଖ୍ୟ ବକ୍ତା ଯୋଗ ଦେଇ କତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

ଆଜି କ'ଣ କେଉଁଠି ସ୍ଥାନରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଅବ୍ୟବସ୍ଥାରେ ଚାଲିଛି ଅଙ୍ଗନୱାଡି କେନ୍ଦ୍ର

### ଟଙ୍କା ଥାଇ ନିର୍ମାଣ ହୋଇପାରୁନି ଗୃହ

**ଦେଓଗାଁ, ୨୨।୧୦ (ଡି.ଏନ.ଏ.)**

ନିଜସ୍ୱ ଗୃହ ନ ଥିବାରୁ ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗୌରଗୋଠ କ ଓ ଖ ଅଙ୍ଗନୱାଡିକେନ୍ଦ୍ର ନାନା ଅବ୍ୟବସ୍ଥା ମଧ୍ୟରେ ଚାଲିଛି। ଗାଁର ଜନସଂଖ୍ୟାକୁ ଦୃଷ୍ଟିରେ ରଖି ୪ଟି କେନ୍ଦ୍ର ଖୋଲାଯାଇଛି। ହେଲେ ପୂର୍ବରୁ ଥିବା କ ଓ ଖ କେନ୍ଦ୍ରର କୋଠା ଶୋଚନୀୟ ହୋଇ ବିପଦପୂର୍ଣ୍ଣ ପାଲଟିବାରୁ ଲୋକଙ୍କ ଦାବି ଅନୁସାରେ ପୁରୁଣାକୋଠାକୁ ଭାଙ୍ଗି ନୂତନ କୋଠା ନିର୍ମାଣ କରିବାପାଇଁ ଅର୍ଥ ମଞ୍ଜୁର ହୋଇଥିଲା। ହେଲେ ଅଦ୍ୟବଧି କୋଠା ନିର୍ମାଣ ହୋଇପାରୁ ନ ଥିବାରୁ କୋମଳମତୀ ଶିଶୁମାନେ ଅସୁବିଧା ଭିତରେ ପଢୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗାଁ ଲୋକଙ୍କ ଅଭିଯୋଗ ଅନୁସାରେ କ ଓ ଖ କେନ୍ଦ୍ରର ପୁରୁଣାକୋଠାକୁ ଭାଙ୍ଗି ନୂତନକୋଠା ନିର୍ମାଣ କରିବା ପାଇଁ ସଫାସୁତୁରା କରାଯାଇଥିଲା। ହେଲେ ଏହାକୁ କେତେକ ବ୍ୟକ୍ତି ଜବରଦଖଲ କରିଛନ୍ତି। ଏ ନେଇ ଅଙ୍ଗନୱାଡି କର୍ମୀ ଉଚ୍ଚଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ଏ ଦିଗରେ କର୍ଣ୍ଣପାତ କରୁ ନଥିବାରୁ କୋଠା ନିର୍ମାଣ ଅଟକି ରହିଛି। ଫଳରେ ଶିଶୁମାନେ ଅବ୍ୟବସ୍ଥାରେ ପରପିଣ୍ଡା ଓ କର୍ମୀଙ୍କ ଘରେ ପ୍ରିସ୍କୁଲ କରୁଛନ୍ତି। ଏ ନେଇ ଗାଁରେ ତୀବ୍ର ଅସନ୍ତୋଷ ଦେଖାଦେବା ସହ ଆଗକୁ ପ୍ରଶାସନ ସମାଧାନ ଦିଗରେ ପଦକ୍ଷେପ ନ ନେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏ ଦିଗରେ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଗୁଣାତ୍ମକ ବିଜ୍ଞାନ ପ୍ରକଳ୍ପ ସ୍ଥାନିତ ଉପରେ ଗୁରୁତ୍ୱ

**ଦେଓଗାଁ, ୨୨।୧୦ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକସ୍ତରୀୟ ବିଜ୍ଞାନମେଳା ପାଇଁ କୁତୁର୍ଲା ସୁରଧନୁ ହାଇସ୍କୁଲଠାରେ ମଙ୍ଗଳବାର ଏକ ପ୍ରସ୍ତୁତି ଅନୁଷ୍ଠିତ ହୋଇଯାଇଛି। ଆବାହକ କୁମାର ଷାଣ୍ଢଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ବ୍ଲକ ଶିକ୍ଷା ଅଧିକାରୀ ଭାଗ୍ୟବତୀ ଦାଶ ସଭାପତିତ୍ୱ କରିଥିଲେ। ବ୍ଲକ ବିଜ୍ଞାନ ସଂଯୋଜକ ବିଭୂତି ଭୂଷଣ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଚଳିତ ବର୍ଷ କୁତୁର୍ଲା ସୁରଧନୁ ହାଇସ୍କୁଲରେ ହେବାକୁ ଥିବା ବ୍ଲକସ୍ତରୀୟ ବିଜ୍ଞାନ ମେଳା ପରିଚାଳନା ପାଇଁ ଆଲୋଚନା କରାଯାଇଥିଲା। ଏହି ଅବସରରେ ବିଭିନ୍ନ କମିଟି ଗଠନ କରାଯିବା ସହ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଚଳିତ ବର୍ଷ କେମିତି ବହୁସଂଖ୍ୟାରେ ଗୁଣାତ୍ମକ ବିଜ୍ଞାନ ପ୍ରକଳ୍ପ ସ୍ଥାନପାଇପାରିବ ସେ ଦିଗରେ ଉପସ୍ଥିତ ବିଜ୍ଞାନ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ଧ୍ୟାନ ଦେବାପାଇଁ କୁହାଯାଇଥିଲା। ଶିକ୍ଷକ ଗିରୀଶ ଚନ୍ଦ୍ର ପଣ୍ଡା, କୈଳାସ କର୍ଡ଼ି, ସୁଶାନ୍ତ କୁମାର ଷଡଙ୍ଗୀ ପ୍ରମୁଖ ମଞ୍ଚାସୀନ ଥିଲେ। ସ୍ଥାନୀୟ ହାଇସ୍କୁଲର ପ୍ରଧାନଶିକ୍ଷକ ତଥା ପରିଚାଳନା ସମ୍ପାଦକ ରତନ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ବ୍ଲକର ୨୫ଟି ହାଇସ୍କୁଲରୁ ବିଜ୍ଞାନ ଶିକ୍ଷକ, ସିଆରସିସି ତଥା କୁତୁର୍ଲା କ୍ଲଷ୍ଟରର ସମସ୍ତ ପ୍ରଧାନଶିକ୍ଷକ ଉପସ୍ଥିତ ଥିଲେ।




ବ୍ଲକସ୍ତରୀୟ ବିଜ୍ଞାନ ମେଳାପାଇଁ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଶିକ୍ଷକ ଓ ଶିକ୍ଷା ବିଭାଗ କର୍ମକର୍ତ୍ତା।



ଗିରଫ ଦୁଇ ମଦ ବ୍ୟବସାୟୀ।

### ମଦ ଜବତ, ଦୁଇ ଗିରଫ

**ଗୁଡଭେଲା, ୨୨।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁଷୁରା ଅବକାରୀ ବିଭାଗ ମଙ୍ଗଳବାର ତୁଷୁରା ଏନଏସି ଅଧୀନ କପସିଲା ଗ୍ରାମରେ ଚଢାଉ କରିଥିଲା। ନେପାଳ ବାଗଙ୍କଠାରୁ ୯ ଲିଟର ଓ ଦେଓଗାଁ ବ୍ଲକ ଜରାସିଂହା ଗ୍ରାମର ସୁଧିର ପଥରୀମାଳିଙ୍କଠାରୁ ୯ ଲିଟର ଦେଶୀ ମଦ ଜବତ ହୋଇଛି। ଏ ନେଇ ଦୁଇଟି ପୃଥକ ମାମଲା ରୁଜୁ କରାଯାଇ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସ୍ଥାନୀୟ ଅବକାରୀ ଅଧିକାରୀ ଅରୁଣ କୁମାର ଯୋଷୀ ପ୍ରକାଶ କରିଛନ୍ତି। ଏହି ଚଢାଉ ବେଳେ ଏଏସଆଇ ଜୟନାରାୟଣ ଯୋଷୀ, ଦେବାଚନ ଭୋଇ, ସୁରେଶ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ଜନ ଶୁଣାଣି ବନ୍ଦ କରିଦେଲେ ଜନ ପ୍ରତିନିଧି

**ସଇଁତଲା, ୨୨।୧୦ (ଡି.ଏନ.ଏ.)**

ସଇଁତଲା ବ୍ଲକ ପରିସରରେ ମଙ୍ଗଳବାର ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଜନ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ହୋଇ ଯାଇଛି। କାର୍ଯ୍ୟକ୍ରମ ଆରମ୍ଭ ହେବାବେଳେ ସମିତି ସଭ୍ୟମାନେ ସଭାରେ ପଶି ବିରୋଧ କରିଥିଲେ। ଫଳରେ ଜନଶୁଣାଣି କାର୍ଯ୍ୟକ୍ରମ ବନ୍ଦ ହୋଇ ଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ଟିଟିଲାଗଡ଼ ଉପଜିଲାପାଳ ସୁଧାକର ନାଏକ ପହଞ୍ଚି ଥିଲେ। ହେଲେ କାର୍ଯ୍ୟକ୍ରମ ଆରମ୍ଭ ହେବା ସମୟରେ ସଇଁତଲା ବ୍ଲକର ସମିତିସଭ୍ୟମାନେ ସଭାରେ ପହଞ୍ଚି ସେମାନଙ୍କୁ କାହିଁକି ଏ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆ ଗଲା ନାହିଁ ବୋଲି ଅଭିଯୋଗ କରି ବିରୋଧ ପ୍ରଦର୍ଶନ କରିଥିଲେ। ଫଳରେ କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ବନ୍ଦ ହୋଇଯାଇଥିଲା। ଜିଲା ପରିଷଦ ଉପାଧ୍ୟକ୍ଷ ପାଣ୍ଡବ ସାହୁ, ବ୍ଲକ ଉପାଧ୍ୟକ୍ଷ ପ୍ରମୋଦ ଭୋଇ, ଅକ୍ଷୟ ରଣାଙ୍କ ସମେତ ସମସ୍ତ ସମିତି ସଭ୍ୟ ଓ ସରପଞ୍ଚ କୌଣସି ସରକାରୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିବାକୁ ବିଡ଼ିଓଙ୍କଠାରେ ଦାବି କରିଥିଲେ। ତେବେ ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଆସିଥିବା ଶ୍ରମିକ ଓ ଗାଁ ସାଥିମାନେ ସଭା ବାତିଲ ହୋଇଯିବା ଯୋଗୁ ନିରାଶ ହୋଇ ଫେରିଯିବା ଦେଖିବାକୁ ମିଳିଥିଲା। ଏ ବିଷୟରେ ସମିତି ସଭ୍ୟ ଦୀପକ ଅଗ୍ରୱାଲଙ୍କୁ ପଚାରିବାରୁ ବ୍ଲକ କାର୍ଯ୍ୟାଳୟ ପରିସରରେ ହେଉଥିବା କାର୍ଯ୍ୟକ୍ରମ ଗୁଡ଼ିକରେ ସମିତି ସଭ୍ୟମାନଙ୍କୁ ଡକାଯାଉ ନାହିଁ କିମ୍ବା ଆଜିର ଏହି ଜନଶୁଣାଣି କାର୍ଯ୍ୟକ୍ରମ ବିଷୟରେ ମଧ୍ୟ କୌଣସି ଖବର ଦିଆଯାଇ ନ ଥିଲା। ଫଳରେ ସେମାନେ କାର୍ଯ୍ୟକ୍ରମକୁ ବିରୋଧ କରିଥିଲେ ବୋଲି କହିଥିଲେ। ଅନ୍ୟପକ୍ଷେ ଉପ ଜିଲାପାଳ ନାଏକଙ୍କୁ ଏ ବିଷୟରେ ପଚାରିବାରୁ ଜନଶୁଣାଣି କାର୍ଯ୍ୟକ୍ରମରେ ସମସ୍ତଙ୍କୁ ଖବର ଦିଆଯାଇଥାଏ। ବିଡିଓ ପ୍ରଦୀପ ପଟ୍ଟନାୟକ ସମିତି ସଭ୍ୟମାନଙ୍କ ସହ ଚର୍ଚ୍ଚା କରି ସମସ୍ୟାର ସମାଧାନ କରିବେ ବୋଲି କହିଥିଲେ। ତେବେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର ତଥା ଗ୍ରାମସଭାରେ ମଙ୍ଗଳବାର ହେବାକୁ ଥିବା ବ୍ଲକସ୍ତରୀୟ ଜନଶୁଣାଣି ଶିବିରରେ ଯୋଗଦେବାକୁ ଉପସ୍ଥିତ ଜନପ୍ରତିନିଧିଙ୍କୁ ଜଣାଇ ଦିଆଯାଇଥିଲା ବୋଲି ଏପିଓ ସୁବାସ ବେହେରା କହିଛନ୍ତି।

# ୩ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ

**ଲାଠୋର, ୨୨।୧୦ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକରେ ଥିବା ୩ଟି ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଘର ନ ଥିବାରୁ ଅବ୍ୟବସ୍ଥା ମଧ୍ୟରେ ଚାଲିଛି। ଟଙ୍କପାଣି ପଞ୍ଚାୟତ ଅନ୍ତର୍ଗତ ସରେଇବାହାଲ ଅଙ୍ଗନୱାଡି କେନ୍ଦ୍ର ଗୃହ ନିର୍ମାଣ ଅଧାପନ୍ତରିଆ ହୋଇ ପଡିରହିଛି। ଛାତ ପର୍ଯ୍ୟନ୍ତ କାମ କଲା ପରେ ବନ୍ଦ ହୋଇପଡିଛି। ଫଳରେ ଏଠାରେ ଥିବା ୩୦ ପ୍ରିସ୍କୁଲ ଶିଶୁ, ୨୫ ଜଣ ୬ ମାସରୁ ୩ ବର୍ଷର ଶିଶୁ ଏବଂ ୪ ଜଣ ଗର୍ଭବତୀ ଓ ପ୍ରସୂତି ମହିଳା ଆବଶ୍ୟକ ସୁବିଧା ପାଇବାରୁ ବଞ୍ଚିତ ରହିଛନ୍ତି। ସେହିପରି ବୁଢ଼ାଛାପର ଅଙ୍ଗନୱାଡି କେନ୍ଦ୍ର ୨ରେ ୨୬ ଜଣ ପ୍ରିସ୍କୁଲ ଶିଶୁ, ୨୧ ଜଣ ୬ ମାସରୁ ୩ ବର୍ଷର ଶିଶୁ ଏବଂ ୧୦ ଜଣ ଗର୍ଭବତୀ ପ୍ରସୂତି ମହିଳା ରହିଛନ୍ତି। ହେଲେ ଏହି କେନ୍ଦ୍ରର ନିଜସ୍ୱ ଗୃହନାହିଁ। ସେହିପରି ଧରନିମାଲ ଅଙ୍ଗନୱାଡି କେନ୍ଦ୍ରରେ ୧୪ ଜଣ ପ୍ରିସ୍କୁଲ ଶିଶୁ, ୧୪ ଜଣ ୬ ମାସରୁ ୩ ବର୍ଷର ଶିଶୁ ଏବଂ ୨ ଜଣ ଗର୍ଭବତୀ ପ୍ରସୂତୀ ମହିଳାଙ୍କୁ ସେବା ଯୋଗାଇବା ବ୍ୟବସ୍ଥା କରାଯାଇଥିବା ବେଳେ ଏହି କେନ୍ଦ୍ରର ମଧ ନିଜସ୍ୱ ଗୃହ ନାହିଁ। ଅଙ୍ଗନୱାଡି କର୍ମୀମାନେ କେନ୍ଦ୍ର ଗୃହର ଅଭାବ ହେତୁ ନିଜ ନିଜ ଘରେ ପ୍ରିସ୍କୁଲଠାରୁ ଆରମ୍ଭ କରି ଅନ୍ୟାନ୍ୟ ସରକାରୀ କାର୍ଯ୍ୟକ୍ରମ ତୁଲାଉଛନ୍ତି। ପ୍ରତି ମାସିକ ରିପୋର୍ଟରେ କେନ୍ଦ୍ର ଗୃହମାନଙ୍କର ସ୍ଥିତି କଣ ଅଛି ତାହା ଅଙ୍ଗନୱାଡି କର୍ମୀମାନେ ଦର୍ଶାଉଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ଯଥାଶୀଘ୍ର ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଅଧାପନ୍ତରିଆ ହୋଇ ପଡିଥିବା କେନ୍ଦ୍ର ଗୃହକୁ ସମ୍ପୂର୍ଣ୍ଣ କରିବାକୁ ସାଧାରଣରେ ଦାବି ହେଉଛି।



ଅଧାପନ୍ତରିଆ ହୋଇ ପଡି ରହିଥିବା ସରେଇବାହାଲ ଅଙ୍ଗନୱାଡି କେନ୍ଦ୍ର।

### ଗ୍ରାମ ପଞ୍ଚାୟତ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ ବୈଠକ

# ଚାକିରୀ ସ୍ଥାୟୀକରଣ, ନିୟମିତ ଦରମା ଦେବାକୁ ଦାବି

**ମୁରିବାହାଲ, ୨୨।୧୦ (ଡି.ଏନ.ଏ.)**

ମୁରିବାହାଲ ବ୍ଲକ ମାଳିଶିରା ପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର ପଞ୍ଚାୟତମାନଙ୍କରେ କାର୍ଯ୍ୟରତ ପିଅନ, ରାତ୍ର ଜଗୁଆଳି ଓ ଝାଡୁଦାରମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଘ ଅସ୍ଥାୟୀ ସଭାପତି ବିଭୀଷଣ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଦୀର୍ଘବର୍ଷ ଧରି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ କମ୍ ପାରିଶ୍ରମିକରେ କାମ କରୁଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀମାନେ ସୁଚାରୁ ରୂପେ ନିଜ ଦାୟିତ୍ୱ ତୁଲାଇ ଆସୁଛନ୍ତି। ତେବେ ରାଜ୍ୟ ସରକାରଙ୍କ ଉଦାସୀନତା ଓ ଟାଳଟୁଳତା ନୀତି ଯୋଗୁଁ ଏହି କର୍ମଚାରୀମାନଙ୍କ ପ୍ରତି ସର୍ବନିମ୍ନ ମଜୁରି ମଧ ଧାର୍ଯ୍ୟ ହୋଇପାରୁନାହିଁ। ଏହି କର୍ମଚାରୀମାନେ ଦୀର୍ଘ ୩୦-୪୦ ବର୍ଷ ଧରି ଦିନ ରାତି ମାତ୍ରାଧିକ ସମୟ ପର୍ଯ୍ୟନ୍ତ ଖଟୁଥିଲେ ମଧ ସରକାର ଗ୍ରାମ ପଞ୍ଚାୟତ ଆଇନ ଆଳ ଦେଖାଇ ଠକି ଚାଲୁଛନ୍ତି। ଏଣୁ ନିୟମିତ ଦରମା ସାଙ୍ଗକୁ ଚାକିରୀ ସ୍ଥାୟୀ ପରିସରଭୁକ୍ତ କରିବା, ସମାନ କାମକୁ ସମାନ ଦରମା ଦେବାକୁ ଦାବି କରାଯାଇଛି। ସରକାର ଯଦି ଏହି ଦାବିକୁ ଯଥାଶୀଘ୍ର ଗ୍ରହଣ ନ କରନ୍ତି ତାହେଲେ ଆଗାମୀ ଦିନରେ ରାଜ୍ୟର ସମସ୍ତ ୬୭୯୮ ଗ୍ରାମ ପଞ୍ଚାୟତରେ କାର୍ଯ୍ୟରତ ୪ର୍ଥ ଶ୍ରେଣୀ କର୍ମଚାରୀ ଆନ୍ଦୋଳନକୁ ଓହ୍ଲାଇବା ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏଥିରେ ଟିଟିଲାଗଡ଼ ସଂଘ ସଭାପତି ଧରଣୀଧର ବିଶି, ଦେଓଗାଁ ସଭାପତି ବଳଦେବ ଚନ୍ଦନ, ମୁରିବାହାଲ ବ୍ଲକ ସଂଘ ସଭାପତି ଲୋଚନ ମାଝୀ, ସମ୍ପାଦକ ସୁରେଶ ପୋଢ, ଉପସଭାପତି ହେମନ୍ତ ନାଗ, କୋଷାଧକ୍ଷ ସତ୍ୟାନନ୍ଦ ବାଗ, ପୃଥୀରାଜ ବାଗ, ଧରଣୀଧର ତାଣ୍ଡି, ବନମାଳୀ ମହାକୁର, ଶୁକନାଥ ବାଗ, ବନମାଳୀ ବେହେରା, ସତ୍ୟନାରାୟଣ ପସାୟତ, ଅଗସ୍ତି ବାଗ ପ୍ରମୁଖଙ୍କ ସହ ଜିଲାର ସମସ୍ତ ୪ର୍ଥ ଶ୍ରେଣୀ କର୍ମଚାରୀ ଯୋଗ ଦେଇଥିଲେ।




ମାଳିଶିରା ପଞ୍ଚାୟତ କାର୍ଯ୍ୟାଳୟରେ ଏକତ୍ରିତ ଚତୁର୍ଥ ଶ୍ରେଣୀ କର୍ମଚାରୀ।



ସଫଳତା ହିଁ ଅନେକ ବିରାଟ ପ୍ରମାଦକୁ ଘୋଡ଼ାଇ ପକାଏ।
- ଜର୍ଜ ବର୍ଣ୍ଣାଡ ଶ'



## ସଂକ୍ଷେପରେ



### ରାସ୍ତାକଡ଼ରେ ଦୀପର ପସରା

ଭବାନୀପାଟଣା,୨୨।୧୦(ଡି.ଏନ.ଏ.) ଆଗକୁ ଦୀପାବଳୀ ପର୍ବ । ଏଥିପାଇଁ କଳାହାଣ୍ଡି ଜିଲା ଭବାନୀପାଟଣା ଅଞ୍ଚଳରେ ମାଟି ସାମଗ୍ରୀର ପସରା ରାସ୍ତା କଡରେ ଦେଖିବାକୁ ମିଳିଛି। ଆଉ କିଛି ଦିନ ପରେ ଅଞ୍ଚଳବାସୀ ଦିପାବଳୀ ପର୍ବ ପାଳିବେ । ବିଶେଷ କରି ହିନ୍ଦୁ ଧର୍ମର ପ୍ରତ୍ୟେକ ପର୍ବ ଅପେକ୍ଷା ଦୀପାବଳୀ ପର୍ବରେ ଅଧିକ ମାଟି ସାମଗ୍ରୀ ଦରକାର ପଡିଥାଏ। ଏହି ପର୍ବକୁ ନେଇ କୁମ୍ଭାରମାନେ ମଧ ଦୁଇ ପଇସା ଲାଭ ପାଇଥାନ୍ତି। ଭବାନୀପାଟଣା ବ୍ଲକ ଓଡିଆପେଣ୍ଠ ପଞ୍ଚାୟତର କୁମ୍ଭାର ଗୁଡା ଓ ନୂଆଗାଁର କୁମ୍ଭାର ପରିବାର ଏବେଠାରୁ ସପରିବାର ମାଟି ସାମଗ୍ରୀ ନିର୍ମାଣ କରିବାରେ ଲାଗି ପଡିଛନ୍ତି। ଏହି ଦିନରେ ଯାହା ରୋଜଗାର ହୁଏ ସେଥିରେ ବର୍ଷତମାମ ଦୁଃଖକଷ୍ଟ ପରିବାର ନେଇ ପରିବାର ଚଳିଯାଆନ୍ତି। ଶନିବାର ସାପ୍ତାହିକ ହାଟ ଥିବାରୁ କୁମ୍ଭାର ପରିବାରମାନେ ବିକ୍ରି ଉଦ୍ଦେଶ୍ୟରେ ରାସ୍ତା କଡରେ ମାଟି ସାମଗ୍ରୀର ପସରା ମେଲି ବସିଥିବା ବେଳେ ଲୋକଙ୍କ ବେଶ ଭିଡ ପରିଲକ୍ଷିତ ହୋଇଛି। ଭଳିକି ଭଳି ଦୀପ, ଝୁଲା ସରା, କଳସ ହାଣ୍ଡି, ନିଆଁ ସରା ଭଳି ଅନେକ ଜିନିଷ କିଣିବାରେ ଲୋକେ ବ୍ୟସ୍ତ ଥିବା ଦେଖିବାକୁ ମିଳିଛି।

### ରକ୍ତଦାନ ଶିବିର

ଭବାନୀପାଟଣା,୨୨।୧୦(ଡି.ଏନ.ଏ.) କଳାହାଣ୍ଡି ଜିଲା ନର୍ଲା ଜବାହାର ନବୋଦୟ ବିଦ୍ୟାଳୟ ଆଲୁମିନି ଆସୋସିଏଶନ୍ ପକ୍ଷରୁ ପୁରାତନ ଛାତ୍ର ସଂଘ ସ୍ଥାନୀୟ ମହାବୀର ସାଂସ୍କୃତିକ ଅନୁଷ୍ଠାନ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଡା. ପ୍ରୀୟଙ୍କା ଅନିତ୍ ସିନ୍ଧେ ଚକ୍ଷୁ ବିଶେଷଜ୍ଞ ଜିଲା ମୁଖ୍ୟ ଚିକିତ୍ସାଳୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡା. ରାଧାକାନ୍ତ ଗନ୍ତାୟତ ବ୍ଲଡ ବ୍ୟାଙ୍କ ଅଫିସର, ରାଜ୍ୟସ୍ତରୀୟ ପୁରସ୍କାରପ୍ରାପ୍ତ ରକ୍ତଦାତା ଆଲୋକ ସାହୁ, ସାବିତ୍ରୀ ମହାରଣା ଯୋଗଦେଇଥିଲେ। ଜବାହାର ନବୋଦୟ ବିଦ୍ୟାଳୟ ପୁରାତନ ଛାତ୍ର ସଙ୍ଗଠନ ସଭାପତି ଡାକ୍ତର କେଦାନାଥ ଖମାରୀଙ୍କ ପରିଚାଳନାରେ ଉପସଭାପତି ଅନନ୍ତ ନାରାୟଣ ମହାପାତ୍ର ଓ ସହକାରୀ ସଚିବ ତିରୁପତୀ କୁଅଁର, ଶିବରଞ୍ଜନ ସତ୍‌ପଥୀ, ଗୋଲକ ବିହାରୀ ଭୋଇ, ଲକ୍ଷ୍ମୀ ନାରାୟଣ ପଣ୍ଡା, ସମରେନ୍ଦ୍ର ପଣ୍ଡା, ସୁଧ୍ମନା ବାଗ, ଡାକ୍ତର ନେତ୍ରା ରଞ୍ଜନ ଭାରତୀ, ବର୍ଷା, ହରିପ୍ରୀୟା, ମାନସୀ, ଅଞ୍ଜଳିଙ୍କ ସମେତ ବହୁ ଆଲୁମିନୀ ସଦସ୍ୟ ରକ୍ତ ଦାନ ଶିବିର ପରିଚାଳନା କରିଥିଲେ। ମୁଖ୍ୟଅତିଥି ଡାକ୍ତର ସିନ୍ଧେ ବ୍ଲଡ୍ ଡୋନରମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ସ୍ୱଚ୍ଛତା ଓ ପରିମଳ ଉପରେ ସଚେତନ ରହିବା ସକାଶେ ପରାମର୍ଶ ଦେଇଥିଲେ। ବ୍ଲଡ ବ୍ୟାଙ୍କ ଅଫିସର ଡାକ୍ତର ଗନ୍ତାୟତ ମାର୍ଚ୍ଚରୁ ଜୁନ ଯାଏଁ ରୋଗୀମାନଙ୍କ ସକାଶେ ରକ୍ତର ବିଶେଷ ଆବଶ୍ୟକତା ରହିଥାଏ। ସେହି ସମୟରେ ବିଭିନ୍ନ ସଙ୍ଗଠନ ରକ୍ତଦାନ ଶିବିରର ଆୟୋଜନ କରି ଅଧିକ ରକ୍ତ ରକ୍ତଭଣ୍ଡାରକୁ ଯୋଗାଇଦେବା ପାଇଁ ଅନୁରୋଧ କରିଥିଲେ ।

■ ଜିଲାସ୍ତରୀୟ କଳା ଉତ୍ସବ

# ପିଲାଙ୍କ ମଧ୍ୟରେ କଳାତ୍ମକ ପ୍ରତିଭା ଲୁକ୍କାୟିତ ଭାବେ ରହିଛି

ନୂଆପଡା ଅଫିସ,୨୨।୧୦

ଶିଶୁଙ୍କ ମଧ୍ୟରେ କଳାତ୍ମକ ପ୍ରତିଭା ଲୁକ୍କାୟିତ ଭାବେ ରହିଛି । ତାକୁ ବାହାର କରିବା ଆବଶ୍ୟକତା ରହିଛି । ଏହା ଶିଶୁଙ୍କୁ ଜିଇଁବାର କୌଶଳ ଶିଖାଇଥାଏ ବୋଲି ମତପ୍ରକାଶ ପାଇଛି। ସ୍ଥାନୀୟ ନ୍ୟାଶନାଲ ହାଇସ୍କୁଲରେ ଅନୁଷ୍ଠିତ ଜିଲାସ୍ତରୀୟ କଳା ଉତ୍ସବ ଅବସରରେ ଅତିଥିମାନେ ଯୋଗଦେଇ ଏହା କହିଥିଲେ। ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ କୁମାର ଭୋଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ଅପରାହ୍ନରେ ଉଦ୍‌ଯାପନୀ ଉତ୍ସବରେ ନ୍ୟାଶନାଲ ହାଇସ୍କୁଲ ପ୍ରଧାନଶିକ୍ଷକ ସୁକାନ୍ତ ସତପଥୀ ସଭାପତିତ୍ୱ କରିଥିବାବେଳେ ଜିଲା ବିଜ୍ଞାନ ନିରୀକ୍ଷକ ଅଶ୍ୱିନୀ କୁମାର ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ବିଚାରକ ଭାବେ ଶଙ୍କର୍ଷଣ ପୁରୋହିତ, ରାମେଶ୍ୱର ଦାସ, ସନ୍ତଲାଲ ନାଏକ, ଶୈଳେନ୍ଦ୍ର ସତପଥୀ, ପପୁ ସତନାମୀ ଯୋଗଦେଇଥିଲେ। ଏଥିରେ ଜିଲାର ୫ଟି ବ୍ଲକରୁ ବଛା ବଛା ପ୍ରତିଯୋଗୀ ଭାଗନେଇଥିଲେ। ସେମାନଙ୍କ ମଧ୍ୟରେ ସଙ୍ଗୀତ, ବାଦ୍ୟଯନ୍ତ୍ର, ନୃତ୍ୟ, ଚିତାଙ୍କନ ପ୍ରତିଯୋଗିତା ହୋଇଥିଲା। ବାଳକ ବିଭାଗରେ ନୃତ୍ୟରେ କୁରେଶ୍ୱର ପଞ୍ଚାୟତ ହାଇସ୍କୁଲ ଛାତ୍ର ସରୋଜ ଅଦା, ବାଦ୍ୟଯନ୍ତ୍ରରେ ସିନାପାଲି ନୋଡାଲ ହାଇସ୍କୁଲ ଛାତ୍ର ଗିରିଶ ପ୍ରଧାନ, ଚିତାଙ୍କନରେ ନ୍ୟାଶନାଲ କଲେଜ ନୂଆପଡାର ମନୋଜ କୁମାର କେଉଁଟ, ସଙ୍ଗୀତ ପ୍ରତିଯୋଗିତାରେ ରାମନାଥ ବିଦ୍ୟାପୀଠ ଚଲାନପଡାର ଶରତ ବାରିକ ଯୋଗ୍ୟ ବିବେଚିତ ହୋଇଥିଲେ। ଏହିଭଳି ବାଳିକା ବିଭାଗରେ ନୃତ୍ୟରେ ଓଡିଶା ଆଦର୍ଶ ବିଦ୍ୟାଳୟ ବାଦୀର ମାମୁନି ବାଗ, ସରକାରୀ ନୋଡାଲ ଓଚ୍ଚ ବିଦ୍ୟାଳୟ ଖରିଆରରୋଡର ସଞ୍ଜନା ରାଉତ, ସଙ୍ଗୀତରେ ବିଜୁ ପଟ୍ଟନାୟକ କଲେଜ ବୋଡେନର ଛାତ୍ରୀ ସଲୋନୀ ମୁଣ୍ଡ, ଚିତ୍ରାଙ୍କନରେ ତୁକଲା ଉଚ୍ଚ ବିଦ୍ୟାଳୟ ତୁକଲାର ସନ୍ଧ୍ୟାଞ୍ଜଳୀ ବାଗ ପ୍ରମୁଖ ଯୋଗ୍ୟ ବିବେଚିତ ହୋଇଛନ୍ତି। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଏହି କୃତୀ ପ୍ରତିଯୋଗୀମାନେ ଆଗାମୀ ଦିନରେ ବଲାଙ୍ଗୀରଠାରେ ହେବାକୁ ଥିବା ଜୋନାଲସ୍ତରୀୟ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରି ଜିଲାକୁ ପ୍ରତିନିଧିତ୍ୱ କରିବାକୁ ଥିବା ସୂଚନା ମିଳିଛି। କାର୍ଯ୍ୟକ୍ରମ ପରିଚାଳନାରେ ଜୟନ୍ତ ସିଂ ଦେଓ, ମନୋଜ କୁମାର ବାଗ, ଲୋକରାମ ଦଣ୍ଡସେନା, ମୁକେଶ କୁମାର ଭୋଇ, ଅଜୟ ଚୌହାନ, ଗଣପତି ମାଝିଙ୍କ ସହ ନ୍ୟାଶନାଲ ହାଇସ୍କୁଲର କର୍ମଚାରୀମାନେ ସହଯୋଗ କରିଥିଲେ।



କଳା ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି ।

**ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ଉନ୍ନୀତ**

# ୪ ଦାଦନ ଉଦ୍ଧାର, ୨ ସର୍ଦ୍ଦାର ଗିରଫ

ନୂଆପଡା ଅଫିସ/ବୋଡେନ, ୨୨।୧୦(ଡି.ଏନ.ଏ.)

ନୂଆପଡା ଜିଲାରୁ ବିଭିନ୍ନ ସମୟରେ ରାଜ୍ୟ ବାହାରକୁ ଲୋକେ ଦାଦନ ଚାଲାଣ ହେଉଥିବାବେଳେ ସେଠାରେ ଶୋଷଣର ଶିକାର ହୋଇ ଆସିଥାନ୍ତି । ଜିଲାର ସୀମାନ୍ତବର୍ତ୍ତୀ ବୋଡେନ ବ୍ଲକ ଅଞ୍ଚଳରୁ ଅବୈଧ ଦାଦନ ଚାଲାଣକୁ ରୋକିବାକୁ ପୋଲିସ ତନାଘନା ଉଦ୍ୟମ ଜାରି ରଖିଛି। ସୀମାନ୍ତରେ ଦିନରାତି ପଇଁତରା ମାରୁଛି। ମଙ୍ଗଳବାର ଥାନାଧିକାରୀ ସରୋଜ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ ଏକ ଶ୍ରମିକ ଆଡ୍ଡା ଉପରେ ଚଢାଉ କରି ୪ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଥିବା ବେଳେ ଏଥିରେ ସମ୍ପୃକ୍ତ ୨ଜଣ ଦାଦନ ସର୍ଦ୍ଦାରଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ଘଣ୍ଟିଗୁଡା ଗାଁର କିଶୋର ମାଝି (୨୩), ଫର୍ସରା ଗାଁର ମଧୁ ଧରୁଆ (୩୭)। ଏମାନଙ୍କ ବିରୋଧରେ ଦଫା ୩୭୦(୫),୪୧୭,୧୨୦(ଖ)ରେ ଏକ ମାମଲା (ନଂ. ୧୯୨/୧୯) ରୁଜୁ କରି ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି। ସକାଳେ ଏଠାରୁ ଶ୍ରମିକମାନଙ୍କୁ ଯୋଜନାବଦ୍ଧ ଭାବେ ଆନ୍ଧ୍ରପ୍ରଦେଶକୁ ଚାଲାଣ କରିବାକୁ ସର୍ଦ୍ଦାରମାନେ ଉଦ୍ୟମ କରୁଥିଲେ। କୌଣସି ସୂତ୍ରରୁ ପୋଲିସ ଖବର ପାଇ ଚଢାଉ କରିଥିଲା। ଶ୍ରମିକମାନଙ୍କୁ ଥାନାକୁ ଆଣି ପଚରାଉଚୁରା କରିବା ପରେ ସୁରକ୍ଷିତ ଭାବେ ସେମାନଙ୍କୁ ଗାଁରେ ଛାଡି ଦିଆଯାଇଥିଲା। ବିଶେଷ ତଦନ୍ତ କରିବା ପରେ ୨ ଜଣ ସର୍ଦ୍ଦାରଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ମଲ୍ଲିକ ସୂଚନା ଦେଇଛନ୍ତି। ଏହି ଚଢାଉ ଆଗକୁ ଜାରି ରହିବ ବୋଲି କହିଛନ୍ତି।


ଉଦ୍ଧାର ଶ୍ରମିକଙ୍କ ସହ ଗିରଫ ସର୍ଦ୍ଦାରମାନେ ।

# ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରା

କଲମପୁର,୨୨।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କଲମପୁର ବ୍ଲକ ନୂଆଗାଁ ପଞ୍ଚାୟତ ଭାଲୁବୁଟ୍ରା ଏବଂ ନୂଆଗାଁଠାରେ ବିଜୁ ଜନତା ଦଳ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସରକାରଙ୍କ ଲୋକାଭିମୁଖୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚିଛି କି ନାହିଁ ଓ ଗାଁଗୁଡ଼ିକରେ ବିଭିନ୍ନ ସମସ୍ୟା ତଦାରଖ କରିବା ଏବଂ ଲୋକଙ୍କ ସୁଖ ଦୁଃଖରେ ସାମିଲ ହୋଇ ଲୋକଙ୍କ ସମସ୍ୟାକୁ ସମାଧାନ କରିବା ଏହି ଜନସମ୍ପର୍କର ପଦଯାତ୍ରା ଉଦ୍ଦେଶ୍ୟ ବୋଲି ବ୍ୟକ୍ତାମାନେ ମତବ୍ୟକ୍ତ କରିଥିଲେ। କଲମପୁର ବ୍ଲକ ବିଜେଡି ସଭାପତି ପ୍ରଦୀପ କୁମାର ବେହେରାଙ୍କ ନେତୃତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ପୂର୍ବତନ ମନ୍ତ୍ରୀ ତଥା କଳାହାଣ୍ଡି ଜିଲା ବିଜେଡି ସଭାପତି ପୁଷ୍ପେନ୍ଦୁ ସିଂଦେଓ, ଧର୍ମଗଡ ବିଧାୟକ ମୌସୁଧି ବଗ, ଜିଲା କାର୍ଯ୍ୟକାରୀ ସଭାପତି ପ୍ରବୋଧ ରଥ, ଜିଲା ମହିଳା ସଭାନେତ୍ରୀ କଲ୍ୟାଣି ନାୟକ, କଲମପୁର ବ୍ଲକ ଅଧକ୍ଷା ମଞ୍ଜୁଲା ସାହୁ, ଯୁବ ସଭାପତି ଶ୍ୟାମସୁନ୍ଦର ପଣ୍ଡା, ଏସିଏସଟି ସେଲ ସଭାପତି ଚେରୁ ନାଏକ, ସାମାଜିକ କର୍ମୀ ଗଣେଷ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ । ପଦଯାତ୍ରା ରେ ବ୍ଲକ କମିଟି ଉପଦେଷ୍ଟା ଅଜିତ ମୁଣ୍ଡ, ନୂଆଗାଁ ଜିପି ସଭାପତି କିଶୋର ହଂସ, ଲାଲସିଂ ନାଏକ, ଯୁବନେତା ମନୋରଞ୍ଜନ ମୁଣ୍ଡ, କଲମପୁର ୧ନମ୍ବର ଜୋନ ସଭାପତି ସଦାନନ୍ଦ ଚନ୍ଦନ, ଦେପୁର ସରପଞ୍ଚ ଭୁପୁଲୁ ବାଗ, ବଡବୁରୁଠୁ ସରପଞ୍ଚ ସମୀର ସାହୁ, ମଣ୍ଡଳ ସମିତି ଚିନ୍ତାମଣୀ ବେହେରା ଏବଂ ଅଞ୍ଚଳର ଦଳୀୟ କର୍ମୀ ଉପସ୍ଥିତ ରହିଥିଲେ।



ବିଜେଡି ପକ୍ଷରୁ ଆୟୋଜିତ ଜନସମ୍ପର୍କ ପଦଯାତ୍ରା।

## ବାହାଦି ଠାକୁରଙ୍କ ବାର୍ଷିକ ଦଶରା, ମନମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ

କୋକସରା,୨୨।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ବଡପୋଡାଗୁଡା ଗ୍ରାମପଞ୍ଚାୟତ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ବାହାଦି ପାହାଡ ପାଦଦେଶରେ ଆରାଧ୍ୟ ଦେବତା ବାହାଦି ଠାକୁରଙ୍କ ବାର୍ଷିକ ଦଶରା ପାଳିତ ହୋଇଯାଇଛି । ବାହାଦି ପାହାଡ ପାଦଦେଶରେ ଥିବା ସର୍ଗିଗୁଡା ଗ୍ରାମରେ ବାହାଦି ଠାକୁରଙ୍କ ଅପାର କରୁଣାରୁ ଏଠାକାର ଅଧିବାସୀମାନେ ସୁଖ ଓ ଶାନ୍ତିରେ କାଳାତିପାତ କରୁଥିବା ବେଳେ ତାଙ୍କ ଦୟାରୁ ସମସ୍ତ ପ୍ରକାର ବିପଦରୁ ଘଣ୍ଟ ଘୋଡାଇ ରଖିଛନ୍ତି। ପୂର୍ବ ଲୋକକଥା ଅନୁସାରେ ବାହାଦି ପାହାଡରୁ ପ୍ରବାହିତ ହେଉଥିବା ପବନ ଯୋଗୁ ମେଘ ସୃଷ୍ଟି ହୋଇ ବର୍ଷା ହୋଇଥାଏ ବୋଲି ବିଶ୍ୱାସ ରହିଥିବା ବେଳେ ଅଞ୍ଚଳର କ୍ଷେତ ଶସ୍ୟଶ୍ୟାମଳ ହେବା ସହ ଚାଷୀମାନଙ୍କ ମଧ୍ୟରେ ଏକ ନୂତନ ଆଶାର ସଞ୍ଚାର କରିଥାଏ। ମୁଖ୍ୟଅତିଥି ଭାବେ ବଡପୋଡାଗୁଡା ପୂର୍ବତନ ସରପଞ୍ଚ ରାମକୃଷ୍ଣ ମାଝି, ସମ୍ମାନିତ ଅତିଥି ରିତ ଖମାରୀ, ମୁଖ୍ୟବକ୍ତା ଭାବେ ବଡପୋଡାଗୁଡା ନାଏବ ସରପଞ୍ଚ ଧନୁ ଦୁର୍ଗା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ପୂଜା କମିଟି ସଭାପତି ସରତ ନାଏକ ମଞ୍ଚ ପରିଚାଳନା କରିଥିବା ବେଳେ ରେକର୍ଡ ଡ୍ୟାନ୍ସ ଓ ଘୁମୁରା ପ୍ରତିଯୋଗିତା ହୋଇଥିଲା। ଏଥିରେ ଅତର୍ଲା ପ୍ରଥମ, ରାବଣଗୁଡା ଦ୍ୱିତୀୟ, ଲଡୁଗାଁ ଦଳ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପୂଜା କମିଟି ସଦସ୍ୟ ମଧୁସୁଦନ ବେଶ୍ରା, ହରିହର ବେଶ୍ରା, ଶିବ ମାଝି, କୃତିବାଷ ମାଝି, ଲାଲୁ ନାଏକ ପ୍ରମୁଖ ସହଯୋଗ କରିଥିଲେ।

# ବ୍ୟାଙ୍କ ପକ୍ଷରୁ ଗ୍ରାହକ ମେଳା ଉଦ୍‌ଘାଟିତ



ଗ୍ରାହକ ମେଳା ଉଦ୍‌ଘାଟନୀ ଅବସରରେ ମଞ୍ଚାସୀନ ବ୍ୟାଙ୍କ ଅଧିକାରୀମାନେ ।

ଭବାନୀପାଟଣା,୨୨।୧୦(ଡି.ଏନ.ଏ.)

ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ ପକ୍ଷରୁ ସୋମବାର ସ୍ଥାନୀୟ ଷ୍ଟେଟ୍ରୁଚକ ନିକଟସ୍ଥ ମ୍ୟାରେଜ୍ ପ୍ୟାଲେସଠାରେ ୨ ଦିନିଆ ଗ୍ରାହକ ମେଳା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀରେ ଅତିଥି ଭାବେ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ ଅଫ୍ ଇଣ୍ଡିଆ ବ୍ରହ୍ମପୁର ଯୋନ ଡିଜିଏମ୍ ସାକ୍ୟସିହ୍ନା ବୈରାଗୀ, କଳାହାଣ୍ଡି ଅତିରିକ୍ତ ଜିଲାପାଳ ଶରତଚନ୍ଦ୍ର ଶ୍ରୀଚନ୍ଦନ, ଡିଡିଏମ୍ ନାବାର୍ଡ ମଳୟ କୁମାର ମେହେର, ଏଲଡିଏମ୍ ବିଜୟାନନ୍ଦ ଯୋଗଦେଇଥିବା ବେଳେ ଭବାନୀପାଟଣା ଷ୍ଟେଟ୍ ବ୍ୟାଙ୍କ ଆଞ୍ଚଳିକ ଶାଖା ମ୍ୟାନେଜର (ଆରବିଓ) ରବୀନ୍ଦ୍ର କୁମାର ସେନାପତି ଅଧ୍ୟକ୍ଷତା କରିଥିଲେ। ଏଭଳି କାର୍ଯ୍ୟକ୍ରମ ଗ୍ରାହକ ଏବଂ ବ୍ୟାଙ୍କ ମଧ୍ୟରେ ସୁସମ୍ପର୍କ ପ୍ରତିଷ୍ଠା ଓ ଗ୍ରାହକମାନେ ବ୍ୟାଙ୍କର ନିକଟତର ହୋଇପାରିବେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଡିଜିଏମ୍ ବୈରାଗି ବ୍ୟାଙ୍କ ଗ୍ରାହକମାନଙ୍କ ଜମାରାଶୀ କିଭଳି ବୃଦ୍ଧି ହେବ ଏବଂ ଅଧିକରୁ ଅଧିକ ଋଣ ଦିଆଯାଇ ପାରିବ ସେ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବ୍ୟାଙ୍କଗୁଡ଼ିକ ଗ୍ରାମାଞ୍ଚଳର ଜନସାଧାରଣ ସହ ବିଶେଷ କରି ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ସହ ନିକଟତର ହୋଇପାରିଲେ ବ୍ୟାଙ୍କର ଉନ୍ନତି ସହ ଦେଶ ବିକାଶରେ ସହାୟକ ହୋଇପାରିବ। ପ୍ରତ୍ୟେକ ବ୍ୟାଙ୍କ ଗ୍ରାହକମାନଙ୍କ ସହ ସୁସମ୍ପର୍କ ରଖିପାରିଲେ ଏବଂ ବିଭିନ୍ନ ସମୟରେ ମେଳା ଜରିଆରେ ଋଣ ଗ୍ରହିତାମାନଙ୍କୁ ସଚେତନ କରାଇପାରିଲେ ଋଣ ଅସୁଲି ଅଧିକ ହୋଇପାରିବ ଓ ଖିଲାପି ଋଣି ସଂଖ୍ୟାକୁ ହ୍ରାସ କରାଯାଇପାରିବ ବୋଲି ମତପ୍ରକାଶ କରିଥିଲେ। ଉଦ୍‌ଘାଟନୀ ଦିବସର କାର୍ଯ୍ୟକ୍ରମରେ ସ୍ୱାଗତ କୁମାର ପାଢୀ ମ୍ୟାନେଜର (ଏଫ୍‌ଆଇ) ଷ୍ଟେଟ୍‌ବ୍ୟାଙ୍କ ଅଫ୍ ଇଣ୍ଡିଆ ସ୍ୱାଗତ ଭାଷଣ ଓ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଷ୍ଟେଟବ୍ୟାଙ୍କର ବରିଷ୍ଠ କର୍ମଚାରୀ ସୁରେନ୍ଦ୍ର ପଣ୍ଡା ଓ ସାଥି ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏହି ୨ ଦିନିଆ ମେଳାରେ ଭାରତୀୟ ଷ୍ଟେଟବ୍ୟାଙ୍କ ସମେତ ଏହ୍ଲାବାଦ ବ୍ୟାଙ୍କ, ଆନ୍ଧ୍ରା ବ୍ୟାଙ୍କ, ସେଣ୍ଟ୍ରାଲ ବ୍ୟାଙ୍କ, ଓରିଏଣ୍ଟାଲ ବ୍ୟାଙ୍କ, ଆଇଓବି ବ୍ୟାଙ୍କ, ୟୁକୋ ବ୍ୟାଙ୍କ, ୟୁନିୟନ୍ ବ୍ୟାଙ୍କ, ଏସ୍‌ଡିଏଫ୍‌ସି ବ୍ୟାଙ୍କ, ବନ୍ଧନ, ଏକ୍ସିସ୍, ଡିସିବି ବ୍ୟାଙ୍କ, ଫେଡେରାଲ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ଇଣ୍ଡିଆ, ଇଣ୍ଡିଏନ୍ ବ୍ୟାଙ୍କ, ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ, ଆଇଡିବିଆ, ଆସିଆସିଆଇ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ପ୍ରମୁଖ ଗ୍ରାହକମାନଙ୍କ ସହ ଭାବର ଆଦାନ ପ୍ରଦାନ ସକାଶେ ଷ୍ଟଲ ଖୋଲି ଆଲୋଚନା କରୁଛନ୍ତି।

# ବ୍ଲକସ୍ତରୀୟ କ୍ରୀଡ଼ା ସମାବେଶ ଉଦ୍‌ଯାପିତ

କୋମନା,୨୨।୧୦(ଡି.ଏନ.ଏ.)

ନୂଆପଡା ଜିଲା କୋମନା ବ୍ଲକ ଗନିଆରିଠାରେ ଚାଲିଥିବା ବ୍ଲକସ୍ତରୀୟ କ୍ରୀଡ଼ା ସମାବେଶ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ରୟାଲ କ୍ଲବ ଆନୁକୁଲ୍ୟରେ ନୂଆପଡା ନେହେରୁ ଯୁବକେନ୍ଦ୍ର ସହାୟତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୋମବାର ଭଲିବଲ, ସ୍ଲୋସାଇକ୍ଲିଙ୍ଗ, ଲମ୍ଫଡିଆଁ, ଉଚ୍ଚଡିଆଁ, ଦଉଡ ଭଳି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିଭଳି ମଙ୍ଗଳବାର ଫୁଟବଲ ଓ ଟଗ୍‌ଅଫ ବାର ଖେଳ ଅନୁଷ୍ଠିତ ହୋଇଥିବା ବେଳେ କୋମନା ବ୍ଲକର ୭ଟି ଫୁଟବଲ ଦଳ ଭାଗ ନେଇଥିଲେ । ଫାଇନାଲ ମ୍ୟାଚ ମାନିଗୁଡା ଓ ଭେଲା ଦଳ ମଧ୍ୟରେ ହୋଇଥିବା ବେଳେ ଭେଲା ୧–୦ ଗୋଲରେ ମାନିଗୁଡା ଦଳକୁ ହରାଇ ଚାମ୍ପିୟନ ହୋଇଥିଲା। ସେହିଭଳି ଟଗ୍‌ଅଫ୍ ବାରରେ ଭେଲା ଦଳ ଚାମ୍ପିୟନ ହୋଇଥିବା ବେଳେ ଉଦ୍ୟାନବନ୍ଧ ଦଳ ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ମଙ୍ଗଳବାର ମଧ୍ୟାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡାର ଉପକାରିତା ଉପରେ ଆଲୋକପାତ କରିଥିଲେ। ନେହେରୁ ଯୁବକେନ୍ଦ୍ର ନୂଆପଡା ସଂଯୋଜକ ଆଶିଷ ଠାକୁର, ସଞ୍ଜୀବ ପାଣିଗ୍ରାହୀ, ବିଶ୍ୱଜିତ ପାଣିଗ୍ରାହୀ, ମୁକେଶ ପଣ୍ଡା, ସ୍ଥାନୀୟ ନାଏବ ସରପଞ୍ଚ ବିରାଟ ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। ୟୁଥ ଭୋଲେଣ୍ଟିୟର ଟିକେଶ୍ୱର ହଂସ ଓ ସଂଯୁକ୍ତା ଶବର ମଞ୍ଚ ପରିଚାଳନା କରିଥିଲେ। ଆୟୋଜକ ଅନୁଷ୍ଠାନ ସଭାପତି ଗଣେଶ ହୋତା, ସମ୍ପାଦକ ରୁଦ୍ରାକ୍ଷ ହଂସ, ସାବନ ହୋତା, ଲୋକନାଥ ମିଶ୍ର, ରମେଶ ନାଗ, ଥୟରାମ ହଂସ, ଲିଙ୍ଗରାଜ ଅଦା, ଯତିନ୍ଦ୍ର ହଂସ ପ୍ରମୁଖ ସହଯୋଗ କରିଥିଲେ।


ଚାମ୍ପିୟନ ଖେଳାଳିଙ୍କ ସହ ଅତିଥି ବୃନ୍ଦ ।

# ବେପାର ଆଶ୍‌ରେ କୁମ୍ଭାର ସମାଜ

**ଆଗ୍‌କେ ଦିଆଲି**

ସିନାପାଲି,୨୨।୧୦(ଡି.ଏନ୍.ଏ.)

ଦିନୁଦିନ୍‌କେ ମାଟି ତିଆରି ହାଁଡି, ପାତଲିର ଚାହିଦା କମବାରେ ଲାଗିଛେ। ଆଧୁନିକ ସମାଜରେ ଷ୍ଟିଲ, ପ୍ଲାଷ୍ଟିକ୍‌ର ବଡ଼ଭାରି ବେଭାରର ଲାଗି ମାଟି ତିଆରି ସାମାନ ଲୁକ୍‌କର ଲାଗି ଅଦରକାରୀ ପାଲଟିଛେ। ଏନ୍‌ତାଥି କୁମ୍ଭାର ସମାଜର ଲୋକ୍ ନିଜର କୁଲବୁରତି ହରାବାର ଚିନ୍‌ତାରେ ଭାଂଗି ପଡ଼ିଛନ୍। ଇ ସମାଜର ଲୁକ୍‌କର ମୁଖିଆ କାମ୍ ହେଲା ବଛରକୁତା ମାଟିରେ ଭିନେ ଭିନେ ସାମାନ ତିଆରି ଆସର ପାସର ଗାଁଗଁଡ଼ା, ସହରରେ ବିକା ଭଂଗା କରବାର। ମାଟି ସାମାନ ବିକି ସେମାନେ ବଛରକୁତା ନିଜର କୁଟୁମ ପୁଷୁଛନ୍। କୁମ୍ଭାର ପରିବାରମାନେ ଦିଆଲିକେ ନିଘା କରି ଅନେକ ଦିନୁ ଦୀପ୍ ତିଆରିରେ ଯୁଟିଛନ୍। ହେଲେ ଗରାଖ ମାଟି ଦୀପ ଘିନୁଛନ୍ କି ନାଇଁ ସେଟା ଦିଆଲି ବେପାର ଉତାରୁ ଜନାପଡ଼ବା ବଲି ଅନେକ କାରିଗର କହିଛନ୍। ଇଆଡ଼େ ସରକାର ପରିବେଶ ଉପରେ ଖରାପ ପରଭାବ ପକଉଥିବାର ପ୍ଲାଷ୍ଟିକ୍ ବଁଦ୍ କରବାକେ ଅନେକ କାୟ୍‌କରମ ହାତ୍‌କେ ନେଇଛନ୍। ଇ ଉଧେ ସଚେତନତା କାୟ୍‌କରମ ଲାଗି ସରକାର ରାଜକୋଷରୁ କୋଟି କୋଟି ଟଁକା ଖରଚ୍ କରୁଛନ୍। ହେଲେ ମାଏଟ୍ ତିଆରି ଜିନିଷପାତିରେ ରଁଧାବଢ଼ାନୁ ଖାଏବାର ପିଇବାର ବରତନ୍ ହିସାବେ ମୁନୁଷ୍ କେନ୍ ଯୁଗୁ ବେଭାର କରିଆସୁଛେ। ଯେନ୍‌ଟା ଦିହିପାର ଲାଗି ବି ହିତକର ବଲି ଆୟୁର୍ବେଦ କହୁଛେ। ଇଥିରଲାଗି ସରକାର କୁମ୍ଭାର ସମାଜକେ ପୋରଛାହନ୍ ଯୁଗେଇ ଦେବାର ସଂଗେ ମାଟିର ସାମାନ ବେଭାର ଲାଗି ସଚେତନତା ସୁରୁଷ୍ଟି କରବାର କଥା। ଇଥିରେ କୁମ୍ଭାର ସମାଜ ନିଜର କୁଲବୁରତିକେ ବଁଚେଇ ରଖିପାରବାର ସଂଗେ ଗୁଟେ ନିରୁଜ ସମାଜ ଗଠନ ହେଇପାରବା ବଲି ଅନେକ ବୁଧିଜୀବୀ ମତ୍ ଦେଇଛନ୍।


କୁମ୍ଭାର ସମାଜର ଝନେ ମହିଳା ଭିନେ ଭିନେ ରକମର ମାଟି ତିଆରି ଜିନିଷ ଦେଖଉଛନ୍।



ସନ୍ତୋଷ ପ୍ରୟାସରେ ଥାଏ, ପ୍ରାପ୍ତିରେ ନୁହେଁ, ପୂର୍ଣ୍ଣ ପ୍ରୟାସରେ ହିଁ ସଂପୂର୍ଣ୍ଣ ବିଜୟ ମିଳେ।
- ମହାତ୍ମା ଗାନ୍ଧୀ

## ସଂକ୍ଷେପରେ

### ବିଜୁ ଯୁବବାହିନୀ ପକ୍ଷରୁ ରକ୍ଷକ କାର୍ଯ୍ୟକ୍ରମ

**ଉଲୁଣ୍ଡା, ୨୨।୧୦(ଡି.ଏନ.ଏ):** ଉଲୁଣ୍ଡା ବ୍ଲକ ଜଉଁରାଭଉଁରା ବିଜୁ ଯୁବବାହିନୀ ତରଫରୁ ରକ୍ଷକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ସୁଧାଂଶୁ ଶେଖର ପର୍ଡିଆଙ୍କ ନେତୃତ୍ୱରେ ଯାନବାହାନ ଚାଳକମାନଙ୍କୁ ସଡକ ସୁରକ୍ଷାର ନିୟମ ଉପରେ ବୁଝାଯାଇଥିଲା। ଏଥିସହିତ ଗାଡି ଚଳାଇବା ବେଳେ ହେଲମେଟ ବ୍ୟବହାର କରିବା, ମଦ୍ୟପାନ ନକରିବା, ଦ୍ରୁତଗତିରେ ଗାଡି ନ ଚଳାଇବା, ମୋବାଇଲ ବ୍ୟବହାର ନକରିବା ଆଦି ଉପରେ ସେମାନେ ସଚେତନ କରାଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ମହାଦେବ କଡୁଆ, ବିଶ୍ୱଜିତ ଛନ୍ଦ, ଅନନ୍ତ କଲେତ, ବୀରବର ଷାଣ୍ଢ, କୁନୁ ମିର୍ଦ୍ଧା, ମିଲି ମିର୍ଦ୍ଧା, ଗୌତମ ବଗର୍ତ୍ତୀ, ସାନ୍ତନୁ କୁମାର ପର୍ଡିଆ ପ୍ରମୁଖ ସାମିଲ ହୋଇଥିଲେ।

### ସୁନେତ୍ର ଚକ୍ଷୁ ପରୀକ୍ଷା ଶିବିର

**ଅମରପାଲି, ୨୨।୧୦ (ଡି.ଏନ.ଏ):** ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଳପଦର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ସୁନେତ୍ର ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଉପଖଣ୍ଡ ଚିକିତ୍ସା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ହରିବୋଲ ଭୋଇ, ବ୍ଲକ ସଂଗଠନ ମହେନ୍ଦ୍ର ମିଶ୍ର, ସୁପରଭାଇଜର ଗିରିଧାରୀ ସାହୁ ଓ ବହଳପଦର ଯୁପି ସ୍କୁଲର ସମସ୍ତ ଶିକ୍ଷକ ଉପସ୍ଥିତ ଥିଲେ। ଏହି ଶିବିରରେ ମୋଟ ୫୫ଜଣ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧରୁ ୨୫ ଜଣଙ୍କର ଚକ୍ଷୁ ଦୋଷ ରହିଥିଲା ।

### ସୁବର୍ଣ୍ଣପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି: ଗଠନ ହେଲା କ୍ରିୟାନୁଷ୍ଠାନ କମିଟି

**ସୋନପୁର,୨୨।୧୦(ନି.ପ୍ର.):** ସୁବର୍ଣ୍ଣପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ଦାବି ତେଜିବାରେ ଲାଗିଛି । ଜିଲାରେ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କର କୌଣସି ବଡ ପ୍ରତିଷ୍ଠାନ ନାହିଁ। ତେଣୁ ଭୌଗୋଳିକ ଦୃଷ୍ଟି କୋଣରୁ ପଶ୍ଚିମ ଓଡିଶାର କେନ୍ଦ୍ରସ୍ଥଳୀ ସୁବର୍ଣ୍ଣପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ବୁଦ୍ଧିଜୀବୀଙ୍କ ପକ୍ଷରୁ ଦାବି ହେଉଛି। ମଙ୍ଗଳବାର ସନ୍ଧ୍ୟାରେ ପ୍ରଭାସ ଲଜ ସମ୍ମିଳନୀ କକ୍ଷରେ ଶ୍ରମିକ ନେତା ଗୋବିନ୍ଦ ମହାରଣାଙ୍କ ଆବାହକତ୍ୱରେ ଜିଲାର ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବିକୁ ବ୍ୟାପକ କରିବାକୁ ଏଥବରେ ମତପ୍ରକାଶ ପାଇଥିଲା। ଜିଲା ଓକିଲ ସଂଘର ଆନ୍ଦୋଳନକୁ ସମର୍ଥନ କରାଯିବା ସହ ଓକିଲମାନେ ଜିଲାର ସ୍ୱାର୍ଥ ଦୃଷ୍ଟିରୁ କୋର୍ଟ ବର୍ଜନ ଆନ୍ଦୋଳନ ଜାରି ରଖିବାକୁ ଅନୁରୋଧ କରାଯାଇଥିଲା। ସେହିଭଳି ଆନ୍ଦୋଳନକୁ ବ୍ୟାପକ କରିବାକୁ ସମାଜର ସବୁ ବର୍ଗର ଲୋକଙ୍କୁ ନେଇ ଏକ କ୍ରୀୟାନୁଷ୍ଠାନ କମିଟି ଗଠନ ହୋଇଥିଲା। ଏଥିରେ ପ୍ରାକ୍ତନ ବିଧାୟକ ବିନୋଦ ପାତ୍ର, ଅଭିମନ୍ୟୁ କୁଶଳ, ନୀଳାମ୍ବର ଶତପଥୀ, ପୁରୁଷୋତ୍ତମ ପାଣିଗ୍ରାହୀ, ଲକ୍ଷ୍ମୀନାରାୟଣ ମେହେର, ଶ୍ରୀବତ୍ସ ମଲ୍ଲିକ, ରାମ ଶଙ୍କର ଭୋଇ, ବିଭୂତି ଭୁଷଣ ଦାଶ, ତାପସ କୁମାର ବେହୁରା, ପ୍ରକାଶ ସାହୁ, ଜନ୍ମେଜୟ ପାତ୍ର, ଶେଷଦେବ ମେହେର ଓ ଜିଲାର ସମସ୍ତ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭାପତି ଏବଂ ସମ୍ପାଦକଙ୍କୁ ରଖାଯାଇଛି ।

ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଜାତୀୟ ସାମାଜିକ ସହାୟତା ଯୋଜନା ଜନଶୁଣାଣି

# ୩୧୯ ପରିବାରକୁ ମିଳିଛି ଶହେ ଦିନର କାମ

**ଖପ୍ରାଖୋଲ, ୨୨।୧୦ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଏମଜିଏନଆରଇଜିଏସ୍ ଓ ଜାତୀୟ ସାମାଜିକ ସହାୟତା ଯୋଜନାର ସାମାଜିକ ସମୀକ୍ଷା ଜନଶୁଣାଣି ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ପ୍ରୋଗ୍ରାମ ଅଫିସର ତରଣୀ ସୁନାଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣମାସୀ ବରିହା, ଜିଲା ପରିଷଦ ସଭ୍ୟ ବିପ୍ର ବିଶି, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଗୋବିନ୍ଦ ଚନ୍ଦ୍ର ମେହେର ପ୍ରମୁଖ ମଞ୍ଚାସୀନ ଥିଲେ । ଏପିଓ ପୁଷ୍ପାଞ୍ଜଳି ସ୍ୱାଇଁ କହିଥିଲେ ଯେ, ୨୦୧୮–୧୯ ଆର୍ଥିକ ବର୍ଷରେ ବ୍ଲକରେ ୨୨୪ଟି ଗୋଷ୍ଠୀଗତ ଓ ୩୫୦୨ଟି ବ୍ୟକ୍ତିଗତ ପ୍ରକଳ୍ପ ହାତକୁ ନିଆଯାଇଛି। ସେଥିରୁ ୧୪୫ଟି ଗୋଷ୍ଠୀଗତ ପ୍ରକଳ୍ପ ଶେଷ ହୋଇଥିବାବେଳେ ୨୪୮୨ଟି ବ୍ୟକ୍ତିଗତ ପ୍ରକଳ୍ପ ଶେଷ ହୋଇଛି। ଏହି ଆର୍ଥିକ ବର୍ଷରେ ମୋଟ ୯ କୋଟି ୯୭ଲକ୍ଷ ୨୫ ହଜାର ଟଙ୍କା ବ୍ୟୟବରାଦ ହୋଇଥିବା ଉପସ୍ଥାପନ କରାଯାଇଥିବାବେଳେ ମାତ୍ର ୩୧୯ ଶ୍ରମିକଙ୍କ ପରିବାରକୁ ଶହେ ଦିନର କାମ ମିଳିଥିବା ପ୍ରକାଶ କରିଥିଲେ । ଏହି ଅବସରରେ ଜିଆରଏସମାନେ ନିଜ ନିଜ ପଞ୍ଚାୟତର ବିବରଣୀ ପାଠ କରିଥିଲେ। ବ୍ଲକ ସାମାଜିକ ସମୀକ୍ଷକ ଅଭୟ ଚନ୍ଦ୍ର ତ୍ରିପାଠୀ ଗ୍ରାମ୍ୟ ସମ୍ବଳ କର୍ମୀ ମାନଙ୍କ ଦ୍ୱାରା ସଂଗୃହୀତ ତଥ୍ୟ ଉପସ୍ଥାପନ କରିଥିଲେ । ହରିଶଙ୍କର ଓ ଲାଠୋର ଜଙ୍ଗଲ ବିଭାଗ ରେଞ୍ଜ ତରଫରୁ କୌଣସି କେସ୍ ରେକର୍ଡ ଗ୍ରାମ୍ୟ ସମ୍ବଳ କର୍ମୀଙ୍କୁ ଦିଆଯାଇ ନ ଥିବା ସହିତ ବିଭିନ୍ନ ତ୍ରୁଟି ଉପସ୍ଥାପନ କରିଥିଲେ । ଜାତୀୟ ସାମାଜିକ ସହାୟତା ଯୋଜନାରେ ବିଭାଗ ତରଫରୁ ଦିଆଯାଇଥିବା ଅନଲାଇନ୍ ତଥ୍ୟ ଅନୁସାରେ ଶତାଧିକ ମୃତ ହିତାଧିକାରୀଙ୍କ ନାମ ଥିବାନେଇ ତଥ୍ୟ ଉପସ୍ଥାପନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ହିତାଧିକାରୀ ନିଜର ସମସ୍ୟା ଉପସ୍ଥାପନ କରିଥିଲେ ।



ଖପ୍ରାଖୋଲ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଜନଶୁଣାଣି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ଭତ୍ତା ଯୋଜନାରେ ଅନଲାଇନରେ ଶତାଧିକ ମୃତ ବ୍ୟକ୍ତିଙ୍କ ନାମ**

ମଟିଆଭଟା ଜିଆରଏସ୍ ନୀଳମଣି ଜାଲ, ଖପ୍ରାଖୋଲ ଜିଆରଏସ୍ ଦୁର୍ଯ୍ୟୋଧନ ଦଣ୍ଡସେନାଙ୍କୁ ଏମଜିଏନଆରଇଜିଏସ କାମରେ ଭଲ ପ୍ରଦର୍ଶନ ପାଇଁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜନଶୁଣାଣି କମିଟି ସଦସ୍ୟ ଗଙ୍ଗାଧର ପଧାନ, ତ୍ରିଲୋଚନ ଫୁଂଜି, ସରପଞ୍ଚ ତ୍ରିନାଥ ବାରିକ, ଶକୁନ୍ତଳା ମାଝୀ, ସମିତି ସଭ୍ୟ ମୋହନ ସୁନା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସ୍ମୃତିରେଖା ସାହୁ , କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ କର୍ଯ୍ୟନିର୍ବାହି ଅଧିକାରୀ, ଜିଆରଏସ୍, ଗାଁ ସଥୀ, ବିଭିନ୍ନ ହିତାଧିକାରୀ ଉପସ୍ଥିତ ଥିଲେ। ପଞ୍ଚାୟତିରାଜ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ଓସାଟ୍, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଜନଶୁଣାଣି ଆୟୋଜିତ ହୋଇଥିଲା।

### ସେଲେଡିରେ ସୁରଭୀ କାର୍ଯ୍ୟକ୍ରମ

**ବିନିକା,୨୨।୧୦(ଡି.ଏନ୍.ଏ.)**

ବିନିକା ବ୍ଲକ ସେଲେଡି ନୋଡାଲ ଉପ୍ରା ବିଦ୍ୟାଳୟ ପରିସରରେ ମଙ୍ଗଳବାର ୧୦ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଶିଶୁ ମହୋତ୍ସବ ସୁରଭୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେଲେଡି ନୋଡାଲ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଟିକେନନୀ କୁମ୍ଭାର ଏଥିରେ ଅଧକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ସେଲେଡି ସରପଞ୍ଚ ଭରତ ଗାଇଗରିଆ, ସମ୍ମାନୀତ ଅତିଥି ସେଲେଡି ହାଇସ୍କୁଲ ପ୍ରଧାନଶିକ୍ଷକ ଜଗନ୍ନାଥ ପଧାନ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଚିତ୍ରାଙ୍କନ, କବିତା ଆବୃତି, ପ୍ରବନ୍ଧ ଲିଖନ, ଚିତ୍ରକଳା, ସାଧାରଣ ଜ୍ଞାନ, ନୃତ୍ୟ ଓ ଗୀତ ପ୍ରତିଯୋଗିତା ଆଦି ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରି ଲିଜା ସାହୁ, ପ୍ରେମ ସାଗର ପେରା, ମାନସୀ ମହାନନ୍ଦ, ରାହୁଲ ଜଗଦଲା, ଶ୍ରୀୟାଶ୍ରୀ ଡାଙ୍ଗ, ନିହାରିକା ବେହେରା, ବିଗ୍ରହ କେଶରୀ ପେରା ପ୍ରମୁଖ ଛାତ୍ରୀଛାତ୍ର କୃତିତ୍ୱ ଅର୍ଜନ କରି ପୁରସ୍କୃତ ହୋଇଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ସେଲେଡି ନୋଡାଲ ଉପ୍ରା ବିଦ୍ୟାଳୟର ଛାତ୍ରୀମାନେ ଭାଗନେଇ ଲୋକକଳା ପରିବେଷଣ କରିଥିଲେ।



ବିଇଓ ଷଷ୍ଠୀ ପ୍ରସାଦ ଝାଁକର ସ୍କୁଲ ରେଜିଷ୍ଟର ତନଖି କରୁଛନ୍ତି।

ବିଇଓଙ୍କ ଧଣ୍ଡାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ

## ଶିକ୍ଷୟିତ୍ରୀଶିକ୍ଷକଙ୍କ ଅନୁପସ୍ଥିତିକୁ ନେଇ ଅସନ୍ତୋଷ

**ଖପ୍ରାଖୋଲ,୨୨।୧୦ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବ୍ଲକ ଶିକ୍ଷା ଅଧିକାରୀ ଷଷ୍ଠୀ ପ୍ରସାଦ ଝାଁକର ମଙ୍ଗଳବାର ପରିଦର୍ଶନ କରିଥିଲେ । ବିଦ୍ୟାଳୟକୁ ୧୦ଟା ମଧ୍ୟରେ ଶିକ୍ଷୟିତ୍ରୀ ଶିକ୍ଷକ ପହଞ୍ଚିବା ପାଇଁ ନିୟମ ଥିଲେ ମଧ୍ୟ ଜଣେ ଶିକ୍ଷୟିତ୍ରୀଙ୍କୁ ଛାଡି ଦେଲେ ୭ ଜଣ ଅନୁପସ୍ଥିତ ଥିବା ଦେଖିବାକୁ ପାଇଥିଲେ। ଅଧଘଣ୍ଟା ବିଦ୍ୟାଳୟରେ ରହିଲା ପରେ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ପହଞ୍ଚିଥିଲେ । ଏହାକୁ ନେଇ ବ୍ଲକ ଶିକ୍ଷା ଅଧିକାରୀ ଅସନ୍ତୋଷ ପ୍ରକାଶ କରଥିଲେ। ଅନୁପସ୍ଥିତ ଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରଯିବ ବୋଲି ସେ କହିଥିଲେ । ସୂଚନାଯୋଗ୍ୟ ଯେ, ଠିକ୍ ସମୟରେ ଶିକ୍ଷୟିତ୍ରୀ ଶିକ୍ଷକ ବିଦ୍ୟାଳୟକୁ ଆସୁ ନ ଥିବା ନେଇ ସୋମବାର ଜିଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ ହୋଇଥିଲା ।

## ତୁଷୁରାରେ ରକ୍ଷକ କାର୍ଯ୍ୟକ୍ରମ

**ଗୁଡଭେଲା,୨୨।୧୦ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁଷୁରା ବସଷ୍ଟାଣ୍ଡଠାରେ ସ୍ଥାନୀୟ ବିଜୁ ବାହିନୀ (ଏ) ପକ୍ଷରୁ ରକ୍ଷକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଯୁବା ବାହିନୀର ସଦସ୍ୟମାନେ ଯାନବାହାନ ଅଟକାଇ ଗାଡି ଚାଳକଙ୍କୁ ସିଟ ବେଲ୍ଟ ଓ ହେଲମେଟ ଲଗାଇ ନିରାପଦ ଯାତ୍ରା କରିବାକୁ ବୁଝାଇବା ସହ ମିଠା ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏନଏସିର ଅରବିନ୍ଦ ଦାଶ, ସୁଦାମ ପଣ୍ଡା, କ୍ଷିରୋଦ୍ର ମହାନନ୍ଦ, ତୃପ୍ତାମଣୀ ଦାଶ ଆଦି ସହଯୋଗ କରିଥିବା ବେଳେ କୃଷ୍ଣପ୍ରିୟା କଳା ପରିଷଦ ଦ୍ୱାରା ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଥିଲା।

ସମ୍ବଲପୁର ବିଶ୍ୱବିଦ୍ୟାଳୟସ୍ତରୀୟ ଇଣ୍ଟର କଲେଜ ବ୍ୟାଡ ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ରାଜେନ୍ଦ୍ର କଲେଜ, ଜୁନାଗଡ଼ ପିଆଇ କଲେଜ ଚାମ୍ପିୟନ

**କଣ୍ଟାବାଞ୍ଜି,୨୨।୧୦(ଡି.ଏନ.ଏ.)**

ସ୍ଥାନୀୟ କେଭି ଡିଗ୍ରୀ କଲେଜ ଦ୍ୱାରା ଦୁଇ ଦିନ ଧରି ଚାଲିଥିବା ସମ୍ବଲପୁର ବିଶ୍ୱ ବିଦ୍ୟାଳୟସ୍ତରୀୟ ଇଣ୍ଟର କଲେଜ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ୨୦୧୯–୨୦ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ଏଥିରେ ୯ଟି କଲେଜ ଅଂଶ ଗ୍ରହଣ କରିଥିଲା। ଯୁବକ ବିଭାଗରେ ବଲାଙ୍ଗୀର ରାଜେନ୍ଦ୍ର (ସ୍ୱୟଂ ଶାସିତ) କଲେଜ ବିଜେତା ଓ ବାସୁଦେବ ଡିଗ୍ରୀ କଲେଜ କେସାଇବାହାଲ ଉପ ବିଜେତା ହୋଇଛି। ସେହିପରି ମହିଳାରେ ପି.ଆଇ. ଡିଗ୍ରୀ କଲେଜ ଜୁନାଗଡ ବିଜେତା ଓ କେଭି ଡିଗ୍ରୀ କଲେଜ ଉପ ବିଜେତା ହୋଇଛି। ପୂର୍ବତନ ବିଧାୟକ ଅୟୁବ ଖାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ଏବଂ ମାନପତ୍ର ପ୍ରଦାନ କରିଛନ୍ତି। ଅନ୍ୟ ଅତିଥି ଭାବେ କଲେଜର ଅଧକ୍ଷ ସତ୍ୟବ୍ରତ ମିଶ୍ର, ଅଧ୍ୟାପକ ରାଜେଶ କୁମାର ମହାନ୍ତି, ଅଧ୍ୟାପକ ତୁଳେଶ୍ୱର ବେହେରା, ଦେବେନ୍ଦ୍ର ମେହେର, ରୋହିତ କୁମ୍ଭାର, ଅଧ୍ୟାପିକା ଦୀପାଳି ଶର୍ମା, ପିଇଟି ଧନଞ୍ଜୟ ପ୍ରଧାନ, ଦିଗାମ୍ବର ନାଗ, ମନିଷ ମହାନ୍ତି ଉପସ୍ଥିତ ଥିଲେ। ବରିୟାମ ସିଂ ସାଲୁଜା ଓ ମହେନ୍ଦ୍ର କୁମାର ଜୈନ ପରିଚାଳନା କରିଥିଲାବେଳେ ଅଧ୍ୟାପକ ଲୋହିତାକ୍ଷ ଯୋଷୀ ସଭା ପରିଚାଳନା କରିଥିଲେ। ଯୁବକରେ ୯ ଜଣ ଓ ମହିଳାରେ ୨ ଜଣଙ୍କୁ ଆସନ୍ତା ମାସରେ ବିଳାସପୁର ଅଟଳ ବିହାରୀ ବାଜପେୟୀ ବିଶ୍ୱବିଦ୍ୟାଳୟରେ ହେବାକୁ ଥିବା ଟୁର୍ନାମେଣ୍ଟରେ ଖେଳିବା ପାଇଁ ଚୟନ କରାଯାଇଛି।




ଖେଳାଳିଙ୍କ ସହ ଅତିଥି।

# ଦୈବୀ ଦୁର୍ବିପାକ ମୁକାବିଲା ସମ୍ବନ୍ଧୀୟ କର୍ମଶାଳା

**ମୁରିବାହାଲ, ୨୨।୧୦ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକସ୍ତରୀୟ ଦୈବୀ ଦୁର୍ବିପାକ ମୁକାବିଲା ସମ୍ବନ୍ଧୀୟ ଏକଦିବସୀୟ କର୍ମଶାଳା ମଙ୍ଗଳବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧୀନ ୨୨ ପଞ୍ଚାୟତର ସରପଞ୍ଚ, ନିର୍ବାହୀ ଅଧିକାରୀ ଓ ବିଭିନ ଲାଇନ ବିଭାଗର ଅଧିକାରୀମାନଙ୍କୁ ନେଇ ଆୟୋଜିତ କର୍ମଶାଳାରେ ବ୍ଲକ ଅଧକ୍ଷ ହଂସରାଜ ଜୈନ, ବିଡିଓ ଶିପକ କୁମାର ପାତ୍ର, ଏମପି ପ୍ରତିନିଧି ଶ୍ରୀବତ୍ସ ବେହେରା, ଏବିଡିଓ ନରେଶ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। ମୁରିବାହାଲ ବ୍ଲକରେ ଆଗାମୀ ଦିନରେ ସାଧାରଣ ଜନତା କିପରି ଦୈବୀ ଦୁର୍ବିପାକରେ କ୍ଷତିଗ୍ରସ୍ତ ନ ହୁଅନ୍ତି ତାହା ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କର୍ମଶାଳାରେ ଆଶା ସ୍ୱାସ୍ଥ୍ୟସେବୀ ଅନୁଷ୍ଠାନ ସମ୍ପାଦକ ଭାସ୍କର ସାହୁ, ଗ୍ରାମ ପଞ୍ଚାୟତ ଅଧିକାରୀ ନୀଳକଣ୍ଠ କାଲସାଏ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ପକ୍ଷରୁ ୫୧୭ ଗୋଟି ଗ୍ରାମ ମଧ୍ୟରୁ ମୁରିବାହାଲ ବ୍ଲକର ୧୬ ଗୋଟି ଗ୍ରାମରେ ଏହି କାର୍ଯ୍ୟକ୍ରମ ପ୍ରଥମ ପର୍ଯ୍ୟାୟରେ କାର୍ଯ୍ୟକ୍ଷମ କରାଯିବା ବିଷୟରେ ଜଣାଇଥିଲେ। କାର୍ଯ୍ୟକ୍ରମରେ ଆଶା ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତାଙ୍କ ସହ ପ୍ରାଣୀ ସମ୍ପଦ ବିଭାଗ, ବିଦ୍ୟୁତ, ଅଗ୍ନିଶମ, କୃଷି ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ।




ଦୈବୀ ଦୁର୍ବିପାକ ସମ୍ବନ୍ଧୀୟ କର୍ମଶାଳାରେ ମଞ୍ଚାସୀନ ଅତିଥିମାନେ।




ଫସଲ ପ୍ରଦର୍ଶନୀ ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ଫସଲ ପ୍ରଦର୍ଶନୀ ଦିବସ ପାଳିତ

**ମୁରିବାହାଲ, ୨୨।୧୦(ଡି.ଏନ.ଏ.)**

ମୁରିବାହାଲ ବ୍ଲକ ପତ୍ରାପାଲି (ଖ) ପଞ୍ଚାୟତର ପତ୍ରାପାଲି ଗ୍ରାମ ଧାନ ଫସଲ କିଆରି ନିକଟରେ ହିନ୍ଦୁସ୍ଥାନ ସିଡ୍ସ ପ୍ରା. ଲିମିଟେଡ ଆନୁକୂଲ୍ୟରେ ମଙ୍ଗଳବାର ଧାନ ଫସଲ ପ୍ରଦର୍ଶନୀ ଦିବସ ପାଳନ ସହ ଅନ୍ନଦାତା ସମାବେଶ ହୋଇଯାଇଛି। ହିନ୍ଦୁସ୍ଥାନ ସିଡ୍ସ ପ୍ରାଇଭେଟ ଲିମିଟେଡ ନିର୍ଦ୍ଦେଶକ ସନ୍ତୋଷ କୁମାର କେଜ୍ରିୱାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନ୍ନଦାତା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା କୃଷି ଅଧିକାରୀ ବାଳକୃଷ୍ଣ ଗୌଡ ମୁଖ୍ୟଅତିଥି ଭାବେ ଯୋଗଦେଇ କୃଷିମାନଙ୍କର ଆର୍ଥିକ ବିକାଶ, ବିଶୋଧନ ବିହନ ଦ୍ୱାରା ଚାଷ କରିବା, ଅଧିକ ଜୈବିକ ଖତ ବ୍ୟବହାର ଉପରେ ସୂଚନା ଦିଆଯାଇଥିଲା। ସମ୍ମାନୀତ ଅତିଥିଭାବେ ବଲାଙ୍ଗୀର ବିହନ ପ୍ରମାଣ ଅଧିକାରୀ ବିବେକାନନ୍ଦ ଶତପଥୀ, ଟିଟିଲାଗଡ କୃଷି ଅଧିକାରୀ ଅକ୍ଷୟ କୁମାର ଦାସ, ପତ୍ରାପାଲି(ଖ) ସମିତି ସଭ୍ୟ ଭୋଳାନାଥ କୁମ୍ଭାର ପ୍ରମୁଖ ଯୋଗଦେଇ ଧାନକୁ ବିଭିନ୍ନ ରୋଗରୁ କିପରି ପ୍ରତିରୋଧ କରାଯାଇ ପାରିବ ଏବଂ ଗିହାତିଦରରେ ସରକାରଙ୍କ ପକ୍ଷରୁ ମିଳୁଥିବା ଔଷଧ, ବିହନ, କୃଷି ଯନ୍ତ୍ରପାତି ଯୋଗାଣ ଉପରେ ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ପତ୍ରାପାଲି (ଖ)ର ଚାଷୀ ତୀର୍ଥ ହାତୀ କରିଥିବା ଅମଳକ୍ଷମ ଧାନ ପ୍ରଦର୍ଶିତ କରାଯାଉଥିଲା। ସୋମନାଥ କେଜ୍ରିୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଡାକ୍ତରଙ୍କୁ ଦୁର୍ବ୍ୟବହାର ନେଇ ଏସ୍‌ପି ଅଫିସରେ ଦାବିପତ୍ର

**ବଲାଙ୍ଗୀର ଅଫିସ, ୨୨।୧୦**

ବେଲପଡା ଡାକ୍ତରଖାନା ପରିସର କ୍ୱାର୍ଟରରେ ଜଣେ ଡାକ୍ତରଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଇଥିବା ନେଇ ଦୁଇଜଣ ଯୁବକଙ୍କ ବରୋଧରେ ବେଲପଡା ଥାନାରେ ଅଭିଯୋଗ କରାଯାଇଛି। ଏହି ଘଟଣାକୁ ଦୁଇ ଦିନ ଅତିବାହିତ ହୋଇଯିବା ପରେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନାହିଁ। ଏଭଳି ଅଭିଯୋଗ କରି ମଙ୍ଗଳବାର ବେଲପଡାର କିଛି ବ୍ୟକ୍ତି ବଲାଙ୍ଗୀର ଏସ୍‌ପି ଅଫିସରେ ଦାବିପତ୍ର ଦେଇଛନ୍ତି। ସେମାନେ ଦୁଇ ଅଭିଯୁକ୍ତଙ୍କ ବିରୋଧରେ ଆଟ୍ରୋସିଟି ମାମଲା ରୁଜୁ କରି ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗକୁ ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ତେବେ ଆଡିସନାଲ ଏସ୍‌ପି ସୁବାସ ଜମାଦାର ଘଟଣା ସମ୍ପର୍କରେ ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ଦୁଇଦିନ ତଳେ ବେଲପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ମହିଳା ରୋଗୀ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଆସିଥିଲେ । ଉକ୍ତ ମହିଳାଙ୍କୁ ଡା. ମଳୟ କୁମାର ତାଣ୍ଡି ଚିକିତ୍ସା କରିଥିଲେ। ଚିକିତ୍ସା ଚାଲିଥିବା ସମୟରେ ବିଜୟାନନ୍ଦ ଦାଶ ଓ ଅଜିତ୍ କୁମାର ପୁରୋହିତ ନାମକ ଦୁଇ ଜଣ ଯୁବକ ପହଞ୍ଚିଥିଲେ। ସରକାରୀ ଔଷଧକୁ ବିକ୍ରି କରି ଲୋକଙ୍କଠାରୁ ପଇସା ଆଦାୟ କରୁଛ କହି ଭିଡିଓ ସୁଟିଂ କରି ଧମକ ଦେଇଥିଲେ ବୋଲି ଡାକ୍ତରଙ୍କ ତରଫରୁ ବେଲପଡା ଥାନାରେ ଅଭିଯୋଗ ହୋଇଥିଲା। ଅନ୍ୟପଟେ ବିଜୟାନନ୍ଦ ଓ ଅଜିତ ଗଣମାଧ୍ୟମ ପ୍ରତିନିଧି ଭାବେ ବେଲପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚାଲିଥିବା କିଛି ଡାକ୍ତରଙ୍କ କାର୍ଯ୍ୟକଳାପ ଲୋକଲୋଚନକୁ ଆଣିଥିବାରୁ ତାଙ୍କ ବିରୋଧରେ ଷଡଯନ୍ତ୍ର କରାଯାଇ ମିଛ ମାମଲାର ଭୟ ଦେଖାଯାଉଛି ବୋଲି ଅଭିଯୋଗ କରାଯାଇଛି। ଉଭୟ ଯୁବକ ସୋମବାର ପାଟଣାଗଡଠାରେ ଅନୁଷ୍ଠିତ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଏ ସମ୍ପର୍କରେ ଲିଖିତ ଅଭିଯୋଗ କରିଛନ୍ତି।




ଏସ୍‌ପି ଅଫିସକୁ ଆସି ଅଭିଯୋଗପତ୍ର ଦେଇଥିବା ବେଲପଡାର କିଛି ବ୍ୟକ୍ତି।

- **ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କଲେ ବେଲପଡାର ପ୍ରତିନିଧି ମଣ୍ଡଳି**
- **ଅଭିଯୁକ୍ତ ଯୁବକଙ୍କ ପକ୍ଷରୁ ପାଲଟା ଅଭିଯୋଗ**

## ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି

**ବିନିକା,୨୨।୧୦(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ପଞ୍ଚାୟତ ସମିତି ରାଜୀବ ଗାନ୍ଧୀଭବନ କେନ୍ଦ୍ରଠାରେ ସୋମବାର ଜିଲାପାଳ ମୋନିଷା ବାନାର୍ଜୀ ଜନ ସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ମୋଟ ୩୫୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ୧୮୬ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଏହି ଅବସରରେ ଥାଲାସେମିଆ ରୋଗରେ ପୀଡିତ ଜଣେ ୧୦ ବର୍ଷିୟା ଝିଅକୁ ୫ହଜାର ଟଙ୍କା ଚିକିତ୍ସା ସହାୟତା ରେଡକ୍ରସ ପାଣ୍ଠିରୁ ପ୍ରଦାନ କରାଯାଇଥିଲା। ଶିବିରରେ ଏନ୍‌ଏସି ନିର୍ବାହୀ ଅଧିକାରୀ ଦୁଃଖିରାମ ନାଏକ, ବିଡିଓ ବିଶ୍ୱରଞ୍ଜନ ମଲ୍ଲିକ, ବିନିକା ତହସିଲଦାର ଅଲେଖ ଘୁଟା, ଡୁଙ୍ଗୁରୀପାଳି ଡିଇଓ ଶ୍ରୀନିବାସ ମଲ୍ଲିକ,ଏଡିଏମ୍‌ଓ ଦୈତ୍ୟ ନାରାୟଣ ପାଢୀ, କେନାଲ ଏସ୍‌ଡିଓ ବି.କେ .ତ୍ରିପାଠୀ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।



ମୋର ରକ୍ତ ପଛକେ ବିଷାକ୍ତ ହୋଇଯାଉ,
ମୋର ନୀତିକୁ ଯେମିତି ବିଷ ସ୍ପର୍ଶ ନ କରୁ।
-କନଫ୍ୟୁସିୟସ



## ସଂକ୍ଷେପରେ

### ରେଳ ବୋର୍ଡ ଅଧ୍ୟକ୍ଷଙ୍କୁ ୮ ସପ୍ତାହ ମଧ୍ୟରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ

**ଭବାନୀପାଟଣା,୨୨।୧୦(ଡି.ଏନ.ଏ.)** ଫାଟକ ବନ୍ଦ ଫଳରେ ଆମ୍ବୁଲାନ୍ସ ଅଟକିଯିବା ଯୋଗୁ ସାପ କାମୁଡାରେ ଗୁରୁତର ଥିବା ରେଖା ବାଗ ନାମ୍ନୀ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଜାତୀୟ ମାନବାଧିକାର କମିଶନର ରେଳ ବୋର୍ଡର ଅଧ୍ୟକ୍ଷଙ୍କୁ ୮ ସପ୍ତାହ ମଧ୍ୟରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। କେସିଙ୍ଗା ବ୍ଲକ ବେଲଖଣ୍ଡି ଗାଁର ରେଖାଙ୍କୁ ବିଷଧର ସାପ କାମୁଡିବାରୁ ସେ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଆମ୍ବୁଲାନ୍ସରେ କେସିଙ୍ଗା ହସ୍ପିଟାଲକୁ ଆଣୁଥିଲେ। ମାତ୍ର ରେଳ ଫାଟକ ଅଧ ଘଣ୍ଟା ବନ୍ଦ ହୋଇ ଯାଇଥିଲା। ଫଳରେ ରେଖା ହସ୍ପିଟାଲ ପହଞ୍ଚିଲା ବେଳକୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଭବାନୀପାଟଣା ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ଅଧ୍ୟକ୍ଷଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା

**ଭବାନୀପାଟଣା,୨୨।୧୦(ଡି.ଏନ.ଏ.)** ଭବାନୀପାଟଣା ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ଅଧକ୍ଷ ଇଂ ଶରତ କୁମାର ମୁଦୁଲି ଏବଂ ତାଙ୍କର ସହଧର୍ମିଣୀ ରାଜଶ୍ରୀ ମୁଦୁଲିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଅନୁଷ୍ଠାନ ପ୍ରଶିକ୍ଷକ ମହମ୍ମଦ ଆବିଦ ସଭାରେ ସଂଯୋଜନା କରିଥିଲେ। ବରିଷ୍ଠ ପ୍ରଶିକ୍ଷକ ମନୋଜ ତ୍ରିପାଠୀ, ଦୟାନିଧି ବାଗ, ପ୍ରଦ୍ୟୁମ୍ନ ରାଉତ, ସରୋଜ ମହାଖୁଡ, ଅଞ୍ଜଳି ମେଡ୍‌ମ୍, ସଞ୍ଜୟ କୁମାର ଠାକୁର ଏବଂ ସଞ୍ଜୀବ କୁମାର ସାବତ ବିଦାୟ କାଳୀନ ସଭା ପରିଚାଳନା କରିଥିଲେ।

### ଶାରଦୀୟ କବିତା ଆସର

**ଭବାନୀପାଟଣା,୨୨।୧୦ (ଡି.ଏନ.ଏ.)** ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲଠାରେ କଳାହାଣ୍ଡି ସାହିତ୍ୟ ସଂସ୍କୃତି ପ୍ରତିଷ୍ଠାନ୍ ପକ୍ଷରୁ ଏକ ବହୁଭାଷୀ କବିତା ଆସର ପ୍ରତିଷ୍ଠାନର ସଭାପତି ସୋହନଲାଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଶିଷ୍ଟ କବି ଚିତ୍ର ଶିଳ୍ପି ତଥା ଭେଷଜ ବିଶେଷଜ୍ଞ ଡ. ଦିନବନ୍ଧୁ ସାହୁ, ସମ୍ମାନିତ ଅତିଥି ଭାବେ ମା' ବିଣାପାଣୀ ସାଂସ୍କୃତିକ ଅନୁଷ୍ଠାନ ଯୁଜୁରାଙ୍ଗର ସଭାପତି କୃଳମଣୀ ସିଂ, ପ୍ରତିଷ୍ଠାନ୍‌ର ସମ୍ପାଦକ ସନ୍ତୋଷ କୁମାର ଶତ୍‌ପଥି, ଆବାହକ ବିଶ୍ୱରଞ୍ଜନ ପଣ୍ଡା ପ୍ରମୁଖ ନିଜସ୍ୱ ମତବ୍ୟକ୍ତ କରିଥିଲେ। କବି ସ୍ୱର୍ଗତ ଜିତେନ୍ଦ୍ର ପାତ୍ରଙ୍କ ଆତ୍ମାର ସଦ୍‌ଗତି ପାଇଁ ଶୋକସଭା ନିରବ ପ୍ରାର୍ଥନା କରିବା ସହ ସ୍ୱର୍ଗତ କବିଙ୍କର ସ୍ମୃତି ଚାରଣ କରାଯାଇଥିଲା। ଏହି ଅବସରରେ ସର୍ବଶ୍ରୀ କବି ଆନନ୍ଦ ସାଗରିଆ, ରାଧେଶ୍ୟାମ ଦାସ, ଜୟଦ୍ରଥ ସୁନା, ସାବିତ୍ରୀ ମହାରଣା, ସୁମତୀ ମୁଣ୍ଡ, ନିହାରରଞ୍ଜନ ଦାସ, ରମାକାନ୍ତ ସିଂହ ସାହାଣୀ, ଆନନ୍ଦିନୀ ପାତ୍ର, ପ୍ରଭାତ ଚନ୍ଦ୍ର ମିଶ୍ର, ସଞ୍ଜୀବ କୁମାର ପଣ୍ଡା, ମୋହିତ୍ କୁମାର ଜୈନ, ତିଲକ ରାମ ପ୍ରମୁଖ କବିମାନେ କବିତା ପାଠ କରି କରିଥିଲେ। ସିଧାନ୍ତ ନନ୍ଦ ଓ ବନଶ୍ରୀ ଦାସଙ୍କ ସଂଯୋଜନାରେ ଏହି କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରତିଷ୍ଠାନରେ ଉପସଭାପତି ଅଶୋକ କୁମାର ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।



ଛେନାଗାଁରେ ପାଇପ ଲାଇନ ଫାଟି ଯାଇଛି।



ଛେନାଗାଁ ତେଲ ନଦୀରୁ ଜେସିବି ମେଶିନ ଦ୍ୱାରା ବାଲି ଚାଲାଣ ।

### ବାଲି ଚାଲାଣ ଯୋଗୁ ପାଇପ ଲାଇନ ଫାଟିଲା

# ୭ ଦିନ ଜଳ ଯୋଗାଣ ବନ୍ଦ, ଲୋକେ ହନ୍ତସନ୍ତ

**କେସିଙ୍ଗା,୨୧।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ କୁଣ୍ଡାବନ୍ଧ ଗ୍ରାମ ପଞ୍ଚାୟତ ଅଧୀନ ଛେନା ଗାଁ ନିକଟସ୍ଥ ତେଲନଦୀରୁ ହାଇୱେ ଯୋଗେ ଦୈନିକ ବାଲି ଚାଲାଣ ହେଉଛି। ଏଥିଯୋଗୁ ରାସ୍ତା ମଝିରେ ପାଇପ ଲାଇନ ଫାଟି ଯାଇଥିବାରୁ ପାନୀୟ ଜଳ ଯୋଗାଣ ବନ୍ଦ ହୋଇଯାଇଛି। ତେଲ ନଦୀଠାରୁ ଛେନାଗାଁ ପାନୀୟ ଜଳ ଯୋଗାଣ ହୋଇଛି। ଏହି ଗ୍ରାମର ଲୋକେ କେବଳ ପାଇପ ଲାଇନ ପାଣି ଉପରେ ନିର୍ଭର କରିଥାନ୍ତି। କିନ୍ତୁ ଭବାନୀପାଟଣାର ଜଣଙ୍କ ନାମରେ ଛେନାଗାଁ ନିକଟସ୍ଥ ତେଲନଦୀରୁ ବାଲି ନେବା ପାଇଁ ୫ ବର୍ଷ ପାଇଁ କେସିଙ୍ଗା ତହସିଲ କାର୍ଯ୍ୟାଳୟରୁ ଲିଜ ଦିଆଯାଇଛି। ଉକ୍ତ ତେଲନଦୀରୁ ୫ ହେକ୍ଟରରୁ ବାଲି ଉଠାଣ ପାଇଁ ଲିଜ ଦିଆଯାଇଛି। କିନ୍ତୁ ଉକ୍ତ ଲିଜ୍‌ଧାରୀ ଶହ ଶହ ହେକ୍ଟରରୁ ୧୦ ଫୁଟ ଗଭୀରରୁ ଜେସିବି ମେଶିନ ଲଗାଇ ବାଲି ଟ୍ରାକ୍ଟର, ହାଇୱା ଯୋଗେ ଭବାନୀପାଟଣାକୁ ଚାଲାଣ କରାଯାଉଛି। ହାଇୱେ ଓ ଟ୍ରାକ୍ଟରର ଓଜନରେ ତେଲନଦୀଠାରୁ ଛେନାଗାଁ ଦେଇ

**ଲିଜ୍‌ଧାରୀ ଧାର୍ଯ୍ୟରୁ ଅଧିକ ଚାଲାଣ କରିବା ଅଭିଯୋଗ**

ସିକେରପଡା, କୁଣ୍ଡାବନ୍ଧ ରାସ୍ତା ଦବିଯାଇ ଅତି ଶୋଚନୀୟ ହୋଇପଡୁଛି। ଫଳରେ ଲୋକେ ବହୁତ ହଇରାଣ ହେଉଛନ୍ତି। କୁଣ୍ଡାବନ୍ଧ ଗ୍ରାମ ମୁଖ୍ୟରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଘରେ ଧୂଳି ପଶିଯାଉଛି। ଛେନାଗାଁରୁ ଭବାନୀପାଟଣାକୁ ଚାଲାଣ ହେଉଥିବା ବାଲି ଟ୍ରାକ୍ଟର ଓ ହାଇୱେରେ ଉଚ୍ଚ ଦରରେ ବିକ୍ରି କରି ଲିଜଧାରୀ ମାଲାମାଲ ହେଉଥିବା ବେଳେ ଛେନାଗାଁ, କୁଣ୍ଡାବନ୍ଧ ଗ୍ରାମର ଲୋକେ ଧୂଳିଧୂସରେ ଜୀବନ ବିତାଇ ଚାଲିଛନ୍ତି। ବର୍ଷ ବର୍ଷ ଧରି ରାସ୍ତା ଶୋଚନୀୟ ଅବସ୍ଥାରେ ପଡିଥିଲେ ସୁଦ୍ଧା ଲିଜଧାରୀ ନିରବ ରହୁଛନ୍ତି । ଏ ସଂକ୍ରାନ୍ତରେ କେସିଙ୍ଗା ତହସିଲଦାର ଗଣ୍ଡାରାମ ଖମାରୀଙ୍କୁ ପଚାରିବାରୁ ଛେନାଗାଁରୁ ତେଲନଦୀ ରାସ୍ତା ଓ ପାଇପ ଲାଇନ ତୁରନ୍ତ ମରାମତି କରାଯିବ ବୋଲି ପ୍ରକାଶ କରିଥିଲେ ।

# ରାଜପୁରରେ ବ୍ଲକସ୍ତରୀୟ ବକ୍ତୃତା ପ୍ରତିଯୋଗିତା

**କୁନାଗଡ,୨୨।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ରାଜପୁର ମୋହନ ପ୍ୟାରୀ ନିଳାମ୍ବର ନେଗୀ ଡିଗ୍ରୀ ମହାବିଦ୍ୟାଳୟରେ ସୋମବାର ବ୍ଲକସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବ କେନ୍ଦ୍ର କଳାହାଣ୍ଡି, ଭାରତୀୟ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ପକ୍ଷରୁ ଏହା ଅନୁଷ୍ଠିତ ହୋଇଥିଲା। ରାଷ୍ଟ୍ର ଭକ୍ତି ଓ ରାଷ୍ଟ୍ର ନିର୍ମାଣ ଉପରେ ବକ୍ତୃତା ହୋଇଥିଲା। ଏଥିରେ ମହାବିଦ୍ୟାଳୟ ଅନେକ ଛାତ୍ରୀଛାତ୍ର ଭାଗ ନେଇଥିଲେ। କୃତୀ ଛାତ୍ରୀଛାତ୍ରମାନେ ଜିଲାସ୍ତରୀୟ ବକୃତା ପ୍ରତିଯୋଗୀତାକୁ ମନୋନୀତ ହୋଇଥିଲେ। ବିଚାରକ ଭାବେ ଅଧ୍ୟାପକ ଦୁଷ୍ମନ୍ତ ରଣା, ସନ୍ତୋଷ ପ୍ରଧାନ, ବନୀତା ପାଲ ପ୍ରମୁଖ ଯୋଗଦେଇଥିଲେ। ବିଚାରକ ଭାବେ ମହାବିଦ୍ୟାଳୟ ଅଧକ୍ଷ ରମେଶ ଚନ୍ଦ୍ର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ସୁଧାଂଶୁ ଶେଖର ନେଗୀ, ସମ୍ମାନିତ ଅତିଥି ଭାବେ ଯୁବ ସଙ୍ଗଠକ ଅବିନାଶ ମୁଣ୍ଡ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଏନୟାଇଭି ଚିନ୍ମୟ ପଣ୍ଡା ପରିଚାଳନା କରିଥିବା ବେଳେ ପଦ୍ମାବତୀ ପଟେଲ ଧନ୍ୟବାଦ ଦେଇଥିଲେ।




ବକ୍ତୃତା ପ୍ରତିଯୋଗିତାରେ ଯୋଗଦେଇଥିବା ଅତିଥି ବୃନ୍ଦ ।

### ନୂଆଗୁଡାରେ ନୂତନ ସ୍କୁଲ ଗୃହ ଉଦ୍‌ଘାଟିତ

# ବିକାଶମୂଳକ କାର୍ଯ୍ୟରେ ସମସ୍ତେ ଏକଜୁଟ ହେବା ଆବଶ୍ୟକ

**ଜୁନାଗଡ,୨୨।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଚିଗୁଡା ପଞ୍ଚାୟତ ନୂଆଗୁଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନୂତନ ଶ୍ରେଣୀ ଗୃହ ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ କ୍ଷିତିଶ ଚନ୍ଦ୍ର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିରୋଧୀ ଦଳ ନେତା ପ୍ରଦିପ୍ତ କୁମାର ନାଏକ, ସମ୍ମାନିତ ଅତିଥି ଭାବେ ଶକ୍ତିମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର, ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ, ଜୁନାଗଡ ବିଡିଓ ଦୁଲାରାମ ମାରାଣ୍ଡି, ଜୁନାଗଡ ବ୍ଲକ ଉପାଧ୍ୟକ୍ଷ ଟଙ୍କଧର ନାଏକ, ଜିପିଓ ସିଦ୍ଧେଶ୍ୱର ମେହେର, ଚିଚିଗୁଡା ସରପଞ୍ଚ ସୁଧିରା ମେହେର, ସାମାଜିକ କର୍ମୀ ଜହ୍ନୁ ବିଷି, ଶିକ୍ଷା କମିଟି ସଭାନେତ୍ରୀ ଚମ୍ପାବତୀ ବାଗ ପ୍ରମୁଖ ଯୋଗଦେଇଥିଲେ। ଯିଏ ଯେଉଁ ଦଳରେ ଥାଆନ୍ତୁ । କିନ୍ତୁ ବିକାଶ ମୂଳକ କାର୍ଯ୍ୟରେ ସମସ୍ତେ ଏକଜୁଟ ହେବା ଆବଶ୍ୟକ ବୋଲି ଏହି ଅବସରରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ନୂତନ ସ୍କୁଲ କୋଠା ୮ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହୋଇଛି। କାର୍ଯ୍ୟକ୍ରମରେ ଦିଲୀପ ବିଷି ସଭା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଯନ୍ତ୍ରୀ ସି.ଏଚ୍.ନାରାୟଣ ପାତ୍ର, ପିଇଓ ଶିବପ୍ରସାଦ ସାହୁ, ହେମଲତା ମାଝି, ନାଏବ ସରପଞ୍ଚ ନବୀନ ମେହେର, ଶିକ୍ଷକ ମିଳନ ମେହେର, ମଧୁସୁଦନ ବିଷି, ସବିତା ନାଏକ, ଅର୍ଜୁନ ଚନ୍ଦ୍ର ଦାଶ, ଜ୍ଞାନ ରଞ୍ଜନ ମେହେର, ତ୍ରିଭୁବନ ବିଷି, ବିଜୟ ଖମାରୀ, ବିରଞ୍ଚି ଖମାରୀ, ଭବାନୀ ବେମାଲଙ୍କ ସହ ପଞ୍ଚାୟତର ୱାର୍ଡ ସଦସ୍ୟ, ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।




ସ୍କୁଲ ଗୃହ ଉଦ୍‌ଘାଟନରେ ବିରୋଧୀ ଦଳ ନେତା ପ୍ରଦିପ୍ତ କୁମାର ନାଏକ ଉଦ୍‌ବୋଧନ ଦେଉଛନ୍ତି।

## ସନ୍ଦେହଜନକ ଅବସ୍ଥାରେ ଯୁବକଙ୍କ ମୃତଦେହ ଉଦ୍ଧାର

**ଜୁନାଗଡ,୨୨।୧୦ (ଡି.ଏନ.ଏ./ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡ ସହର ମା' ଲଙ୍କେଶ୍ୱରୀ ଇଣ୍ଡେନ ଗ୍ୟାସ ଅଫିସ ପଛପଟରେ ମଙ୍ଗଳବାର ଅପରାହ୍ନରେ ସନ୍ଦେହଜନକ ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରିଛି। ମୃତ ଯୁବକ ହେଲେ ଜୁନାଗଡ ଥାନା ଜିଲିଙ୍ଗଦର ପଞ୍ଚାୟତ କାଙ୍କେରୀମାଲ ଗ୍ରାମର ଭୁବନେ ବୋଡକିଆ (୨୩)। ଏ ନେଇ ମୃତକାଙ୍କ ଭଉଣୀ ବିମଳା ପୁଝାରୀ ସ୍ଥାନୀୟ ଗ୍ୟାସ କର୍ମଚାରୀଙ୍କୁ ସନ୍ଦେହ କରି ଜୁନାଗଡ ଥାନାରେ ଏକ ଲିଖିତ ଅଭିଯୋଗ ଦେଇଛନ୍ତି। ଭୁବନେ ସହରର ବାବୁପଡାରେ ତାଙ୍କ ଭଉଣୀ ବିମଳା ଘରେ ରହି ଉକ୍ତ ଗ୍ୟାସରେ ଶ୍ରମିକ ଭାବେ କାମ କରୁଥିଲେ। ମଙ୍ଗଳବାର ଗ୍ୟାସ ଅଫିସ ପଛପଟ ଏକ ଗଛରେ ଭୁବନେ ଆତ୍ମହତ୍ୟା କରିଥିବା ସ୍ଥାନୀୟ ଜଣେ କର୍ମଚାରୀ ମୃତକାଙ୍କ ଭଉଣୀଙ୍କୁ ଖବର ଦେଇଥିଲେ। ଭୁବନେଙ୍କ ମୃତ୍ୟୁ କିପରି ହେଲା ତାହାକୁ ନେଇ ମୃତକାଙ୍କ ଭଉଣୀ ସନ୍ଦେହ ସୃଷ୍ଟି କରିଛନ୍ତି। ଏହି ଘଟଣାରେ ଗ୍ୟାସ କର୍ମଚାରୀଙ୍କ ହାତ ଥିବା ମୃତକାଙ୍କ ଭଉଣୀ ବିମଳା ସନ୍ଦେହ କରିଛନ୍ତି। ଯାହାକି ସେ ଦେଇଥିବା ଲିଖିତ ଅଭିଯୋଗରୁ ଜଣାପଡିଛି। ଏ ନେଇ ଜୁନାଗଡ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ବ୍ୟବଚ୍ଛେଦ ପରେ ସବୁ କିଛି ଜଣାପଡିବ ବୋଲି ପୋଲିସ କହିଛି।

# ଜିଲାସ୍ତରୀୟ ଶିଶୁ ମହୋତ୍ସବ ହୋସଲା କାର୍ଯ୍ୟକ୍ରମ




ହୋସଲା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଭବାନୀପାଟଣା,୨୨।୧୦(ଡି.ଏନ.ଏ.)**

ଜିଲା ଶିଶୁ ସୁରକ୍ଷା ୟୁନିଟ, ଜିଲା ଶିଶୁ ମଙ୍ଗଳ ସମିତି ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ୧୮ ଓ ୧୯ ତାରିଖ ଦୁଇ ଦିନ ଧରି ଶିଶୁ ମହୋତ୍ସବ ହୋସଲା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ୧୮ ତାରିଖରେ ସ୍ଥାନୀୟ ବାଲଗୋପାଳ ସେବା ନିକେତନ ପରିସରରେ ଜିଲାରେ ଥିବା ୧୦ଟି ଶିଶୁ ଯତ୍ନ ଅନୁଷ୍ଠାନ ବାଳକବାଳିକାଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ, ଚେସ୍ ଓ ପ୍ରକଳ୍ପ ପ୍ରଦର୍ଶନୀ ପ୍ରତିଯୋଗିତା ହୋଇଥିଲା। ଜିଲା ଶିଶୁମଙ୍ଗଳ ସମିତି ଅଧ୍ୟକ୍ଷ ରାଜେଶ ନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ଶନିବାର ଦ୍ୱିତୀୟ ଦିନରେ ସ୍ଥାନୀୟ କଲେଜ ପଡିଆରେ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜିଲାର ୧୦ଟି ଶିଶୁ ଯତ୍ନ ଅନୁଷ୍ଠାନର ୧୭୫ ଜଣ ବାଳକବାଳିକା ଏଥିରେ ଅଂଶଗ୍ରହଣ କରିଥିଲେ। ୟୁକୋ ବ୍ୟାଙ୍କ ଶାଖା ପରିଚାଳକ ଶିବ ପ୍ରସାଦ ମେହେର, ଜିଲା ଶିଶୁ ମଙ୍ଗଳ ସମିତି ଅଧକ୍ଷ ରାଜେଶ ନାୟକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଖେନ୍ଦୁ ଶେଖର ମହାପାତ୍ର, ଜିଲା ଶିଶୁ ମଙ୍ଗଳ ସମିତି ସଦସ୍ୟ ସୁଧାଂଶୁ ନନ୍ଦ, ସ୍ୱର୍ଣ୍ଣଲତା ମହାନ୍ତି, କିଶୋର ନ୍ୟାୟ ବୋର୍ଡ ସଦସ୍ୟ ରୁପେଶ ହୋତା ଅତିଥି ଭାବେ ଯୋଗଦେଇ କ୍ରୀଡା ଉଦ୍‌ଘାଟନ କରିଥିଲେ। ଆନ୍ତଃ ଶିଶୁ ଯତ୍ନ ଅନୁଷ୍ଠାନ ଅନ୍ତେବାସୀଙ୍କ ମଧ୍ୟରେ ଉଭୟ ବାଳକ ଓ ବାଳିକା ବିଭାଗରେ ୧୦ ରୁ ୧୪ ବର୍ଷ, ୧୫ରୁ ୧୬ ବର୍ଷ ଓ ୧୭ରୁ ୧୮ ବର୍ଗରେ ୧୦୦ ମିଟର, ୨୦୦ ମିଟର, ୪୦୦ ମିଟର ରିଲେ ଦୌଡ, ଉଚ୍ଚ ଡିଆଁ, ଲମ୍ବଡିଆଁ ଓ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ବିଭାଗରେ ଉଭୟ ବାଳକ ଓ ବାଳିକା ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଅନ୍ତେବାସୀ ରାଜ୍ୟସ୍ତରୀୟ 'ହୋସଲା' ନାୟକ ଓ ଜିଲା ଶିଶୁ ସୁରକ୍ଷା ଅଧରକାରୀ ଶୈଳେନ୍ଦୁ ଶେଖର ମହାପାତ୍ର ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ ପିଓଆଇସି ବିକାଶ ରଞ୍ଜନ କର, ପିଓଏନ୍‌ଆଇସି ରାଜଲକ୍ଷ୍ମୀ ଦାଶ, ସାମାଜିକ କର୍ମୀ ଅଂଶୁମାନ ବାବୁ, ସୁଧାଂଶୁ ମହାପାତ୍ର, ଜୟଶ୍ରୀ ଦାଶଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଜିଲାସ୍ତରୀୟ ଡମ୍ ସମାବେଶ, ନୂଆଁଖାଇ ଭେଟ୍‌ଘାଟ୍

**ଲାଞ୍ଜିଗଡ଼,୨୨।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଶାନ୍ତପୁର ଗ୍ରାମପଞ୍ଚାୟତ ବଡ଼ଚିଚିଙ୍ଗଠାରେ ଜିଲାସ୍ତରୀୟ ଡମ୍ ସମାବେଶ ଓ ନୂଆଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ଡମ୍ ସମାଜ ପକ୍ଷ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶାନ୍ତପୁର ସମିତି ସଦସ୍ୟ ଗୋବିନ୍ଦ ତାଣ୍ଡି, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଗିରିଜା ବେହେରା ଯୋଗଦେଇ 'ଡମ୍ ସମାଜର ପୁନରୁତ୍ଥାନ' ଶୀର୍ଷକ ଏକ ସାରଗର୍ଭକ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ରଘୁନାଥ ଦୀପ, ଲୋକକଳାକାର ନରୋତ୍ତମ କରୁଆଁ, ଭ୍ରମରବର ନାଗ, ପୂର୍ବତନ ଜିଲା ପରିଷଦ ସଦସ୍ୟ କୌତୁକ ଖମାରୀ, ନିର୍ମଳ ଦୀପ, ଯୁବଲେଖକ ଓ ସାମାଜିକ କର୍ମୀ ସୁଶୀଲ କୁମାର ବାଗ ପ୍ରମୁଖ ଯୋଗଦେଇଥିଲେ । ଡମ୍ ଜାତିର ଏକ ସ୍ୱର୍ଣ୍ଣିମ ଅତିତ ଥିଲା। ଅନ୍ୟମାନଙ୍କ ହୀନ ପ୍ରରୋଚନାର ବଶବର୍ତ୍ତୀ ହୋଇ ଏ ଜାତି ନିଜର ପୂର୍ବ ଗୌରବକୁ ଭୁଲିଯାଇଛି। ଏହାକୁ ଜାଗ୍ରତ କରିବାକୁ ହେବ। ଶିକ୍ଷିତ ହୋଇ ସଂଘର୍ଷ କରି ଆଗକୁ ବଢ଼ିବାକୁ ହେବ। ନିଜ ଭିତରେ ଥିବା ହୀନମନ୍ୟତା ଓ ସାମାଜିକ କୁସଂସ୍କାର ଦୂରେଇ ଦେବାକୁ ହେବ। ଡମ୍ ଜାତିର ଭାଇଭଉଣୀମାନଙ୍କ ମଧ୍ୟରେ ସାମାଜିକ ଏକତା ଓ ଭାତୃଭାବ ସୃଷ୍ଟି ହେଲେ ସମଗ୍ର ମାନବ ସମାଜର ଏକ ନୂଆ ଇତିହାସ ଲେଖା ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି ।

ସମାବେଶ ଓ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମକୁ ବିଶିଷ୍ଟ ମଞ୍ଚ ସଞ୍ଚାଳକ ଗୋପାଳଦାସ ମହାନନ୍ଦ ପରିଚାଳନା କରିଥିଲେ। ଆଞ୍ଚଳିକ ଡମ୍ ସମାଜ ସଭାପତି ବଳରାମ ହରପାଲ, ସମ୍ପାଦକ ମୁରଲୀ ସୁନା, ବଡଚିଚିଙ୍ଗ ୱାର୍ଡସଭ୍ୟ ସଦାନନ୍ଦ ବାଗ, ସାମାଜିକ କର୍ମୀ ସୁରେଶ ତାଣ୍ଡି, ବିଦେଶୀ ହରପାଲ, ନିରଞ୍ଜନ ସୁନା, ଟିକେଲାଲ ବେହୁଆଁଙ୍କ ନେତୃତ୍ୱରେ ଆୟୋଜିତ ସମାବେଶ ଓ ନୂଆଖାଇ ଭେଟଘାଟକୁ ବଡଚିଚିଙ୍ଗ ଡମ୍‌ପଡାବାସୀଙ୍କ ସମେତ ଶାନ୍ତପୁର ଗ୍ରା.ପ.ର ବିଭିନ୍ନ ଗାଁର ଲୋକେ ସହଯୋଗ କରିଥିଲେ। ସମାବେଶ ପୂର୍ବରୁ ଗାଁର ଧରଣୀ ଓ ଗବଡା ଦେବୀଙ୍କଠାରେ ପୂଜାର୍ଚ୍ଚନା ପରେ ଏକ ବିଶାଳ ଶୋଭାଯାତ୍ରା ବାହାରି ଗାଁ ପରିକ୍ରମା କରି ସଭାସ୍ଥଳରେ ପହଞ୍ଚିଥିଲେ। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ବଜାଶାଳ ପରିବେଷଣ ସହିତ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।




ନୂଆଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

### ଭବାନୀପାଟଣା ଦ୍ୱିତୀୟ ଟାଉନ ଫୁଟବଲ୍ ଲିଗ୍

# ଆଇଆର୍‌ବି ନାଇନଥ୍ ବାଟାଲିୟନ୍ ଚାମ୍ପିୟନ ଟାଇଟଲ

**ଭବାନୀପାଟଣା,୨୨।୧୦(ଡି.ଏନ.ଏ.)**

ଭବାନୀପାଟଣାସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମଠାରେ ଗତ ସେପ୍ଟେମ୍ବର ୧୫ରୁ କଳାହାଣ୍ଡି କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଚାଲିଥିବା ଭବାନୀପାଟଣା ଦ୍ୱିତୀୟ ଟାଉନ ଫୁଟବଲ ଲିଗ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଆଇଆର୍‌ବି ନାଇନଥ୍ ବାଟାଲିୟନ୍ ଗୁଡ୍‌ମର୍ନିଂ କ୍ଲବକୁ ୪-୦ ଗୋଲରେ ପରାସ୍ତ କରି ଚଳିତବର୍ଷ ଚାମ୍ପିୟନ ହୋଇଛି । ଫାଇନାଲ୍ ମ୍ୟାଚରେ ମୁଖ୍ୟଅତିଥି ଭବେ ଶକ୍ତିମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅତିଥି ଭାବରେ କାଳାହାଣ୍ଡି ଜିଲା ଆଥେଲେଟିକ୍ ଆସୋସିଏଶନ୍‌ର ପୂର୍ବତନ ଉପସଭାପତି ତଥା ପୂର୍ବତନ ରାଜ୍ୟ ସଭା ସାଂସଦ ବସନ୍ତ କୁମାର ଦାସ, କାଳାହାଣ୍ଡି ଜିଲା ଆଥେଲେଟିକ୍ ଆସୋସିଏଶନ୍ କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ବିଧାୟକ ଅନାମ ନାଏକ ଯୋଗଦେଇ ଫୁଟବଲ୍ ଖେଳ କଳାହାଣ୍ଡି ଜିଲାର ଏକ ପ୍ରମୁଖ ଖେଳ ଭାବରେ ସୁନାମ ରହିଛି । ଏହି ଖେଳକୁ ଆହୁରି ଲୋକାଭିମୁଖୀ କରି ଯୁବକ ଯୁବତୀମାନଙ୍କୁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଜିଲା କ୍ରୀଡା ସଂସ୍ଥା ପକ୍ଷରୁ ରାଜ୍ୟସ୍ତରୀୟ ବିଶିଷ୍ଟ ପୂର୍ବତନ ଫୁଟବଲ୍ ଖେଳାଳି ଅର୍ଜୁନ ନାଏକଙ୍କୁ କ୍ରୀଡା ରତ୍ନ ସମ୍ମାନରେ ସମ୍ମାନ କରାଯାଇଥିଲା । ଫାଇନାଲ ମ୍ୟାଚ୍‌ର ସମସ୍ତ କାର୍ଯ୍ୟକ୍ରମକୁ ଜିଲା କ୍ରୀଡା ସଂସ୍ଥା ସମ୍ପାଦକ ଜଗମୋହନ ପଟ୍ଟନାୟକ, ଉପସଭାପତି ସୁରେନ୍ଦ୍ରନାଥ ତ୍ରିପାଠୀ ଓ ଯୁଗ୍ମ ସମ୍ପାଦକ ସୁନୀଲ କୁମାର ବେହେରା ପରିଚାଳନା କରିଥିଲେ । ଜିଲା କ୍ରୀଡା ସଂସ୍ଥା ବରିଷ୍ଠ ସଦସ୍ୟ ଶମ୍ଭୁପ୍ରସାଦ ରାଉତ ଓ ଭିକାରୀ ମିଶ୍ର ପରିଚାଳନାରେ ସହଯୋଗ କରିଥିଲେ। ଚଳିତବର୍ଷ ଫୁଟବଲ୍ ଲିଗ୍ ମ୍ୟାଚରେ ଶ୍ରେଷ୍ଠ ଗୋଲକିପର ଭାବେ ସୁନ୍ଦର ନାଗ ଗୁଡ୍‌ମର୍ନିଂ କ୍ଲବ, ଶ୍ରେଷ୍ଠ ଡିଫେନ୍ସ ଭାବେ କୈଳାସ ମୁଣ୍ଡା ଆଇଆରବି ନାଇନଥ୍ ବାଟାଲିୟନ୍, ଶ୍ରେଷ୍ଠ ଶୃଙ୍ଖଳିତ ଖେଳାଳି ଭାବେ ରମେଶ ଚନ୍ଦ୍ର ମାଝି ଗୋଲ୍ଡେନ ଏଫ୍‌ସିକୁ ସମ୍ମାନିତ କରାଯାଇଥିଲା। ଅତିଥିମାନେ ମହମ୍ମଦ ଅବଦୁଲ କାଦରଙ୍କ ଦ୍ୱାରା ପ୍ରଦତ୍ତ ଟ୍ରଫିକୁ ଚାମ୍ପିୟନ୍ ଟିମ୍ ଆଇଆର୍‌ବି ନାଇନଥ୍ ବାଟାଲିୟନକୁ ଏବଂ ଦ୍ୱିତୀୟ ବିଜେୟୀ ଗୁଡ୍‌ମର୍ନିଂ କ୍ଲବକୁ ପ୍ରଦାନ କରିଥିଲେ । ଫାଇନାଲ ମ୍ୟାଚ୍‌କୁ ନବୀନ ନାଏକ, ଜିତେନ୍ଦ୍ର ରଥ, ଅଶୋକ ବାଗ ଓ ହର ପଟେଲ ପ୍ରମୁଖ ରେଫେରୀ କାର୍ଯ୍ୟ ତୁଲାଇଥିଲେ। ଏହି ମ୍ୟାଚ୍‌ରେ କ୍ରୀଡା ସଂସ୍ଥା ସମ୍ପାଦକ ତଥା ଓଡିଶା ଆଥୋଲେଟିକ୍ ଆସୋସିଏଶନ୍‌ର ସଭାପତି ଜଗମୋହନ ପଟ୍ଟନାୟକ ଓ ଉପସଭାପତି ସୁରେନ୍ଦ୍ର ନାଥ ତ୍ରିପାଠି, ଫୁଟବଲ ସେକ୍ରେଟେରି କାଦର ଖାନ, ଆଥେଲେଟିକ୍ ସେକ୍ରେଟେରି ସମ୍ଭୁ ରାଉତ, ଆଇପିଇ ମହେନ୍ଦ୍ର ପଣ୍ଡା, ଜିଲାର ଭେଟେରାନ ଫୁଟବଲ ଖେଳାଳି ନଳିନୀ ମୁଣ୍ଡ, ଜଳେଶ୍ୱର ଗଉଡ, କିଶୋର ସାହୁ, ଅର୍ଜୁନ ନାଏକ, ଧିରେନ ପଟ୍ଟନାୟକ, ରାଜିବ ସାହୁ, ସନ୍ତୋଷ ପ୍ରଧାନ, ଭିକାରୀ ଚରଣ ମିଶ୍ର, ଝୁନୁ ପଣ୍ଡା, ଅଶୋକ ପଟ୍ଟନାୟକ, ସନତ୍ କୁମାର ମହାପାତ୍ର ଓ ଚକ୍ରଧର ସେଠୀ ସହଯୋଗ କରିଥିଲେ।



ଫାଇନାଲ ମ୍ୟାଚ୍‌ରେ ଅତିଥିଙ୍କ ଗହଣରେ ଖେଳାଳିମାନେ ।



ମହାରାଷ୍ଟ୍ରରେ ଭାଜପା-ଶିବସେନା ସରକାରଠାରୁ ମୁକ୍ତି ଲାଗି ଲୋକେ ଚାହୁଁଛନ୍ତି। ଏଥର ନିର୍ବାଚନରେ ପରିବର୍ତ୍ତନ ଦେଖାଦେବ।

- ଶରଦ ପାୱାର,
ଏନ୍‌ସିପି ମୁଖ୍ୟ

# ଫେଲ୍ ମାରିଛି ଖାଦ୍ୟ ସୁରକ୍ଷା ଯୋଜନା

ପ୍ରଦୀପ ତ୍ରିପାଠୀ

ନୂଆଗାଁ, ୨୨।୧୦ (ଡି.ଏନ.ଏ)- ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ଜାତୀୟ ପରିବାର ମଙ୍ଗଳ ଯୋଜନା ଉଭୟ ନିଶ୍ଚିତ ରୂପେ ଲୋକାଭିମୁଖୀ। ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକରେ ଉଭୟ ଯୋଜନା ଫେଲ୍ ମାରିଛି। ଫଳରେ ଲୋକେ ସୋମବାର ଆନ୍ଦୋଳନକୁ ଓହ୍ଲାଇଥିଲେ। ପ୍ରଥମତଃ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ବଳରେ ପ୍ରତ୍ୟେକ ଗରିବ ପରିବାରକୁ ରାଶନକାର୍ଡ ଦେବାର ବ୍ୟବସ୍ଥା ସରକାର କରିଛନ୍ତି। ହେଲେ ନୂଆଗାଁ ବ୍ଲକରେ ଶହଶହ ପ୍ରକୃତ ହିତାଧିକାରୀ ଏହି ଯୋଜନାରେ ସାମିଲ ହୋଇପାରିନାହାନ୍ତି। ପଞ୍ଚାୟତ ଓ ବ୍ଲକ ତରଫରୁ ବାରମ୍ବାର ସର୍ଭେ, ବାରମ୍ବାର ଫର୍ମ ପୂରଣ ସତ୍ତ୍ୱେ ବ୍ଲକର ୨୦ଟି ପଞ୍ଚାୟତର ଶହ ଶହ ହିତାଧିକାରୀ ଏବେ ବି ରାଶନ କାର୍ଡ ଖଣ୍ଡେ ପାଇବା ପାଇଁ ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ୁଛନ୍ତି, ହେଲେ ଫଳ ଶୂନ। କେବଳ ଏତିକି ନୁହେଁ, ଗତ କିଛି ମାସ ହେବ ପ୍ରତ୍ୟେକ ହିତାଧିକାରୀଙ୍କୁ ନିଜ ରାଶନ କାର୍ଡ ସହ ଆଧାରଲିଙ୍କ ପାଇଁ ପ୍ରଶାସନ ତରଫରୁ କୁହାଯାଇଥିବା ବେଳେ ବହୁ ହିତାଧିକାରୀଙ୍କ ରାଶନ କାର୍ଡ ସହ ଆଧାର ଲିଙ୍କ ହୋଇ ପାରିନାହିଁ। ଫଳରେ ଦୀର୍ଘ ୪ ରୁ ୫ ମାସ ହେବ ସେମାନଙ୍କୁ ଚାଉଳ ମିଳି ପାରୁନାହିଁ । ଅନଲାଇନ ବାଧକ ସାଜିଥିବା, ନେଟ ନ ଥିବା କହି ପଞ୍ଚାୟତ ଓ ବ୍ଲକ କର୍ତ୍ତୃପକ୍ଷ ହିତାଧିକାରୀଙ୍କୁ ଏକ ପ୍ରକାର ଶୋଷଣ କରୁଥିବା ଅଭିଯୋଗ ହେଉଛି। ସେହିଭଳି ବିଭିନ୍ନ ପଞ୍ଚାୟତରେ ପଞ୍ଚାୟତ କର୍ତ୍ତୃପକ୍ଷ ଉପଭୋକ୍ତାମାନଙ୍କ ଠାରୁ ବାରମ୍ବାର ଆଧାର କାର୍ଡର ଜେରକ୍ସ କପି ମାଗି ରଖୁଥିବା ବେଳେ ଅନ୍‌ଲାଇନ କରୁନାହାନ୍ତି। ପଡୋଶୀ ଝାଡଖଣ୍ଡର ଲୋକେ ନୂଆଗାଁ ବ୍ଲକ ଅଞ୍ଚଳକୁ ଆସି ନିଜ ଆଧାରଲିଙ୍କ କରୁଥିବା ବେଳେ ଓଡିଶାବାସୀ ଅର୍ଥାତ ନୂଆଗାଁ ଲୋକଙ୍କ ଆଧାରଲିଙ୍କରେ ଅନ୍‌ଲାଇନ କିପରି ବାଧକ ସୃଷ୍ଟି କରୁଛି ବୋଲି ଉପଭୋକ୍ତାମାନେ ପ୍ରଶ୍ନ କରିଛନ୍ତି। ଏହା କେବଳ ଉପଭୋକ୍ତାଙ୍କୁ ହଇରାଣ କରିବାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେମାନେ ପ୍ରକାଶ କରିଛନ୍ତି। ସେହିଭଳି ଜାତୀୟ ପରିବାର ମଙ୍ଗଳ ଯୋଜନା ଉକ୍ତ ବ୍ଲକରେ ଥାଣ୍ଡୁ ପାଲଟିଛି। ଏହି ଯୋଜନାରେ କୌଣସି ପରିବାରର ମୁଖ୍ୟଙ୍କ ମୃତ୍ୟୁ ଘଟିଲେ ସେମାନଙ୍କ ପରିବାରକୁ ସହାୟତା ରାଶି ପୂର୍ବକ ୨୦ ହଜାର ଟଙ୍କା ଦେବାର ନିୟମ ଅଛି । ହେଲେ ଏହି ଯୋଜନା ମଧ୍ୟ ଅନ୍‌ଲାଇନ ଓ ନେଟୱାର୍କ ବାହାନାରେ କାର୍ଯ୍ୟକ୍ଷମ ହୋଇପାରୁନାହିଁ। କେବଳ ଏତିକି ନୁହେଁ, ଗରିବ ଲୋକ ମୃତ୍ୟୁବରଣ କଲେ ତାଙ୍କ ଅନ୍ତେଷ୍ଟିକ୍ରିୟା ପାଇଁ ପଞ୍ଚାୟତ ତରଫରୁ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ଦେବାର ନିୟମ ଥିଲେ ହେଁ ଏହା ମଧ୍ୟ ଅନଲାଇନ ବ୍ୟବସ୍ଥା ଯୋଗୁ ଠିକ ସମୟରେ ଦିଆଯାଇପାରୁନାହିଁ। ଯାହାଠୁ ଦୁର୍ଭାଗ୍ୟର କଥା ଆଉ କିଛି ନାହିଁ। ବ୍ଲକରେ ଏଭଳି ଗୁରୁତର ଅବ୍ୟବସ୍ଥା ପ୍ରତିବାଦରେ ସୋମବାର ବରିଷ୍ଠ ବିଜେଡି ନେତା ତଥା ଜାହାଡିଟୋଲି ପଞ୍ଚାୟତର ପୂର୍ବତନ ସରପଞ୍ଚ ଶଙ୍କର ତିର୍କୀଙ୍କ ନେତୃତ୍ୱରେ ଶହଶହ ଲୋକ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବା ସହ ୭ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ଏହି ଦାବିପତ୍ରରେ ସେ ଆହୁରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇଛନ୍ତି । ଉପଯୁକ୍ତ ବୃଦ୍ଧାବୃଦ୍ଧଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳିପାରୁନି। ଭିନ୍ନକ୍ଷମ ମଧ୍ୟ ଏଥିରୁ ବାଦ ପଡୁଛନ୍ତି। ଏଭଳି ବିଭିନ୍ନ ସମସ୍ୟା ଉପରେ ବ୍ଲକ ପ୍ରଶାସନ ତଥା ଜିଲାପାଳ ଗୁରୁତ୍ୱ ଦେବାକୁ ତିର୍କୀ ଦାବି କରିଛନ୍ତି । ଏହି ୭ ଦଫା ଦାବିପତ୍ରକୁ ସେ ନୂଆଗାଁ ବିଡିଓଙ୍କୁ ପ୍ରଦାନ କରିବା ସହ ପାନପୋଷ ଉପଜିଲାପାଳ ଓ ଜିଲାପାଳଙ୍କୁ ମଧ୍ୟ ପ୍ରଦାନ କରିଛନ୍ତି।

- ପ୍ରତିବାଦରେ ବ୍ଲକ ଘେରିଲେ ଶତାଧିକ ଜନତା
- ପ୍ରକୃତ ହିତାଧିକାରୀଙ୍କୁ ମିଳିନି ରାଶନକାର୍ଡ
- ଆଧାରଲିଙ୍କ, ଅନ୍‌ଲାଇନ ବାହାନାରେ ଉପଭୋକ୍ତାଙ୍କୁ ମିଳୁନି ଚାଉଳ



ନୂଆଗାଁ ବ୍ଲକ କାର୍ଯ୍ୟାଳୟକୁ ଲୋକେ ଘେରାଉ ପାଇଁ ଯାଉଛନ୍ତି।

## ସଂକ୍ଷେପରେ





### ବିଳମ୍ବିତ ରାତିରେ ମୋବାଇଲ ଦୋକାନରୁ ଚୋରି ଅଭିଯୋଗ

ଲହୁଣୀପଡା, ୨୨।୧୦ (ଡି.ଏନ.ଏ)- ସୁନ୍ଦରଗଡ ଜିଲା ଲହୁଣୀପଡା ମୁଖ୍ୟ ବଜାରରେ ଥିବା ଏକ ମୋବାଇଲ ଦୋକାନରୁ ବିପୁଳ ପରିମାଣର ନୂଆଁ, ପୁରୁଣା ମୋବାଇଲ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ମୁଖ୍ୟ ବଜାରରେ ଥିବା କୁନ୍ଦନ ମୋବାଇଲ ଦୋକାନର ମାଲିକ ପ୍ରତ୍ୟେକ ଦିନ ଭଳି ସୋମବାର ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ । ମଙ୍ଗଳବାର ଦୋକାନ ଖୋଲିବା ବେଳକୁ ଦେଖିଲେ ଯେ, ଦୋକାନର ଖପର ଖୋଲି ଏବଂ ଦୋକାନର ସିଲିଂ ଭାଙ୍ଗି ନୂତନ ଓ ପୁରୁଣା ମୋବାଇଲ ଫୋନ ଚୋରି କରି ନେଇ ଯାଇଛନ୍ତି । ଯାହାର ଆନୁମାନିକ ମୂଲ୍ୟ ୧ ଲକ୍ଷରୁ ଅଧିକ ହେବ ବୋଲି ଅଭିଯୋଗ ପତ୍ରରେ ଦର୍ଶାଇଥିବା ଜଣାଯାଏ। ପୋଲିସ ତଦନ୍ତ ଚଳାଇଥିବା ଜାଣିବାକୁ ମିଳିଛି।

### ଉଡୁରୁମାଠାରେ ନକଆଉଟ ଫୁଟ୍‌ବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

କୁତ୍ରା, ୨୨।୧୦ (ଡି.ଏନ.ଏ)

ତରକେରା ପଞ୍ଚାୟତ ଅଧିନ ଉଡୁରୁମାଠାରେ ରକ ଷ୍ଟାର କ୍ଲବ ପକ୍ଷରୁ ଏକ ନକଆଉଟ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦଘାଟିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ପ୍ରଫେସର ଶରତ ଶେଖର ଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ବିଧିବଦ୍ଧ ଭାବେ ଟୁର୍ନାମେଣ୍ଟକୁ ଆରମ୍ଭ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଉଡୁରୁମା ଓ ବିହାବନ୍ଦ ଦଳ ମଧ୍ୟରେ ପ୍ରଥମ ଖେଳ ହୋଇଥିଲା । ଉଦ୍‌ଘାଟନୀ ଦିନ ସମୁଦାୟ ୧୨ଟି ଦଳ ଯୋଗ ଦେଇଥିଲେ। ଏହି ଟୁର୍ନାମେଣ୍ଟରେ ସମୁଦାୟ ୪୮ଟି ଦଳଙ୍କୁ ଯୋଗଦେବାକୁ ନିମନ୍ତ୍ରଣ କରାଯାଇଥିବା ରକ ଷ୍ଟାର ବ୍ଲକରେ ସଭାପତି ପ୍ରଫୁଲ୍ଲ ଲାକଡା ପ୍ରକାଶ କରିଛନ୍ତି । ଏହି ଖେଳର ଉଦଯାପନି ଉତ୍ସବ ଆସନ୍ତା ୨୬ ତାରିଖ ହେବ ବୋଲି କମିଟି ପକ୍ଷରୁ ପ୍ରକାଶ କରାଯାଇଛି । ଏହି ଖେଳ ପ୍ରତିବର୍ଷ ଆୟୋଜନ କରାଯାଇ ଗ୍ରାମାଞ୍ଚଳର ଫୁଟବଲ ଖେଳାଳିଙ୍କୁ ଉତ୍ସାହିତ କରାଯାଉଥିବା ଉଡୁରୁମା ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି। ଖେଳ ପରିଚାଳନା ଦାୟୀତ୍ୱ ବ୍ଲକର ସଂଯୋଜକ ଅଜିତ ଲାକଡା ଓ ପୂର୍ଣ୍ଣ ଲାକଡାଙ୍କୁ ଦିଆଯାଇଥିବା ବ୍ଲକ ସଦସ୍ୟମାନେ ଜଣାଇଥିଲେ ।

# ସାର ପ୍ରୟୋଗ ବିଧି ସଚେତନତା ସମ୍ପର୍କିତ କାର୍ଯ୍ୟକ୍ରମର ସିଧାପ୍ରସାରଣ

ସୁନ୍ଦରଗଡ, ୨୨।୧୦ (ଡି.ଏନ୍.ଏ)

କିରେଇସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ଠାରେ ମଙ୍ଗଳବାର କୃଷିକ୍ଷେତ୍ରରେ ସାର ପ୍ରୟୋଗ ବିଧିର ସଚେତନତା କାର୍ଯ୍ୟକ୍ରମର ସିଧାପ୍ରସାରଣ ଅନୁଷ୍ଠିତ ହୋଇଥିଲା। ଏହି ସିଧା ପ୍ରସାରଣ କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ, ସାର ଓ ରାସାୟନିକ ମନ୍ତ୍ରୀଙ୍କ ଅଭିଭାଷଣକୁ ସିଧାପ୍ରସାରଣ ମାଧ୍ୟମରେ ଉପସ୍ଥିତ ଚାଷୀମାନଙ୍କୁ ପ୍ରଦର୍ଶିତ କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ସଭାରେ ଜିଲା କୃଷି ଉପନିର୍ଦ୍ଦେଶକ ରବିନାରାୟଣ ଶତପଥୀ ,ଜଳବିଭାଜିକାର ପ୍ରକଳ୍ପ ନିର୍ଦ୍ଦେଶକ ପୀତବାସ ସାହୁ, ସହକାରୀ ବନସଂରକ୍ଷକ, ଇଫକୋର କ୍ଷେତ୍ର ପରିଚାଳକ କୁଳମଣି ମାଝି , ଆଞ୍ଚଳିକ କୃଷି ଗବେଷଣା ଉପକେନ୍ଦ୍ରର ମୁଖ୍ୟ ଡ. ସଂଜୀବ କୁମାର ବିଶ୍ୱାସୀ , କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ.ଲକ୍ଷ୍ମୀ ପ୍ରିୟା ପ୍ରଧାନଙ୍କ ସମେତ ସମସ୍ତ ବୈଜ୍ଞାନିକବୃନ୍ଦ ବିଭିନ୍ନ ବ୍ଲକର କୃଷି ଅଧିକାରୀ ଓ ୨୦୦ରୁ ଉର୍ଦ୍ଧ୍ୱ ଚାଷୀ ଯୋଗଦେଇଥିଲେ। ଚାଷୀମାନଙ୍କୁ ବୈଜ୍ଞାନିକମାନଙ୍କ ଦ୍ୱାରା ମୃତ୍ତିକା ପରୀକ୍ଷା ଓ ମୃତ୍ତିକାର ସ୍ୱାସ୍ଥ୍ୟ ପରିଚାଳନା, ସମନ୍ୱିତ ସାର ପରିଚାଳନା, ଜୈବିକ ସାରର ବ୍ୟବହାର ଓ ଉନ୍ନତ ଖତର ପ୍ରୟୋଗ, ସିଞ୍ଚନ ପ୍ରଣାଳୀରେ ସାର ପ୍ରୟୋଗ ଇତ୍ୟାଦି ଉପରେ ଚାଷୀମାନଙ୍କ ସହିତ ଆଲୋଚନା କରାଯାଇଥିଲା। ଏହା ପରେ ଚାଷୀ ମାନଙ୍କୁ ଭିଡିଓ ମାଧ୍ୟମରେ ସାର ପରିଚାଳନାର ସଫଳ କାହାଣୀ ସମ୍ପର୍କରେ ଅବଗତ କରାଯାଇଥିଲା। ଏହି ଅବସରରେ ଚାଷୀ ଓ ବୈଜ୍ଞାନିକଙ୍କ ମଧ୍ୟରେ ପ୍ରଶ୍ନୋତ୍ତର ଓ କୃଷି ଯନ୍ତ୍ରପାତି ପ୍ରଦର୍ଶିତ ହୋଇଥିଲା ।





କୃଷିକ୍ଷେତ୍ରରେ ସାର ପ୍ରୟୋଗ ବିଧିର ସଚେତନତା କାର୍ଯ୍ୟକ୍ରମର ସିଧାପ୍ରସାରଣ।

# ଅମର ପଟ୍ଟନାୟକଙ୍କ ସୁନ୍ଦରଗଡ ଗସ୍ତ

## ଭାଜପା ପକ୍ଷରୁ ଗସ୍ତକୁ ବିରୋଧ କରି ବିକ୍ଷୋଭ

ସୁନ୍ଦରଗଡ , ୨୨।୧୦ (ଡି.ଏନ୍.ଏ)

ବିଜୁ ଜନତା ଦଳ ଆଇଟି ସେଲର ଅଧ୍ୟକ୍ଷ ତଥା ରାଜ୍ୟ ସଭା ସଦସ୍ୟ ଅମର ପଟ୍ଟନାୟକ ମଙ୍ଗଳବାର ସୁନ୍ଦରଗଡ ଗସ୍ତରେ ଆସି ସ୍ଥାନୀୟ ସାର୍କିଟ ହାଉସ ଠାରେ ଦଳୀୟ କାର୍ଯ୍ୟକର୍ତ୍ତା ଓ ବିଭିନ୍ନ ବିଭାଗର ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଥିଲେ । ସର୍କିଟ ହାଉସ ଠାରେ ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ, ସୁନ୍ଦରଗଡ ଜିଲା ସ୍ୱତନ୍ତ୍ର ବିକାଶ ପରିଷଦର ଅଧ୍ୟକ୍ଷ ବିନୟ ଟପ୍ପୋ, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ବରିଷ୍ଠ ବିଜେଡି ନେତା ହରଜେନ୍ଦ୍ର ସିଂ, ସୁନୀତା ବିଶ୍ୱାଳ, କିଶୋର ନାଏକ, ସୁମନ୍ତ ପଣ୍ଡା, ଅଶୋକ ସ୍ୱାଇଁ ପ୍ରମୁଖ ଦଳୀୟ ନେତୃବୃନ୍ଦ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ ଜଣାଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ । ଅପରପକ୍ଷେ ଭାଜପା ପକ୍ଷରୁ ତାଙ୍କ ଗସ୍ତକୁ ବିରୋଧ କରାଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଗସ୍ତ କାର୍ଯ୍ୟସୂଚୀ ଅନୁଯାୟୀ ରାଜ୍ୟ ସଭା ସଦସ୍ୟ ପଟ୍ଟନାୟକ ମଙ୍ଗଳବାର ଅପରାହ୍ନ ୧ଟାରେ ସଦର ବ୍ଲକ ବିଡିଓ, ସୁନ୍ଦରଗଡ ପୌର ନିର୍ବାହୀ ଅଧିକାରୀ ଏବଂ ଟାଙ୍ଗରପାଲି ବିଡିଓଙ୍କ ସହିତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ଓ ସମୀକ୍ଷା ତଦାରଖ ପାଇଁ ଧାର୍ଯ୍ୟ ହୋଇଥିଲା। ମାତ୍ର ଏଥିରେ ସ୍ଥାନୀୟ ବିଧାୟିକା ଓ ଜନପ୍ରତିନିଧିମାନଙ୍କୁ ଡକାଯାଇ ନ ଥିବା ପ୍ରତିବାଦରେ ତାଙ୍କ ଗସ୍ତକୁ ବିରୋଧ କରି ବିଧାୟିକା କୁସୁମ ଟେଟେ, ତଳସରା ବିଧାୟକ ଭବାନୀଶଙ୍କର ଭୋଇଙ୍କ ନେତୃତ୍ୱରେ ଶତାଧିକ ଭାଜପା କର୍ମୀ ସ୍ଥାନୀୟ ହସ୍ପିଟାଲ ଛକରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଅତିରିକ୍ତ ଜିଲାପାଳ ନୃସିଂହ ଚରଣ ସ୍ୱାଇଁଙ୍କୁ ପ୍ରଦାନ କରିଥିଲେ। ପୂର୍ବତନ ବିଧାୟିକା ସୁଷମା ପଟେଲ, ଭାଜପା ଯୁବ ନେତା ଅଜୟ ପଟେଲ, ଯଦୁମଣି ପଟେଲ, ସୁରେନ୍ଦ୍ର ସ୍ୱର୍ଣ୍ଣକାର, ଡ. ହିମାଂଶୁ ଶେଖର ଷଡଙ୍ଗୀ, ନୀଳମାଧବ ସାହାଣୀ, ଯଶୋବନ୍ତ ନାଏକ, ସଂଯୁକ୍ତା ନାଏକ ପ୍ରମୁଖ ଏହି ବିକ୍ଷୋଭରେ ସାମିଲ ଥିଲେ।



ସଭା ସଦସ୍ୟ ଅମର ପଟ୍ଟନାୟକଙ୍କ ସହ ବିଜେଡ଼ି କର୍ମକର୍ତ୍ତା।





ଭାଜପା ପକ୍ଷରୁ ବିକ୍ଷୋଭ କରାଯାଉଛି।

### ବିରୋଧ ସତ୍ତ୍ୱେ ପ୍ରତିଷ୍ଠା ହେଲା ହନୁମାନ ବିଗ୍ରହ

# ୨ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା: ପୋଲିସ ମୁତୟନ

କୁତ୍ରା, ୨୨।୧୦ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ବ୍ଲକ ଅନ୍ତର୍ଗତ କଟଙ୍ଗ ପଞ୍ଚାୟତର ପଣ୍ଡରାପଡାଠାରେ ମଙ୍ଗଳବାର ଏକ ଗୋଷ୍ଠୀର ବିରୋଧ ସତ୍ତ୍ୱେ ପ୍ରଭୁ ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା କରାଯାଇଛି। ଏଠାରେ ଏହି ବିଗ୍ରହ ପ୍ରତିଷ୍ଠାକୁ ଅନ୍ୟ ଏକ ଗୋଷ୍ଠୀ ପକ୍ଷରୁ ବିରୋଧ କରାଯାଇଥିବା ବେଳେ ୨ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା । ଉତ୍ତେଜନାକୁ ଦୃଷ୍ଟିରେ ରଖି ସେଠାରେ ପ୍ରଶାସନ ପକ୍ଷରୁ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା । ପଣ୍ଡରାପଡାଠାରେ ଏକ ହନୁମାନ ବିଗ୍ରହ ସ୍ଥାପନା ପାଇଁ ଗ୍ରାମର ଏକ ଗୋଷ୍ଠୀ ପକ୍ଷରୁ ଗାଁ ମୁଣ୍ଡରେ ଥିବା ଅନାବାଦି ଜମିରେ ଏକ ମନ୍ଦିର ନିର୍ମାଣ କରାଯାଇଥିଲା। ସେଠାରେ ହନୁମାନ ବିଗ୍ରହ ପ୍ରତିଷ୍ଠା ପାଇଁ ସମସ୍ତ ପ୍ରସ୍ତୁତି ପୂର୍ବରୁ କରାଯାଇଥିଲା । ହେଲେ ଗ୍ରାମର ଅନ୍ୟ ଏକ ଗୋଷ୍ଠୀ ପକ୍ଷରୁ ମନ୍ଦିର ନିର୍ମାଣ କରାଯାଉଥିବା ଅନାବାଦି ଜମିକୁ ୨ ଭାଗ କରାଯାଇ ଗୋଟିଏ ଭାଗ ସେମାନଙ୍କୁ ପ୍ରଦାନ କରାଯିବା ଦାବି କରି ସୋମବାରଠାରୁ ବିଗ୍ରହ ପ୍ରତିଷ୍ଠାକୁ ବିରୋଧ କରାଯାଉଥିଲା । ଯାହାକୁ ନେଇ ଗାଁର ୨ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ମଙ୍ଗଳବାର ବିଗ୍ରହ ପ୍ରତିଷ୍ଠା ହେବାକୁ ଥିବାବେଳେ ଉତ୍ତେଜନାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସେଠାରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା । ଏହାସହ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ବୁଝାମଣା ନେଇ ଉପସ୍ଥିତ ପୋଲିସ ଅଧିକାରୀଙ୍କ ପକ୍ଷରୁ ଉଦ୍ୟମ କରାଯାଇଥିଲା। ହେଲେ ଉଭୟ ପକ୍ଷ ନିଜ କଥାକୁ ନେଇ ଅଡି ବସିଥିଲେ । ଫଳରେ ଉଭୟ ପକ୍ଷ ମଧ୍ୟରେ ଉତ୍ତେଜନା ଜାରି ରହିଥିବା ବେଳେ ତାହାରି ମଧ୍ୟରେ ହନୁମାନ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟ ସମ୍ପାଦନ ହୋଇଥିଲା ।

# ଆନ୍ଦୋଳନ ସତ୍ତ୍ୱେ କାର୍ଯ୍ୟକ୍ଷମ ହେଲାନି ଶୌଚାଳୟ

## ମହିଳା ଯାତ୍ରୀ ହଇରାଣ

ବଡ଼ଗାଁ, ୨୨।୧୦ (ଡି.ଏନ.ଏ)

ରାଜ୍ୟ ସରକାର ନାରୀଙ୍କୁ ସମ୍ମାନ ନାରା ଦେଉଥିଲେ ମଧ୍ୟ ଏହାର ବାସ୍ତବତା କ୍ଷେତ୍ରରେ ଦୃଷ୍ଟି ଗୋଚର ହେଉନାହିଁ। କେନ୍ଦ୍ର ସରକାର ସ୍ୱଚ୍ଛତା ଓ ଶୌଚାଳୟ ନିର୍ମାଣ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି। ହେଲେ ଏହା ଉପରେ ପ୍ରଶାସନ କେତେ ତତ୍ପର ତାର ଦୃଷ୍ଟାନ୍ତ ସୁନ୍ଦରଗଡ ଜିଲା ବଡ଼ଗାଁରେ ଦେଖିବାକୁ ମିଳିଛି। ଘଟଣା ହେଲା, ରାଜ୍ୟ ରାଜପଥ-୧୦ ସମ୍ପ୍ରସାରଣ ହେବାରୁ ବଡଗାଁ ବସଷ୍ଟାଣ୍ଡଠାରେ ଥିବା ଶୌଚାଳୟ ଭଙ୍ଗା ଯାଇଥିଲା । ନିୟମାନୁଯାୟୀ, ରାଜପଥ ନିର୍ମାଣ ଦାୟୀତ୍ୱରେ ଥିବା ଏଲ୍‌ଏଣ୍ଡଟି କମ୍ପାନୀ ଅସ୍ଥାୟୀ ଶୌଚାଳୟ ନିର୍ମାଣ କରିବା କଥା, କିନ୍ତୁ କମ୍ପାନୀ ଶୌଚାଳୟ ନିର୍ମାଣ କଲାନାହିଁ। ପ୍ରଶାସନ ମଧ୍ୟ ନିରବଦ୍ରଷ୍ଟା ସାଜିଲା । ରାସ୍ତା ନିର୍ମାଣ ପରେ ଯେଉଁଠାରେ ଶୌଚାଳୟ ଥିଲା ସେଠାରେ ନିର୍ମାଣ ପାଇଁ ଦାବି ସତ୍ତ୍ୱେ କେହି ଶୁଣିଲେ ନାହିଁ । ଫଳରେ ଦେଢ଼ ବର୍ଷ ପୂର୍ବେ ବଡ଼ଗାଁର ଗଣମାଧ୍ୟମ ପ୍ରତିନିଧି ଓ ବରିଷ୍ଠ ନାଗରିକମାନେ ବ୍ଲକ କାର୍ଯ୍ୟାଳୟ ପରିସରରେ ଆନ୍ଦୋଳନ କରିଥିଲେ। ଦୁର୍ଭାଗ୍ୟର ବିଷୟ ଆନ୍ଦୋଳନ ସତ୍ତ୍ୱେ ପ୍ରଶାସନ ବସଷ୍ଟାଣ୍ଡରେ ଶୌଚାଳୟ ଏ ଯାଏଁ ଦେଇ ପାରିନାହିଁ। ଆନ୍ଦୋଳନବେଳେ ପ୍ରଶାସନ ଶୌଚାଳୟ ନିର୍ମାଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଶୌଚାଳୟ ନିର୍ମାଣ କାମ ସେତେବେଳେ ଆରମ୍ଭ ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଅସମ୍ପୂର୍ଣ୍ଣ ଅବସ୍ଥାରେ ଅଛି। ଦେଢ଼ବର୍ଷ ମଧ୍ୟରେ ଶୌଚାଳୟ ନିର୍ମାଣ ଓ ତାକୁ କାର୍ଯ୍ୟକ୍ଷମ କରିବାରେ ବିଭାଗୀୟ ଅଧିକାରୀମାନେ ବିଫଳ ହୋଇଥିବାରୁ ସରକାରୀ କର୍ମଚାରୀଙ୍କ ସାମର୍ଥ୍ୟକୁ ଆକଳନ କରାଯାଇପାରେ । ରାଜ୍ୟ ସରକାର ୫-ଟି ମାଧ୍ୟମରେ କାର୍ଯ୍ୟ କରିବାକୁ କହୁଥିଲେ ମଧ୍ୟ କର୍ମଚାରୀମାନେ ଏହାକୁ କେତେ ଗୁରୁତ୍ୱ ଦେଉଛନ୍ତି ଏଥିରୁ ବୁଝାପଡେ । ନାରୀକୁ ସମ୍ମାନ କଥା କହୁଥିବା ସରକାର ଶୌଚ ପାଇଁ ସମସ୍ୟାରେ ପଡୁଥିବା ମହିଳାଙ୍କୁ ଶୌଚାଳୟ ଦେଇ ନ ପାରିବା ଦେଖିଲେ ନାରୀକୁ ସମ୍ମାନ କେବଳ ରାଜନୈତିକ ଉଦ୍ଦେଶ୍ୟ ଜଡିତ ସ୍ଲୋଗାନ ଭଳି ଜଣାପଡୁଛି। ଗତ କିଛି ମାସ ପୂର୍ବେ ଶୌଚାଳୟ କାମ ସମ୍ପୂର୍ଣ୍ଣ କରି କାର୍ଯ୍ୟକ୍ଷମ କରାଇବା ପାଇଁ ପିଡବ୍ଲୁଡି ଜିଲା ସହକାରୀ ଯନ୍ତ୍ରୀଙ୍କୁ କୁହାଯିବାରେ ସେ ଲୋକେ ସେଇ କାମକୁ କରନ୍ତୁ କହିଥିଲେ । ଦୀର୍ଘ ମାସପର୍ଯ୍ୟନ୍ତ କାମ ଅସମ୍ପୂର୍ଣ୍ଣ ରଖିବା ଓ ଦାବିକଲେ ଲୋକେ କରନ୍ତୁ କହିବା ସରକାରୀ ଅଧିକାରୀଙ୍କ ମନମୁଖିକୁ ସ୍ପଷ୍ଟ କରୁଛି। ତେବେ ବଡଗାଁ ବସଷ୍ଟାଣ୍ଡକୁ ଦୈନଦୀନ ଶହ ଶହ ମହିଳା ପୁରୁଷଙ୍କ ଯାତାୟତ କରୁଥିଲା ବେଳେ ବସରେ ଯିବା ପାଇଁ ଲୋକେ ଆସିଥାନ୍ତି। ଶୌଚାଳୟ ନଥିବାରୁ ବିଶେଷ କରି ମହିଳା ଯାତ୍ରୀମାନେ ଘୋର ହଇରାଣ ହେଉଛନ୍ତି । ଜିଲା ପ୍ରଶାସନ ଏ ଦିଗରେ ସମ୍ବେଦନଶୀଳ ହୋଇ ଶୌଚାଳୟକୁ ସମ୍ପୂର୍ଣ୍ଣ ଏବଂ କାର୍ଯ୍ୟକ୍ଷମ କରିବାକୁ ଦାବି ହେଉଛି ।



ବଡଗାଁ ବସଷ୍ଟାଣ୍ଡରେ ଅସମ୍ପୂର୍ଣ୍ଣ ଶୌଚାଳୟ।

### ଗ୍ରାମବାସୀଙ୍କ ବିଡିଓଙ୍କୁ ଦାବିପତ୍ର

ବାଲିଶଙ୍କରା, ୨୨।୧୦ (ଡି.ଏନ.ଏ)

ବାଲିଶଙ୍କରା ବ୍ଲକ ବେହେରାଡିହି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ପାଇଁ ବେହେରାଡିହି ଓ ଗୀତପାହାଡି ଗ୍ରାମର ଶତାଧିକ ମହିଳା, ପୁରୁଷ ଏକତ୍ରିତ ହୋଇ ବେହେରାଡିହି ଗ୍ରାମରେ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ କରାଯାଉ ବୋଲି ସୋମବାର ବାଲିଶଙ୍କରା ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଦୀର୍ଘ ଦିନରୁ ବିବାଦରେ ରହିଥିବା ଏପର୍ଯ୍ୟନ୍ତ ବେହେରାଡିହି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ନେଇ ଦ୍ୱୟ ଗ୍ରାମ ବେହେରାଡିହି ଓ ବ୍ରାହ୍ମଣମରା ମଧ୍ୟରେ ଟଣାଓଟରା ଯୋଗୁଁ ଏପର୍ଯ୍ୟନ୍ତ ଫଇସଲା ହୋଇ ପାରିନାହିଁ । ଅଭିଯୋଗ ପତ୍ରରେ ବେହେରାଡିହି ଓ ଗୀତପାହାଡି ରାଜସ୍ୱ ଗ୍ରାମେର ବେହେରାଡିହି ଗ୍ରାମ ପଞ୍ଚାୟତ ଗୃହ ତିଆରି ପାଇଁ ପ୍ରଥମରୁ ଚିହ୍ନଟ ହୋଇଥିବା ସ୍ଥାନରେ ପଞ୍ଚାୟତ ଘର ତିଆରି ସକାଶେ ଉଭୟ ରାଜସ୍ୱ ଗ୍ରାମର ପ୍ରସ୍ତାବ ହୋଇଥିଲା ବେଳେ ଏକ ଆଦିବାସୀ ନିରୀହ ଗରିବ ପରିବାର ପୂର୍ବ ପୁରୁଷଙ୍କ ସମୟରୁ ଦଖଲ ଜମିରେ ଯୋର ଜବରଦସ୍ତି ଚିହ୍ନଟ କରି ବ୍ରାହ୍ମଣମରାରେ ପଞ୍ଚାୟତ ଗୃହ ନିର୍ମାଣ କାର୍ଯ୍ୟ ଚାଲିଥିବା ସେହି କାମକୁ ତୁରନ୍ତ ବନ୍ଦ କରାଯାଇ ନେଇ ବାଲିଶଙ୍କରା ବିଡିଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି ।



ମୋର ରକ୍ତ ପଛକେ ବିଷାକ୍ତ ହୋଇଯାଉ,
ମୋର ନୀତିକୁ ଯେମିତି ବିଷ ସ୍ପର୍ଶ ନ କରୁ।
-କନଫୁସିୟସ

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ: ଯୁବକ ଗିରଫ

**ରାଉରକେଲା ଅଫିସ, ୨୨।୧୦**

ରଘୁନାଥପାଲି ଥାନା ଅର୍ନ୍ତଗତ ଲେବର ଟେନାମେଣ୍ଟରେ ଜଣେ ନାବାଳିକାକୁ ବିବାହ ପ୍ରତିଶୃତି ଦେଇ ବଳାତ୍କାର ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକଙ୍କ ନାମ ରାଜା ଭଇଁଷା ଓ ସେ ଲେବର ଟେନାମେଣ୍ଟ ଅଞ୍ଚଳର ବୋଲି ପୋଲିସ କହିଛି। ପୋଲିସ ସୂଚନା ଅନୁସାରେ ଲେବର ଟେନାମେଣ୍ଟରେ ରହୁଥିବା ରାଜା ଓ ନାବାଳିକା ଉଭୟେ ପ୍ରେମ କରୁଥିଲେ। ତେବେ ବିବାହ ପ୍ରଲୋଭନ ଦେଖାଇ ଅଭିଯୁକ୍ତ ରାଜା ନାବାଳିକାଙ୍କୁ ବଳାତ୍କାର କରିଥିଲେ। ତେବେ କିଛିଦିନ ପୂର୍ବରୁ ନାବାଳିକା ଜଣକ ରାଜା ଘରକୁ ଯାଇ ନିଜ ଘରେ ରଖିବା ସହ ବିବାହ କରିବାକୁ ଜିଦ ଧରିଥିଲେ। ତେବେ ରାଜାର ପରିବାର ଲୋକେ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ଫଳରେ ନାବାଳିକା ଜଣକ ନିରୁତ୍ସାହିତ ହେବା ସହ ଅନ୍ୟ କୌଣସି ଉପାୟ ନ ପାଇ ମଙ୍ଗଳବାର ରଘୁନାଥପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ନେଇ ପୋଲିସ ଏକ ମାମଲା (ନଂ ୨୫୯/୨୦୧୯) ରୁଜୁ କରିବା ସହ ଅଭିଯୁକ୍ତ ରାଜାକୁ ଗିରଫ କରିଛି। ବୁଧବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି।



■ ଡୁମେରବାହାଲ - ହମିରପୁର ରାସ୍ତା ଶୋଚନୀୟ

# ପ୍ରଶାସନର ଦ୍ୱାରସ୍ଥ ହେଲେ ଗ୍ରାମବାସୀ



ରାସ୍ତା ଅବସ୍ଥା ଶୋଚନୀୟ।

**ସୁନ୍ଦରଗଡ, ୨୨।୧୦ (ଡି.ଏନ୍.ଏ)**

ସୁନ୍ଦରଗଡ ଜିଲା ସବଡେଗା ବ୍ଲକ ହମିରପୁର ଗ୍ରାମ ପଞ୍ଚାୟତର ଡୁମେରବାହାଲ -ହମିରପୁର ରାସ୍ତା ଅବସ୍ଥା ସମ୍ପ୍ରତି ଶୋଚନୀୟ ହୋଇପଡିଥିବାରୁ ଜନସାଧାରଣ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ପଞ୍ଚାୟତବାସୀଙ୍କ ତରଫରୁ ବାରମ୍ବାର ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ ସତ୍ତ୍ୱେ ଏ ଦିଗରେ କୌଣସି ସୁଫଳ ନ ମିଳିବାରୁ ମଙ୍ଗଳବାର ସେମାନେ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ପଞ୍ଚାୟତବାସୀଙ୍କ ତରଫରୁ ଜିଲାପାଳଙ୍କଠାରେ ଲିଖିତ ଭାବେ ଅଭିଯୋଗ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଏହି ରାସ୍ତା ଉପରେ ପଞ୍ଚାୟତର ଡୁମେରବାହାଲ, ସୁଦର୍ଶନପୁର, ମାଲିଡିହି, ଛତାସର୍ଗି, ଭୋଗପାଲି, ପଞ୍ଚମହଲା, ଜଗନ୍ନାଥପୋଷ ଓ ବିରତୋଳା ଆଦି ଗ୍ରାମର ଗ୍ରାମବାସୀ ଯାତାୟତ ପାଇଁ ନିର୍ଭର କରିଥାଆନ୍ତି। ମାତ୍ର ରାସ୍ତା ଅବସ୍ଥା ବର୍ତ୍ତମାନ ଅତ୍ୟନ୍ତ ଶୋଚନୀୟ ହୋଇପଡିଛି । ରାସ୍ତାର ବିଭିନ୍ନ ସ୍ଥାନରେ କାଦୁଅ ପଚପଚ ହୋଇ ଆଣ୍ଠୁଏ ଲେଖାଏଁ ଗର୍ତ୍ତ ସୃଷ୍ଟି ହୋଇ ଯାତାୟତରେ ବାଧା ସୃଷ୍ଟି ହୋଇଛି । ଯାନବାହାନ ତ ଦୂରର କଥା ଚାଲିକି ଯିବା ମଧ୍ୟ କାଠିକର ପାଠହେଉଛି। ଏହି ରାସ୍ତା ବ୍ଲକ ସଦର ମହକୁମାକୁ ସଂଯୋଗ କରୁଥିବା ବେଳେ ଜନସାଧାରଣ ବିଭିନ୍ନ ସରକାରୀ କାର୍ଯ୍ୟ, ଡାକ୍ତରଖାନା ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଯିବା ଆସିବା ବେଳେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏପରିକି ପାଠପଢିବା ପାଇଁ ବିଭିନ୍ନ ସ୍କୁଲ କଲେଜକୁ ଯାଉଥିବା ଛାତ୍ରୀଛାତ୍ର ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ଏ ଦିଗରେ ଜିଲା ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ୧୫ଦିନ ମଧ୍ୟରେ ପଦକ୍ଷେପ ନେବାକୁ ଦାବି କରାଯାଇଛି। ନ ହେଲେ ପଞ୍ଚାୟତବାସୀ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି।

### ସେମାନଙ୍କ ମୁହଁରେ....



“ ରାସ୍ତା ଅବସ୍ଥା ଏଭଳି ଶୋଚନୀୟ ହୋଇପଡିଛି ଯେ ଲୋକେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଗର୍ଭବତୀ ମହିଳା କିମ୍ବା ରୋଗୀମାନଙ୍କୁ ଡାକ୍ତରଖାନା ନେବା କାଠିକର ପାଠ ହେଉଛି। ଦୀର୍ଘବର୍ଷ ହେବ ଏହି ରାସ୍ତା ଉପରେ ସରକାରଙ୍କ ନଜର ନ ପଡିବା ଦୁର୍ଭାଗ୍ୟଜନକ

**ସରୋଜ ପୂଜାରୀ, ଜଗନ୍ନାଥପୋଷ**



“ ପ୍ରତିବର୍ଷ ବର୍ଷା ମାସରେ ରାସ୍ତା ଅବସ୍ଥା ଏଭଳି ଖାଲ ଖମା ହୋଇ କାଦୁଅ ପଚପଚ ହୋଇପଡୁଛି। ସରକାର ଗାଁଗଣ୍ଡା ରାସ୍ତାର ଉନ୍ନତି ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ଅନୁଦାନ ଦେଉଛନ୍ତି। ମାତ୍ର ପଞ୍ଚାୟତ କିମ୍ବା ବ୍ଲକ ପ୍ରଶାସନ ଏହି ରାସ୍ତାର ଉନ୍ନତିକରଣ ଦିଗରେ ଧ୍ୟାନ ଦେଉ ନାହାନ୍ତି।

**ଭାଗୀରଥି ତନ୍ତୀ, ମାଲିଡିହି**



“ ଏହି ରାସ୍ତାର ଉନ୍ନତି ପାଇଁ ଆମେ ବାରମ୍ବାର ପଞ୍ଚାୟତ ଓ ବ୍ଲକ ଅଫିସ ଯାଇ ଅଭିଯୋଗ କଲେ ମଧ୍ୟ କେହି ଶୁଣୁ ନାହାନ୍ତି। ଏଣୁ ଆମେ ଜିଲାପାଳଙ୍କ ଅଫିସ ଆସି ଆଜି ଅଭିଯୋଗ କରିଛୁ। ତୁରନ୍ତ ରାସ୍ତା ମରାମତି କରା ନ ଗଲେ ଆମେ ଆନ୍ଦୋଳନ ପାଇଁ ପଦକ୍ଷେପ ନେବୁ।

**ବିଦ୍ୟାଧର ପ୍ରଧାନ, ସୁଦର୍ଶନପୁର**

## ବାମପନ୍ଥୀ ଦଳର ବିକ୍ଷୋଭ

**ରାଉରକେଲା ଅଫିସ,୨୨। ୧୦**

କେନ୍ଦ୍ର ନେତୃତ୍ୱାଧିନ ମୋଦି ସରକାରଙ୍କ ଅପରାଗତା ଦେଶକୁ ରସାତଳକୁ ନେଲାଣି ବୋଲି ବାମପନ୍ଥୀ ନେତୃମଣ୍ଡଳୀ ଅଭିଯୋଗ କରିଛନ୍ତି। ବ୍ୟାପକ ଆର୍ଥିକ ବିଶୃଙ୍ଖଳା, ଦରଦାମ ବୃଦ୍ଧି, ବେକାରୀ, ଚାଷୀ ଆତ୍ମହତ୍ୟା, ରାଷ୍ଟ୍ରାୟତ ଉଦ୍ୟୋଗର ଘରୋଇକରଣ ଆଦି ଅନିୟମିତତା ପ୍ରତିବାଦରେ ସୋମବାର ସିପିଆଇ ଓ ସିପିଆଇ(ଏମ) ମିଳିତ ଭାବେ ରାଉରକେଲା ଅତିରିକ୍ତ ଜିଲାପାଳ(ଏଡିଏମ) ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମହାନଗର ନିଗମ(ଆରଏମସି) କାର୍ଯ୍ୟାଳୟ ନିକଟରୁ ଏକ ବିରାଟ ଶୋଭାଯାତ୍ରା ବାହାରି ଏଡିଏମଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଂଚିଥିଲା। ସିପିଆଇଏମ ଜିଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିମାନ ମାଇତି ଏଥିରେ ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିପିଏମ ଜିଲା ସମ୍ପାଦକ ପ୍ରମୋଦ ସାମଲ, ଜାହାଙ୍ଗୀର ଅଲ୍ଲୀ, ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାସ, ବସନ୍ତ ନାୟକ, ବିପି ମହାପାତ୍ର, ରାଜକିଶୋର ପ୍ରଧାନ, ସିପିଆଇ ନେତା ସଦାନନ୍ଦ ସାହୁ, ଅରୁଣ ଦାସ, ପଂଚାନନ ସୁନା ପ୍ରମୁଖ ଏଥିରେ ବକ୍ତବ୍ୟ ପ୍ରଦାନ କରି ମୋଦି ସରକାର ବିରୁଦ୍ଧରେ ଐକ୍ୟବଦ୍ଧ ଆନ୍ଦୋଳନ ଡାକରା ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଯଯାତୀ ସାହୁ, ବିନୋଦିନୀ ଦାସ, ଅକ୍ଷୟ ମହାନ୍ତି, ଅରୁ ଦାସ, ଚନ୍ଦ୍ରଭାନୁ ଦାସ, ପ୍ରଭାତ ମହାନ୍ତି, କବି ପ୍ରଧାନ, ଅରିନ୍ଦମ ଦତ ଓ କିଶୋର ତନ୍ତି ପ୍ରମୁଖ ପରିଚାଳନା କରିଥିଲେ।

## ଖରିଆବାହାଲ ବସ୍ତିରୁ ଲକ୍ଷାଧିକ ମୂଲ୍ୟର ସ୍କ୍ରାପ୍ ଜବତ, ୩ ଗିରଫ

**ରାଉରକେଲା ଅଫିସ,୨୨।୧୦**

ଷ୍ଟିଲ ସିଟିରେ ବେଆଇନ ସ୍କ୍ରାପ କାରବାର ଅଭିଯୋଗ ହୋଇ ଆସୁଥିବା ବେଳେ ମଙ୍ଗଳବାର ଜିଲା ପୋଲିସ ପକ୍ଷରୁ ଏସପି କେ ଶିବା ସୁବ୍ରମଣିଙ୍କ ନେତୃତ୍ୱରେ ଏକ ବଡ ଧରଣର ଚଢାଉ କରାଯାଇଛି। ଏନେଇ ଗଠିତ ସ୍ୱତନ୍ତ୍ର ଟିମ ସେକ୍ଟର-୨ ଖରିଆବାହାଲ ବସ୍ତିରେ ଚଢାଉ ପରେ ଲକ୍ଷାଧିକ ମୂଲ୍ୟର ସ୍କ୍ରାପ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୩ଜଣଙ୍କୁ ସେକ୍ଟର- ୩ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଏମାନଙ୍କ ମଧ୍ୟରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା କପିଲ ସିଂ ଓ ତାର ଦୁଇ ସହଯୋଗୀ ଅଛନ୍ତି। ଏଥି ସହ ୪ ଗାଡି(ଅଟୋ)ସ୍କ୍ରାପ ଜବତ କରାଯାଇଥିବା ଡିଏସପି ଜ୍ୟୋତିର୍ମୟ ଭୂକ୍ତା ସୂଚନା ପ୍ରଦାନ କରିଛନ୍ତି। ଜବତ ସ୍କ୍ରାପର ମୂଲ୍ୟ ଲକ୍ଷାଧିକ ହେବ ବୋଲି ପୋଲିସ କହିଛି। ଆରଏସପି ଅଧିନରେ ରହିଥିବା ଖରିଆବାହାଲ ବସ୍ତି ଭିତରେ କିଭଳି ଦୀର୍ଘ ଦିନ ଧରି ଏତେ ପରିମାଣର ସ୍କ୍ରାପ ଗଛିତ ରହିଥିଲା ସେନେଇ ସଂଦେହ ସୃଷ୍ଟି ହୋଇଛି। ଷ୍ଟିଲ ସିଟିର ବିଭିନ୍ନ ସ୍ଥାନରୁ ଚୋରାରେ ସଂଗୃହିତ ଏହି ସ୍କ୍ରାପ ସବୁକୁ ଖରିଆବାହାଲ ବସ୍ତି ଭିତରେ ଥିବା ଏକ ଗୋଦାମ ଘରେ ରଖାଯାଉଥିଲା। ଏସବୁ ପଛରେ କାହାର ହାତ ରହିଛି ସେନେଇ ପୋଲିସ ଖୋଳତାଡ କରିବା ପରେ ଘଟଣା ପଦାକୁ ଆସିଛି। ଆହୁରି ଉଲ୍ଲେଖନୀୟ ଯେ ପାଖରେ ସେକ୍ଟର- ୩ ଥାନା ଥାଇ ମଧ ବେଆଇନ ସ୍କ୍ରାପ କାରବାର କେମିତି ଚାଲୁଥିଲା ସେନେଇ ମଧ ସନ୍ଦେହ ସୃଷ୍ଟି ହୋଇଛି। ଏବେ ପୋଲିସ ଉଚ୍ଚ କର୍ତ୍ତୃପକ୍ଷ, ଆରଏସପି ଅଧିକାରୀଙ୍କ ସମେତ ଅନ୍ୟ ବିଭାଗ ଖୋଳତାଡ ଆରମ୍ଭ କରିଛି। ଏହା ପଛରେ କେଉଁମାନେ ଅଛନ୍ତି, କିପରି ଏହି ସ୍କ୍ରାପ କାରବାର ଚାଲିଥିଲା ତା ଉପରେ ପୋଲିସ କଡା ଆଭିମୂଖ୍ୟ ଆପଣାଇବ ବୋଲି ସୂଚନା ଦେଇଛନ୍ତି ଡିଏସପି ଭୁକ୍ତା।

■ ଜିଲା ମହିଳା ଫୁଟବଲ ଚାମ୍ପିୟନଶିପ୍ର ତୃତୀୟ ଦିବସ

## କୁଆଁରମୁଣ୍ଡା, ରାଉରକେଲା ବିଜୟୀ



ଜିଲା ମହିଳା ଫୁଟବଲ ଚାମ୍ପିୟନଶିପର ତୃତୀୟ ଦିବସରେ ଅତିଥିଙ୍କ ସହ ଖେଳାଳି।

**ସୁନ୍ଦରଗଡ , ୨୨।୧୦ (ଡି.ଏନ୍.ଏ)**

ଜିଲା କ୍ରୀଡାସଂସଦ ଆନୁକୂଲ୍ୟରେ ସୁନ୍ଦରଗଡ ଷ୍ଟାଡିୟମ ଠାରେ ଚାଲିଥିବା ଜିଲା ମହିଳା ଫୁଟବଲ ଚାମ୍ପିୟନଶିପର ତୃତୀୟ ଦିବସରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍ ରେ କୁଆଁରମୁଣ୍ଡା ୟଙ୍ଗ ଆସୋସିଏସନ୍ ଦଳ ୭-୦ ଗୋଲରେ ପୁରୁଣାପାଣି ଦଳକୁ ପରାସ୍ତ କରିଥିଲା । ଏକତରଫା ଏହି ମ୍ୟାଚରେ କୁଆଁରମୁଣ୍ଡା ଦଳ ସଂଘର୍ଷପୂର୍ଣ୍ଣ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଦ୍ୱିତୀୟ ମ୍ୟାଚ ରାଜଗାଙ୍ଗପୁରର ଜାମପାଲି ପ୍ରକଳ୍ପ ବିଦ୍ୟାଳୟ ଏବଂ ରାଉରକେଲା ମହିଳା ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ରାଉରକେଲା ମହିଳା ଏକାଦଶ ୧-୦ ଗୋଲରେ ଜାମପାଲି ଦଳକୁ ପରାସ୍ତ କରିଥିଲା। ମ୍ୟାଚର ତୃତୀୟ ଦିବସରେ ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଉତ୍କୃଷ୍ଟ ଖେଳ ପ୍ରଦର୍ଶନ ପାଇଁ କୁଆଁରମୁଣ୍ଡା ଦଳର ରଶ୍ମିତା ପୋଢ ଓ ରାଉରକେଲା ଦଳର ଆଶ୍ରିତା କଙ୍ଗାଡିଙ୍କୁ ଶ୍ରେଷ୍ଠ ଖେଳାଳିଭାବେ ବିବେଚିତ କରାଯାଇଥିଲା। ରେଫରୀ ସୁଶୀଲ କୁମାର ପଟେଲ, ପ୍ରଦୀପ ପ୍ରଧାନ, ରାଜୀବ ସେଠ୍, ମନୀଷା ଟପ୍ପୋ, ପ୍ରସନ୍ନ ଭୋଇ ମ୍ୟାଚ ପରିଚାଳନା କରିଥିଲେ। ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳଙ୍କ ତତ୍ତ୍ୱାବଧାନରେ ସହସମ୍ପାଦକ ଜୟଦେବ ପାତ୍ର, ଫୁଟବଲ ସମ୍ପାଦକ ନିତ୍ୟକୁମାର ବଳ, ବିଶ୍ୱରଂଜନ ହୋତାଙ୍କ ସମେତ କ୍ରୀଡା ସଂସଦର ସଦସ୍ୟ ମାନେ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।

## ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର ମାମଲାରେ ୨ ଅଭିଯୁକ୍ତ ଗିରଫ

**ରାଉରକେଲା ଅଫିସ, ୨୨।୧୦**

ରାଉରକେଲା ବନ୍ଧମୁଣ୍ଡା ଅଞ୍ଚଳରେ ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବଳାତ୍କାର କରିବା ଅଭିଯୋଗରେ ବନ୍ଧମୁଣ୍ଡା ପୋଲିସ ମଙ୍ଗଳବାର ସକାଳେ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ବଳାତ୍କାର କରିବା ଏବଂ ଯୁବତୀ ଜଣକ ଗୋଟିଏ ଶିଶୁପୁତ୍ରକୁ ଜନ୍ମ ଦେଇ କୁଆଁରୀ ମା' ହେବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଥିଲା। ଏ ନେଇ ସମ୍ପୃକ୍ତା ଯୁବତୀ ଜଣକ ମୁଖ୍ୟ ଅଭିଯୁକ୍ତ ଦ୍ୱୟଙ୍କ ସହ ସହଯୋଗ କରୁଥିବା ଅଭିଯୋଗରେ ଅନ୍ୟ ଜଣେ ଯୁବକ ଓ ଜଣେ ମହିଳାଙ୍କ ନାମରେ ବନ୍ଧମୁଣ୍ଡା ଥାନାରେ ରବିବାର ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ବନ୍ଧମୁଣ୍ଡା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବନ୍ଧମୁଣ୍ଡା ଡୁମେରତା ଅଞ୍ଚଳର ଯୁବତୀଙ୍କୁ ସେହି ଗ୍ରାମର ସୁନୀଲ ରାଜ ବିବାହ ପ୍ରଲୋଭନ ଦେଖାଇ ଦୀର୍ଘ ଦିନ ଧରି ଶାରିରୀକ ସମ୍ପର୍କ ରଖିଥିଲେ। ତେବେ ଏହି ଘଟଣାକୁ ସୁନୀଲରାଜର ସାଙ୍ଗ ତରୁଣ ଏକ୍କା ଜାଣିବା ପରେ ସମ୍ପୃକ୍ତା ଯୁବତୀଙ୍କ ଘରେ ସବୁ ଘଟଣା ସମ୍ପର୍କରେ କହିଦେବା ପାଇଁ ଧମକ ଦେଇଥିଲା। ଫଳରେ ସମ୍ପୃକ୍ତା ଯୁବତୀ ଭୟଭୀତ ହୋଇ ପଡ଼ିଥିଲେ। ଏହାର ସୁଯୋଗ ନେଇ ତରୁଣ ମଧ ଉକ୍ତ ଯୁବତୀଙ୍କ ସହିତ ଦୈହିକ ସମ୍ପର୍କ ରଖିଥିଲେ। ତେବେ ୭ମାସ ପୂର୍ବେ ଗର୍ଭବତୀ ଥିବା ପ୍ରମିଳା ଜାଣିପାରି ସୁନୀଲରାଜଙ୍କୁ ବିବାହ କରିବା ପାଇଁ ଜିଦ ଧରିଥିଲେ। ଫଳରେ ସୁନୀଲ ଉକ୍ତ ଯୁବତୀଙ୍କୁ ଧରାଛୁଆଁ ଦେଉନଥିଲେ। ଅପରପକ୍ଷରେ ତରୁଣ ମଧ ଦୁରେଇ ରହୁଥିଲେ। ଇତିମଧରେ ଉକ୍ତ ଯୁବତୀ ଜଣକ ଏକ ଶିଶୁକୁ ଜନ୍ମ ଦେଇଥିଲେ। ତେବେ ଏ ନେଇ ବିବାହ କରିବାକୁ ପ୍ରତିଶ୍ରୁତି ଦେଇଥିବା ସୁନୀଲ ରାଜ ବିବାହ କରିବାକୁ ମନା କରିବା ସହ ଯୁବତୀଙ୍କ ଦୁଇ ଭାଇଙ୍କୁ ଜୀବନରେ ମାରି ଦେବାକୁ ଧମକ ଦେଉଥିବା ନେଇ ଯୁବତୀ ଜଣକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୁକ୍ତ ସୁନୀଲରାଜ ଓ ତରୁଣ ଗ୍ରାମକୁ ଆସି ଫେରାର ହେବାକୁ ଯୋଜନା କରୁଥିବା ବେଳେ କୌଣସି ସୂତ୍ରରୁ ପୋଲିସ ଖବରପାଇ ମଙ୍ଗଳବାର ସକାଳୁ ସେମାନଙ୍କ ଘରେ ଚଢ଼ାଉ କରି ଗିରଫ କରିଛି। ଏହାସହ ଉଭୟଙ୍କ ମଙ୍ଗଳବାର ଡାକ୍ତରଖାନାରେ ଡାକ୍ତରୀମାଇନା କରିଛି।

## ସୁପ୍ତ ପ୍ରତିଭା ଜାଗ୍ରତ କରିବାର ଅନ୍ୟ ନାମ ସୁରଭି

■ କୁଚେଇତାରେ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ

**ରାଉରକେଲା ଅଫିସ, ୨୨।୧୦**




ଅନୁଷ୍ଠିତ ସୁରଭି କାର୍ଯ୍ୟକ୍ରମରେ ଛାତ୍ରୀଙ୍କ ଦ୍ୱାରା ନୃତ୍ୟ ପ୍ରଦର୍ଶନ।

ସୁନ୍ଦରଗଡ ଜିଲା ଗୁରୁଣ୍ଡିଆ ବ୍ଲକ ଅର୍ନ୍ତଗତ କୁଚେଇତା ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସିଆରସିସି ଗୋବର୍ଦ୍ଧନ ସିଂ ଯୋଗଦେଇ କୋଣ ଅନୁକୋଣରେ ଅନେକ ପ୍ରତିଭା ଲୁଚି ରହିଥିବା ବେଳେ ଉପଯୁକ୍ତ ସୁଯୋଗ ଓ ପ୍ରୋତ୍ସାହନ ଅଭାବରୁ ସମାଜ ସମ୍ମୁଖରେ ପ୍ରଦର୍ଶିତ ହୋଇପାରୁନାହାନ୍ତି। ଆଜି ମଧ ବଣ ଜଙ୍ଗଲରେ ଥିବା ବିଦ୍ୟାଳୟମାନଙ୍କରେ ଅନେକ ପ୍ରତିଭା ଥିଲେ ମଧ ସେମାନେ ସୁଯୋଗ ପାଉନାହାନ୍ତି। ତେବେ ଯେକୌଣସି ସ୍ଥାନରେ ହେଉ ପ୍ରତିଭା ସମ୍ପନ୍ନ ଛାତ୍ରୀଛାତ୍ରଙ୍କୁ ସମାଜ ସମ୍ମୁଖରେ ପ୍ରଦର୍ଶିତ କରିବା ସହ ତାଙ୍କ ଭିତରେ ରହିଥିବା ସୁପ୍ତ ପ୍ରତିଭାକୁ ଜାଗ୍ରତ କରିବା ବହୁ ଆବଶ୍ୟକତା ରହିଛି ବୋଲି ସିଆରସିସି ମତ ଦେଇଛନ୍ତି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ ଲିଖନ, ବିତର୍କ, ଚିତ୍ରାଙ୍କନ, ବକ୍ତୃତା, କୁଇଜ, ଚିତ୍ରକଳା,ସଙ୍ଗୀତ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ବାଦ ବୁରୁଟୋଲା ପ୍ରାଥମିକ ବିଦ୍ୟାଳୟର କୁନିକୁନି ଛାତ୍ରୀଛାତ୍ରଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଶିଶୁ ମହୋତ୍ସବରେ କ୍ଲଷ୍ଟରର ୯ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୬୦ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୁଚେଇତା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସ୍ମିତା ମହାନ୍ତି, ସାବିତ୍ରୀ ଲେଙ୍କା, ପ୍ରଦୀପ ପ୍ରଧାନ, ସାବିତ୍ରୀ ମହାନ୍ତ, ସରୋଜିନୀ ଦାସ, କଳ୍ପନା ରାୟ, ନିରାଶା କିସାନ, ଅର୍ଚ୍ଚନା ସାହୁ, ସୁମତି ମିଶ୍ର, ସୁଷମା ଖିଲେଇ, ଭଗବତୀ ବାରିକ, ନବନୀତା ପାଢ଼ୀ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ।

■ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ରାସ୍ତା ନିର୍ମାଣ ନିମ୍ନମାନର

## ପିଡିଙ୍କୁ ଲିଖିତ ଅଭିଯୋଗ କଲେ ଗ୍ରାମବାସୀ

**ଲହୁଣୀପଡା, ୨୨।୧୦ (ଡି.ଏନ.ଏ)**



ଗ୍ରାମବାସୀ ପିଡ଼ିଙ୍କୁ ଦାବିପତ୍ର ଦେବାକୁ ଆସିଛନ୍ତି।

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଦର୍ଜଙ୍ଗ ପଞ୍ଚାୟତ ଲୁଧୁଣୀ ଗ୍ରାମଠାରୁ କୋଇଲିଝରିର ଗ୍ରାମ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡକ ଯୋଜନାର ପିଚୁ ରାସ୍ତା ନିମ୍ନମାନର ହୋଇଥିବା ଯୋଗୁ ଗ୍ରାମର ମହିଳା ପୁରୁଷ ବିରୋଧ କରି ମଙ୍ଗଳବାର ସୁନ୍ଦରଗଡ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି। ଉକ୍ତ ଅଞ୍ଚଳକୁ ଗମନାଗମନ ସୁବିଧା ପାଇଁ ଦର୍ଜଙ୍ଗ ଠାରେ ବ୍ରାହ୍ମଣୀ ନଦୀରେ ଏକ ପୋଲ ନିର୍ମାଣ କରାଯାଇଥିବା ବେଳେ ଉକ୍ତ ଗ୍ରାମବାସୀଙ୍କ ଯୋଗାଯୋଗର ସୁବିଧା ପାଇଁ ଏକ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ୧୪୩ ନମ୍ବର ଜାତୀୟ ରାଜପଥଠାରୁ କୋଇଲିଝରିର ପର୍ଯ୍ୟନ୍ତ ପ୍ରାୟ ୮ କିମି ପର୍ଯ୍ୟନ୍ତକୁ ଠିକା ସଂସ୍ଥା କାମ କରୁଛି। ଉକ୍ତ ଅଞ୍ଚଳର ଲୋକମାନେ ଅନେକ ସୁବିଧା ପାଇପାରିବେ ଏବଂ ସେମାନେ ସିଧାସଳଖ ଭାବେ ରାଜାମୁଣ୍ଡା ଲହୁଣୀପଡା ବଣେଇକୁ ଯାତାୟତ କରି ପାରିବେ। ଲୋକମାନଙ୍କ ସୁବିଧାକୁ ଆଖି ଆଗରେ ରଖି ଦର୍ଜଙ୍ଗଠାରେ ପୋଲ ନିର୍ମାଣ କରିବା ଏବଂ ଲୁଧୁଣୀ ଗ୍ରାମଠାରୁ କୋଇଲିଝରିର ଗ୍ରାମ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ପିଚୁ କାମ କରାଯାଉଥିଲା । ଉକ୍ତ ପିଚୁ ରାସ୍ତା କାମ ଏତେ ନିମ୍ନମାନର ଯେ ଗ୍ରାମର ଲୋକମାନେ ହାତରେ ଧରି ଦେଲେ ଉଠି ଯାଉଥିଲା । ଏହାକୁ ଦେଖି ଗ୍ରାମବାସୀ ବିରୋଧ କରିବା ସହିତ ଉପଯୁକ୍ତ କାମ କରିବା ପାଇଁ ଅନୁରୋଧ କରିଥିଲେ । କିନ୍ତୁ ଠିକାଦାରଙ୍କ କର୍ମଚାରୀ ଭୃକ୍ଷେପ କରୁନଥିଲେ । ଫଳରେ ଗ୍ରାମବାସୀ କାମକୁ ବନ୍ଦ କରି ଦେଇଥିଲେ। ମଙ୍ଗଳବାର ଲହୁଣୀପଡା ବ୍ଲକକୁ ସୁନ୍ଦରଗଡ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ (ପିଡ଼ିଡ଼ିଆରଡ଼ିଏ) ଆସିଥିବା ଖବର ପାଇ ଗ୍ରାମବାସୀମାନେ ଆସି ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି। ଆଦିବାସୀ ଅଧୁଷିତ ଅଞ୍ଚଳର ଲୋକମାନଙ୍କ ପାଇଁ ସରକାର ଯୋଜନା କରୁଥିବା ବେଳେ ଲୋକଙ୍କର ସରଳତାର ସୁଯୋଗ ନେଇ ଏହି ଭଳି ସରକାରୀ ଯୋଜନାକୁ ଅତିନିମ୍ନମାନର କାର୍ଯ୍ୟକୁ ପରିଣତ କରି ଲୋକଙ୍କ ବିକାଶ ପାଇଁବାଧା ସୃଷ୍ଟି କରୁଥିବା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁଦାବିହେଉଛି।



"ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି - ବ୍ୟାସଦେବ



## ସଂକ୍ଷେପରେ

### ଭଡ଼ାଘରୁ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଲଖନପୁର,୨୨।୧୦(ଡି.ଏନ୍.ଏ.): ଝାରସୁଗୁଡ଼ା ଜିଲା ବନହରପାଲି ଥାନା ଅଧୀନ ବନ୍ଧବାହାଲସ୍ଥିତ ଶାନ୍ତିନଗରର ଏକ ଭଡ଼ାଘର ବନ୍ଦ କୋଠରିରୁ ମଙ୍ଗଳବାର ପୋଲିସ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରିଛି। ସେ ହେଲେ ବେଲପାହାଡ଼ର ସରସ୍ୱତୀ ସୁନା(୪୮)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଏନେଇ ବନହରପାଲି ପୋଲିସ କେସ୍ ନଂ.୧୯/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ କରୁଛି। ମହିଳାଙ୍କ ପ୍ରକୃତ ମୃତ୍ୟୁର କାରଣ ଜଣାପଡି ନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ତଦନ୍ତକାରୀ ଫାଣ୍ଡି ଅଧିକାରୀ ଅଶୋକ ଦାସ କହିଛନ୍ତି। ସୂଚନାଯୋଗ୍ୟ ଯେ, ମହିଳା ଜଣଙ୍କ ବନ୍ଧବାହାଲ ଶାନ୍ତିନଗରରେ ଏକ ଘର ଭଡ଼ାନେଇ ୨ମାସ ହେଲା ଏକା ରହିଆସୁଥିଲେ। ସେ ସ୍ଥାନୀୟ ଏକ ଶାଢ଼ି ଶୋରୁମ୍‌ରେ କାମ କରୁଥିଲେ। ଏଭଳି ସ୍ଥିତିରେ ମହିଳା ଜଣକ ନିଜେ ରହୁଥିବା ଭଡ଼ାଘରେ ବେକରେ ଓଢ଼ଣି ବାନ୍ଧି ଆତ୍ମହତ୍ୟା କରିଛନ୍ତି। ମହିଳା ଜଣକ ୨ଦିନ ହେଲା ଶୋରୁମ୍‌କୁ କାମ କରିବାକୁ ଯାଉ ନ ଥିଲେ। ସେ କାହିଁକି ଓ କେଉଁ ପରିସ୍ଥିତିରେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଲେ ଏହା ସମସ୍ତଙ୍କୁ ଚକିତ କରିଛି।

### ଚୋରି ଏଲ୍‌ସିଡି ଟିଭି ଜବତ, ଅଭିଯୁକ୍ତ ଗିରଫ

ଲଖନପୁର,୨୨।୧୦(ଡି.ଏନ୍.ଏ.): ଝାରସୁଗୁଡ଼ା ଜିଲା ବନ୍ଧବାହାଲ ଫାଣ୍ଡି ଅଧୀନ ଶାନ୍ତିନଗରରୁ ଚୋରି ଯାଇଥିବା ଏଲ୍‌ସିଡି ଟିଭିକୁ ପୋଲିସ ଜବତ କରିଛି। ଚୋରିରେ ସମ୍ପୃକ୍ତ ଶାନ୍ତିନଗରର ଆଶିଷ କୁମାର ଜେନା(୨୧) ଓରଫ ଟିମ୍ପାକୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଶାନ୍ତିନଗର ବାସିନ୍ଦା ମୁନା ସେନାପତିଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ବନ୍ଧବାହାଲ ଫାଣ୍ଡିରେ କେସ୍ ନଂ.୧୩୮/୧୯ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ ଯେ, ଘର ମାଲିକ ମୁନୁ ସେନାପତି ଶାନ୍ତିନଗରସ୍ଥିତ ଘରେ ତାଲାପକାଇ ଗତ ୧୮ତାରିଖ ସପରିବାର ନିଜଗାଁ ଗଞ୍ଜାମକୁ ଯାଇଥିଲେ। ଏହାର ସୁଯୋଗ ନେଇ ଟିମ୍ପା ଘରର ତାଲାଭାଙ୍ଗି ଏଲ୍‌ସିଡି ଟିଭିକୁ ଚୋରି କରିଥିଲା। ସୋମବାର ଘର ମାଲିକ ସେନାପତି ପହଞ୍ଚି ଘରର ତାଲା ଭଙ୍ଗାଯାଇଥିବା ସହ ଲାଗିଥିବା ଏଲ୍‌ସିଡି ଟିଭି ନ ଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ବନ୍ଧବାହାଲ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଚୋରି ଏଲ୍‌ସିଡି ଟିଭିକୁ ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରିବାରେ ସଫଳ ହୋଇଛି।

### ପାରିବାରିକ ଗଣ୍ଡଗୋଳରୁ ଦୁଇ ଭାଇ ଗିରଫ

ସମ୍ବଲପୁର,୨୨।୧୦(ବ୍ୟୁରୋ): ସମ୍ବଲପୁର ଜିଲା ଧନୁପାଲି ଥାନା ମୋତିଝରନ ଅଞ୍ଚଳରେ ଏକ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇ ଘଟି ଦୁଇ ଭାଇ ଗିରଫ ହୋଇଛନ୍ତି। ସେମାନେ ହେଲେ ଉଦ୍ଧବ ବାଗ ଓ ରାଘନ ବାଗ। ଏ ନେଇ ଥାନାରେ ପୃଥକ ପୃଥକ ଭାବେ ଦୁଇଟି ମମଲା ରୁଜୁ କରାଯାଇଛି। ଅକ୍ଟୋବର ୧୨ ତାରିଖ ରାଘବ ଓ ଉଦ୍ଧବଙ୍କ ମଧ୍ୟରେ ମାଡପିଟ ହୋଇଥିଲା। ଏଥିରେ ଉଦ୍ଧବ ଆହତ ହୋଇ ଡାକ୍ତରଖାନରେ ଚିକିତ୍ସିତ ହେଉଥିଲେ।

■ଏନ୍‌ଏଲ୍‌ସି ଇଣ୍ଡିଆ କମ୍ପାନୀର ଜନଶୁଣାଣିକୁ ବିରୋଧ

# ଆନ୍ଦୋଳନ ଚେତାବନୀ ଦେଲେ ହିର୍ମାବାସୀ

**ଝାରସୁଗୁଡ଼ା ଅଫିସ୍ / ଲଖନପୁର, ୨୨।୧୦ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ପ୍ରଶାସନ ତରଫରୁ ହିର୍ମା ପଞ୍ଚାୟତ ଗରିହାଡ଼ିହି ସ୍କୁଲ ପଡ଼ିଆରେ ମଙ୍ଗଳବାର ନାଭେଲି ଲିଗ୍‌ନାଇଟ୍ କର୍ପୋରେଶନ୍ ଇଣ୍ଡିଆ ଲିମିଟେଡ୍ (ଏନ୍‌ଏଲ୍‌ସିଆଇଏଲ୍) କମ୍ପାନୀର ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ବିବରଣୀ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ପ୍ରଶାସନ ତରଫରୁ ଉପଜିଲାପାଳ ଶିବ ଟପ୍ପୋ, ଡେପୁଟି କଲେକ୍ଟର ଆଲୋମଣି ସେଠୀ, ଅତିରିକ୍ତ ତହସିଲଦାର ଗୋଲଖ ବିହାରୀ ମଙ୍ଗରାଜ, ଇଡ୍‌କୋ ଅଧିକାରିଣୀ ହେମବନ୍ତୀ ପାତ୍ର, ଜ୍ୟୋତ୍ସ୍ନାରାଣୀ ନନ୍ଦ, ଏନ୍‌ଏଲ୍‌ସି ଇଣ୍ଡିଆ କମ୍ପାନୀର ଜିଏମ୍ ଏଚ୍‌ଆର୍ ଟି. ସତ୍ୟମୂର୍ତ୍ତି, ଜିଏମ୍(ମାଇନ୍ସ) ବିଜୟ କୁମାର ଏସ୍, ଜିଏମ୍(ସିଭିଲ୍) ଏସ୍.ସତ୍ୟପ୍ରକାଶ ପ୍ରମୁଖ ଉପସ୍ଥିତଥିଲେ। ଜିଲା ପ୍ରଶାସନ ତରଫରୁ ଅତିରିକ୍ତ ତହସିଲଦାର ମଙ୍ଗରାଜ ପ୍ରଥମେ କମ୍ପାନୀର ପ୍ରସ୍ତାବିତ ପାୱାରପ୍ଲାଣ୍ଟ ସମ୍ପର୍କରେ କହିଥିଲେ। ହେଲେ ଏହାକୁ ଉପସ୍ଥିତ ସ୍ଥାନୀୟ ଲୋକେ ବିରୋଧକରି ହୋହାଲ୍ଲା କରିଥିଲେ।



କମ୍ପାନୀର ଜନ ଶୁଣାଣିକୁ ବିରୋଧ କରୁଛନ୍ତି ସ୍ଥାନୀୟ ବାସିନ୍ଦା।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଯେ, ଝାରସୁଗୁଡ଼ାରେ ବିଭିନ୍ନ ଶିଳ୍ପାନୁଷ୍ଠାନ ଗଢ଼ିଉଠିବା ଫଳରେ ମାତ୍ରାଧିକ ପ୍ରଦୂଷଣ ହେଉଛି। କଳକାରଖାନାରୁ ନିର୍ଗତ କୋଇଲା ପାଉଁଶ ଏଣେତେଣେ ପଡୁଛି। ଫଳରେ ଜଳ ଓ ବାୟୁମଣ୍ଡଳ ମାତ୍ରାଧିକ ପ୍ରଦୂଷିତ ହେଉଛି। ଲୋକେ ବିଭିନ୍ନ ମାରାତ୍ମକ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏଥିପାଇଁ ଝାରସୁଗୁଡ଼ାକୁ ଅତ୍ୟନ୍ତ ପ୍ରଦୂଷିତ ଅଞ୍ଚଳ ବୋଲି କୁହାଯାଉଛି। ତଥାପି ଏଠାରେ ସରକାର ଏନ୍‌ଏଲ୍‌ସି ଇଣ୍ଡିଆ କମ୍ପାନୀକୁ ବୃହତ ପାୱାରପ୍ଲାଣ୍ଟ ନିର୍ମାଣ ପାଇଁ କିଭଳି ଅନୁମତି ଦେଇଛନ୍ତି ବୋଲି ଲୋକେ ପ୍ରଶ୍ନ କରିଥିଲେ। ଏଠାରେ ଯଦି ପାୱାରପ୍ଲାଣ୍ଟ ନିର୍ମାଣ ହେବେ ତା'ହେଲେ ହିର୍ମା ପଞ୍ଚାୟତର କୁମ୍ଭାରୀ, ତରେଇକେଲା, ହିର୍ମା, ଡୁମ୍ଭେକେଲା, ଲୁହେରାନ୍‌କଛର୍ ଆଦି ଗ୍ରାମ ପ୍ରଭାବିତ ହେବ। ବହୁ ଗ୍ରାମବାସୀ ଭିଟାମାଟି ହରାଇ ବିସ୍ଥାପିତ ଓ କ୍ଷତିଗ୍ରସ୍ତ ହେବେ। ଏହାକୁ ଦୃଷ୍ଟିରେ ରଖି ଏଠାରେ ପ୍ରସ୍ତାବିତ ପାୱାରପ୍ଲାଣ୍ଟ ନ କରିବା ପାଇଁ ଦାବି କରିଛନ୍ତି। ଯଦି ଲୋକଙ୍କ ଦାବିକୁ ଅଣଦେଖା କରାଯାଏ, ତା'ହେଲେ ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି ସ୍ଥାନୀୟ ବାସିନ୍ଦା ସାନ୍ତନୁ ପାଣିଗ୍ରାହୀ, ଶ୍ରୀପତି ପାଣିଗ୍ରାହୀ, ରାଜୀବ ପାଣିଗ୍ରାହୀ, ବୁଦ୍ଧୁରାମ ଗରିଆ, ମୁରାରୀ ପାଣିଗ୍ରାହୀ ପ୍ରମୁଖ କହିଛନ୍ତି। ପଞ୍ଚାୟତବାସୀଙ୍କ ଏଭଳି ବିରୋଧ ଫଳରେ ଜନଶୁଣାଣି ହୋଇପାରିନାହିଁ। ଏନେଇ ଉପଜିଲାପାଳ ଟପ୍ପୋ କହିଛନ୍ତି ଯେ, ପ୍ରଥମେ ଲୋକେ ଏହାକୁ ବିରୋଧ କରିଛନ୍ତି। ପରବର୍ତ୍ତୀ ସମୟରେ ଲୋକଙ୍କୁ ବୁଝାଯାଇ ପୁନର୍ବାର ଜନଶୁଣାଣି କରାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ, ପାୱାରପ୍ଲାଣ୍ଟ ନିର୍ମାଣ ପାଇଁ ହିର୍ମା ପଞ୍ଚାୟତର ଉପରୋକ୍ତ ଗ୍ରାମଗୁଡ଼ିକର ୭୫୩ ଏକର ୧୩୦ ଡେସିମିଲ ରୟତ ଜମି ଓ ୧୨୨୧ଏକର ୬୧ ଡେସିମିଲ ଅଣଜଙ୍ଗଲ ଓ ଅନ୍ୟାନ୍ୟ କିସମ ଜମି ଆବଶ୍ୟକତା ରହିଛି। ଏ ଜମି ସବୁକୁ କମ୍ପାନୀ ଇଡ୍‌କୋ ଜରିଆରେ ଅଧିଗ୍ରହଣ କରିବ। ଏଥିରେ ଉପରୋକ୍ତ ୫ ଗ୍ରାମର ୭୬୨ ପରିବାର ବିସ୍ଥାପିତ ଓ ୫୪୩ ପରିବାର କ୍ଷତିଗ୍ରସ୍ତ ହେବେ ବୋଲି ଜଣାପଡ଼ିଛି।

## ବିଜୁ ଯୁବବାହିନୀର ରକ୍ଷକ କାର୍ଯ୍ୟକ୍ରମ





ବିଜୁ ଯୁବବାହିନୀ କର୍ମକର୍ତ୍ତା ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ କରୁଛନ୍ତି।

**କିର୍ମିରା, ୨୨।୧୦(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକ ସୁଲାହି ଓ ବନ୍ଧପାଲି ପଞ୍ଚାୟତରେ ବିଜୁ ଯୁବବାହିନୀ ଦ୍ୱାରା ସଡ଼କ ସୁରକ୍ଷା ଓ ନିୟମ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ (ରକ୍ଷକ) ଅନୁଷ୍ଠିତ ହୋଇଯାଇ ଅଛି। ଯୁବବାହିନୀ ସଦସ୍ୟମାନେ ଲୋକଙ୍କୁ ଟ୍ରାଫିକ ନିୟମ ତଥା ସୁରକ୍ଷା ବିଷୟରେ ସଚେତନ କରିଥିଲେ। ସୁଲାହି ଗ୍ରାମ ପଞ୍ଚାୟତ ଦେଓପାନ (ଡୁଲେଶରା) ଗ୍ରାମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍କୁଲ ଛାତ୍ରୀଛାତ୍ରଙ୍କ ସହିତ ଶିକ୍ଷକ ସୁରେଶ ନାୟକ, ମୋହନଲାଲ ପିଙ୍ଗ, ନୂଆଁଦେଇ ପ୍ରଧାନ, ବିଜୁ ଯୁବ ବାହିନୀର ଜୀବର୍ଦ୍ଧନ ଛତ୍ରିଆ, ଗୋପାଳ ପିଙ୍ଗ, ମନଜିତ ମାଝି, ହେମକାନ୍ତ ପ୍ରଧାନ, ବିଜୟ ମାଝି, ଚୈତନ୍ୟ ରୋହିଦାସ, ମୁକେଶ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ବନ୍ଧପାଲି ଗ୍ରାମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ମଞ୍ଜୁଲତା ପଟେଲ, ଯୁବ ବାହିନୀ ସଭାପତି ଧର୍ମେନ୍ଦ୍ର ଗୋଖରା, ସଭ୍ୟ ଛବିଲ ବେସନ, ରବୀନ୍ଦ୍ର ଆଚାର୍ଯ୍ୟ, ଦୀପକ ବେସନ, ଦିଲୀପ ହାତୀ, ଗୋକୁଳ ପଟେଲ, ଈଶ୍ୱର ମଗରଙ୍କ ସମେତ ସ୍କୁଲ ଛାତ୍ରୀଛାତ୍ର ଯୋଗଦେଇଥିଲେ।

## ସମିତି ସଭ୍ୟାଙ୍କ ସ୍ୱାମୀ ଥାନାରେ ଅଟକ

**ସମ୍ବଲପୁର,୨୨।୧୦(ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ୍‌ର ଏକ ପଞ୍ଚାୟତର ଜରେ ସମିତି ସଭ୍ୟାଙ୍କ ସ୍ୱାମୀଙ୍କୁ ଯୁଯୁମୁରା ଥାନା ପୋଲିସ ମଙ୍ଗଳବାର ୩ ଘଣ୍ଟା ଧରି ଥାନାରେ ଅଟକ ରଖି ପରେ ଛାଡି ଦେଇଛି। ସେ ଶାସକ ଦଳର ଜଣେ ଯୁବ କର୍ମକର୍ତ୍ତା ହୋଇଥିବାରୁ ରାଜନୈତିକ ଚାପରେ ପୋଲିସ ଛାଡି ଦେଇଥିବା ଅଭିଯୋଗ ହୋଇଛି। ହେଲେ ଏହି ଘଟଣାରେ ଅଭିଯୋଗ ହୋଇ ନ ଥିବାରୁ କିଛି ଘଣ୍ଟା ଥାନାରେ ରଖି ଉକ୍ତ ଯୁବକଙ୍କୁ ଛାଡି ଦିଆଯାଇଛି ବୋଲି ଥାନା ଅଧିକାରୀ ଲୋକନାଥ ସାହୁ କହିଛନ୍ତି। ଯୁଯୁମୁରା ଛକ ନିକଟରେ ଏକ ବାଇକ୍‌ରେ ଦୁଇ ଯୁବକ କଟକ ଯାଉଥିବା ଏକ ଟ୍ରକ୍‌ର ପିଛା କରି ଅଟକାଇଥିଲେ। ଡ୍ରାଇଭରଙ୍କୁ ଗାଳିଗୁଲଜ କରିବା ସହ ଧମକ ଚମକ ଦେଉଥିଲେ। ଏହି ସମୟରେ ଯୁଯୁମୁରା ପୋଲିସ ଗାଡି ପହଞ୍ଚି ଟ୍ରକ୍ ଡ୍ରାଇଭର ଓ ଉକ୍ତ ଯୁବକ ଦ୍ୱୟଙ୍କୁ ଥାନାକୁ ନେଇଥିଲା। ପ୍ରାୟ ୩ ଘଣ୍ଟା ବିତି ଯାଇଥିଲେ ମଧ୍ୟ ଡ୍ରାଇଭର ଉକ୍ତ ଯୁବକ ଦ୍ୱୟଙ୍କ ବିରୋଧରେ କୌଣସି ଅଭିଯୋଗ ନ କରିବାରୁ ପୋଲିସ ତାଙ୍କୁ ଛାଡି ଦେଇଛି।

■ବେଦାନ୍ତ ପକ୍ଷରୁ ଜୀବିକା ସମୃଦ୍ଧି କାର୍ଯ୍ୟକ୍ରମ

## ୩ ଗାଁର ୨୫୦ ଚାଷୀ ଅନ୍ତର୍ଭୁକ୍ତ



ଝାରସୁଗୁଡ଼ା ବେଦାନ୍ତ କମ୍ପାନୀ ଦ୍ୱାରା ମଙ୍ଗଳବାର ଆୟୋଜିତ ଜୀବିକା ସମୃଦ୍ଧି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ସମ୍ବଲପୁର, ୨୨।୧୦ (ବ୍ୟୁରୋ)**

ଝାରସୁଗୁଡାସ୍ଥିତ ବେଦାନ୍ତ କମ୍ପାନୀ ପକ୍ଷରୁ ଗୁଡିଗାଁ, ସିରିଆପାଲି ଓ କେଲେଣ୍ଡାମାଲ ଗ୍ରାମରେ ଦ୍ୱିତୀୟ ପର୍ଯ୍ୟାୟ ଜୀବିକା ସମୃଦ୍ଧି କାର୍ଯ୍ୟକ୍ରମ ମଙ୍ଗଳବାର ଆରମ୍ଭ ହୋଇଛି। ଏଥିରେ ୩ଟି ଗ୍ରାମର ୨୫୦ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି । ଝାରସୁଗୁଡା ଜିଲାପାଳ ସରୋଜ କୁମାର ସାମଲ ମୁଖ୍ୟଅତିଥି, ବେଦାନ୍ତ କମ୍ପାନୀ ସିଇଓ ସି.ଏନ. ସିଂ, କେରେଣ୍ଡାମାଲ ପଞ୍ଚାୟତ ସରପଞ୍ଚ ସୌଦାମନୀ ନାୟକ, ସେବା ସମ୍ପାଦକ ସୁଶୀଲ କୁମାର ଦାଶ, ଅମରଜ୍ୟୋତି କୃଷକ ସଂଘ ସଭାପତି ଜୟକୃଷ୍ଣ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ୧୫୦ରୁ ଉର୍ଦ୍ଧ୍ୱ ଚାଷୀ ଯୋଗ ଦେଇଥିଲେ । ବେଦାନ୍ତ ବରିଷ୍ଠ ଅଧିକାରୀ ଚନ୍ଦ୍ରଶେଖର ସାହୁ, ସଞ୍ଜୀବ ପଟ୍ଟନାୟକ, ସୁନ୍ଦର ରାଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଜୀବିକା ସମୃଦ୍ଧି ପ୍ରଥମ ପର୍ଯ୍ୟାୟରେ ସିରିଆପାଲି ଗ୍ରାମର ୧୧୧ ଜଣ ଚାଷୀ ଉପକୃତ ହୋଇଛନ୍ତି। ଏହି ଗ୍ରାମରେ ୫ରୁ ୨୬ ପ୍ରତିଶତ ଜଳସେଚନ ଦକ୍ଷତା ବୃଦ୍ଧି କରାଯାଇଛି ।



## OFFICE OF THE ANGUL MUNICIPALITY, ANGUL

No.8706 Dt.22.10.2019

**QUOTATION CALL NOTICE**

**No.C-263 :-** Tender in sealed cover from the intending Authorized Advertisement Agencies are invited for the work "errection of hoarding/middle pole advertisement within Angul Municipality area", The offset price is fixed @ 40/- per sqft. Per year for hoarding and Rs.2000/-per pole per year. They should quote the price both in figure and words, the term of license shall be for one year. The sale of tender paper will be commencing from dt. 23.10.2019 to dt.31.10.2019 up to 5.00 PM. Which will be obtained from cash section on payment of Rs.5000.00( Rupees Five thousand)only (non refundable). They are required to deposit Rs.3,00,000.00 (Three lakhs) only in shape of bank draft drawn in favour of Executive Officer, Angul Municipality towards security deposit which will be refunded after completion of operation period one year. The security deposit of unsuccessful bidder will be refunded after issue of order to the successful bidder. The tender paper shall be received on dt 01.11.2019 up to 3.00 p.m which will be dropped in the Tender Box kept in the office chamber of undersigned, The tender will be opened on the same day at 4.00 p.m in presence of bidders or their authorized agent, The original money receipt for purchase of tender paper and the demand draft should be enclosed in the tender documents. The successful bidders shall have to execute agreement within seven days from the date of receipt of letter along with full payment towards errection of hoarding and middle pole advertisement for one year in shape of D.D. to be drawn in favour of Executive Officer, Angul Municipality. All the terms conditions guideline mentioned in tender schedule shall have to be obeyed. The under signed reserves the right to reject any or all the tenders without assigning any reason thereof.

**Sd./- Executive Officer**
**Angul Municipality**

13085/11/0008/1920

## GOVERNMENT OF ODISHA, OFFICE OF THE SUPERINTENDING ENGINEER, RURAL WORKS CIRCLE, SAMBALPUR

Tel-0663-2548268,E-mail id-serwcirclesbp@yahoo.com

Office order No.1872 /Dated.18.10.2019

**1st corrigendum to Bid Identification No. Road Tender online RWCSBP-09**

**No. O-461:-** The summary of key dates which was invited vide bid Identification No.Road Tender online RWCSBP-09 is modified as below due to un-avoidable circumstances. All other terms and conditions of DTCN remain unchanged.

| Procurement Officer | Bid Identification No. | Availability of tender online for bidding | | Last date & time for clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical | Financial |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Sambalpur | Road Tender Online RWCS BP-09 | Present 30.09.2019 at 11.00 AM previous 30.09.2019 at 11.00 AM | Present 26.10.2019 up to 4.00PM previous 21.10.2019 up to 4.00 PM | Present 25.10.2019 upto 4.00PM previous 19.10.2019 upto 4.00 PM | Present 28.10.2019 at 11.00 AM previous 22.10.2019 at 11.00 AM | Present Will be intimated later previous Will be intimated later |

25091/11/0007/1920 Superintending Engineer, Rural Works Circle, Sambalpur

## ଓଡ଼ିଶା ସରକାର
## ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଘୋଷଣା

**File No. 267** **dated: 06.03.19**

**No. II-19:-** ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା -**ଇନ୍ଦିପୁର**, ଥାନା- କାମାକ୍ଷାନଗର, ତହସିଲ-କାମାକ୍ଷାନଗର, ଜିଲ୍ଲା- ଢେଙ୍କାନାଳରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଅନୁଗୁଳ ଡୁବୁରି ସୁକିନ୍ଦା ରୋଡ ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୫୪୫ ତା. ୦୪।୦୪।୨୦୧୮ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା -ଇନ୍ଦିପୁର, ଥାନା -କାମାକ୍ଷାନଗର, ଜିଲ୍ଲା -ଢେଙ୍କାନାଳରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ **dkl.nic.in** ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ **odisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଅନୁଗୁଳ ଡୁବୁରି ସୁକିନ୍ଦା ରୋଡ ନୂତନ ଓସାରିଆ ରେଳପଥ ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା: ଢେଙ୍କାନାଳ** **ତହସିଲ: କାମାକ୍ଷାନଗର**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ରକବା | ରୟତ୍‌ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଇନ୍ଦିପୁର | ଗ୍ରାମାଞ୍ଚଳ | ୨ | ୧୦୭ | ଶାରଦ-୧ | ୦.୨୯୦ | ୦.୦୨୦ | ଅଚ୍ୟୁତାନନ୍ଦ ବେହେର, ପି: ଶ୍ରୀକର ବେହେରା, ଜା: ହଂସି, ବା: ନିଜଗାଁ |
| ଇନ୍ଦିପୁର | ଗ୍ରାମାଞ୍ଚଳ | ୩୫ | ୭୨ | ଶାରଦ-୨ | ୦.୭୭୫ | ୦.୦୦୬ | କେତୁକା ଦାସ, ସ୍ୱା: ନେକୁଳ ଦାସ, ଜା: ଗୋପାଳ, ବା: ନିଜଗାଁ |
| ଇନ୍ଦିପୁର | ଗ୍ରାମାଞ୍ଚଳ | ୫୪ | ୮୭ | ଶାରଦ-୩ | ୦.୧୦୦ | ୦.୦୧୭ | ଘନ ବେହେରା, ପି: ଅଧିକାରୀ ବେହେରା, ଜା: ହଂସି, ବା: ନିଜଗାଁ |
| ଇନ୍ଦିପୁର | ଗ୍ରାମାଞ୍ଚଳ | ୫୭ | ୧୧୩ | ଶାରଦ-୨ | ୦.୨୦୦ | ୦.୦୧୦ | ଚକ୍ରଧର ଦାସ, ପି: ପଛିମିରା ଦାସ, ଜା: ଗୋପାଳ, ବା: ଜିରିଡ଼ାମାଳି |
| ଇନ୍ଦିପୁର | ଗ୍ରାମାଞ୍ଚଳ | ୫୭ | ୧୧୨ | ଶାରଦ-୨ | ୦.୦୮୦ | ୦.୦୧୫ | |
| ଇନ୍ଦିପୁର | ଗ୍ରାମାଞ୍ଚଳ | ୫୯ | ୭୦/ ୩୫୫୪ | ଶାରଦ-୧ | ୦.୦୧୦ | ୦.୦୧୫ | ଚନ୍ଦ୍ରମଣି ନାଏକ, ପି: ଟାଙ୍ଗୁରୁ ନାଏକ, ଜା: ପାଣ, ବା: ନିଜଗାଁ |
| ଇନ୍ଦିପୁର | ଗ୍ରାମାଞ୍ଚଳ | ୫୯ | ୧୦୪ | ଶାରଦ-୧ | ୦.୧୦୦ | ୦.୦୦୫ | |
| ଇନ୍ଦିପୁର | ଗ୍ରାମାଞ୍ଚଳ | ୧୦୪ | ୮୩ | ଶାରଦ-୩ | ୦.୧୬୦ | ୦.୦୧୪ | ନାକପୋଡ଼ି ଦାସ, ପେଜ ଦାସ, ଚକ୍ର ଦାସ, ଡମ ଦାସ, ଚଣିଆ ଦାସ, ତରା ଦାସ, ଜହ୍ନ ଦାସ, ପି: ପଶ୍ଚିମିରା ଦାସ, ବଚନ ଦାସ, ସ୍ୱା: ପଶ୍ଚିମିରା ଦାସ, ଜା: ଗୋପାଳ, ବା: ନିଜଗାଁ |
| ଇନ୍ଦିପୁର | ଗ୍ରାମାଞ୍ଚଳ | ୧୧୫ | ୮୬ | ଶାରଦ-୧ | ୦.୩୧୦ | ୦.୦୩୦ | ପତିତପାବନ ନାଏକ, ପି: ଟାଙ୍ଗୁରୁ ନାଏକ, ଜା: ପାଣ, ବା: ନିଜଗାଁ |
| ଇନ୍ଦିପୁର | ଗ୍ରାମାଞ୍ଚଳ | ୧୧୯ | ୧୦୪/ ୩୬୦୦ | ଶାରଦ-୧ | ୦.୦୪୦ | ୦.୦୧୦ | ପଦ୍ମଲାଭ ରାଉଳ, ପରମାନନ୍ଦ ରାଉଳ, ପି: ଚିନ୍ତାମଣି ରାଉଳ, ଜା: ଖଣ୍ଡାୟତ, ବା: ନିଜଗାଁ |
| ଇନ୍ଦିପୁର | ଗ୍ରାମାଞ୍ଚଳ | ୧୧୯ | ୧୧୬ | ଶାରଦ-୨ | ୦.୦୮୦ | ୦.୦୧୭ | |
| ଇନ୍ଦିପୁର | ଗ୍ରାମାଞ୍ଚଳ | ୧୧୯ | ୧୧୮ | ଶାରଦ-୩ | ୦.୨୩୦ | ୦.୦୩୫ | |
| ଇନ୍ଦିପୁର | ଗ୍ରାମାଞ୍ଚଳ | ୧୧୯ | ୧୨୦ | ଶାରଦ-୩ | ୦.୧୦୦ | ୦.୦୧୦ | |
| ଇନ୍ଦିପୁର | ଗ୍ରାମାଞ୍ଚଳ | ୧୧୯ | ୧୨୨ | ଶାରଦ-୩ | ୦.୧୮୦ | ୦.୦୨୩ | |
| ଇନ୍ଦିପୁର | ଗ୍ରାମାଞ୍ଚଳ | ୧୧୯ | ୧୨୪ | ଶାରଦ-୩ | ୦.୨୩୦ | ୦.୦୧୪ | |
| ଇନ୍ଦିପୁର | ଗ୍ରାମାଞ୍ଚଳ | ୧୧୯ | ୧୨୫ | ଜଳାଶୟ୨ | ୦.୨୭୦ | ୦.୦୦୫ | |
| ଇନ୍ଦିପୁର | ଗ୍ରାମାଞ୍ଚଳ | ୧୨୩ | ୧୦୮ | ଶାରଦ-୩ | ୦.୧୩୦ | ୦.୦୧୦ | ପରମାନନ୍ଦ ଦାସ, ପି: ଗୁଣିଆ ଦାସ, ଜା: ଗୋପାଳ, ବା: ନିଜଗାଁ |
| ଇନ୍ଦିପୁର | ଗ୍ରାମାଞ୍ଚଳ | ୧୩୫ | ୭୧ | ଶାରଦ-୨ | ୦.୩୬୦ | ୦.୦୨୨ | ପୀତବାସ ଦାସ, ପି: ଅର୍ଜୁନ ଦାସ, ଜା: ଗୋପାଳ, ବା: ନିଜଗାଁ |
| ଇନ୍ଦିପୁର | ଗ୍ରାମାଞ୍ଚଳ | ୨୩୧ | ୮୨ | ଶାରଦ-୩ | ୦.୨୨୦ | ୦.୦୧୩ | ମିଲୁ ରାଉତ, ପି: ସପନି ରାଉତ, ଜା: ଖଣ୍ଡାୟତ, ବା: ନିଜଗାଁ |
| ଇନ୍ଦିପୁର | ଗ୍ରାମାଞ୍ଚଳ | ୨୪୪ | ୧୧୧ | ଶାରଦ-୨ | ୦.୧୪୦ | ୦.୦୨୦ | ରଜନୀ ନାଏକ, ପି: କାଳିଆ ନାଏକ, ବାଇନ ନାଏକ, ପି: ମାଟିଆ ନାଏକ, ଜା: ଚଷା, ବା: ନିଜଗାଁ |
| ଇନ୍ଦିପୁର | ଗ୍ରାମାଞ୍ଚଳ | ୨୪୪ | ୧୩୧ | ଶାରଦ-୨ | ୦.୦୨୦ | ୦.୦୨୨ | |
| ଇନ୍ଦିପୁର | ଗ୍ରାମାଞ୍ଚଳ | ୨୬୧ | ୧୦୯ | ଶାରଦ-୧ | ୦.୧୫୦ | ୦.୦୦୫ | ଶଙ୍କର ନାଏକ, ପି: ଅଧିକାରୀ ନାଏକ, ଜା: ପାଣ, ବା: ନିଜଗାଁ |
| ଇନ୍ଦିପୁର | ଗ୍ରାମାଞ୍ଚଳ | ୨୬୧ | ୮୫ | ଶାରଦ-୧ | ୦.୧୦୦ | ୦.୦୧୦ | |
| | | | | | ମୋଟ | ୦.୩୪୭ | |

- ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ......... ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

**ଜିଲ୍ଲା: ଢେଙ୍କାନାଳ** **ତହସିଲ: କାମାକ୍ଷାନଗର**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ମୋଟ ରକବା | ପୁନର୍ବାସ ନିମନ୍ତେ ଚିହ୍ନଟ ଜମିର ରକବା | ରୟତ୍‌ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ.................।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଜିଲ୍ଲାପାଳ, ଢେଙ୍କାନାଳ**

24034/14/0024/1920

## COUNCIL OF HIGHER SECONDARY EDUCATION, ODISHA

**PRAJNAPITHA, SAMANTAPUR, BHUBANESWAR-751013**

**No. N-54:-** **TENDER CALL NOTICE**

**Bhubaneswar, dated 21st Oct 2019**

No.ADM-I-05/19/ 6246/ CHSE/Tender Call Notice for award of contract for providing of services of Data Entry Operator (DEOs) for a period of one year w.e.f. 01.12.2019 to 30.11.2020 on out-sourcing basis for day to day official work, in CHSE.

Sealed tenders are invited from reputed Service Providers with GST Registration and updated Income Tax Clearance to provide the Data Entry Operators(DEOs) for one year wef 01.12.2019 to 30.11.2020. The rule of quotation will not violate the Govt. circular in regards to minimum wages. The detailed terms and conditions as well as tender documents can be downloaded from the Council website i.e. http//www.chseodisha.nic.in. The tender along with documents and Bank Draft of Rs. 1,000/- (Rupees One Thousand only) drawn in favour of "Finance Officer, CHSE, Odisha, Bhubaneswar" payable at Bhubaneswar towards tender fees is to be submitted to the Secretary, Council of Higher Secondary Education, Odisha, BBSR by 04.11.2019 at 04.30 PM.

By order of the Chairman,
**Sd./- Finance Officer**

## COUNCIL OF HIGHER SECONDARY EDUCATION, ODISHA

**PRAJNAPITHA, SAMANTAPUR, BHUBANESWAR-751013**

**TENDER CALL NOTICE**

**Bhubaneswar, dated 21st Oct 2019.**

No.ADM-I-05/19/6245/CHSE/Tender Call Notice for award of contract for providing of services of Security Personnel for a period of one year w.e.f. 01.12.2019 to 30.11.2020 on outsourcing basis for day to day official work.

Sealed tenders are invited from reputed Service Providers with GST Registration and updated Income Tax Clearance to provide the Security Personnel for one year wef 01.12.2019 to 30.11.2020. The rule of quotation will not violate the Govt. circular in regards to minimum wages.

The detailed terms and conditions as well as tender documents can be downloaded from the Council website i.e. http//www.chseodisha.nic.in. The tender along with documents and Bank Draft of Rs. 1,000/- (Rupees One Thousand only) drawn in favour of "Finance Officer, CHSE, Odisha, Bhubaneswar" payable at Bhubaneswar towards Tender Fee is to be submitted to the Secretary, Council of Higher Secondary Education, Odisha, Bhubaneswar. Tender received beyond scheduled date and time as well as without requisite aforesaid tender fees will be summarily rejected. The last date and time for submission of tender documents is 04.11.2019 at 04.30 PM.

By order of the Chairman,
**Sd./- Finance Officer**

11003/11/0007/1920

## ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ମୟୂରଭଞ୍ଜ

### ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ନିମ୍ନଲିଖିତ ଶିଶୁଟିକୁ ଉଦ୍ଧାର କରାଯାଇ ଜିଲ୍ଲା ଶିଶୁ କଲ୍ୟାଣ ସମିତି, ମୟୂରଭଞ୍ଜ ନିର୍ଦ୍ଦେଶନାମା ବଳରେ ବାରିପଦାସ୍ଥିତ ଶିଶୁ ଯତ୍ନ ଅନୁଷ୍ଠାନରେ ରଖାଯାଇଅଛି। ଉକ୍ତ ଶିଶୁର ଯଦି କେହି ପିତାମାତା, ଅଭିଭାବକ ବା ଆଇନସିଦ୍ଧ ଦାବିଦାର ଥାନ୍ତି, ଏହି ବିଜ୍ଞାପନ ପ୍ରକାଶ ପାଇବାର ତିରିଶ (୩୦) ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ମୟୂରଭଞ୍ଜ, ଫୋନ୍ ନଂ.06792-255562 କିମ୍ବା ଶିଶୁ ମଙ୍ଗଳ ସମିତି, ମୟୂରଭଞ୍ଜ ଫୋନ ନଂ.06792-262246 କୁ ଯୋଗାଯୋଗ କରିପାରିବେ। ଉପରୋକ୍ତ ସମୟ ସୀମା ପରେ କୌଣସି ଦାବିପତ୍ର ଗ୍ରହଣ କରାଯିବ ନାହିଁ ଏବଂ ଶିଶୁଟିକୁ କିଶୋର ନ୍ୟାୟ ଆଇନ ୨୦୧୫ ଅନ୍ତର୍ଗତ ଧାରା ୩୮(୧) ଓ ପୋଷ୍ୟ ସନ୍ତାନ ନିୟମାବଳୀ ୨୦୧୭ ଅନୁଯାୟୀ ପୋଷ୍ୟସନ୍ତାନ ନିମନ୍ତେ ଆଇନତଃ ଯୋଗ୍ୟ ଘୋଷଣା କରାଯିବ।

| | | |
|---|---|---|
| **ଶିଶୁର ନାମ** | - | **ସୁମିତ୍ରା** |
| **ଲିଙ୍ଗ** | - | **ଝିଅ** |
| **ବୟସ** | - | **୧୮ଦିନ** |
| **ଉଦ୍ଧାର ହୋଇଥିବା ତାରିଖ** | - | **୦୫।୧୦।୨୦୧୯** |
| **ଉଦ୍ଧାର ହୋଇଥିବା ସ୍ଥାନ** | - | **ସିଙ୍ଗଡ଼ା ନିକଟସ୍ଥ ଜଙ୍ଗଲ, କରଞ୍ଜିଆ, ମୟୂରଭଞ୍ଜ** |



**ସ୍ୱା./- ଜିଲ୍ଲାପାଳ, ମୟୂରଭଞ୍ଜ**